# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୯/୨୦୧୯ (୨୦ ପୃଷ୍ଠା) Sambalpur, Thursday, August 29 / 2019 ★★

୧୫ଶ ଭାଗ ୨୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଦ୍ୱିତୀୟ ରାଉଣ୍ଡରେ ନାଡାଲ**

ସ୍ପେନର ଅଭିଜ୍ଞ ଟେନିସ ତାରକା ରାଫାଲ ନାଡାଲ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**୧୯ ୧୪**

**ଚେସ୍ ପ୍ରିୟ କ୍ୟାଟ୍ରିନା**

ଦିନେ ଚେସ୍ ଖେଳିବାକୁ ଖୁବ୍ ପସନ୍ଦ କରୁଥିଲେ କ୍ୟାଟ୍ରିନା । ଏଥିପାଇଁ ସେ ଏକାଧିକ ବାର ପୁରସ୍କୃତ ହୋଇଥିଲେ । ହେଲେ ଅଭିନୟ ତାଙ୍କୁ ନୂଆ ପରିଚୟ ଦେଇଥିଲା ।



## କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ଖୋଲିବ ୭୫ ନୂଆ ମେଡିକାଲ କଲେଜ

■ କୋଇଲା ଖଣିରେ ୧୦୦% ଏଫ୍‌ଡିଆଇକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୮: ଦେଶରେ ୭୫ଟି ନୂଆ ମେଡିକାଲ କଲେଜ ଖୋଲିବା ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ ବସି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ କୋଇଲା ଖଣିରେ ୧୦୦ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସମେତ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ କୃଷକମାନଙ୍କ ଆୟ ବଢ଼ାଇବା ପାଇଁ ବୈଠକରେ କେତେଗୁଡିଏ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାବଡେକର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ବିଦେଶୀ କମ୍ପାନୀ ଭାରତର ଖଣିରୁ କୋଇଲା ଉତ୍ତୋଳନ ସହ ବିକ୍ରି କରିବା ସୁଯୋଗ ପାଇବେ। ସେହିପରି ଅଟୋମେଟିକ୍ ରୁଟ୍ ଜରିଆରେ ଅନୁବନ୍ଧ ଉତ୍ପାଦନରେ ୧୦୦ ପ୍ରତିଶତ ଏଫ୍‌ଡିଆଇ ଏବଂ ଡିଜିଟାଲ ମିଡିଆରେ ୨୬ ପ୍ରତିଶତ ଏଫ୍‌ଡିଆଇକୁ ସରକାର ଅନୁମୋଦନ କରିଛନ୍ତି। କେନ୍ଦ୍ର ନିଷ୍ପତ୍ତି ଅନୁଯାୟୀ ୨୦୨୧-୨୨ ସୁଦ୍ଧା ଦେଶରେ ୭୫ଟି ନୂଆ ମେଡିକାଲ କଲେଜ ଖୋଲିବ ଯେଉଁଥିରେ ୧୫,୭୦୦ ଛାତ୍ରୀଛାତ୍ର ଏମ୍‌ବିବିଏସ୍ ପଢ଼ିବା ସୁଯୋଗ ପାଇବେ। ଏବେ ଦେଶରେ ଥିବା ୫୨୯ଟି ମେଡିକାଲ କଲେଜରେ ୭୦,୯୭୮ ସିଟ୍ ରହିଛି। ଚିକିତ୍ସା ସୁବିଧା ଅଭାବ ଥିବା ଜିଲାଗୁଡିକରେ ନୂଆ ମେଡିକାଲ କଲେଜ ଖୋଲିବ ଏବଂ ଏଥିପାଇଁ ୨୪,୩୭୫ କୋଟି ଟଙ୍କା ବ୍ୟୟ ହେବ। ସେହିପରି ଆଖୁଚାଷୀଙ୍କ ଆୟ ବଢ଼ାଇବା ପାଇଁ ଚଳିତ ଆର୍ଥିକ ବର୍ଷରେ ପାଖାପାଖି ୬୦ ଲକ୍ଷ ଟନ ଚିନି ରପ୍ତାନିକୁ ଅନୁମତି ମିଳିଛି। ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ଚାଷୀଙ୍କୁ ୬୨୬୮ କୋଟି ଟଙ୍କା ସବ୍‌ସିଡି ଯୋଗାଇଦିଆଯିବ। ଅନ୍ୟପକ୍ଷରେ ବିପର୍ଯ୍ୟୟ ପ୍ରସ୍ତୁତି ଲାଗି ଅନ୍ତର୍ଜାତୀୟ ସ୍ତରରେ ବିପର୍ଯ୍ୟୟ ପ୍ରତିକାର ଭିତ୍ତିଭୂମି ମେଣ୍ଟ (ସିଡିଆର୍‌ଆଇ) ପ୍ରତିଷ୍ଠା ନିଷ୍ପତ୍ତିକୁ କ୍ୟାବିନେଟ ଅନୁମୋଦନ କରିଛି। ସେପ୍ଟେମ୍ବର ୨୩ରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ଜଳବାୟୁ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିବେ।

### ଆଜିର ସମ୍ପାଦକୀୟ

**ପ୍ରାଣୀଙ୍କ ଲିଙ୍ଗ ପରିବର୍ତ୍ତନ**

### ଆଜିର ମନ୍ତବ୍ୟ

"କଶ୍ମୀରରେ ଅସନ୍ତୋଷର ସ୍ୱରକୁ ଚପାଇଦେବା ପାଇଁ ବଳପ୍ରୟୋଗ କରୁଛି କେନ୍ଦ୍ର।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ରେ ଦେଶରେ ୩୨.୩ ମିଲିୟନ ଟନ ଚିନି ଉତ୍ପାଦିତ ହୋଇଥିଲା। ଚଳିତ ବର୍ଷ ଏହା ୩୩ ମିଲିୟନ ଟନରେ ପହଞ୍ଚିବ ବୋଲି ଆଶା କରାଯାଉଛି।

-କୃଷି ମନ୍ତ୍ରଣାଳୟ


BaCHPan
www.bachpanglobal.com
ଆଜି ହିଁ ବଚପନ ପ୍ଲେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105

NECC NATIONAL EGG CO-ORDINATION COMMITTEE 28.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 57 | 102 | 112 |
| BHM | 57 | 102 | 112 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers




ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ପାର୍କିଂରେ ଥିବା ଚକାଡୋଳା ନାମକ ଘରୋଇ ବସ୍ ବୁଧବାର ଅପରାହ୍ଣରେ ନିଆଁ ଲାଗି ଜଳିଯାଇଛି। (ରିପୋର୍ଟ: ପୃଷ୍ଠା-୪)

■ ୩୭୦ ଉଚ୍ଛେଦ ବିରୋଧରେ ପିଟିଶନ: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

# ସାମ୍ବିଧାନିକ ପୀଠରେ ହେବ ଶୁଣାଣି

ନୂଆଦିଲ୍ଲୀ,୨୮।୮(ପି.ଟି.)

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠରେ ହେବ। ଅକ୍ଟୋବର ପ୍ରଥମ ସପ୍ତାହରେ ପିଟିଶନ୍ ଶୁଣାଣି ଲାଗି ତାଲିକାଭୁକ୍ତ କରାଯିବା ସହ ଏନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତରେ ଉପସ୍ଥିତ ରହି ନୋଟିସ ଜାରି କରିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ନୋଟିସ ପଠାଇବା ଦ୍ୱାରା ଏହାର ଅବାଞ୍ଛିତ ସୀମାପାର ପ୍ରତିକ୍ରିୟା ପ୍ରକାଶ ପାଇବ ଏବଂ କୋର୍ଟ ଯାହା କହିବେ ତାହା ଜାତିସଂଘରେ ପହଞ୍ଚିବ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ତେବେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ତାହାକୁ ଗ୍ରହଣ କରି ନ ଥିଲେ।

ସୂଚନାଯୋଗ୍ୟ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହି ରାଷ୍ଟ୍ରପତୀୟ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ



କରି ଆଇନଜୀବୀ ଏମ୍.ଏଲ୍. ଶର୍ମା ପ୍ରଥମେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ପରେ ଜମ୍ମୁ-କଶ୍ମୀରରୁ ଆଇନଜୀବୀ ଶାକିର ସବିର ଏଥିରେ ସାମିଲ ହୋଇଥିଲେ। ଅଗଷ୍ଟ ୧୦ରେ ଜମ୍ମୁ-କଶ୍ମୀରର ପ୍ରମୁଖ ରାଜନୈତିକ ଦଳ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅନ୍ୟ ଏକ ପିଟିଶନ ଦାଏର କରିଥିଲା। ଏଥିରେ ଉଲ୍ଲେଖ ଥିଲା ରାଜ୍ୟବାସୀଙ୍କ ମତାମତ ବିନା ସେମାନଙ୍କଠାରୁ ଅଧିକାର ଛଡାଇନିଆଯାଇଛି। ପାର୍ଲାମେଣ୍ଟରେ ବିଧେୟକ ଅନୁମୋଦନ ହେବା ଏବଂ ରାଷ୍ଟ୍ରପତି ନିର୍ଦ୍ଦେଶନାମା ଜାରି କରିବା ଅସାମ୍ବିଧାନିକ ହୋଇଥିବାରୁ ତାହାକୁ ନିଷ୍କ୍ରିୟ ଘୋଷଣା କରିବାକୁ ପିଟିଶନରେ ଅନୁରୋଧ କରାଯାଇଥିଲା। ଏନ୍‌ସିର ଲୋକ ସଭା ସଦସ୍ୟ ମହମ୍ମଦ ଆକବର ଲୋନ ଏବଂ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ହାସନୈନ୍ ମାସୁଦି ଏହି ପିଟିଶନ ଦାଏର କରିଥିଲେ। ଅନୁଚ୍ଛେଦ ୩୭୦ ସମ୍ବିଧାନର ଏକ ସ୍ଥାୟୀ ବୈଶିଷ୍ଟ୍ୟ ବୋଲି ଜଷ୍ଟିସ ମାସୁଦି ୨୦୧୫ରେ ରାୟ ଦେଇଥିଲେ।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ଅନ୍ୟ ଯେଉଁମାନେ ପିଟିଶନ ଦାଏର କରିଥିଲେ, ସେମାନଙ୍କ ମଧ୍ୟରେ ଅଛନ୍ତି କେତେଜଣ ପୂର୍ବତନ ପ୍ରତିରକ୍ଷା ଅଧିକାରୀ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ। ଜମ୍ମୁ-କଶ୍ମୀର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨୦୧୦-୧୧ରେ ମଧ୍ୟସ୍ଥତା କରୁଥିବା ପ୍ରଫେସର ରାଧା କୁମାର, ଜମ୍ମୁ-କଶ୍ମୀର କ୍ୟାଡରର ପୂର୍ବତନ ଆଇଏଏସ୍ ଅଫିସର ହିନ୍ଦଲ ହାଇଦର ତୟାବ୍‌ଜୀ, ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ କପିଲ କାକ୍, ଅବସରପ୍ରାପ୍ତ ମେଜର ଜେନେରାଲ ଅଶୋକ କୁମାର ମେହେଟ୍ଟା, ପୂର୍ବତନ ପଞ୍ଜାବ କ୍ୟାଡର ଆଇଏଏସ୍ ଅଫିସର ଅମିତାଭ ପାଣ୍ଡେ ଏବଂ କେରଳ କ୍ୟାଡରର ପୂର୍ବତନ ଆଇଏଏସ ଅଫିସର ଗୋପାଳ ପିଲାଇ ସେମାନଙ୍କ ପିଟିଶନରେ ରାଷ୍ଟ୍ରପତୀୟ ନିର୍ଦ୍ଦେଶନାମାକୁ ଅସାମ୍ବିଧାନିକ ଓ କାର୍ଯ୍ୟକାରୀଯୋଗ୍ୟ ନୁହେଁ ବୋଲି ଘୋଷଣା କରିବାକୁ ଅନୁରୋଧ କରିଥିଲେ। ସେହିପରି ପ୍ରଶାସନିକ ଅଧିକାରୀରୁ ରାଜନେତା ହୋଇଥିବା ଶାହ ଫୈଜାଲ, ତାଙ୍କ ଦଳୀୟ ସହକର୍ମୀ ତଥା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ନେତା ଶେହଲା ରଶିଦ ମଧ୍ୟ ୩୭୦ ଉଚ୍ଛେଦକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ।

■ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଭେଳିକି

# ଜୀବିକା ଛଡ଼ାଇନେଲେ ରାଜ୍ୟ ବାହାର ଭେଣ୍ଡର

ଅନୀଲ ଦାସ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)

ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସମଗ୍ର ଦେଶରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ରାଜ୍ୟଗୁଡିକୁ ପରାମର୍ଶ ଦେଇଛନ୍ତି। ଗାଡ଼ି କିଣିବା ସମୟରେ ଏହି ନମ୍ବର ପ୍ଲେଟ ଲାଗି କରି ଆସିବ। ବିନା ନମ୍ବରରେ କୌଣସି ନୂତନ ଯାନ ରାସ୍ତାରେ ଗଡ଼ିପାରିବ ନାହିଁ। ଉକ୍ତ ନମ୍ବର ପ୍ଲେଟକୁ କୌଣସି ପରିସ୍ଥିତିରେ ଖୋଲାଯାଇ ପାରିବ ନାହିଁ। ଖୋଲିବା ମାତ୍ରେ ତାହା ନଷ୍ଟ ହୋଇଯିବ। ଏହାଛଡ଼ା ଏଥିରେ ଥିବା ବାରକୋଡ ପରିବହନ କାର୍ଯ୍ୟାଳୟର 'ବାହାନ' ସଫ୍ଟୱେର ସହିତ ଯୋଡ଼ି ହୋଇରହିବ। ନମ୍ବର ପ୍ଲେଟ ପରିବର୍ତ୍ତନ କଲେ ନିକଟସ୍ଥ ପରିବହନ କାର୍ଯ୍ୟାଳୟକୁ ମାଲିକଙ୍କ ବିଷୟରେ ସମସ୍ତ ସୂଚନା ମିଳିପାରିବ। ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସମଗ୍ର ଦେଶରେ ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ୨୦୧୯ ମେ ପହିଲାରୁ ନୂତନ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲାଗିବା ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ରାସ୍ତା ଗବେଷଣା ପ୍ରତିଷ୍ଠାନ (ସିଆର୍‌ଆର୍‌ଆଇ) ଠାରୁ ସାର୍ଟିଫିକେଟ ପାଇଥିବା ରାଜ୍ୟ ବାହାରର ୫ ଭେଣ୍ଡର ଓଡ଼ିଶାରେ ନୂତନ ନମ୍ବର ପ୍ଲେଟ ଯୋଗାଉଛନ୍ତି। ଏହି ଭେଣ୍ଡରମାନେ ଶୋ'ରୁମ୍ ମାଲିକଙ୍କଠାରୁ ଦୁଇଚକିଆ ଯାନ ପାଇଁ ନମ୍ବର ପ୍ଲେଟ ଲଗାଇବା ସକାଶେ ୨୨୦ଟଙ୍କା ସହିତ ୧୮% ଜିଏସ୍‌ଟି ଏବଂ ୪ ଚକିଆ ଯାନ ପାଇଁ ୪୩୦ ଟଙ୍କା ସହିତ ୧୮% ଜିଏସ୍‌ଟି ନେଉଛନ୍ତି। ଶୋ'ରୁମ୍ ମାଲିକମାନେ ଗାଡ଼ି କିଣୁଥିବା ଲୋକଙ୍କଠାରୁ ତାହା ଅସୁଲ କରୁଛନ୍ତି। ବିନା ନମ୍ବର ପ୍ଲେଟରେ ନୂଆ ଗାଡ଼ି ଶୋ'ରୁମ୍ ବାହାରକୁ ନ ଛାଡ଼ିବାକୁ ଡିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏହାର ଠିକ୍ ବିପରୀତ ଦେଖିବାକୁ ମିଳୁଛି। ନମ୍ବର ପ୍ଲେଟ ନ ଲଗାଇ ଶୋ'ରୁମ୍ ଗାଡ଼ି ଛାଡ଼ି ଦେଉଛନ୍ତି। ବିନା ନମ୍ବର ପ୍ଲେଟରେ ମାସ ମାସ ଧରି ରାସ୍ତାରେ ଗଡୁଛି। ଏହା ନ ଥିବାରୁ ମାଲିକଙ୍କୁ ଜରିମାନା ଗଣିବାକୁ ପଡୁଛି।



■ ପ୍ରଭାବିତ ହେଉଛନ୍ତି ୨୫ ହଜାର ପରିବାର

■ ବିନା ନମ୍ବର ପ୍ଲେଟ୍‌ରେ ବୁଲୁଛି ନୂଆ ଗାଡ଼ି

ନୂଆ ବୁଲେଟ କିଣିଥିବା ରମେଶ ନାୟକ କହିଛନ୍ତି, ଦେଢ଼ମାସ ଅପେକ୍ଷା କରିବା ପରେ ମୋତେ ନମ୍ବର ପ୍ଲେଟ ଦେଇଛନ୍ତି। ମୋ ଠାରୁ ଏ ବାବଦରେ ପଇସା ନେଇଥିଲେ ମଧ୍ୟ ଏହାକୁ ବାହାରେ ଲଗାଇବାକୁ କହୁଛନ୍ତି। ଏହା ପାଇବାରେ ଡେରି ହେବାରୁ ମୋତେ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିଛି। କେବଳ ରମେଶ ନୁହନ୍ତି ଅନେକ ବ୍ୟକ୍ତି ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନମ୍ବର ପ୍ଲେଟ ବାବଦରେ ପଇସା ନେଉଥିଲେ ମଧ୍ୟ ବାହାର ରାଜ୍ୟର ଭେଣ୍ଡର ନିର୍ଦ୍ଧାରିତ ସମୟରେ ତାହା ଯୋଗାଉ ନାହାନ୍ତି। ଏହାଛଡ଼ା ଯେଉଁ ନମ୍ବର ପ୍ଲେଟ ଲଗାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର। କମ୍ ଦିନ ମଧ୍ୟରେ ଲେଖା ଲିଭିଯିବା ସହ ସହଜରେ ଏହାକୁ ବାହାର କରି ଦିଆଯାଇପାରୁଛି। ପରିବହନ କାର୍ଯ୍ୟାଳୟ ଅଧିକାରୀ କେବଳ ଟିକସ ଆଦାୟ କରି ଆରାମରେ ବସି ଯାଉଛନ୍ତି। ଦେଶର ସୁରକ୍ଷା ସହ ଏହା ଜଡ଼ିତ ଥିଲେ ମଧ୍ୟ ପରିବହନ ଅଧିକାରୀମାନେ ଏହାକୁ ଅତି ହାଲ୍‌କା ଭାବେ ନେଉଛନ୍ତି। ନମ୍ବର ପ୍ଲେଟ ଖୋଲିବା କଥାକୁ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଦୀପ କୁମାର ମହାନ୍ତି ଗ୍ରହଣ କରିବାକୁ ନାରାଜ। ସେ କହିଛନ୍ତି, କୌଣସି ପରିସ୍ଥିତିରେ ସେହି ନମ୍ବର ☞ପୃଷ୍ଠା-୪

■ ନାବାଳିକାଙ୍କୁ ବଳାତ୍କାର,ହତ୍ୟା ମାମଲା

# ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

ବାରିପଦା ଅଫିସ,୨୮।୮

ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ମାମଲାର ବିଚାର କରି ମୟୂରଭଞ୍ଜ ଜିଲା ଅତିରିକ୍ତ ଦୌରାଜଜ୍ (୧) ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ବିଚାରପତି ମହମ୍ମଦ ସବାବ ନବୀ ବୁଧବାର ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୋକ୍‌ସୋ ମାମଲାରେ ଦୋଷୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯିବା ଜିଲାରେ ପ୍ରଥମ ଘଟଣା ବୋଲି ଜଣାପଡିଛି। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା । ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ନାବାଳିକାଙ୍କ ପରିବାରକୁ ୫ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ସେହିପରି ଜିଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ହତ୍ୟାକାଣ୍ଡର କିଛିଦିନ ମଧ୍ୟରେ ପୋଲିସ ଚାର୍ଜସିଟ ଦାଖଲ କରିଥିଲା। କୋର୍ଟରେ ପ୍ରାୟ ୧୪ ମାସ ପରେ ଏହି ମାମଲାର ଶୁଣାଣି ସରିଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଜୁନ ୧୫ ତାରିଖ ଅପରାହ୍ଣରେ ବେତନଟୀ ଥାନା ଅଞ୍ଚଳର ଯାମିନୀକାନ୍ତ ମହାନ୍ତ ନାମକ ଜଣେ ଯୁବକ ସେହି ଅଞ୍ଚଳର ଜଣେ ୮ ବର୍ଷର ନାବାଳିକାଙ୍କୁ ରଜ ଉପଲକ୍ଷେ ହେଉଥିବା ଯାତ୍ରା ଦେଖିବାକୁ ଯିବା ପାଇଁ ପ୍ରବର୍ତ୍ତାଇଥିଲେ। ଯାମିନୀକାନ୍ତଙ୍କୁ ଚିହ୍ନି ଥିବାରୁ ନାବାଳିକା ତାଙ୍କ ସହିତ ଯାଇଥିଲେ। ମାତ୍ର ଯାମିନୀକାନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ଯାତ୍ରା ଦେଖାଇବା ପାଇଁ ନ ନେଇ ଗରୁଡବସା ଜଙ୍ଗଲରେ ବଳାତ୍କାର କରିଥିଲେ। ନାବାଳିକା ଜଣକ କାଳେ ଏହି ଘଟଣା ପ୍ରଘଟ କରିଦେବ ସେହି ଭୟରେ ଯାମିନୀକାନ୍ତ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ମୃତଦେହକୁ ସେଠାରେ ପିଙ୍ଗିଦେଇ ଘରକୁ ଫେରିଆସିଥିଲେ। ଦୀର୍ଘ ସମୟ ଧରି ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ଆରମ୍ଭ କରିଥିଲେ। ଯାମିନୀକାନ୍ତ ସାଇକେଲରେ ବସାଇ ନାବାଳିକାଙ୍କୁ କୁଆଡେ ନେଇଥିବା ଗାଁ ଲୋକେ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏସମ୍ପର୍କରେ ଯାମିନୀକାନ୍ତଙ୍କୁ ପଚାରିବାରୁ ସେ ନାବାଳିକାଙ୍କୁ ସାଙ୍ଗରେ ନେଇ ନ ଥିବା କହିଥିଲେ। ତେବେ ବହୁ ଖୋଜା ଖୋଜି ପରେ ଗରୁଡବସା ଜଙ୍ଗଲରେ ନାବାଳିକାଙ୍କ ମୃତଦେହ ଠାବ କରାଯାଇଥିଲା। ଯାମିନୀକାନ୍ତ ନାବାଳିକାଙ୍କୁ ଅପହରଣ, ବଳାତ୍କାର ଓ ହତ୍ୟା କରିଥିବା ନେଇ ତାଙ୍କ ☞ପୃଷ୍ଠା-୪

■ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ରାୟ

■ ପୋକ୍‌ସୋ ମାମଲାରେ ଫାଶୀଦଣ୍ଡ ଜିଲାରେ ପ୍ରଥମ

■ ୧୫ ମାସ ମଧ୍ୟରେ ଆସିଲା ଚୂଡ଼ାନ୍ତ ରାୟ



ଅଭିଯୁକ୍ତ ଯାମିନୀକାନ୍ତ।

# ମାନ୍ଦାବସ୍ଥାର ପ୍ରଭାବ: ସାବୁନ ଦର ହ୍ରାସ କରୁଛନ୍ତି କମ୍ପାନୀ

ନୂଆଦିଲ୍ଲୀ,୨୮।୮

ଦେଶରେ ମାନ୍ଦାବସ୍ଥା ଏଭଳି ମାଡି ଆସିଛି ଯେ, ଅଟୋମୋବାଇଲ, ରିଏଲ୍ ଇଷ୍ଟେଟ୍ ପରେ ଏବେ ସାବୁନ ତିଆରି କରୁଥିବା କମ୍ପାନୀ ନିଜର ଉତ୍ପାଦର ଦର ହ୍ରାସ କରିବାକୁ ବାଧ୍ୟ ହେଉଛନ୍ତି। ଅଧିକାଂଶ କମ୍ପାନୀ ପ୍ରାୟ ୩୦ ପ୍ରତିଶତ ପର୍ଯ୍ୟନ୍ତ ଦରହ୍ରାସ କରିସାରିଛନ୍ତି। କାରଣ ବଜାରରେ ଏବେ ସାବୁନ ବିକ୍ରି ଯଥେଷ୍ଟ ପରିମାଣରେ କମିଯାଇଛି। ଅନ୍ୟପକ୍ଷରେ ଆସାମର ଚା' ଉଦ୍ୟୋଗ ଦରବୃଦ୍ଧି ନ ପାଇବା କାରଣରୁ ସ୍ଥାଣୁ ପାଲଟିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ହିନ୍ଦୁସ୍ତାନ ୟୁନିଲିଭର ଓ ୱିପ୍ରୋ ଭଳି କମ୍ପାନୀ ଲକ୍ସ, ଲାଇଫବଏ, ଡଭ୍, ସନ୍ତୁର ଭଳି ସାବୁନ ଦର ୪ରୁ ୩୦ ପ୍ରତିଶତ କମାଇସାରିଲେଣି। ହିନ୍ଦୁସ୍ତାନ ୟୁନିଲିଭର ଲକ୍ସ, ଲାଇଫବଏ ପୋର୍ଟଫୋଲିଓର ଦର ୪ରୁ ୬ ପ୍ରତିଶତ ହ୍ରାସ କରିଥିବା ବେଳେ ଡଭ୍ ଦର ୨୦ରୁ ୩୦ ପ୍ରତିଶତ କମାଇଛି। ୱିପ୍ରୋ ମଧ୍ୟ ସନ୍ତୁର ବ୍ରାଣ୍ଡର ସାବୁନ ଦର ହ୍ରାସ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ୨୦,୯୬୦ କୋଟି ଟଙ୍କାର ଟଏଲେଟ ସାବୁନ ମାର୍କେଟରେ ଲାଇଫବଏ ଏବଂ ଲକ୍ସ ପ୍ରାଧାନ୍ୟ ବିସ୍ତାର କରିଛି। ଘରେ ବ୍ୟବହାର ମାମଲାରେ ଲାଇଫବଏ ଦେଶରେ ସର୍ବାଧିକ ଆଦୃତ ସାବୁନ କୁହାଯାଉଛି। ପର୍ସନାଲ କେୟାର ସେକ୍ସନରେ ସାବୁନ ସବୁଠାରୁ ବଡ଼ କ୍ୟାଟେଗରି ଭାବେ ପରିଗଣିତ ହୋଇଥାଏ। ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ(ଏଚ୍‌ୟୁଏଲ୍)ର କହିବାନୁଯାୟୀ ସୌନ୍ଦର୍ଯ୍ୟ ଏବଂ ପର୍ସନାଲ କେୟାର ମଧ୍ୟରେ ତୁଳନା କଲେ ଏହା ସ୍ପଷ୍ଟ ହେଉଛି ଯେ, ପର୍ସନାଲ କେୟାର ସେଗ୍‌ମେଣ୍ଟରେ ଦର ସ୍ଥିର ରହିଥିଲା। ତେବେ ଚାହିଦା ହ୍ରାସ କାରଣରୁ କମ୍ପାନୀ ଦର କମାଇବାକୁ ନିଷ୍ପତ୍ତି ନେଇଛି। ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଏଚ୍‌ୟୁଏଲର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଅଭିବୃଦ୍ଧି ହାର ୭ ମାସର ସର୍ବନିମ୍ନ ସ୍ତରରେ ରହିଛି। ଏହି ସମୟରେ କମ୍ପାନୀର ଅଭିବୃଦ୍ଧି ହାର ୫% ରହିଛି। ଗତ ଆର୍ଥିକ ବର୍ଷର ଏହି ସମୟରେ ଏହା ୧୨% ରହିଥିଲା। କ୍ରମାଗତ ଭାବେ ୨ ତ୍ରୈମାସରେ ଏଚ୍‌ୟୁଏଲ୍‌ର ଅଭିବୃଦ୍ଧି ୧୦ ପ୍ରତିଶତରୁ କମ୍ ରହିଛି।

ଅପରପକ୍ଷରେ ୧୭୦ ବର୍ଷର ଆସାମ ଚା ଉଦ୍ୟୋଗ ଉପରେ ଏବେ ମାନ୍ଦାବସ୍ଥା ପ୍ରଭାବ ଦେଖିବାକୁ ମିଳିଛି। ଉତ୍ପାଦନ ଖର୍ଚ୍ଚ ବଢ଼ିବା ଏବଂ ଚା ଦର ସ୍ଥିର ରହିବା କାରଣରୁ ଏହି ଉଦ୍ୟୋଗ ଉପରେ ଏବେ ବିପଦ ମାଡି ଆସିଛି। ଏହି କାରଣରୁ ଏବେ ଆସାମର ଚା'ବଗିଚା ମାଲିକମାନେ ଚାପରେ ରହିଛନ୍ତି। ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ଚାହିଦା କମିବା, ପରିବହନ ଖର୍ଚ୍ଚ ବଢ଼ିବା, ନିଲାମରେ ଉଚିତ ମୂଲ୍ୟ ନ ମିଳିବା ତଥା ଅଚାନକ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଯୋଗୁ ଏବେ ଆସାମ ଚା ଉଦ୍ୟୋଗ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଛି ବୋଲି ଟି ଆସୋସିଏଶନ ଅଫ୍ ଇଣ୍ଡିଆ ସମ୍ପାଦକ ଦିପାଞ୍ଜଳ ଡେକା କହିଛନ୍ତି। ସେ କହିଛନ୍ତି ଯେ, ୨୦୧୪ରେ ଆସାମରେ ଚା' ନିଲାମ ବେଳେ କେଜି ୧୫୦ ଟଙ୍କା ମିଳୁଥିବା ବେଳେ ରାଷ୍ଟ୍ରୀୟ ସ୍ତରରେ ଏହା ୧୩୦.୯୦ ଟଙ୍କା ଥିଲା। ୨୦୧୮ରେ ମୂଲ୍ୟରେ ସାମାନ୍ୟ ବୃଦ୍ଧି ପାଇ ୧୫୬.୪୩ ଟଙ୍କା ହୋଇଥିବା ବେଳେ ରାଷ୍ଟ୍ରୀୟ ସ୍ତରରେ ଏହା ୧୩୮.୮୩ ଟଙ୍କା ଥିଲା। ଏହି ଅବସ୍ଥାରେ ଏବେ ସେପରି କିଛି ପରିବର୍ତ୍ତନ ହୋଇନାହିଁ ବୋଲି ସେ କହିଛନ୍ତି।

**ଆସାମର ଚା ଉଦ୍ୟୋଗ ସ୍ଥାଣୁ**





ଖାଦ୍ୟରୁଚି

ଇଣ୍ଡିଆନ ଡିଶ୍

# ପନିର ନୁରାନି



ପର୍ଯ୍ୟଟନ ସହର ପୁରୀରେ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ । ବଳିଆପଣ୍ଡାସ୍ଥିତ ହୋଟେଲ ଲକି ଇଣ୍ଡିଆ ରୟାଲ ହେରିଟେଜରେ ଗ୍ରାହକଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦାନ କରାଯାଏ । ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ ଇଣ୍ଡିଆନ ଡିଶ୍ ପନିର ନୁରାନିର ବେଶ୍ ଚାହିଦା ରହିଛି । ଗୋଟିଏ ପ୍ଲେଟ୍‌ର ଦାମ୍ ୨୯୯ ଟଙ୍କା । ରେଷ୍ଟୁରାଣ୍ଟର ମୁଖ୍ୟ ସେଫ୍ ନିକୁ ବାରିକଙ୍କ ମୁହଁରୁ ଏହାର ପ୍ରସ୍ତୁତି ସମ୍ପର୍କରେ...

## ଆବଶ୍ୟକ ସାମଗ୍ରୀ

- ★ ପନିର: ୧୦୦ ଗ୍ରାମ୍
- ★ ଗ୍ରୀନ୍ ମଟର: ୨୦ ଗ୍ରାମ୍
- ★ ମକା: ୨୦ ଗ୍ରାମ୍
- ★ କ୍ୟାପ୍‌ସିକମ୍: ୨୦ ଗ୍ରାମ୍
- ★ ଛତୁ: ୨୦ ଗ୍ରାମ୍
- ★ ଗୋଟା କାଜୁ: ୨୦ ଗ୍ରାମ୍
- ★ କିସ୍‌ମିସ୍: ୧୦ ଗ୍ରାମ୍
- ★ ଛେନା: ୧୦ ଗ୍ରାମ୍
- ★ ଅଦା: ୫ଗ୍ରାମ
- ★ ରସୁଣ: ୫ ଗ୍ରାମ୍
- ★ ଧନିଆଗୁଣ୍ଡ: ୫ ଗ୍ରାମ୍
- ★ ଗରମ ମସଲା: ୫ ଗ୍ରାମ୍
- ★ ବଟର: ୫ଗ୍ରାମ୍
- ★ ତେଲ: ୧୦ ଗ୍ରାମ୍
- ★ ଟମାଟୋ: ୧୦୦ ଗ୍ରାମ୍
- ★ ଲଙ୍କା ଗୁଣ୍ଡ: ୨ ଗ୍ରାମ୍
- ★ ହଳଦୀ ଗୁଣ୍ଡ: ୨ ଗ୍ରାମ୍
- ★ ଜିରା ଗୁଣ୍ଡ: ୨ ଗ୍ରାମ୍
- ★ କସ୍ତୁରୀ ମେଥି: ୨ ଗ୍ରାମ୍
- ★ ସ୍ୱାଦ ଅନୁଯାୟୀ ଲୁଣ

ରିପୋର୍ଟ: ହେମନ୍ତ ନାୟକ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପନିରକୁ ପତଳା କରି କାଟିଦେବେ। ଏହାପରେ କାଜୁ, କିସ୍‌ମିସ, ମକା, ଗ୍ରୀନ ମଟର, ଛତୁ, କ୍ୟାପ୍‌ସିକମ୍‌କୁ ଛୋଟ, ଛୋଟ କରି କାଟି ଅଳ୍ପ ତେଲରେ ଭାଜିବେ। ଭଜା ସରିଲେ ସେଥିରେ ଛେନା ପକାଇ ମିଶାଇ ଦେବେ। ଏହି ଭଜା ମସଲାକୁ ପୂର୍ବରୁ କଟାଯାଇଥିବା ପନିର ଭିତରେ ପୂରାଇ ରୋଲ୍ କରନ୍ତୁ। ଏହାକୁ ଗୋଲ୍ ଗୋଲ୍ କରି କାଟନ୍ତୁ। ଏହାପରେ ଟମାଟୋ, କାଜୁ, ଅଦା, ରସୁଣକୁ ଭଲ ଭାବେ ପେଷ୍ଟ କରନ୍ତୁ। ନିଆଁରେ ପ୍ୟାନ୍ ବସାଇ ଅଳ୍ପ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ପୂର୍ବରୁ ବଟା ଯାଇଥିବା ପେଷ୍ଟକୁ ପକାଇ ପ୍ରାୟ ୨/୩ ମିନିଟ୍ ପର୍ଯ୍ୟନ୍ତ କଷିବାପରେ ସେଥିରେ ଟମାଟୋ ପେଷ୍ଟ, କାଜୁ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, କସ୍ତୁରୀ ମେଥି, ଧନିଆଗୁଣ୍ଡ ପକାଇ ଆଉ ୧୦ରୁ ୧୫ ମିନିଟ ପର୍ଯ୍ୟନ୍ତ କଷନ୍ତୁ। ଗ୍ରେଭି ହୋଇଗଲା ପରେ ସେଥିରେ ଗରମ ମସଲା, ବଟର ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ଗୋଟିଏ ପାତ୍ରରେ ସେହି ଗ୍ରେଭିକୁ ଢାଳନ୍ତୁ। ସେଥିରେ କଟା ହୋଇଥିବା ଗୋଲ ଗୋଲ ପନିରକୁ ସଜେଇ ରଖନ୍ତୁ ଏବଂ ସେଥିରେ ରେଡ୍ ଚେରି ଦେଇ ପରଷି ଦିଅନ୍ତୁ।



ମାଷ୍ଟର ସେଫ
ନିକୁ ବାରିକ

ଧରିତ୍ରୀ ଆଳାପ



ବ୍ୟଙ୍ଗକବି ଗୁଣରଞ୍ଜନ ସାଲିମା

# ନିଜ ଦୁଃଖକୁ ଚାପି ବ୍ୟଙ୍ଗ ପରିବେଷଣ କରେ

ବ୍ୟଙ୍ଗକବି ଗୁଣରଞ୍ଜନ ସାଲିମା । ଏକାଧାରରେ ସେ ଜଣେ ଗୀତିକାର, ବ୍ୟଙ୍ଗକବି ଓ ମଞ୍ଚ ସଂଯୋଜକ। ସମ୍ବଲପୁର ମହାନଗର ନିଗମର ମୁଖ୍ୟ କିରାଣି ଭାବେ କାର୍ଯ୍ୟରତ ଗୁଣରଞ୍ଜନ ସ୍କୁଲ ଜୀବନରୁ ହିଁ ସମ୍ବଲପୁରୀ କବିତା ଲେଖିବା ଆରମ୍ଭ କରିଥିଲେ। ସ୍କୁଲ ମୁଖପତ୍ର 'ବୈଜନ୍ତୀ'ରେ ତାଙ୍କର ପ୍ରଥମ କବିତା 'ଆମର୍ ସମ୍ବଲପୁର' ପ୍ରକାଶିତ ହୋଇଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ବର୍ତ୍ତମାନ ସୁଦ୍ଧା ସେ ୩ଶହରୁ ଊର୍ଦ୍ଧ୍ୱ କବିତା ରଚନା କରିସାରିଛନ୍ତି। ୫ଟି ବ୍ୟଙ୍ଗ କବିତା ସଂକଳନ ତାଙ୍କର ପ୍ରକାଶ ପାଇ ସାରିଛି । ସେଥିମଧ୍ୟରୁ ହସରିଁ ବମ୍, ହେତୁ, ସାଲିମା ଚଟନି, ସୁନ ସାଏରି ସମ୍ବଲପୁରୀ, ଗୁଣ ସାଲିମାଙ୍କ ଏର୍‌କେ-୪୭ ପାଠକଙ୍କ ଆଦୃତି ଲାଭ କରିଛି। ୩ଟି ପୁସ୍ତକ ମୁଇଁ ଆର୍ ମୋର ଆଇ, ତାକଁର୍ ମୁଲକି ହସା, ଛଟକା ଫଟକା ପ୍ରକାଶନ ଅପେକ୍ଷାରେ ଅଛି। ଏଥିସହିତ ୨୦୦୦ ମସିହାରୁ ଗୁଣରଞ୍ଜନ ସମ୍ବଲପୁର ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାରର ମାନ୍ୟତା ପାଇଛନ୍ତି । ଏଥର ଧରିତ୍ରୀ ଆଳାପ ସ୍ତମ୍ଭରେ ତାଙ୍କ କଥା...

**▸ ବ୍ୟଙ୍ଗ କବିତା। ଲେଖିବାକୁ କାହିଁକି ଇଚ୍ଛାପ୍ରକାଶ କଲେ?**

❖ ସାମାଜିକ ଜୀବନରେ ଦୁଃଖ ଯନ୍ତ୍ରଣା ଭରିରହିଛି। ମଳିନ ମୁଖମଣ୍ଡଳରେ ଟେନାଏ ହସ ଫୁଟାଇବାକୁ ବ୍ୟଙ୍ଗ କବିତା ରଚନା କରିବାକୁ ଆଗ୍ରହ ପ୍ରକାଶ କରିଥିଲି।

**▸ ଆପଣଙ୍କ ପ୍ରିୟ କବି ଓ ଲେଖକ କିଏ?**

❖ ହିନ୍ଦୀ ସାହିତ୍ୟ ଜଗତର ଶ୍ରେଷ୍ଠ ହାସ୍ୟକବି ସୁରେନ୍ଦ୍ର ଶର୍ମା ଜୀ ମୋର ପ୍ରିୟ କବି ଓ ଆଦର୍ଶ । ତାଙ୍କ ସହ ସାକ୍ଷାତ୍‌ର ସୁଯୋଗ ପାଇଛି । ବ୍ୟଙ୍ଗ କବିତା ସଂକ୍ରାନ୍ତରେ ତାଙ୍କ ସହ ଆଲୋଚନା କରିଛି।

**▸ କବିତା ଲେଖିବାକୁ ସମୟ କେମିତି ପାଆନ୍ତି ?**

❖ ରାତ୍ରିର ନିଶବ୍ଦରେ କବିତା ଲେଖିଥାଏ। ପୂର୍ବରୁ ରାତି ସାରା କବିତା ଲେଖୁଥିଲି। ସ୍ୱାସ୍ଥ୍ୟ ସ୍ୱୀକୃତି ଦେଲା ନାହିଁ, ପରିବାର ଲୋକ ମଧ୍ୟ ବାରଣ କଲେ । ତେଣୁ ବର୍ତ୍ତମାନ ପ୍ରତିଦିନ ରାତି ୧୨ଟାରୁ ୧ଟା ପର୍ଯ୍ୟନ୍ତ କବିତା ପାଇଁ ସମୟ ଦେଇଥାଏ ।

**▸ ବ୍ୟଙ୍ଗ କବିତା ସହ ଅନ୍ୟ କ'ଣ କରନ୍ତି ?**

❖ ହାସ୍ୟବ୍ୟଙ୍ଗ କବିତା ଲେଖିବା ସହ ମଞ୍ଚ ସଂଯୋଜନା କରିବାକୁ ଭଲ ପାଏ । ପ୍ରାୟ ୧୫ ବର୍ଷ ମେଲୋଡିରେ ସଂଯୋଜନା କରିଛି। ବିଶିଷ୍ଟ କଣ୍ଠଶିଳ୍ପୀ ଫକୀରମୋହନ ପଟ୍ଟନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଡ. କ୍ରିଷ୍ଣା ପଟେଲ, ଦିଲୀପ ବାଗ, ଚିତ୍ତ ବେହେରା, ମୋହନ ସେଠ, ଶଙ୍କର ଦତ୍ତ, ଶତ୍ରୁଘ୍ନ ଲୁହା, ପଦ୍ମିନୀ ଦୋରା ମୋର ମଞ୍ଚ ସଂଯୋଜନାରେ ସଙ୍ଗୀତ ଗାନ କରିଛନ୍ତି। ପୂର୍ବରୁ ସମ୍ବଲପୁରୀ ଅଡିଓ କ୍ୟାସେଟ୍‌ରେ ମୋର ଗୀତ ରସିଆ ନମ୍ବର-୧, ବାବୁର୍ ମାଆ, ସାଙ୍ଗର୍ ଜୁଲି, ପାଟପନିଆଁ, ମନ୍ ମୟୂରୀ, ପିର୍‌ତି ନିଶା ପ୍ରଭୃତି ସୁପରହିଟ୍ ହୋଇଛି । ସମ୍ପ୍ରତି ସମ୍ବଲପୁରୀ ଗୀତରେ ଅଶ୍ଳୀଳତାକୁ ପ୍ରଶ୍ରୟ ଦିଆଯାଉଛି। ତେଣୁ ଗୀତ ଲେଖିବା ବନ୍ଦ କରିଦେଇଛି। ଏଥିସହ ହାସ୍ୟ ରସାତ୍ମକ ଅଡିଓ କ୍ୟାସେଟ୍ ଜିଁ ଛ ତ୍ ହସିଁ ଥ, ଅଲ୍ ଓଡ଼ିଶା ରଙ୍ଗ ବୈଠକ, ଉ ଜ । ମନ୍ କରା କରାବାର୍ ମ ଧ ସୁପରହିଟ୍ ହୋଇଛି ।

**▸ କେଉଁ ରଙ୍ଗର ପୋଷାକ ପସନ୍ଦ କରନ୍ତି ?**

❖ ପିଲାଟି ଦିନୁ ଧଳା ରଙ୍ଗ ଉପରେ ପ୍ରିଣ୍ଟ ଶାର୍ଟ ଓ ସ୍କାଏ ବ୍ଲୁ ରଙ୍ଗର ଜିନ୍ସ ପିନ୍ଧିବାକୁ ପସନ୍ଦ କରିଥାଏ। ବିଗତ କିଛିବର୍ଷ ହେବ ଧଳା ସମ୍ବଲପୁରୀରେ ବାନ୍ଧ ଡିଜାଇନ୍ ଶାର୍ଟ ପିନ୍ଧୁଛି ।




**▸ ଛୁଟିଦିନ କିପରି କଟାନ୍ତି ?**

❖ ବ୍ୟସ୍ତବହୁଳ ଜୀବନ ଭିତରେ ଛୁଟି ପାଇଲେ ପରିବାର ସଦସ୍ୟଙ୍କ ସହ ବୁଲିବାକୁ ଯାଇଥାଏ। ପ୍ରାକୃତିକ ଶୋଭାରାଜି, ରଙ୍ଗବେରଙ୍ଗ ଫୁଲକୁ ନିରୋଳାରେ ବସି ଦେଖିବାକୁ ଇଚ୍ଛା ହୁଏ। ରାଜ୍ୟ ବାହାରେ ରହୁଥିବା ପୁଅ ଆଦର୍ଶ ଓ ଝିଅ ସ୍ନିଗ୍ଧା ସହ ଫୋନ୍‌ରେ କିଛି ସମୟ କଥାବାର୍ତ୍ତା କରିଥାଏ।

**▸ ଆପଣଙ୍କ କିଛି ଅନୁଭୂତି ?**

❖ ଜୀବନରେ ଦୁଃଖ ଓ ସୁଖ ଅଛି। ମୁଁ ନିଜେ ଦୁଃଖରେ ଥାଇ ମଧ୍ୟ ଅନ୍ୟଙ୍କୁ ବ୍ୟଙ୍ଗ କବିତା ଶୁଣାଇ ଥାଏ । ୨୦୧୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋତେ ଡ. ନୀଳମାଧବ ପାଣିଗ୍ରାହୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମ୍ବଲପୁରୀ ସାହିତ୍ୟରେ ଏହା ସର୍ବୋଚ୍ଚ ସମ୍ମାନ ଅଟେ। ସେହି ଅନୁଭୂତିକୁ ମୁଁ ଭୁଲିପାରିନାହିଁ। ତାହା ଚିରସ୍ମରଣୀୟ ହୋଇ ରହିବ ।

**▸ ଆପଣଙ୍କ ପ୍ରିୟ ଖାଦ୍ୟ ?**

❖ ବାସି ପଖାଳ ସହ ଶୁଖୁଆ, ଛୋଟ ମାଛ, ହେଣ୍ଡୁଆ, ପାଚଲଘଣ୍ଟା, ଆମ୍ବିଳ, ଶାଗବଡି ମୋର ବହୁତ ପ୍ରିୟ ଖାଦ୍ୟ। ଅପରପକ୍ଷେ ଜଳଖିଆରେ ପକୁଡି, ମୁଢ଼ି ଓ କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରେ ।

**▸ ସ୍ତ୍ରୀଙ୍କ କେଉଁ ଗୁଣଟି ଭଲ ଲାଗେ ?**

❖ ମୋର ସହଧର୍ମଣୀ ତପସ୍ୱିନୀ ସାଲିମା ବ୍ୟଙ୍ଗ କବିତା ଲେଖିବାକୁ ପ୍ରେରଣା ଦେଇଥାନ୍ତି। ପରିବାରର ସବୁ ଦାୟିତ୍ୱ ସେ ବହନ କରିଥାନ୍ତି। ତାଙ୍କର ସହନଶୀଳତା ଗୁଣ ମୋତେ ଭଲ ଲାଗେ।

**▸ ଭବିଷ୍ୟତର ଲକ୍ଷ୍ୟ କ'ଣ?**

❖ ଭବିଷ୍ୟତରେ ହାସ୍ୟ ପାଠାଗାର କରିବାକୁ ଯୋଜନା ରଖିଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ କବି ଓ ଲେଖକଙ୍କ ୫ଶହ ପୁସ୍ତକ ସଂଗ୍ରହ କରିଛି । ୨୦୨୦ ମସିହା ସୁଦ୍ଧା ପାଠାଗାରଟିଏ କାର୍ଯ୍ୟକ୍ଷମ ହେବ।

ରିପୋର୍ଟ: ବି. ଶଙ୍କର

ମୋ ଅନୁଭୂତି

# ସାଙ୍ଗମାନେ ମୋତେ ମିଛୁଆ ଭାବୁଥିଲେ



ଖୋର୍ଦ୍ଧା ବାଜପୁରରେ ଜନ୍ମିତ ଶଶାଙ୍କ ଶେଖର ୬ଷ୍ଠ ଶ୍ରେଣୀରୁ ଗୀତ ଶିଖିବା ଆରମ୍ଭ କରି ଏବେ ଓଡ଼ିଶାର ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ। କଭର୍‌ସଙ୍ଗ ପ୍ରସ୍ତୁତ କରି ଜାତୀୟ ସ୍ତରରେ ବି ବେଶ୍ ଜଣାଶୁଣା। ସଫଳତାର ସବୁ ଶ୍ରେୟ ଗୁରୁ ଚନ୍ଦନ କୁମାର ଜେନାଙ୍କୁ ଦେଉଥିବା ଏହି କଣ୍ଠଶିଳ୍ପୀ ୟୁ-ଟ୍ୟୁବ୍ ଜଗତରେ ମଧ୍ୟ ଜଣେ ପରିଚିତ ଚେହେରା। 'ଦିନେ ଫୁଟିଥିଲା ଫୁଲ ଗୀତ...' ପାଇଁ ୨୦୧୮ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଶଶାଙ୍କ ଶେଖରଙ୍କ ଅନୁଭୂତିରୁ କିଛି...

ସଙ୍ଗୀତ ଦୁନିଆରେ ପାଦ ଥାପିବା ପରେ ପ୍ରତିଷ୍ଠା ପାଇବାକୁ ବହୁତ ବିଳମ୍ବ ହୋଇଥିଲା। ଓଡ଼ିଶାରେ ଏହା ଜଣେ କଳାକାରଙ୍କ ପାଇଁ ବି ଏତେ ସହଜ ନୁହେଁ। ଏଣୁ ପ୍ରାୟ ୧୦ବର୍ଷ ଧରି ବିଭିନ୍ନ ଜାତୀୟ ଗଣମାଧ୍ୟମର ରିଏଲିଟି ଶୋ'ରେ ଭାଗ ନେଇଛି। ଜାତୀୟ ସ୍ତରରେ ପରିଚୟ ପାଇବାକୁ ଚେଷ୍ଟା କରିଛି। ଯେଉଁ ରିଏଲିଟି ଶୋ'ରେ ଭାଗ ନିଏ ତା'ର ଅପଡେଟ ଖବର ମୁଁ ମୋ ଫେସ୍‌ବୁକରେ ଅପ୍‌ଲୋଡ କରେ। ଏପରିକି ଅଡିଶନ୍‌ରେ ଭାଗ ନେବାଠାରୁ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପର୍ଯ୍ୟନ୍ତ ସମସ୍ତ ଘଟଣାବଳୀ ମୋ ଫେସ୍‌ବୁକ ଟାଇମ୍‌ଲାଇନରେ ଅପ୍‌ଲୋଡ ହୁଏ। ବିଭିନ୍ନ ଲୋକ ଏହି ପୋଷ୍ଟ ଉପରେ କମେଣ୍ଟ ଦିଅନ୍ତି ଓ ଶୁଭେଚ୍ଛା ଜଣାନ୍ତି। ହେଲେ ରିଏଲିଟି ଶୋ'ରେ ମୋ ଅଂଶଗ୍ରହଣ କରିବା ତଥା ଅଡିଶନ୍‌ର କୌଣସି ଭିଡ଼ିଓ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ହୁଏନି। ସେମାନେ ବଛାବଛା ଭିଡ଼ିଓ କେବଳ ଚ୍ୟାନେଲରେ ପ୍ରଦର୍ଶିତ କରନ୍ତି। ଯାହା ଫଳରେ ମୋ ସାଙ୍ଗମାନେ ଏହାକୁ ନେଇ ମଜା ଉଠାନ୍ତି। ଏପରିକି ମୁଁ କୌଣସି ରିଏଲିଟି ଶୋ'ରେ ଭାଗ ନେଇନି କିମ୍ବା ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇନି ବୋଲି ସେମାନେ କୁହନ୍ତି। ମୁଁ ସବୁବେଳେ ମିଛ କହୁଛି ବୋଲି ସେମାନେ କହୁଥିଲେ। ମୋତେ ବି ପୂରା ମିଛୁଆ ଭାବୁଥିଲେ। ହେଲେ ୨୦୧୮ ମସିହାରେ ଟିଭିରେ ରାଇଜିଂ ଷ୍ଟାର୍ ଶୋ'ରେ ମୁଁ ଆସିବା ପରେ ତାଙ୍କର ସବୁ ଆଶଙ୍କା ଦୂର ହୋଇଯାଇଥିଲା। ଏଥିରେ ମୋ ପ୍ରଦର୍ଶନ ବହୁତ ଭଲ ରହିଥିଲା। ଶ୍ରେଷ୍ଠ ୧୦ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସାମିଲ ହୋଇଥିଲି। ଯେଉଁ ସାଙ୍ଗମାନେ ମୋତେ ମିଛୁଆ ବୋଲି ଧରିନେଇଥିଲେ ସେମାନଙ୍କର ସେତେବେଳେ ହିଁ ମୋ ଉପରେ ବିଶ୍ୱାସ ଆସିଥିଲା।

ଆଉ ଏକ ଅନୁଭୂତିର କଥା। ଭୁବନେଶ୍ୱରରେ ଅନୁଷ୍ଠିତ ରାହଗିରି କାର୍ଯ୍ୟକ୍ରମରେ ଏକ ରୋଡ ଶୋ' କରୁଥିଲି। ମୋତେ ଚିହ୍ନି ନ ଥିବା କିଛି ଯୁବକ ମୋ ଗୀତ ଶୁଣିବା ସହ ମୋ ବେଶଭୂଷା ଦେଖି ଅରଜିତ୍ ସିଂ ବୋଲି ଭାବିନେଇଥିଲେ। ସେମାନେ ମୋ ଗୀତ ଗାଇବାର ଦୃଶ୍ୟକୁ ଭିଡ଼ିଓ ରେକର୍ଡିଂ କରି ୟୁ-ଟ୍ୟୁବ୍‌ରେ ମଧ୍ୟ ଅପ୍‌ଲୋଡ କରିଥିଲେ। ତା'ର ଶୀର୍ଷକ ରଖିଥିଲେ 'ଅରଜିତ୍ ଆଟ୍ ଭୁବନେଶ୍ୱର ରାହଗିରି'। ଏହି ଭିଡ଼ିଓ ମୋ ପାଖରେ ପହଞ୍ଚିବା ପରେ ମୁଁ ସେମାନଙ୍କ ସହ ଯୋଗାଯୋଗ କରି ନିଜର ପରିଚୟ ଦେଇଥିଲି।

ରିପୋର୍ଟ – କୁମାରଶ୍ରୀ

# ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପ୍ରଜ୍ଞା


ଦିନେଶ


ଯାଜ୍ଞସେନୀ


ରୋଶନ


ସୁନୀତା


ସୌମ୍ୟ


ଦେବଦତ୍ତ


ଚିନ୍ମୟ


ଭରତ


ଅଳକା ପ୍ରିୟା


ଶ୍ରଦ୍ଧାଞ୍ଜଳି



ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ



## ମାନସ ରାଜ୍ୟ ସରକାରଙ୍କ ଗଣମାଧ୍ୟମ, ଲୋକସମ୍ପର୍କ ବ୍ୟାପାର ପରାମର୍ଶଦାତା ନିଯୁକ୍ତ



ମାନସ ମଙ୍ଗରାଜ

**ଭୁବନେଶ୍ୱର,୨୮।୮(ବ୍ୟୁରୋ):** ମାନସ ମଙ୍ଗରାଜଙ୍କୁ ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ଓ ଲୋକସମ୍ପର୍କ ବ୍ୟାପାର ପରାମର୍ଶଦାତାଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ନିଯୁକ୍ତି ଘୋଷଣା ପରେ ମାନସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମାନସଙ୍କ ଗଣମାଧ୍ୟମ ଜଗତରେ ପୂର୍ବରୁ ଅଭିଜ୍ଞତା ରହିଛି। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଗଣମାଧ୍ୟମ ଓ ଜନସାଧାରଣଙ୍କ ମଧ୍ୟରେ ଅଧିକ ପ୍ରଚାରପ୍ରସାର ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଏ ସମ୍ପର୍କିତ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ମାନସଙ୍କୁ ନିଯୁକ୍ତି ଦିଆଯାଇଥିବା କୁହାଯାଇଛି।

## ଯବାନ-ମାଓବାଦୀ ଗୁଳି ବିନିମୟ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୮।୮:** କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ବାଲନ୍ଦାପଡ଼ା ଅଞ୍ଚଳରେ ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ବୁଧବାର ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଗୁଳ ବିନିମୟ ପରେ ଯବାନମାନେ ସେଠାକୁ କୋମ୍ବିଂ ଅପରେଶନ କରି ଯିବାବେଳେ ମାଓବାଦୀ କ୍ୟାମ୍ପ ଠାବ କରିଛନ୍ତି । ସେଠାରୁ ଗୋଟିଏ ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର କୋମ୍ବିଂ ଅପରେଶନ ବେଳେ ହଠାତ ମାଓବାଦୀମାନେ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଗୁଳିବିନିମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ।

### ■ ଚାଷୀଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ଚିନ୍ତା

# ନବରଙ୍ଗପୁର ଜିଲାରୁ ଆରମ୍ଭ ହେଲା ନୂଆ ଯୋଜନା




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ନବରଙ୍ଗପୁର ଜିଲାର ବିଭିନ୍ନ କୃଷି ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

ସାରା ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ସରକାର ନୂଆ ଯୋଜନା ଆରମ୍ଭ କରିଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଅପେକ୍ଷାକୃତ ପଛୁଆ ଜିଲାଭାବେ ପରିଚିତ ନବରଙ୍ଗପୁରରୁ ଏହି ଯୋଜନା ଆରମ୍ଭ ହୋଇଛି । ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୯-୨୦ପାଇଁ ନବରଙ୍ଗପୁର ଜିଲାରେ ୫.୨୧ କୋଟି ଟଙ୍କା ବିନିଯୋଗ କରାଯିବାର ଲକ୍ଷ୍ୟ ରଖାଯାଇଛି।

କୃଷି କ୍ଷେତ୍ରରେ ଜ୍ଞାନକୌଶଳ ଜରିଆରେ ସାମାଜିକ ଓ ଅର୍ଥନୈତିକ ଉନ୍ନତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚାଷ ଓ ଚାଷୀର ଉନ୍ନତି ପାଇଁ ସେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଏଥିପାଇଁ ନୂଆ ନୂଆ ଯୋଜନା ମଧ୍ୟ ହାତକୁ ନିଆଯାଉଛି। ଚାଷକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ସରକାରଙ୍କ ଲକ୍ଷ୍ୟ। ଏହି ବହୁମୁଖୀ ପାଇଲଟ୍ ପ୍ରକଳ୍ପ ଦ୍ୱାରା ଜିଲାର ଉଦ୍ୟାନ କୃଷି, ମତ୍ସ୍ୟ ଓ ଅନ୍ୟ ଜଳଜୀବ ଚାଷ, କୁକୁଡ଼ା ଓ ପଶୁପାଳନ, ସୁଗନ୍ଧିତ ତୈଳ ଉତ୍ପାଦନ ଆଦି କ୍ଷେତ୍ରରେ ଚାଷୀମାନଙ୍କ ଦକ୍ଷତା ଓ ରୋଜଗାର ବୃଦ୍ଧି ପାଇବ । ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବା ୧୫ ବିଭାଗ ସହ କେନ୍ଦ୍ର ସରକାରଙ୍କ ୧୨ ଗବେଷଣା ଓ ବିକାଶ ସଂସ୍ଥା(ଆର ଆଣ୍ଡ ଡି) କାର୍ଯ୍ୟ କରୁଛି। ସିଏସ୍ଆଇଆର, ଆଇସିଏଆର, ଆଇସିଏମ୍ଆର, ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ୧୨ଟି ସଂସ୍ଥା ଏଥିରେ ସହଯୋଗ କରୁଛନ୍ତି। କାର୍ଯ୍ୟକ୍ରମ ଜାରି ରହିଥିବା ସମୟରେ ମୁଖ୍ୟମନ୍ତ୍ରୀ ୨ ହିତାଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

- ■ ଜ୍ଞାନକୌଶଳର ବିନିଯୋଗ ହେବ
- ■ ଚଳିତ ଆର୍ଥିକ ବର୍ଷରେ ଖର୍ଚ୍ଚ ହେବ ୫.୨୧ କୋଟି
- ■ ଲାଭଜନକ ଫସଲ ଉପରେ ଗୁରୁତ୍ୱ

ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ନବରଙ୍ଗପୁର ଜିଲାରେ ଇୟୁକାଲିପଟାସ ଚାଷର ପ୍ରତିହତ ପାଇଁ ଲେମନ ଘାସ ଉତ୍ପାଦନକୁ ପ୍ରାଥମିକତା ଦିଆଯାଉଛି। ଏଥିରୁ ସୁଗନ୍ଧିତ ତୈଳ ଉତ୍ପାଦନ ପାଇଁ ସିଏସ୍ଆଇଆର-ସିଆଇଏମ୍ଏପି ଉନ୍ନତକିସମ ଚାରାଯୋଗାଣ ସହ ତୈଳ ନିଷ୍କାସନ ପଦ୍ଧତି ପାଇଁ ଜ୍ଞାନକୌଶଳ ଯୋଗାଇବ। ନୂତନ ହଳଦୀ ଚାଷ ସହ ତା'ର ପତ୍ରରୁ କୁର୍କୁମିନ ତୈଳ ଉତ୍ପାଦନ କରି ଆୟବୃଦ୍ଧି କରିବା କ୍ଷେତ୍ରରେ ସିଏସ୍ଆଇଆର-ଏନ୍‌ବିଆରଆଇ ସାହାଯ୍ୟ କରିବ। ଆ।ଇସିଏଆ।ର-ସିଏଚ୍ଇଏସ୍ ଉନ୍ନତକିସମର କୁନ୍ଦୁରୀ, ପୋଟଳ,କାଙ୍କଡ, ଝୁଡଙ୍ଗ, ଆମ୍ବ, ଲିଚୁ ଆଦିର ନୂତନ କିସମବିହନ ଉତ୍ପାଦନ ସହ ନୂତନ ଜ୍ଞାନକୌଶଳରେ ସହଯୋଗ କରିବ ବୋଲି ଅରୁଣ କହିଛନ୍ତି। ଅନୁରୂପଭାବେ ଆଇସିଏଆର-ସିଟିସିଆରଆଇ ମକା ଓ ଦେଶୀ ଆଳୁର ମିଶ୍ରିତ ଚାଷ, ଶାକର କନ୍ଦର ପାଇଁ ନୂଆ ବିହନ ଓ ଜ୍ଞାନକୌଶଳ ଯୋଗାଇବ। ସେହିପରି ଚାଷ ବ୍ୟତୀତ ବିଡିଟି-ଆଇଏଲ୍ଏସ୍ ଏବଂ ଆଇସିଏମ୍ଆର-ଆରଏମ୍ଆରସି ନ୍ୟୁଟ୍ରି ଗାର୍ଡେନ ପ୍ରତିଷ୍ଠା ଦ୍ୱାରା ସ୍କୁଲ ପିଲା ଏବଂ ଗର୍ଭବତୀ ମହିଳା, କିଶୋରୀବାଳିକା ଏବଂ ଅପପୃଷ୍ଟିର ଶିକାରଗ୍ରସ୍ତ ବ୍ୟକ୍ତିବିଶେଷଙ୍କ ପୁଷ୍ଟି ନିରାକରଣ ପାଇଁ ମଧ୍ୟ ସାମୂହିକ କାର୍ଯ୍ୟ କରିବ । ଉନ୍ନତମାନର ଧୂମହୀନ ଚୁଲା, ସୌର ଚାଳିତ ପମ୍ପ, ଟେରାଫିଲ ୱାଟର ଫିଲ୍ଟର ମଧ୍ୟ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଫଳ ଉତ୍ପାଦନ ପ୍ରକ୍ରିୟାକରଣ ଦ୍ୱାରା ଅଧିକ ବିକ୍ରିଯୋଗ୍ୟ, ଉନ୍ନତମାନର ଗୁଡ ଭାଟି ସ୍ଥାପନ, ସିଆଇଏଫ୍ଏ ଦ୍ୱାରା ମାଛ ବିହନ ଉତ୍ପାଦନ ପାଇଁ କେନ୍ଦ୍ର ସ୍ଥାପନ ସହ ନୂତନ ଜ୍ଞାନକୌଶଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର , ବିଭିନ୍ନ ବିଭାଗୀୟ ସଚିବ ଏବଂ ନବରଙ୍ଗପୁର ଜିଲାର ନିର୍ବାଚିତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




©Dharitri

# ଜିପିଏଫ୍ ପାଇଁ ଆଉ ଦୌଡ଼ିବାକୁ ପଡ଼ିବ ନାହିଁ

**ଭୁବନେଶ୍ୱର, ୨୮।୮ (ବ୍ୟୁରୋ)**

- ■ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଇ-ଅଥରିଟି ବ୍ୟବସ୍ଥା
- ■ ସବୁ ବିଭାଗକୁ ଚିଠି ଲେଖିଲା ଅର୍ଥ ବିଭାଗ

ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ଅବସର ପରେ ନିଜର ଜିପିଏଫ୍ (ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ) ପ୍ରାପ୍ୟ ପାଇବାରେ ଆଉ ଅସୁବିଧା ହେବ ନାହିଁ। ଏଣିକି ଏସବୁ ଇଲେକ୍ଟ୍ରୋନିକ(ଇ)-ଅଥରିଟି ମାଧ୍ୟମରେ ସମ୍ପାଦନ ହେବ। ପ୍ରଚଳିତ ପୁରୁଣା ମାନୁଆଲ ପଦ୍ଧତି ଉଠିଯିବ। ଚାକିରି ପରେ କର୍ମଚାରୀମାନେ ଘରେ ବସି ନିଜର ଚୂଡାନ୍ତ ଜିପିଏଫ୍‌ର ଷ୍ଟାଟସ୍ ଜାଣିପାରିବେ। ଆଉ କାଗଜପତ୍ର ଯୋଗାଡ଼ କରିବାକୁ ପଡିବ ନାହିଁ କିମ୍ବା ଏଜି ଅଫିସକୁ ବାରମ୍ବାର ଦୌଡ଼ିବାକୁ ପଡିବ ନାହିଁ। ଇ-ଅଥରିଟି କାର୍ଯ୍ୟକାରୀ କରିବା ପୂର୍ବରୁ କର୍ମଚାରୀମାନଙ୍କର ସମସ୍ତ ବିବରଣୀ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ନିକଟକୁ ପଠାଇବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖି ଜଣାଇ ଦେଇଛି।

କର୍ମଚାରୀମାନଙ୍କର ଚୂଡ଼ାନ୍ତ ଜିପିଏଫ୍ ଇଲେକ୍ଟ୍ରୋନିକ୍ ଟ୍ରାନ୍ସଫର ବ୍ୟବସ୍ଥା ଦ୍ୱାରା କରାଯିବ। ଇ-ଅଥରିଟି ଏଜିଙ୍କ ଦ୍ୱାରା ପ୍ରସ୍ତୁତ ହେବ। ସୂଚନା ପ୍ରଯୁକ୍ତି ଆଇନ-୨୦୦୦ ଅନୁଯାୟୀ ଇ-ଅଥରିଟିରେ ଏଜି କାର୍ଯ୍ୟାଳୟର କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଡିଜିଟାଲ ଦସ୍ତଖତ ରହିବ। ଏହାକୁ ଇଣ୍ଟିଗ୍ରେଟେଡ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଏଫ୍ଏମ୍ଏସ୍) ଓଡ଼ିଶାରେ ଅପଲୋଡ୍ କରାଯିବ। ଏହାଦ୍ୱାରା ଚୂଡାନ୍ତ ଜିପିଏଫ୍ ଇ-ଅଥରିଟି ସମ୍ପୃକ୍ତ (ଡ୍ରଇଂ ଆଣ୍ଡ ଡିସ୍‌ବର୍ସିଂ ଅଫିସର) ଡିଡିଓ ଏବଂ ଟ୍ରେଜେରି ନିକଟରେ ଉପଲବ୍ଧ ହେବ। ଇ-ଅଥରିଟି ଡାଉନଲୋଡ୍ କରିବା ପରେ ଡିଡିଓ ଚୂଡାନ୍ତ ଜିପିଏଫ୍ ବିଲ୍ ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତୁତ କରିବେ। ଏହାକୁ ସେ ଟ୍ରେଜେରିକୁ ପଠାଇବେ। ଫଳରେ ଜିପିଏଫ୍ ଅର୍ଥ ସିଧାସଳଖ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଯିବ। ଜିପିଏଫ୍ ପାଇବା ନେଇ ଦେଖାଦେଉଥିବା ସମସ୍ୟା ଦୂର ହୋଇପାରିବ।

ସୂଚନାଯୋଗ୍ୟ, ରାଜ୍ୟ ସରକାରୀ କର୍ମଚାରୀ ପେନସନ୍ ରୁଲ୍ ୧୯୯୨ ଅନୁଯାୟୀ ଜିପିଏଫ୍ ପରିସରଭୁକ୍ତ ହୋଇଛନ୍ତି। ଏହି ପାଣ୍ଠି ଜିପିଏଫ୍ ରୁଲ୍‌ସ-୧୯୩୮ ଦ୍ୱାରା ପରିଚାଳିତ ହେଉଛି। ଚାକିରିରୁ ଅବସର କିମ୍ବା ମୃତ୍ୟୁହେଲେ ଚୂଡ଼ାନ୍ତ ଜିପିଏଫ୍ ମିଳିଥାଏ। ପେନସନ୍ ପ୍ରଦାନ କରୁଥିବା କର୍ତ୍ତୃପକ୍ଷ (ପିଆଇଏ)ଙ୍କ ଦ୍ୱାରା ଜିପିଏଫ୍ ସାଙ୍କଶନ୍ ହେଉଥିଲା। ପିଆଇଏଙ୍କଠାରୁ ଡିଡିଓଙ୍କ ପାଖକୁ ଯାଉଥିଲା। ଶେଷ ଦରମା ପାଇଥିବା ନେଇ ଡିଡିଓ ଜଣାଇବା ପରେ ଜିପିଏଫ୍ ଚୂଡାନ୍ତ ହେଉଥିଲା। ଏହା ମାନୁଆଲ ଢଙ୍ଗରେ ହେଉଥିବାରୁ ସମୟ ସାପେକ୍ଷ ହେଉଥିଲା। ଇ-ଅଥରିଟି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଚୂଡାନ୍ତ ଜିପିଏଫ୍ ମିଳିବା ସହଜ ହେବ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଶୀଘ୍ର ମିଳି ପାରିବ ବୋଲି ଅର୍ଥ ବିଭାଗର ଜଣେ ଅଧିକାରୀ କହିଛନ୍ତି।

# ରାହୁଲଙ୍କ ନାଁରେ ଜାତିସଂଘରେ ପାକ୍‌ର ପିଟିଶନ

**ନୂଆଦିଲ୍ଲୀ,୨୮।୮(ପି.ଟି./ଆଇଏଏନ୍ଏସ୍)**

### ତେଜିଲା ରାଜନୀତି

- ■ କଶ୍ମୀର ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ, ପାକିସ୍ତାନର ହସ୍ତକ୍ଷେପ ଅନାବଶ୍ୟକ: ରାହୁଲ
- ■ ରାହୁଲଙ୍କ ଯୋଗୁ ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରିବାକୁ ସୁଯୋଗ ପାଇଛି ପାକିସ୍ତାନ: ଭାଜପା



କଶ୍ମୀର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ୟୁ-ଟର୍ନ କରିଛନ୍ତି। କଶ୍ମୀର ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ। ପାକିସ୍ତାନ ଏଥିରେ ହସ୍ତକ୍ଷେପ କରିବା ଦରକାର ନାହିଁ ବୋଲି ସେ କେନ୍ଦ୍ରର ଆଭିମୁଖ୍ୟକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ରାହୁଲଙ୍କ ପୂର୍ବ ଆଭିମୁଖ୍ୟକୁ ନେଇ ପାକିସ୍ତାନ ଜାତିସଂଘରେ ଏହି ପ୍ରସଙ୍ଗ ଉଠାଇବାର ସୁଯୋଗ ପାଇଲା। ତେଣୁ ରାହୁଲ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ଅଗଷ୍ଟ ୫ରେ ନିଷ୍ପତ୍ତି ନେବା ପରଠୁ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସରେ ଭିନ୍ନ ଭିନ୍ନ ମତପ୍ରକାଶ ପାଇଆସୁଛି। ଦଳର କେତେଜଣ ନେତା ଏହାକୁ ଉଚିତ ପଦକ୍ଷେପ ବୋଲି ଅଭିହିତ କରୁଥିବାବେଳେ ରାହୁଲ ଏନେଇ କେନ୍ଦ୍ରକୁ ଟାର୍ଗେଟ କରୁଛନ୍ତି। ଗତ ୨୪ରେ ରାହୁଲଙ୍କ ନେତୃତ୍ୱରେ ବିରୋଧୀ ନେତାଙ୍କ ଏକ ପ୍ରତିନିଧି ଦଳ ଶ୍ରୀନଗର ଗସ୍ତ କରିଥିବାବେଳେ ସେମାନଙ୍କୁ ବିମାନବନ୍ଦରରୁ ଦିଲ୍ଲୀ ଫେରାଇ ଦିଆଯାଇଥିଲା। ଏହାକୁ ନେଇ ରାହୁଲ କହିଥିଲେ, ଉପତ୍ୟକାରେ ସବୁକିଛି ଠିକ୍ ଚାଲିନାହିଁ। ଆମକୁ ଦୁର୍ବ୍ୟବହାର କରାଯାଇଛି ଓ ଆମ ସହ ଶ୍ରୀନଗର ଯାଇଥିବା ଖବରଦାତାମାନଙ୍କୁ ପିଟାଯାଇଛି। ସେପଟେ ରାହୁଲଙ୍କ ଏହି ମନ୍ତବ୍ୟକୁ ଜାତିସଂଘରେ ଦାଏର କରିଥିବା ପିଟିଶନରେ ପାକିସ୍ତାନ ଉଲ୍ଲେଖ କରିବା ସହ ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରିଛି। ଏପରି କି ରାହୁଲ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭଳି ହେବା ଉଚିତ ବୋଲି ପାକିସ୍ତାନର ଜଣେ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ନିଜ ସଂସଦୀୟ କ୍ଷେତ୍ର ୱାୟନାଡ୍‌ରେ ଥିବା ରାହୁଲ ବୁଧବାର ଏହାକୁ ନେଇ ଏକାଧିକ ଟୁଇଟ୍ କରିଛନ୍ତି। ରାହୁଲ କହିଛନ୍ତି, ଅନେକ ପ୍ରସଙ୍ଗରେ ସେ କେନ୍ଦ୍ର ସହ ଏକମତ ନୁହନ୍ତି। ହେଲେ କଶ୍ମୀର ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ସମର୍ଥନ କରୁଛନ୍ତି। କଶ୍ମୀରକୁ ନେଇ ପାକିସ୍ତାନ କିମ୍ବା ଅନ୍ୟ କୌଣସି ବିଦେଶୀ ରାଷ୍ଟ୍ର ହସ୍ତକ୍ଷେପ କରିବା ଅନୁଚିତ। କାରଣ କଶ୍ମୀରରେ ଲାଗିରହିଥିବା ହିଂସା ପଛରେ ପାକିସ୍ତାନର ହାତ ରହିଛି। ସେଠାରେ ଉତ୍ତେଜନାମୂଳକ ସ୍ଥିତିକୁ ଆତଙ୍କବାଦର ମୁଖ୍ୟ ପୃଷ୍ଠପୋଷକ ପାକିସ୍ତାନ ଉସୁକାଉଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। ସେହିପରି କଂଗ୍ରେସର ଆଭିମୁଖ୍ୟରୁ କୌଣସି ପ୍ରକାର ଫାଇଦା ନ ନେବା ପାଇଁ ବରିଷ୍ଠ ନେତା ଶଶୀ ଥରୁର ମଧ୍ୟ ପାକିସ୍ତାନକୁ ଦାଗିଦ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ପାକିସ୍ତାନ ସରକାର ଜମ୍ମୁ-କଶ୍ମୀର ଉପରେ ଜାତିସଂଘରେ ଏକ ପିଟିଶନ ଦାଏର କରିଛି। ସେଥିରେ ସେ ରାହୁଲଙ୍କ ନାମ ଉଲ୍ଲେଖ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହା ପୂର୍ବରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ, ଭୂପିନ୍ଦର ସିଂ ହୁଡା, ମିଲିନ୍ଦ ଦେଓରା, ଅନିଲ ଶାସ୍ତ୍ରୀଙ୍କ ଭଳି ଅନେକ କଂଗ୍ରେସ ନେତା ୩୭୦ ଉଚ୍ଛେଦକୁ ସମର୍ଥନ କରିଥିବାବେଳେ ରାହୁଲ ମଧ୍ୟ ଶେଷରେ ମତ ବଦଳାଇବାକୁ ବାଧ୍ୟ ହୋଇଛନ୍ତି।

ଅନ୍ୟପକ୍ଷରେ ଏହାକୁ ନେଇ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, କଶ୍ମୀରରେ ହିଂସା ଲାଗିରହିଛି ଓ ଲୋକ ମରୁଛନ୍ତି ବୋଲି ରାହୁଲ କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତାଙ୍କର ଏହି ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ପାକିସ୍ତାନ ଜାତିସଂଘରେ ଭାରତକୁ ଟାର୍ଗେଟ କରିବା ପାଇଁ ସୁଯୋଗ ପାଇଛି। ରାହୁଲ ଦେଶବାସୀଙ୍କୁ କ୍ଷମାମାଗନ୍ତୁ। ସେହିପରି ଭଗବାନ ରାହୁଲଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ତାଚ୍ଛଲ୍ୟ କରିଛନ୍ତି।

# ବାରିପଦା ଆର୍‌ପିଏଫ୍ ଥାନାରେ ସିବିଆଇର ଚଢ଼ାଉ

### ଇନ୍ସପେକ୍ଟର, କନ୍‌ଷ୍ଟେବଲ ଅଟକ

**ବାରିପଦା ଅଫିସ,୨୮।୮:** ମୟୂରଭଞ୍ଜ ଜିଲା ବାରିପଦା ଆରପିଏଫ୍ ଥାନାରେ ସିବିଆଇ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଚଢ଼ାଉ କରାଯାଇଛି। ୨ ଜଣ ଡ଼ିଏସ୍‌ପି ଓ ୭ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ୧୧ ଜଣ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଅଛନ୍ତି। ସିବିଆଇର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ବାରିପଦା ରେଳ ଷ୍ଟେଶନ ନିକଟରେ ତଥା ରେଳ ବିଭାଗର ଜାଗାରେ ବିଭିନ୍ନ ଦୋକାନ ସବୁ ବେଆଇନ ଭାବେ ରହିଛି। ଏହି ଦୋକାନୀମାନଙ୍କୁ ଉକ୍ତ ଥାନାର ଅଧିକାରୀ ଓ ଅନ୍ୟ ଦୁଇ ଜଣ କନ୍‌ଷ୍ଟେବଲ ଜୋର ଜବରଦସ୍ତ ଟଙ୍କା ଆଦାୟ କରନ୍ତି। ଦୋକାନୀମାନେ ଟଙ୍କା ଦେବାକୁ ମନା କରିଲେ ସମ୍ପୃକ୍ତ ଦୋକାନକୁ ଭାଙ୍ଗିବାକୁ ଧମକାଇଥାନ୍ତି। ଆଉ ପ୍ରତି ମାସରେ ଦୋକାନୀଙ୍କଠାରୁ ଟଙ୍କା ନିଅନ୍ତି। ଏ ନେଇ ଜଣେ ହୋଟେଲ ମାଲିକ ଜୟନ୍ତ କୁମାର ମହାନ୍ତି ମଙ୍ଗଳବାର ଭୁବନେଶ୍ୱର ସିବିଆଇ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଯୋଜନା ମୁତାବକ ବୁଧବାର ଅପରାହ୍ନରେ ଏହି ଥାନାର ଜଣେ କନ୍‌ଷ୍ଟେବଲ ଥାନା ନିକଟରେ ମହାନ୍ତିଙ୍କଠାରୁ ୧୦ ହଜାର ଟଙ୍କା ନେଉଥିବା ବେଳେ ସିବିଆଇ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ପରେ ଥାନା କାର୍ଯ୍ୟାଳୟରେ ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚ କରୁଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଜଣେ ଇନ୍ସପେକ୍ଟର ଓ ଜଣେ କନ୍‌ଷ୍ଟେବଲ ଅଟକ ଅଛନ୍ତି ଏବଂ ଅନ୍ୟ ଜଣେ କନ୍‌ଷ୍ଟେବଲଙ୍କୁ ସିବିଆଇ ଟିମ ଖୋଜୁଥିବା ଜଣାପଡ଼ିଛି।

# ଏମାର ମଠ ଭଙ୍ଗା ଆରମ୍ଭ

**ପୁରୀ ଅଫିସ, ୨୮।୮**



ମଠ ପରିସରରେ ଥିବା ଆଜ୍‌ବେଷ୍ଟସ୍ ଘରଗୁଡ଼ିକୁ ଭଙ୍ଗା ଯାଉଛି।

- ■ ଭଙ୍ଗା ଗଲା ମଠ ପରିସର ଆଜବେଷ୍ଟସ ଘର
- ■ ରଘୁନନ୍ଦନ ଲାଇବ୍ରେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ପୁଣି ମାଟିରେ ମିଶିବ ଆଉ ଏକ ଐତିହ୍ୟ। ଆରମ୍ଭ ହେଲା ଦ୍ୱାଦଶ ଶତାବ୍ଦୀର ବହୁ ପ୍ରାଚୀନ ଏମାର ମଠ ଉଚ୍ଛେଦ କାର୍ଯ୍ୟ। ସିଂହଦ୍ୱାର ସମ୍ମୁଖରେ ଥିବା ଏହି ପୁରାତନ ମଠକୁ ଭାଙ୍ଗିବା ଲାଗି ବୁଧବାର ଲଟକା (ନୋଟିସ୍)ଲଗାଇଥିଲା ପୁରୀ ପୌରସଂସ୍ଥା। ବିପଦସଙ୍କୁଳ ଦର୍ଶାଇ ଏହି ଲଟକା ଲଗାଯାଇଥିବା ବେଳେ ଖୁବ୍ ଶୀଘ୍ର ଶ୍ରୀକ୍ଷେତ୍ର ମଠ ସଂସ୍କୃତି ମାନଚିତ୍ରରୁ ଏହା ନିଶ୍ଚିହ୍ନ ହୋଇଯିବ। କେବଳ ମଠ ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦିଆଯାଇ ମାଟିରେ ମିଶାଇ ଦିଆଯିବ ଏହାର ବିରାଟ ଅଟ୍ଟାଳିକାକୁ। ତେବେ ବୁଧବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ରଥମେ ମଠ ପରିସରରେ ଥିବା କେତେକ ଆଜବେଷ୍ଟସ ଘର ଏବଂ ପୁରୁଣା ଅଧାଭଙ୍ଗା କାନ୍ଥକୁ ଭଙ୍ଗା ଯାଇଛି। ଏଥି ସହ ମଠର ପ୍ରାଚୀନ ରଘୁନନ୍ଦନ ଲାଇବ୍ରେରୀକୁ ସମ୍ପୂର୍ଣ୍ଣ ଭାବେ ଖାଲି କରାଯାଇ ଉଚ୍ଛେଦ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଏମାର ମଠ ଚକଡାରେ ଦୋକାନ କରିଥିବା ବ୍ୟବସାୟୀମାନେ ମଧ୍ୟ ସେମାନଙ୍କ ଜିନିଷପତ୍ର ଖାଲି କରି ଦେଇଛନ୍ତି। ଗୁରୁବାର ଲାଇବ୍ରେରୀ, ଦୋକାନ ଘର ଭଙ୍ଗା ଯିବା ପରେ ମଠ ଭଙ୍ଗାଯିବ ବୋଲି ଜଣାପଡ଼ିଛି।

ଶ୍ରୀମନ୍ଦିରର ସୁରକ୍ଷା ପାଇଁ ମେଘନାଦ ପାଚେରୀ ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସର୍ଭେ କାମ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ବିପଦସଙ୍କୁଳ କୋଠାକୁ ଭାଙ୍ଗୁଛି ଜିଲା ପ୍ରଶାସନ। ମଙ୍ଗଳବାର ମେଘନାଦ ପାଚେରୀ ନିକଟରେ ଥିବା ଲଙ୍ଗୁଳି ମଠକୁ ଭାଙ୍ଗି ଦିଆଯାଇଥିଲା। ଅଧା ଭଙ୍ଗା ଅବସ୍ଥାରେ ଥିବା କେତେକ ପିଲରକୁ ବୁଧବାର ଭଙ୍ଗା ଯାଇ ଏହାର ଭଗ୍ନାବଶେଷକୁ ସଫା କରାଯାଇଥିଲା। ଏମାର ମଠକୁ ଭାଙ୍ଗିବା ଲାଗି ଲଗାଯାଇଥିବା ଲଟ୍‌କାରେ ଦର୍ଶାଯାଇଛି ଯେ, ପୌରସଂସ୍ଥାର ବୈଷୟିକ ଦଳ ଯାଞ୍ଚ କରି ମଠ ବିପଦସଙ୍କୁଳ ଥିବା ରିପୋର୍ଟ ଦେଇଛନ୍ତି। ତେଣୁ ଏହାକୁ ତୁରନ୍ତ ଭଙ୍ଗାଯିବା ଦରକାର। ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେ ସମୟରେ ଶହ ଶହ ସଂଖ୍ୟାରେ ଦର୍ଶନାର୍ଥୀ ଏହି ମଠ କୋଠାରେ ଚଢି ଠାକୁରଙ୍କୁ ଦର୍ଶନ କରୁଥିବାରୁ ସୁରକ୍ଷା ପାଇଁ ଏହାକୁ ଭଙ୍ଗାଯିବା ଲାଗି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଏମାର ମଠ ଲାଇବ୍ରେରୀରୁ ମଙ୍ଗଳବାର ରାତିରୁ ପୁସ୍ତକ, ପୋଥି ଓ ବିଭିନ୍ନ ନଥିପତ୍ରକୁ ସ୍ଥାନାନ୍ତର କରିଛି ପ୍ରଶାସନ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଭୂ ଅର୍ଜନ ସମ୍ମିଳନୀ କକ୍ଷକୁ ନିଆଯାଇଥିବା ବେଳେ ବୁଧବାର ସକାଳେ ଚେୟାର, ଟେବୁଲ ଏବଂ ଆଲମାରିକୁ କ୍ରେନ୍ ସାହାଯ୍ୟରେ ବାହାର କରାଯାଇଛି। ଲାଇବ୍ରେରୀ ତଳ ମହଲାରେ ଥିବା ଦୋକାନ ଘର ଏବଂ ଉପର ମହଲାକୁ ମଧ୍ୟ ଖାଲି କରାଯାଇଛି। ତେବେ ଭଙ୍ଗାଯାଇଥିବା ଆଜବେଷ୍ଟସ ଘରେ ତିନୋଟି ପରିବାର ରହିଆସୁଥିଲେ। ମଙ୍ଗଳବାର ସମ୍ପୃକ୍ତ ପରିବାରଗୁଡ଼ିକୁ ଘର ଖାଲି କରିବାକୁ ପ୍ରଶାସନ କହିବା ପରେ ସେମାନେ ବୁଧବାର ଜିନିଷପତ୍ର ବାହାରକୁ ବାହାର କରି ଦେଇଥିଲେ। ଫଳରେ ଏହି ଆଜବେଷ୍ଟସ ଘର ଏବଂ ପୂର୍ବରୁ ଅଧାଭଙ୍ଗା ଅବସ୍ଥାରେ ଥିବା କେତେକ କାନ୍ଥ ମଧ୍ୟ ଭାଙ୍ଗି ଦିଆଯାଇଛି। ଏମାନଙ୍କୁ ପ୍ରଶାସନ ଏକ ଧର୍ମଶାଳାରେ ପ୍ରାଥମିକ ଥଇଥାନ କରିଛି। ମଠ ମଧ୍ୟ ଜିନିଷପତ୍ର ଖାଲି କରିବା ପ୍ରକ୍ରିୟା ଆରମ୍ଭ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ନିରୁପମା
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇତିହାସ ରଚିଲେ ଓଡ଼ିଆ ଛାତ୍ର ଅଶ୍ୱଥ ନାରାୟଣ

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

### ବିଶ୍ୱ ଦକ୍ଷତା ପ୍ରତିଯୋଗିତା

- ଭାରତ ପାଇଁ ଆଣିଲେ ପ୍ରଥମ ସ୍ୱର୍ଣ୍ଣ
- ଭାରତୀୟ ଟିମ୍‌କୁ ୧୫ ମେଡାଲିୟନ୍ସ ଅଫ୍ ଏକ୍ସଲେନ୍ସ
- ୩ ବିଭାଗରେ ପ୍ରତିନିଧିତ୍ୱ କରୁଥିଲେ ୩ ଓଡ଼ିଆ


ଅଶ୍ୱଥ ନାରାୟଣ

ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଚଳିତବର୍ଷ ସର୍ବାଧିକ ପଦକ ଜିତି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଭାରତ। ରୁଷିଆର କାଜାନ୍ ସହରରେ ଅନୁଷ୍ଠିତ ୪୫ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ଗୋଟିଏ ରୌପ୍ୟ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛି। କେବଳ ଏତିକି ନୁହେଁ, ୪୮ ଜଣିଆ ଭାରତୀୟ ଟିମ୍‌କୁ ଏଥର ୧୫ ମେଡାଲିୟନ୍ସ ଅଫ୍ ଏକ୍ସଲେନ୍ସ ମଧ୍ୟ ମିଳିଛି। ୨୦୧୭ରେ ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ୍ ପଦକରେ ସୀମିତ ଭାରତୀୟ ଦଳ ଏଥର ପ୍ରଥମଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛି। ସବୁଠାରୁ ବଡ଼କଥା ହେଲା ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଆ ଯୁବକ ଏସ୍ ଅଶ୍ୱଥ ନାରାୟଣ। ଦକ୍ଷତା ପ୍ରଦର୍ଶନ କ୍ଷେତ୍ରରେ ବିଶ୍ୱ ମଞ୍ଚରେ ଚଳିତବର୍ଷ ୬୩ ଦେଶର ୧୩୫୦ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସର୍ବୋଚ୍ଚ ପଦକ ଜିତିଛି ଭାରତ। ୨୦୧୭ରେ ୧୧ ମେଡାଲ ଜିତିଥିବା ଭାରତ ଏଥର ୧୯ ମେଡାଲ ଜିତି ରେକର୍ଡ କରିଛି। ମୋଟ ୫୬ ବିଭାଗରେ ହୋଇଥିବା ଏହି ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ଥିବା ଓଡ଼ିଶାର ୨୫ ବର୍ଷିୟ ଅଶ୍ୱଥ ୱାଟର୍ ଟେକ୍ନୋଲୋଜି ବିଭାଗରେ ସାମିଲ ହୋଇଥିଲେ। ତେବେ ସେ ୧୧ ଦେଶର ପ୍ରତିଯୋଗୀଙ୍କ ସହ ପ୍ରତିଯୋଗିତା କରିଥିଲେ। କେବଳ ସ୍ୱର୍ଣ୍ଣ ପଦକ ନୁହେଁ, ସେ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ 'ବେଷ୍ଟ ଅଫ୍ ନେଶନ' ବା ଶ୍ରେଷ୍ଠ ପ୍ରତିଯୋଗୀ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପ୍ରଥମଥର ପାଇଁ ଓଡ଼ିଶାରୁ ୩ଜଣ ୱାଟର ଟେକ୍‌ନୋଲୋଜି, ଏମ୍. କାଡ ଏବଂ ସିଏନ୍‌ସି ଟ୍ରେଡ୍‌ରେ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟପକ୍ଷରେ ୱେବ୍ ଟେକ୍ନୋଲୋଜିରେ ଭାରତକୁ ଏକ ରୌପ୍ୟ ମିଳିଥିବାବେଳେ ଜୁଏଲାରୀ ଓ ଗ୍ରାଫିକ୍ ଡିଜାଇନ୍ ଟେକ୍ନୋଲୋଜିରେ ଦୁଇଟି ବ୍ରୋଞ୍ଜ୍ ପଦକ ମିଳିଛି। ଏହାବ୍ୟତୀତ ଆଇଟି ସଫ୍ଟୱେର ସଲ୍ୟୁଶନ ଫର୍ ବିଜିନେସ୍, ୱେଲ୍‌ଡିଂ, ୱାଲ୍ ଆଣ୍ଡ୍ ଫ୍ଲୋର ଟାଇଲିଂ, ଅଟୋବଡି ରିପ୍ୟାର୍, କାର୍ ପେଣ୍ଟିଂ, ଅଟୋମୋବାଇଲ୍ ଟେକ୍ନୋଲୋଜି, ବ୍ରିକ୍‌ଲେଇଙ୍ଗ୍, ମୋବାଇଲ୍ ରୋବୋଟିକ୍ସ, ପାଟିସେରି ଆଣ୍ଡ୍ କନ୍‌ଫେକ୍ସନାରୀ, ହେଲ୍‌ଥ୍ ଏଣ୍ଡ୍ ସୋସିଆଲ୍ କେୟାର, ଭିଜୁଆଲ୍ ମର୍‌ଚାଣ୍ଡାଇଜିଂ, ବେକରୀ, ଥ୍ରୀ-ଡି ଗେମ୍ ଆର୍ଟ, ସାଇବର ସିକ୍ୟୁରିଟି ଏବଂ ମେକାଟ୍ରୋନିକ୍ସରେ ଭାରତ ମୋଟ ୧୫ ମେଡାଲିୟସ୍ ଅଫ୍ ଏକ୍ସଲେନ୍ସ ପଦକ ହାସଲ କରିଛି। ତେବେ ସି.ଭି. ରମଣ କଲେଜ ଅଫ୍ ଇଞ୍ଜିନିୟରିଂରୁ ଇଲୋକ୍‌ଟ୍ରୋନିକ୍ସ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେଶନ ଇଞ୍ଜିନିୟରିଂରେ ବି.ଟେକ୍ ଶିକ୍ଷା ଲାଭ କରିଥିବା ଅଶ୍ୱଥଙ୍କ ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ସଫଳତା ପାଇଁ ପ୍ରତ୍ୟେକ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇବା ସହ ୨୦୨୧ରେ ସାଂଘାଇରେ ହେବାକୁଥିବା ପ୍ରତିଯୋଗିତାରେ ଓଡ଼ିଶାର ଅଧିକତର ସଫଳତା କାମନା କରିଛନ୍ତି।

### ପ୍ରଥମ ପୃଷ୍ଠାରୁ...

## ଜୀବିକା ଛଡ଼ାଇନେଲେ...

ପ୍ଲେଟ ଖୋଲିବ ନାହିଁ। ତାହା ଭାଙ୍ଗିଯିବ ପଛେ ଖୋଲାଯାଇ ପାରିବ ନାହିଁ। ଅନ୍ୟପକ୍ଷରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଦାୟିତ୍ୱ ଦିଲ୍ଲୀ, ଉତ୍ତର ପ୍ରଦେଶ ଭଳି ବାହାର ରାଜ୍ୟର ଭେଣ୍ଡର ହାତେଇ ନେଇଥିବାରୁ ରାଜ୍ୟରେ ନମ୍ବର ପ୍ଲେଟ ଲେଖି ଚଳୁଥିବା ପ୍ରାୟ ୨୫ ହଜାର ପରିବାରର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ଗତ ୪ ମାସ ହେବ ନମ୍ବର ପ୍ଲେଟ ଲେଖାଳିମାନେ ହାତବାନ୍ଧି ବସିଛନ୍ତି। ଶହୀଦନଗରଠାରେ ୨୭ବର୍ଷ ହେବ ନମ୍ବର ପ୍ଲେଟ ଲେଖି ଜୀବିକା ନିର୍ବାହ କରୁଥିବା ବସନ୍ତ ରାଉତ କହିଛନ୍ତି ଯେ, ବାହାର ଭେଣ୍ଡରକୁ ନମ୍ବର ପ୍ଲେଟ ଲେଖିବା ଦାୟିତ୍ୱ ମିଳିବା ପରଠାରୁ ଆମ ଜୀବିକା ଉଜୁଡ଼ିଯାଇଛି। ଆମ ପାଖକୁ ଆଉ କେହି ଆସୁନାହାନ୍ତି। ମୋ ପିଲାଙ୍କ ମୁହଁରେ ଦାନ ଦେବାକୁ ମୁଁ ଅଯୋଗ୍ୟ ହୋଇଗଲିଣି। ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ର ସରକାର ଏହି ବ୍ୟବସ୍ଥା କରିଛନ୍ତି। ଆମ ହାତରେ କିଛି ନାହିଁ। ଏ ବାବଦରେ ଓଡ଼ିଶା ନମ୍ବର ପ୍ଲେଟ ଏବଂ ଷ୍ଟିକରିଂ ସଂଘ ପକ୍ଷରୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ । କେନ୍ଦ୍ର ଉପରେ ଦୋଷ ଲଦି ଦେଇ ପରିବହନ ବିଭାଗ ରାଜ୍ୟର ନମ୍ବର ପ୍ଲେଟ ଲେଖୁଥିବା ଗରିବ ପରିବାରଙ୍କ ପେଟରେ ଲାତ ମାରିଛନ୍ତି। ସରକାର ତୁରନ୍ତ ଏହାର ପ୍ରତିକାର ନ କଲେ ସମସ୍ତ ଶୋ'ରୁମ ଆଗରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରି କି ଜୀବନ ଜୀବିକା ସୁରକ୍ଷା ପାଇଁ ଆନ୍ଦୋଳନକୁ ଜୋରଦାର କରିବୁ ବୋଲି ସଂଘର ଉପଦେଷ୍ଟା ଶଶାଙ୍କ ଶେଖର ନାୟକ କହିଛନ୍ତି।

## ଦୋଷୀଙ୍କୁ ଫାଶୀ...

ପରିବାର ଲୋକେ ବେତନଟୀ ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୨/୧୮) ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ଯାମିନୀକାନ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାକୁ ସରକାରୀ ଓକିଲ ଶରତ ଚନ୍ଦ୍ର ସାମନ୍ତ ଓ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ। ଏ ସଂକ୍ରାନ୍ତରେ ଆଇନଜୀବୀ ଚନ୍ଦନ ମହାକୁଡ କହିଛନ୍ତି, ବିଚାରପତିଙ୍କ ଐତିହାସିକ ଦଣ୍ଡ ବିଧାନକୁ ଓକିଲ ସଂଘ ସ୍ୱାଗତ କରିଛି। ଏହି ଦଣ୍ଡାଦେଶ ପରେ ସମାଜରେ ସଂସ୍କାର ଆସିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏହି ମାମଲାରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଅଭିଯୁକ୍ତଙ୍କ ଓକିଲ ରଞ୍ଜୀବ କୁମାର ଦାଶ କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସେଭଳି କୌଣସି ଦୃଢ଼ ପ୍ରମାଣ ନାହିଁ ବୋଲି ସେ ଦର୍ଶାଇଛନ୍ତି। ଦୋଷୀଙ୍କୁ ଫାଶୀ ଦିଆଗଲେ ଆମ ଝିଅର ଆତ୍ମା ଶାନ୍ତି ପାଇବ ବୋଲି ନାବାଳିକାଙ୍କ ପରିବାର ପକ୍ଷରୁ କୁହାଯାଇଛି।

## ପାକ୍‌ନାଗୁଡ଼ା ଜଙ୍ଗଲରେ ଗୁଳି ବିନିମୟ

# ମାଓବାଦୀ ରାକେଶ ନିହତ, ଯବାନ ଶହୀଦ

**ମାଲକାନଗିରି/ ଖଇରପୁଟ, (ଡି.ଏନ୍.ଏ./ସ୍ୱ.ପ୍ର.)/କଟକ ଅଫିସ,୨୮।୮**

- ରାକେଶଙ୍କ ମୁଣ୍ଡ ପାଇଁ ପୁରସ୍କାର ଥିଲା ୮ ଲକ୍ଷ
- ଅନ୍ୟ ଜଣେ ଯବାନ ଗୁରୁତର

ପୋଲିସ ଗୁଳିରେ ଟଳିଛନ୍ତି ମାଓବାଦୀ କମାଣ୍ଡର ରାକେଶ ସୋଡ଼ି। ସେ ୧୦ ବର୍ଷ ଧରି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ମାଓବାଦୀ ଆକ୍ରମଣରେ ସାମିଲ ଥିଲେ। ତାଙ୍କ ମୁଣ୍ଡ ପାଇଁ ୮ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବୁଧବାର ସକାଳେ ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ଅଧୀନ ପାକ୍‌ନାଗୁଡ଼ା ସଂରକ୍ଷିତ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ପୋଲିସ ଗୁଳିରେ ରାକେଶ ନିହତ ହୋଇଛନ୍ତି। ତାଙ୍କ ପାଖରୁ ଗୋଟିଏ ଏକେ ୪୭, ଗୋଟିଏ ୩୦୩ ରାଇଫଲ, ବିପୁଳ ପରିମାଣର ବିସ୍ଫୋରକ ଓ ଗୁଳି ସହ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସେହିପରି ଏହି ଗୁଳି ବିନିମୟ ବେଳେ ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟିୟର ଫୋର୍ସ (ଡିଭିଏଫ୍)ର ଯବାନ ଜୟରାମ କବାସୀ ଶହୀଦ ହୋଇଛନ୍ତି। ଅନ୍ୟତମ ଯବାନ ରାମ ଦୁରୁଆ ମାଓବାଦୀଙ୍କ ଗୁଳିରେ ଆହତ ହୋଇଛନ୍ତି। ଆହତ ରାମୁଙ୍କୁ ପ୍ରଥମେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ହେଲିକପ୍ଟର ଯୋଗେ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା ସୂଚନା ଦେଇଛନ୍ତି।

କଟକସ୍ଥିତ ଡିଜିପି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶର୍ମା କହିଛନ୍ତି, ପାକ୍‌ନାଗୁଡ଼ା ଜଙ୍ଗଲରେ ୫୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ଏକ ମେଳି ଚାଲିଥିବା ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ମାଓବାଦୀମାନେ ବଡ ହିଂସା ଘଟାଇବାକୁ ଯୋଜନା କରୁଥିବା ଗୋଇନ୍ଦା ପକ୍ଷରୁ ଖବର ମିଳିଥିଲା। ଏହାପରେ ମଙ୍ଗଳବାର ରାତିରେ କୋରାପୁଟ ଡିଆଇଜି ସଫିନ ଅହମ୍ମଦ ଓ ମାଲକାନଗିରି ଏସ୍‌ପି ହୃଷୀକେଶ ଡି. ଖିଲାରଙ୍କ ନେତୃତ୍ୱରେ ଏସ୍‌ଓଜି ଏବଂ ଡିଭିଏଫ ଯବାନଙ୍କୁ ନେଇ ଏହି ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ବୁଧବାର ସକାଳ ପ୍ରାୟ ସାଢ଼େ ୬ଟାରେ ଡାବୁଗୁଡା ଗ୍ରାମ ନିକଟରେ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମୋଷ୍ଟ ୱାଣ୍ଟେଡ ମାଓବାଦୀ କମାଣ୍ଡର ରାକେଶ ନିହତ ହୋଇଥିଲେ। ସେ ଆନ୍ଧ୍ର-ଓଡ଼ିଶା ସୀମା ସ୍ପେଶାଲ ଜୋନାଲ ପ୍ଲାଟୁନର ନେତା ଥିଲେ। ତାଙ୍କ ଘର ଛତିଶଗଡ଼ର ସୁକ୍‌ମା ଜିଲାରେ ହୋଇଥିବା ବେଳେ ୨୦୦୪ରୁ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ୨୦୦୭ ମସିହାରେ ମାଲକାନଗିରି ଜିଲାର ଏମ୍.ଭି-୭୯ ହାଟରେ ୨ଜଣଙ୍କୁ ଗୁଳିକରି ହତ୍ୟା କରିବା, ଜାନିଗୁଡ଼ା ଲ୍ୟାଣ୍ଡମାଇନ ବିସ୍ଫୋରଣ, ଖଇରପୁଟ ବଜାରରେ ପୋଲିସ ଏସଆଇଙ୍କୁ ହତ୍ୟା ଘଟଣା ସହ ଗତ ୧୦ ବର୍ଷ ଧରି ଓଡ଼ିଶା ଓ ଛତିଶଗଡ଼ରେ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରିବା ପାଇଁ ସରକାରଙ୍କ ପକ୍ଷରୁ ୮ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ରାକେଶଙ୍କ ମୃତଦେହ ପୋଲିସ ଜବତ କରିଥିବା ବେଳେ ପଡ଼ିଥିବା ରକ୍ତ ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ଅଧିକ ମାଓବାଦୀ ମୃତାହତ ହୋଇଥିବା ସନ୍ଦେହ କରାଯାଉଛି ବୋଲି ଡିଜିପି ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶହୀଦ ହୋଇଥିବା ମାଲକାନଗିରି ଜିଲା ସୋରିଷମାଳ ଗ୍ରାମର ବୀର ଯବାନ ଜୟରାମଙ୍କ ଅସୀମ ବୀରତ୍ୱକୁ ଡିଜିପି ପ୍ରଶଂସା କରିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆଗକୁ ମାଓବାଦୀ ଦମନ ଅଭିଯାନକୁ ଆହୁରି ଆକ୍ରମଣାତ୍ମକ କରାଯିବ ବୋଲି ଡିଜିପି କହିଛନ୍ତି।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଳିଗଲା ବସ୍

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

- ପାର୍କିଂରେ ଲାଗିଗଲା ନିଆଁ, ଟଳିଗଲା ବଡ଼ ବିପଦ
- ଜଣେ ମହିଳା ଯାତ୍ରୀଙ୍କ ପାଇଁ ବଞ୍ଚିଗଲେ କଣ୍ଡକ୍ଟର
- ବସ୍‌ର ଇନ୍‌ସ୍ୟୁରାନ୍ସ ନ ଥିବା ସୂଚନା

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାର୍କିଂରେ ଥିବା ଚକାଡୋଳା ବସ୍‌ରେ ନିଆଁ ଲାଗିଯିବାରୁ ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ବୁଧବାର ଅପରାହ୍ନରେ ଘଟିଛି ଏହି ଘଟଣା। ତେବେ ଏହା ପାଖକୁ ଲାଗି ଶହଶହ ବସ୍ ରହିଥିଲେ ମଧ୍ୟ ବଡ଼ ଧରଣର ବିପଦ ଟଳିଯାଇଛି। ଅନ୍ୟପକ୍ଷରେ ସେହି ସମୟରେ ବସ୍‌ରେ ଥିବା ଜଣେ ମହିଳା ଯାତ୍ରୀଙ୍କ ପାଇଁ କଣ୍ଡକ୍ଟରଙ୍କ ଜୀବନ ବଞ୍ଚିଯାଇଛି। ଘଟଣା ପରେ କାରଣ ଖୋଜା ଚାଲିଥିବାବେଳେ ଅଗ୍ନିଶମ ବିଭାଗ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଭୁବନେଶ୍ୱରରୁ ଭବାନୀପାଟଣା ଦେଇ ମୁଖୀଗୁଡ଼ାକୁ ଚଳାଚଳ କରୁଥିବା ଚକାଡୋଳା ବସ୍ (ନଂ.ଓଡିଓ୩ୟୁ୧୩୯୯)ଟି ସକାଳ ସାଢ଼େ ୮ଟାବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ଯାତ୍ରୀମାନେ ଓହ୍ଲାଇଯିବା ପରେ ପାର୍କିଂସ୍ଥଳରେ ରହିଥିଲା। ପୁଣି ସନ୍ଧ୍ୟାରେ ଭବାନୀପାଟଣା ଅଭିମୁଖେ ବାହାରିବାର ଥିଲା। ଅପରାହ୍ନ ପ୍ରାୟ ୨ଟାରେ ଡ୍ରାଇଭର ଓ ହେଲ୍‌ପର ଖାଇବାକୁ ନିକଟରେ ଥିବା ଏକ ହୋଟେଲକୁ ଯାଇଥିଲେ। ଗାଡ଼ି ଭିତରେ କଣ୍ଡକ୍ଟର ସୁଧାଂଶୁ ଦାସ ଶୋଇଥିଲେ। କଳାହାଣ୍ଡି ଯିବା ପାଇଁ ଛବିରାଣୀ ବେହେରା ନାମ୍ନୀ ଜଣେ ମହିଳା ଯାତ୍ରୀ ମଧ୍ୟ ବସ୍‌ରେ ବସିଥିଲେ। ୨ଟା ୧୫ରେ ହଠାତ୍ ବସ୍ ଆଗ ବନେଟରୁ ଧୂଆଁ ବାହାରୁଥିବା ଦେଖି ଛବିରାଣୀ ଭୟରେ ଓହ୍ଲାଇପଡିଥିଲେ। ହେଲେ ସେହି ସମୟରେ ଗାଡିର ପଛରେ ଶୋଇଥିବା କଣ୍ଡକ୍ଟରଙ୍କ କଥା ମନେ ପଡିଯିବାରୁ ପୁଣି ଗାଡ଼ି ଭିତରକୁ ଯାଇ ତାଙ୍କୁ ଉଠାଇ ଜଣାଇବା ପରେ ଦୁହେଁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଚାହୁଁ ଚାହୁଁ ନିଆଁ ଉପରକୁ ଉଠି ବସ୍ ଭିତରକୁ ବ୍ୟାପିଯାଇଥିଲା। ବସ୍ ସିଟ୍, ସିଲିଂ ଓ ଲାଗିଥିବା କପଡ଼ା ହୁତୁହୁତୁ ହୋଇ ଜଳିଉଠିଥିଲା। ଏହାଦେଖି ପାଖକୁ ଲାଗି ରହିଥିବା ଅନ୍ୟ ବସ୍‌ଗୁଡ଼ିକୁ ଦୂରକୁ ହଟାଇ ଦିଆଯାଇଥିଲା। ଖଣ୍ଡଗିରି ଥାନା ପୋଲିସ ଓ ନିକଟସ୍ଥ ଫାୟାର ଷ୍ଟେଶନରୁ ୨ଟି ନିଆଁଲିଭା ଗାଡ଼ି ପହଞ୍ଚିଥିଲା। ପ୍ରାୟ ଅଧଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏହାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ବସ୍‌ଟିରେ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ କରୁଛି। ତେବେ ଉକ୍ତ ଏସି ଡିଲକ୍ସ କୋଚ୍ ବସ୍‌ଟିର ଫିଟ୍‌ନେସ୍ ରହିଥିବାବେଳେ ଇନ୍‌ସ୍ୟୁରାନ୍ସ ନ ଥିବା ସୂଚନା ମିଳିଛି। ଅଗଷ୍ଟ ୨ରୁ ଇନ୍‌ସ୍ୟୁରାନ୍ସ ଅବଧି ସରିଯାଇଥିବା ପରିବହନ ବିଭାଗ ୱେବ୍‌ସାଇଟ୍‌ରୁ ଜଣାପଡିଛି। ଏ ନେଇ ବସ୍ ମାଲିକ ପ୍ରମୋଦ ରାୟଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାକାଳରେ କୌଣସି ନୂତନ ବନ୍ଧୁଙ୍କ ସହ ବନ୍ଧୁତା ସୃଷ୍ଟିହେବ । ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ନିଜ ପରିବାର ତରଫରୁ ଆବଶ୍ୟକ ସହଯୋଗ ପାଇ ନୂଆ କାମଟିକୁ ଆଗକୁ ବଢ଼ାଇ ନେଇପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ବୃଷ** ଅନ୍ୟମାନଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇଲେ ଅପଦସ୍ଥ ହେବାକୁ ପଡ଼ିପାରେ । ରପ୍ତାନି, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅଭାବ ନ ଥିଲେ ମଧ୍ୟ ଅନ୍ୟାନ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବାର ସୂଚନା ରହିଛି। ଆନୁଷ୍ଠାନିକ କାମରେ ନୂତନ ବସ୍ତ୍ର, ଆଭୂଷଣ ଉପଢୌକନାଦି ପାଇପାରନ୍ତି।

**ମିଥୁନ** କ୍ରନିକ୍ ରୋଗ ଜନିତ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବାରମ୍ବାର ଆଲୋଡିତ କରିବ । ଆକସ୍ମିକ ଭାବରେ ସରକାରୀ ସ୍ତରରୁ ଆଶା କରି ନ ଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ନିଜ ଅସୁବିଧାର ସମାଧାନ ସକାଶେ ଆତ୍ମୀୟସ୍ୱଜନ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରାଜନୈତିକ ସ୍ତରରେ କଳହଘେରରେ ଆକ୍ରାନ୍ତ ହୋଇପାରନ୍ତି।

**କର୍କଟ** ବିଶେଷ ଭ୍ରମଣ ସାଙ୍ଗକୁ ଯତ୍ନର ଅଭାବ ସ୍ୱାସ୍ଥ୍ୟହାନିର କାରଣ ହେବ । ପାରିବାରିକ କ୍ଷେତ୍ରରେ ଖର୍ଚ୍ଚାନ୍ତ ସାଙ୍ଗକୁ କଷ୍ଟପ୍ରଦ ଜୀବନଯାତ୍ରା କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇପାରନ୍ତି। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**ସିଂହ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଂଶସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ଚିକିତ୍ସକଙ୍କ ସହ ଆଲୋଚନା କରିପାରନ୍ତି। ସମସ୍ୟା ମଧ୍ୟରେ ଗତି କରୁଥିବାରୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା** ପାରିବାରିକ ସ୍ତରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଘରର ବରାଦ ଅନୁଯାୟୀ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ କାମ ହାସଲ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟାଦି କେତେକାଂଶରେ ବାଧାପ୍ରାପ୍ତ ହେବ।

**ବିଛା** ଆଲୋଚନା ପରିସରରେ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜି ହିଁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଅଫିସିଆଲି କାମରେ କିମ୍ବା ସାମାଜିକ ସ୍ତରରେ ଅଥବା କୌଣସି ବିବାଦୀୟ ଘଟଣାରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ।

**ଧନୁ** ବନ୍ଧୁଙ୍କ ମଧ୍ୟସ୍ଥତାରେ ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କାର୍ଯ୍ୟଦକ୍ଷତା କିମ୍ବା ବ୍ୟବସାୟିକ କ୍ଷେତ୍ର ମାଧ୍ୟମରେ ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆପଣଙ୍କ କୃତି ଓ କୃତିତ୍ୱ କାରଣରୁ ପଡ଼ୋଶୀମାନେ ଭୁରିଭୁରି ପ୍ରଶଂସା କରିପାରନ୍ତି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବ। ତଥାପି ବିଭିନ୍ନ ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହି ନ ପାରେ। ଆଶା କରି ନ ଥିବା ଖବର ଶୁଣି ଖୁସି ହୋଇପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀ କିମ୍ବା ଉପରିସ୍ଥ କର୍ମଚାରୀଙ୍କ ସହ ଭୁଲ୍ ବୁଝାମଣା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ।

**କୁମ୍ଭ** ପୂର୍ବ କଳହକୁ କେନ୍ଦ୍ରକରି ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଅତି ଭଲ ସମ୍ପର୍କ ରହିଥିବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** ପଦାଧିକାରୀଙ୍କ ଅନୁକମ୍ପାରୁ କାର୍ଯ୍ୟ ହାସଲ କରିବା ସହ ଅର୍ଥ ଓ ସମ୍ମାନ ପାଇବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବାର ଆଶା ରହିଛି। ସରକାରୀ ସ୍ତରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରିବା ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଘୋର ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଗଷ୍ଟ ୨୯ ତାରିଖ, ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୯ମି. ଗତେ ଘ୧୨।୪୮ମି. ମଧ୍ୟେ, ଦିବା ଘ୨।୨୭ମି. ଗତେ ଘ୪।୦୬ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୧ମି. ମଧ୍ୟେ, ଘ୨।୨୭ମି. ଗତେ ଘ୩।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୧ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

### real estate

**SALE**

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

Property Sale: (Area-5300 sqft. land) At-Madan Mohan Pada, Angul, near Main Bazar, Contact: Shakti Dwibedy, Ph. No: 9350035896. D-14082

ଭୁବନେଶ୍ୱର-ପୁରୀ ବାଇପାସ୍ କଡ଼ରେ ପାହାଳ, ନଖରା, ଚକେଇସିହାଣୀରେ Road, Electricity ପାଚେରୀ ଥାଇ plot ମିଳୁଅଛି। 9937749564, 9090142564. D-66771

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Good Investment/ Residential Govt. approved plots in Vishakhapatnam, Andhra Pradesh Contact Gopala Krishna: 9642406518. D-14102

**Ready to move 2BHK flat premium construction rate-35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312. D-66766

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

Sale 4 storied commercial building, 1 office 400 sqft PC 71 excavator Ex 70 at Paradeep. 9437113088, 9937691288. D-14099

### GENERAL

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

### to-let

**A spacious 3BHK 14th floor (1810 sqft) semi-furnished flat at Royal Lagoon Apartment, Bhubaneswar with 3 toilets, servant room & toilet, garage is available for rent. Contact: 8240107574 / 8961512649.** D-14106

**LEASE**

Italian ଓ Mexican ରେଷ୍ଟୁରାଣ୍ଟ ଖୋଲିବାପାଇଁ 1000-1200sqft ଦୋକାନ ଘର ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ହୋଟେଲ୍‌କୁ ଲିଜ୍‌ରେ ଦେବାପାଇଁ ଚାହୁଁଛନ୍ତି, କେବଳ ଭୁବନେଶ୍ୱର ଲୋକମାନେ ଯୋଗାଯୋଗ କରନ୍ତୁ। 9437581042, 9515883819. D-14098

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13903

### healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Newly open Herbal full body massage ladies & gents. 8018246332. D-66948

Ayurvedic full body massage ladies & gents smart therapist. 9040900385. D-66950

Physiotherapy, full body massage by trained ladies/ gents therapist: 7008773793. D-67051

### business

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14103

### LOST

I, Neelamadhab Majhi, presently at Padmapur, Rayagada state that all my original marksheet and pass certificate of class 10th (ICSE) (2009) (Vimala Convent School, Bhawanipatna) Index No. T/6591/040 & +2 (CHSE) (2011) (B.J.B Jr. College, Bhubaneswar), Roll No. 303MA088, Regd. No. 181431/09 original B.Tech (Mech.Engg.) degree certificate and all grade sheets (BPUT) (2015) (CET, Bhubaneswar) Regd. No. 1101106297 has been missing. If found or any information please contact: 7205046908. D-14105

### AFFIDAVIT

By virtue of an affidavit before Notary Public, Bhubaneswar on Dt. 13.11.2013, I have changed my name Pragyan Paramita Bhuyan to Rutumbhara Prajna. Henceforth I shall be known as Rutumbhara Prajna for all purposes. D-67052





■ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ, କୁଳସଚିବ ଓ ବିତ୍ତ ନିୟନ୍ତ୍ରକଙ୍କ ବୈଠକ

# ୪୫ ଦିନରେ ପ୍ରକାଶ ପାଇବ ପରୀକ୍ଷାଫଳ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)



ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ବିଭାଗୀୟ ଅଧିକାରୀମାନେ।

■ ୧୫ ମହାବିଦ୍ୟାଳୟକୁ ନେଇ ଗୋଟିଏ ମୂଲ୍ୟାୟନ କେନ୍ଦ୍ର କରାଯିବ
■ ମୂଲ୍ୟାୟନକାରୀ, ପ୍ରଶ୍ନ ପ୍ରସ୍ତୁତକାରୀ ଅଧ୍ୟାପକଙ୍କ ଅର୍ଥରାଶି ବୃଦ୍ଧି ହେବ
■ ଖର୍ଚ୍ଚ ବାବଦରେ ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ପରୀକ୍ଷାରେ ସଂସ୍କାର ଆଣିବାକୁ ଅଣ୍ଟା ଭିଡ଼ିଛି ଉଚ୍ଚ ଶିକ୍ଷା ବିଭାଗ। ଠିକ୍ ସମୟରେ କୋର୍ସ ସାରିବା ସହ ପରୀକ୍ଷା ପରିଚାଳନା ଓ ଫଳ କିପରି ଶୀଘ୍ର ପ୍ରକାଶ ପାଇବ ସେଥିପାଇଁ ବିଭାଗ ତତ୍ପରତା ଦେଖାଇଛି। ଖାତା ଦେଖା ପାଇଁ ମୂଲ୍ୟାୟନ କେନ୍ଦ୍ର ସଂଖ୍ୟା ବଢ଼ାଯିବ। ପରୀକ୍ଷା ସରିବାର ୪୫ ଦିନ ଭିତରେ ଫଳ ପ୍ରକାଶ ପାଇବ। ବିଶେଷକରି ଯୁକ୍ତ ୩ ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱ ଦେଇଛି। ଏଥି ନିମନ୍ତେ ବୁଧବାର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ, କୁଳସଚିବ ଓ ବିତ୍ତନିୟନ୍ତ୍ରକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଠିକ୍ ସମୟରେ ପରୀକ୍ଷା ଯେପରି ଶେଷ ହେବ ଓ ପରୀକ୍ଷା ଫଳ ଧାର୍ଯ୍ୟ ସମୟରେ ବାହାରିବ ସେଥି ନିମନ୍ତେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ଠିକ୍ ସମୟରେ ଆଡ୍‌ମିଶନ୍ ଏବଂ କୋର୍ସ ସାରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରତି ୧୨ରୁ ୧୫ଟି ମହାବିଦ୍ୟାଳୟକୁ ନେଇ ଗୋଟିଏ ମୂଲ୍ୟାୟନ କେନ୍ଦ୍ର କରାଯିବ। ଫଳରେ ଖାତା ଦେଖା ଶୀଘ୍ର ସରିବ ଓ ପରୀକ୍ଷା ଫଳ ଠିକ ସମୟରେ ପ୍ରକାଶ ପାଇପାରିବ। ତେଣୁ ଅଧିକ ସଂଖ୍ୟକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ର ଖୋଲିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ପରୀକ୍ଷା ଖାତା ମୂଲ୍ୟାୟନକାରୀ ଓ ପ୍ରଶ୍ନ ପ୍ରସ୍ତୁତକାରୀ ଅଧ୍ୟାପକମାନଙ୍କୁ ଦିଆଯାଉଥିବା ଅର୍ଥରାଶି ବୃଦ୍ଧି କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ପ୍ରଶ୍ନ ପତ୍ର ସେଟ୍ ମଧ୍ୟ ବୃଦ୍ଧି କରାଯିବ ବୋଲି ସ୍ଥିର କରାଯାଇଥିଲା। ସଂଶୋଧିତ ସିଲାବସ୍ ଏବଂ ପ୍ରଶ୍ନପତ୍ର ପରିବର୍ତ୍ତନ ସମ୍ପର୍କରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମହାବିଦ୍ୟାଳୟଗୁଡ଼ିକୁ ଅବଗତ କରାଇବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଇଡି ପରୀକ୍ଷାଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରି ପରୀକ୍ଷା ଫଳ ବାହାର କରିବାକୁ କୁହାଯାଇଥିଲା। ବିଶ୍ୱବିଦ୍ୟାଳୟଗୁଡ଼ିକ ନିକଟରେ ବର୍ଷ ବର୍ଷ ଧରି ଖର୍ଚ୍ଚ ନ ହୋଇ କେଉଁଠି କେତେ ଅର୍ଥ ରହିଛି ସେ ବିଷୟରେ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅର୍ଥର ଉପଯୁକ୍ତ ବିନିଯୋଗ କରିବାକୁ ମଧ୍ୟ କୁହାଯାଇଥିଲା। ବିଶ୍ୱବିଦ୍ୟାଳୟର ନିୟମିତ ଅଡିଟ୍ କରିବା ଓ ଏହାର ଅନୁପାଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକର ଜମିଜମା ସଂକ୍ରାନ୍ତରେ ଆଲୋଚନା ହେବା ସହ ଭିତ୍ତିଭୂମି ନିର୍ମାଣକୁ ଜମିର ଠିକ୍ ଉପଯୋଗ ଓ ବହୁତଳ ଗୃହ ନିର୍ମାଣ ଉପରେ ମତପ୍ରକାଶ ପାଇଥିଲା। ଏଥିରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ବିଶ୍ୱବ୍ୟାଙ୍କ) ପରମେଶ୍ୱରନ୍ ବି. ଙ୍କ ସମେତ ବିଭାଗୀୟ ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ପଦଯାତ୍ରାରେ ପାକିସ୍ତାନ ଯିବେ ମୁକ୍ତିକାନ୍ତ

ରାଉରକେଲା ଅଫିସ,୨୮।୮

■ ୩୨୦୦ କିଲୋମିଟର ପଦଯାତ୍ରା କରିବେ
■ ଦୁଇ ଦେଶ ମଧ୍ୟରେ ଶାନ୍ତିର ବାର୍ତ୍ତା ବାଣ୍ଟିବେ

ଦୁଇ ଦେଶ ମଧ୍ୟରେ ଶାନ୍ତିବାର୍ତ୍ତା ନେଇ ଖୁବ୍‌ଶୀଘ୍ର ପାକିସ୍ତାନକୁ ପଦଯାତ୍ରା କରିବେ ରାଉରକେଲାର ଯୁବ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ। ଏ ନେଇ ବୁଧବାର ସେକ୍ଟର-୨ ସେହେନାଇ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପାନପୋଷଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ୨୦୧୮ ଏପ୍ରିଲ ୧୬ରେ ମୁକ୍ତିକାନ୍ତ ପାଦରେ ଚାଲି ଚାଲି ନୂଆଦିଲ୍ଲୀ ଯାଇଥିଲେ। ତେବେ ସେଠାରେ ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କର ସାକ୍ଷାତ ହୋଇ ନ ପାରିବାରୁ ଯନ୍ତରମନ୍ତରଠାରେ ଧାରଣା ଦେଇଥିଲେ। ଦିଲ୍ଲୀ ପୋଲିସ ତାଙ୍କୁ ଧାରଣାସ୍ଥଳରୁ ଉଠାଇ ଓଡ଼ିଶା ଫେରିଆସିବାକୁ ବାଧ୍ୟ କରିଥିଲା। ସେତେବେଳେ ସୁନ୍ଦରଗଡ଼ ଏମ୍‌ପି ମୁକ୍ତିକାନ୍ତଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମୁକ୍ତିକାନ୍ତ ଦିଲ୍ଲୀରୁ ରାଉରକେଲା ଫେରିବା ପରେ ପୁନର୍ବାର ପାଦରେ ଚାଲି ଭୁବନେଶ୍ୱର ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଆଇଜିଏଚ୍ ଗେଟ୍ ସମ୍ମୁଖରେ ଧାରଣା ଦେଇଥିବା ବେଳେ ତାଙ୍କୁ ଭେଟିବାକୁ ଆସିଥିଲେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଗତ ସାଧାରଣ ନିର୍ବାଚନରେ ମୁକ୍ତିକାନ୍ତଙ୍କୁ କଂଗ୍ରେସ ରାଉରକେଲା ବିଧାୟକ ପ୍ରାର୍ଥୀ ଟିକେଟ ପ୍ରଦାନ କରିଥିଲେ ହେଁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ମୁକ୍ତିକାନ୍ତ ଏବେ ୩ହଜାର ୨ଶହ କି.ମି. ଚାଲି ଚାଲି ପାକିସ୍ତାନ ଯିବା ଘୋଷଣା କରିବା ପରେ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଖବରଦାତା ସମ୍ମିଳନୀରେ ମୁକ୍ତିକାନ୍ତଙ୍କ ସମେତ ରାଉରକେଲା ଯୁବ ଜାଗୃତି ମଞ୍ଚ ଆବାହକ ଗୋପାଳ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜେନା କହିଥିଲେ, ଭାରତରେ ଏବେ ନୂତନ ସୂର୍ଯ୍ୟୋଦୟ ହୋଇଛି। ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି କଶ୍ମୀରବାସୀଙ୍କୁ ବଞ୍ଚିବାର ପ୍ରକୃତ ରାହା ଦେଖାଇଛି। ଏହାକୁ ନେଇ ପଡ଼ୋଶୀ ପାକିସ୍ତାନ ଦ୍ୱନ୍ଦ୍ୱରେ ପଡ଼ିଛି। ଏହି ଆଳରେ ଯୁବପିଢ଼ିଙ୍କୁ ବିପଥଗାମୀ କରାଯିବାକୁ ଅପଚେଷ୍ଟା ଜାରି ରହିଛି। ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସୁସମ୍ପର୍କ ଅନିବାର୍ଯ୍ୟ ହୋଇପଡ଼ିଛି। ଏଥିସହ ଯୁବପିଢ଼ିଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ପ୍ରତି ସଚେତନା କରାଇବା ସମୟ ଆସିଛି। ଏପରିସ୍ଥଳେ ମୁକ୍ତିକାନ୍ତଙ୍କ ପାକିସ୍ତାନ ପଦଯାତ୍ରା ଉଭୟ ଦେଶର ଯୁବପିଢ଼ିଙ୍କୁ ଜାଗ୍ରତ କରିବ ବୋଲି ଜେନା କହିଥିଲେ। ସଫଳତା ବିଫଳତାକୁ ପ୍ରସଙ୍ଗ ନ କରି ସେ ନିଜ ଲକ୍ଷ୍ୟ ପଥରେ ଆଗେଇବାକୁ ନିଷ୍ପତ୍ତି କରିଥିବାରୁ ଜେନା ତାଙ୍କୁ ସ୍ୱାଗତ କରିଥିଲେ। ପାକିସ୍ତାନରେ ପହଞ୍ଚିବାକୁ ତାଙ୍କୁ ୬ ମାସ ସମୟ ଲାଗିବ। ଉଭୟ ଦେଶବାସୀଙ୍କ ମଧ୍ୟରେ ଶାନ୍ତିର ଭାବନା ଜାଗ୍ରତ କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏ ନେଇ ମୁକ୍ତିକାନ୍ତ ଉଭୟ ଭାରତ ଓ ପାକିସ୍ଥାନ ସରକାରଙ୍କ ଅନୁମତି ଲୋଡ଼ିଥିଲେ। ଖୁବ୍‌ଶୀଘ୍ର ଅନୁମତି ମିଳିଯିବ ବୋଲି ଆଶା କରାଯାଉଥିବା ଜେନା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମୁକ୍ତିକାନ୍ତ ବିଶ୍ୱାଳ ଓ ରାଉରକେଲା ଯୁବ ଜାଗୃତି ମଞ୍ଚ କର୍ମକର୍ତ୍ତା।



## ଜିଲ୍ଲା ଟିଠି ଢେଙ୍କାନାଳ

### ଟଙ୍କା ଥାଇ ଧାରୁଆ

ସହାୟତାର ଅନ୍ୟ ନାମ ରେଡ୍‌କ୍ରସ୍। ପ୍ରାକୃତିକ ଦୁର୍ବିପାକ ହେଉ କି ଦୁର୍ଘଟଣା ଅବା ଅସହାୟଙ୍କୁ ସହାୟତା, ସବୁଠି ଅନୁଭବ ହୁଏ ରେଡ୍‌କ୍ରସ୍‌ର ଆବଶ୍ୟକତା। ଖଣି ଖାଦାନ, ଜଙ୍ଗଲ ସମ୍ପଦରେ ଭରପୂର ଢେଙ୍କାନାଳ ଜିଲାରେ କିନ୍ତୁ ରେଡ୍‌କ୍ରସ୍ ସହାୟତା ଅର୍ଥ ବାକିରେ ଚାଲିଛି। ଏମିତି ନୁହେଁ ଯେ, ରେଡ୍‌କ୍ରସ୍ ପାଣ୍ଠିରେ ଟଙ୍କା ନାହିଁ କି ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉନି, କଥା ଅଟକିଛି ପରିଚାଳନାଗତ ଅବ୍ୟବସ୍ଥାରେ। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ରେଡ୍‌କ୍ରସ୍ ସହାୟତା ଅର୍ଥ ପ୍ରଦାନରେ ଏପରି ସମସ୍ୟା ସୃଷ୍ଟି ହୋଇଛି, ଯାହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ। ରେଡ୍‌କ୍ରସ୍ ପାଣ୍ଠି ପରିମାଣ ବୃଦ୍ଧି କରିବାକୁ ଢେଙ୍କାନାଳ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ବିଭିନ୍ନ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କଠାରୁ ରେଡ୍‌କ୍ରସ୍ ପାଇଁ ସଚେତନତା ସୃଷ୍ଟି କରାଯାଇ ଅର୍ଥ ଆଦାୟ କରାଯାଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଅବକାରୀ ବିଭାଗ କାର୍ଯ୍ୟାଳୟ ସମେତ ବିଭିନ୍ନ ଅଫିସରେ ପ୍ରତିଯୋଗିତାମୂଳକ ଭାବେ ସହାୟତା ପାଣ୍ଠି ପାଇଁ ଅର୍ଥ ଆଦାୟ ହେଉଛି। ବାର୍ଷିକ ସମୀକ୍ଷା କରାଯାଇ ସର୍ବାଧିକ ପାଣ୍ଠିରେ ଯୋଗଦାନ ଥିବା ବିଭାଗ ପୁରସ୍କୃତ ହେଉଛି। ତେବେ ଜରୁରୀ ପରିସ୍ଥିତି ସମୟରେ ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ଟଙ୍କା ପ୍ରଦାନ କରିବାରେ ପ୍ରଶାସନିକ ଅଧିକାରୀମାନେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସମ୍ପ୍ରତି ଚର୍ଚ୍ଚାର ବିଷୟ ପାଲଟିଛି। ଢେଙ୍କାନାଳ ସଦର ଥାନା ବୋରାପଦା ଗ୍ରାମ ନିକଟରେ ଅଗଷ୍ଟ ୧୭ରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଅପରାହ୍ନ ୨ଟାରୁ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ସୂଚନା ପାଇ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ପହଞ୍ଚି ସଦର ତହସିଲଦାରଙ୍କୁ ତୁରନ୍ତ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦୀର୍ଘସମୟ ବିଳମ୍ବରେ ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଡ୍‌କ୍ରସ୍ ପାଣ୍ଠିରେ ଟଙ୍କା ନ ଥିବାରୁ ଉଧାର କରି ଆଣିବାକୁ ପଡୁଛି ବୋଲି ସଫେଇ ଦେଇଥିଲେ। ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ସରକାରୀ କାର୍ଯ୍ୟାଳୟରେ ରେଡ୍‌କ୍ରସ୍ ବାବଦକୁ ଅର୍ଥ ନ ଦେଲେ କୌଣସି କାମ ହେଉନାହିଁ। ଅଥଚ ମୃତକଙ୍କୁ କ୍ଷତିପୂରଣ ପାଇଁ ଟଙ୍କା ଦେବାବେଳକୁ ସରକାରୀ ଅଧିକାରୀ କୁନ୍ଥୁକୁନ୍ଥୁ ହେଉଛନ୍ତି। ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ, ବ୍ୟସ୍ତବହୁଳ ସଡ଼କରେ ଦୁର୍ଘଟଣା ଏବେ ନିତିଦିନିଆ ଘଟଣା। ଅଧିକାଂଶ ସମୟରେ ମୃତକ କିମ୍ବା ଗୁରୁତରଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ରାସ୍ତାକୁ ଓହ୍ଲାଉଛନ୍ତି ଅଞ୍ଚଳବାସୀ। ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜୁଛି। ଘଣ୍ଟା ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ସାଧାରଣ ଲୋକେ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଜିଲା ପ୍ରଶାସନର ପଦସ୍ଥ ଅଧିକାରୀ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳକୁ ଯାଇ ରେଡ୍‌କ୍ରସ୍ ସହାୟତା ଅନୁଦାନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏହା କାର୍ଯ୍ୟକାରୀ କରିବାକୁ ପଛଘୁଞ୍ଚା ଦେଉଛନ୍ତି ଅଧିକାରୀ। ଫଳରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହେବା ପରିବର୍ତ୍ତେ ଅଧିକ ଉତ୍ତେଜନା ବଢୁଛି। ଏପରି ଆଇନଶୃଙ୍ଖଳା ପରିସ୍ଥିତି ପୋଲିସ ଏବଂ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ାଉଛି। ଜିଲାରେ ଅଧିକାଂଶ ସମୟରେ ଏପରି ଘଟଣା ଘଟୁଥିବାବେଳେ ଏହାର ସମାଧାନ ଜରୁରୀ ହୋଇପଡ଼ିଛି।

– ରତନ ନାୟକ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ SBI
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସା/ପୋ: ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତାମାନେ: **ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ ଏବଂ ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ**ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ, ୨) ଶ୍ରୀମତୀ ମଞ୍ଜରୀ ଅଗ୍ରୱାଲ, ଉଭୟଙ୍କ ଠିକଣା- ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସାମ୍ନା, ଗ୍ରାଣ୍ଡ ରୋଡ୍, ପୁରୀ, ଥାନା: କୁମ୍ଭାରପଡ଼ା, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ / ଆକାଉଣ୍ଟ ନଂ.: ୩୧୫୪୯୩୧୦୫୨୧ | ଶ୍ରୀ ସଞ୍ଜୟ କୁମାର ଅଗ୍ରୱାଲ, ପିତା: ୰ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାକି ଜିଲ୍ଲା: ପୁରୀ, ଡିଷ୍ଟ୍ରିକ୍ଟ ସବ୍-ରେଜିଷ୍ଟ୍ରାର ଅଫିସ୍: ପୁରୀ, ଥାନା: ପୁରୀ ଟାଉନ୍ ୟୁନିଟ୍ ନଂ. ୨୫, ତହସିଲ: ପୁରୀ ସଦର ନଂ. ୬୬୫, ମୌଜା: ଗାନ୍ଧୀଘାଟ, ଖାତା ନଂ.: ୬୧, ପ୍ଲଟ୍ ନଂ.: ୧୦, କିସମ: ଘରବାରି-ଏକ, କ୍ଷେତ୍ର: ଏକର୦.୩୦୦ଡିସିମିଲି ରୁ ଏକର୦.୮୭.୫ଡିସିମିଲି, ଅନୁରୂପ ସାବିକ ମୌଜା: ବାଲୁଖଣ୍ଡ-୧୦୮, ଖାସମହଲ, ସାବିକ ଜମାବନ୍ଦୀ ନଂ.: ୮୦, ସାବିକ ପ୍ଲଟ୍ ନଂ.: ୬୦୩, କ୍ଷେତ୍ର: ଏକର୦.୩୦୮ଡିସିମିଲି (ଅଂଶ), ଅବିଭକ୍ତ ଜମିର ଅଂଶ ବିକ୍ରୟ ଫ୍ଲାଟ୍ କ୍ଷେତ୍ର: ଏକର୦.୦୦୫.୮୩ଡିସିମିଲି, ଯାହାକି ସମୁଦାୟ କ୍ଷେତ୍ର: ଏକର୦.୦୮୭.୫ଡିସିମିଲିରୁ ୨୫୪ ବର୍ଗଫୁଟ, ୬୦୮ ବର୍ଗଫୁଟର ଫ୍ରେମ୍ ଯୁକ୍ତ ଷ୍ଟ୍ରକ୍‌ଚର ସହିତ ସାଧାରଣ ଫ୍ଲୋରିଂ, ୪ର୍ଥ ମହଲା, ଫ୍ଲାଟ୍ ନଂ.: ୪୦୧ରେ ଅବସ୍ଥିତ। | ୨୫.୦୩.୨୦୧୯ | ୩୧.୦୩.୨୦୧୮ | ୧୫.୦୩.୨୦୧୯ ସୁଦ୍ଧା ଟ.୧୮,୪୦,୫୮୪/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୨୮.୦୮.୨୦୧୯, ସ୍ଥାନ : ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସେପ୍ଟେମ୍ବର ୧ରେ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୮।୮(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଆସନ୍ତା ସେପ୍ଟେମ୍ବର ୧ରେ ସ୍ଥାନୀୟ ଇଉ୍‌କଲ୍ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀର ୮୧ ସଦସ୍ୟ, ସମସ୍ତ ବିଧାୟକ, ଏମ୍‌ପି, ଜିଲା ସଭାପତି, ଜିଲା ପର୍ଯ୍ୟବେକ୍ଷକ ଏବଂ ରାଜ୍ୟସ୍ତରୀୟ ଛାମୁଆ ସଙ୍ଗଠନର ସଭାପତି ଏଥିରେ ଯୋଗଦେବେ। ବରିଷ୍ଠ ବିଜେଡି ନେତା ଦେବୀପ୍ରସାଦ ମିଶ୍ର ବୁଧବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପରିବର୍ଦ୍ଧିତ କାର୍ଯ୍ୟକାରିଣୀର ଗୋଟିଏ ଦିନ ପରେ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ। ୱାର୍ଡସ୍ତରରୁ ଏହି ସଭ୍ୟ ସଂଗ୍ରହ କରାଯିବ। ଗତଥର ପ୍ରାୟ ୪୬ ଲକ୍ଷ ସଭ୍ୟ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ଏଥିରେ ପାଖାପାଖି ୫୦ ପ୍ରତିଶତ ବୃଦ୍ଧି ଘଟିପାରେ ବୋଲି ଦେବୀ ଆଶାବ୍ୟକ୍ତ କରିଛନ୍ତି। ସଭ୍ୟ ସଂଗ୍ରହ ବ୍ୟତୀତ ରାଜ୍ୟ ଛାମୁଆ ସଙ୍ଗଠନଗୁଡ଼ିକର ପୁନର୍ଗଠନ ସଂକ୍ରାନ୍ତ ପ୍ରସ୍ତାବ ଆସିପାରେ। କାର୍ଯ୍ୟକାରିଣୀ ପରେ ଯୁବ, ଛାତ୍ର ଏବଂ ମହିଳା ସଙ୍ଗଠନର ପ୍ରମୁଖମାନଙ୍କୁ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ନିର୍ବାଚନ ପ୍ରକ୍ରିୟାରେ କେତେଜଣ ନେତା ଦଳ ଛାଡ଼ି ଯାଇଥିବା ବେଳେ ଅନ୍ୟ କେତେଜଣ ନୂଆକରି ଯୋଗ ଦେଇଛନ୍ତି। ତେଣୁ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ପରେ ଜିଲାୱାରି କାର୍ଯ୍ୟକାରିଣୀ କରାଯିବାର ସମ୍ଭାବନା ରହିଛି। ବିଜେପୁର ବିଧାନସଭା ଉପନିର୍ବାଚନ, ପୌର ନିର୍ବାଚନ ରଣନୀତି ସମ୍ପର୍କରେ କାର୍ଯ୍ୟକାରିଣୀରେ ଆଲୋଚନା ହେବାର ରହିଛି। ସଦସ୍ୟ ସଂଗ୍ରହ ଏବଂ କାର୍ଯ୍ୟକାରିଣୀର ସୁପରିଚାଳନା ପାଇଁ ଦଳ ପକ୍ଷରୁ ଏକାଧିକ ପ୍ରସ୍ତୁତି ବୈଠକ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି।




ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକନ୍ଦା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍ ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ODISHA JOINT ENTRANCE EXAMINATION-2019
(OJEE - 2019)

No: 454/OJEE19 Date: 27.08.2019

NOTICE FOR 3RD ROUND SPOT COUNSELLING FOR MBBS / BDS COURSES

It is for the information of all concerned that there will be a 3rd round of Spot Counselling on 30.08.2019 at JEE Cell, Gandamunda, Bhubaneswar for admission in MBBS / BDS courses against few vacant seats in some medical colleges of the state. All registered & merit listed MBBS/BDS candidates under OJEE are eligible to participate in this round irrespective of the status of their admission in the previous rounds. The detailed rank-wise schedule of reporting and vacant seat matrix will be soon notified in the OJEE website.

Sd/-
CHAIRMAN, OJEE 2019

ଆଲ୍ଲାହାବାଦ ବ୍ୟାଙ୍କ
ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୯୮୦୪୪
ଦଖଲ ନୋଟିସ୍
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ପ୍ରଯୁଜ୍ୟ ଦେୟ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

**"ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା. ଲିଃ., ଠିକଣା-୧: ରୁମ୍ ନଂ.: ୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲକାତା-୭୦୦୦୦୧, ଠିକଣା-୨: ବ୍ଲକ୍ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲକାତା-୭୦୦୦୬୪, ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁନିଲ କୁମାର ଶାହା, ୨) ଶ୍ରୀମତୀ ରାକ୍ଷୀ ଶାହା, ଉଭୟଙ୍କ ଠିକଣା- ସା: ୩୫୭, ଗ୍ରିନ୍ ହୋମ୍ସ, ପୋ.: ଓନ୍ନାପାଲାୟମ, ଥାନା: ଥଣ୍ଡାମୁଥୁର, କୋଏମ୍ବାଟୋର, ତାମିଲନାଡୁ | ୨୪.୦୬.୨୦୧୯ ସୁଦ୍ଧା ଟ.୩,୦୫,୩୩,୭୨୬/- + ସେବାବଦ ସୁଧ ଏବଂ ପ୍ରଯୁଜ୍ୟ ଦେୟ | ୨୫.୦୬.୨୦୧୯ / ୨୬.୦୮.୨୦୧୯ | ୧) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୭୯, ପ୍ଲଟ୍ ନଂ.: ୯୮, କ୍ଷେତ୍ର: ଏକର୦.୩୭ଡିସିମିଲି, ୨) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୪୦, ପ୍ଲଟ୍ ନଂ.: ୨୧, କ୍ଷେତ୍ର: ଏକର୦.୦୪ଡିସିମିଲି, ପ୍ଲଟ୍ ନଂ.: ୬୨, କ୍ଷେତ୍ର: ଏକର୦.୧୦ଡିସିମିଲି, ପ୍ଲଟ୍ ନଂ.: ୬୩, କ୍ଷେତ୍ର: ଏକର୦.୧୬ଡିସିମିଲି, ପ୍ଲଟ୍ ନଂ.: ୬୪, କ୍ଷେତ୍ର: ଏକର୦.୨୦ଡିସିମିଲି, ପ୍ଲଟ୍ ନଂ.: ୬୫, କ୍ଷେତ୍ର: ଏକର୦.୦୩ଡିସିମିଲି, ପ୍ଲଟ୍ ନଂ.: ୭୧/୪୩୦, କ୍ଷେତ୍ର: ଏକର୦.୦୨ଡିସିମିଲି, ପ୍ଲଟ୍ ନଂ.: ୬୫/୪୩୧, କ୍ଷେତ୍ର: ଏକର୦.୦୩ଡିସିମିଲି, ପ୍ଲଟ୍ ନଂ.: ୬୨/୪୩୨, କ୍ଷେତ୍ର: ଏକର୦.୧୦ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୮, କ୍ଷେତ୍ର: ଏକର୦.୦୪ଡିସିମିଲି, ପ୍ଲଟ୍ ନଂ.: ୨୧/୪୨୯, କ୍ଷେତ୍ର: ଏକର୦.୦୨ଡିସିମିଲି, ପ୍ଲଟ୍ ନଂ.: ୬୬, କ୍ଷେତ୍ର: ଏକର୦.୦୮ଡିସିମିଲି, ପ୍ଲଟ୍ ନଂ.: ୬୭, କ୍ଷେତ୍ର: ଏକର୦.୦୬ଡିସିମିଲି, ୩) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୪୧, ପ୍ଲଟ୍ ନଂ.: ୫୯, କ୍ଷେତ୍ର: ଏକର୦.୦୬ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୮୮, କ୍ଷେତ୍ର: ଏକର୦.୬୪ଡିସିମିଲି, ପ୍ଲଟ୍ ନଂ.: ୯୨, କ୍ଷେତ୍ର: ଏକର୦.୧୫ଡିସିମିଲି, ପ୍ଲଟ୍ ନଂ.: ୯୩, କ୍ଷେତ୍ର: ଏକର୦.୨୫ଡିସିମିଲି, ପ୍ଲଟ୍ ନଂ.: ୯୬, କ୍ଷେତ୍ର: ଏକର୦.୨୪ଡିସିମିଲି, ୪) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୮୨, ପ୍ଲଟ୍ ନଂ.: ୮୫/୪୫୮, କ୍ଷେତ୍ର: ଏକର୦.୨୯ଡିସିମିଲି, ୫) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୫, ପ୍ଲଟ୍ ନଂ.: ୭୩/୪୫୫, କ୍ଷେତ୍ର: ଏକର୦.୨୦ଡିସିମିଲି, ପ୍ଲଟ୍ ନଂ.: ୧୨୦/୪୫୬, କ୍ଷେତ୍ର: ଏକର୦.୧୦ଡିସିମିଲି, ପ୍ଲଟ୍ ନଂ.: ୧୨୨/୪୫୭, କ୍ଷେତ୍ର: ଏକର୦.୩୪ଡିସିମିଲି, ୬) ଘରବାରୀ ଜମି ଯାହାର ଜିଲ୍ଲା: ଯାଜପୁର, ସବ୍-ରେଜିଷ୍ଟର/ତହସିଲ: ଧର୍ମଶାଳା, ସବ୍-ଡିଭିଜନ: ଯାଜପୁର, ଥାନା: ଜେନାପୁର, ଗ୍ରାମ: ରଣସିଂହବାଟି, ଥାନା ନଂ.: ୨୪୮, ଖାତା ନଂ.: ୪, ପ୍ଲଟ୍ ନଂ.: ୮୭, କ୍ଷେତ୍ର: ଏକର୦.୫୦ଡିସିମିଲି |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୮.୦୮.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

ODISHA SUB-ORDINATE STAFF SELECTION COMMISSION
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.3 ଏବଂ 5, ୟୁନିଟ-1, ଭୁବନେଶ୍ୱର-751009, ଦୂରଭାଷ- 0674-2597149, 2597152 (ଅଫିସ୍)
ଫାକ୍ସ- 0674-2597155, ୱେବ୍‌ସାଇଟ୍ : www.osssc.gov.in

ସଂଶୋଧନ ବିଜ୍ଞାପନ
ସଂଖ୍ୟା.IIE-69/2018-319 (C)/OSSSC ତାରିଖ-24.08.2019

ଅବକାରୀ କନଷ୍ଟେବଲ ପଦବୀରେ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ ନିମନ୍ତେ ଲିଖିତ ପରୀକ୍ଷା

No.53-T :- ଅବକାରୀ କନଷ୍ଟେବଲ ପଦବୀରେ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ ନିମନ୍ତେ ପୂର୍ବ ବିଜ୍ଞାପନ ସଂଖ୍ୟା.IIE-69/2017-268 (C)/OSSSC ତା 07.08.2019 ସଂଶୋଧନ ପୂର୍ବକ ଆସନ୍ତା ତା 08.09.2019 ରବିବାର ଦିନ ପୂର୍ବାହ୍ନ 10.00ଘଟିକାରେ ହେବାକୁଥିବା ଲିଖିତ ପରୀକ୍ଷା ତାରିଖ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଅନୁରୋଧକୁ ବିଚାରକୁ ନେଇ ଆଂଶିକ ପରିବର୍ତ୍ତନ କରାଯାଇଛି। ଏହି ପରୀକ୍ଷା ଆସନ୍ତା ତା 15.09.2019 ରବିବାର ଦିନ ପୂର୍ବାହ୍ନ 10.00 ଘଟିକାରେ ବିଭିନ୍ନ ଅନୁମୋଦିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।
ତେଣୁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆୟୋଗଙ୍କ ୱେବ୍‌ସାଇଟ୍ www.osssc.gov.in କୁ ଯାଇ ନିଜର ପଞ୍ଜୀକୃତ ID ଏବଂ Password ବ୍ୟବହାରକରି ପ୍ରବେଶପତ୍ର ଆସନ୍ତା 01.09.2019 ତାରିଖଠାରୁ ଡାଉନ୍‌ଲୋଡ୍ କରି ଅନୁମୋଦିତ କେନ୍ଦ୍ରରେ ପରୀକ୍ଷା ଦେଇପାରିବେ। ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ଆୟୋଗଙ୍କ ଆଦେଶମତେ
09007/11/0002/1920 ସ୍ୱା./- ସଚିବ

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି– କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। –ଶ୍ରୀମା

# ପ୍ରାଣୀଙ୍କ ଲିଙ୍ଗ ପରିବର୍ତ୍ତନ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆଣ୍ଡିଆ ହେଉଛନ୍ତି ପ୍ରବାଳପ୍ରାଚୀରକୁ ଆଶ୍ରୟ କରି ବଞ୍ଚୁଥିବା ଓ ବଢୁଥିବା ଆଳଙ୍କାରିକ ମାଛ ବିଶେଷ। କମଳା, ପାଟଳ, ନୀଳଲୋହିତ, ହଳଦିଆ ପ୍ରଭୃତି ବିଭିନ୍ନ ରଙ୍ଗରେ ଏମାନେ ଦଳ ଦଳ ହୋଇ ବାସ କରନ୍ତି। ପ୍ରତି ଦଳରେ ଅଧିକ ମାଈ ଓ କମ୍ ଅଣ୍ଡିରା ଥାନ୍ତି। ଏହି ମାଛମାନଙ୍କର ଏକ ସ୍ୱତନ୍ତ୍ର ପ୍ରକାର ଅଭିଯୋଜନ ଶକ୍ତି ରହିଛି। ସେମାନେ ହେଉଛନ୍ତି ଅନୁକ୍ରମିକ ଲିଙ୍ଗପରିବର୍ତ୍ତନକାରୀ (ହର୍ମୋଫ୍ରୋଡାଇଟ୍)। ଏମାନେ ଗୋଟିଏ ଲିଙ୍ଗ ନେଇ ଜନ୍ମ ହୋଇଥାନ୍ତି ଏବଂ ପରେ ଅନ୍ୟ ଲିଙ୍ଗକୁ ବଦଳିଯାଇପାରନ୍ତି। ଆଣ୍ଡିଆମାନେ ସମସ୍ତେ ମାଈ ରୂପେ ଜନ୍ମ ହୋଇଥାନ୍ତି। ଯେତେବେଳେ ଗୋଟିଏ ପୁରୁଷର ମୃତ୍ୟୁ ଘଟେ, ସେତେବେଳେ ମାଈମାନଙ୍କ ଭିତରୁ ଯିଏ ଆକାରରେ ସବୁଠୁ ବଡ଼ ସେ ଅଣ୍ଡିରାକୁ ବଦଳିଯାଏ। ଏହି ପରିବର୍ତ୍ତନ ପାଇଁ ପ୍ରାୟ ଦୁଇସପ୍ତାହ ସମୟ ଲାଗେ। ଏହି ପରିବର୍ତ୍ତନ ଭିତରେ ରହିଛି ନୂତନ ପ୍ରଜନନ ବ୍ୟବସ୍ଥା ବା ଜନନାଙ୍ଗ, ଆକାର, ଆକୃତି ଓ ରଙ୍ଗରେ ପରିବର୍ତ୍ତନ। ତେବେ ଯଦି ଆଣ୍ଡିଆଙ୍କର ଗୋଟିଏ ବଡ଼ ଦଳ ଗଠିତ ହୁଏ, ଯେଉଁଥିରେ ଅଣ୍ଡିରାଙ୍କ ସଂଖ୍ୟା ବହୁତ ଅଧିକ ହୋଇଥାଏ, ତା'ହେଲେ ପୁରୁଷ ଆଣ୍ଡିଆମାନେ ପୁଣି ଲିଙ୍ଗ ବଦଳାଇ ମାଈ ହୋଇଯାନ୍ତି।

ଅନ୍ତଃପୁରରୁ ପ୍ରମୁଖ ଅଣ୍ଡିରା ହଟିବା ପରେ ପରବର୍ତ୍ତୀ ପ୍ରଭାବଶାଳୀ ମାଈ ନିଜର ଲିଙ୍ଗ ବଦଳାଇ ଅଣ୍ଡିରା ହୋଇଯାନ୍ତି। କିନ୍ତୁ ଏକ ଘରୋଇ ଆକ୍ୱାରିୟମ୍‌ରେ ଏହି ଲିଙ୍ଗ ପରିବର୍ତ୍ତନ ଅନେକ ସମୟରେ ପୂର୍ଣ୍ଣ ହୁଏ ନାହିଁ। ସମୁଦ୍ରରେ ପ୍ରମୁଖ ପୁରୁଷ ଆଣ୍ଡିଆର ଏକ ଅନ୍ତଃପୁର ଥାଏ ଯେଉଁଥିରେ ଅନେକ ମାଈ ତା' ନିୟନ୍ତ୍ରଣରେ ଥାନ୍ତି। ଆକ୍ୱାରିୟମ୍‌ରେ ଏହିସବୁ ପ୍ରକ୍ରିୟା ସହଜ ହୋଇ ନ ଥାଏ। ଅନେକ ସମୟରେ ମାଈଟିଏ ପୁରୁଷ ହେଉ ହେଉ ଅଧାବାଟରେ ଲଟକି ରହିଯାଏ– ନା ହୁଏ ଏ କୁଳର ନା ସେ କୁଳର।

ଆପଣ କେବେ ଭିନ୍ନ ଲିଙ୍ଗର ସଦସ୍ୟ ହେବା ପାଇଁ ଇଚ୍ଛା କରି ନାହାନ୍ତି? ବର୍ତ୍ତମାନ ଆମ ସାମାଜିକ ଚିନ୍ତାଧାରା ଅଧିକ ସ୍ଥିତିସ୍ଥାପକ ବା ନମନୀୟ ହେଉଥିବା ବେଳେ ଅନେକ ଲୋକ ଭିନ୍ନ ଲିଙ୍ଗର ସଦସ୍ୟ ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ମଣିଷର ଲିଙ୍ଗ ପରିବର୍ତ୍ତନ କରିବାକୁ ବର୍ତ୍ତମାନ ହଜାର ହଜାର ପ୍ଲାଷ୍ଟିକ୍ ସର୍ଜନ ବ୍ୟବସାୟ ଭାବେ ଗ୍ରହଣ କରିନେଇଛନ୍ତି। ଏଥିପାଇଁ ଅନେକ ଡଜନ ଯନ୍ତ୍ରଣାଦାୟକ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼େ। କିନ୍ତୁ ପ୍ରାଣୀ ଓ ଉଦ୍ଭିଦ କ୍ଷେତ୍ରରେ ଏହା ଅତି ସହଜ। ତାଙ୍କ ସମାଜର ପ୍ରଭାବ କାରଣରୁ ବା ପ୍ରାଣୀଟି ନିର୍ଦ୍ଦିଷ୍ଟ ବୟସ ବା ଆକାରବିଶିଷ୍ଟ ହେବା ପରେ ଏହି ପରିବର୍ତ୍ତନ ଘଟେ। ଏହି ପରିବର୍ତ୍ତନ ବିଭିନ୍ନ ପ୍ରକାର ଯଥା ମାଈରୁ ଅଣ୍ଡିରା ହେବା (protogyny), ଅଣ୍ଡିରାରୁ ମାଈ ହେବା (protandry) କିମ୍ବା ମାଈ ବା ଅଣ୍ଡିରାରୁ ଉଭୟଲିଙ୍ଗୀ (hermaphrodite) ହେବା।

ଅନେକ ମାଛ, ଶାମୁକା ଓ ସନ୍ଧିପଦ ଅଣ୍ଡିରାରୁ ମାଈ ହୋଇଥାନ୍ତି। କ୍ଲାଉନ୍‌ଫିଶ୍ ଏପରି ସମାଜରେ ବାସ କରନ୍ତି ଯେଉଁଠି ପ୍ରଜନନ ଯୋଡ଼ି ସି ଆନିମୋନ (ସାଗର କୁସୁମ)ରେ ବାସ କରନ୍ତି। ମାଈ ହେଉଛି ସବୁଠାରୁ ବଡ଼ ଏବଂ ଅଣ୍ଡିରା ତା'ଠାରୁ ଟିକିଏ ଛୋଟ। ଅନ୍ୟମାନେ ଆକାରରେ ଆହୁରି ଛୋଟ ଯେଉଁମାନଙ୍କର କୌଣସି ଜନନାଙ୍ଗ ନ ଥାଏ। ଯଦି ଦଳର ମାଈଟି ମରିଯାଏ, ତେବେ ଅଣ୍ଡିରାଟି ନିଜର ଆକାର ବୃଦ୍ଧି କରି ମାଈ ହୋଇଯାଏ। ତା'ପରେ ସବୁଠାରୁ ବୃହଦାକାର ଅଲିଙ୍ଗୀ କ୍ଲାଉନ୍‌ଫିଶ୍ ସେହି ଦଳ ପାଇଁ ଅଣ୍ଡିରାରେ ପରିଣତ ହୁଏ। ପ୍ରୋଟାଣ୍ଡ୍ରସ୍ ହର୍ମାଫ୍ରୋଡାଇଟ୍‌ମାନେ ଅଣ୍ଡିରାରୁ ଜୀବନ ଆରମ୍ଭ କରନ୍ତି ଏବଂ ସାମାଜିକ ଚାପରେ ସେମାନେ ଲିଙ୍ଗ ପରିବର୍ତ୍ତନ କରି ମାଈ ହୋଇପାରନ୍ତି।

ଅନ୍ୟ ପ୍ରୋଟାଣ୍ଡ୍ରସ୍ ପ୍ରାଣୀମାନଙ୍କ ଭିତରେ ଅଛନ୍ତି କମ୍ବ ଜେଲି, ଚଟକା କୃମି, ମର୍ମନ ଫ୍ରିଟିଲାରୀ ବଟରଫ୍ଲାଇ ପ୍ରଭୃତି। ଲେଭାପେକ୍ସ ଫସ୍କସ୍ ହେଉଛି ଏକ ଛୋଟ ମଧୁରଜଳ ବାୟୁସେବୀ ଲିମ୍ପେଟ୍ (ଏକ ପ୍ରକାର ଶାମୁକାଜାତୀୟ ପ୍ରାଣୀ ଯିଏ ପଥର ଦେହରେ ଲାଖି ରହିଥାଏ)। ପ୍ରଥମେ ଅଣ୍ଡିରାମାନେ ଶୁକ୍ରାଣୁ ଉତ୍ପନ୍ନ କରନ୍ତି। ତା'ପରେ କେତେକ ମାଈରେ ପରିଣତ ହୋଇ ଅଣ୍ଡିରାଙ୍କ ସହ ସଙ୍ଗମ କରନ୍ତି। ତା'ପରେ ଡିମ୍ବଗୁଡ଼ିକ ପରିପକ୍ୱ ହୁଅନ୍ତି। ସେଥିରୁ ସେମାନଙ୍କ ଛୁଆ ଜନ୍ମ ହୁଅନ୍ତି। ମେରାଇନ୍ ସି ଷ୍ଟାର ପ୍ରଜାତିର ମାଛମାନେ ପ୍ରଥମ ତିନିବର୍ଷ ଅଣ୍ଡିରା ଓ ତା'ପର ତିନିବର୍ଷ ମାଈ ହୁଅନ୍ତି। ଶରୀରର ଆକାର ପରିବର୍ତ୍ତନ ଯୋଗୁ ଏହି ଲିଙ୍ଗପରିବର୍ତ୍ତନ ଘଟେ। ଡିମ୍ବଗୁଡ଼ିକ ଶୁକ୍ରାଣୁଠାରୁ ଆକାରରେ ବଡ଼। ତେଣୁ ବଡ଼ ଆକାରର ମାଛମାନେ ଅଧିକ ଡିମ୍ବ ସୃଷ୍ଟି କରିପାରନ୍ତି। ତେଣୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଆକାରରେ ବୃଦ୍ଧି ଘଟୁଥିବାରୁ ସେମାନେ ଅଣ୍ଡିରାରୁ ମାଈ ହୋଇଥାନ୍ତି। ପ୍ରୋଟୋଜିନସ୍ ପ୍ରାଣୀମାନେ ମାଈ ହୋଇ ଜନ୍ମିଥାନ୍ତି। ଜୀବନର ଏକ ନିର୍ଦ୍ଦିଷ୍ଟ ବୟସ ଓ ଅବସ୍ଥାରେ ସେମାନେ ଅଣ୍ଡିରା ହୋଇଯାନ୍ତି। ସମସ୍ତ ପ୍ରୋଟୋଜିନସ୍ ପ୍ରଜାତିର ଉଭୟ ଲିଙ୍ଗର ଜନନାଙ୍ଗ ପାଇଁ ଜର୍ମ ସେଲ୍ ଥାଏ। ଯେତେବେଳେ ସାମାଜିକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି, ସେମାନେ ଅଣ୍ଡିରା ଅଙ୍ଗପ୍ରତ୍ୟଙ୍ଗର ବିକାଶ କରିଥାନ୍ତି। ବୟସ ଓ ଶରୀର ବଢ଼ିଲେ ସେମାନେ ଅଣ୍ଡିରାକୁ ପରିବର୍ତ୍ତିତ ହୁଅନ୍ତି।

ପ୍ୟାରଟ୍‌ଫିଶ୍ ମାଈ ରୂପରେ ଜନ୍ମ ହୋଇଥାଏ, କିନ୍ତୁ ଏହା ପରେ ଜୀବନର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଲିଙ୍ଗ ପରିବର୍ତ୍ତନ କରିଥାଏ। ପରିବର୍ତ୍ତନ ପରେ କେତେକ ସୁପର–ମେଲ୍‌ରେ ପରିଣତ ହୁଅନ୍ତି, ଯେଉଁମାନେ ଅନ୍ୟ ଅଣ୍ଡିରାଙ୍କଠାରୁ ଆକାରରେ ବଡ଼। ରାସ୍ (ସାମୁଦ୍ରିକ ରଙ୍ଗିନ ମାଛ ବିଶେଷ) ହେଉଛି ପ୍ରବାଳପ୍ରାଚୀର ମାଛ ପରିବାରର। କାଲିଫର୍ନିଆ ଶିପ୍‌ହେଡ୍ ରାସ୍ ବୟସ ଅନୁସାରେ ଲିଙ୍ଗ ପରିବର୍ତ୍ତନ କରିଥାଏ। ସବୁ ଶିପ୍‌ହେଡ୍ ମାଈରୂପେ ଜନ୍ମ ହୋଇଥାନ୍ତି। ଚାରିରୁ ଛଅବର୍ଷ ପର୍ଯ୍ୟନ୍ତ ସେମାନେ ମାଈ ହୋଇ ରହିବା ପରେ ଲିଙ୍ଗ ପରିବର୍ତ୍ତନ କରନ୍ତି। ଅନ୍ୟ ଯେଉଁମାଛମାନଙ୍କ କ୍ଷେତ୍ରରେ ଏପରି ଘଟେ ସେମାନେ ହେଉଛନ୍ତି– ଗ୍ରୁପର, ପୋର୍ଜି, ଆଙ୍ଗଲ୍‌ଫିଶ୍, ଗୋବି, ଏମ୍ପରର୍ ଓ ସ୍ୱାମ୍ପ ଇଲ୍। ରାସ୍‌ମାନେ ଅଣ୍ଡିରା ଓ ମାଈରୂପେ ଜନ୍ମ ହୋଇ ପରେ ଲିଙ୍ଗ ପରିବର୍ତ୍ତନ କରନ୍ତି। କିନ୍ତୁ ଆଙ୍ଗଲ୍‌ଫିଶ୍ ମାଛ ମାଈରୁ ଅଣ୍ଡିରା ହୋଇଥାନ୍ତି। ଅର୍ଥାତ୍ ଜନ୍ମରୁ କେହି ଅଣ୍ଡିରା ନ ଥାନ୍ତି।

ବେଳେବେଳେ ରାଣା ଟେମ୍ପୋରାରିଆ ବେଙ୍ଗଙ୍କ କ୍ଷେତ୍ରରେ ବୁଢ଼ୀ ମାଈମାନେ ଅଣ୍ଡିରାକୁ ରୂପାନ୍ତରିତ ହୁଅନ୍ତି। ଅଧିକ ବୟସରେ ଲିଙ୍ଗ ପରିବର୍ତ୍ତନର ଗୋଟିଏ କାରଣ ବୋଧହୁଏ ହେଉଛି, ଏପରି ନ ହେଲେ ଅନ୍ତଃପ୍ରଜନନର ଆଶଙ୍କା ରହିବ ଯାହା ପ୍ରକୃତିବିରୋଧୀ। କେତେକ ଦଳ ଏକା ସମୟରେ ଲିଙ୍ଗ ପରିବର୍ତ୍ତନ କରନ୍ତି। ଯଦି ଗୋଟିଏ ମାଆର ସନ୍ତାନମାନେ ଏକା ବୟସର ହୋଇଥାନ୍ତି ଏବଂ ସେମାନେ ସମସ୍ତେ ଗୋଟିଏ ଲିଙ୍ଗରୁ ଜୀବନ ଆରମ୍ଭ କରିଥାନ୍ତି ଏବଂ ପରେ ଏକା ବୟସରେ ସମସ୍ତେ ଲିଙ୍ଗ ପରିବର୍ତ୍ତନ କରନ୍ତି, ତେବେ ଯେକୌଣସି ସମୟ ଖଣ୍ଡରେ ସେମାନେ ଗୋଟିଏ ଲିଙ୍ଗର ହିଁ ହୋଇଥିବେ। ଫଳରେ ଅନ୍ତଃପ୍ରଜନନର ଭୟ ରହିବ ନାହିଁ। ତାଙ୍କୁ ପ୍ରଜନନ ପାଇଁ ଅନ୍ୟ ଦଳରୁ ସାଥୀ ଖୋଜିବାକୁ ପଡ଼ିବ। ପୁଣି ଭିନ୍ନ ଲିଙ୍ଗର ଯଦି କେହି ନ ମିଳନ୍ତି ତେବେ ଲିଙ୍ଗ ପରିବର୍ତ୍ତନ ଦ୍ୱାରା କେତେକ ପ୍ରାଣୀ ବଂଶବୃଦ୍ଧି କରିବାର ସୁଯୋଗ ପାଆନ୍ତି।

ବିୟରହେଡ୍ ଡ୍ରାଗନ୍ ହେଉଛି ଏକ ସରୀସୃପ ଯେଉଁମାନେ ଡିମ୍ବ ଅବସ୍ଥାରେ ଥିବା ବେଳେ ହିଁ ଲିଙ୍ଗ ପରିବର୍ତ୍ତନ କରିପାରନ୍ତି। ଅଣ୍ଡିରା କଟ୍‌ଲଫିଶ୍ ସାଥୀକୁ ନିଜର କରିବା ପାଇଁ ଲିଙ୍ଗ ପରିବର୍ତ୍ତନ କରିଦିଅନ୍ତି। ଅନ୍ୟ ଅଣ୍ଡିରାଙ୍କ ସହ ମୁହାଁମୁହିଁ ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ସେମାନେ ନିଜର ଶରୀରର ଗୋଟିଏ ପଟକୁ ଏପରି ବଦଳାଇ ଦିଅନ୍ତି ଯାହା ମାଈ ପରି ଦେଖାଯାଏ। ପାଖରେ ଥିବା ତା'ର ସାଥୀ ଜାଣେ ଯେ ସେ ଅଣ୍ଡିରା ଏବଂ ଅଳ୍ପ ଦୂରରେ ଥିବା ଅନ୍ୟ ଅଣ୍ଡିରା ଜାଣେ ଯେ ସେ ମାଈ। ପ୍ରତିଦ୍ୱନ୍ଦ୍ୱୀ ଅଣ୍ଡିରାଟି ଦେଖେ ଯେ ତା' ଆଗରେ ଦୁଇଟି ମାଈ କଟଲ୍‌ଫିଶ୍ ଅଛନ୍ତି ଏବଂ ତା' ସମ୍ମୁଖରେ କ'ଣ ଘଟୁଛି ସେ ଜାଣିପାରେ ନାହିଁ।

Email: gandhim@nic.in

## ଏଇ ଭାରତରେ

ଜନ୍ମରୁ ଯେଉଁ କନ୍ୟା ସନ୍ତାନକୁ ମୃତ ଘୋଷଣା କରାଯାଇଥିଲା ସେ କେବିସିରେ ଭାଗନେଇ ୧୨.୫ ଲକ୍ଷ ଟଙ୍କା ଜିତିଛନ୍ତି। ଏହା ଅସମ୍ଭବ ଲାଗୁଥିଲେ ବି ସତ। ଉତ୍ତରପ୍ରଦେଶ କାନପୁରର ଏକ ଚିକିତ୍ସାଳୟରେ ଜନ୍ମ ହେବାପରେ ଶିଶୁ କନ୍ୟାଟିକୁ ମୃତ ଘୋଷଣା କରି ଡାକ୍ତରମାନେ ଅଳିଆଗଦାରେ ଫିଙ୍ଗି ଦେଇଥିଲେ। ଜନୈକ ସମ୍ପର୍କୀୟ ସେ ବଞ୍ଚିଥିବାର କିଛି ଲକ୍ଷଣ ଜାଣିପାରି ତାକୁ ଅଳିଆଗଦାରୁ ଉଠାଇ ଆଣିଥିଲେ। ଉନାଓ ଜିଲା ବିଘାପୁର ବାସିନ୍ଦା ରାମକୁମାର ଓ କଳ୍ପନା ସିଂହଙ୍କ କନ୍ୟା ନୂପୁରଙ୍କ ଜୀବନରେ ଘଟିଥିଲା ଏଭଳି ଘଟଣା। ଜନ୍ମର କିଛି କ୍ଷଣ ମଧ୍ୟରେ ଡାକ୍ତରମାନଙ୍କ ଏଭଳି ଭୁଲ୍ ନିଷ୍ପତ୍ତି ଯୋଗୁ ନୂପୁର ଭିନ୍ନକ୍ଷମ ପାଲଟିଯାଇଛନ୍ତି। ତଥାପି ପିଲାଟିଦିନରୁ ସବୁ ପ୍ରତିକୂଳ ପରିବେଶକୁ ସାମନା କରି ସେ ଆଗକୁ ବଢି ଦୀର୍ଘ ୨୯ ବର୍ଷ ପରେ କୌନ୍ ବନେଗା କରୋଡ଼ପତି (କେବିସି)ରେ ଭାଗନେଇ ୧୨.୫ ଲକ୍ଷ ଟଙ୍କା ଜିତିଛନ୍ତି। ଏହି ଶୋ'ରେ ସେ ୧୨ଟି ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ ହୋଇପାରିଥିଲେ। ନୂପୁର ଆଇଏ ମେରିଟ୍ ଲିଷ୍ଟରେ ରହିଥିଲେ ଓ ବିଏଡ୍ ପ୍ରବେଶିକା ପରୀକ୍ଷାର ପ୍ରଥମ ପ୍ରୟାସରେ କୃତକାର୍ଯ୍ୟ ହୋଇଛନ୍ତି। ଏବେ ସେ ଏକ ପ୍ଲେ ଗ୍ରୁପ୍‌ରେ ଛୋଟପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି ଓ ଏହାସହ ୧୦ମ ଶ୍ରେଣୀ ପିଲାଙ୍କୁ ମଧ୍ୟ ବିନା ଦେୟରେ ପଢ଼ାଉଛନ୍ତି। କିନ୍ତୁ ବଡ଼ କଥା ହେଉଛି, ନୂପୁର ପିଲାବେଳୁ ଭିନ୍ନକ୍ଷମ ହେବାରେ ଯେଉଁ ଡାକ୍ତରମାନେ ଦାୟୀ ସେମାନଙ୍କ ଉପରେ କିଛି ବି ଅଭିଯୋଗ କରି ନ ଥିଲେ ନୂପୁରଙ୍କ ମା'। ଏହା ତାଙ୍କ ଭାଗ୍ୟରେ ଅଛି, କାହାକୁ ଦୋଷ ଦେବା ଠିକ୍ ହେବନି ବୋଲି ସେ କହିଛନ୍ତି। ନୂପୁର ତାଙ୍କ ଗାଁରେ ଜଣେ ଷ୍ଟାର୍ ପାଲଟିଯାଇଛନ୍ତି। ଏବେ ତାଙ୍କ ଜୀବନରେ ଅନେକ କିଛି ପରିବର୍ତ୍ତନ ଆସିଛି। ଆଖପାଖର ଲୋକମାନେ ତାଙ୍କୁ ସାକ୍ଷାତ କରିବାକୁ ଆସୁଛନ୍ତି।

## ଚିରନ୍ତନୀ

ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା' ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା !
ନ ଦେଖଇ ସୁଖ ପୀଡ଼ା,

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | E | D | | 1 | | | | | | |
| | | | | | | | 9 | | | | | 5 | | |
| 1 | | 8 | | 6 | | 4 | | | 0 | | | 3 | | |
| 0 | 6 | | | 9 | | | | 2 | | E | | | | 7 |
| D | 4 | A | 5 | | | 6 | E | | | 2 | | | | 1 |
| | | 3 | | | 8 | | 2 | | 6 | | | | | |
| 8 | | | | 1 | 5 | | B | | | | 3 | | 2 | C |
| | 7 | | 6 | | | | | | | D | B | | | |
| | C | 9 | 7 | | 3 | | 0 | | | | 8 | | 5 | |
| | | 5 | | | | | | 4 | | | | | A | |
| | | | C | | | | | | 7 | | A | | 9 | 4 |
| | | 6 | 4 | | 7 | | | | | | 0 | 1 | B | E |
| 2 | | | E | | 6 | 3 | | | D | | C | 0 | | |
| C | | E | A | | | 2 | | 0 | | | 4 | | | D |
| | A | | 3 | | | | | | | B | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | D | B | 7 | 9 | A | 1 | 8 | 3 | E | C | 6 | 4 | 0 |
| C | B | 4 | 6 | 8 | 0 | D | 5 | 3 | 9 | 2 | A | 7 | E | 1 |
| A | 8 | 0 | D | 5 | C | 4 | 9 | E | 1 | 7 | 6 | 2 | 3 | B |
| 7 | 6 | 3 | A | E | 1 | B | 2 | C | 5 | 4 | 0 | 9 | 8 | D |
| 9 | E | 1 | 4 | 2 | 3 | 6 | 7 | 0 | B | D | 8 | 5 | C | A |
| 4 | A | B | C | 1 | 2 | 3 | 6 | 5 | D | 9 | 7 | E | 0 | 8 |
| 6 | 2 | 9 | 0 | B | D | E | C | 4 | 8 | 1 | 5 | 3 | A | 7 |
| 3 | 1 | 8 | 9 | 6 | 7 | 0 | B | 2 | C | A | E | D | 5 | 4 |
| D | C | 7 | 5 | A | E | 9 | 8 | 1 | 4 | 0 | 3 | B | 2 | 6 |
| 5 | 0 | E | 3 | 4 | 8 | 7 | A | D | 2 | 6 | B | C | 1 | 9 |
| 8 | 3 | 5 | 2 | 9 | B | 1 | 0 | 7 | 6 | C | 4 | A | D | E |
| 1 | D | C | 8 | 0 | A | 2 | E | 6 | 7 | 5 | 9 | 4 | B | 3 |
| E | 9 | 2 | 7 | D | 4 | C | 3 | A | 0 | B | 1 | 8 | 6 | 5 |
| 0 | 7 | 6 | E | C | 5 | 8 | 4 | B | A | 3 | D | 1 | 9 | 2 |
| B | 4 | A | 1 | 3 | 6 | 5 | D | 9 | E | 8 | 2 | 0 | 7 | C |

ଗତକାଲିର ଉତ୍ତର

# ଝିଅ ପର ବୋହୂ ନିଜର



ହରିଶଙ୍କର ମିଶ୍ର

କନ୍ୟାଦାନ ଦ୍ୱାରା ଗୋଟିଏ ନୂଆ ସାଂସାରିକ ସମ୍ପର୍କ ଓ ଦାମ୍ପତ୍ୟ ଜୀବନ ଆରମ୍ଭ ହୁଏ। ସେଇ କନ୍ୟା ଗର୍ଭଜାତ ସନ୍ତାନ ଉତ୍ତରଦାୟାଦ ହୋଇ ଗ୍ରହୀତାଙ୍କର ବଂଶରକ୍ଷା କରିଥାଏ। ସମୟକ୍ରମେ ସେଇ ପୁତ୍ର ପିତାଙ୍କ ତିନିପୁରୁଷ ସହ ଅଜାଙ୍କ ତିନିପୁରୁଷ ପାଇଁ ତର୍ପଣ ଓ ପିଣ୍ଡଦାନ କରିଥାଏ। ଉଭୟ ପରିବାରର ପିତୃପୁରୁଷଙ୍କ ସନ୍ତୋଷ ଏବଂ ଦୁଇଟି ପରିବାର ମଧ୍ୟରେ ରକ୍ତଗତ ଓ ବଂଶଗତ ସମ୍ପର୍କ ସୃଷ୍ଟିର କାରକ ଭାବେ ଦୁହିତାକୁ ଦୁଇକୁଳର ହିତା କୁହାଯାଏ। ଝିଅଟିଏ ବିବାହଯୋଗ୍ୟା ହେବା ପରେ କନ୍ୟାପିତା ସାମାଜିକ ପ୍ରଥା ଅନୁଯାୟୀ ଜାମାତା ଚୟନ କରିଥାନ୍ତି। ବାଗ୍‌ଦାନ ବା ନିର୍ବନ୍ଧ ପରେ ନିର୍ଦ୍ଦିଷ୍ଟ ଶୁଭଲଗ୍ନରେ ବ୍ରାହ୍ମଣ, ଅଗ୍ନି, ଆତ୍ମୀୟଙ୍କ ଉପସ୍ଥିତିରେ ଦେବତାଙ୍କୁ ସାକ୍ଷୀ ରଖି ସଦକ୍ଷିଣା କନ୍ୟାଦାନ କରାଯାଏ। ଦକ୍ଷିଣା ଦାନର ଏକ ଅଙ୍ଗ ହେଲେ ବି ତାହା ଶକ୍ତିମୁତାବକ। ଏହାର ମୂଳଚାଲ, ଦାବି, ପୂର୍ବାଲୋଚନା, ପ୍ରାକ୍ ସୂଚନା ବା ପରେ ଦେବାର ପ୍ରତିଶ୍ରୁତି ଦାନକୁ ଅସଫଳ କରାଏ। ଏଥିରେ କନ୍ୟାଦାତା ଓ ଗ୍ରହୀତା ଧାର୍ମିକ ଏବଂ ସାମାଜିକ ଅପରାଧୀ ହୋଇଥାନ୍ତି। କନ୍ୟାର ଦଶଦୋଷ ମାର୍ଜନା ସହ ଆଜୀବନ ସ୍ୱାମୀଭାବେ ସ୍ତ୍ରୀର ମର୍ଯ୍ୟାଦା ଓ ସୁରକ୍ଷାର ସମ୍ମତି ଦେଇ ଗ୍ରହୀତା କନ୍ୟାଦାନ ଗ୍ରହଣ କରିଥାନ୍ତି। ବିବାହ ପରେ କନ୍ୟାର ନାମ, ଗୋତ୍ର ଓ ପରିଚୟ ପରିବର୍ତ୍ତନ ସହ ନିଜ ଘର ତା'ପାଇଁ ପର ହୋଇଯାଏ। ଜନ୍ମଦାତା ବାପାମା'ଙ୍କ ଦେହାନ୍ତରେ ସେ ଅଶୌଚ ହୁଏ ନାହିଁ। ଘରର ମହାଲକ୍ଷ୍ମୀ ପ୍ରସାଦରୁ ମଧ୍ୟ ସେ ବଞ୍ଚିତ ହୁଏ। ଅପରପକ୍ଷରେ ସେଇ ଦିନରୁ କୁଳବଧୂ ମାନ୍ୟତାରେ ସେ ଶ୍ୱଶୁରାଳୟର ଦେବ ଓ ପିତୃକର୍ମ ସହ ମହାଲକ୍ଷ୍ମୀ ପୂଜାର ଅଧିକାର ପାଇଥାଏ।

ଦାନ ଗ୍ରହଣ କରି କନ୍ୟାପିତାଙ୍କୁ ଦାନର ଯଶ ଓ ଫଳପ୍ରାପ୍ତ କରାଇଥିବା ଜାମାତାଙ୍କ ସମ୍ମାନ ସ୍ୱତନ୍ତ୍ର ଓ ସର୍ବାଗ୍ରେ ରହିଥାଏ। ଝିଅଟିଏ ଯେତେ ଯୋଗ୍ୟା, ଶିକ୍ଷିତା, ସ୍ୱାବଲମ୍ବୀ ହେଲେ ବି ତା' ଜୀବନର ପରିପୂର୍ଣ୍ଣତା ବିବାହ ପରେ ହିଁ ମିଳିଥାଏ। କନ୍ୟାର ପିତୃଗୃହ ତ୍ୟାଗ ବିଧିନିର୍ଦ୍ଦିଷ୍ଟ ହୋଇଥିବାରୁ ବିବାହ ବେଳେ କିଛି ଲକ୍ଷଣ ଦେଖାଯାଇଥାଏ। ବିବାହୋତ୍ତର ଭାଗ୍ୟୋଦୟ ପାଇଁ ବିବାହ ପୂର୍ବରୁ କନ୍ୟା ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଆଭ୍ୟୁଦୟିକ ବା ନାନ୍ଦୀମୁଖୀ ଶ୍ରାଦ୍ଧ ଦେଇଥାଏ। କନ୍ୟାର ବିଦାୟ ଦୃଶ୍ୟ ଯେତିକି ଶୋକାକୁଳ ସେତିକି ମର୍ମାନ୍ତକ। ଏବେ ଅନେକ ବିବାହ କାର୍ଯ୍ୟ ହୋଟେଲ ବା କଲ୍ୟାଣମଣ୍ଡପରେ ହେଉଥିବାରୁ କନ୍ୟାଦାନର ପୂର୍ବ ପରିବେଶ ଅନୁଭୂତ ହେଉନାହିଁ। ବରଂ ପରମ୍ପରା ଉଲ୍ଲଂଘନ ଓ ସାମାଜିକ ଚଳଣିର ଅବକ୍ଷୟରେ ବିବାହ ପରି ପବିତ୍ର ବନ୍ଧନ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାବିତ ହେଉଛି। ନିର୍ଯ୍ୟାତନା, ଯୌତୁକ ତାଡନା ଭଳି ଅଭିଯୋଗ ବୃଦ୍ଧିପାଉଛି।

ଏହାର କାରଣ ଖୋଜିଲେ ଅଜବ ତରିକାମାନ ନଜରକୁ ଆସିଥାଏ। ଅନେକ ମାତାପିତା କନ୍ୟାଦାନ କରି ଝିଅଟିଏ ଦେଇ ପୁଅଟିଏ ପାଉଥିବା ମାନସିକତାରେ ଦୃଢ଼ ରହୁଛନ୍ତି। କିଛି ଝିଅ ମଧ୍ୟ ବିବାହ ପରେ ବାପଘର ଚଳଣିରୁ ନିଜକୁ ଦୂରେଇ ପାରୁନାହାନ୍ତି। ସାଂସାରିକ ଚଳଣିରେ ପ୍ରତ୍ୟେକ ମା' ଝିଅ ପାଇଁ ଜୀବନ୍ତ ଉଦାହରଣ। ପର ଝିଅରୁ ସ୍ତ୍ରୀ, ବୋହୂ ଓ ମା' ହୋଇଥିବାରୁ ଏବଂ ଏ ସବୁର ଅଭିଜ୍ଞତା ତାଙ୍କ ପାଖରେ ଥିବାରୁ ଝିଅର ସୁନାସଂସାର ପାଇଁ ତାଙ୍କର ଉଚିତ ଉପଦେଶ ଓ ଶିକ୍ଷାର ଗୁରୁତ୍ୱ ରହିଛି। ଏବେ କିନ୍ତୁ ସଂଖ୍ୟାଧିକ ଉଗ୍ର ଦାମ୍ପତ୍ୟ କଳହ ବା ବିଚ୍ଛେଦ ମୂଳରେ ସେଇ ମା'ମାନଙ୍କର ମାତ୍ରାଧିକ କନ୍ୟାପ୍ରୀତି ମୁଖ୍ୟ କାରଣ ହେଉଛି। ଝିଅର ଶାଶୁଘର ଚଳଣିରେ ମା'ବାପାଙ୍କ ହସ୍ତକ୍ଷେପ ସର୍ବଦା ବର୍ଜନୀୟ। ଏହା ଅନଧିକୃତ ଅଧିକାର ସାବ୍ୟସ୍ତ ଯୋଗୁ ସମସ୍ୟା ସୃଷ୍ଟି କରାଇ ସମୟକ୍ରମେ ଛାଡ଼ପତ୍ର ଆଡ଼କୁ କଥା ଯାଏ।

ଏବେ ଅନେକ ଶିକ୍ଷିତ ପିତାମାତା ନିଃସଙ୍କୋଚରେ କହିଥାନ୍ତି 'ବୋହୂଟିଏ ଆଣିଲି ଯେ ସେ ପୁଅକୁ ଶ୍ୱଶୁରଘର ମୁହାଁ କରିଦେଲା। ଭାଗ୍ୟକୁ ହୀରାଭଳି ଜ୍ୱାଇଁଟିଏ ପାଇଥିବାରୁ ସେ ଭଲମନ୍ଦ ସବୁ ବୁଝୁଛି।' ଅନେକଙ୍କ ମତରେ ତାଙ୍କ ଝିଅ ମାଛିକୁ ମ କହେନି ମାତ୍ର ଶାଶୁ ଦୁଷ୍ଟ ପ୍ରକୃତିର ଓ ଶ୍ୱଶୁର ସ୍ତ୍ରୀ–ବୋଲକରା। ପୁଅ ବାପାମା'ଙ୍କୁ ସମର୍ଥନ କରୁଛି। ଝିଅ ଶାଶୁଘରେ ଚଳି ନ ପାରି ତାଙ୍କ ପାଖରେ ରହୁଛି। ସେମାନେ କିନ୍ତୁ ବୋହୂର ବାପଘରର ହସ୍ତକ୍ଷେପକୁ ନାପସନ୍ଦ କରିଥାନ୍ତି। ଝିଅକୁ ଦଣ୍ଡେ ନ ଦେଖିଲେ ପାଗଳ ହେଉଥିବା ମା' ବୋହୂଙ୍କୁ ତା' ମାଙ୍କ ସଙ୍ଗେ ଟେଲିଫୋନରେ କଥାବାର୍ତ୍ତାକୁ ଭିନ୍ନ ଅର୍ଥରେ ନିଅନ୍ତି। ଏବେ ଅନେକ ଶାଶୁଙ୍କ ମତରେ ସେମାନେ ବୋହୂ ଭାବେ ଭଲ ଶାଶୁ ପାଇ ନ ଥିଲେ ଏବେ ଶାଶୁ ହୋଇ ଭଲ ବୋହୂଟିଏ ପାଇନାହାନ୍ତି। ସେମାନେ ନିଜ ମା' ଓ ଝିଅଙ୍କ ପ୍ରଶଂସାରେ ଶତମୁଖ ହୁଅନ୍ତି। ସମାଜରେ ଏହା ବି ଦେଖାଯାଏ ଯେ ବାପଘର ଚଳଣିରେ ରୀତିମତ ହସ୍ତକ୍ଷେପ କରୁଥିବା ବିବାହିତା ଝିଅ ଶାଶୁଘରେ ବିବାହିତା ନଣନ୍ଦର ତଦ୍ରୂପ ଆଚରଣକୁ ସହ୍ୟ କରନ୍ତି ନାହିଁ। ଝିଅଟି ରୋଜଗାରକ୍ଷମ ହୋଇଥିଲେ ଯିଏ ଗଛ ଲଗାଇଛି ଫଳ ତା'ର କହି ନିଜର ଅଂଶ ନିୟମିତ ନେଉଥିବା ବେଳେ ବୋହୂ ରୋଜଗାରକ୍ଷମ ହୋଇଥିଲେ ସେ ତା' ବାପାଙ୍କୁ ଟଙ୍କା ଦେଉଥିବାର ଆରୋପ ଆଣନ୍ତି। ସ୍ୱାମୀଙ୍କୁ ଅକ୍ତିଆରରେ ରଖିଥିବା ଭଉଣୀ ଭାଇଙ୍କୁ ସ୍ତ୍ରୀ–ବୋଲକରା ଉପାଧି ଦେଇଥାଏ। ଏହି ଆରୋପ ପ୍ରତ୍ୟାରୋପ ଯେତେବେଳେ ଅହଂକାର ହୋଇଯାଏ ସେତେବେଳେ ସବୁ ସମ୍ପର୍କ ତୁଚ୍ଛ ହୋଇ ନାରୀ ସୁରକ୍ଷା ଆଇନକୁ ଅସ୍ତ୍ର କରାଯାଏ। ବାପାମା'ଙ୍କ ସମର୍ଥନ ପାଇଲେ ଏହା ଶତ ବ୍ରହ୍ମାସ୍ତ୍ରର ଶକ୍ତି ପାଇବାରେ ଶାଶୁଶ୍ୱଶୁରଙ୍କ ଉପଦେଶ ନିର୍ଯ୍ୟାତନା ଓ ଝିଅ ସଙ୍ଗେ ପ୍ରେରିତ ଦ୍ରବ୍ୟ ଦାବି ମୁତାବକ ଇଚ୍ଛାବିରୋଧୀ ଯୌତୁକ ହୋଇଯାଏ। ଦିନ ଥିଲା ଯେତେବେଳେ ଯୌଥ ପରିବାରରେ କନ୍ୟାଦାନକୁ ଗୁରୁତ୍ୱ ଦିଆଯାଉଥିଲା। ବଡ଼ବୋହୂଠାରୁ ସାନବୋହୂ ଘର ଚଳଣି ଜାଣୁଥିଲା। ଅନ୍ତତଃ ସେମାନଙ୍କର ଆଗ୍ରହ ଓ ଆନ୍ତରିକତାରେ ଖାଦ୍ୟ ପ୍ରସ୍ତୁତି ଏବଂ ଅନାବିଳ ମନର ସକାରାତ୍ମକ ପ୍ରଭାବ ପାରସ୍ପରିକ ସମ୍ପର୍କକୁ ଦୃଢ଼ କରୁଥିଲା। ସହନଶୀଳତା ଏବଂ ତ୍ୟାଗ ନାରୀର ସହଜାତ ଗୁଣ ଯୋଗୁ ତାକୁ ସର୍ବଂସହା ଧରିତ୍ରୀ ସହ ତୁଳନା କରାଯାଏ। ଗଣମାଧ୍ୟମରେ ପ୍ରକାଶ ପାଉଛି ଯେ, ଝିଅମାନେ ନିଜ ମା'ବାପାଙ୍କ ଦାୟିତ୍ୱ ନେଲେ ବୃଦ୍ଧାଶ୍ରମ ସଂଖ୍ୟା କମିଯିବ ଅର୍ଥାତ୍ ସେମାନଙ୍କର ବୋହୂପଣିଆରେ ବୃଦ୍ଧାଶ୍ରମ ସଂଖ୍ୟା ବଢିଚାଲିଛି।

ଅହଂକାର ତ୍ୟାଗ ଓ ପରମ୍ପରାକୁ ସମ୍ମାନ ପ୍ରତ୍ୟେକ ଘରକୁ ବୈକୁଣ୍ଠ କରିପାରିବ। ଯେଉଁଦିନ ଘରର ବୋହୂ ପ୍ରଥମେ ଝିଅ ତୁଲ୍ୟ ଅଧିକାର, ସ୍ନେହ ଓ ସ୍ୱାଚ୍ଛନ୍ଦ୍ୟ ପାଇବ ସେ ତା' ଶାଶୁଙ୍କ ପାଖରେ ବିକଳ୍ପ ମା'କୁ ଅନୁଭବ କରିବ। ତା' ପିତାମାତା ଯେତେବେଳେ ବିଧିବ୍ୟବସ୍ଥାର ଧାର୍ମିକ ଭାବନାରେ କନ୍ୟାକୁ ପରଗୋତ୍ରୀ ବିବେଚନା କରିବେ ଝିଅଟି ନିଜର ସ୍ଥିତି ଅନୁଭବ କରି ନିଜ କର୍ତ୍ତବ୍ୟରେ ବ୍ରତୀ ହେବ। ସେତେବେଳେ ନିଶ୍ଚିତ ପ୍ରତ୍ୟେକ ଶାଶୁ କହିବେ ଝିଅଟିଏ ଛାଡି ଝିଅ ପାଇଛି ଆଉ ତାଙ୍କ ଅନ୍ତରରୁ ଭାସି ଆସିବ 'ଝିଅ ପର ବୋହୂ ନିଜର'।

୧୧୩–ଗୁଣ୍ଡିଚା ବିହାର, ସର୍ବୋଦୟ ନଗର,
ପୁରୀ, ମୋ–୭୯୭୮୭୮୫୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ନୂଆଖାଇ ବହିନା ବାହାନାରେ ଦାଦନ ଶ୍ରମିକ ଯୋଗାଡ଼

ମହାଶୟ,

ଆଗକୁ ଅଛି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ଧନୀ ହେଉ ବା ଗରିବ ସମସ୍ତେ ନିଜର ସାଧ୍ୟମତେ ନୂଆଖାଇ ମନେଇବାକୁ ଚେଷ୍ଟିତ। କିନ୍ତୁ ନୂଆଖାଇ ପାଳିବାକୁ ଶ୍ରମିକ ଶ୍ରେଣୀର ଲୋକଙ୍କର ସର୍ଦ୍ଦାରମାନଙ୍କଠାରୁ 'ବାହାବନ୍ଧା ବଏନା' ନେବା ଯେପରି ପରଂପରାଗତ ହେଇଗଲାଣି। ଇଟାଭାଟିରେ କାମ କରିବାକୁ ଶାଗମାଛ ଭଳି ବିକ୍ରି ହୁଅନ୍ତି ଏମାନେ ଦଲାଲଙ୍କ ମାଧ୍ୟମରେ। ମାତ୍ର କିଛି ଟଙ୍କା ନୂଆଖାଇ ବାହାନାରେ ଅଗ୍ରିମ, ତା'ପରେ ବର୍ଷକ ପାଇଁ ବାହାବନ୍ଧା। ପେଟ ଚାଖଣ୍ଡକ ପାଇଁ ଦାଦନ ଖଟିବାକୁ ଯାଇ କେହି ଭିଟାମାଟିକୁ ଶବ ହୋଇ ଫେରୁଛି ତ କେହି ବିକଳାଙ୍ଗ ହୋଇ ଅବଶିଷ୍ଟ ଜୀବନ ଜିଉଛି। ସରକାରୀ ସଚେତନତା, ଦାଦନ ନିରାକରଣ ପାଇଁ ଯୋଜନା ପ୍ରଭୃତି ସତେ ଯେପରି ଏମାନଙ୍କ ପାଇଁ ପ୍ରହସନ।

ମନୋଜ କୁମାର ଦାସ, ଖପ୍ରାଖୋଲ , ବଲାଙ୍ଗୀର

### ଇନ୍ଦିରା ଆବାସ, ଟଙ୍କିକିଆ ଚାଉଳ କାହା ପାଇଁ

ବିପିଏଲ୍ ଯୋଜନା କେବଳ ତେଲିଆ ମୁଣ୍ଡରେ ତେଲ ଭଳି। କୋଠାଘର ଥାଇ, ବାଟିବାଟି ସମ୍ପତ୍ତି ଥାଇ ଲୋକେ ବିପିଏଲ ତାଲିକାଭୁକ୍ତ ହୋଇଛନ୍ତି। ଏବେ ସୁଦ୍ଧା ଲୋକ ଗୁହାଳଘରେ, କାହା ଓଳିତଳେ, ବିତ୍‌ରାସ୍ତାରେ ଓ ପଲିଥିନ ତଳେ ଆଶ୍ରୟ ନେଉଥିବା ବେଳେ ଖଣ୍ଡେ ଇନ୍ଦିରା ଆବାସ, ଗଣ୍ଡେ ଚାଉଳ ପାଇବା ପାଇଁ ହକ୍‌ଦାର ନ ହୋଇ ଓଳିଏ ଉପାସ, ଓଳିଏ ଖାଇ କାଳାତିପାତ କରୁଥିବା ବେଳେ ସରକାରୀ ଅନୁଦାନ ହଡ଼ପ ହେଉଛି ଟାଉଟରମାନଙ୍କ ଦ୍ୱାରା।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାହିଁ ସେ ବୈକୁଣ୍ଠ ସମାନ ଘର



ଅଲେଖ ଚନ୍ଦ୍ର ମିଶ୍ର

ପୂର୍ବକାଳରେ ଏକ ଗ୍ରାମରେ ରହୁଥିଲେ ଜଣେ କର୍ମକାଣ୍ଡବିତ୍ ପଣ୍ଡିତ। କିନ୍ତୁ ବିବାହର କେଇଟା ଦିନ ଭିତରେ ଜଣାପଡ଼ିଲା ଯେ ତାଙ୍କର ପତ୍ନୀ ଅତ୍ୟନ୍ତ ମୁଖରା। ଅଯଥା କଥାକୁ ଗଣ୍ଠି ପକେଇ ପରିବାରର ସମସ୍ତ ସଦସ୍ୟଙ୍କ ସହିତ ଝଗଡ଼ା କରେ। କିନ୍ତୁ ପଣ୍ଡିତ ପତ୍ନୀକୁ ଖୁବ୍ ଭଲ ପାଉଥିଲେ ଏବଂ ତାଙ୍କୁ ତାଗିଦ୍ କରିବା ପାଇଁ ତାଙ୍କ ଜିଭ ଲେଉଟୁ ନ ଥିଲା। ହଠାତ୍ ଦିନେ ସେ ସ୍ତ୍ରୀ ଅସାଧ୍ୟ ବ୍ୟାଧିର ଶିକାର ହୋଇ ଶଯ୍ୟାଶାୟୀ ହୋଇପଡ଼ିଲା। ତା'ର ଶେଷକାଳ ଉପସ୍ଥିତ ଜାଣି ପଣ୍ଡିତେ ମର୍ମାହତ ହୋଇପଡ଼ିଲେ। ତା'ର ଶରୀରକୁ ଦାଣ୍ଡଦୁଆରେ ଶୁଆଇ ଦେଇ ସୂର୍ଯ୍ୟ ଦେବତାଙ୍କୁ ଆକୁଳ ପ୍ରାର୍ଥନା କଲେ। ''ହେ ପ୍ରଭୁ, ମୁଁ ପ୍ରତିଦିନ ଯଥାସମ୍ଭବ ନିଷ୍ଠାର ସହିତ ତୁମକୁ ଅର୍ଘ୍ୟଦାନ କରେ। କେବେ କିଛି ମାଗେନା। ଆଜି ପରିସ୍ଥିତିରେ ପଡି ମାଗିବାକୁ ବାଧ ହେଉଛି। ଏଇ ସ୍ତ୍ରୀ ମୋର ଜୀବନଠାରୁ ବଳି ପ୍ରିୟ। ତା'ର ମୃତ୍ୟୁ ହେଲେ ମୁଁ ବି ଜୀବନ୍ମୃତ ପରି ହୋଇଯିବି। ମୋ ଆୟୁର ଅର୍ଦ୍ଧେକ ବିନିମୟରେ ଏହାକୁ ଜୀବନଦାନ ଦିଅ। ଆଶ୍ଚର୍ଯ୍ୟର କଥା ସ୍ତ୍ରୀଲୋକଟି କ୍ରମେ ସୁସ୍ଥ ଅନୁଭବ କଲା ଏବଂ ଦିନ କେଇଟା ଭିତରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା। ପଣ୍ଡିତଙ୍କ ଖୁସି କହିଲେ ନ ସରେ। ହେଲେ ସ୍ତ୍ରୀଲୋକଟିର ପ୍ରକୃତି ଯେମିତିକୁ ସେମିତି, ଏଥରକ ସେ ଜିଦ୍ କଲା ଘରେ ସେ ଆଉ ରହିବନି। ଯେମିତି ହେଲେ ଜନପଦକୁ ଚାଲିଯିବ। ଅଗତ୍ୟା ପଣ୍ଡିତେ ସସ୍ତ୍ରୀକ ଘର ଛାଡିଲେ। ଥରେ ନୌକାରେ ନଦୀ ପାର ହେଉଥିବା ବେଳେ ଯୁବ ନାବିକଟି ସୁମଧୁର କଣ୍ଠରେ ଗାଉଥିବା ଗୀତଟିଏ ଶୁଣି ପଣ୍ଡିତଙ୍କ ସ୍ତ୍ରୀ ଏତେ ମୁଗ୍ଧ ହୋଇଗଲେ ଯେ ତାଙ୍କୁ ସାଙ୍ଗରେ ନେବା ପାଇଁ ଜିଦ୍ କଲେ। ପଣ୍ଡିତେ ରାଜି ହେଲେ। ଲୋକଟିର ଦୁଇଗୋଡ ଛୋଟା ଥିବାରୁ ସେ ଚାଲିବାକୁ ଅସମର୍ଥ ଥିଲା। ସ୍ତ୍ରୀଙ୍କ ପରାମର୍ଶରେ ସେମାନେ ତାକୁ ଏକ ଟୋକେଇରେ ବସେଇ ମୁଣ୍ଡେଇ ନେଲେ। କିଛିଦିନ ସାଥୀ ହୋଇ ରହିଲା ପରେ ସ୍ତ୍ରୀଲୋକଟି ନାବିକ ପ୍ରତି ଏତେ ଆକୃଷ୍ଟ ହୋଇପଡିଲା ଯେ ତା' ସହିତ ଆଜୀବନ କଟେଇବା ପାଇଁ ଦୁହେଁ ସଲାସୁତରା କରି ଦିନେ ପଣ୍ଡିତଙ୍କୁ ଏକ କୂଅ ଭିତରକୁ ଠେଲିଦେଇ ଅନ୍ୟତ୍ର ଚାଲିଗଲେ। କିଛିଦିନ ପରେ ରାଜାଙ୍କ ଦରବାରରେ ପହଞ୍ଚି ସ୍ତ୍ରୀଲୋକଟି କାନ୍ଦି କାନ୍ଦି ରାଜାଙ୍କୁ ନିଜର ଦୁଃଖ ଜଣେଇଲା। ''ମହାରାଜ, ଇଏ ମୋର ପ୍ରିୟ ପତିଦେବ। ସେ ଚଳତ୍‌ଶକ୍ତିହୀନ ହୋଇଥିବାରୁ ଜଣେ ଦୁଶ୍ଚରିତ୍ର ଲୋକ ମୋ ଉପରେ କୁନଜର ପକେଇଲା। ତା'ର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଆମେ ଆପଣଙ୍କର ଶରଣାପନ୍ନ। ଦୟାକରି ଆମକୁ ଆଶ୍ରୟ ଦିଅନ୍ତୁ। ରାଜା ତା'ର ଅନୁରୋଧ ରକ୍ଷା କଲେ। ଏଣେ ବାଟୋଇଙ୍କ ଦ୍ୱାରା କୂଅରୁ ଉଦ୍ଧାର ପାଇ ପଣ୍ଡିତ ନିଜର ସ୍ତ୍ରୀକୁ ଖୋଜି ଖୋଜି ଯାଇ ରାଜଦରବାରରେ ପହଞ୍ଚିଲେ। ତାଙ୍କୁ ଦେଖି ସ୍ତ୍ରୀଲୋକଟି ଚିତ୍କାର କରି ଉଠିଲା, ''ମହାରାଜ! ଏଇ ହେଉଛି ସେହି ଦୁଷ୍ଟ ଲୋକ ଯାହା ବିଷୟରେ ମୁଁ କହୁଥିଲି।'' ରାଜା ପଣ୍ଡିତଙ୍କୁ ବାନ୍ଧି ପକେଇବାକୁ ହୁକୁମ୍ ଦେଲେ। ଶେଷରେ ପଣ୍ଡିତଙ୍କୁ ଦଣ୍ଡାଦେଶ ହେବା ପୂର୍ବରୁ ପଣ୍ଡିତେ ଶେଷ ଇଚ୍ଛା ପୂରଣ ପାଇଁ ଅନୁରୋଧ କଲେ। ରାଜା ତାଙ୍କ ଅନୁରୋଧ ରକ୍ଷା କଲେ। ପଣ୍ଡିତେ କହିଲେ, ''ମହାରାଜ ଏ ସ୍ତ୍ରୀଲୋକଟି ମୋ ନିକଟରେ ଧାରୁଆ ରହିଯାଇଛି। ତା'ଠାରୁ ମୋର କିଛି ପାଇବାର ଅଛି। ଅନ୍ତତଃ ସେତକ ମୋତେ ଫେରେଇ ଦେଉ।'' ପଣ୍ଡିତଙ୍କ ପରାମର୍ଶରେ ସେ ସ୍ତ୍ରୀଲୋକଟିକୁ ତଳେ ଶୁଆଇ ଦିଆଗଲା। ତା'ର ମୁଣ୍ଡ ଉପରେ ହାତ ରଖି ପଣ୍ଡିତେ ସୂର୍ଯ୍ୟ ଦେବତାଙ୍କୁ ଲକ୍ଷ୍ୟ କରି ପ୍ରାର୍ଥନା କଲେ, ''ହେ ପ୍ରଭୁ, ଏ ଅପାତ୍ରରେ ଦାନ ଦେଇ ମୁଁ ଅନୁତପ୍ତ। ଶେଷଥର ପାଇଁ ଅନୁରୋଧ କରୁଛି, ଏ ସ୍ତ୍ରୀଲୋକଟିକୁ ଦେଇଥିବା ମୋର ଅଧା ଆୟୁଷ ମତେ ଫେରେଇଦିଅ।'' ପଣ୍ଡିତଙ୍କ ମୁହଁରୁ କଥା ସରିନି ସ୍ତ୍ରୀଲୋକଟି ଦେହରୁ ଜୀବନ ଚାଲିଗଲା। ରାଜା ସବୁକଥା ଜାଣି ନାବିକଟିକୁ ଦଣ୍ଡ ଦେଲେ ଏବଂ ପଣ୍ଡିତଙ୍କୁ ପୁରସ୍କୃତ କଲେ।

ଦୁଷ୍ଟା ଓ ଦୁଶ୍ଚରିତ୍ରା ସ୍ତ୍ରୀଲୋକ ବିଷୟରେ ଶାସ୍ତ୍ରରେ ଅଛି,

''ଦୁଷ୍ଟା ଭାର୍ଯ୍ୟା ଶଠଂ ମିତ୍ରଂ ଭୃତ୍ୟଶ୍ଚୋତ୍ତରଦାୟକଃ।
ସସର୍ପେ ଚ ଗୃହେ ବାସୋ ମୃତ୍ୟୁରେବ ନ ସଂଶୟଃ॥''

ଅର୍ଥାତ୍ ଦୁଷ୍ଟା ଭାର୍ଯ୍ୟା, ଠକ ବନ୍ଧୁ, ମୁହଁରେ ଜବାବ ଦେଉଥିବା ଚାକର, ଘରେ ରହିଥିବା ସାପ– ନିଃସନ୍ଦେହରେ ଏମାନେ ମୃତ୍ୟୁର କାରଣ ହୋଇଥାନ୍ତି। ଆଜିକାଲି ଯେତେ ସବୁ ଅପମୃତ୍ୟୁ ଘଟୁଛି ତା'ର ଏକ ପ୍ରମୁଖ କାରଣ ପାରିବାରିକ ଅବୁଝାମଣା। କେଉଁଠି ବୃଥା ଆତ୍ମାଭିମାନ ତ କେଉଁଠି ପରକୀୟା ପ୍ରୀତି। କେଉଁଠି ସାମାନ୍ୟ କଥାରେ ସ୍ତ୍ରୀ ଅନ୍ୟମାନଙ୍କୁ କୋର୍ଟକୁ ଟାଣୁଛି ତ କେଉଁଠି ଅବୋଧ ଶିଶୁକୁ ହତ୍ୟା କରି ନିଜେ ଆତ୍ମହତ୍ୟା କରୁଛି। ପୁଣି କେଉଁଠି ପ୍ରେମିକ ସହ ମିଶି ପତିକୁ ହତ୍ୟା କରିବାର ମୁଖ୍ୟ ଆୟୁଧ ପାଲଟୁଛି। କଥା କଥାକେ ଛାଡପତ୍ରର ଧମକ। ଗୋ, କନ୍ୟା, ଭୂମି ଭାଗ୍ୟରେ ଥିଲେ ମିଳେ ବୋଲି କୁହାଯାଏ। କିନ୍ତୁ ଯାହା ଭାଗ୍ୟରେ ରାହାବାଳି ସ୍ତ୍ରୀଟିଏ ମିଳେ ତା' ଜୀବନ ଦୁର୍ବିଷହ ହୋଇପଡ଼େ। ଏ ବିଷୟରେ ଏକ ରୋଚକ ଘଟଣା– ଆମେରିକାର ଟେନେସାରେ ରୁହନ୍ତି ହେଡେନ ବାଡିୟର୍ ନାମକ ଜଣେ ୫୧ ବର୍ଷୀୟ ପ୍ରୌଢ଼। ଥରେ ସେ କାମ କରୁଥିବା ଫାର୍ମରୁ ଏକ ଟ୍ରକ୍ ଚୋରି କଲାବେଳେ ପୋଲିସ ହାବୁଡରେ ପଡିଲେ। ଅନୁସନ୍ଧାନରୁ ଜଣାପଡିଲା ଯେ ନିଜ ପତ୍ନୀର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ସେ ଜେଲ୍‌ରେ ରହିବାକୁ ପସନ୍ଦ କରୁଥିଲେ ଏବଂ ସେଥିପାଇଁ ଜାଣିଶୁଣି ଚୋରି କଲେ। ଅଧୁନା ନାରୀ ନିର୍ଯ୍ୟାତନା ବଢି ଚାଲିଥିବା ବେଳେ ପୁରୁଷଙ୍କ ପ୍ରତି ନିର୍ଯ୍ୟାତନା ବି କମ୍ ନୁହେଁ। ଏପରି ଅବ୍ୟବସ୍ଥାର ମୂଳ କାରଣ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବୁଝାମଣାର ଅଭାବ। କାହିଁ ସେ ବୈକୁଣ୍ଠ ସମାନ ଘର ଯେଉଁଠି ପରସ୍ପର ପ୍ରତି ନିରନ୍ତର ସ୍ନେହ ଥାଏ? କାହାନ୍ତି ସେ ଗୃହିଣୀ ଯାହାଙ୍କ ପାଇଁ କୁହାଯାଉଥିଲା, 'ଘରକୁ ସୁନ୍ଦର ଘରଣୀ'।

୯୦୪ ଶାସ୍ତ୍ରୀନଗର, ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୯୪

- ମେକ୍ସିକୋ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଦଳର ପ୍ରାର୍ଥୀ ଆର୍ଣ୍ଣେଷ୍ଟୋ ଜେଡିଲୋଙ୍କ ବିଜୟ।
- ଆଗାମୀ ମାସରେ ମହାକାଶକୁ ଉତ୍କ୍ଷେପଣ ହେବାକୁ ଥିବା ଦ୍ୱିତୀୟ ପି.ଏସ.ଏଲ.ଭି.ର ଉତ୍କ୍ଷେପଣ କାର୍ଯ୍ୟକୁ ସ୍ଥଗିତ କରାଗଲା।

■ଆବାସ ଯୋଜନା ଉପରେ କର୍ମଶାଳା

# ବଞ୍ଚିତ ହେବେନି ଯୋଗ୍ୟ ହିତାଧିକାରୀ

■ଆପ୍ ମାଧମରେ ରିପୋର୍ଟ ଦେବେ ହିତାଧିକାରୀ
■ଘର ଶୁଭାରମ୍ଭ, ଗୃହପ୍ରବେଶ ଦିନ ଧାର୍ଯ୍ୟ କରିବେ
■ହଇରାଣ କରିବାକୁ ସୁଯୋଗ ପାଇବେନି ବାବୁ
■ସମ୍ମାନିତ ହେବେ ବ୍ଲକ, ଜିଲାସ୍ତରୀୟ ଅଧିକାରୀ

ସମ୍ବଲପୁର,୨୮।୮(ବ୍ୟୁରୋ)

ବୁର୍ଲାସ୍ଥିତ ମହାନଦୀ କୋଇଲା ଖଣି (ଏମ୍‌ସିଏଲ୍) ସମ୍ମିଳନୀ କକ୍ଷରେ ବୁଧବାର ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆବାସ ଯୋଜନାର କାର୍ଯ୍ୟକାରିତା ଓ ରୂପରେଖ ନେଇ ଏକ ଆଲୋଚନା ତଥା ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ବିଭାଗୀୟ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଓ ଡେପୁଟି ନିର୍ଦ୍ଦେଶକ କୁଳମଣି ମିଶ୍ର ଏଥିରେ ଯୋଗ ଦେଇ କେତେକ ସ୍ୱତନ୍ତ୍ର ନିଷ୍ପତ୍ତି ନେଇଛନ୍ତି। ଏ ସବୁକୁ ଠିକ୍ ଢଙ୍ଗରେ ସମୟସୀମା ଭିତରେ କାର୍ଯ୍ୟକାରୀ କରି ଶେଷ କରିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଶୀଘ୍ର ଯେମିତି ଘର ସମ୍ପୂର୍ଣ୍ଣ ହେବ, ସହଜରେ ହିତାଧିକାରୀ ଘର ପାଇପାରିବେ ସେ ନେଇ ଆଲୋଚନା କରାଯାଇଛି। ସହଜରେ ସବୁ ଯୋଗ୍ୟ ପରିବାରକୁ ଘର ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ଉତ୍ସାହିତ କରିବା ପାଇଁ ଘର ନିର୍ମାଣ କାମ ଆରମ୍ଭର ଶୁଭଦିନ ଓ ଗୃହ ପ୍ରବେଶ କରିବା ଦିନ ସେମାନେ ହିଁ ଧାର୍ଯ୍ୟ କରିବେ। କମ୍ ସମୟରେ ଉଚିତ ତଥା ଆବଶ୍ୟକ କାଗଜପତ୍ର ଦେଇ ଜଣେ ହିତାଧିକାରୀ ଘର ସୁବିଧାରେ ପାଇ ପାରିବେ । ଘର ନିର୍ମାଣ ପ୍ରଥମ କିସ୍ତିରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଆପ୍‌ରେ ହିତଧିକାରୀ ରିପୋର୍ଟ ପ୍ରଦାନ କରିବେ। ଏହାକୁ ନେଇ ତାଙ୍କୁ ପରବର୍ତ୍ତୀ ବିଲ୍ ଦିଆଯିବ। ଏହି ଉପାୟ ଅବଲମ୍ବନ ଦ୍ୱାରା ସମୟ ନଷ୍ଟ ହେବନି। ହିତାଧିକାରୀଙ୍କୁ କୌଣସି ଅଧିକାରୀ ଓ କର୍ମଚାରୀ ହଇରାଣ କରିପାରିବେ ନାହିଁ ଓ ଘର ଶୀଘ୍ର ସମ୍ପୂର୍ଣ୍ଣ ହେବ। ପ୍ରତି ବ୍ଲକରେ ବିଡିଓମାନେ ବୈଠକ କରି ହିତାଧିକାରୀମାନଙ୍କୁ ସଚେତନ କରିବା ସହ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରିବେ। ସଫଳତା ପାଇଥିବା ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ଏଥିପାଇଁ ସମ୍ମାନିତ କରାଯିବ। ଆହୁରି ମଧ୍ୟ ଏହି ଆପ୍ ଦ୍ୱାରା ଜଣେ ହିତାଧିକାରୀ ଆବାସ ଯୋଜନା ସହ ସରକାରଙ୍କ ଅନ୍ୟ ଯୋଜନା ଯେଉଁଭଳିକି କୁକୁଡା ଚାଷ, ଛେଳି ଚାଷ, ମାଛ ଚାଷ, ଆମ୍ବ ଚାଷ ଭଳି ଅନ୍ୟାନ୍ୟ ବିଭିନ୍ନ ଯୋଜନାର ସାମିଲ ହେବା ପାଇଁ ଆବେଦନ କରି ପାରିବେ ବୋଲି ଏହି କର୍ମଶାଳାରେ ସୂଚନା ଦିଆ ଯାଇଛି। ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗୀର, ନୂଆପଡା, ସୋନପୁର, ଅନୁଗୋଳ, କଳାହାଣ୍ଡି, ଦେବଗଡ, ଜିଲାର ଡିଆରଡିଏ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଓ ବିଡିଓମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ପୁଣି ଅଚଳ ହେବ ପ୍ରଶାସନ

ସମ୍ବଲପୁର/ଲଖନପୁର,୨୮।୮(ବ୍ୟୁରୋ/ଡି.ଏଡ଼.ଏ.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗତ ବର୍ଷେ ହେଲା ଆନ୍ଦୋଳନ ଚାଲିଛି। ତଥାପି କେନ୍ଦ୍ର ଓ ରାଜ୍ୟ ସରକାର ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ ଏହି ଆନ୍ଦୋଳନକୁ ଆହୁରି କଠୋର କରିବା ପାଇଁ ନିଷ୍ପତ୍ତି ହୋଇଛି। ଆନ୍ଦୋଳନର ପରବର୍ତ୍ତୀ ରୂପରେଖ ପାଇଁ ଝାରସୁଗୁଡ଼ା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବୁଧବାର ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଣିକି ପ୍ରତି ମାସର ଶେଷ ୩ କାର୍ଯ୍ୟ ଦିବସରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଅଚଳ କରିଦିଆଯିବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଛି। ପ୍ରତି ସବ୍‌ଡିଭିଜନ ଓ ତହସିଲ କୋର୍ଟରେ କାର୍ଯ୍ୟରତ ଓକିଲମାନେ ମାସର କୌଣସି ଦିନରେ ଯାଇ ଅଧିକାରୀଙ୍କୁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗରେ ସରକାର କି ପଦକ୍ଷେପ ନେଲେ ସେ ନେଇ ପ୍ରଶ୍ନ ପଚାରିବେ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଛି। ତେବେ ନିକଟରେ ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ. ଝାବେରୀ ହାଉସ୍ କୋର୍ଟ ଡାକିଥିଲେ। ହେଲେ କେତେଜଣ ଓକିଲ ଓ ବିଚାରପତି ଏହାକୁ ବିରୋଧ କରିଥିଲେ। ଓକିଲଙ୍କ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି ସମ୍ପାଦକ ତଥା ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଥିଲେ। ତେବେ ମୁଖ୍ୟ ବିଚାରପତି ହାଉସ କୋର୍ଟ ଡାକିଥିବାରୁ ଏଥିରେ ସ୍ୱାଗତ ଜଣାଇ ସାଧୁବାଦ ଦିଆଯାଇଛି। ଅନ୍ୟପକ୍ଷେ ବୌଦ୍ଧ ଜିଲାକୁ ସମ୍ବଲପୁର ଆର୍‌ଡିସି ଅଧୀନକୁ ଅଣାଯିବାକୁ ସରକାରଙ୍କ ପାଖରେ ଦାବି ଜଣାଇବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏହାକୁ ନେଇ ଦିନ ଧାର୍ଯ୍ୟ କରି ଦିନିକିଆ ବନ୍ଦ ପାଳନ କରାଯିବ ବୋଲି ସ୍ଥିର ହୋଇଛି। ଝାରସୁଗୁଡ଼ା ଓକିଲ ସଂଘ ସଭାପତି ସନ୍ଦୀପ ଅଗସ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସିଏସି ସହଆବାହକ ପ୍ରମୋଦ କୁମାର ଦାଶ, ତିଲେଇବଣିର ଲିଙ୍ଗରାଜ ମିଶ୍ର, କୁଚିଣ୍ଡା ବାର୍ ପକ୍ଷରୁ ପ୍ରମୋଦ ଛତ୍ରିଆ, ରାଜଗାଙ୍ଗପୁର ବାର୍‌ର ଏଲ୍.କେ. ବେହେରା, ଅତାବିରା ବାର୍‌ର ଦିଲୀପ କୁମାର ସ୍ୱାଇଁ, ସମ୍ବଲପୁର ବାର୍ ସଦସ୍ୟ ସୁରେଶ୍ୱର ମିଶ୍ର, ଝାରସୁଗୁଡ଼ାର ରଘୁମଣି ପଟେଲ, ପଦ୍ମନାଭ ମାଲି, ରାଜୀବ ଲୋଚନ ପ୍ରଧାନ, ଦିଲୀପ ଗୁରୁ, ଦେବଗଡ଼ ଜିଲାର ଶଶିକାନ୍ତ ଦାଶ, ଅକ୍ଷୟ କୁମାର ମିଶ୍ର, ସୁନ୍ଦରଗଡ଼ର ଦୁଷ୍ମନ୍ତ କୁମାର ନାୟକ, ବରପାଲିର ଦେବେନ୍ଦ୍ର ଶତପଥୀ, ବୌଦ୍ଧର ତାରିଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ାରେ ବସିଲା ସିଏସି ବୈଠକ**

ଲିଟିଲ୍ ମିସ୍ ପ୍ରତିଯୋଗିତା

# ଓଡ଼ିଆ ଝିଅ ସରନ୍ୟାଙ୍କ କମାଲ

ଭୁବନେଶ୍ୱର,୨୮।୮(ବ୍ୟୁରୋ)- ଜଣକ ପରେ ଜଣେ ଓଡ଼ିଆ ପ୍ରତିଭା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି। ବିଶ୍ୱ ଯୁବ ସମ୍ମିଳନୀରୁ ଆରମ୍ଭକରି ଲିଟିଲ୍ ମିସ୍ ୟୁନିଭର୍ସ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭା ପ୍ରତିପାଦନ କରୁଛନ୍ତି ଓଡ଼ିଆ। ଏବେ ଅନ୍ତର୍ଜାତୀୟସ୍ତରରେ ଲିଟିଲ୍ ମିସ୍ ଭାବରେ ପୁଣି କମାଲ କରିଛନ୍ତି ୧୦ ବର୍ଷର ଓଡ଼ିଆ ଝିଅ ସରନ୍ୟା ସାମନ୍ତରାୟ। ନିକଟରେ ହଂକଂରେ ଆୟୋଜିତ ଏହି ପ୍ରତିଯୋଗିତାରେ ସରନ୍ୟା ଭାରତରୁ ପ୍ରତିନିଧିତ୍ୱ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୨ଟି ଦେଶକୁ ନେଇ ଆୟୋଜିତ ଏହି ଲିଟିଲ୍ ମିସ୍ ପ୍ରତିଯୋଗିତାରେ ମୋଟ ୬୪ଜଣ ପ୍ରତିନିଧି ଭାଗ ନେଇଥିଲେ। ଭୁବନେଶ୍ୱରସ୍ଥିତ ସେଣ୍ଟ୍ ଯୋଶେଫ ହାଇସ୍କୁଲ୍‌ରେ ୫ମ ଶ୍ରେଣୀରେ ପଢୁଥିବା ସରନ୍ୟା ଏଥିରେ ନିଜର ପ୍ରତିଭା, ଦକ୍ଷତା ଓ ବୁଦ୍ଧିମତ୍ତା ବଳରେ ପ୍ରଥମ ରନର୍ସଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗତ ଏପ୍ରିଲ୍ ମାସରେ କେରଳର କୋଝିକୋଡଠାରେ ସର୍ବଭାରତୀୟସ୍ତରର ପ୍ରତିଯୋଗିତା ହୋଇଥିଲା। ସେଥିରେ ସରନ୍ୟା ପ୍ରଥମ ରନର୍ସ ଅପ୍ ହୋଇ ହଂକଂ ଯିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଏହାପରେ ଅଗଷ୍ଟ ୨୩ରୁ ୨୭ ପର୍ଯ୍ୟନ୍ତ ହଂକଂରେ ଫାଇନାଲ୍ ରାଉଣ୍ଡ୍ ଅନୁଷ୍ଠିତ ହୋଇଥିଲା। ସରନ୍ୟା ଫାଇନାଲ ରାଉଣ୍ଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଟ୍ୟାଲେଣ୍ଟ ରାଉଣ୍ଡ୍‌ରେ ଟପ୍-୫ରେ ରହିଥିଲେ। ସେହିପରି ଏହି ପ୍ରତିଯୋଗିତାରେ ଓଡ଼ିଶାର ସୃଷ୍ଟି ଦାସ ମିସ୍ ଗୋଲ୍ଡ ଟାଇଟଲ୍ ଜିତିଛନ୍ତି। ସେଣ୍ଟ୍ ଜୋସେଫ୍ ସ୍କୁଲ୍‌ରେ ପଢୁଥିବା ୧୩ବର୍ଷୀୟ ସୃଷ୍ଟି ଉଭୟ ଓଡ଼ିଶା ଏବଂ ଭାରତକୁ ଗୌରବାନ୍ୱିତ କରିଛନ୍ତି। ବୁଧବାର ସରନ୍ୟା ଭୁବନେଶ୍ୱରରେ ପହଞ୍ଚିବା ପରେ ବିମାନ ବନ୍ଦରରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା

■ଅଗଷ୍ଟ ୩୧ ସୁଦ୍ଧା ଦେବାକୁ ଜିଲାପାଳଙ୍କୁ ଅର୍ଥ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୮ (ବ୍ୟୁରୋ)-ସରକାରୀ କର୍ମଚାରୀ ଏବଂ ପେନସନଧାରୀ ପାଇଁ ଖୁସି ଖବର। ଅଗଷ୍ଟ ମାସର ଦରମା ଓ ପେନସନ ଶୀଘ୍ର ପ୍ରଦାନ କରିବାକୁ ଅର୍ଥ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ବୁଧବାର ଅର୍ଥ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ସରକାରୀ କର୍ମଚାରୀଙ୍କୁ ସାଧାରଣତଃ ପରବର୍ତ୍ତୀ ମାସର ୧ କିମ୍ବା ଦୁଇ ତାରିଖରେ ଦରମା ପ୍ରଦାନ କରାଯାଇଥାଏ। ସେପ୍ଟେମ୍ବର ପହିଲା ରବିବାର, ୨ ତାରିଖରେ ଗଣେଶ ପୂଜା ଏବଂ ୩ ତାରିଖରେ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ଯୋଗୁ ସରକାରୀ ଛୁଟି ରହିବ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କର୍ମଚାରୀ ଓ ପେନସନ ଉପଭୋକ୍ତାଙ୍କୁ ଅଗଷ୍ଟ ୩୧ ତାରିଖରେ ଦରମା ଓ ପେନସନ ପ୍ରଦାନ କରିବାକୁ ଘୋଷଣା କରିଛି ।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ସରକାର
ଓଡ଼ିଶା ଶାସନ
DOTS Pura course । Pakka ilaaj
DSPL-74

ଧ୍ୟାନ ଦିଅନ୍ତୁ:

ସମସ୍ତ ଘରୋଇ ଚିକିତ୍ସକ, ଘରୋଇ ନର୍ସିଂହୋମ୍ / ହସ୍ପିଟାଲ୍, ଘରୋଇ କ୍ଲିନିକ୍, ନିଦାନ କେନ୍ଦ୍ର (ପରୀକ୍ଷାଗାର), ଘରୋଇ ଚିକିତ୍ସା କରୁଥିବା ସରକାରୀ ଡାକ୍ତର ଓ ଔଷଧ ଦୋକାନୀ

ସମସ୍ତ ଯକ୍ଷ୍ମାରୋଗୀମାନଙ୍କର ପଞ୍ଜୀକରଣ ଓ ତତ୍ ସମ୍ବନ୍ଧୀୟ ସୂଚନା ପ୍ରଦାନ ବାଧ୍ୟତାମୂଳକ ଅଟେ ।

- ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା: Z-୨୮୦୧୫/୨/୨୦୧୨ TB dated: ୧୬/୦୩/୨୦୧୮ଏବଂ ଓଡିଶା ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା: ୯୮୦୪/SH RNTCP-୨୩୩/୧୨dated:୨୯/୦୩/୨୦୧୮ ଅନୁସାରେ ଯକ୍ଷ୍ମା ରୋଗକୁ ଏକ ଅଧିସୂଚୀତ ରୋଗ ଭାବେ ଘୋଷଣା କରାଯାଇଛି ।
- ଯକ୍ଷ୍ମା ରୋଗୀଙ୍କ ଚିହ୍ନଟ ଓ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂପୃକ୍ତ ଜିଲ୍ଲା ଯକ୍ଷ୍ମା ଚିକିତ୍ସାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ ।
- ଏଥିରେ ଖିଲାପ୍ କଲେ ଭାରତୀୟ ଦଣ୍ଡବିଧି ଆଇନ୍ (45 of 1860) ସଂହିତାର ଦଫା ୨୬୯ ଓ ୨୭୦ ଅନୁଯାୟୀ ୬ମାସ ବା ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ବା ଅର୍ଥଦଣ୍ଡ, କିମ୍ବା ଉଭୟ ଜେଲ୍ ଓ ଅର୍ଥଦଣ୍ଡରେ ଦଣ୍ଡିତ ହେବେ ।
- ଘରୋଇ ଚିକିତ୍ସକ ନୂତନ ଯକ୍ଷ୍ମାରୋଗୀଙ୍କ ଚିହ୍ନଟ ଓ ପଞ୍ଜୀକରଣ କରାଇଲେ ୫୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ପାଇବେ ଏବଂ ଚିକିତ୍ସା ସମ୍ପୂର୍ଣ୍ଣ କରାଇଲେ ଆଉ ୫୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ପାଇବେ । ଏହି ଅର୍ଥ ଚିକିତ୍ସକଙ୍କ ବ୍ୟାଙ୍କ୍ ଖାତାରେ ସିଧାସଳଖ ଜମା ହୋଇଯିବ ।

ନିମ୍ନ ପ୍ରଦତ୍ତ ଯେକୌଣସି ସରଳ ଉପାୟରେ ଯକ୍ଷ୍ମାରୋଗୀଙ୍କ ପଞ୍ଜୀକରଣ କରିହେବ ।

ସିଧାସଳଖ **ନିକ୍ଷୟ** (NIKSHAY) ୱେବସାଇଟ୍ ମାଧ୍ୟମରେ (http://nikshay.gov.in/USER/Login.axpx)

nikshay
Android ମୋବାଇଲ୍ ମାଧ୍ୟମରେ (http://nikshay.gov.in/HFUSER/HFLogin.axpx)

ନିକ୍ଷୟ ସମ୍ପର୍କ ଟୋଲ ଫ୍ରି ନମ୍ବର:
୧୮୦୦-୧୧-୬୬୬୬

ଯକ୍ଷ୍ମା ଅଧିସୂଚନା ସମ୍ପର୍କିତ ମାର୍ଗଦର୍ଶିକା (Guideline) ଜାଣିବାପାଇଁ ଲଗ୍‌ଇନ୍ କରନ୍ତୁ www.tbcindia.gov.in

ଅଧିକ ସୂଚନା ପାଇଁ ରାଜ୍ୟ ଯକ୍ଷ୍ମା ନିୟନ୍ତ୍ରଣ କକ୍ଷ ଇ ମେଲ୍ (stoor@rntcp.org)ରେ ଯୋଗାଯୋଗ କରନ୍ତୁ ।

10003/13/0043/1920
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha

## ଆଜି କ'ଣ କେଉଁଠି

**ସମ୍ବଲପୁର**
■ କ୍ରୀଡା ଦିବସ ଶୋଭାଯାତ୍ରା ଶୁଭାରମ୍ଭ, ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପରିସର, ସକାଳ ୭ଟା ।
■ ଜିଲା କ୍ରୀଡା ବିଭାଗ ପକ୍ଷରୁ ଆଲୋଚନାଚକ୍ର, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ ସ୍ଥିତ ସଭା ଗୃହ, ଅପରାହ୍ନ ୨ଟା ।
■ ହକି ଓ ଫୁଟବଲ ମ୍ୟାଚ, ସେଣ୍ଟଜନ୍ ସ୍କୁଲ ପରିସର, ଅପରାହ୍ନ ୪ଟା ।

**ଦେବଗଡ଼**
■ ନେହେରୁ ଯୁବ କେନ୍ଦ୍ର ଓ ସୁଧାର ସଂଘର ମିଳିତ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମ, ଶବରପାଲି ଗ୍ରାମ, ପୂର୍ବାହ୍ନ ୧୦ଟା।
■ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ପାରପୋଷି ଗାଁ ଖେଳ ପଡ଼ିଆ, ଅପରାହ୍ନ ୪ଟା।
■ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରା, ସକାଳ ୮ଟା।
■ ସ୍ୱର୍ଗତ ଧ୍ୟାନଚାନ୍ଦ ଉପରେ ସେମିନାର, ଇଣ୍ଡୋର ଷ୍ଟାଡ଼ିୟମ, ସକାଳ ୯ଟା।
■ ପ୍ରଦର୍ଶନୀ ଫୁଟବଲ ମ୍ୟାଚ, ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମ, ଅପରାହ୍ନ ୪ଟା।

**ବିଜେପୁର**
■ ଜାତୀୟ କ୍ରୀଡ଼ା ଦିବସ ପାଳନ, ପହଣ୍ଡି ହାଇସ୍କୁଲ ପରିସର, ଅପରାହ୍ନ ୨ଟା।

**ଟିଟିଲାଗଡ଼**
■ ଏସ୍ଏଚ୍‌ଜି ମହିଳାଙ୍କ ସାପ୍ତାହିକ ହାଟ ଉଦ୍‌ଘାଟନୀ ପ୍ରସ୍ତୁତି ବୈଠକ, ପୌର ପରିଷଦ ସଭାଗୃହ, ପୂର୍ବାହ୍ନ ୧୦.୩୦।

**ସୁବର୍ଣ୍ଣପୁର**
■ କ୍ୟାନସର ଚିହ୍ନଟ ଏବଂ ସଚେତନତା ଶିବିର, ଅଗ୍ରସେନ ଭବନ, ସକାଳ ୯ଟା।
■ ଜାତୀୟ କ୍ରୀଡ଼ା ଦିବସ ଅବସରରେ ସଚେତନତା ରାଲି, ଆମ୍ବେଦ୍‌କର ଛକ, ସକାଳ ୭ଟା।

**ବଲାଙ୍ଗୀର**
■ ଜାତୀୟ କ୍ରୀଡ଼ା ଦିବସ ପାଳନ ଓ ମେଜର ଧ୍ୟାନଚାନ୍ଦ ଜୟନ୍ତୀ ସମାରୋହ, ଗାନ୍ଧୀ ଷ୍ଟାଡ଼ିୟମ ବଲାଙ୍ଗୀର, ପୂର୍ବାହ୍ନ ୧୧.୩୦।

**ନୂଆପଡ଼ା**
■ ଜାତୀୟ କ୍ରୀଡ଼ା ଦିବସ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ।
■ ନ୍ୟାଶନାଲ ଫିଟ ଫର ଇଣ୍ଡିଆ କାର୍ଯ୍ୟକ୍ରମର ଶୁଭାରମ୍ଭ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୧ଟା।
■ ବୁଦ୍ଧିଜିବୀ ସମ୍ମିଳନୀ, ମିନିଷ୍ଟାଡିୟମ, ଅପରାହ୍ନ ୪ଟା ।

**ସୁନ୍ଦରଗଡ଼**
■ ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳନ ସମାରୋହ, ଭବାନୀପୁର କ୍ରୀଡ଼ା ଛାତ୍ରାବାସ, ସକାଳ ୭ଟା।

# ବିଶୃଙ୍ଖଳିତ ସଦସ୍ୟଙ୍କ ପାଇଁ ଆସୁ ଆଇନ:ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର,୨୮।୮(ବ୍ୟୁରୋ)- ପାର୍ଲାମେଣ୍ଟ ତଥା ରାଜ୍ୟଗୁଡିକର ବିଧାନସଭା ଚାଲିଥିବା ସମୟରେ ଅନେକ ସଦସ୍ୟ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥାଆନ୍ତି। ଏହାଦ୍ୱାରା ଭାରତୀୟ ଗଣତନ୍ତ୍ରର ମହାନ ସଂସଦୀୟ ପରମ୍ପରା ତାହାର ଗୁରୁତ୍ୱ ହରାଇଥାଏ, ତେଣୁ ଏଭଳି ସଦସ୍ୟମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ କରାଯାଉ। ଏଥିପାଇଁ ଆବଶ୍ୟକ ଆଇନ ଅଣାଯାଉ ବୋଲି ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବୁଧବାର କହିଛନ୍ତି। ପାର୍ଲାମେଣ୍ଟ ଏବଂ ବିଧାନସଭା କାର୍ଯ୍ୟାବଳୀ ପ୍ରସଙ୍ଗରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀର ସଂସଦ ଭବନରେ ହୋଇଥିବା ବୈଠକରେ ସୂର୍ଯ୍ୟ ଏହି ଦାବି ଉପସ୍ଥାପନ କରିଛନ୍ତି। ଏହି ବୈଠକରେ ଶୃଙ୍ଖଳିତ ସଂସଦୀୟ କାର୍ଯ୍ୟସହ ଆଇନସଭାଗୁଡିକର ଡିଜିଟାଇଲାଇଜେସନ ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ମତ ଦେଇ ସୂର୍ଯ୍ୟ କହିଥିଲେ, ଗୃହର ସଦସ୍ୟମାନଙ୍କ ଦ୍ୱାରା ବିଶୃଙ୍ଖଳା କରାଯାଉଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଏଭଳି ସଦସ୍ୟ ତୁରନ୍ତ ନିଲମ୍ବିତ ହେବା ଆବଶ୍ୟକ। ସେହିପରି ସାରା ଦେଶରେ ବିଶୃଙ୍ଖଳିତ ସଦସ୍ୟମାନଙ୍କ ପାଇଁ ଏକକ ଆଇନ ଲାଗୁ କରିବା ସପକ୍ଷରେ ସୂର୍ଯ୍ୟ ମତ ରଖିଥିଲେ। ସେହିପରି ଆସନ୍ତା ସେପ୍ଟେମ୍ବର ୨୨ରୁ ୨୯ ପର୍ଯ୍ୟନ୍ତ ଉଗାଣ୍ଡାର ରାଜଧାନୀ କାମ୍ପାଲାଠାରେ ୬୪ତମ ରାଜ୍ୟ ଗୋଷ୍ଠୀ ସଂସଦୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ଥିବା ଭାରତୀୟ ପ୍ରତିନିଧିଙ୍କୁ ଏହି ସମ୍ମିଳନୀ ସମ୍ପର୍କରେ ସମ୍ୟକ ସୂଚନା ଏହି ବୈଠକରେ ପ୍ରଦାନ କରାଯାଇଥିଲା। ପ୍ରଦାନ ବାଚସ୍ପତିମାନଙ୍କ ପରିବର୍ତ୍ତୀ ବୈଠକ ଆସନ୍ତା ନଭେମ୍ବର ୧୨ ଏବଂ ୧୩ରେ ଡେରାଡୁନ୍‌ଠାରେ ଅନୁଷ୍ଠିତ ହେବ। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏହାର ଅଧ୍ୟକ୍ଷତା କରିବେ। ବିଶୃଙ୍ଖଳିତ ସଦସ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମିତ୍ତ ଆଇନ ପ୍ରଣୟନ ପାଇଁ ବାଚସ୍ପତି ବିର୍ଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି।

**ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀର ପ୍ରାକ୍ ବୈଠକ**

ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସୋନପୁର

ନୋଟିସ

ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଅଭିଭାବକ/ପିତାମାତା/ତଥା ଜନସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ଆପଣମାନେ ଆପଣମାନଙ୍କର ପିଲାମାନଙ୍କୁ କେବଳ ସରକାରୀ ସ୍ୱୀକୃତି ପ୍ରାପ୍ତ **(COR Under RTE Act, 2009)** ବିଦ୍ୟାଳୟ ମାନଙ୍କରେ ନାମ ଲେଖାନ୍ତୁ। ଅନ୍ୟଥା ଆଗାମୀ ଦିନରେ କୌଣସି ଅସୁବିଧା ହେଲେ ଜିଲ୍ଲା ଶିକ୍ଷା ବିଭାଗ ଦାୟୀ ରହିବେ ନାହିଁ।

ସ୍ୱା./-
ଜିଲ୍ଲା ଶିକ୍ଷା ଅଧିକାରୀ
ସୋନପୁର

ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
E-mail Id : sambalpurm.hud@nic.in
Phone No.0663-2411012
ସଂଖ୍ୟା.୩୨୦୦ ତା.୨୭।୦୮।୨୦୧୯

ସ୍ୱଚ୍ଛ ସାଥୀ ଏବଂ ସୁପରଭାଇଜର ନିଯୁକ୍ତି ବିଜ୍ଞାପନ

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନାରେ ସହାୟତା ପାଇଁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ୱାର୍ଡରେ କାର୍ଯ୍ୟ କରୁଥିବା ଇଚ୍ଛୁକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। ଆବେଦନ ପତ୍ରର ନକଲ ସମ୍ବଲପୁର ମହାନଗର ନିଗମର ଗୋଷ୍ଠୀ ସହାୟିକାଙ୍କ ନିକଟରେ ଏବଂ ୱେବ୍‌ସାଇଟ୍ (www.smcsambalpur.nic.in)ରେ ଉପଲବ୍ଧ ଅଛି। ପ୍ରତ୍ୟେକ ୬ଶହ ଘର ନିମନ୍ତେ ଜଣେ ସ୍ୱଚ୍ଛ ସାଥୀ ଏବଂ ୨୪ଶହ ଘର ନିମନ୍ତେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତି କରାଯିବ। ସ୍ୱଚ୍ଛ ସାଥିଙ୍କ ମାସିକ ପାରିଶ୍ରମିକ ୪ ହଜାର ଟଙ୍କା ଏବଂ ସୁପରଭାଇଜରଙ୍କ ପାରିଶ୍ରମିକ ୮ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି, ଉକ୍ତ ପାରିଶ୍ରମିକ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ। ଏଥିନିମନ୍ତେ ୱାର୍ଡୱାରି ଆବଶ୍ୟକତା ଅନୁଯାୟୀ ସ୍ୱୟଂ ସହାୟିକା ଗୋଷ୍ଠୀ ଚୟନ କରାଯିବ ଏବଂ ସମ୍ପୃକ୍ତ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଅଗ୍ରାଧିକାର ଦିଆଯିବ। ସ୍ୱୟଂ ସହାୟିକା ଗୋଷ୍ଠୀଦ୍ୱାରା ମନୋନୀତ ସ୍ୱଚ୍ଛ ସାଥୀଙ୍କ ଯୋଗ୍ୟତା ଯୁକ୍ତ ୨ ଉତ୍ତୀର୍ଣ୍ଣ ଏବଂ ସୁପରଭାଇଜର ଯୋଗ୍ୟତା ଯୁକ୍ତ ୩ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଉପରୋକ୍ତ ଯୋଗ୍ୟତାଧାରୀ ସଦସ୍ୟା ସମ୍ପୃକ୍ତ ୱାର୍ଡର କୌଣସି ସ୍ୱୟଂ ସହାୟିକା ଗୋଷ୍ଠୀରେ ନ ଥିଲେ, ଆବଶ୍ୟକ ଯୋଗ୍ୟତାକୁ କୋହଳ କରାଯିବା ପାଇଁ ବିଚାର କରାଯାଇପାରେ। ଆବେଦନ ଫର୍ମ ଏକ ଲଫାପାରେ ମୁଦ କରାଯାଇ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଥିବା ଆବେଦନ ବାକ୍ସରେ ଆସନ୍ତା ତା.୧୨।୦୯।୨୦୧୯ରିଖ ଘ.୫.୩୦ମି. ସୁଦ୍ଧା ଦାଖଲ କରିବା ବାଞ୍ଛନୀୟ।

ସ୍ୱ./- ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ
ସମ୍ବଲପୁର

ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡକ୍ଟର ଭାଗବତ ପ୍ରସାଦ ପାତ୍ର
ଅବସରପ୍ରାପ୍ତ ପ୍ରଧାପକ, ଉତ୍କଳ ୟୁନିଭରସିଟି
ମିଳନ ପାରାଡାଇଜ, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ଆପଣଙ୍କ ଅମରାତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିରଶାନ୍ତି ଲାଭକରୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ।
ଧ-୫୬୧୭୮

ଶ୍ରଦ୍ଧାଞ୍ଜଳି
୧୦ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ରାଜକିଶୋର ପତି
ଆବିର୍ଭାବ: ୦୬/୦୬/୧୯୫୪
ତିରୋଧାନ: ୧୯/୦୮/୨୦୦୯
ଝାଡୁଆପଡା, ସମ୍ବଲପୁର
ତୁମରି ଆତ୍ମାର ସଦଗତି ନିମନ୍ତେ ପ୍ରଭୁପାଦରେ ପ୍ରାର୍ଥନା ।
ତୁମର ଶୋକ ସନ୍ତପ୍ତ ସ୍ତ୍ରୀ ମଞ୍ଜୁଲତା ପତି ଓ ପରିବାର ବର୍ଗ ।
ଧ-୧୪୧୦୪

# ସଂକ୍ଷେପରେ

## ଭିସୁଟ୍‌ର ୬୧ ଅଧ୍ୟାପକଙ୍କ ୩ ଦିନର ଦରମା କାଟ୍

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଭିସୁଟ)ରେ ଆନ୍ଦୋଳନରେ ସାମିଲ ଥିବା ୬୧ ଜଣ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବୁଧବାର ଏ ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଜୁଲାଇ ୨୫, ୨୬ ଓ ୨୭ ତାରିଖର ଦରମା କଟା ଯାଇଛି । ନୋ ୱାର୍କ, ନୋ ପେ ନିୟମ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ୭ଜଣ ଅଧ୍ୟାପକଙ୍କୁ ଏହି ଆନ୍ଦୋଳନରେ ସାମିଲ ହେତୁ ନିଲମ୍ବିତ କରାଯାଇଛି।

## ମାଛ ଜାଲରୁ ଗୋମୁହାଁ କୁମ୍ଭୀର ଉଦ୍ଧାର



ଦିଗପହଣ୍ଡି,୨୮।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମ୍ବାରିଗାଁ ପଞ୍ଚାୟତ ମଣିଡିଅ ଗ୍ରାମରେ ମାଛ ଜାଲରୁ ବୁଧବାର ଏକ ଗୋମୁହା ପ୍ରଜାତିର କୁମ୍ଭୀର ଉଦ୍ଧାର ହୋଇଛି। କୁମ୍ଭୀରଟିର ଲମ୍ବ ପ୍ରାୟ ୫ ଫୁଟ ହୋଇଥିବା ବେଳେ ବୟସ ପ୍ରାୟ ୨ ବର୍ଷ ହେବ ବୋଲି ଜଣାପଡ଼ିଛି। ସକାଳୁ ଉକ୍ତ ଗ୍ରାମରେ ଥିବା ଏକ ପୋଖରୀରେ ଲୋକେ ମାଛ ଧରୁଥିବା ସମୟରେ ଜାଲରେ କୁମ୍ଭୀରଟି ଫସି ଯାଇଥିଲା। କୁମ୍ଭୀରଟିକୁ ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ପରେ ଗ୍ରାମବାସୀ ଦିଗପହଣ୍ଡି ବନ ବିଭାଗକୁ ଜଣାଇଥିଲେ। ବନାଞ୍ଚଳ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ରେଞ୍ଜର ରାଜାରାଓ ସୁବୁଦ୍ଧିଙ୍କ ନେତୃତ୍ୱରେ ବନରକ୍ଷୀ ମୂରଲୀଧର ନାୟକ, ନିରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି କୌଶଳକ୍ରମେ ଜାଲରୁ କୁମ୍ଭୀରକୁ ଉଦ୍ଧାର କରିଥିଲେ। କୁମ୍ଭୀରଟିକୁ ଉଦ୍ଧାର ପରେ ନିକଟସ୍ଥ ଘୋଡ଼ାହାଡ ଡ୍ୟାମରେ ଛାଡ଼ି ଦିଆଯାଇଥିବା ରେଞ୍ଜର କହିଛନ୍ତି।

## 'ରେଡିଓ ନମସ୍କାର'କୁ ୩ ଜାତୀୟ ପୁରସ୍କାର

ଭୁବନେଶ୍ୱର/ନୂଆଦିଲ୍ଲୀ,୨୭।୮-

ଓଡ଼ିଶାର ପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ 'ରେଡିଓ ନମସ୍କାର' ୨୦୧୮ ଓ ୨୦୧୯ ମସିହା ଲାଗି ୩ ପ୍ରମୁଖ ବିଭାଗରେ ଜାତୀୟ ପୁରସ୍କାର ହାସଲ କରିଛି। ବୁଧବାର ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡକର ରେଡିଓ ନମସ୍କାରକୁ ଏହାର ସଚେତନଧର୍ମୀ ଓ ଉତ୍କୃଷ୍ଟମାନର କାର୍ଯ୍ୟକ୍ରମ ପାଇଁ ସମ୍ମାନିତ କରିଥିଲେ। ରେଡିଓ ନମସ୍କାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ ମାଧ୍ୟମରେ ଗୋଷ୍ଠୀ ତଥା ସମାଜର ସାଂସ୍କୃତିକ ଓ ପାରମ୍ପରିକ ଛବିକୁ ପ୍ରତିଫଳନ କରିପାରିଛି। ଏଥିରେ ପ୍ରସାରିତ ହେଉଥିବା 'ଆମ ପ୍ରିୟ ପଖାଳ' ୨୦୧୯ ଲାଗି ଶ୍ରେଷ୍ଠ ପୁରସ୍କାର ହାସଲ କରିଛି। ସୁସ୍ଥ ଜୀବନଯାପନ ପାଇଁ ପଖାଳ କେବଳ ଏକ ଉତ୍କୃଷ୍ଟ ଖାଦ୍ୟ ବୋଲି ଏହା ଦର୍ଶାଇନି, ବରଂ ହଜିଯାଉଥିବା ଏକ ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସେହିଭଳି ୨୦୧୮ ପାଇଁ ରେଡିଓ ନମସ୍କାରର 'ଆମ ଖାଦ୍ୟ' କାର୍ଯ୍ୟକ୍ରମ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି। ଏହାସହ ୨୦୧୮ ଲାଗି 'ଶିଶୁ ହସିଲେ ଦୁନିଆ ହସିବ' କାର୍ଯ୍ୟକ୍ରମ ପାଇଁ ରେଡିଓ ନମସ୍କାର ୩ୟ ଶ୍ରେଷ୍ଠ ପୁରସ୍କାର ହାସଲ କରିବାରେ ସଫଳ ହୋଇଛି। ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଏହି ଅଭିନବ କାର୍ଯ୍ୟକ୍ରମ କ୍ରିଏଟିଭ୍ ତଥା ଇନୋଭେଟିଭ୍ ବିଭାଗରେ ପୁରସ୍କୃତ ହୋଇଛି।

# 'ସମ୍ପୂର୍ଣ୍ଣା' ଯୋଜନାକୁ ଅଧିକ କ୍ରିୟାଶୀଳ କରାଯିବ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ରାଜ୍ୟରେ ୨୦୧୧-୧୩ ବର୍ଷରେ ପ୍ରତି ଏକ ଲକ୍ଷ ପ୍ରସୂତିଙ୍କ ମଧ୍ୟରୁ ୨୨୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୪-୧୬ରେ ଏହା ୧୮୦କୁ ହ୍ରାସ ପାଇଥିଲା। ତେବେ ୨୦୨୦ ସୁଦ୍ଧା ଏହାକୁ ୧୧୭ ଓ ୨୦୩୦ ସୁଦ୍ଧା ୭୦ରେ ପହଞ୍ଚାଇବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ୨୦୧୧-୧୩ରେ ପ୍ରତି ହଜାରେ ନବଜାତକଙ୍କ ମଧ୍ୟରୁ ୫୧ଜଣ ମୃତ୍ୟୁମୁଖରେ ପଡୁଥିବାବେଳେ ୨୦୧୭ରେ ଏହା ୪୧ରେ ପହଞ୍ଚିଛି। ତେବେ ୨୦୨୦ ସୁଦ୍ଧା ଏହି ସଂଖ୍ୟା ୩୦କୁ ହ୍ରାସ ଲାଗି ଲକ୍ଷ୍ୟ ରହିଛି। ଓଡ଼ିଶାରେ ମାତୃ ମୃତ୍ୟୁହାର ଜାତୀୟସ୍ତର ସହିତ ତାଳ ଦେଇ ଦ୍ରୁତ ହ୍ରାସ ପାଇବାରେ ଲାଗିଛି। ଅନୁରୂପ ଭାବେ ନବଜାତଙ୍କ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ହାରର ପାଖାପାଖି ରହିଛି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଲାଗି 'ସମ୍ପୂର୍ଣ୍ଣା' ଯୋଜନା କାର୍ଯ୍ୟକାରୀ ହେବା ପରେ ଏହି ସଫଳତା ମିଳିଛି। ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ସମୟରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ ଯେଉଁ ଲକ୍ଷ୍ୟ ଦିଆଯାଇଥିଲା ତାହା ସଫଳ ହୋଇଛି। ତଥାପି ଏହି ଯୋଜନାକୁ ଅଧିକ କ୍ରିୟାଶୀଳ କରି ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଶିଶୁ ଓ ମାତୃ ମୃତ୍ୟୁ ହ୍ରାସ ନେଇ ବୁଧବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଦାସ ଏହା କହିବା ସହ ଏଥିପାଇଁ ତୁରନ୍ତ ଏକ କମିଟି ଗଠନ କରି ମାସକ ମଧ୍ୟରେ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ସମ୍ପୂର୍ଣ୍ଣା' ଯୋଜନାକୁ ଅଧିକ କ୍ରିୟାଶୀଳ କରିବା ଲାଗି ଏଫ୍‌ଆର୍‌ୟୁରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ପ୍ରସୂତିଙ୍କ ପାଇଁ ଥିବା ଓଟି ଏବଂ ଏସ୍‌ଏନ୍‌ସିୟୁରେ ତାଲିମପ୍ରାପ୍ତ ଷ୍ଟାଫ୍‌ନର୍ସ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଗର୍ଭବତୀଙ୍କଠାରେ ଦେଖାଯାଉଥିବା ରକ୍ତହୀନତା ଓ ପୁଷ୍ଟିହୀନତା ଦୂର ପାଇଁ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ମତପ୍ରକାଶ ପାଇଛି। ସେହିଭଳି ଶିଶୁ ଓ ମାତୃସ୍ୱାସ୍ଥ୍ୟ ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଏଫ୍‌ଆର୍‌ୟୁଗୁଡ଼ିକୁ ଅଧିକ ସୁଦୃଢ଼ କରିବା, ଅତ୍ୟାଧୁନିକ ଆଇସିୟୁ କାର୍ଯ୍ୟକ୍ଷମ କରାଯିବା ଏବଂ ସମ୍ପୂର୍ଣ୍ଣା ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକୁ ତଦାରଖ ଉପରେ ଜୋର୍ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ପରାମର୍ଶଦାତା ଡା. କେ.ଶ୍ରୀନାଥ ରେଡ୍ଡୀ, ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ଏମ୍‌ଡି ଯାମିନୀ ଷଡ଼ଙ୍ଗୀ, ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ପୋଡ଼ିଗଲେ ଘି**
**ଘି ପୋଡ଼ିଗଲେ ଛି ।**

ସାଧାରଣତଃ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ତେଲକୁ ଅଧିକ ତାପମାତ୍ରାରେ ବ୍ୟବହାର କରାଯାଇଥାଏ। ପେଟ ପାଇଁ ଖରାପ ହୋଇଥିଲେ ମଧ୍ୟ ପାଟିକୁ କିନ୍ତୁ ସୁଆଦିଆ ଲାଗିଥାଏ। ସେହିପରି ଘିଅ ବେଶିମାତ୍ରାରେ ପୋଡ଼ିଗଲେ ଆଦୌ ଖାଇ ହୋଇ ନ ଥାଏ। ପାଟିକୁ ଏହା ପିତୁଳିଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ତୁଚ୍ଛାକୁ ତୁଚ୍ଛା**
**ତୁଚ୍ଛା କାଞ୍ଜିପାଣି ମନ ମୂରୁଚ୍ଛା ।**

ଅଭାବଗ୍ରସ୍ତ ଘର। ଭଲରେ ଖଣ୍ଡେ ଖାଇବା, ପିଇବା କି ଖଣ୍ଡେ ପିନ୍ଧିବା ସ୍ୱପ୍ନ। ଗରିବ ହେଲେ ଅନେକ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼େ। ଜିଇବା ପାଇଁ ସଂଘର୍ଷ କରିବାକୁ ପଡ଼େ। ଅର୍ଥାଭାବରୁ ତରକାରି କରିବାକୁ ପରିବା ମିଳୁ ନ ଥିବା ସ୍ଥଳେ ଭୋକ ଦାଉରୁ ବର୍ତ୍ତିବା ପାଇଁ କାଞ୍ଜିପାଣି କରି ସେଥିରେ ମନ ବୁଝାଇ ଦିନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

## ହୀରାକୁଦ ଡ୍ୟାମ୍‌ର ୭ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୨୮।୮ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରୁ ବୁଧବାର ୭ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି ।ଡ୍ୟାମରୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୩ ହଜାର ୪୫୫ କ୍ୟୁସେକ ପାଣି ନିଷ୍କାସନ ହେଉଛି । ସେହିପରି ୧ଲକ୍ଷ ୩୩ ହଜାର ୪୫୫ କ୍ୟୁସେକ ଜଳ ଡ୍ୟାମ୍ ଭିତରକୁ ପ୍ରବେଶ କରୁଛି । ପାୱାର ଚ୍ୟାନେଲରେ ୧୮ ହଜାର ୮୯୨, ବିଭିନ୍ନ କେନାଲରେ ୩ହଜାର ୨ କ୍ୟୁସେକ୍ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି । ରାତି ୯ଟା ସୁଦ୍ଧା ଜଳସ୍ତର ୬୨୩. ୧୫ ଫୁଟ ରହିଛି । ଡ୍ୟାମ ତଳ ମୁଣ୍ଡ ବେଲଗାଁରେ ୨୬ ହଜାର ୫୦୦, ପର୍ଥଲାରେ ୬୫ ହଜାର ୩୬୬, ଖଇରମାଲରେ ୩ଲକ୍ଷ, ବରମୂଳାରେ ୨ଲକ୍ଷ ୭୭ ହଜାର ୭୫୦ ଓ ମୁଣ୍ଡଳିରେ ୨ଲକ୍ଷ ୯ ହଜାର ୫୩୬ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ଡ୍ୟାମ ନିୟନ୍ତ୍ରଣ କକ୍ଷରୁ ସୂଚନା ମିଳିଛି।

## ବୋଲେରୋ ଚକ ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ବୈଦ୍ୟନାଥ ଛକର କ୍ରିଷ୍ଣା ସାହୁଙ୍କ ଗାଡି (ନଂ. ଓଆର୍ ୦୨ ଏଏମ- ୫୦୪୫)ରୁ ଚକ ଚୋରି ଅଭିଯୋଗରେ ଧନୁପାଲି ଥାନା ଅଧୀନ ସୋନାପାଲିର ସୟଦ ଆକ୍ରମଙ୍କୁ ଗିରଫ କରିଛି । ଏ ନେଇ ଥାନାରେ ୩୪୧/୧୯ରେ ମାମଲା ରୁଜୁ ହୋଇଛି ।


# CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସମ୍ପର୍କ କରନ୍ତୁ
8278077123
8607378206

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ । 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
9430814236
6393626894

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ଗୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ

## ସଂକ୍ଷେପରେ

### ବେକରେ ରଶି ଲଗାଇ ଆତ୍ମହତ୍ୟା

ବାରକୋଟ, ୨୮।୮ (ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଲ ଗ୍ରାମରେ ଦୁଷ୍ମନ୍ତ ନାୟକ (୨୩) ନାମକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ଯେ, ବୁଧବାର ଅପରାହ୍ନରେ ଘରେ କେହି ନ ଥିବାବେଳେ ଦୁଷ୍ମନ୍ତ ବେକରେ ରଶି ଲଗାଇବା କଥାକୁ ଘରେ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଘରେ ଜଣେ ଭାଇ ଏବଂ ଜଣେ ଭଉଣୀ ଅଛନ୍ତି । ଖବର ପାଇ ଦେବଗଡ ପୋଲିସ ଶବକୁ ଜବତ କରି ଅନୁସନ୍ଧାନ ଚଳାଇଥିବା ଜଣାଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ଛତୁ ପାଇଁ ମହିଳା ଉଦ୍ୟୋଗୀଙ୍କ ସଚେତନତା କର୍ମଶାଳା

# ମହିଳାଙ୍କ ସମାନ ଭାଗୀଦାରିତା ଉପରେ ଗୁରୁତ୍ୱ

ଦେବଗଡ଼,୨୮।୮(ଡ଼ି.ଏନ.ଏ.)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ମିଶନ ଶକ୍ତିର ସହଯୋଗୀତାରେ ଓଡ଼ିଶା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ରୋଜଗାର ଭିତ୍ତିକ ତାଲିମ ପ୍ରଦାନ କରି ସେମାନଙ୍କୁ କୃଷି ଉପୋଯୋଗୀ କରିବାକୁ ପ୍ରଚେଷ୍ଟା କରାଯାଇଛି । ଏହି ଅବସରରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ସୁଜିତ କୁମାର ନାଥଙ୍କ ସଭାପତିତ୍ୱରେ ସମ୍ମିଳନୀ କକ୍ଷରେ ପାଳଛତୁ ଚାଷ ମାଧ୍ୟମରେ ସ୍ୱରୋଜଗାର ଉପରେ ଏକ ସାତଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ଯୋଗଦେଇ ସମାଜର ଅର୍ଥନୈତିକ ଓ ସାଂସ୍କୃତିକ ବିକାଶରେ ପୁରୁଷ ଭଳି ମହିଳାମାନଙ୍କର ସମାନ ଭାଗିଦାରିତା ଉପରେ ଗୁରୁତ୍ୱାରୋପ କରିଥିଲେ।




ତାଲିମ ଶିବିର ଉଦ୍‌ଘାଟନରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଅତିଥିମାନେ ।

ପାରମ୍ପରିକ କୃଷି ବ୍ୟତୀତ ଛତୁ ଚାଷ, ଖାଦ୍ୟ ଇତ୍ୟାଦି ନୂଆ ନୂଆ ଧନ୍ଦାକୁ ବୈଜ୍ଞାନିକ ଭିତିଭୂମି ସହ ପେସା ଭାବରେ ଗ୍ରହଣ କଲେ ମହିଳାମାନେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାର ଯୋଗାଇବେ ବୋଲି ବ୍ୟକ୍ତ କାରିଥିଲେ । ଡ଼. ସୁଜିତ କୁମାର ନାଥ ଉଦ୍‌ଘାଟନ ଉତ୍ସବରେ ଜିଲାର ମହିଳାମାନଙ୍କୁ ସ୍ୱରୋଜଗାର ପନ୍ଥା ଦେଖାଇ ସ୍ୱାବଲମ୍ବୀ କରିବା ସହ ଜିଲାର ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାକୁ ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ରୋଜାଲିନ୍ କେରକେଟା ପାରିବାରିକ ସ୍ୱଚ୍ଛଳତା ନିମନ୍ତେ ମହିଳାମାନେ ରୋଜଗାରକ୍ଷମ ହେବାକୁ ଆହ୍ୱାନ କରିଥିଲେ । ଜିଲା ଜଳ ବିଭାଜିକା ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପ୍ରଧାନ ମହିଳାମାନେ ବିଭିନ୍ନ ଧନ୍ଦାମୁଳକ କାର୍ଯ ଅବଲମ୍ବନ କରି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ । ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କେ.କେ.ମହାଲିଙ୍ଗ ମହିଳାମାନେ ଛତୁଚାଷ କରି ଜିଲାର ଚାହିଦା ପୁରଣ କରିବା ସହ ପଡ଼ୋଷୀ ଜିଲାକୁ ମଧ୍ୟ ରପ୍ତାନି କରି ରୋଜଗାରକ୍ଷମ ହୋଇପାରିବେ ବୋଲି ପ୍ରକାଶ କରିଥିଲେ ।

ଜିଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା 'ଆତ୍ମା' କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନେ ସରକାରଙ୍କର ବିଭିନ୍ନ ଯୋଜନା ହାସଲ କରି ରୋଜଗାରକ୍ଷମ ହେବାକୁ ଆହ୍ୱାନ ଦେଇଥିଲେ । ଜିଲା ଅଗ୍ରଣୀ ବ୍ୟାଙ୍କର ମୁଖ୍ୟ ମାଝୀ ବ୍ୟାଙ୍କର ସହାୟତା ଗ୍ରହଣ କରି ମହିଳାମାନେ ସ୍ୱରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତିନିବ୍ଲକର ମହିଳା ଗୋଷ୍ଠୀର କର୍ମକର୍ତ୍ତା,କେନ୍ଦ୍ରର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ ।



ମଳେହିପଡା ଗ୍ରାମରେ ସ୍ୱାସ୍ଥ୍ୟ ଶିବିରରେ ଲୋକେ ରୋଗ ପରୀକ୍ଷା କରୁଛନ୍ତି ।

# ମଳେହିପଡା ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

ରିଆମାଳ, ୨୮।୮(ଡି.ଏନ.ଏ.)

ରିଆମାଳ ବ୍ଲକ ମଳେହିପଡା ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବ୍ରତ କୁମାର ମହାନ୍ତ ରୋଗୀମାନଙ୍କୁ ପରୀକ୍ଷା କରି ଦେଖିଥିଲେ । ସ୍ୱାସ୍ଥ୍ୟ ପରିଦର୍ଶିକା ରୀନା ଗୁହା, କମ୍ପାଉଣ୍ଡର ଚିକନ ପ୍ରଧାନ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଚିନ୍ମୟ କୁମାର ସାହୁ, ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସ୍ୱେଚ୍ଛାସେବୀ ଆଶିଷ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଥିରେ ମଧୁମେହ, ମୂତ୍ର ପରୀକ୍ଷା, ମ୍ୟାଲେରିଆ ରୋଗ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ସରପଞ୍ଚ ହାବିଲ କୁମାର ସାହୁ, ସମିତି ସଭ୍ୟ ଅମୂଲ୍ୟ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଲିଲି ମହାନନ୍ଦ, ଗ୍ରାମ ରୋଜଗାର ସେବକ ପଦ୍ମଲୋଚନ କ୍ଷେତି, ବିଶି କେଶନ ଦାଶ, ପ୍ରଶ୍ନ ସାହୁ, ଯତିନ୍ଦ୍ର ଦେହୁରୀ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସୁପର ଭାଇଜର ନିୟତି ଦ୍ୱିବେଦୀ, ଅଙ୍ଗନୱାଡି କର୍ମୀ ବବିତା ପ୍ରଧାନ ଓ ଆଶା କର୍ମୀ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତା

ଦେବଗଡ,୨୮।୮(ଡି.ଏନ.ଏ)

ଜିଲା ଶିକ୍ଷା ବିଭାଗ ପକ୍ଷରୁ ତିଲେଇବଣି ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତରଣୀ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି କବାଡି ପ୍ରତିଯୋଗିତାରେ ତିଲେଇବଣି ବ୍ଲକର ୧୬ଟି ହାଇସ୍କୁଲର ୧୪ ବର୍ଷରୁ କମ ବୟସର ବାଳକ ବାଳିକା ଓ ୧୭ବର୍ଷରୁ କମ ବୟସର ବାଳିକାବାଳକ କବାଡି ଦଳ ଅଂଶଗ୍ରହଣ କରିଥିଲେ ।

ଏମାନଙ୍କ ମଧ୍ୟରୁ ୧୪ ବର୍ଷରୁ କମ ବୟସର ବାଳକ ବିଭାଗରେ ଗୋଟିଏ ଦଳ ଓ ବାଳିକା ବିଭାଗରେ ଗୋଟିଏ ଦଳ ଏବଂ ୧୭ ବର୍ଷରୁ କମ ବୟସର ବାଳକ ବିଭାଗରୁ ଗୋଟିଏ ଦଳ ଏବଂ ବାଳିକା ବିଭାଗର ଗୋଟିଏ ଦଳ ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ।



ଖେଳାଳିମାନଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

ତିଲେଇବଣି ବ୍ଲକ କ୍ରୀଡାଶ୍ରୀ ଡିଲେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ଶ୍ୟାମ ସୁନ୍ଦର ବେହେରା, ପଦ୍ମଲୋଚନ ପ୍ରଧାନ, ଡୋଳାମଣି ପ୍ରଧାନ, ଚିତ୍ତରଞ୍ଜନ ମହାପାତ୍ର, ରାଧାକୃଷ୍ଣ ପ୍ରଧାନ, କ୍ଷମାନିଧି ସାହୁ, କିରନ ଟପ୍ପୋ ଓ ରଞ୍ଜିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ କବାଡି କୋଚ ମନୋଜ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ କ୍ରୀଡାପ୍ରେମୀ ଉପସ୍ଥିତ ରହି ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ମରୁଡି ମୁକାବିଲା, ରିଲିଫ କୋଡ ଉପରେ ଆଲୋଚନା

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ଜିଲା ଜରୁରୀକାଳିନ ବିଭାଗ ପକ୍ଷରୁ ଡିଆରଡିଏ ସମ୍ମିଳନୀ କକ୍ଷରେ ମରୁଡି ମୁକାବିଲା, ରିଲିଫ କୋଡ ଉପରେ ଏକ କର୍ମଶାଳା ଅନଷ୍ଠିତ ହୋଇ ଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଅଧକ୍ଷତା କରିଥିଲେ। ବିଶ୍ୱନାଥ ସାହୁ, ଶ୍ୟାମଲ କୁମାର ଦାସ ତାଲିମ ପ୍ରଦାନ କରିଥିଲେ । ମରୁଡିକୁ କିଭଳି ରୋକା ଯାଇ ମୁକାବିଲା କରାଯିବ, ଫସଲ କ୍ଷତିପୂରଣ ଓ ଏହାର ଆକଳନ କରିବା ଉପରେ ଅଲୋଚନା କରାଯାଇଥିଲା । ବନ୍ୟା ପ୍ରଭାବିତ ଲୋକମାନଙ୍କୁ କିଭଳି ସାହଯ୍ୟ ଦିଆଯିବ ସେ ଦେଗରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରେଢ଼ାଖୋଲ ଉପଜିଲାପାଳ ବିଶି କେଶନ ଦେହୁରୀ, କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକଙ୍କ ସମେତ ଜିଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ନୀରିକ୍ଷକମାନେ ଉପସ୍ଥିତ ଥିଲେ । ଜିଲା ଜରୁରୀ କାଳୀନ ଅଧିକାରୀ ଶୁଭଶ୍ମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆଇନ ସଚେତନତା ଶିବିର

ଦେବଗଡ଼,୨୮।୮(ଡ଼ି.ଏନ.ଏ.)–ଜିଲା ଆଇନ୍ ସେବା ପ୍ରାଧିକରଣ ଦେବଗଡ ଆନୁକୂଲ୍ୟରେ ବଂପରଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା ଏବଂ ସାଧାରଣ ଲୋକ ସରକାର ଯୋଜନାକୁ କିପରି ସହଜରେ ପାଇ ପାରିବେ ସେହି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲା ଆଇନ୍ ସେବା ପ୍ରାଧିକାରଣ ଦ୍ୱାରା ସମସ୍ତେ କିପରି ନ୍ୟାୟକୁ ସହଜରେ ପାଇ ପାରିବେ, ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା । ଶିବିରରେ ଜିଲା ଆଇନ୍ ସେବା ପ୍ରାଧିକରଣ ର ସମ୍ପାଦକ ପ୍ରିୟ ରଂଜନ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ବନମାଳି ଭୂୟାଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧିର କୁମାର ନଇ, ବଂପରଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଲନ୍ କୁମାର ସିଂ, ସରପଞ୍ଚ ପର୍ଶୁ କିସାନ୍, ପାରା ଲିଗାଲ ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋଚନା କରିଥିଲେ। ଲିଫଲେଟ୍ ବଣ୍ଟନ କରି ଉପସ୍ଥିତ ବଂପରଡା ଗ୍ରାମବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିଥିଲେ। ସେହିପରି ତାଲୁକ୍ ଆଇନ୍ ସେବା ସମିତି, ରିଆମାଳ ଆନୁକୂଲ୍ୟରେ ୨୦ରେ ତାରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଉପରୋକ୍ତ ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ ।

PARADIP PORT TRUST
CORRIGENDUM-II TO E-TENDER CALL NOTICE NO. EM/MM/P/STEEL/07/2018(PT)/1906TDR112, DT.11.06.2019, FOR SUPPLY OF STEEL MATERIALS
The due date of submission of Tender & opening of Technical Bid is hereby further extended as below:
1. Last Date of submission of tender up to 5.30 PM of Dt.11.09.2019.
2. Opening of Technical Bid at 3.30 PM of Dt.13.09.2019.
All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
Sr. Dy. Materials Manager
PPT/PR/293/19-20, DT.27.08.2019

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY
NOTICE INVITING TENDER
1. No. NBC/MM/01/NIT/LCTP/2019, Date : 21/08/2019 - Online bids are invited for the supply of Liquid Coal Tar Pitch for our Smelter Plant, Angul (Odisha), India from bonafide indigenous manufacturers/ suppliers or their accredited agents :
Approx. Qty. Reqd (MT) : 40,500 +/- 2%, Earnest Money Deposit : Rs. 25,00,000/-, Last Date of Tender Submission : 18.09.2019 up to 01:00 PM
General Manager (Materials)
2. RFP No. TNCC-029/2019 : Digitally signed online bids for Two Part, Open Tender cum Reverse Auction through Central Public Procurement e-procure Portal are invited for "Road Transportation of Aluminium Metal Products from Nalco's Stockyard at Vizag to Nalco's Stockyard at Bhiwandi."
AGM (Elect.), T&C
Tender documents and online submission procedure can be downloaded from Nalco's Website i.e www.nalcoindia.com and www.eprocure.gov.in. Any Updates / Amendments / Extension/ Corrigendum will only be hosted in above websites.



ମହୁଲ ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ କରାଯାଇଛି।

■ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ

# ମଦ ଓ ପୋଚ ଜବତ, ୧୨ ଗିରଫ

ଦେବଗଡ଼,୨୮।୮(ଡ଼ି.ଏନ.ଏ.)

ଦେବଗଡ ଜିଲା ବ୍ୟାପି ବିଭିନ୍ନ ଅଞ୍ଚଳରେ ଉଭୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବରେ ଚଢାଉ କରାଯିବା ସହ ବେଆଇନ ମଦ ଓ ମହୁଲ ପୋଚ ଜବତ କରାଯାଇଛି। ଉଭୟ ବିଭାଗ ପକ୍ଷରୁ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ବାରକୋଟ ଥାନା ଅନ୍ତର୍ଗତ ଗୋପାଳପାଲ୍ଲୀ, ସଇଡା, ରିଆମାଳ ଥାନା ଅନ୍ତର୍ଗତ କୁଶପଙ୍ଗା, ନୂଆଡିହି, ଗୁଣ୍ଡିଆପାଲି, ତେଲିମୁଣ୍ଡା, ଦେବଗଡ ଥାନା ଅନ୍ତର୍ଗତ ତେଲିକୁସୁମ, ପୁରୁଣାଗଡ ପେଟ୍ରୋଲ ପମ୍ପସାହି ଏବଂ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ବାଘବର, କଣ୍ଟାବାହାଲ ଆଦି ବିଭିନ୍ନ ଗ୍ରାମରେ ଚଢାଉ କରି ଅଦ୍ୟାବଧି ୧୧୧ ଲିଟର ଦେଶୀ ହାତରନ୍ଧା ମଦ, ୩୫୫କି.ଗ୍ରା. ମହୁଲ ପୋଚ ଓ ମଦ ରନ୍ଧା ସରଞ୍ଜାମ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ୧୪ ଗୋଟି ମାମଲା ରୁଜୁ କରାଯାଇ ୧୨ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ଦେବଗଡ ଅବକାରୀ ନିରୀକ୍ଷକ ନରୋତ୍ତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଉପନିରୀକ୍ଷକ ରାଧାକୃଷ୍ଣ ଭୋଇ ଓ ବାରକୋଟ ଅବକାରୀ ଉପନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ସାହୁ, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ମନୋରଞ୍ଜନ ବଘାର, ସୌଦାମିନୀ ନାଏକଙ୍କୁ ନେଇ ଗଠିତ ସ୍କ୍ୱାଡ୍ ଏହି ଚଢାଉରେ ସାମିଲ ଥିଲେ । ଆଗକୁ ଗଣେଶ ପୂଜା ପରିପ୍ରେକ୍ଷୀରେ ଚଢାଉକୁ ଆହୁରି ଜୋରଦାର କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

PARADIP PORT TRUST
CORRIGENDUM-I TO E-TENDER CALL NOTICE NO. EM/MM/P/IOHP/21/2019/ 1907TDR142, DT. 20/07/2019
FOR SUPPLY OF BUCKET WHEEL TEETH
The due date of submission of Tender & opening of EMD Bid is hereby further extended as below. (1) Last Date of submission of tender up to 5.00 PM of Dt. 10/09/2019. (2) Opening of EMD Bid at 3.30 PM of Dt. 12/09/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
PPT/PR/295/19-20 Date 27.08.2019
Sr. Dy. Materials Manager

CUTTACK MUNICIPAL CORPORATION
At: Choudhury Bazar, PO: Telenga Bazar, Dist: Cuttack-753009
7692 Date: 27.08.19
PUBLIC NOTICE
Functioning of Planning Branch in Cuttack Municipal Corporation and receipt of applications for approval of building plans/sub-divisional layout plans.
This is for information of general public that the building plan/sub-divisional layout plan approval and all new cases of unauthorised constructions within the administrative jurisdiction of Cuttack Municipal Corporation will be dealt by Cuttack Municipal Corporation from 1st September, 2019.
As the powers pertaining to approval of building plan/sub-divisional layout plan and the powers u/s 91 & 92 of ODA Act to deal with unauthorised constructions have been delegated to Cuttack Municipal Corporation under ODA Act, 1982, therefore the provisions of ODA Act/Rules and regulations made there under which are applicable to Cuttack Development Authority, the same shall also remain applicable for the Cuttack Municipal Corporation and all cases shall accordingly be dealt by Cuttack Municipal Corporation.
Sd./- Commissioner, Cuttack Municipal Corporation

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. IDCO/HO-MIS/A-10013/01/2019/V-1/P-2/14700 Date: 27.08.2019
CORRIGENDUM TO TENDER CALL NOTICE NO. 14359 DATED 19.08.2019 FOR SUPPLY, INSTALLATION, COMMISSIONING, INCLUDING WARRANTY FOR RHEL & RHOSP LICENSES AND SERVER FOR INSTALLATION OF NMS (EMS SYSTEM) IN IDCO
In partial modification to the Tender Call Notice no. 14359 dated 19.08.2019 for Supply, Installation, Commissioning including warranty of RHEL & RHOSP Licenses and Server for Installation of NMS (EMS System) in IDCO, the EMD amount as mentioned in the Tender Call Notice No. 14359 dated 19.08.2019 may be read as Rs. 64,000/- (Rupees Sixty Four Thousand) instead of Rs. 6,400/- (Rupees Six Thousand Four Hundred). The revised date is as follows.

| Sl.NO. | Information | Details |
|---|---|---|
| 1 | The Tender Documents will be available in IDCO Website (www.idco.in). | From 30.08.2019 to 12.09.2019 |
| 2 | Last date (deadline) for submission of bids. | 17.09.2019 at 5.00 P.M. |
| 3 | Date of Opening of Technical Bid and Commercial Bid. | 18.09.2019 at 11.00 A.M. |

All other terms and conditions shall remain unchanged
Sd/- Manager (MIS)

OHPC
ORISSA HYDRO POWER CORPORATION LTD.
O/O EXECUTIVE ENGINEER, PODAGADA DAM DIVISION
UPPER INDRAVATI HYDRO ELECTRIC PROJECT
AT/PO-KHATIGUDA, DIST. NABARANGPUR, ODISHA, PIN – 764085
Tel. No. 06858 224255, E-mail – eepodagadadam@gmail.com.
No.1316 Date. 26.08.2019
e-Procurement Notice CAD-334
Bid Identification No. EEPDDUIHEP KHATIGUDA 02 (1-3) /2019-20

| Sl. No | Bid identifi-cation No. | Name of Work | Value of works (in Rs.) | Cost of Bid document including GST @ 18% (in Rs.) Non-refundable | Bid Security (EMD) in Rs. | Period of completion | Last date & time of Online Receipt of Bids | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | EEPPD-02 (01)/19-20 | Improvement to road from Indravati College Chhak to Damodar Chhak RD 0.00Mtr. to 5000.00Mtr. | 49,70,761/- | Rs.6000+ GST@18% Rs.1080= Rs.7080/- | 49,800/- | Six calendar months | Date. 13.09.2019 up to 5.00PM | B&A Class contractors |
| 2 | EEPPD-02 (02)/19-20 | Renovation of lavatory of UIHEP staff quarters (D, TD, E, TE, F, FT type = 131 Nos.), Khatiguda. | 33,03,508/- | Rs.6000+ GST@18% Rs.1080= Rs.7080/- | 33,500/- | Six calendar months | Date: 13.09.2019 up to 5.00PM | C&B Class contractors |
| 3 | EEPPD-02 (03)/19-20 | Improvement to auditorium Hall and toilet of Indravati Project High School, UIHEP, Khatiguda | 5,32,373/- | Rs.4000+ GST @ 18% Rs.720/- = Rs.4720/- | 5,500/- | Six calendar months | Date: 13.09.2019 up to 5.00PM | D&C Class contractors |

The Bid documents will be available in the Govt. website : http://www.tenderorissa.gov.in/ in the OHPC Website: www.ohpcltd.com from 11.00 AM of dt.30.08.2019 to 5.00 PM of dt. 13.09.2019..
The details of the Tender Document, Terms and Conditions please refer our website www.ohpcltd.com & http://www.tenderorissa.gov.in.
EXECUTIVE ENGINEER
PODAGADA DAM DIVISION
32257/11/0004/1920

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
OPTCL Lifeline of Orissa
A GOVT. OF ODISHA UNDERTAKING
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907242,
e-mail: sgm.onm1.npr@optcl.co.in, CIN: U40102OR2004SGC007553
e-TENDER NOTICE NO. NPR-06/2019-20
For and on behalf of ODISHA POWER TRANSMISSION CORPARATION LTD Sr.General Manager, (O&M)-1.Narendrapur invites Tenders from reputed Bidders in single part bidding system for REPLACEMENT OF LONG ROD INSULATOR AND PROVISION OF EXTRA L-CUT JUMPERS OF 55 NOS TOWERS AT 220 KV NARENDRAPUR-ATRI DC LINE FROM LOC NO. 1 TO LOC NO. 261 OF 220 KV T/L S/S, NARENDRAPUR UNDER EHT (O&M) DIVISION, BERHAMPUR, The interested Bidders would be required to enroll themselves on the tender portal www.tenderwtzard.com/OPTCL Complete set of bidding documents are available at www.tenderwizard.com/OPTCL from Dated 27.08.2019 (16.06 Hrs.) upto Dated 26.09.2019 (12.31 Hrs). Interested Bidders may visit OPTCL's official website http://www.optcl.co.in and http://www.tenderwizard.com/OPTCL for detail specification. N.B :All subsequent addendums/corrigendum to the tender shall be hosted in the OPTCL's official website http: www.optcl.co.in and www.tenderwizard.com/OPTCL for detail specification
Sr. General Manager (Elect.)

GOVT. OF ODISHA
OFFICE OF THE HEALTH & FW DEPARTMENT
VSS INSTITUTE OF MEDICAL SCIENCES AND RESEARCH, BURLA,(SAMBALPUR)
****
No. 11817 /VIMSAR Dated,Burla,the 26th 08 ,2019
TENDER 267-E
Sealed Tenders are invited from the Regd. Firm and Co-operative Society registered under the GST Act for Printing of Forms and supply of envelope Register and other stationeries of this Hospital for the year 2019-20 which will be received up to 5.00 PM of dt. 26-09-19 through Regd.Post/Speed post only and will be opened on the next working day at 11.00AM in the office chamber of the Superintendent, VIMSAR, Burla. Tenders received beyond the scheduled date and time will not be entertained.
The tenderer may get details of the Tender call notice from this office of the Superintendent, VIMSAR,Burla on deposit of Rs.1000/-(Rupees One thousand) only towards cost of tender papers at Users fee collection counter of this Hospital during office hour The tenderers may also download the Tender from the website www.sambalpur.nic.in with effect from 30-8-19 and submit the same with a Bank draft of Rs.1000/-(Rupees One thousand) only in favour of Superintendent, VIMSAR,Burla. The cost of Tender paper is non refundable.
Superintendent
VSS IMSAR ,Burla
10026/11/0002/1920

## ସଂକ୍ଷେପରେ

### ନାଳରେ ବୁଡି ଶିଶୁ ମୃତ

**ଲହୁଣୀପଡା, ୨୮।୮ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ମହଲତା ଗ୍ରାମର ଜଣେ ଶିଶୁର ନାଳରେ ବୁଡି ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ମହଲତା ମୁଣ୍ଡାସାହିର ଶଶି କିଷାନଙ୍କ ପୁଅ ଚନ୍ଦନ (୫) ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ବେଳେ ଖେଳିବାକୁ ଯାଇଥିଲେ। କିନ୍ତୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ । ବୁଧବାର ସକାଳୁ ଖୋଜାଖୋଜି କରିଥିଲେ। ନିଜ ଘର ପାଖରେ ଥିବା ବାଗାଡିଆ ନାଳରେ ଭାସୁଥିବା ଦେଖିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚିବା ସହିତ ଲହୁଣୀପଡା ପୋଲିସ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ ପହଞ୍ଚିଥିଲେ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଉଦ୍ଧାର କରାଯାଇଥିଲା । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବିସ୍ଥାପିତ ଲୁଥାପାଲିବାସୀ ବିଧାୟକଙ୍କୁ ଗୁହାରି କଲେ

**ରେଙ୍ଗାଲି, ୨୮।୮ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲିପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନା ଦ୍ୱାରା ବିସ୍ଥାପିତ ଲୁଥାପାଲି ଗ୍ରାମବାସୀ କମ୍ପାନୀର ଶୋଷଣ ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ଗୁହାରି କରିଛନ୍ତି। ବୁଧବାର ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳକିଶୋର ଅଗ୍ରୱାଲଙ୍କ ନେତୃତ୍ୱରେ ଲୁଥାପାଲି ଗ୍ରାମବାସୀ ବିଧାୟକଙ୍କୁ ଗୁହାରୀ କରି ଦାବିପତ୍ର ପ୍ରଦାନ କରିଥିଲେ । ଲପଙ୍ଗାରେ ସ୍ଥାପିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ଦ୍ୱାରା ଲୁଥାପାଲି ଗ୍ରାମବାସୀ ବିସ୍ଥାପିତ ହୋଇ ଆରଏଣ୍ଡଆର କଲୋନୀରେ ୨୦୧୧ରୁ ବସବାସ କରୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବିସ୍ଥାପିତ ସମୟରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରୁନାହିଁ । ଗ୍ରାମବାସୀଙ୍କ ଦାବି ଗୁଡିକ ହେଲା ବିସ୍ଥାପିତମାନଙ୍କୁ ବିଜୁଳି ମାଗଣାରେ ଦିଆଯାଉ। ଆଦିତ୍ୟ ଆଲୁମିନିୟମ ସ୍କୁଲରେ ପଢୁଥିବା ପିଲାମାନଙ୍କ ଯାତାୟତ ପାଇଁ ଗାଡି ବ୍ୟବସ୍ଥା କରାଯାଉ। ଲୁଥାପାଲି ସ୍କୁଲରେ ଶିକ୍ଷକ ନିଯୁକ୍ତି, କଲୋନୀରେ ଡାକ୍ତରଖାନା ନିର୍ମାଣ ଏବଂ ଆମ୍ବୁଲାନ୍ସ ସେବା, ଖେଳ ପଡିଆର ଉନ୍ନତି, କ୍ଲବ ଗୃହ, ସ୍ଥାୟୀ ପଟ୍ଟା ପ୍ରଦାନ, ନିଯୁକ୍ତି ଆଦି ଦାବି ଗୁଡିକ ପୂରଣ କରିବା ପାଇଁ ବିଧାୟକଙ୍କୁ ଗୁହାରି କରିଛନ୍ତି ।

# ରାଜଗାଙ୍ଗପୁରର ବିକାଶ ପାଇଁ ଉଦ୍ୟମ

## ■ ବିଧାୟକ ଡ. ସି.ଏସ. ରାଜନ ଏକ୍କାଙ୍କ ଦ୍ୱାରା ସମୀକ୍ଷା ବୈଠକ

**ରାଜଗାଙ୍ଗପୁର, ୨୮।୮ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ. ରାଜନ ଏକ୍କାଙ୍କ ଦ୍ୱାରା ବୁଧବାର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୌରାଞ୍ଚଳରେ କାର୍ଯ୍ୟରତ ପୌରଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଶିକ୍ଷା ଅଧିକାରୀ, ଅବକାରୀ, କୃଷି ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବିଜୁଳି ବିଭାଗ ଅଧିକାରୀ ଯୋଗଦେଇଥିଲେ। ରାଜଗାଙ୍ଗପୁର ସହରର ସିଟିଜେନ୍ ଫୋରମର ଅଧକ୍ଷ ଅଶୋକ ଦାଶ, ଓକିଲ ସଂଘର କର୍ମକର୍ତ୍ତା, ସହରର ବହୁ ବେସରକାରୀ ଅନୁଷ୍ଠାନ ଓ ଜନସାଧାରଣ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ସମୀକ୍ଷା ବୈଠକରେ ବିଧାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ।

ବିଧାୟକ ଡ. ରାଜନଙ୍କ ଅଧକ୍ଷତାରେ ଜିଲା ଖଣି କାର୍ଯ୍ୟନିର୍ବାହୀ ଅଧିକାରୀ ରସାଇ ଲାଗୋରୀ ଓ ଏସ୍‌ଡିପିଓ ବିଜୟ କୁମାର ନନ୍ଦଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ବିଭାଗରେ ଥିବା ଅସୁବିଧାଗୁଡିକୁ ଉପସ୍ଥାପନା କରିଥିଲେ। ବିଭିନ୍ନ ବିଭାଗରେ ହେଉଥିବା ଅନିୟମିତତା ଓ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଉପରେ ଜନସାଧାରଣ ନିଜ ଅଭିଯୋଗ ରଖିଥିଲେ। ଜନସାଧାରଣଙ୍କ ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀଙ୍କୁ ଉତ୍ତର ରଖିବା ପାଇଁ ବିଧାୟକ କହିବା ସାଙ୍ଗକୁ ଅଭିଯୋଗଗୁଡିକୁ ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ କହିଥିଲେ। ସହରରେ ଟ୍ରାଫିକ ସମସ୍ୟାର ସମାଧାନ, ପୌର ଅଧିନରେ ଚାଲୁଥିବା ସାପ୍ତାହିକ ହାଟରେ ଗରିବ ଲୋକଙ୍କଠାରୁ ଅଧିକ ଟିକସ ଆଦାୟକୁ ନେଇ ଅଭିଯୋଗ ହୋଇଥିଲା। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା, ବସଷ୍ଟାଣ୍ଡକୁ ସ୍ଥାନାନ୍ତର ପରି ପ୍ରସ୍ତାବ, ପୌରାଞ୍ଚଳରେ ହୋଇଥିବା ଉନ୍ନୟନ କାମଗୁଡିକ ଅତି ନିମ୍ନମାନର ହେଉଥିବା ନେଇ ଅଭିଯୋଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମସ୍ୟାଗୁଡିକର ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୀକ୍ଷା ବୈଠକରେ ରାଜଗାଙ୍ଗପୁର କଂଗ୍ରେସ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

# ଅଜଗର ସାପ ଉଦ୍ଧାର

**ଲହୁଣୀପଡା, ୨୮।୮ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ତଥା ବାଙ୍କି ରେଞ୍ଜ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତର ଅର୍ଜ୍ଜୁନଚୁଆଁ ଗ୍ରାମ ଜଙ୍ଗଲରୁ ଏକ ବିରାଟ ଅଜଗର ସାପ ଉଦ୍ଧାର କରି ଧନଘର ଜଙ୍ଗଲରେ ଛାଡି ଦିଆଯାଇଛି। ଅର୍ଜ୍ଜୁନଚୁଆଁ ଗ୍ରାମ ଜଙ୍ଗଲରେ ଏକ ବିରାଟ ଅଜଗର ବୁଲୁଥିବା ଗ୍ରାମବାସୀ ଦେଖି ରାଜାମୁଣ୍ଡା ଫରେଷ୍ଟ ସେକସନ୍‌କୁ ଖବର ଦେଇଥିଲେ। ଫଳରେ ଏସିଏଫ ସଲବିନ୍ଦର ସିଂଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଗୋପାଳ ଓରାମ, ବନକର୍ମଚାରୀ ପ୍ରେମାନନ୍ଦ ମାହାନ୍ତ, ମୀନାକ୍ଷୀ ସାହୁ, ମାସୀ ମୁଣ୍ଡା, ଦେବାନନ୍ଦ କିଷାନ, ଶଙ୍କର ଓରାମ ପ୍ରମୁଖ ଅର୍ଜ୍ଜୁନଚୁଆଁ ଗ୍ରାମରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ଅଜଗର ଓଜନ ପ୍ରାୟ ୧୫ କି.ଗ୍ରା ଏବଂ ୮ ଫୁଟ ଲମ୍ବ ହେବ ବୋଲି ସୂଚନା ମିଳିଛି। ଅର୍ଜ୍ଜୁନଚୁଆଁ ଗ୍ରାମ୍ୟ ଜଙ୍ଗଲର ଆଖପାଖରେ ଜନବସତି ଥିବାରୁ ସେଠାରେ ନ ଛାଡି ଧନଘର ଜଙ୍ଗଲରେ ଛାଡି ଦେଇଥିବା ବନ କର୍ମଚାରୀ ସୂଚନା ଦେଇଛନ୍ତି।



ବନକର୍ମଚାରୀ ଅଜଗରକୁ ଜଙ୍ଗଲରେ ଛାଡୁଛନ୍ତି।

## ■ କୋଇଡା ପଞ୍ଚାୟତ ସମିତି ବୈଠକ

# ସମସ୍ୟା ସମାଧାନ ପାଇଁ ଆଲୋଚନା

**ଟେନ୍‌ସା, ୨୮।୮ (ଡି.ଏନ.ଏ)**

ବୁଧବାର କୋଇଡା ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହଠାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ରିନାରାଣୀ କୁମୁଡିୟାଲ ଏଥିରେ ଅଧକ୍ଷତା କରିଥିଲେ। ଉକ୍ତ ସଭାରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦା, ଉପାଧ୍ୟକ୍ଷ ବାବୁଲି ମୁଣ୍ଡା, ଜିଲାପରିଷଦ (କ) ଗୋପୀନାଥ ମହାନ୍ତ, ଜିଲାପରିଷଦ (ଖ) ମିତାରାଣୀ ନାଏକ, ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ବ୍ଲକର ସମସ୍ତ ବିଭାଗର ଅଧିକାରୀ ସଭାରେ ଉପସ୍ଥିତ ରହିଥିଲେ। ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହିତ ବ୍ଲକରେ ଥିବା ସମସ୍ୟାଗୁଡିକକୁ ଯଥାଶୀଘ୍ର ସମାଧାନ କରିବା ପାଇଁ କଥା ଦେଇଥିଲେ। ଚଳିତ ବର୍ଷରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସର୍ବଶେଷରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମସ୍ତ ସମସ୍ୟାକୁ ଶୁଣିବା ପରେ ଡିଏମ୍‌ଏଫ୍ ଫଣ୍ଡ ଦ୍ୱାରା ସମସ୍ତ ସମସ୍ୟାକୁ ଦୂର କରିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାସଁଦାଙ୍କୁ ଅବଗତ କରାଇଥିଲେ ।



ପଞ୍ଚାୟତ ସମିତି ବୈଠକରେ ବିଧାୟକଙ୍କ ସମେତ ଅଧିକାରୀ ମଞ୍ଚାସୀନ।

# କୁଲଗା– ଟୁଙ୍ଗରୀପଡ଼ା ରାସ୍ତା ମରାମତି ଦାବି

**ବଡ଼ଗାଁ, ୨୮।୮ (ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଗ୍ରାମସଭାର ଗୁରୁତ୍ୱ ଅଧିକ। ଏଥିପାଇଁ ୱାର୍ଡ ମେମ୍ବରଠାରୁ ଜିଲାପରିଷଦ ପର୍ଯ୍ୟନ୍ତ ଅନେକ ଜନ ପ୍ରତିନିଧି ଲୋକଙ୍କ ସମସ୍ୟା ବୁଝି କାମ କରିବା ଦାୟୀତ୍ୱ ରହିଛି। ହେଲେ ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ

**ଗ୍ରାମସଭା ମୂଲ୍ୟହୀନ ହେଉଛି**

ବରଗାଁକଛାର ପଞ୍ଚାୟତର ଗ୍ରାମସଭାରେ ପ୍ରସ୍ତାବ ଗୃହିତ ହୋଇଥିଲେ ମଧ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଜନପ୍ରତିନିଧିମାନେ ଦୃଷ୍ଟି ଦେଉ ନ ଥିବାରୁ ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର କୁଲଗା ସ୍କୁଲପଡାରୁ ଟୁଙ୍ଗରୀପଡା ପର୍ଯ୍ୟନ୍ତ ୧ କିମି ରାସ୍ତାରେ ଚାଲିଯିବା କଷ୍ଟକର। କାଦୁଅରେ ପରିପୂର୍ଣ୍ଣ ଏହି ରାସ୍ତା ଦେଇ ଲୁହୁରାପଡା, ଟୁଙ୍ଗୁରୀପଡାର ପିଲାମାନେ ସ୍କୁଲକୁ ଯାଇଥାନ୍ତି। କୌଣସି ବ୍ୟକ୍ତିଙ୍କ ଦେହ ଖରାପ ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ଅସୁସ୍ଥ ବ୍ୟକ୍ତିଙ୍କୁ ବୋହି ଦେଢ଼ କିମି ଆଣିଲା ପରେ ଆମ୍ବୁଲାନ୍ସରେ ନିଆଯାଉଛି। ୨୦୧୬ ମସିହାରେ ରାସ୍ତାର ମରାମତି ପାଇଁ ଗ୍ରାମବାସୀ ଗ୍ରାମସଭାରେ ପ୍ରସ୍ତାବ ଗୃହିତ କରିଥିଲେ ମଧ ଏ ଯାଏଁ ପଞ୍ଚାୟତ ପକ୍ଷରୁ ମରାମତି କରାଯାଇ ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇପାରୁଥିବା ରାସ୍ତା ମରାମତି ଭଳି ଛୋଟିଆ କାମ ଅଢ଼େଇ ବର୍ଷ ମଧ୍ୟରେ ହୋଇପାରି ନ ଥିବାରୁ ଗ୍ରାମସଭା ମୂଲ୍ୟହୀନ ହେଉଥିବା ଅଭିଯୋଗ ହୋଇଛି। ସେହିପରି ୨୦୧୫ ମସିହାରେ ଗ୍ରାମର ସରୋଜ ଦୋକାନରୁ ଗଳି ରାସ୍ତା କଂକ୍ରିଟ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିଲେ ମଧ କରାଯାଉ ନାହିଁ । ଅମିତ ଡୁଙ୍ଗଡୁଙ୍ଗ, ଦିର୍ମୁସ ସୋରେଙ୍ଗ, ମନୋଜ ସୋରେଙ୍ଗ, ବିଶାଳ ସୋରେଙ୍ଗ, ଅଶୋକ ଡୁଙ୍ଗଡୁଙ୍ଗ, ଲବ କମାର, ମେଘଲ କମାର ପ୍ରମୁଖ ବ୍ୟକ୍ତିମାନେ ରାସ୍ତା ଅବସ୍ଥାକୁ ଦେଖି ବ୍ଲକ ଓ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।



ଟୁଙ୍ଗରୀପଡା ରାସ୍ତା ଶୋଚନୀୟ।

# ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ଧାରଣା

**ସୁନ୍ଦରଗଡ଼, ୨୮।୮ (ଡି.ଏନ୍.ଏ):** ସୁନ୍ଦରଗଡ ବିଦ୍ୟୁତ୍ ବିଭାଗ ଅଧୀନରେ ଥିବା ଗ୍ରୀଡଗୁଡିକରେ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତା ଓ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା ପ୍ରତିବାଦରେ ସୁନ୍ଦରଗଡ ବିଦ୍ୟୁତ୍ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ବୁଧବାର ଠାରୁ ସ୍ଥାନୀୟ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ ହୋଇଛି। ପରିଚାଳନା ବୋର୍ଡର ଟାଳଟୁଳନୀତି ଓ ବୈମାତୃକ ମନୋଭାବ ଯୋଗୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସରକାରୀ ନିୟମ ମୁତାବକ କାର୍ଯ୍ୟରତ ଥିବା କୌଣସି କର୍ମଚାରୀ ମୃତ୍ୟୁବରଣ କଲେ ତାଙ୍କର ଉତ୍ତରାଧିକାରୀଙ୍କୁ ନିଯୁକ୍ତି ମିଳିବା ନିୟମ ରହିଛି। ସ୍ଥାନୀୟ ଓଏସଇବି ଏମ୍ପ୍ଲଇଜ ୟୁନିୟନ ରାଉରକେଲା ସୁନ୍ଦରଗଡ ଶାଖା ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଏସମ୍ପର୍କରେ ଦାବି କରିଆସୁଥିବା ବେଳେ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଉଦାସୀନ ରହୁଛନ୍ତି। ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀ ସ୍ଥାୟୀ ନିଯୁକ୍ତି ଦେବା କିମ୍ବା ଆଉଟ ସୋର୍ସ ନିଯୁକ୍ତି ଦେଇ ଥଇଥାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅପରପକ୍ଷେ କିଛିଦିନ ପୂର୍ବରୁ ୱେସ୍କୋ କର୍ମଚାରୀ ୟୁନିୟନ ପକ୍ଷରୁ ବିରୋଧ ସତ୍ତ୍ୱେ ବିଜ୍ଞାପନ କିମ୍ବା ଚୟନ ପ୍ରକ୍ରିୟା କରା ନ ଯାଇ ତୁମ୍ବାପାଲିସ୍ଥିତ ୩୩/୧୧କେଭି ଗ୍ରୀଡ ସବଷ୍ଟେସନରେ ୭ଜଣଙ୍କୁ ବେଆଇନ ଭାବେ ନିଯୁକ୍ତି ଦିଆଯାଇଛି। ସୁନ୍ଦରଗଡସ୍ଥିତ ନୂତନ ଗ୍ରୀଡ ସବଷ୍ଟେସନରେ ପୂର୍ବ ବର୍ଷମାନଙ୍କଠାରୁ ଏପର୍ଯ୍ୟନ୍ତ ବଲାଙ୍ଗୀର ସ୍ଥିତ ଏକ ସଂସ୍ଥା ମାଧ୍ୟମରେ ପ୍ରାୟ ୧୦୦ଜଣଙ୍କୁ ଆଉଟ ସୋର୍ସ କର୍ମଚାରୀଙ୍କୁ ଅସାଧୁ ଉପାୟରେ ନିଯୁକ୍ତି ଦିଆଯାଇଛି। ଏଥିରେ ଜଣେ ଅବସରପ୍ରାପ୍ତ ଲାଇନ୍ ମ୍ୟାନ ଦଲାଲ ଭାବରେ ବିଭାଗୀୟ ଅଧିକାରୀ ତଥା ଏକ ସିକ୍ୟୁରିଟୀସଂସ୍ଥାର ସମ୍ପୃକ୍ତି ସନ୍ଦେହ ଘେରକୁ ଟାଣିଆଣିଛି। ଏଥିରେ ପ୍ରଚୁର ଅର୍ଥ କାରବାର ହୋଇଥାଇ ପାରେ ବୋଲି କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନରେ ସୁନ୍ଦରଗଡ ଶାଖା ଉପସଭାପତି ସୁନୀଲ କୁମାର ଚୌଧୁରୀ, ଜୟନ୍ତ କୁମାର ଚଲାନ୍, କିଶୋର ରାଉତ, ଦିଲୀପ ଦାସ, ନୀଳାମ୍ବର ବାରିକ ପ୍ରମୁଖ ସଂଘ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଆଗାମୀ ଦିନରେ କର୍ମଚାରୀ ସଂଘର ଦାବିପୂରଣ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥାକୁ ତୀବ୍ରତର କରିବାକୁ ଚେତାବନୀ ଦିଆଯାଇଛି।




ସୁନ୍ଦରଗଡ଼ରେ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି।

# ସୁନା, ରୁପା ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଲହୁଣୀପଡା, ୨୮।୮ (ଡି.ଏନ.ଏ)**

ଲହୁଣୀପଡା ଥାନା ଲହଙ୍ଗାପଡା ଗ୍ରାମରେ ଘର ଲୋକଙ୍କୁ ବାହାର ପଟୁ କବାଟ ବନ୍ଦ କରି ଦୁର୍ବୃତ୍ତ କଳାକନା ବୁଲେଇ ଦେଇଛନ୍ତି। ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ ମଧ କୌଣସି ସୁରାକ ପାଇ ପାରିନାହିଁ। ଲହଙ୍ଗାପଡା ଗ୍ରାମର ୨୧୫ ନମ୍ବର ଜାତୀୟ ରାଜପଥ କଡରେ ହେମନ୍ତ କୁମାର ମାହାନ୍ତଙ୍କ ଘର। ସେ କିରୋସିନ ହୋଲସେଲର୍ କରନ୍ତି। ମଙ୍ଗଳବାର ରାତିରେ ଖାଇପିଇ ସାରି ନିଜ ପରିବାର ସହିତ ପ୍ରାୟ ସାଢ଼େ ୧୧ଟା ବେଳେ ଶୋଇବାକୁ ଯାଇଥିଲେ। ଭୋର ୪ଟା ବେଳେ ହେମନ୍ତ କୁମାର ମାହାନ୍ତ ଉଠି କବାଟ ଖୋଲିଲେ ମଧ ନ ଖୋଲିବାକୁ ମନରେ ସନ୍ଦେହ ହୋଇଥିଲା। ଗ୍ରାମର ଜଣକୁ ଫୋନ କରି କବାଟ ଖୋଲିବାକୁ କହିଥିଲେ। ଶୋଇବା ଘରର ଦୁଇଟି କବାଟକୁ ବାହାର ପଟୁ ବନ୍ଦ କରି ଦୁର୍ବୃତ୍ତମାନେ ରୋଷେଇ ଘର କବାଟ ତାଲା ଭାଙ୍ଗି ଘର ଭିତରକୁ ପଶିଥିଲେ। ସେଠାରେ ଥିବା ପ୍ରାୟ ୭ରୁ ୮ଟି ଆଲମିରାକୁ ତାଡି ପ୍ରାୟ ୪୦୦ ଗ୍ରାମ ରୁପା ଗହଣା ଏବଂ ସୁନାହାର, ସୁନାଚେନ, ସୁନାମୁଦି, ମୁଦି, କାନଫୁଲ ସମେତ ନଗଦ ୫ ହଜାର ଟଙ୍କା ଚୋରି କରି ନେଇ ଫେରାର ହୋଇଯାଇଛନ୍ତି। ଏସବୁ ଦେଖିବା ପରେ ଲହୁଣୀପଡା ପୋଲିସକୁ ଖବର ଦିଆଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଅପରାହ୍ନ ପ୍ରାୟ ଦୁଇଟା ବେଳେ ରାଉରକେଲା ସନ୍ଧାନୀ କୁକୁର ଆସି ତଦନ୍ତ କରିଛନ୍ତି। ତେବେ କୌଣସି ସୁରାକ ମିଳିପାରି ନାହିଁ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



ଦୁର୍ବୃତ୍ତମାନେ ଘରୁ ଲୁଟ୍‌ବେଳେ ଜିନିଷପତ୍ର ଏଣେତେଣେ ପକାଇଛନ୍ତି।

## ■ ପରିବହନ ଅଧିକାରୀଙ୍କ ସହ ବିଜେଡି ପ୍ରତିନିଧି ଦଳର ଆଲୋଚନା

# ବେପରୁଆ ଯାନବାହନ ଚଳାଚଳ ନିୟନ୍ତ୍ରଣ ହେଉ

**ସୁନ୍ଦରଗଡ଼,୨୮।୮ (ଡି.ଏନ୍.ଏ)**

ସୁନ୍ଦରଗଡ ସହରରେ ବେପାରୁଆ ଯାନବାହାନ ଚଳାଚଳ ନିୟନ୍ତ୍ରଣ ଓ ଟ୍ରାଫିକ ନିୟମକୁ କଡାକଡି କରିବା ଦାବି ନେଇ ବୁଧବାର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ପରିବହନ ଅଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଜିଲା ପରିବହନ ଅଧିକାରୀଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଅଧିକାରୀ ରାମଦାସ ଟୁଡୁଙ୍କ ସହ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ନାବାଳକ, ନାବାଳିକା ଯାହାଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ, ସେମାନଙ୍କୁ ୨ଚକିଆ ଯାନ ଚଳାଇବାକୁ ବନ୍ଦ କରାଯିବା, ଅଧିକାଂଶ ୨ଚକିଆ ବାଇକ୍‌ରେ ଲାଗିଥିବା ବିକୃତ ଶବ୍ଦକାରୀ ସାଇଲେନସର ପାଇପ୍‌କୁ ହଟାଯିବା, ଯାତ୍ରୀବାହୀ ଅଟୋ ଗୁଡିକରେ ଧାର୍ଯ୍ୟଠାରୁ ଅଧିକ ଯାତ୍ରୀ ପରିବହନକୁ ବନ୍ଦ କରିବା, ସହରରେ ଚଳାଚଳ କରୁଥିବା ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନବାହାନ ଗୁଡିକର ଅନଭିଜ୍ଞ ଚାଳକଙ୍କ ବେପାରୁଆ ଗାଡି ଚାଳନା ବିରୋଧରେ କାର୍ଯ୍ୟାନୁଷ୍ଠାନ, ଖୋଲାମେଲାରେ ଟ୍ରାକ୍ଟରଗୁଡିକରେ ବାଲି, ମାଟି ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପରିବହନ ଦିଗରେ କାର୍ଯ୍ୟାନୁଷ୍ଠାନ କୋଇଲା ବୋଝେଇ ଭାରିଯାନରେ ମଧ୍ୟ ତାରପୋଲିନ୍ ବ୍ୟବହାରକୁ କଡାକଡି କରାଯିବା ପାଇଁ ନିର୍ଦ୍ଦେଶ ଦିଆଯିବା, ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍‌ଗୁଡିକରେ କିସମ ଅନୁଯାୟୀ ନିର୍ଦ୍ଧାରିତ ଭଡା ସୂଚନା ଫଳକ ଲଗାଯିବା, ବସ୍‌ରେ ଯାତ୍ରୀମାନଙ୍କୁ ଟିକେଟ ଦିଆଯିବା, ବସ୍ ଗୁଡିକରେ ଶବ୍ଦ ପ୍ରଦୂଷଣକାରୀ ପ୍ରେସର ହର୍ଣ୍ଣ ବନ୍ଦ କରିବା, ସରକାରୀ ନିୟମ ମୁତାବକ ଡ୍ରାଇଭର, କଣ୍ଡକ୍ଟରଙ୍କ ୟୁନିଫର୍ମ ବ୍ୟବହାର ଉପରେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଏହି ପ୍ରତିନିଧିମଣ୍ଡଳୀ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ପୂର୍ବତନ ଟାଉନ ସଭାପତି ଜୟନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ସୁରେନ୍ଦ୍ର ଭିତ୍ରିଆ, ହେମନ୍ତ ମେହେର, ପ୍ରଶାନ୍ତ ପଟେଲ, କାର୍ତ୍ତିକ ରକ୍ସା, ସୁବ୍ରତ ନାଏକ, ଅନୀଲ ମହାପାତ୍ର, ବିଜେନ୍ଦ୍ର ନାଏକ, ପଙ୍କଜ ଶ୍ରେଷ୍ଠି, ବରୁଣ ବାଗ୍ ପ୍ରମୁଖ ଉପସ୍ଥିତ ରହି ଏହି ମର୍ମରେ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



ପରିବହନ ଅଧିକାରୀଙ୍କ ସହ ବିଜେଡି ପ୍ରତିନିଧି ଦଳର ଆଲୋଚନା।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ସ୍କୁଲ ଛାତରୁ ଖସୁଛି ଅତଡ଼ା, ଛାତ୍ରୀଛାତ୍ର ଭୟଭୀତ

ରାଉରକେଲା ଅଫିସ,୨୮।୮- ପାନପୋଷ ଛକ ନିକଟରେ ଥିବା ସର୍ବ ପୁରାତନ ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ବିପଦପୂର୍ଣ୍ଣ କୋଠା ଛାତରୁ ବୁଧବାର ଅତଡ଼ା ଖସିବାରୁ ଛାତ୍ରୀଛାତ୍ର ଭୟଭୀତ ହୋଇପଡ଼ିଛନ୍ତି। ଏହି ଜରାଜୀର୍ଣ୍ଣ କୋଠାରେ ବସି ପାଠ ପଢ଼ିବା ଭବିଷ୍ୟତରେ ବିପଦକୁ ଆମନ୍ତ୍ରଣ କରିବ ବୋଲି କୁହାଯାଇଛି। ଏଠାରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୮୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପୁରୁଣା କୋଠା ମରାମତି କରାଯାଉନି। ୧୯୬୯ରୁ ସ୍ଥାପିତ ଏହି ବିଦ୍ୟାଳୟ ସମ୍ପ୍ରତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବୁଧବାର ଛାତ୍ରୀଛାତ୍ର ଶ୍ରେଣୀ କୋଠରିରେ ବସି ପାଠ ପଢୁଥିବା ବେଳେ ଛାତରୁ ଦୁଇ ଥର ସିମେଣ୍ଟ ଅତଡ଼ା ଖସିଥିଲା। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ନିରାପଦ ସ୍ଥାନକୁ ନେଇ ଆସିଥିଲେ। ଏ ନେଇ ବହୁ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଇନି। ଏମିତି ଅବସ୍ଥାରେ ଛାତ୍ରୀଛାତ୍ର କୋଠରିରେ ବସି ପାଠ ପଢ଼ିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

### ରୋଗୀଙ୍କୁ ବିଧାୟକ ବ୍ୟାଣ୍ଡେଜ୍ ବାନ୍ଧିବା ଘଟଣା

# ବିରୋଧୀଙ୍କ ସମାଲୋଚନା, କାର୍ଯ୍ୟାନୁଷ୍ଠାନ ଦାବି

ରାଉରକେଲା ଅଫିସ,୨୮।୮

ରାଉରକେଲା ସରକାରୀ ଡାକ୍ତରଖାନା କର୍ମଚାରୀଙ୍କ ଆନ୍ଦୋଳନ ବେଳେ ସୋମବାର ସ୍ଥାନୀୟ ବିଧାୟକ ସାରଦା ନାୟକଙ୍କ ଭୂମିକା ନେଇ ଉଭୟ ଭାଜପା ଓ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଭାଜପା କହିଛି ଯେ ଦୁଇମାସ ଧରି ଦରମା ପାଇ ନ ଥିବା ମେଡିକାଲ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାରେ କିଛି ଅସ୍ୱାଭାବିକତା ନ ଥିଲା। ବିଧାୟକ ନାୟକ ମେଡିକାଲରେ ପଶି ଯେଉଁ ନାଟକ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ବିଜେଡି ରାଜ୍ୟ ସମ୍ପାଦକ ତଥା କର୍ମଚାରୀ ସଂଘ ଉପଦେଷ୍ଟା ଆନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ମେଡିକାଲରେ ପହଞ୍ଚିଥିଲେ ବିଧାୟକ। କାହା ସହ କିଛି ପରାମର୍ଶ ନ କରି କର୍ମଚାରୀଙ୍କ ଉପରେ ଗର୍ଜିଥିଲେ। ମୁଁ ରୋଗୀ ସେବା କରିବି। କାହାର ଆବଶ୍ୟକତା ନାହିଁ। ଏମିତି ଧମକ ଦେଇଥିଲେ ସେ। କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ସହ ବିଧାୟକଙ୍କର ଉଚ୍ଚବାଚ୍ଚ ହୋଇଥିଲା। ତଥାପି ଚେତି ନ ଥିଲେ ବିଧାୟକ। ପଦମର୍ଯ୍ୟାଦା ଭୁଲି ୱାର୍ଡ ଭିତରେ ପଶି ହଲ୍ଲା କରି ଉଦ୍ଭଟ କାଣ୍ଡ ଭିଆଇଥିଲେ ସେ। ମନଇଚ୍ଛା ଶୋଧିଥିଲେ ଆନ୍ଦୋଳନରତ କର୍ମଚାରୀଙ୍କୁ। ହତବାକ ହୋଇ ପଡ଼ିଥିଲେ କର୍ମଚାରୀ। ଦରମା ନ ପାଇ କର୍ମଚାରୀ ଭୋକ ଉପାସରେ ରହିଥିବା ବେଳେ ବିଧାୟକଙ୍କ ଗର୍ଜନ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ସମସ୍ୟା ନ ବୁଝି ଚିହିଁକି ଉଠିଥିଲେ ନାୟକ। ନିଜେ ୱାର୍ଡ ଭିତରେ ପଶି ଅନଧିକାର ଭାବେ ରୋଗୀଙ୍କ ବ୍ୟାଣ୍ଡେଜ୍ ଖୋଲି ନୂଆ ପଟି ପକାଇବାକୁ ଚେଷ୍ଟା କରିଥିଲେ ସେ। ସବୁଦିନ ଆସି ଚିକିତ୍ସା କରିବାକୁ ବହାସ୍ଫୋଟ ମାରିଥିଲେ। ତେବେ କାହା ଅନୁମତିରେ ୱାର୍ଡ ଭିତରେ ପଶି ଅସୁରକ୍ଷିତ ଭାବେ ରୋଗୀ ଚିକିତ୍ସା କଲେ ସେ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ଏହା କେତେଦୂର ନ୍ୟାୟ ସଙ୍ଗତ ତାହା ଆଲୋଚନାର ବିଷୟ ବୋଲି ଭାଜପା କହିଛି। ବିଧାୟକ ଆତ୍ମପ୍ରଚାର ପାଇଁ ହୁଏତ ଏଭଳି ପନ୍ଥାର ଆଶ୍ରୟ ନେଇଥାଇ ପାରନ୍ତି ବୋଲି ଦଳ କହିଛି। ରୋଗୀ ସେବା ବାବଦରେ ଅନଭିଜ୍ଞ ଜଣେ ବ୍ୟକ୍ତି ବିନା ଅନୁମତିରେ କିପରି ରୋଗୀଙ୍କ ବ୍ୟାଣ୍ଡେଜ ଖୋଲୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନୀରବତା ଘଟଣାକୁ ଅଧିକ ଜଟିଳ କରିଛି। ଦଳ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସାକ୍ଷାତ କରି ବୁଧବାର ଘଟଣା ସମ୍ପର୍କରେ ପ୍ରଶ୍ନ କରିଥିଲେ ହେଁ ସନ୍ତୋଷଜନକ ଉତ୍ତର ମିଳିପାରିନି।

ସମାନ ଢଙ୍ଗରେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ମଧ୍ୟ ଏହି ଘଟଣାକୁ ତୀବ୍ର ସମାଲୋଚନା କରିବା ସହ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଓ ବୀରେନ ସେନାପତିଙ୍କ ନେତୃତ୍ୱରେ ଦଳୀୟ ପ୍ରତିନିଧି ଡାକ୍ତରଖାନାରେ ପହଞ୍ଚି ବିଧାୟକଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ବିନା ଅନୁମତିରେ ବିଧାୟକ ନାୟକ କିପରି ଡାକ୍ତରଖାନାରେ ପଶି ବ୍ୟାଣ୍ଡେଜ୍ ବାନ୍ଧିଲେ ସେ ନେଇ ଦଳ ପ୍ରଶ୍ନ ଉଠାଇଥିଲା। ଏହା ଅର୍ଥ ଯିଏ ଯେତେବେଳେ ଚାହିଁବ ଡାକ୍ତଖାନାରେ ପଶି ଚିକିତ୍ସାଧୀନ ରୋଗୀଙ୍କ ବ୍ୟାଣ୍ଡେଜ ଖୋଲି ଚିକିତ୍ସା କରିପାରିବ ବୋଲି କଂଗ୍ରେସ କର୍ମକର୍ତ୍ତା ଆକ୍ଷେପ କରିଥିଲେ। ବିଧାୟକ ନାୟକ ଜଣେ ଅଭିଜ୍ଞ ଲୋକ ପ୍ରତିନିଧି। କେଉଁ ପରିସ୍ଥିତିରେ ସେ ଡାକ୍ତରଖାନାରେ ପଶି ରୋଗୀଙ୍କ ଦେହରେ ହାତ ମାରିଲେ ସେ ନେଇ ପ୍ରତିନିଧି ମଣ୍ଡଳୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଶ୍ନ କରିଥିଲେ। ଡାକ୍ତର ଥାଉ ଥାଉ ବିଧାୟକ କେଉଁ ଅଧିକାରରେ ଏଭଳି ପଦକ୍ଷେପ ନେଲେ। ସୁପରିଣ୍ଟେଣ୍ଡେଣ୍ଟ କାହିଁକି ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ନେଇନାହାଁନ୍ତି ଏ ନେଇ ପ୍ରଶ୍ନ କରିଥିଲେ। ତେବେ ସୁପରିଣ୍ଟେଣ୍ଡେଣ୍ଟ କୌଣସି ଉତ୍ତର ନ ଦେବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମେଡିକାଲର ୪ର୍ଥ ଶ୍ରେଣୀ କର୍ମଚାରୀ ଦରମା ନ ପାଇ ହନ୍ତସନ୍ତ ହେଉଥିବା ବେଳେ ବିଧାୟକ ସେ କଥା ନ ବୁଝି ନିଜ ପତିଆରା ସାବ୍ୟସ୍ତ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଥିଲେ କଂଗ୍ରେସ ନେତୃମଣ୍ଡଳୀ। ନିଜ ପେଟପାଟଣା ପାଇଁ ଆନ୍ଦୋଳନ କରୁଥିବା କର୍ମଚାରୀଙ୍କୁ ନାୟକ ଗାଳିଗୁଲଜ କରିବା, ୱାର୍ଡ ଭିତରେ ଅନଧିକାର ପ୍ରବେଶ କରିବା କେଉଁ ନୀତି ଅନ୍ତର୍ଗତ ବୋଲି କଂଗ୍ରେସ ନେତୃମଣ୍ଡଳୀ ପଶ୍ନ କରିଛନ୍ତି। ହାତରେ ଗ୍ଲୋବସ ନ ପିନ୍ଧି ବିଧାୟକ କେଉଁ ପରିସ୍ଥିତିରେ ବ୍ୟାଣ୍ଡେଜ ରୁମରେ ପ୍ରବେଶ କରିଥିଲେ ସେ ନେଇ ଦଳ ପ୍ରଶ୍ନ ଉଠାଇଛି। ତାଙ୍କ ନିଜ ହାତ ସେତେବେଳେ ସଂକ୍ରମିତ ଥିଲା ନା ନାହିଁ ସେ କଥା ମଧ୍ୟ ବିଚାର ପରିସରକୁ ଆସିବା ଆବଶ୍ୟକ। ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ଏବଂ କେଉଁ ପରିସ୍ଥିତିରେ ବିଧାୟକ ନାୟକଙ୍କୁ ଅନୁକମ୍ପା ଦେଖାଇଛନ୍ତି ସେ ନେଇ ତଦନ୍ତ ଦାବି କରିଛି ଦଳ। ଅନ୍ୟଥା ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ସେଠୀ, ରୋହିତ ଯୋସେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ, ଜ୍ୟୋତି ଡୁଙ୍ଗଡୁଙ୍ଗ, କୈଳାସ ସାହୁ ପ୍ରମୁଖ ସାମିଲ ଥିଲେ।





ବିଧାୟକଙ୍କ ବିରୋଧରେ ଭାଜପା ପ୍ରତିନିଧି ମଣ୍ଡଳୀ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅଭିଯୋଗ କରୁଛନ୍ତି (ବାମ)। କଂଗ୍ରେସ ପ୍ରତିନିଧି ମଣ୍ଡଳୀ ମଧ୍ୟ ଅଭିଯୋଗ କରୁଛନ୍ତି।

### ପାଣିଟାଙ୍କିରେ ୨ଦିନ ଫସିଥିବା ନାବାଳକ ଉଦ୍ଧାର

ରାଉରକେଲା ଅଫିସ,୨୮।୮

ଗତ ଦୁଇଦିନ ଧରି ବନ୍ଧମୁଣ୍ଡା ସେକ୍ଟର-ବି ରେଲୱେ ପାଣିଟାଙ୍କି ଭିତରେ ଫସିରହିଥିବା ଜଣେ ନାବାଳକଙ୍କୁ ବୁଧବାର ଉଦ୍ଧାର କରାଯାଇଛି। ନାବାଳକ ଜଣଙ୍କ ଗତ ଦୁଇଦିନ ଧରି ନିଖୋଜ ଥିଲେ। ବୁଧବାର ପାଣିଟାଙ୍କି ଭିତରୁ ଜଣେ ନାବାଳକଙ୍କ କଣ୍ଠସ୍ୱର ଶୁଭିଥିଲା। ଏହା ଶୁଣି କେତେଜଣ ବ୍ୟକ୍ତି ସେଠାକୁ ଯାଇ ନାବାଳକ ଜଣଙ୍କ ଫସିରହିଥିବା ଦେଖିଥିଲେ। ଏ ନେଇ ରେଲୱେ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ରେଲୱେ କର୍ମଚାରୀଙ୍କ ସହାୟତାରେ ନାବାଳଙ୍କୁ ଉଦ୍ଧାର କରାଯାଇଥିଲା।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନାକଟିଦେଉଳ,୨୮।୮(ଡି.ଏନ.ଏ.)

ବାଟଗାଁ କଲେଜର ନବାଗତ ଛାତ୍ରଛାତ୍ରୀଙ୍କୁ ବୁଧବାର ସ୍ୱାଗତ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟକ୍ଷ ରମେଶ କୁମାର ଅଗ୍ରୱାଲା ସଭାପତିତ୍ୱ କରିଥିଲେ। ଗୁରୁ-ଶିଷ୍ୟ ପରମ୍ପରା, କର୍ତ୍ତବ୍ୟବୋଧ ଏବଂ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ଅଧ୍ୟାପକ ଶରତ ଶତପଥୀ, ପ୍ରଫୁଲ୍ଲ ପ୍ରଧାନ ଆଲୋକପାତ କରିଥିଲେ। ଅଧ୍ୟାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ନନ୍ଦିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ତୃପ୍ତିମୟୀ ମାଝି ଏବଂ ମୌସୁମୀ ନାଏକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ୨ୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସୁବାଷ ନାଏକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ

ରାଉରକେଲା ଅଫିସ,୨୮।୮

ଅଗଷ୍ଟ ୧୫ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଆର୍‌ଏସ୍‌ପି ପକ୍ଷରୁ ୪୩ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ସେକ୍ଟର-୨୦ ଓ ୨୨ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ ଏବଂ ଇସ୍ପାତ କଲେଜ ଛାତ୍ରୀଛାତ୍ରଙ୍କୁ ଏକାଡେମିକ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରିଥିଲେ। ୯୭ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୨ ଛାତ୍ରୀଛାତ୍ରଙ୍କୁ ଶ୍ରେଷ୍ଠ ଏକାଡେମିକ ଏକ୍ସଲେନ୍ସ ପୁରସ୍କାର ଆକାରରେ ୧୦ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେକ୍ଟର-୨୦ ଇଂଲିଶ ମିଡିୟମ ସ୍କୁଲର ଶୋଭନଶ୍ରୀ ସାହୁ, ଜୟେସ ନାୟକ, ମନୀଷା ମଲ୍ଲିକ, ସୌରଭ ବେହେରା, ଦ୍ୱାଦଶ ଶ୍ରେଣୀର ପ୍ରୀତିମଞ୍ଜରୀ ସାହୁ ପ୍ରମୁଖଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୯୫ରୁ ୯୭ ପ୍ରତିଶତ ନମ୍ବର ରଖିଥିବା ୩୧ ଛାତ୍ରୀଛାତ୍ରଙ୍କୁ ୭ହଜାର ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଇସ୍ପାତ ବିଦ୍ୟାମନ୍ଦିର ଯୁକ୍ତଦୁଇ ବାଣିଜ୍ୟର ଅଙ୍କିତା ସାହୁ ଓ ସଞ୍ଜନା କିଣ୍ଡୋ, ଦଶମ ଶ୍ରେଣୀର ସୌମ୍ୟଶ୍ରୀ ମହାନ୍ତ, ଦେବାଂଶ ଆଚାର୍ଯ୍ୟ, ପ୍ରତୀକ୍ଷା ରାୟ, ପ୍ରିୟବ୍ରତ ସାହୁ, ସାଦିକ ଅହମଦ, ଅର୍ଚ୍ଚନା ନାୟକ, ଅର୍ପିତା ମହାନ୍ତି ପ୍ରମୁଖ ଏହି ପୁରସ୍କାର ପାଇଛନ୍ତି।



ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଜଣେ ମେଧାବୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

### ୧ରେ ଇଂଲିଶ ବକ୍ତୃତା ପ୍ରତିଯୋଗିତା

ରାଉରକେଲା ଅଫିସ,୨୮।୮

ସିଟିଜେନ ଫୋରମର ପୂର୍ବତନ ସମ୍ପାଦକ ତଥା ସାମାଜିକ କର୍ମୀ ସ୍ୱର୍ଗତ ପ୍ରଫୁଲ୍ଲ ମହାପାତ୍ରଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସେପ୍ଟେମ୍ବର ୧ ସକାଳ ୯ଟାରେ ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସହରର ସମସ୍ତ ଇଂଲିଶ ମିଡିୟମ ସ୍କୁଲ ଓ ଯୁକ୍ତ ଦୁଇ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ସ୍ମୃତିଫଳକ ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରତିଯୋଗିତାର ବିଷୟବସ୍ତୁ ଉକ୍ତ ଦିନ ସକାଳ ସାଢ଼େ ୭ଟାରେ ଘୋଷଣା କରାଯିବ। ଏ ସମ୍ପର୍କରେ ଆୟୋଗକଙ୍କ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଜଣାଇ ଦିଆଯାଇଛି। ୨୯ ତାରିଖ ସୁଦ୍ଧା ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପକ୍ଷରୁ ୨ ପ୍ରତିଯୋଗୀଙ୍କ ନାମ ସଂଯୋଜକ ସତ୍ୟନାରାୟଣ ରାଉତଙ୍କୁ ପ୍ରଦାନ କରିବା ପାଇଁ କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଖବରଦାତା ଦେବେନ୍ଦ୍ର ନାରାୟଣ ପତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ଆଇନଶୃଙ୍ଖଳା ନେଇ ଏସ୍‌ପିଙ୍କ ସହ ଆଲୋଚନା

ରାଉରକେଲା ଅଫିସ,୨୮।୮

ପାନପୋଷ ସାଙ୍ଗଠନିକ ଜିଲା ଭାଜପାର ଏକ ପ୍ରତିନିଧି ଦଳ ରାଉରକେଲାରେ ନୂତନ ଭାବେ ଯୋଗଦେଇଥିବା ଏସ୍‌ପି କେ. ଶିବା ସୁବ୍ରମଣିଙ୍କୁ ଭେଟି ସହରର ବିଭିନ୍ନ ସମସ୍ୟା ତଥା ଅଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ଏସ୍‌ପିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରଥମେ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ନିହାର ରାୟ, ତପନ ସ୍ୱାଇଁ, ଭଗବାନ ରାଉତ, ଗଙ୍ଗାଧର ଦାସ, ଟୁଟିଆ ଜେନା, ଭବାନୀ କବି, ଜିତେନ୍ଦ୍ର ଅଗ୍ରୱାଲ, ନିକୁଞ୍ଜ ବିହାରୀ ରାୟ, ସରୋଜ ଦାସ, ପ୍ରମିଳା ଦାସ, କେଦାର ମହାନ୍ତି, କୈଳାସ ରାଉତ, ନୃସିଂହ ଜେନା, ବସନ୍ତ ସାମଲ, ଭ୍ରମରବର ବେହେରା, ଦୀପକ ତିୱାରୀ, ଅମରେନ୍ଦ୍ର ଶର୍ମା, ପ୍ରବାଳ ବାରିକ, ଆଇ୍. ରମେଶ ରାଜା, ଅମ୍ରିତ ଓରାମ, ପ୍ରଶାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସହରବାସୀଙ୍କୁ କିପରି ସମୁଚିତ ନ୍ୟାୟ ମିଳିବ ସେ ନେଇ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ।



ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି ଭାଜପା ପ୍ରତିନିଧି ମଣ୍ଡଳୀ।

## ଗାୟତ୍ରୀ କଲେଜ ଅଫ୍ ଫାର୍ମାସିରେ ସ୍ୱାଗତ ସମାରୋହ

ସମ୍ବଲପୁର, ୨୮।୮ (ବ୍ୟୁରୋ)

ଗାୟତ୍ରୀ କଲେଜ ଅଫ୍ ଫାର୍ମାସି ପରିସରରେ ନୂତନ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଶିବନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, କଲେଜ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଉନ୍ନୟନ ଅଧିକାରୀ ଅତିଶ କୁମାର ଶତପଥୀ, ପରିଚାଳନା କମିଟି ସଭ୍ୟ ଅବଦୁଲ୍ଲ ମଜିଦ ଫୈଜି, ପ୍ରଫେସର ଶମ୍ଭୁପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବି-ଫାର୍ମ, ଏମ-ଫାର୍ମ ଡିଗ୍ରୀ ପାଠ୍ୟକ୍ରମ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଓ ଉନ୍ନତ ଭାରତ ଅଭିଯାନରେ ଆଞ୍ଚଳିକ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଅଧ୍ୟାପକ ସୂର୍ଯ୍ୟନାରାୟଣ ଦାଶ, ଗୌତମ କୁମାର ଜାନା, ରାମାଶିଷ ତ୍ରିପାଠୀ, କୈଳାଶ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସେକ୍ଟର-୧୬ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ରାଉରକେଲା ଅଫିସ,୨୮।୮

ସେକ୍ଟର-୧୬ ଦୁର୍ଗାପୂଜା କମିଟିର ୨୦ବର୍ଷ ପୂର୍ତ୍ତି ଅବସରରେ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି ଗୌତମ ବାଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବା ନେଇ ଆଲୋଚନା କରିଥିଲେ। ପୂଜା ଅବସରରେ ମିନାବଜାର, ପାର୍କିଂ ସୁବିଧା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ପ୍ରଦୂଷଣକୁ ଦୃଷ୍ଟିରେ ରଖି ଥିମ୍ ମୂର୍ତ୍ତି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଗତ ୨୦ ବର୍ଷ ଧରି କମିଟି ପରିଚାଳନା କରୁଥିବା ବରିଷ୍ଠ ସଦସ୍ୟଙ୍କୁ ସମ୍ମାନିତ କରାଯିବ। ଏଥିସହିତ ପୂଜାକୁ ଅଧିକ ଦିନ କରିବା ପାଇଁ ପ୍ରଶାସନକୁ ଅବଗତ କରାଯିବ। ବୈଠକରେ କୋଷାଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ, ଲଲନ ଠାକୁର, ଅନୀଲ ସିଂ, କୃଷ୍ଣଚନ୍ଦ୍ର ବାଡ଼ା, ନାରାୟଣ ସାହୁ, ବିଜୟ ରଜାକ ପ୍ରମୁଖ ଉପସ୍ଥିତ ଥିଲେ।



ସେକ୍ଟର-୧୬ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ୧୦ମ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍

# ରାଉରକେଲାକୁ ୪୮ ପଦକ, ନିଶିକାନ୍ତଙ୍କୁ ୩ ସ୍ୱର୍ଣ୍ଣ

ରାଉରକେଲା ଅଫିସ,୨୮।୮

ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଭୁବନେଶ୍ୱର ମଞ୍ଚେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୦ମ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। କରାଟେ ଆସୋସିଏଶନ ଅଫ ଇଣ୍ଡିଆ (କାଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା, ଗୁଜରାଟ, ପଶ୍ଚିମବଙ୍ଗ, ହରିୟାଣା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ୩୪ ଜଣିଆ ଦଳ ଭାଗନେଇ ଉନ୍ନତ ପ୍ରଦର୍ଶନ କରିଛନ୍ତି। ଦଳ ୧୮ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୭ କାଂସ୍ୟ ପଦକ ସହ ମୋଟ ୪୮ ପଦକ ହାସଲ କରିଛି। ଦଳ ସଦସ୍ୟ ନିଶିକାନ୍ତ ସାହୁ ବ୍ୟକ୍ତିଗତ ସର୍ବାଧିକ ୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କୁମାର ଶୁଭମ ୨ ସ୍ୱର୍ଣ୍ଣ, ଦେବାଶିଷ ଖାଲକୋ ୨ ସ୍ୱର୍ଣ୍ଣ, ଚେତନ ସ୍ୱାଇଁ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ସ୍ୱାଗତିକା ସାହୁ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖା ମୁଖ୍ୟ ପ୍ରଶିକ୍ଷକ ତଥା ଅନ୍ତର୍ଜାତୀୟ ପଦକପ୍ରାପ୍ତ ଏସୀୟ କୋଚ୍ ରାଜୀବ ସିଂ ଏହି ଚାମ୍ପିୟନଶିପ୍‌ରେ ଅଫିସିଆଲ କାର୍ଯ୍ୟ ତୁଲାଇଥିଲେ। ରଞ୍ଜନ ପାତ୍ର, ମୋନାଲିସା ମିଶ୍ର ଓ ଜୟକୃଷ୍ଣ ପାଣି ଟିମ୍ କୋଚ ଦାୟିତ୍ୱ ତୁଲାଇଥିଲେ। କାଇର ବୈଷୟିକ ନିର୍ଦ୍ଦେଶକ ତଥା ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। କୃତୀ କରାଟେ ପ୍ରତିଯୋଗୀଙ୍କୁ ଉତ୍କଳ କରାଟେ ସ୍କୁଲ ସଭାପତି ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦର ଅକ୍ଷୟ ଭୁୟାଁ, ଶ୍ରୀବତ୍ସ କୁଅଁର ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




ଭୁବନେଶ୍ୱରରେ ଆୟୋଜିତ ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ରାଉରକେଲା ଦଳ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୯ ଅଗଷ୍ଟ, ୨୦୧୯



ଅନ୍ୟକୁ ଯଦି ସୁଖ ଦେଇ ନ ପାରୁଛ ତେବେ ତାକୁ ଦୁଃଖ ଦେବା ପାଇଁ ତୁମର କୌଣସି ଅଧିକାର ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଆଇନ କଲେଜରେ ସ୍ୱାଗତ ସମାରୋହ

ସମ୍ବଲପୁର,୨୮।୮(ବ୍ୟୁରୋ)
ଲଜପତ ରାୟ୍ ଆଇନ କଲେଜରେ ସ୍ୱାଗତ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନବାଗତ ଛାତ୍ରୀଛାତ୍ରଙ୍କୁ ପୁରାତନ ଛାତ୍ରୀଛାତ୍ର, କଲେଜ ଅଧାପକମାନେ ସ୍ୱାଗତ କରିଥିଲେ। ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଏମ୍. ନାଗରାଜନ ସଂଯୋଜନା ଓ କାର୍ଯ୍ୟକ୍ରମ ଆବାହିକା ସୃଷ୍ଟି ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାଧାପିକ ଡ. ବିକ୍ରମ କୁମାର ଦାଶ, ଅଧାପକ ଡ. ଲକ୍ଷ୍ମୀକାନ୍ତ ଦାଶ, ଅଙ୍କିତ ସୌରଭ ସାହୁ, ଡ. ରମାକାନ୍ତ ଶତପଥୀ, ସ୍ୱାଗତିକା ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଅରୁଣ ତରିଆ ଓ ନିକିତା ଦାଶଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନିକିତା ତ୍ରିପାଠୀ, ଦୀପ୍ତିରେଖା ଦାଶ, ଶ୍ୱେତା ଚକ୍ରବର୍ତ୍ତୀ, ବ୍ରଜବନ୍ଧୁ ମୁଦୁଲି, ଅଭିଷେକ ମିଶ୍ର ନୃତ୍ୟ, ଗୀତ ପରିବେଷଣ କରିଥିଲେ।

### ବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଆଲୋଚନାଚକ୍ର

ସମ୍ବଲପୁର,୨୮।୮(ବ୍ୟୁରୋ)
ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ମଙ୍ଗଳବାର ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାଣି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜର ପ୍ରଫେସର ସନ୍ତୋଷ କୁମାର ଦାଶ, ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା, ଜ୍ୟୋତି ଅଧକ୍ଷ ଡ. ପରେଶ ଚନ୍ଦ୍ର ଦାନୀ ଆଲୋଚକ ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲ ପୁରାତନ ଛାତ୍ର ସଂଘର ବୈଠକ

ସମ୍ବଲପୁର, ୨୮।୮ (ବ୍ୟୁରୋ)
ମ୍ୟୁନିସିପାଲ ଗର୍ଲ୍ସ ହାଇସ୍କୁଲ ପୁରାତନ ଛାତ୍ର ସଂଘର ବୈଠକ ବୁଧବାର ବଡବଜାରଠାରେ ଅନୁଷ୍ଠିତ ହୋଇଯାଇଛି । ଡ. ଲକ୍ଷ୍ମୀନାରାୟଣ ରଥଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଆନନ୍ଦ ଜେନା, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ପଟେଲ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶ୍ୟାମସୁନ୍ଦର ଧର, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଦୁର୍ଯ୍ୟୋଧନ ପଟେଲ, ନାରାୟଣ ନାୟକ, ଅଶୋକ ପଟେଲ, ଛେଦିଲାଲ ଅଗ୍ରୱାଲ, ଇଦ୍ରିଶ ମଲ୍ଲିକ, ନିମାଇଁ କର, ଅଶୋକ ନାୟକ, ଦ୍ୱାରିକାପ୍ରସାଦ ମିଶ୍ର, ଜଗବନ୍ଧୁ ସାହୁ, ଭବାନୀ ବାବୁ, ପୀତାମ୍ବର ରାୟ ଓ ସୂର୍ଯ୍ୟ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ବିଶାଳଖିଣ୍ଡାରେ ଆଇନ ସଚେତନତା ଶିବିର

ସମ୍ବଲପୁର, ୨୮।୮ (ବ୍ୟୁରୋ)
ବିଶାଳଖିଣ୍ଡା ପଞ୍ଚାୟତ ସଭା ଗୃହରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝୀ, ମାନେଶ୍ୱର ବ୍ଲକ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଶ୍ରମ ନିରୀକ୍ଷକ ପଦ୍ମାବତୀ ମାରଣ୍ଡି, ବିଶାଳଖିଣ୍ଡା ସରପଞ୍ଚ ସୁଶୀଲ କୁମାର ବାବୁ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ଯୋଜନା ବିଷୟରେ ସଚେତନ କରାଇଥିଲେ । ପ୍ରାଧିକରଣ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘର ନିର୍ମାଣ ପ୍ରୋତ୍ସାହନ ରାଶି ଦିଅ

ରେଙ୍ଗାଲି, ୨୮।୮ (ଡି.ଏନ୍.ଏ.)
ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ବିଜୁ ପକ୍କା ଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିଥିବା ହିତାଧିକାରୀମାନେ ପ୍ରୋତ୍ସାହନ ରାଶି ଦାବିରେ ବ୍ଲକ ଅଫିସ ଘେରାଉ କରିଛନ୍ତି। ବୁଧବର ରେଙ୍ଗାଲି ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ନେତୃତ୍ୱରେ ହିତାଧିକାରୀମାନେ ପ୍ରୋତ୍ସାହନ ରାଶି ଦାବି ନେଇ ବ୍ଲକ ଘେରାଉ କରିଥିଲେ। ଶେଷରେ ସେମାନେ ଏକ ଦାବିପତ୍ର ଏବିଡିଓ ରବୀନ୍ଦ୍ର ରଣାଙ୍କୁ ଦେଇଥିଲେ ।




ହିତାଧିକାରୀମାନେ ପ୍ରୋତ୍ସାହନ ରାଶି ଦାବିରେ ବ୍ଲକ ଅଫିସ ଘେରାଉ କରିଛନ୍ତି।

ସରକାରଙ୍କ ନିୟମ ଅନୁସାରେ ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରୁଥିବା ହିତାଧିକାରୀ ୪ ମାସରେ ଘର ସଂପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସଂପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିଥାଏ । କିନ୍ତୁ ରେଙ୍ଗାଲି ବ୍ଲକରେ ହିତାଧିକାରୀଙ୍କୁ ଏହି ପ୍ରୋତ୍ସାହନ ରାଶି ମିଳୁନାହିଁ । ଏହାର ଦାବିରେ ହିତାଧିକାରୀମାନେ ବ୍ଲକ ଅଫିସ ଘେରାଉ କରିଥିଲେ । ଏହି ଘେରାଉରେ ରେଙ୍ଗାଲି ସରପଞ୍ଚ ଲକ୍ଷ୍ମୀ ଓରାମ, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ରେଙ୍ଗାଲି ଜୋନ-୨ ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ, ସନାତନ ସାହୁ, ଶେଷଦେବ ପ୍ରଧାନ, କୁମୋଦିନୀ ନାଏକ, ପ୍ରମୋଦିନୀ ନାଏକଙ୍କ ସମେତ ହିତାଧିକାରୀ ସାମିଲ ଥିଲେ। ତେବେ ପ୍ରୋତ୍ସାହନ ରାଶି ପାଇଁ ଥିବା ପୋର୍ଟାଲ କାମ କରୁନାହିଁ । ସେଥିପାଇଁ ପ୍ରୋତ୍ସାହନ ରାଶି ଦିଆଯାଇ ପାରୁନାହିଁ । ଜିଲାପାଳ ଅନୁମତି ଦେଲେ ପୂର୍ବଭଳି ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ଟିକ୍ରାପଡ଼ା–ସାପଲହରା ରାସ୍ତା ଶୋଚନୀୟ



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଟିକ୍ରାପଡ଼ା–ସାପଲହରା ରାସ୍ତା।

ସମ୍ବଲପୁର,୨୮।୮(ବ୍ୟୁରୋ)
ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଟିକ୍ରାପଡ଼ାରୁ-ସାପଲହରା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମହାନଗର ନିଗମରେ ରହିଥିଲେ ମଧ ଏହି ଗ୍ରାମରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ରାସ୍ତା ଅବସ୍ଥା ଖରାପ ଯୋଗୁ ଛାତ୍ରୀଛାତ୍ରମାନେ ବହୁକଷ୍ଟ ସହ୍ୟକରି ଗୋପାଳପାଲି ସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ମହାନଗର ନିଗମ କର୍ତ୍ତୃପକ୍ଷ ରାସ୍ତା ମରାମତି କରିବାକୁ ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ବିଶ୍ୱଜିତ ବାଗ ଦାବି କରିଛନ୍ତି।

### କୋଶଳ ପ୍ରଶିକ୍ଷଣ କେନ୍ଦ୍ରର ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର, ୨୮।୮ (ବ୍ୟୁରୋ)
ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ସମାରୋହ ନକ୍ସାପାଲିସ୍ଥିତ କୋଶଳ ଏଏନ୍ଏମ୍ ଓ ଜିଏନ୍ଏମ୍ ପ୍ରଶିକ୍ଷଣ କେନ୍ଦ୍ରଠାରେ ପାଳିତ ହୋଇଯାଇଛି । ଅନୁଷ୍ଠାନ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ପ୍ରାଧାପିକା ଡ. ସନ୍ତୋଷିନୀ ବାବୁ ମୁଖ୍ୟଅତିଥି ଓ ଅଧାପକ ତୁଷାରରଞ୍ଜନ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀମାନେ ବିଶ୍ୱଦେଖ ମଧୁମୟରେ ଜୀବନ.... ସଂଗୀତ ଗାନ କରିଥିଲେ । ସ୍କୁଲ ଅଧକ୍ଷା କେ. ଜୟଶ୍ରୀ, ପ୍ରଶିକ୍ଷିକା ମିନାକ୍ଷୀ, ପ୍ରତିମା, ସୁଦୀପ୍ତା, ଶିଖା ସୋନାଲି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ବୁଣ୍ଡୁକାମାଲରେ ରକ୍ତଦାନ ଶିବିର

ବାମରା, ୨୮।୮ (ଡି.ଏନ୍.ଏ)
ବାମରା ବ୍ଲକ ସଗରା ପଞ୍ଚାୟତ ବୁଣ୍ଡୁକାମାଲ ପ୍ରାଥମିକ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସଗରା ଓ ଗଡପୋଷ ପଞ୍ଚାୟତରେ ଥିବା ସମସ୍ତ ଗାଁ କଲ୍ୟାଣ ସମିତିର ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ୩୬ ଜଣ ଏଥିରେ ରକ୍ତଦାନ କରିଥିଲେ । ଏହି ଅବସରରେ ଡିପିଏମ ସମ୍ବଲପୁର ଡା. ମୌସୁମୀ ମିଶ୍ର, ଡିଡିଏମ ସମ୍ବଲପୁର ପ୍ରକାଶ ପାଣିଗ୍ରାହୀ, ଜିକେଏସ କୋ-ଅଡିନେଟର ସତ୍ୟରଞ୍ଜନ ଦାଶ, ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡା. ଦିବେନ୍ଦୁ ସାହୁ, ବିପିଏମ ଦମୟନ୍ତୀ ଭୋଇ, ପିଏଚଓ ଲକ୍ଷ୍ମୀକାନ୍ତ ଷଣ୍ଢ, ବିଡିଏମ ରଞ୍ଜନ ନାଏକ, ଏଲଏଚଭି ଇମିଲିଆ ତିର୍କି ଓ ସଗରା ସରପଞ୍ଚ ଦିଗାମ୍ବର ନାଏକ ପ୍ରମୁଖ ଯୋଗ ଦେଇଥିଲେ । କୁଚିଣ୍ଡା ରକ୍ତଭଣ୍ଡାରରୁ ଡିଏମଏ ପ୍ରକାଶ ଶ୍ରୀଧର, ପ୍ରମୋଦ ପଟେଲ, ମିତ୍ର ବେହେରା, ଧର୍ମେନ୍ଦ୍ର ଜୟପୁରିଆ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।



ବୁଣ୍ଡୁକାମାଲରେ ରକ୍ତଦାନ ଶିବିର ଅବସରରେ ନିମନ୍ତ୍ରିତ ଅତିଥି ଓ ଆୟୋଜକ ।

## ହିତାଧିକାରୀ-ସରକାରୀ କର୍ମଚାରୀଙ୍କ ସହଯୋଗ ଦରକାର



ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗ୍ରାମୀଣ ଆବାସ ଯୋଜନା କର୍ମଶାଳାରେ ପ୍ରଶିକ୍ଷକ ଓ ପ୍ରତିନିଧିମାନେ।

ସମ୍ବଲପୁର,୨୮।୮(ବ୍ୟୁରୋ)
ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ଗ୍ରାମ୍ୟଜଳ ଯୋଗାଣ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭାଗୀୟ ଡେପୁଟି ସଚିବ କୁଳମଣି ମିଶ୍ର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର କିଭଳି ଭାବେ ଶୀଘ୍ର ସଂପୂର୍ଣ୍ଣ ହେବ ଓ ହିତାଧିକାରୀମାନେ ଠିକ ଭାବରେ ପାଇପାରିବେ ସେ ନେଇ ଆଲୋଚନା ହୋଇଥିଲା । ହିତାଧିକାରୀ ଓ ପଞ୍ଚାୟତସ୍ତରର କର୍ମଚାରୀ ମିଳିତ ସହଯୋଗରେ ଲକ୍ଷ୍ୟ ପୂରା କରାଯାଇ ପାରିବ ବୋଲି ସେ କହିଥିଲେ। ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ ଉପସ୍ଥିତ ରହିଥିଲେ । ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଓ ବରଗଡ ଜିଲାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲା ପ୍ରଶାସନ ଅଧିକାରୀ ଉପସ୍ଥିତ ଥିଲେ ।

## ହୀରାକୁଦ ଡ୍ୟାମ୍‌ର ପାରିପାର୍ଶିକ ଉନ୍ନତି ହେବ

ସମ୍ବଲପୁର,୨୮।୮(ବ୍ୟୁରୋ)
ସମ୍ବଲପୁର ହୀରାକୁଦ ଡ୍ୟାମ୍‌ରେ ପାରଶ୍ୱରିକ ଉନ୍ନତି କରାଯିବ। ଏ ନେଇ ବୁଧବାର ବନ ବିଭାଗ, ହୀରାକୁଦ ବନ୍ୟପ୍ରାଣୀ ବିଭାଗ, ଚିଲିକା ଉନ୍ନୟନ ପରିଷଦ (ସିଡିଏ) ଓ ଏନଜିଓ କର୍ମକର୍ତ୍ତାଙ୍କୁ ନେଇ ଏଠାର ଏକ ହୋଟେଲରେ ବୈଠକ ବସିଛି। ହରାକୁଦ ଡ୍ୟାମକୁ ଚିଲିକା ମଡେଲରେ ରୂପାନ୍ତରିତ କରାଯିବ। ଏହାଦ୍ୱାରା ଲୋକଙ୍କୁ ଚାଷ, ମତ୍ସ୍ୟ ପାଳନରୁ ରୋଜଗାର ମିଳିବ। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ଏଥିପାଇଁ ୫ ବର୍ଷରେ ୭୧୫ କୋଟି ୩୩ ଲକ୍ଷ ୬୨ ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଜିଲାପାଳ ଶୁଭମ୍ ସକସେନା, ଆରସିସିଏଫ ଚିତ୍ତରଞ୍ଜନ ମିଶ୍ର, ଚିଲିକା ଉନ୍ନୟନ ପରିଷଦର ରିତେଶ କୁମାର ୱିସାଙ୍କ ସମେତ ସମ୍ବଲପୁର, ବରଗଡ, ଝାରସୁଗୁଡା, ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫଓ ଉପସ୍ଥିତ ଥିଲେ ।





ସମ୍ବଲପୁରର ଏକ ହୋଟେଲରେ ହୀରାକୁଦ ଡ୍ୟାମ୍ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବୈଠକ ବସିଛି।

## ଜନମିତ୍ରପକ୍ଷରୁବିବିଧପ୍ରତିଯୋଗିତା

ସମ୍ବଲପୁର,୨୮।୮(ବ୍ୟୁରୋ)
ଜନମିତ୍ର ପକ୍ଷରୁ ବିବିଧ ପ୍ରତିଯୋଗିତା ଭିଏସ୍ଏସ୍ ମାର୍ଗସ୍ଥିତ ସାକେତ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଲିଖନ, ଭକ୍ତି ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୦ ସ୍କୁଲର ୧୬୨ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି, ସଙ୍ଗୀତଜ୍ଞ ଗୋପାଳ ମହାକୁଡ଼, ଶିକ୍ଷାବିତ୍ ସରୋଜ ସାହା, ସୁଧୀର ମିଶ୍ର ଓ ଶିକ୍ଷୟିତ୍ରୀ କଲ୍ୟାଣ ମିଶ୍ର ଯୋଗଦେଇଥିଲେ। ଟିକେଶ୍ୱର ପ୍ରଧାନ, ବ୍ରହ୍ମା ପ୍ରଧାନ, ରାକ୍ଷୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚିତ୍ରାଙ୍କନ ସିନିୟର ବିଭାଗରେ ଓମ୍‌ଦତ୍ତାତ୍ରେୟ ବୈଠାରୁ ପ୍ରଥମ, ଖୁସି ସାହା ଦ୍ୱିତୀୟ, ତନିଷା ପଣ୍ଡା ଓ ପ୍ରିୟାଂଶୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବର୍ଗରେ ବି. ଚିତ୍ତସ୍ୱରୂପା ପ୍ରଥମ, ଶ୍ରୀୟା ସାହା ଦ୍ୱିତୀୟ, ଆକାଂକ୍ଷା ପଣ୍ଡା ଓ ମହମ୍ମଦ ରାଜା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଧାରଣ ଜ୍ଞାନରେ ଆଦିତ୍ୟ ପ୍ରଧାନ, ଗଗନ ଭୋଇ, ଶକ୍ତିରାମ ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜନମିତ୍ର ସମ୍ପାଦକ ରାଧେଶ୍ୟାମ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଆର୍ଏସ୍ଏସ୍ ପଶ୍ଚିମପ୍ରାନ୍ତର ବିଷ୍ଣୁ ପାତ୍ର ମୁଖ୍ୟଅତିଥି, ଡ. ରାଜ କୁମାର ବଡ଼ପଣ୍ଡା, ଆଇନଜୀବୀ ସତ୍ୟନାରାୟଣ ପଣ୍ଡା, ଦିଲୀପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସୁଧୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଷ୍ଟିକ ବର୍ଜନ ପାଇଁ ଷ୍ଟେଶନରେ ଶପଥ

ସମ୍ବଲପୁର, ୨୮।୮ (ବ୍ୟୁରୋ)
ସମ୍ବଲପୁର ରେଳ ଷ୍ଟେଶନରେ ବୁଧବାର ପ୍ଲାଷ୍ଟିକ ବର୍ଜନ ନେଇ ଶପଥ ଗ୍ରହଣ ସମାରୋହ ହୋଇଛି। ଏଥିରେ ରେଳ ଅଧିକାରୀ, କର୍ମଚାରୀ, ଏନସିସି କ୍ୟାଡେଟ, ସ୍କାଉଟ ଓ ଗାଇଡ, ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରେଳଯାତ୍ରୀ, ରେଳ ଷ୍ଟେଶନ ସ୍ଥିତ ବିଭିନ୍ନ ଦୋକାନୀ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଏଣିକି ଷ୍ଟେଶନରେ କେହି ମଧ ପ୍ଲାଷ୍ଟିକ ବ୍ୟବହାର କରିବେ ନାହିଁ କିମ୍ବା ବିକ୍ରି ମଧ କରିପାରିବେ ନାହିଁ ବୋଲି ଘୋଷଣା କରାଯାଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଯୋଗଦେଇ ପଲିଥିନ ବ୍ୟାଗ, ପ୍ଲାଷ୍ଟିକ କପ୍ ବ୍ୟବହାର କରିବାକୁ ବାରଣ କରିଥିଲେ । ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି । ଏଥିସହ ରେଳ ଷ୍ଟେଶନ ଅପରିଷ୍କାର ହେଉଥିବା କହିଥିଲେ । ଏହି ଅବସରରେ ସଚେତନତା ଶୋଭାଯାତ୍ରା ଷ୍ଟେଶନ ପରିକ୍ରମା କରିଥିଲା ।



ସମ୍ବଲପୁର ରେଳ ଷ୍ଟେଶନରେ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ପଡିଆବାହାଲରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପଡିଆବାହାଲ, ୨୮।୮ (ଡି.ଏନ୍.ଏ.)
ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପଠାରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଛି। ସୁବୋଧ କୁମାର ବେହେରା ପୁନର୍ବାର ସଭାପତି ହୋଇଛନ୍ତି। ଆଶୁତୋଷ ନାୟକ ଏବଂ ମିତ୍ରଭାନୁ ପଧାନ ଉପସଭାପତି ରହିବେ। ଅଶୋକ କୁମାର ରାଏ ସାଧାରଣ ସମ୍ପାଦକ, ନନ୍ଦିକେଶ ସାହୁ ଓ ଶକ୍ତି ପ୍ରସନ୍ନ ବଡପଣ୍ଡା ସହସମ୍ପାଦକ, ରବିନାରାୟଣ ବେହେରା କୋଷାଧକ୍ଷ ଏବଂ ପୂଜା ସମ୍ପାଦକ ହିସାବରେ ପ୍ରଦୀପ ମେହେର, ବାଦଲ ମହାପାତ୍ର, ସୁବୋଧ ନାଏକ ଏବଂ ଦିଲୀପ କୁମାର ସରାଫ ରହିଛନ୍ତି। ତୋଫାନ ମେହେର, ସତ୍ୟନାରାୟଣ ସାହୁ, ଅକ୍ଷୟ ବେହେରା, ରମାକାନ୍ତ ସାହୁ, ପ୍ରମୋଦ କୁମାର ମିଶ୍ର, ଆକାଶ ବେହେରା, ପ୍ରଫୁଲ୍ଲ ମଗର, ଦୁର୍ଗେଶ ସାହୁ, ସାଜସଜ୍ଜା, ଆଲୋକ ଓ ସାଂସ୍କୃତିକ ସମ୍ପାଦକ ରହିଛନ୍ତି।

## ଫଟୋରେ ଖବର








୭୩ତମ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବାକୁ ଓଡିଶା ରାଜ୍ୟ ଦଳ ବୁଧବାର ଭୋପାଳ ଯାତ୍ରା କରିଛନ୍ତି (ବାମ)। ବିଭିନ୍ନ ଦାବିରେ ବୁଧବାର ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ଏକତା ମଞ୍ଚ ପକ୍ଷରୁ ବୁର୍ଲାସ୍ଥିତ ୱେସ୍କୋର ୟୁଟିଲିଟିଠାରେ ଧାରଣା ଦିଆଯାଇଛି (ମଝି)। ସ୍ମାର୍ଟ ମିଟର ପ୍ରତିବାଦରେ ବୁଧବାର ସମ୍ବଲପୁର ବିଦ୍ୟୁତ ଉପଭୋକ୍ତା ମଞ୍ଚ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଜିଲାପାଳ ଅଫିସ ଆସିଛନ୍ତି ।



ଭାରତରେ ଏଭଳି ଜଣେ ନେତା ଅଛନ୍ତି ଯିଏକି ତ୍ରିରଙ୍ଗା ବିଷୟରେ ଚିନ୍ତା କରୁନାହାନ୍ତି କି ତାଙ୍କୁ ସମ୍ମାନ ଦେଉନାହାନ୍ତି। ତାଙ୍କୁ ଶତ୍ରୁରାଷ୍ଟ୍ରରେ ଅଧିକ ଲୋକ ପସନ୍ଦ କରୁଛନ୍ତି। ଏହା ଭାରତର ଦୁର୍ଭାଗ୍ୟ।

-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ଭାରତ ପାଇଁ ପାକ୍‌ର ୩ ଆକାଶପଥ ସାମୟିକ ବନ୍ଦ

**ଇସ୍‌ଲାମାବାଦ,୨୮।୮(ପି.ଟି.):** ଭାରତ ପାଇଁ ପାକିସ୍ତାନ କରାଚୀର ତିନୋଟି ବିମାନ ଚଳାଚଳ ରୁଟ୍‌କୁ ବୁଧବାରଠାରୁ ସାମୟିକ ଭାବେ ବନ୍ଦ କରିଛି। ଆସନ୍ତା ୩୧ ତାରିଖ ଯାଏ ଏହି ବାୟୁପଥ ଦେଇ ଭାରତର କୌଣସି ବିମାନ ଚଳାଚଳ କରିପାରିବ ନାହିଁ ବୋଲି ଇସ୍‌ଲାମାବାଦ ନିଷ୍ପତ୍ତି ନେଇଛି। ଭାରତୀୟ ବିମାନଗୁଡ଼ିକ ପାଇଁ ପାକିସ୍ତାନ ଏହାର ସମ୍ପୂର୍ଣ୍ଣ ବାୟୁସୀମା ବନ୍ଦ କରିବା ନେଇ ଚିନ୍ତା କରୁଛି ବୋଲି କହିବା ପରେ ୪ ଦିନ ଲାଗି ଏହି କଟକଣା ଜାରି କରିଛି। ଫଳରେ କରାଚୀ ଆକାଶରେ ଭାରତର କୌଣସି ଅନ୍ତର୍ଜାତୀୟ ବିମାନ ଉଡ଼ାଣ କରିପାରିବ ନାହିଁ। ସେପ୍ଟେମ୍ବର ୧ରେ କଟକଣା ଉଠିବ ବୋଲି ସେଠାକାର ବିମାନ ଚଳାଚଳ କର୍ତ୍ତୃପକ୍ଷ ଏକ ନୋଟିସ୍ ଟୁ ଏୟାରମେନ୍ (ଏନ୍‌ଓଟିଏଏମ୍)ରେ କହିଛି।

### ଭାରତକୁ ରୁଷିଆର ପୂର୍ଣ୍ଣ ସମର୍ଥନ

**ନୂଆଦିଲ୍ଲୀ,୨୮।୮(ପି.ଟି.):** ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ଭାରତର ସାର୍ବଭୌମତ୍ୱ ନିଷ୍ପତ୍ତି ଓ ଆଭ୍ୟନ୍ତରୀଣ ବ୍ୟାପାର। ଏହି ପ୍ରସଙ୍ଗରେ ବିବାଦର ସମାଧାନ ପାଇଁ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ଆଲୋଚନା କରିବା ଉଚିତ ବୋଲି ରୁଷିଆ ପକ୍ଷରୁ ବୁଧବାର କୁହାଯାଇଛି। ରୁଷିଆ ରାଷ୍ଟ୍ରଦୂତ ନିକୋଲେ କୁଡାଶେଭ୍ କହିଛନ୍ତି, ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ଦେଶର ସମ୍ବିଧାନ ଅନୁସାରେ ନିଆଯାଇଛି। ମସ୍କୋ ଏହାର ଘନିଷ୍ଠ ସହଯୋଗୀ ଭାରତକୁ ଏହି ପ୍ରସଙ୍ଗରେ ପୂର୍ଣ୍ଣ ସମର୍ଥନ କରୁଛି ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ରାହୁଲଙ୍କୁ ଯୁବକଙ୍କ ଚୁମ୍ବନ

**ନୂଆଦିଲ୍ଲୀ,୨୮।୮:** କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ନିଜ ନିର୍ବାଚନମଣ୍ଡଳୀ କେରଳର ୱାୟନାଡ଼ ଗସ୍ତରେ ଯାଇଥିବାବେଳେ ସେଠାରେ ଜଣେ ଯୁବକ ତାଙ୍କୁ ଚୁମ୍ବନ ଦେଇଛନ୍ତି। ରାହୁଲ ତାଙ୍କ କାରର ପାସେଞ୍ଜର ସିଟ୍‌ରେ ବସି ଲୋକଙ୍କୁ ଅଭିନନ୍ଦନ ଜଣାଉଥିବାବେଳେ ନୀଳଶାର୍ଟ ପରିହିତ ଯୁବକ ଜଣକ ପ୍ରଥମେ ତାଙ୍କ ସହ କରମର୍ଦ୍ଦନ କରିଥିଲେ। ପରେ ସେ ରାହୁଲଙ୍କୁ ଆଲିଙ୍ଗନ କରିବା ସହ ତାଙ୍କ ଗାଲରେ ଚୁମ୍ବନ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ପରେ କେହିଜଣେ ଉକ୍ତ ଯୁବକଙ୍କୁ ଟାଣିନେଇଥିଲେ। ବନ୍ୟା କ୍ଷୟକ୍ଷତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ଲାଗି ରାହୁଲ ୱାୟନାଡ଼ ଯାଇଥିଲେ। ପୂର୍ବରୁ ଫେବୃୟାରୀ ୧୪ ଭାଲେଣ୍ଟାଇନ ଡେ'ରେ ରାହୁଲ ଗୁଜରାଟରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଜଣେ ମହିଳା ତାଙ୍କୁ ଚୁମ୍ବନ ଦେଇଥିଲେ। ୨୦୧୪ରେ ରାହୁଲ ପଶ୍ଚିମବଙ୍ଗରେ ଏକ ସଭାରେ ଯୋଗଦେବା ପରେ ମିଠା ଦୋକାନକୁ ଯାଇଥିବାବେଳେ ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଚୁମ୍ବନ ଦେଇଥିଲେ।

[ଇତିହାସର ଆଇନାରେ]

### ଅଗଷ୍ଟ ୨୯ର ପ୍ରମୁଖ ଘଟଣା

୧ ୯୦୫ ଅଗଷ୍ଟ ୨୯ରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ୧୯୫୬ରେ ତାଙ୍କୁ ପଦ୍ମବିଭୂଷଣ ଉପାଧି ଦିଆଯାଇଥିଲା। ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଉଛି।

୨ ୦୧୨ ଅଗଷ୍ଟ ୨୯ରେ ଚାଇନାର ଜିଆଓଜିଆଓ୍ୱନ୍ କୋଇଲା ଖଣିରେ ଦୁର୍ଘଟଣା ଘଟି ୨୬ ଜଣଙ୍କ ପ୍ରାଣହାନି ଘଟିଥିଲା। ସିଚୁଆନ୍ ପ୍ରଦେଶର ପାଞ୍ଜିହୁଆରେ ଥିବା ଏହି ଖଣିରେ ଗ୍ୟାସ ବିସ୍ଫୋରଣ ଯୋଗୁ ପରିସ୍ଥିତି ଭୟଙ୍କର ହୋଇଥିଲା।

## କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଯୋଜନା କରୁଛି ପାକିସ୍ତାନ

# ଭୟରେ ଯୁଦ୍ଧ ପ୍ରସ୍ତୁତି

**ଇସ୍‌ଲାମାବାଦ,୨୮।୮**

କଶ୍ମୀର ସମ୍ପର୍କିତ ଭାରତର ନିଷ୍ପତ୍ତି ପରେ ପାକିସ୍ତାନର ନିଦ ହଜିଯାଇଛି। ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ସୈନ୍ୟ ଠୁଳ କରି ଥରକୁ ଥର ଆଣବିକ ଅସ୍ତ୍ର ବ୍ୟବହାର ଓ ଯୁଦ୍ଧର ଭୟ ଦେଖାଉଥିବା ପାକିସ୍ତାନ ଏବେ ଭାରତର ସମ୍ଭାବ୍ୟ ଆକ୍ରମଣକୁ ନେଇ ନିଜେ ଛାନିଆ ହୋଇଯାଇଛି। ଏଥିପାଇଁ ଖୁବ୍‌ଶୀଘ୍ର ଆଣବିକ ଅସ୍ତ୍ର ପରୀକ୍ଷା କରିବା ପାଇଁ ପଡ଼ୋଶୀ ଦେଶ ସଜବାଜ ହେଉଛି। ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବରରେ ଭାରତ-ପାକିସ୍ତାନ ମଧ୍ୟରେ ଘମାଘୋଟ ଯୁଦ୍ଧ ହେବ ବୋଲି ପାକିସ୍ତାନର ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମ୍ମଦଙ୍କ ବୁଧବାର ଭବିଷ୍ୟବାଣୀରୁ ଇସ୍‌ଲାମାବାଦର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନାନୁସାରେ ସୀମା ସେପଟେ ପାକିସ୍ତାନୀ ସୈନ୍ୟ ଭାରତ ସହ ଯୁଦ୍ଧ ପାଇଁ ଠୁଳ ହୋଇଛନ୍ତି। କରାଚୀ ନିକଟସ୍ଥ ସୋନମିଆନି ଟେଷ୍ଟ ରେଞ୍ଜରେ ପରୀକ୍ଷା ପାଇଁ ଏକ ଆଣବିକ ଓ କେତେକ ପାରମ୍ପରିକ କ୍ଷେପଣାସ୍ତ୍ର ରଖାଯାଇଛି। ଭାରତ ପଟକୁ ମୁହଁ କରି ରଖାଯାଇଥିବା ପାରମ୍ପରିକ ଯୁଦ୍ଧାସ୍ତ୍ରଗୁଡ଼ିକ ମଧ୍ୟରେ ରହିଛି



**ଅକ୍ଟୋବର-ନଭେମ୍ବରରେ ଦୁଇଦେଶ ମଧ୍ୟରେ ହେବ ନିର୍ଣ୍ଣାୟକ ଯୁଦ୍ଧ: ପାକିସ୍ତାନ ରେଳମନ୍ତ୍ରୀ ରଶିଦ୍**

ହତ୍‌ଫ ୧ (୭୦-୧୦୦ କି.ମି. ରେଞ୍ଜ) ଓ ହତ୍‌ଫ ୨ (ଅବ୍‌ଦାଲି), ଯାହାର ଆକ୍ରମଣ କ୍ଷମତା ୧୮୦ରୁ ୨୦୦ କି.ମି.। ଏହାର ଆଣବିକ କ୍ଷେପଣାସ୍ତ୍ରଗୁଡ଼ିକ ହେଲା ୨୯୦ କି.ମି. ରେଞ୍ଜର ହତ୍‌ଫ ୩ (ଗଜ୍‌ନବୀ) ଏବଂ ହତ୍‌ଫ ୭ (୩୫୦-୭୦୦ କି.ମି. ଆକ୍ରମଣ କ୍ଷମତାସମ୍ପନ୍ନ ବାବର କ୍ରୁଜ୍ ମିଶାଇଲ)। ସେହିପରି ହତ୍‌ଫ ୪ (ଶାହିନ ୧- ୭୦୦ କି.ମି.), ଘୌରି ୧ ନାମକ ହତ୍‌ଫ ୫ (୨୫୦-୧୫୦୦ କି.ମି.) ଓ ୧୫୦୦ରୁ ୨୦୦୦ କି.ମି. ଆକ୍ରମଣ କ୍ଷମତାସମ୍ପନ୍ନ ହତ୍‌ଫ୍ ୬ (ଶାହିନ୍ ୨) କ୍ଷେପଣାସ୍ତ୍ର ମୁତୟନ କରାଯାଇଛି । ପାକିସ୍ତାନ ଏହି କ୍ଷେପଣାସ୍ତ୍ରଗୁଡ଼ିକର ପରୀକ୍ଷଣ ଖୁବ୍‌ଶୀଘ୍ର କରିବା ପାଇଁ ଯୋଜନା କରିଛି। ସେଠାକାର ନୋଟିସ ଟୁ ଏୟାରମେନ୍ (ଏନ୍‌ଓଟିଏଏମ୍) ଓ ନୌସେନାକୁ ସଜାଗ ରହିବା ପାଇଁ ବୁଧବାର ଆଲର୍ଟ କରାଯାଇଛି। ଅଗଷ୍ଟ ୨୮ ଓ ୩୧ରେ ଭୋର ୪ଟା ୪୦ରୁ ପୂର୍ବାହ୍ନ ୯ଟା ମଧ୍ୟରେ ସାମରିକ ଅଭ୍ୟାସ କରାଯିବ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ ତା'ର ସମସ୍ତ ମିଶାଇଲ୍ ସିଷ୍ଟମ୍‌କୁ ଭାରତରେ ଆକ୍ରମଣ ପାଇଁ ବିକଶିତ କରିଛି। ଏହାସହ ଆଣବିକ ଶକ୍ତି କ୍ଷମତାକୁ ମଧ୍ୟ ବଳ ଦେବାରେ ଲାଗିଛି। ଯୁଦ୍ଧ ହେଲେ ଭାରତ ଉପରେ ଆଣବିକ ଅସ୍ତ୍ର ପ୍ରୟୋଗ କରାଯିବ ବୋଲି ଧମକ ଦେବାକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ସମେତ ଦେଶର ଶୀର୍ଷ ନେତୃତ୍ୱ ପଛାଉନାହାନ୍ତି।

ପାକିସ୍ତାନର ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମ୍ମଦ କହିଛନ୍ତି, କଶ୍ମୀରୀଙ୍କ ଭାଗ୍ୟ ଜାତିସଂଘ ନୁହେଁ, ବରଂ ସେମାନେ ନିଜେ ନିର୍ଦ୍ଧାରଣ କରିବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ କଶ୍ମୀରର ମୁକ୍ତି ପାଇଁ ଶେଷ ଯୁଦ୍ଧ କରିବାର ସମୟ ଆସିଯାଇଛି। ଏଥର ଭାରତ ସହ ଚୂଡ଼ାନ୍ତ ଓ ଶେଷ ଯୁଦ୍ଧ ହେବ। ୨୦୧୯ ଶେଷ ସୁଦ୍ଧା ବିଶେଷକରି ଆସନ୍ତା ଅକ୍ଟୋବରରୁ ନଭେମ୍ବର ଭିତରେ ଦୁଇଦେଶ ମଧ୍ୟରେ ନିର୍ଣ୍ଣାୟକ ଯୁଦ୍ଧ ହେବ ବୋଲି ରଶିଦ୍ କହିଛନ୍ତି। ତାଙ୍କ ଘୋଷଣା ପରିପ୍ରେକ୍ଷୀରେ ପାକିସ୍ତାନର ଏଭଳି ପ୍ରସ୍ତୁତିକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## 'ପାକ୍ ସହ କେବଳ ପିଓକେ ଆଲୋଚନା'

**ବିଶାଖାପାଟଣା,୨୮।୮(ପି.ଟି.)**



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ

ପାକିସ୍ତାନ ସହ କଶ୍ମୀର ପ୍ରସଙ୍ଗ ଉପରେ ଆଲୋଚନା ହେବାର ଆଉ କିଛି ନାହିଁ। କେବଳ ପାକ୍ ଅଧିକୃତ କଶ୍ମୀର (ପିଓକେ) ଭାରତକୁ ହସ୍ତାନ୍ତର କରିବା ନେଇ ଆଗାମୀ ଦିନରେ ଇସ୍‌ଲାମାବାଦ ସହ ଆଲୋଚନା ହେବ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ବୁଧବାର କହିଛନ୍ତି। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଏହାକୁ ନେଇ ପାକିସ୍ତାନ ସହ ଆଲୋଚନା କରିବାର କୌଣସି ଅବକାଶ ନାହିଁ। ପଡୋଶୀଙ୍କ ସହ ଯାହା ଉପରେ ଆଲୋଚନା କରିବାର ଅଛି ତାହା ହେଲା ପିଓକେ ବୋଲି ଏଠାରେ ନାଭାଲ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ଲାବରେଟୋରିର ଗୋଲ୍‌ଡେନ୍ ଜୁବିଲି ପାଳନ ଅବସରରେ ଉଦ୍‌ବୋଧନ ଦେଇ ଭେଙ୍କାୟା କହିଛନ୍ତି। ଉପରାଷ୍ଟ୍ରପତି କହିଥିଲେ, ଭାରତ ଶାନ୍ତିକୁ ଭଲପାଏ। ଏହା କାହାକୁ ଆକ୍ରମଣ କରିବ ନାହିଁ। ତେବେ କେହି ଆକ୍ରମଣ କଲେ ତାହାର ଠିକଣା ଜବାବ ଦିଆଯିବ ବୋଲି ଉପରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି। ଆତଙ୍କବାଦ ଯୋଗୁ ମାନବ ସମାଜ କ୍ଷତିଗ୍ରସ୍ତ ହେଉଛି। ଏହା ଜାଣି ସୁଦ୍ଧା ପଡୋଶୀ ଦେଶ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା କରିବା ସହ ପ୍ରଶିକ୍ଷଣ ଯୋଗାଇଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

## କଶ୍ମୀରୀଙ୍କୁ ସ୍ୱପ୍ନ ଦେଖାଇଲେ ରାଜ୍ୟପାଳ

# ୩ ମାସରେ ୫୦ ହଜାର ନିଯୁକ୍ତି

**ଶ୍ରୀନଗର,୨୮।୮(ପି.ଟି.)**



ସତ୍ୟପାଲ ମଲିକ

ଆଗାମୀ ୩ ମାସରେ ଜମ୍ମୁ-କଶ୍ମୀରରେ ୫୦ ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟପାଳ ସତ୍ୟପାଲ ମଲିକ ବୁଧବାର ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀର ସମ୍ପର୍କରେ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଏକ ବଡ଼ ଘୋଷଣା କରିବେ ବୋଲି ରାଜ୍ୟପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ପରିଚୟ ଓ ସଂସ୍କୃତିକୁ ଯେକୌଣସି ମୂଲ୍ୟ ଦେଇ ରକ୍ଷା କରାଯିବ ବୋଲି ରାଜ୍ୟପାଳ ସ୍ପଷ୍ଟ କରିଛନ୍ତି। ହିଂସାକାଣ୍ଡ ରୋକିବା ପାଇଁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ କଟକଣା ଜାରି କରାଯିବାର ଆବଶ୍ୟକତା ଥିଲା। ରାଷ୍ଟ୍ରବିରୋଧୀ ତତ୍ତ୍ୱ ଇଣ୍ଟରନେଟ ଓ ମୋବାଇଲ ଫୋନ ସେବାର ଅପବ୍ୟବହାର କରିବା ଆଶଙ୍କା ଥିଲା। ଉପତ୍ୟକାରେ ବିକ୍ଷୋଭ ବେଳେ ସୁରକ୍ଷା ବଳ ପେଲେଟ ଗନ୍ ବ୍ୟବହାର କରିଥିବା କଥାକୁ ରାଜ୍ୟପାଳ ସ୍ୱୀକାର କରିଛନ୍ତି। ତେବେ ଏଥିରେ ଯେପରି କେହି କ୍ଷତିଗ୍ରସ୍ତ ନ ହୁଅନ୍ତି ସେଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରାଯାଇଥିଲା। ଅନ୍ୟପକ୍ଷରେ ରାଜନେତାମାନଙ୍କୁ ଅଟକ ରଖାଯିବା ସେମାନଙ୍କ ରାଜନୈତିକ କ୍ୟାରିୟରରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି।




ବ୍ରିଟେନ ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସେପ୍ଟେମ୍ବର ୯ରେ ଆରମ୍ଭ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଏହାକୁ ମୁଲତବୀ ଘୋଷଣା କରିବା ପାଇଁ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କୁ ବୁଧବାର ଅନୁରୋଧ କରିଛନ୍ତି। ବ୍ରେକ୍‌ଜିଟ୍ ସଙ୍କଟ ଘନେଇବାରେ ଲାଗିଥିବାବେଳେ ଜନ୍‌ସନଙ୍କ ଏହି ନିଷ୍ପତ୍ତିକୁ ଦେଶରେ ବିରୋଧ କରାଯାଉଛି। ଲଣ୍ଡନର ଡାଉନିଂ ଷ୍ଟ୍ରିଟ୍ ବାହାରେ ଜଣେ ବ୍ୟକ୍ତି ଜନ୍‌ସନଙ୍କ ମୁଖା ଲଗାଇ ବ୍ରିଟିଶ୍ ଗଣତନ୍ତ୍ରକୁ ସମାଧି ଦେବା ପାଇଁ ଗାତ ଖୋଳିବା ଭଳି ବ୍ୟଙ୍ଗ କରୁଛନ୍ତି।

### ନାଇଟ୍ କ୍ଲବରେ ବିସ୍ଫୋରଣ: ୨୫ ନିହତ

**କୋଟ୍‌ଜାକୋଲ୍‌କସ୍ (ମେକ୍ସିକୋ), ୨୮।୮**

ପୂର୍ବ ମେକ୍ସିକୋ କୋଟ୍‌ଜାକୋଲ୍‌କସ୍ ସହରରେ ଥିବା ଏକ ବାର୍‌ରେ ମଙ୍ଗଳବାର ରାତିରେ ପେଟ୍ରୋଲ ବୋମା ବିସ୍ଫୋରଣ କରାଯିବା ଯୋଗୁ ଅଗ୍ନିକାଣ୍ଡରେ ୨୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୧୩ ଆହତ ହୋଇଥିବା ଜଣାପଡ଼ିଛି। ଏହା ଏକ ଆକ୍ରୋଶମୂଳକ ଆକ୍ରମଣ ଓ ନିଶା ବ୍ୟବସାୟରେ ସମ୍ପୃକ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ କୁଚକ୍ରାନ୍ତ ବୋଲି କୁହାଯାଇଛି। ବାର୍ ମଧ୍ୟରେ ବୋତଲରେ ପେଟ୍ରୋଲ ପୂରାଯାଇ ଫିଙ୍ଗାଯିବା ସହ ବିସ୍ଫୋରଣ କରାଯିବାରୁ ଚାରିଆଡ଼େ ନିଆଁ ଲାଗିଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭେରାକ୍ରୁଜ୍ ଗଭର୍ନର କହିଛନ୍ତି।

### ଏସିଡ୍ ଆକ୍ରମଣରେ ୨୧ ଆହତ

**ହାଜିପୁର, ୨୮।୮(ପି.ଟି.)**

ବିହାରର ବୈଶାଳୀ ଜିଲା ଅନ୍ତର୍ଗତ ଦୌଡ଼ନଗର ଗ୍ରାମରେ ଘରୋଇ କଳିକୁ ନେଇ ଏସିଡ୍ ଆକ୍ରମଣ ହୋଇଛି। ଏଥିରେ ୩ ମହିଳାଙ୍କ ସମେତ ୨୧ ଜଣ ଆହତ ହୋଇଛନ୍ତି। ପିଲାକଳିକୁ ନେଇ ଦୁଇ ପରିବାର ମଧ୍ୟରେ ଝଗଡ଼ାରୁ ଏସିଡ୍‌ମାଡ଼ ହୋଇଥିବା ଏସ୍‌ଏଚ୍‌ଓ ବିନୋଦ ପ୍ରସାଦ କହିଛନ୍ତି। ଗୋଟିଏ ପରିବାର ଗହଣା ବ୍ୟବସାୟରେ ସମ୍ପୃକ୍ତ ଥିବାବେଳେ ଘରେ ଏସିଡ୍ ରଖିଥିଲେ। ଏହାକୁ କେତେକ ଲୋକ ଆଣି ଫିଙ୍ଗିବାରୁ ୨୧ ଲୋକ ଆହତ ହୋଇଥିଲେ। ଆହତଙ୍କୁ ହାଜିପୁରସ୍ଥିତ ସଦର ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଆକ୍ରମଣ କରିଥିବା ୫ ଅଭିଯୁକ୍ତଙ୍କୁ ଗିରଫ ପରେ ଜେରା କରାଯାଉଛି।

## ଛାତ୍ରୀଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଅସଦାଚରଣ ମାମଲା

# ଜିଲାପାଳ, ଏସ୍‌ପିଙ୍କୁ ରିପୋର୍ଟ ତଲବ

**ଲକ୍ଷ୍ନୌ, ୨୮।୮(ପି.ଟି.)**

ଉତ୍ତରପ୍ରଦେଶ(ୟୁପି)ର ଶାହଜାହାନ୍‌ପୁର ଜିଲାରେ ଜଣେ ଆଇନ ଛାତ୍ରୀଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦ ଅସଦାଚରଣ କରିବା ନେଇ ଭିଡିଓ କ୍ଲିପ ସାମ୍ନାକୁ ଆସିବା ପରେ ରାଜନୀତି ଜୋର୍ ଧରିଛି। ୟୁପି ମହିଳା କମିଶନ ଅଧ୍ୟକ୍ଷା ବିମଳା ବାଥାମ୍ ଏ ସମ୍ପର୍କରେ ଶାହଜାହାନପୁର ଜିଲାପାଳ ଏବଂ ଏସ୍‌ପିଙ୍କୁ ରିପୋର୍ଟ ମାଗିଛନ୍ତି। ବିମଳା କହିଛନ୍ତି, ବରିଷ୍ଠ ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦଙ୍କ ମୁମୁକ୍ଷୁ ଆଶ୍ରମରେ ପାଠ ପଢୁଥିବା ନିଖୋଜ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଫେରାଇ ଅଣାଯିବ । ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଥାମ୍ କହିଛନ୍ତି। ପ୍ରକାଶଥାଉ କି, ନିଖୋଜ ଛାତ୍ରୀଙ୍କ ବାପା ଏନେଇ ଥାନାରେ ଚିନ୍ମୟାନନ୍ଦଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଅପରପକ୍ଷରେ ଏଭଳି ଅଭିଯୋଗକୁ ଭାଜପା ଓ ଚିନ୍ମୟାନନ୍ଦଙ୍କ ଓକିଲ ଓମ୍ ସିଂ ଖଣ୍ଡନ କରିଛନ୍ତି।



ସ୍ୱାମୀ ଚିନ୍ମୟାନନ୍ଦ

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଗତ ୨୩ ତାରିଖରେ ଭିଡିଓ ଭାଇରାଲ୍ ହେବା ସହ ଛାତ୍ରୀ ସାହାଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗ ଲୋଡ଼ିଥିଲେ। ତାଙ୍କ ପାଖରେ ପ୍ରମାଣ ଥିବାରୁ ଚିନ୍ମୟାନନ୍ଦ ଛାତ୍ରୀ ଓ ତାଙ୍କ ପରିବାରକୁ ମାରିଦେବା ଲାଗି ଯୋଜନା କରୁଥିବା ଛାତ୍ରୀ ଭିଡିଓ କ୍ଲିପ୍‌ରେ ଦର୍ଶାଇଥିଲେ। ଏସମ୍ପର୍କରେ ପ୍ରିୟଙ୍କା ଟୁଇଟ୍ କରି ଭାଜପା ସରକାରକୁ ମହିଳା ସୁରକ୍ଷା ନେଇ ଅନେକ ପ୍ରଶ୍ନ କରିଛନ୍ତି।

## ବିଦେଶୀ ଗଣମାଧ୍ୟମରେ 'କଶ୍ମୀର'

# ଆମ ନିଦ ଫେରାଇଦିଅ

ପ୍ରବେଶପଥକୁ ତିନୋଟି କାଠଗଣ୍ଡି, କେତେ ଖଣ୍ଡ ଟିଣ ଓ ଭଙ୍ଗାଇଟା ସହ ଏଭଳି ଅନେକ ପ୍ରତିବନ୍ଧକରେ ଅବରୋଧ କରାଯାଇଛି, ଯାହାକି ପୋଲିସ ଗାଡ଼ିଗୁଡ଼ିକୁ ଅଟକାଇଦେବ। ଉପତ୍ୟକାରେ କଡ଼ା ସାମରିକ କର୍ଫ୍ୟୁ ଓ ଯୋଗାଯୋଗର ମାଧ୍ୟମ ଉପରେ କଟକଣା ହେଉଛି ଜମ୍ମୁ-କଶ୍ମୀର ଉପରେ ଅଗଷ୍ଟ ୫ରେ ଭାରତ ସରକାର ନେଇଥିବା ନିଷ୍ପତ୍ତିକୁ କଶ୍ମୀରୀଙ୍କ ପ୍ରତ୍ୟାଖ୍ୟାନର ପ୍ରଥମ ସଙ୍କେତ।

ଶ୍ରୀନଗର ନିକଟସ୍ଥ ସୌରାର ଜେନାବ ସାହିବ୍ ମସ୍‌ଜିଦ ବାହାରେ ଲୋକେ କେନ୍ଦ୍ର ନିଷ୍ପତ୍ତି ପ୍ରତିବାଦରେ ଶୋଭାଯାତ୍ରା କରୁଥିବାବେଳେ ସେମାନଙ୍କ ଉପରକୁ ବର୍ଷାଯାଇଛି ଲୁହବୁହା ବାଷ୍ପ ଓ ଚଳାଯାଇଛି ଗୁଳି। ଗୁଳିମାଡ଼ରେ ବହୁସଂଖ୍ୟକ ଲୋକ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଆମେ ବିକ୍ଷୋଭ ବନ୍ଦ ନ କଲେ ପରିଣାମ ଭୋଗିବୁ ବୋଲି ସେନା ଆମକୁ ଧମକ ଦେଇଛି। ସେଥିପାଇଁ ଆମେ ବ୍ୟଗ୍ର ଓ ଚିନ୍ତିତ। ଆମେ ଆମ ଭାଇମାନଙ୍କ ସୁରକ୍ଷାକୁ ନେଇ ଭୟଭୀତ। ସେମାନଙ୍କୁ ଯବାନମାନେ କୌଣସି ସମୟରେ ଉଠାଇନେଇପାରନ୍ତି। ସେଥିପାଇଁ ଆମେ ରାତିରେ ଶୋଉନାହୁଁ। ଆମକୁ ଆମ ନିଦ ଫେରାଇ ଦିଅ ବୋଲି ଜେନାବ୍ ସାହିବ୍‌ର ୧୭ ବର୍ଷୀୟା ହୁମୈରା କହିଛନ୍ତି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରର ସାମ୍ବିଧାନିକ ସ୍ୱାୟତ୍ତତା ପ୍ରତ୍ୟାହାର କରିବା ପରେ ୧୮ ବର୍ଷୀୟା ରୁକ୍‌ସାନାଙ୍କ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ବିବାଦୀୟ ଅଞ୍ଚଳରେ ସାମରିକ କର୍ଫ୍ୟୁ ଏହାକୁ ବହୁଗୁଣିତ କରିଦେଇଛି। ସେ ଓ ତାଙ୍କ ପରିବାର ରାତିରେ ଶୋଇପାରୁନାହାନ୍ତି। ଭାରତୀୟ ଅର୍ଦ୍ଧସାମରିକ ବଳ ଯବାନମାନେ ରାତି ମଝିରେ ଅନେକଥର କବାଟ ବାଡ଼ଉଛନ୍ତି। ସେମାନେ ରାତି ଗୋଟାଏ, ତିନିଟା ଓ ସାଢ଼େ ଚାରିଟାରେ ଡାକବାଜି ଯନ୍ତ୍ରରେ ଉଚ୍ଚସ୍ୱରରେ ଧମକ ଦେଉଛନ୍ତି, ଏହି କଟକଣା ଆଗକୁ ମଧ୍ୟ ଜାରି ରହିବ। ସ୍ଥାନୀୟ ମସ୍‌ଜିଦକୁ କେହି ଯାଆନାହିଁ ବୋଲି ନିର୍ଦ୍ଦେଶ ଦେଉଥିବା ରୁକ୍‌ସାନା କହିଛନ୍ତି। ଭାରତ ସରକାର ଉପତ୍ୟକାରେ ସବୁକିଛି ଠିକ୍ ଅଛି ଓ ସ୍ୱାଭାବିକ ସ୍ଥିତି ଫେରିଆସୁଛି ବୋଲି କହୁଥିବାବେଳେ ବିବିସି ୱାର୍ଲ୍ଡରେ ଏହି ରିପୋର୍ଟ ପ୍ରକାଶ ପାଇଛି।



## କଶ୍ମୀର ଯିବା ଲାଗି ୟେଚୁରୀ, ଜାମିଆ ଛାତ୍ରଙ୍କୁ ଅନୁମତି

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଟକଣା ଲାଗୁ ହୋଇଥିବା ଜମ୍ମୁ-କଶ୍ମୀରକୁ ଗସ୍ତ କରିବା ଲାଗି କମ୍ୟୁନିଷ୍ଟ ପାର୍ଟି ନେତା ସୀତାରାମ ୟେଚୁରୀଙ୍କୁ ସୁପ୍ରିମକୋର୍ଟ ବୁଧବାର ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ସେହିପରି ନୂଆଦିଲ୍ଲୀର ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କଶ୍ମୀରର ଆଇନ ଛାତ୍ରଙ୍କୁ ପୋଲିସ ସୁରକ୍ଷାରେ ଉପତ୍ୟକା ଯିବା ଲାଗି ମଧ୍ୟ ଅନୁମତି ମିଳିଛି। ଫେରିବା ପରେ ଅଦାଲତଙ୍କୁ ରିପୋର୍ଟ କରିବା ପାଇଁ ମଧ୍ୟ ସେମାନଙ୍କୁ କୁହାଯାଇଛି।

ଜମ୍ମୁ-କଶ୍ମୀର ସିପିଆଇଏମ୍ ସାଧାରଣ ସମ୍ପାଦକ ମହମ୍ମଦ ୟୁସୁଫ ତାରିଗାମୀଙ୍କ ସମେତ ଅନ୍ୟ କଶ୍ମୀରୀ ରାଜନେତାମାନଙ୍କୁ ଅଟକ ରଖାଯାଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ୟେଚୁରୀ ପିଟିଶନ ଦାଏର କରିଥିଲେ। ତାଙ୍କୁ କଶ୍ମୀର ଯାଇ ବନ୍ଧୁ ତଥା ଦଳୀୟ ନେତା ତାରିଗାମୀଙ୍କୁ ଭେଟିବା ସହ ସେ କେଉଁଠି ଅଛନ୍ତି ସେ ସମ୍ପର୍କରେ କୋର୍ଟଙ୍କୁ ଜଣାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୟେଚୁରୀ ଯଦି ଅନ୍ୟ କୌଣସି କାର୍ଯ୍ୟରେ ଲିପ୍ତ ରୁହନ୍ତି ତେବେ ତାହାକୁ ଅଦାଲତ ନିର୍ଦ୍ଦେଶନାମାର ଅବମାନନା ଭାବେ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି ଜାମିଆ ମିଲିଆର ଆଇନ ଛାତ୍ର ଅଲିମ ସୟେଦ ମହମ୍ମଦଙ୍କ ଆବେଦନର ଶୁଣାଣି କରି ତାଙ୍କୁ ଅନନ୍ତନାଗ ଯାଇ ବାପାମାଆଙ୍କୁ ଭେଟିବା ଲାଗି ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି। ଏଥିପାଇଁ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସେଠାରୁ ଫେରି ରିପୋର୍ଟ କରିବାକୁ ମହମ୍ମଦଙ୍କୁ କୁହାଯାଇଛି।



## ଜମ୍ମୁ-କଶ୍ମୀର ଖବରଦାତାଙ୍କ ଉପରେ କଟକଣା

# କେନ୍ଦ୍ର,ରାଜ୍ୟକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ଖବରଦାତାମାନଙ୍କ ଯୋଗାଯୋଗ ମାଧ୍ୟମକୁ ବନ୍ଦ କରାଯିବା ସମେତ ସେମାନଙ୍କ ଉପରେ ଲାଗୁ ହୋଇଥିବା କଟକଣା ଉଠାଇଦେବା ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାର ଓ ରାଜ୍ୟ ପ୍ରଶାସନକୁ ନୋଟିସ ଜାରି କରି ଏହା ଉପରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନ୍ ଏବଂ କଂଗ୍ରେସ କର୍ମୀ ତେହସିନ୍ ପୁନାୱାଲାଙ୍କ ପକ୍ଷରୁ ଏହି ପିଟିଶନ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ସପ୍ତାହେ ପରେ ମାମଲାର ଶୁଣାଣି କରିବେ।

ଭାସିନ୍‌ଙ୍କ ପକ୍ଷରୁ ଆଇନଜୀବୀ ବ୍ରିନ୍ଦା ଗୋଭର କୋର୍ଟଙ୍କୁ କହିଥିଲେ, ସରକାର କଟକଣା ଲାଗୁ କରିଥିବାରୁ ୨୪ ଦିନ ହେଲା ଗଣମାଧ୍ୟମ ପାଖରେ କୌଣସି ତଥ୍ୟ ପହଞ୍ଚିପାରୁନାହିଁ। ରାଜ୍ୟର ମୋବାଇଲ, ଇଣ୍ଟରନେଟ, ଲ୍ୟାଣ୍ଡଲାଇନ ସେବା ସମେତ ସମସ୍ତ ଯୋଗାଯୋଗ ମାଧ୍ୟମ ଉପରୁ କଟକଣା ତୁରନ୍ତ ହଟାଇ ଗଣମାଧ୍ୟମକୁ କାର୍ଯ୍ୟ କରିବା ଲାଗି ଉପଯୁକ୍ତ ପରିବେଶ ଯୋଗାଇଦେବାକୁ ଭାସିନ କୋର୍ଟଙ୍କୁ ଅନୁରୋଧ କରିଥିଲେ। କଶ୍ମୀର ଓ ଜମ୍ମୁର କେତେକ ଜିଲାରେ ଖବରଦାତାମାନଙ୍କ ଯାତାୟାତ ଉପରୁ କଟକଣା ଉଠାଇଦେବାକୁ କେନ୍ଦ୍ର ସରକାର ଓ ରାଜ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେବା ଲାଗି କଶ୍ମୀର ଟାଇମ୍ସର ସମ୍ପାଦକ ନିବେଦନ କରିଥିଲେ। ସେହିପରି କର୍ଫ୍ୟୁ ଓ ଯୋଗାଯୋଗ ମାଧ୍ୟମ ଉପରୁ କଟକଣା ହଟାଇବା ପାଇଁ ପୁନାୱାଲାଙ୍କ ଓକିଲ ଅଦାଲତଙ୍କୁ ଅନୁରୋଧ କରିଥିଲେ।



# ଚେସ୍ ପ୍ରିୟ କ୍ୟାଟ୍ରିନା

ଅଭିନେତ୍ରୀ ହେବା ପୂର୍ବରୁ କ୍ୟାଟ୍ରିନା ଚେସ୍ ଖେଳିବାକୁ ପସନ୍ଦ କରୁଥିଲେ। ଏପରି କି ଜଣେ ଭଲ ଚେସ୍ ଖେଳାଳି ଭାବରେ ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ଥରେ ଆମୀର ଖାନ୍ ତାଙ୍କୁ କହିଥିଲେ 'ତମେ ଯଦି ଆକ୍ଟିଂ କରି ନ ଥିଲେ ଜଣେ ଚେସ ଖେଳାଳି ହୋଇଥାଅନ୍ତ।' ଅବସର ସମୟରେ କ୍ୟାଟ୍ରିନା ଚିତ୍ର ଆଙ୍କିବାକୁ ପସନ୍ଦ କରନ୍ତି। ତାଙ୍କର ମନପସନ୍ଦର କଳାକାର ହେଲେ ଲିଓ୍ୱାନିଡୋ ଡି' କାପ୍ରିଓ (ହଲିଉଡ୍) ଏବଂ ମାଧୁରୀ ଦୀକ୍ଷିତ ଓ କାଜୋଲ (ବଲିଉଡ୍)। ହଂକଂରେ ଜନ୍ମିତା ଏହି ଅଭିନେତ୍ରୀଙ୍କ କ୍ୟାରିୟର ମଡେଲିଂରୁ ଆରମ୍ଭ ହୋଇଥିଲା। ମାତ୍ର ୧୪ବର୍ଷ ବୟସରେ ତାଙ୍କୁ ପ୍ରଥମେ ମଡେଲିଂ କରିବାର ସୁଯୋଗ ମିଳିଥିଲା। ତାଙ୍କ ଅଭିନୀତ 'ଚିକ୍କିନି ଚମେଲି' ଗୀତର ପିକ୍ଚରାଇଜେଶନ ୧୦ ଦିନ ବ୍ୟାପୀ ହୋଇଥିଲା। ଆଉ ଏକ ଖାସ୍ କଥା ହେଲା, ନିଜ ଅଭିନୀତ ପ୍ରତ୍ୟେକ ଚଳଚ୍ଚିତ୍ର ରିଲିଜ ହେବା ପୂର୍ବରୁ କ୍ୟାଟ୍ରିନା ବମ୍ବେସ୍ଥିତ ସିଦ୍ଧିବିନାୟକ ମନ୍ଦିର, ମାଉଣ୍ଟ ମେରୀ ଚର୍ଚ୍ଚ ଏବଂ ଆଜେମେରସ୍ଥିତ ଦରଘା ସରିଫକୁ ଯାଇଥାଆନ୍ତି।

## ବଲିଉଡ୍ ହାଲଚାଲ



ପରିଣିତି

■ଅଲ୍ଲୀ ଆବାସ ଜାଫରଙ୍କ ନୂଆ ସିନେମା 'ଖାଲି ପିଲି'ର ମୁଖ୍ୟ ଭୂମିକାରେ ଇଶାନ ଖଟ୍ଟର ଏବଂ ଅନନ୍ୟା ପାଣ୍ଡେ ଅଭିନୟ କରିବେ। ମୁକ୍କବୁଲ ଖାଁ ଫିଲ୍ମଟିର ନିର୍ଦ୍ଦେଶନା ଦେବେ। ଚଳିତ ମାସ ସେପ୍ଟେମ୍ବର ୧୧ରେ ଏହାର ଶୁଟିଂ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ଜୁନ୍ ୧୨ରେ ରିଲିଜ ହେବାର ଯୋଜନା ରହିଛି।

■ଭଲ ସ୍କ୍ରିପ୍ଟ ନ ଥିବାରୁ ପରିଣିତି ଚୋପ୍ରା ଦୁଇଟି ଅଫର ହାତଛଡ଼ା କରିଛନ୍ତି।

■ସୈଫ ଅଲ୍ଲୀ ଖାଁ-କରୀନାଙ୍କ ପୁଅ ତୈମୁର ଏବେ ବଲିଉଡ୍‌ରେ ଅଭିନୟ କରିବାର ଯୋଜନା ନାହିଁ ବୋଲି କହିଛନ୍ତି ସୈଫ।

■ଆମୀର ଖାଁଙ୍କ ଭାଇ ଫୈଜଲ ଖାଁ ହଟ୍ ସିଟ୍‌ରେ ବସିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ଏକ ହିନ୍ଦୀ ସିନେମାର ନିର୍ଦ୍ଦେଶନା ଦେବେ। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।

■ଟାଇଗର ଶ୍ରଫଙ୍କୁ ମେଲ୍ ଲିଡ୍‌ରେ ନେଇ ପ୍ରସ୍ତୁତ ହେଉଥିବା ସିନେମା 'ବାଗୀ-୩'ର ଏକ ଆକ୍ସନ ସିକ୍ୱେନ୍ସ ଶୁଟିଂ ଦୀର୍ଘ ଏକ ସପ୍ତାହ ଧରି ଚାଲିଥିଲା। ଏହି ସିନ୍ ଫିଲ୍ମର ମୁଖ୍ୟ ଆକର୍ଷଣ ବୋଲି କହିଛନ୍ତି ଟାଇଗର।

## ସେହି ତିନି ବର୍ଷ



ବିଦ୍ୟା ବାଲାନ

ବିଦ୍ୟା ବାଲାନ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। 'ଡାର୍ଟି ପିକ୍ଚର୍ସ' ଏବଂ 'କାହାନୀ' ପରି ଚଳଚ୍ଚିତ୍ର ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଥିଲା। ବିଦ୍ୟାଙ୍କ ଅଭିନୟ ଜୀବନର ପ୍ରଥମାର୍ଦ୍ଧ ସଂଘର୍ଷମୟ ଥିଲା। ଏକତା କପୁରଙ୍କ ଟେଲିଭିଜନ ଶୋ' 'ହମ୍ ପାଞ୍ଚ୍'ରୁ ଆରମ୍ଭ ହୋଇଥିଲା ତାଙ୍କ ଅଭିନୟ ଜୀବନ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୬ ବର୍ଷ। ହେଲେ ବଲିଉଡ୍‌ରେ ପାଦ ଦେବା ପରେ ତିନି ବର୍ଷ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ସେହି ସମୟକୁ ଏବେ ମଧ ସେ ମନେପକାନ୍ତି। ଏ ବିଷୟରେ ସେ କହନ୍ତି, 'ବଲିଉଡ୍‌ରେ ଆକ୍ଟିଂ ଲାଇନ୍‌କୁ କେତେକେ ହାଲ୍‌କା ଭାବେ ନେଇଥାଆନ୍ତି। ହେଲେ ପରିଶ୍ରମ ବିନା ସଫଳତା ମିଳି ନ ଥାଏ। ତେଣୁ ନିଜ ଉପରେ ମୁଁ ସବୁବେଳେ ଶତ ପ୍ରତିଶତ ବିଶ୍ୱାସ ରଖିଥାଏ। ମୁଁ ସବୁବେଳେ ନିଜ ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟାକରେ। ତେଣୁ ମୋ କ୍ୟାରିୟର ଭିତରେ ବେଶ୍ କେତୋଟି ଭଲ ସିନେମାରେ ମୁଁ ଅଭିନୟ କରିପାରିଛି।' ଅବସର ସମୟରେ ନାମୀ ଲେଖକଙ୍କ ରଚିତ ବହି ପଢ଼ିବାକୁ ସେ ଭଲ ପାଆନ୍ତି। ବିଦ୍ୟାଙ୍କ ପ୍ରିୟ ଅଭିନେତା ହେଲେ ଚାର୍ଲି ଚାପ୍‌ଲିନ୍। ନିଜ ଆକ୍ଟିଂ କ୍ୟାରିୟରର ଆଦର୍ଶ ହେଲେ ସବାନା ଆଜ୍‌ମୀ ଏବଂ ମାଧୁରୀ ଦୀକ୍ଷିତ।

## କଟ୍-ଓକେ କହିବେ ଇରା



ବାପା ଆମୀରଙ୍କ ସହ ଇରା

ଆଉ ଜଣେ ଷ୍ଟାର କିଡ୍ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସଜବାଜ ହେଉଛନ୍ତି। ହେଲେ ସେ ଅଭିନୟ କରିବେ ନାହିଁ। କ୍ୟାମେରା ପଛରେ ରହି ନିଜ ଦାୟିତ୍ୱ ତୁଲାଇବେ। ବିଶେଷଭାବରେ ପ୍ରଯୋଜନା ସହ ନିର୍ଦ୍ଦେଶନା କ୍ଷେତ୍ରରେ କ୍ୟାରିୟର କରିବାକୁ ମାଇଣ୍ଡ ମେକ୍‌ଅପ କରିଛନ୍ତି। ସେ ହେଲେ ଆମୀର ଖାଁଙ୍କ ଝିଅ ଇରା। 'ମୁଁ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କରିବା କଥା ପାପାଙ୍କୁ କହିଲି ସେତେବେଳେ ସେ ମୋତେ ଉତ୍ସାହିତ କରିଥିଲେ। ମୁଁ ତ ଆକ୍ଟିଂ କରୁନି। କେବଳ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ପ୍ରତି ଗୁରୁତ୍ୱ ଦେବି ବୋଲି କହିଛନ୍ତି ଇରା। ନିକଟରେ ସେ ନିଜର ଏକ ହଟ୍ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରି ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି।

## କଥା ୩୩ କୋଟିର



ବରୁଣ ଧାଓ୍ୱନ

ବରୁଣ ଧାଓ୍ୱନ ଏବେ 'ଷ୍ଟ୍ରିଟ୍ ଡ୍ୟାନ୍ସର-ଥ୍ରୀଡି'ରେ ଅଭିନୟ କରୁଛନ୍ତି। ଏହି ଫିଲ୍ମ ପାଇଁ ସେ କୁଆଡ଼େ ପାରିଶ୍ରମିକ ଭାବେ ୩୩ କୋଟି ଟଙ୍କା ନେଇଛନ୍ତି। ହେଲେ ଏଭଳି କଥାକୁ ସେ ଖଣ୍ଡନ କରି କହିଛନ୍ତି, ମୋର ଯାହା ପାରିଶ୍ରମିକ ନେବା କଥା ତାହା ନେଇଛି। ତାକୁ ନେଇ କ'ଣ ଆଲୋଚନା ହେଉଛି ସେନେଇ ମୁଁ ଚିନ୍ତିତ ନୁହେଁ। ଯଦି ସେ ଏହି ଫିଲ୍ମ ପାଇଁ ୩୩ କୋଟି ପାରିଶ୍ରମିକ ଆକାରରେ ନେଇଥାଆନ୍ତି ତେବେ ସେ ହିନ୍ଦୀ ସିନେମାର ୟଙ୍ଗ୍ ଜେନେରେଶନଙ୍କ ମଧ୍ୟରେ ସବୁଠାରୁ ଅଧିକ ପାରିଶ୍ରମିକ ପାଇଥିବା ଅଭିନେତା ଭାବେ ବିବେଚିତ ହେବେ।



ଆହାନା

## ଫିଟ୍‌ନେସ୍ ଅନ୍ତରାଳେ..

**'ଭୈରବ' ଚଳଚ୍ଚିତ୍ରରୁ ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିଲେ ଆହାନା। ତା'ପରେ 'ବ୍ଲାକ୍‌ମେଲ୍'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ନିଜକୁ ଫିଟ୍ ରଖିବା ପଛରେ କି ରହସ୍ୟ ରହିଛି ସେ ବିଷୟରେ ଆହାନା କହନ୍ତି...**

ଆଜିକାଲିର ବ୍ୟସ୍ତ ଜୀବନଶୈଳୀରେ ଆମକୁ ଫିଟ୍‌ନେସ୍ ପ୍ରତି ସତର୍କ ରହିବାକୁ ପଡୁଛି। ବିଶେଷଭାବରେ ସେଲିବ୍ରିଟିମାନେ ଏଥିପ୍ରତି ଅଧିକ ନଜର ଦେଇଥାଆନ୍ତି। ଆଉ ଏହି ତାଲିକାରୁ ନିଜକୁ ଓଡ଼ିଆ ସିନେମା ନାୟିକା ଦୌଡ଼ରେ ସାମିଲ କରିଥିବା ଆହାନା ବାଦ୍ ପଡ଼ନ୍ତେ କିପରି? କିପରି ଆରମ୍ଭ ହୁଏ ତାଙ୍କ ପ୍ରତିଦିନର ସକାଳ, ଲଞ୍ଚ୍ ହେଉ କି ଡିନର, ସେଥିରେ ସେ କ'ଣ ଖାଆନ୍ତି-ଏଭଳି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ସକାଳୁ ଉଠିବା ପରେ ମୁଁ ଅଧଘଣ୍ଟା ଜଗିଂ କରେ। ଯେହେତୁ ଏବେ ପାଠ ପଢ଼ା ଚାଲିଛି ତେଣୁ ସକାଳ ୮.୩୦ରେ କଲେଜ ଯିବାକୁ ପଡ଼େ। ଜଗିଂରୁ ଫେରିବା ପରେ ଜୁସ୍ ପିଏ। ତା'ପରେ ରୁଟି, ସନ୍ତୁଳା ଖାଏ। ଯେହେତୁ ଡାଏଟିଂ କରୁଛି ତେଣୁ ଭାତ ଆଦୌ ଖାଏନା। ଖରାବେଳେ ରୁଟି। ପ୍ରତିଦିନ ଡିନର ମୁଁ ସନ୍ଧ୍ୟାରୁ ହିଁ ଶେଷ କରିଦିଏ। ଆଉ ରାତିରେ କେବଳ ଏକ ଗ୍ଲାସ୍ ପାଣି। ବାସ୍, ଇଏ ହେଉଛି ମୋ ଡେଲି ରୁଟିନ୍। ଗତ କିଛିବର୍ଷ ଧରି ଏହାକୁ ମୁଁ ଫଲୋ କରୁଛି।'



ପବନ ଦେବ-ରାନୀ

ନୂଆ ସିନେମା

## ଇସ୍କ ତୋର ସ୍ଲୋଲି ସ୍ଲୋଲି

ମାନ୍ ମୁଭିଜ ଏବଂ ଏସ୍. ତନୁ କ୍ରିଏଶନ୍ସ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଇସ୍କ ତୋର ସ୍ଲୋଲି ସ୍ଲୋଲି'। ନବାଗତ ପ୍ରଯୋଜକ ଏସ. ତନୁ କ୍ରିଏଟର ଫିଲ୍ମଟିର ପ୍ରଯୋଜନା କରୁଛନ୍ତି। ଅନ୍ୟପକ୍ଷରେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମନ୍ମୟ ମହାପାତ୍ର। ଚଳଚ୍ଚିତ୍ର ବିଷୟରେ ନିର୍ଦ୍ଦେଶକ କହନ୍ତି, 'ଏହି ଫିଲ୍ମର କାହାଣୀ ରଚନା କରିଛନ୍ତି ପୃଥ୍ୱୀରାଜ ପାତ୍ର, ଯେଉଁଥିଲେ ଲଭ୍, ସସ୍‌ପେନ୍ସ, କମେଡି, ଇମୋଶନ ରହିଛି। କାହାଣୀରେ ଏପରି ମସଲା ରହିଛି, ଯାହା ସମସ୍ତଙ୍କ ମନକୁ ଛୁଇଁବ ବୋଲି ବିଶ୍ୱାସ।' ଏହା ବ୍ୟତୀତ ନୂଆ ଯୋଡ଼ି ପବନ ଦେବ, ଲିସି, ରାନୀ ନିଜର ଓଡ଼ିଆ ଫିଲ୍ମ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏମାନଙ୍କ ବ୍ୟତୀତ ବ୍ରଜ ସିଂ, ଅକ୍ଷୟ ବସ୍ତିଆ, ବାବୁ ପ୍ରଧାନ, ଈଶାନ, ରବି ପ୍ରମୁଖ କଳାକାର ମଧ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ନୂଆ ସ୍ୱର ସଂଯୋଜକ ଆଲୋକ ଦେବ-ବିମୁଗ୍ଧ ଦାଶ। ଚିତ୍ରର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଅପେରା ହାଲଚାଲ

## ଭୁଲି ପାରୁନାହାନ୍ତି ସୁକାନ୍ତି

"ଶେଖର! ତୁମେ ଜାଣିନ, ମୋ ଭାଇକୁ ମୁଁ କେତେ ଭଲ ପାଏ। ତୁମ ସହ ଯିବା ତ ଅଲଗା କଥା, ଯଦି ଭଗବାନ ଆସି ମୋତେ ତାଙ୍କ ସହ ଯିବାକୁ କହନ୍ତି, ତେବେ ମୋ ଭାଇକୁ ଛାଡି ଯାଇପାରିବି ନାହିଁ।" ଏପରି ଏକ ଭାବପ୍ରବଣ ଡାଏଲଗ ମାନସପଟକୁ ଆସିଲେ ସ୍ୱତଃ ମନେପଡ଼ିଯାଏ ଅପେରା ଜଗତର ଅନ୍ୟତମ ସୁପରହିଟ୍ ନାଟକ ତଥା ଶିବାନୀ ଗଣନାଟ୍ୟ ପରିବେଷିତ 'ମୋ ପେଁକାଳି ବଜେଇ ଦେ' କଥା। ଏଥିରେ ଭଉଣୀ (ମିତା) ଭୂମିକାରେ ସୁକାନ୍ତି ପାଢ଼ୀଙ୍କର ଜୀବନ୍ତ ଅଭିନୟ ଦର୍ଶକଙ୍କ ହୃଦୟରେ ତାଙ୍କ ପାଇଁ ସୃଷ୍ଟି କରିଥିଲା ସ୍ୱତନ୍ତ୍ର ପରିଚୟ। ଅପେରା ଜଗତରେ ଦୀର୍ଘ ୩୦ ବର୍ଷର ମାରାଥନ୍ ଯାତ୍ରା ପରେ ଏବେ ବି ସେହି ନାଟକର ଅବିସ୍ମରଣୀୟ ସ୍ମୃତିଗୁଡିକୁ ରୋମନ୍ଥନ କରନ୍ତି ସୁକାନ୍ତି। ଚଳିତ ଯାତ୍ରା ସିଜନରେ ଅପେରା ବିଶ୍ୱ ଦରବାରରେ ସ୍ୱାମୀ ତଥା ଅଭିନେତା ଗୌର ପାଢ଼ୀଙ୍କ ସହ ନିଜର ଅଭିନୟ ଜାରି ରଖିଥିବା ଏହି ବର୍ଷିୟାନ ଅଭିନେତ୍ରୀ କହନ୍ତି, 'ମୋ ପେଁକାଳି ବଜେଇଦେ' ନାଟକ ମୋ ଅଭିନୟ କ୍ୟାରିୟରର ଏକ ମାଇଲ ଖୁଣ୍ଟ। ଅଭିନୟ ସାରି ଫେରିବା ପରେ ଅନେକ ଦର୍ଶକ ମୋତେ ଦେଖିବାକୁ ଅପେକ୍ଷା କରି ରହିଥାଆନ୍ତି। ତାଙ୍କ ସହ କଥା ହେବା ବେଳେ ମୁଁ ଅଧିକାଂଶ ସମୟରେ ଭାବପ୍ରବଣ ହୋଇପଡ଼େ। କେତେକ ଦର୍ଶକ ମଧ ମୋତେ ଭେଟି ଶୁଭେଚ୍ଛା ଜଣାଇବାକୁ ମୋ ରୁମ୍‌କୁ ଆସିଛନ୍ତି। ସେଭଳି ସ୍ମୃତିଗୁଡିକ ମୋ ମନରେ ସବୁଦିନ ପାଇଁ ସତେଜ ହୋଇ ରହିବ।' ଏହାବ୍ୟତୀତ 'ଫୁଲ ବଉଳବେଣୀ, ବାଜି ମାରିଲେ ହାରିବ, ଫଗୁଣ ଦେଇଛି ପହିଲି ଚିଠି, ମିତା ମହାନ୍ତି ମିଛ କହନ୍ତି' ଆଦି ଅନେକ ନାଟକ ସୁକାନ୍ତିଙ୍କ ଅଭିନୟ କ୍ୟାରିୟରକୁ ଆଗକୁ ଆଗେଇ ନେବାରେ ଯଥେଷ୍ଟ ସହାୟକ ହୋଇଥିଲା। ନିଜ ଗାଁରେ ପରିବେଷିତ ନାଟକ ପୂର୍ବରୁ ଅନୁଷ୍ଠିତ ନୃତ୍ୟନାଟିକା 'କଂସ ବଧ'ରେ ରାଧା ଚରିତ୍ରରୁ ତାଙ୍କର ଆରମ୍ଭ ହୁଏ ଅଭିନୟ ଜୀବନ। ବେଶ୍ କେତୋଟି ନାଟକରେ ନାୟିକା ସାଜି ନାୟିକା ତାଲିକାର ଶୀର୍ଷରେ ରହିଥିବା ଏହି ଅଭିନେତ୍ରୀ ଏବେ ମା' ଭୂମିକାରେ ଅଭିନୟ କରୁଛନ୍ତି। ଚଳିତ ଯାତ୍ରା ସିଜନରେ ଅପେରା ବିଶ୍ୱ ଦରବାର ପରିବେଷିତ ନାଟକ 'ଆକାଶ କଇଁଆ ଚିଲିକା ମାଛ', 'ତମ କଥା ଭାରି ମନେପଡୁଛି' ଏବଂ 'ବର୍ଷା ରାତିର ସାଥୀ'ରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି।



ସୁକାନ୍ତି

# ବିଶ୍ୱ ଆଣବିକ ପରୀକ୍ଷଣ ନିରୋଧୀ ଦିବସ



ଆଣବିକ ପରୀକ୍ଷଣ କରି ଏବେ ସବୁ ଦେଶ ନିଜର ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଏହା ପୃଥିବୀ ପ୍ରତି କେତେ ଯେ ବିପଦପୂର୍ଣ୍ଣ ତାହା କେହି ବି ଚିନ୍ତା କରୁନାହାନ୍ତି। ପ୍ରଥମେ ଜୁଲାଇ ୧୬, ୧୯୪୫ରେ ଆଣବିକ ପରୀକ୍ଷଣ କରାଯାଇଥିଲା। ଆମେରିକା ଦ୍ୱାରା ନ୍ୟୁ ମେକ୍ସିକୋର ଆଲାମୋଗୋର୍ଡୋର ମରୁଭୂମିରେ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ସେହିପରୀକ୍ଷଣ ପରେ ଗତ ୫ ଦଶନ୍ଧି ମଧ୍ୟରେ ଅନେକ ଆଣବିକ ବୋମା ପରୀକ୍ଷା କରାଯାଇଛି। ତେବେ ଆଣବିକ ପରୀକ୍ଷଣକୁ ରୋକିବା ପାଇଁ ୧୯୬୬ରେ ନ୍ୟୁକ୍ଲିୟର ଟେଷ୍ଟ ବ୍ୟାନ୍ ଟ୍ରିଟି (ସିଟିବିଟି)ରେ ସ୍ୱାକ୍ଷର କରିଛନ୍ତି ବିଶ୍ୱର ବହୁ ଦେଶ।

୧୯୪୫ରୁ ୧୯୯୬ ମଧ୍ୟରେ ୨୦୦୦ଟି ଆଣବିକ ପରୀକ୍ଷଣ କରାଯାଇସାରିଲାଣି। କେବଳ ଆମେରିକା ୧୯୪୫ରୁ ୧୯୯୨ ମଧ୍ୟରେ ୧,୦୩୨, ରୁଷିଆ ୧୯୪୯ରୁ ୧୯୯୦ ମଧ୍ୟରେ ୭୧୫, ଇଂଲଣ୍ଡ ୧୯୫୨ରୁ ୧୯୯୧ ମଧ୍ୟରେ ୪୫, ଫ୍ରାନ୍ସ ୧୯୬୦ରୁ ୧୯୯୬ ମଧ୍ୟରେ ୨୧୦, ଚାଇନା ୧୯୬୪ରୁ ୧୯୯୬ ମଧ୍ୟରେ୪୫ଟି ଆଣବିକ ପରୀକ୍ଷଣ କରିସାରିଛନ୍ତି। ସିଟିବିଟିରେ ସ୍ୱାକ୍ଷର କରିବା ପାଇଁ ସେପ୍ଟେମ୍ବର ୧୯୯୬ରେ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ତା 'ପରଠାରୁ ୧୦ଟି ଆଣବିକ ପରୀକ୍ଷଣ କରାଯାଇଛି, ଯାହା ଦୁର୍ଭାଗ୍ୟଜନକ। ଭାରତ ଓ ପାକିସ୍ତାନ ମଧ୍ୟ ୧୯୯୮ରେ ଦୁଇଟି ଲେଖାଏ ଆଣବିକ ପରୀକ୍ଷା କରିଛନ୍ତି। ଅପରପକ୍ଷରେ ଡେମୋକ୍ରାଟିକ ପ୍ୟୁପୁଲ୍ସ ରିପବ୍ଲିକ ଅଫ୍ କୋରିଆ ୨୦୦୬,୨୦୦୯,୨୦୧୩, ୨୦୧୬ ଏବଂ ୨୦୧୭ରେ ପରୀକ୍ଷା କରିଛି। ଯାହା ଏବେ ବିଶ୍ୱକୁ ଏକ ଆତଙ୍କ ବାତାବରଣ ମଧ୍ୟକୁ ଠେଲିଦେଇଛି।

ଭୂପୃଷ୍ଠ ଉପରେ, ତଳେ ଓ ପାଣି ମଧ୍ୟରେ ଆଣବିକ ପରୀକ୍ଷଣ କରାଯାଇଛି। ପାଣିର ୬୦୦ ମିଟର ତଳେ ଓ ୨,୪୦୦ମିଟର ମାଟି ତଳେ ଏହାକୁ ପରୀକ୍ଷା କରାଯାଇଛି। ଏହାକୁ ବି ଭୂପୃଷ୍ଠ ସହ ସମାନ୍ତରାଳ ଭାବେ ରହିଥିବା ଟନେଲ ମଧ୍ୟରେ ପରୀକ୍ଷା କରାଯାଉଛି। ଆଣବିକ ପରୀକ୍ଷଣ ମଧ୍ୟ ବାୟୁମଣ୍ଡଳର ୨୦୦ ମାଇଲ୍ ଉପରେ କରାଯାଇଛି। ଏହାକୁ ଏୟାର କ୍ରାଫ୍ଟ ମାଧ୍ୟମରେ ଉପରୁ ପକାଯାଇ ତାହାକୁ ରକେଟ ଦ୍ୱାରା ବିସ୍ଫୋରଣ କରାଯାଇଛି। ଯାହା ଏବେ ବାୟୁମଣ୍ଡଳକୁ ବିଷାକ୍ତ କରିବା ସହ ଓଜୋନସ୍ତରକୁ ପ୍ରଭାବିତ କରିଛି ବୋଲି କୁହାଯାଇପାରେ।

୧୯୪୫ରୁ ୧୯୯୬ ମଧ୍ୟରେ କରାଯାଇଥିବା ୨୦୦୦ଟି ପରୀକ୍ଷଣ ମଧ୍ୟରୁ ୨୫ ପ୍ରତିଶତ ଅର୍ଥାତ ୫୦୦ଟି ବୋମା କେବଳ ବାୟୁମଣ୍ଡଳରେ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ଆମେରିକା ୨୦୦ ଓ ରୁଷିଆ ମଧ୍ୟ ୨୦୦ଟି ପରୀକ୍ଷା କରିଛି। ବାୟୁମଣ୍ଡଳରେ ବ୍ରିଟେନ ୨୦ଟି, ଫ୍ରାନ୍ସ ୫୦ ଓ ଚାଇନା ୨୦ଟି ଆଣବିକ ପରୀକ୍ଷଣ କରି ବିଶ୍ୱରେ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ଉଭା ହୋଇଛନ୍ତି। ୧୯୬୩ରେ ବାୟୁମଣ୍ଡଳରେ ଆଣବିକ ପରୀକ୍ଷଣ କରାଯିବା ଉପରେ ସାମୟିକ କଟକଣା ଅଣାଯାଇଥିଲେ ବି ତା'ପରେ ପରୀକ୍ଷଣ ଜାରି ରହିଥିଲା। ଫ୍ରାନ୍ସ ୧୯୭୪ ଓ ଚାଇନା ୧୯୮୦ରେ ସେମାନଙ୍କର ଶେଷ ଆଣବିକ ପରୀକ୍ଷା ବାୟୁମଣ୍ଡଳରେ କରିଥିଲେ।

ଏହିଥିସବୁ ପରୀକ୍ଷଣ ବାୟୁମଣ୍ଡଳ ଲାଗି ବିପଦ ଆଣିଛି। ପଚାଶ ଦଶକର ମଧ୍ୟଭାଗରେ କରାଯାଇଥିବା ପରୀକ୍ଷଣ ଏଥିପାଇଁ ଦାୟୀ। ମୁଖ୍ୟତଃ ୧ ନଭେମ୍ବର ୧୯୫୨ରେ ପ୍ରଥମ ଉଦ୍‌ଜାନ ବୋମା ପରୀକ୍ଷା କରାଯିବା ପରେ ମାର୍ଚ୍ଚ ୧, ୧୯୫୪ରେ ୧୫ ମେଗାଟନ୍ ବୋମା ପରୀକ୍ଷା କରାଯିବା ଥିଲା ବିଶ୍ୱ ଲାଗି ଏକ ଭୟଙ୍କର ଦିନର ଆରମ୍ଭ। ସେତେବେଳେ ଏହାର ପ୍ରଭାବ କ'ଣ ରହିଥିଲା ତାହା ବିକଶିତ ଦେଶମାନେ ଭଲ ଭାବେ ଅନୁଭବ କରିସାରିଛନ୍ତି। ଏହାପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୯୫୪ ଏପ୍ରିଲ ୨ରେ 'ଷ୍ଟାଣ୍ଡ ଷ୍ଟିଲ୍, ଚୁକ୍ତି ପାଇଁ ଆହ୍ୱାନ ଦେଇଥିଲେ।

ସେହିପରି ପାଣି ମଧ୍ୟରେ ଆଣବିକ ପରୀକ୍ଷଣ କରାଯିବା ଦ୍ୱାରା ସାମୁଦ୍ରିକ ଜୀବ ରେଡିଓଆକ୍ଟିଭ ୱାଟର ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାକୁ ମଧ୍ୟ ୧୯୬୩ରେ ସାମୟିକ ଭାବେ ବନ୍ଦକରିବା ପାଇଁ ଚୁକ୍ତି କରାଯାଇଥିଲା, କିନ୍ତୁସେଭଳି ସଫଳତା ମିଳିଲାନାହିଁ।

ମାଟିତଳେ ପରମାଣୁ ବୋମା ପରୀକ୍ଷା କରିବା ୧୯୯୬ରୁ ସିଟିବିଟି ଦ୍ୱାରା ବନ୍ଦ କରାଯାଇଥିଲେ ମଧ୍ୟ ୭୫ ପ୍ରତିଶତ ପରୀକ୍ଷଣ କରାଯାଇଛି। କହିବାକୁ ଗଲେ ଏଭଳି ପରୀକ୍ଷା କରୁଥିବା ଦେଶ ଗୁଡ଼ିକ ୧୯୪୫ରୁ ୨୦୦୬ ମଧ୍ୟରେ ଲଗାତାର ପରୀକ୍ଷା ଜାରି ରଖିଥିଲେ। ଜୁଲାଇ୧୬, ୧୯୪୫ରେ ଆମେରିକା ଦ୍ୱାରା୨୦ କିଲୋଟନ ପରମାଣୁ ବୋମା ପରୀକ୍ଷା କରାଯାଇଥିଲା। ବିଶ୍ୱଯୁଦ୍ଧ ସମୟରେ ଅଗଷ୍ଟ୬, ୧୯୪୫ ଓ ଅଗଷ୍ଟ୯, ୧୯୪୫ରେ ଆମେରିକା ଦୁଇଟି ପରମାଣୁ ବୋମା ଜାପାନର ହିରୋଶିମା ଓ ନାଗାସାକି ସହର ଉପରେ ପକାଇଥିଲା। ଏହାର ଭୟାବହତା ଏବେଯାଏ ବିଶ୍ୱସମୁଦାୟରୁ ଲିଭିନାହିଁ। ତା'ସତ୍ତ୍ୱେ ସବୁ ଦେଶ ଆଣବିକ ଶକ୍ତି ପାଇଁ ଏବେ ଯେଉଁ ପ୍ରତିଯୋଗିତା କରୁଛନ୍ତି ତାହା ଯେ ଆଗକୁ କେତେ ବିପଦ ଆଣିବ ତାହା ଚିନ୍ତା କରିବାର ସମୟ ଉପଗତ।

୧୯୫୫ ବେଳକୁ ବିଶ୍ୱରେ ମୋଟରେ ୩,୦୦୦ ଟି ଆଣବିକ ଅସ୍ତ୍ର ରହିଥିଲା। ୧୯୬୫ରେ ଥିଲା ୩୭,୦୦୦,୧୯୭୫ରେ ଏହି ସଂଖ୍ୟା ୪୭,୦୦୦ ଓ ୧୯୮୦ ଶେଷ ଆଡକୁ ଏହା ପହଞ୍ଚିଥିଲା ୬୦,୦୦୦ରେ। ଏବେ ଏହି ସଂଖ୍ୟା ଢେର ଅଧିକ। ଆମେରିକା ଓ ରୁଷିଆ ନିକଟରେ ୧,୬୦୦ଟି ଲେଖାଏ ପରମାଣୁ ବୋମା ରହିଥିବାବେଳେ ଭାରତ ପାଖରେ ୧୩୦ ଓ ପାକିସ୍ତାନ ପାଖରେ ୧୪୦ଟି ଆଣବିକ ବୋମା ରହିଛି। ସବୁ ଆଣବିକ ଅସ୍ତ୍ରକୁ ଏକାଠି କରିଦେଲେ ଓ ତାହାକୁ ଯଦି ଦେଶ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତିରେ ପ୍ରୟୋଗ କରାଯାଏ ତେବେ ପୂରା ବିଶ୍ୱ ଧ୍ୱଂସସ୍ତୂପ ପାଲଟିଯିବ। ଏଣୁ ବିଶ୍ୱ ଆଣବିକ ପରୀକ୍ଷଣ ନିରୋଧୀ ଦିବସରେ ଆଣବିକ ଅସ୍ତ୍ରର ଭୟାବହତା ଉପରେ ଚିନ୍ତା କରିବାର ବେଳ ଉପଗତ। ଏହି ଦିବସ ବି ଏ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଦିଏ- ଯାହା ପରୋକ୍ଷରେ ସୂଚାଇଦିଏ ବିଶ୍ୱ ଚାହେଁ ଏକ ଆଣବିକ ଅସ୍ତ୍ରଶସ୍ତ୍ର ମୁକ୍ତ ପରିବେଶ।

# ବୃଦ୍ଧାଙ୍କୁ ଦଳି ମାରିଲା ଦନ୍ତା

**ଆଠମଲ୍ଲିକ, ୨୮।୮(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମରେ ଏକ ଦନ୍ତା ହାତୀ ଆକ୍ରମଣରେ ସୁବାସିନୀ ନାୟକ (୬୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଠାକୁରଗଡ ଥାନା ବରପାଲି ଗ୍ରାମର ସୁବାସିନୀ ମଙ୍ଗଳବାର ଆଠମଲ୍ଲିକ ଥାନା ନୂଆଗଡ ଗ୍ରାମରେ ଥିବା ତାଙ୍କ ରୋଗଗ୍ରସ୍ତ ଭାଇ ଧନେଶ୍ୱର ନାୟକଙ୍କ ଘରକୁ ଆସିଥିଲେ। ବୁଧବାର ସକାଳେ ସେ ଶୌଚ ହେବା ପାଇଁ ଯାଇଥିବାବେଳେ ୬ରୁ ୭ ହାତୀ ଥିବା ଏକ ହାତୀ ପଲ ହାବୁଡରେ ପଡିଥିଲେ। ସେଥିମଧ୍ୟରୁ ଏକ ଦନ୍ତା ତାଙ୍କୁ ଗୋଡାଇ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ନୂଆଗଡ ଗ୍ରାମବାସୀ ୩ ଘଣ୍ଟା ଧରି ଆଠମଲ୍ଲିକ-ବଇଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସମେତ ସ୍ଥାନୀୟ ବନ ବିଭାଗ ଡିଏଫ୍‌ଓ ସମ୍ୟକ ସାମନ୍ତରା, ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ, ଡିଏସ୍‌ପି ସେକ୍ ଅବଦୁଲ୍ କରିମ୍ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ତୁରନ୍ତ ବନ ବିଭାଗ ପକ୍ଷରୁ ମୃତ ପରିବାରକୁ ୪୦ ହଜାର ଟଙ୍କା ଓ ରେଡକ୍ରସ୍ ସଂସ୍ଥାରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଆଠମଲ୍ଲିକ ପୋଲିସ ନଂ. ୧୨/୧୯ରେ ମାମଲା ରୁଜୁ କରିଛି। ପରବର୍ତ୍ତୀ ସମୟରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**OFFICE OF THE GENERAL MANAGER (ELECT), EHT CONSTRUCTION CIRCLE, JAJPUR ROAD, AT: DHABALGIRI, PO: SOBRA-755019, DIST.- JAJPUR**
**Phone No. 06726-222123, Email:-ehtc.cle.jjp@optcl.co.in**

**Tender Call Notice No. 01/2019-20**

Sealed Tenders in duplicate are invited from the Manufacturers/Authorized Dealers/ Registered order suppliers having valid PAN & GST for "Supply of (i) 150 W LED flood light (for switchyard) (ii) 100 W LED light ( for Street Lighting ) in complete shape for illumination of 132/33 KV Grid Sub-Station, Betanoti". Cost of Tender Paper Rs. 4000/- +12% GST= Rs. 4,480/- (Non-refundable) and EMD @ 1% of the quoted price including GST is to be submitted in shape of DD drawn in favour of EHT(Construction) Circle, Jajpur Road payable at Jajpur Road. The sale of tender documents is from 30.08.19 (10.00AM) up to 20.09.19 (05.30 PM). The Tender paper shall be received up to 01.00 PM of 21.09.2019 and will be opened on the same day at 3.00 PM. For details please visit our website: **www. optcl.co.in.** Corrigendum if any will be published in the website only.

Sd./- General Manager (Elect.), EHT (Const.) Circle, Jajpur Road


## ଭାରିଯାନ ଚଳାଚଳ ଉପରେ କଟକଣା

# ଦବିଲା କାଠଯୋଡ଼ି ସେତୁ

**କଟକ ଅଫିସ,୨୮।୮:** କଟକ ପ୍ରବେଶ ପଥରେ ବିପଦ। ଭୁବନେଶ୍ୱର-କଟକକୁ ସଂଯୋଗ କରୁଥିବା କାଠଯୋଡ଼ି ସେତୁର ଆରମ୍ଭ ତଥା ଖପୁରିଆ ନିକଟରେ ଏହି ସେତୁର କିଛି ଅଂଶ ଦବି ଯାଇଛି। ଏ ନେଇ ଯାତ୍ରୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। କୌଣସି ବଡ ଧରଣର ବିପତ୍ତି ପୂର୍ବରୁ ଏହି ପାର୍ଶ୍ୱରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ସେହିପରି ଭାରିଯାନ ଚଳାଚଳ ଉପରେ କଟକଣା ଜାରି ହୋଇଛି। ଖବର ପାଇ ପୋଲିସ ଏବଂ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସମ୍ପୃକ୍ତ ସ୍ଥାନକୁ କର୍ଡନ କରିଦିଆଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ମଧ୍ୟ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଏହା ନିମ୍ନମାନ କାମର ଫଳ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିବା ଜଣାପଡ଼ିଛି। ସୂଚନାଥାଉ କି, ଦ୍ୱୈତନଗରୀ କଟକ-ଭୁବନେଶ୍ୱରକୁ ସଂଯୋଗ କରିବା ପାଇଁ ଏକମାତ୍ର ବିକଳ୍ପ ହେଉଛି କାଠଯୋଡ଼ି ସେତୁ। ଏହି ସେତୁଟି ଜାତୀୟ ରାଜପଥ-୧୬ ଅନ୍ତର୍ଗତ। ଏହା ପ୍ରାୟ ୪ବର୍ଷ ତଳେ ନିର୍ମାଣ ହୋଇଥିଲା। ତେବେ ସେତୁରେ କ'ଣ ସମସ୍ୟା ରହିଛି ତାହା ଜଣାପଡ଼ିନାହିଁ। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଡିଭିଜନ-୨ର ଯନ୍ତ୍ରୀ ସୁଧାଂଶୁ ମହାପାତ୍ରଙ୍କୁ ପଚାରିବାରେ କହିଛନ୍ତି, ଏନ୍‌ଏଚ୍‌ଏଆଇ ଏହି ସେତୁ ନିର୍ମାଣ କରିଛି। ଏ ବାବଦରେ କୌଣସି ସୂଚନା ଆମ ପାଖରେ ନାହିଁ। ଅନ୍ୟପକ୍ଷେ ଲଗାଣ ବର୍ଷା ଯୋଗୁ ସେତୁର ତଳେ ଦିଆଯାଇଥିବା ବାଲି, ପଥର ବନ୍ଧ ଦୁର୍ବଳ ହୋଇଛି ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ଭୁବନେଶ୍ୱରର ପଳାଶୁଣୀ ଓଭରବ୍ରିଜ ମଧ୍ୟ ଦବିଥିଲା।




**COLLECTORATE, KEONJHAR**
**SHORT TENDER CALL NOTICE**
No 657 / Dt. 26/08/2019 33-F

Collectorate, Keonjhar invites sealed tenders from interested and reputed suppliers for supplying of **COMPUTER, UPS, KEY BOARD, PRINTER, SCANNER, INVERTOR, MOUSE, PORJETOR, RJ CLIP and FURNITURE etc.**

The details can be downloaded from the official website **www.kendujhar.nic.in.**

The last date of submission of Tender documents is upto 01.30 PM dt.17.09.2019

26.8.19
Addl. District Magistrate
Keonjhar

**24046/11/0001/1920**


# ନକଲି ତେଲ କାରଖାନାରେ ଚଢ଼ାଉ





୩୮ହଜାର ଲିଟର ଅପମିଶ୍ରିତ ଖାଇବା ତେଲ ଜବତ

## ୨ ଗିରଫ

**ଫୁଲନଖରା,୨୮।୮(ଡି.ଏନ୍.ଏ.):** ଫୁଲନଖରା ନିକଟ ବଙ୍ଗକୁଦ ଅଞ୍ଚଳରେ ଥିବା ଏକ ନକଲି ଖାଇବା ତେଲ କାରାଖାନା ଉପରେ ବୁଧବାର କଟକ ସଦର ଥାନା ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାରଖାନାର ମାଲିକ ଜଗଦୀଶ ସାହୁ ଓରଫ ଜଗୁନି ଓ ମ୍ୟାନେଜର ବିନୟ ଷଡ଼ଙ୍ଗୀ। ଚଢ଼ାଉ ବେଳେ ୩୮ହଜାର ଲିଟର ଅପମିଶ୍ରିତ ଖାଇବା ତେଲ, ବୋତଲ, ପଲିପ୍ୟାକ ଓ ବିଭିନ୍ନ ଲୋଗୋ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୭୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦୀର୍ଘ ୨୦ବର୍ଷ ହେବ ଚାଲିଥିବା ଏହି କାରଖାନାକୁ କୋଲକାତାର ହଳଦିଆରୁ କଞ୍ଚାମାଲ ଆସୁଥିଲା। ପରେ ଏହାକୁ ଖୁସି ଗୋଲ୍ଡ, ଡାଲଡା, ପାୱାର, ହ୍ୱାଇଟ ବ୍ରାଣ୍ଡ ଆଦି ବିଭିନ୍ନ ପ୍ରକାର ତେଲ ଖାଉଟିଙ୍କୁ ଯୋଗାଇଦେବା ପାଇଁ ବଜାରକୁ ବିକ୍ରି ପାଇଁ ପଠାଯାଉଥିଲା। ଏହି କମ୍ପାନୀର ଖାଇବା ତେଲ କଟକର ମାଲଗୋଦାମ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଭଦ୍ରକ, ଯାଜପୁର, ମଙ୍ଗଳପୁର, ସାଲେପୁର, ଢେଙ୍କାନାଳ, ଅନୁଗୋଳ ଆଦି ସ୍ଥାନକୁ ପଠାଯାଉଥିଲା ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି। ପୋଲିସ କାରଖାନାକୁ ସିଲ କରିବା ସହ ଏକ ତେଲ ବୋଝେଇ ଟ୍ରକ୍ ଓ ତେଲ ଟ୍ୟାଙ୍କରକୁ ଜବତ କରିଛି। ଏହି ଚଢ଼ାଉ ବେଳେ କଟକ ଜୋନ-୪ର ଏସିପି ସତ୍ୟରଞ୍ଜନ ମଲ୍ଲିକ, ଏସ୍‌ଆଇ ବବିତା ସାହୁ, ଏଏସ୍‌ଆଇ ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**KASTURBA GANDHI BALIKA VIDYALAYA, PADMANABHAPUR DIGAPAHANDI BLOCK**

**TENDER CALL NOTICE**

Sealed tenders are invited from the registered / reputed firms and manufacturer for supply of items like Grocery, Cosmetic & Toilet items, Office and Students sationeries, Dress Materials, Sleeper & Sports Shoes to the Kasturba Gandhi Balika Vidyalaya, Padmanabhapur, Block Digapahandi, District Ganjam for the year 2019-20. Interested parties / firms can purchase the tender forms from office of the KGBV, Padmanabhapur w.e.f. 01.09.2019 to 15.09.2019 in all working day from 10.00 AM to 4.00 PM on payment of Rs. 200/- (Rupees Two hundred only) non refundable in cash or Bank draft payable at State Bank of India, Branch Talasinghi, Ganjam District. The Tenders completed in all respect along with requisite documents and Earnest Money (Refundable) in shape of Bank Draft in favour of the SMC NODAL HIGH SCHOOL, PADMANABHAPUR HM & CHAIRPERSON payable at Bank State Bank of India, Branch Talasingi (Branch Code 9349). The Tender forms along with other particulars, the list of the items and details instruction can also be downloaded from the District Website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of tender form is up to 4.00 PM of dated 15.09.2019. The KGBV Level Purchase Committee meeting will be held on 16.09.2019 at 11.00 AM in this KGBV for opening of the Tender. Any SMC member/ office staffs related to the KGBV not allowed to participate as a bidder in tender process invited at KGBV level. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**Sd./- H.M.-Cum- Member Convenor**
**KGBV, Padmanabhapur, Digapahandi Block**



**ପୌର ପରିଷଦ କାର୍ଯ୍ୟାଳୟ, ବଲାଙ୍ଗୀର**

ଏତଦ୍ୱାରା ବଲାଙ୍ଗୀର ପୌର ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (FSSM_Faecal Sludge and Septage Management) ୨୦୧୮ ଅଧିନିୟମ ବଲାଙ୍ଗୀର ପୌର ପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ରାଜପତ୍ର (Odisha Gazette) ରେ ଗତ ତା୨୯।୦୭।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ସେମାନେ ଆପତ୍ତି ଅଭିଯୋଗ ଓ ପରାମର୍ଶ ଲିଖିତ ଭାବରେ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଜଣାଇବେ। ଉକ୍ତ ଅବଧି ପରେ ପ୍ରାପ୍ତ ହୋଇଥିବା ଆପତ୍ତି, ଅଭିଯୋଗ ବା ପରାମର୍ଶ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ନିର୍ବାହୀ ଅଧିକାରୀ, ପୌରପରିଷଦ, ବଲାଙ୍ଗୀର**



**OFFICE OF THE NOTIFIED AREA COUNCIL, NIMAPARA**

**e- Procurement Notice No.1455 dt.27.08.2019**
**Tender Reference No. NP-NAC-33/ 2019-20.**

The Nimapara N.A.C. invites online bid in single cover system through e-Procurement.

| | | |
|---|---|---|
| Total Numbers of work | : | 2 (Two) Nos. |
| Value of works | : | Rs.44,27,435/- to Rs. 45,82,891/- |
| Date and time of availability of bid documents in the portal from | : | 29.08.2019 at 10.00 A.M. up to 12.09.2019 at 5.00 P.M. |
| Last date of receipt of bids in the portal | : | dt.12.09.2019 upto 5.00 P.M. |
| Last date of submission of original documents in this office is | : | dt.17.09.2019 upto 5.00 P.M. |
| Date of opening of tender | : | dt. 18.09.2019 at 11.00 A.M. in N.A.C., Office Nimapara |

Further details can be seen from the website:- **www. tendersorissa.gov.in**

**Sd./- Executive Officer**
**N.A.C., Nimapara**



No. 130-B:

**OFFICE OF THE EXECUTIVE ENGINEER**
**CUTTACK (R&B) DIVISION NO.I: CUTTACK**
E-Mail I.D.-eepwdctc1.owd@gov.in
Tel./ Fax No.(0671)-2304128

**QUOTATION CALL NOTICE NO.04 of 2019-20**

Sealed Quotation from intending bidders are invited in plain paper for **Dismantling of existing 5nos of old residential buildings at Ambatota Colony, Mangalabag, Cuttack (As per list of works enclosed)** upto ground level on as is where is basis including removal of debris / dismantled materials both usable and unusable from the campus of the said buildings and complete clearance of site."

Interested parties having all demolishing machineries and equipments as per list enclosed against the concerned work may submit their quotations in sealed cover by personal delivery in the box placed for the purpose in the office of the undersigned / Regd. Post/ Speed Post by 3.00PM on or before **Dt.10/09/2019** stating therein that they are willing to abide by the specified terms & conditions of the department failing which the quotation(s) shall be rejected. **Earnest money mentioned in the list against the work** in shape of NSC / KVP / POSB Account / Deposit receipt of Nationalised Bank duly pledged in favour of the Executive Engineer, Cuttack (R&B) Division No.I, Cuttack, copy of GST & PAN should accompany the quotation, failing which the quotation will be rejected outright. The bidders have to furnish documents towards ownership / lease deed of the above machineries to be deployed in demolition work.

The Earnest money thus deposited shall be refunded to the unsuccessful quotationers after finalization of quotation process and the same shall be refunded to the successful quotationer only after receipt of a certificate from concerned SDO regarding complete removal of all materials & debris from the above said site.

Before quoting the cost, interested persons / parties may inspect the buildings/ structures and assess the profit / loss taking all incidental charges and cost of materials into account and quote the amount accordingly. Any complaint whatsoever as to mis-calculation / mis-judgment regarding profit / loss after quoting the amount shall not be entertained. The Quotations will be opened by the undersigned or Officer authorized by him on **Dt.10/09/2019** at 4PM in presence of person / parties who wish to attend. The highest quotationer whose quotation will be accepted by the competent authority will have to deposit the accepted amount in full together within 7(seven) days time and will thereafter on receiving clearance from the undersigned, demolish the structure upto ground level and remove the dismantled materials including debris within one month and clear-up the worksite failing which the materials left back shall be considered as property of Govt. and the entire EMD deposited shall be forfeited to the Govt. The undersigned reserves the right to reject any or all the quotations without assigning any reason thereof.

**LIST OF WORKS**

| Sl. No. | Name of Building at to be dismantled | Location | EMD to be deposited | List of machineries to be deployed for dismantling of structures & clearance of site |
|---|---|---|---|---|
| 1. | Qr. No.VI/1, Ambatota Colony, Mangalabag | Ambatota Colony, Mangalabag, Cuttack | 4,000/- | JCB-1nos, Tipper-1no, Tractor-1no with adequate labours |
| 2. | Qr. No.VI/2, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 3. | Qr. No.VI/3, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 4. | Qr. No.VI/7, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |
| 5. | Qr. No.VI/10, Ambatota Colony, Mangalabag | | 4,000/- | JCB-1nos, Tipper-1no, Tractor-1no with adequate labours |

Sd/- Er.M.R.Khan,
Executive Engineer,
Cuttack (R&B) Division No.I

34091/11/0005/1920



**BHUBANESWAR DEVELOPMENT AUTHORITY**
**AKASH SHOVA BUILDING, SACHIVALAYA MARG, BHUBANESWAR-751001**

**Advertisement No. 20072 / BDA** **Dated the 28th 08, 2019**
**OE-IV-03/19**

Applications are invited from the eligible candidates for recruitment to the following post of Jr. Stenographer for ST category in Bhubaneswar Development Authority, Bhubaneswar. The application duly filled in should be affixed with two passport size photographs duly attested on the front side and accompanied by requisite Xerox copies of the certificates duly attested by a Gazetted Officer in support of educational qualifications and experience. The application alongwith documents should be sent in a sealed envelope superscribing the name of the post applied for, by Registered Post/Speed Post/Courier so as to reach the Secretary, Bhubaneswar Development Authority, Akash Sova Building, Sachivalaya Marg, Bhubaneswar-751001 on or before 30.09.2019.

Any application received beyond the stipulated date or incomplete in any respect is liable for rejection.

| Sl. No. | Name of the Post | Pay Matrix | No. of post | Reservation |
|---|---|---|---|---|
| 1 | Jr. Stenographer | Level-7 | 01 | ST |

Bio-data in prescribed format (Annexure-A) alongwith two recent passport size photograph, proof of residence, attested copies of educational qualification with mark sheet, character certificate from a Gazetted Officer and copies of work experience if any should be sent to the Secretary, BDA. The detail guidelines indicating the terms and conditions, applications for last date of submission of application etc. can be down loaded from BDA Website **bda.gov.in.**

**Sd./- Secretary**
**Bhubaneswar Development Authority, Bhubaneswar**



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗଣିଆ, ଜି.-ନୟାଗଡ଼**

**ବିଜ୍ଞାପନ**

ସଂଖ୍ୟା.୨୧୩୮ ତାରିଖ: ୦୬।୦୮।୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ଅଧିନସ୍ଥ ସମସ୍ତ ଗ୍ରାମର ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି (ଓସାଟ୍) ଦ୍ୱାରା ଗଣିଆ ପଞ୍ଚାୟତ ସମିତିର ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏ) ମାଧ୍ୟମରେ ୦୧।୦୪।୨୦୧୮ ଠାରୁ ୩୧।୦୩।୨୦୧୯ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଏବଂ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ପାଇଁ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗଣିଆ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟା, ଗ୍ରାମ ସଂଯୋଜକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମପଞ୍ଚାୟତର ଜବ୍‌କାର୍ଡଧାରୀ, (IGNOAP, IGNWP, IGNDP, NFBS) ଓ ଅନ୍ନପୂର୍ଣ୍ଣା ହିତାଧିକାରୀମାନେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

| ବ୍ଲକ | ଗ୍ରାମ ପଞ୍ଚାୟତର ନାମ | (ଏନ ଏସ ଏ ଏପି) ସାମାଜିକ ସମୀକ୍ଷା ଆରମ୍ଭ | (ଏନ ଏସ ଏ ଏପି) ସାମାଜିକ ସମୀକ୍ଷା ଶେଷ | ଏମଜିଏନଆରଇଜିଏ ସାମାଜିକ ସମୀକ୍ଷା ଆରମ୍ଭ | ଏମଜିଏନଆରଇଜିଏ ସାମାଜିକ ସମୀକ୍ଷା ଶେଷ | ଗ୍ରାମସଭା ତାରିଖ | ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର |
|---|---|---|---|---|---|---|---|
| ଗଣିଆ | ଛାମୁଣ୍ଡିଆ | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | ୬।୧୧।୧୯ |
| | କିଶୋରପ୍ରସାଦ | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | |
| | କରଡାପଡା | ୦୫।୦୯।୧୯ | ୦୮।୦୯।୧୯ | ୦୯।୦୯।୧୯ | ୧୮।୦୯।୧୯ | ୧୯।୦୯।୧୯ | |
| | ଆଡକଟା | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ଗଣିଆ | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ରାସଙ୍ଗ | ୨୦।୦୯।୧୯ | ୨୩।୦୯।୧୯ | ୨୪।୦୯।୧୯ | ୦୩।୧୦।୧୯ | ୦୪।୧୦।୧୯ | |
| | ବଡସିଲିଙ୍ଗା | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ | |
| | ବେଲପଡାପାଟଣା | ୧୦।୧୦।୧୯ | ୧୩।୧୦।୧୯ | ୧୪।୧୦।୧୯ | ୨୩।୧୦।୧୯ | ୨୪।୧୦।୧୯ | |

**ଉକ୍ତ ଗ୍ରାମସଭାରେ ନିମ୍ନୋକ୍ତ ବିଷୟରେ ବିଶଦ ଭାବରେ ଆଲୋଚନା କରାଯିବ।**
କ) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା-
୧. ପରିବାର ପଞ୍ଜୀକରଣ। ୨. କାର୍ଯ୍ୟପତ୍ର ବଣ୍ଟନ। ୩. ମଷ୍ଟରରୋଲରେ ଦର୍ଶିତ କାର୍ଯ୍ୟପତ୍ରଧାରୀ ଅଣକୁଶଳୀ ଶ୍ରମିକମାନଙ୍କର କି ନୁହେଁ?। ୪.କାର୍ଯ୍ୟପତ୍ରଗୁଡ଼ିକରେ ଦର୍ଶାଯାଇଥିବା ବିବରଣୀ ମଷ୍ଟରରୋଲରେ ଦରଜ ହୋଇଛି କି ନାହିଁ?। ୫. ମଷ୍ଟରରୋଲରେ କାର୍ଯ୍ୟଦିବସ ଅନୁସାରେ ହୋଇଥିବା କାର୍ଯ୍ୟର ପରିମାଣ ଓ ପ୍ରାପ୍ୟ ଠିକ୍ ଅଛି କି ନାହିଁ?। ୬. ମଷ୍ଟରରୋଲ ପ୍ରୋଗ୍ରାମ ଅଧିକାରୀଙ୍କଦ୍ୱାରା ପ୍ରଦତ୍ତ ହୋଇଛି କି ନାହିଁ?।
ଖ) ଜାତୀୟ ସାମାଜିକ ସହାୟତା ଯୋଜନା -
୧. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଜନସଚେତନତା। ୨. ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ତଥ୍ୟଗୁଡ଼ିକର କ୍ରିୟାଶୀଳ ପ୍ରକଟନ। ୩. ହିତାଧିକାରୀଙ୍କ ସତ୍ୟ ପ୍ରମାଣ। ୪. ଅଯୋଗ୍ୟ ହିତାଧିକାରୀ ଚିହ୍ନଟ। ୫. ଜାତୀୟ/ରାଜ୍ୟ ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ।

**ସ୍ୱ./- ଗୋଷ୍ଠୀ ଉନ୍ନୟନ ଅଧିକାରୀ**
**ତଥା ପ୍ରୋଗ୍ରାମ ଅଧିକାରୀ, ଗଣିଆ, ଜି.-ନୟାଗଡ଼**

# କ୍ରୀଡ଼ା ପୁରସ୍କାର

ବିଂଶ ଶତାବ୍ଦୀର ଅପ୍ରତିଦ୍ୱନ୍ଦ୍ୱୀ ଶ୍ରେଷ୍ଠ ଭାରତୀୟ କ୍ରୀଡ଼ାବିତ୍ ହକି କିମ୍ବଦନ୍ତୀ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଦେଶରେ ଜାତୀୟ କ୍ରୀଡ଼ା ଦିବସ ରୂପେ ଘୋଷଣା କରିଛି। ଏହି ଦିବସ ପାଳନ ଅବସରରେ କେନ୍ଦ୍ର ସରକାର ପାଞ୍ଚଟି ବିଭାଗରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରୁଥିବା ବେଳେ ଅନୁରୂପ ଭାବେ ଆମ ରାଜ୍ୟ ସରକାର ମଧ୍ୟ ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ କରୁଛନ୍ତି।



ଅଶୋକ ମହାନ୍ତି

ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଉତ୍କୃଷ୍ଟତମ ପ୍ରଦର୍ଶନ ପାଇଁ କୌଣସି ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କୁ ସ୍ୱୀକୃତି ପ୍ରଦାନ କରିବାର ମାଧ୍ୟମ ହେଉଛି ପୁରସ୍କାର ବା ସମ୍ମାନ। ବ୍ୟକ୍ତିବିଶେଷଙ୍କୁ ତାଙ୍କ କ୍ଷେତ୍ରରେ ଆଗକୁ ବଢ଼ିବାରେ ପୁରସ୍କାର ବା ସମ୍ମାନ ପ୍ରେରଣାର ଉତ୍ସ ଭାବରେ କାର୍ଯ୍ୟ କରିଥାଏ` ଏହା ପ୍ରତିଭା ବା ଦକ୍ଷତାକୁ ମାନ୍ୟତା ଦେବା ସହିତ ଅଧିକରୁ ଅଧିକ ସଫଳତା ପାଇବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ସାରା ବିଶ୍ୱରେ ପ୍ରଦାନ କରାଯାଉଥିବା କେତେଗୁଡ଼ିଏ ପ୍ରତିଷ୍ଠିତ ଓ ପ୍ରସିଦ୍ଧ କ୍ରୀଡ଼ା ପୁରସ୍କାର/ସମ୍ମାନ ବିଷୟରେ ଆଲୋକପାତ କରିବା ଏହି ଲେଖାର ଉଦ୍ଦେଶ୍ୟ।



## ଲୌରିଅସ

ଲୌରିଅସ କ୍ରୀଡ଼ା ପୁରସ୍କାର ଅଧୁନା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାରର ମାନ୍ୟତା ହାସଲ କରିଛି। କ୍ରୀଡ଼ାର 'ଓସ୍କାର' ଭାବେ ପରିଚିତ ଏହି ବାର୍ଷିକ ସମ୍ମାନ କୀଡ଼ା କ୍ଷେତ୍ରରେ ବିଶ୍ୱ ସ୍ତରରେ ଏକକ କିମ୍ବା ଦଳଗତ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିଥିବା କ୍ରୀଡ଼ାବିତମାନଙ୍କୁ ପ୍ରଦାନ କରାଯାଇଥାଏ। ବିଶ୍ୱ ପ୍ରସିଦ୍ଧ ବ୍ୟବସାୟ ସଂସ୍ଥା ଡାମ୍‌ଲର ଏବଂ ରିଚ୍‌ମଣ୍ଟଙ୍କ ପୃଷ୍ଠପୋଷକତା ଏବଂ ସହଯୋଗୀ ସଂସ୍ଥା ମର୍ସିଡିଜ୍ ବେଞ୍ଜ୍, ଆର୍‌ଡବ୍ଲ୍ୟୁସି ସାଫହସେନ ଏବଂ ଏମ୍‌ୟୁଏଫ୍‌ଜି ସହାୟତାରେ ୧୯୯୯ରେ ପ୍ରତିଷ୍ଠିତ 'ଲୌରିଅସ୍ ସ୍ପୋର୍ଟ୍ସ ଫର୍ ଗୁଡ୍ ଫାଉଣ୍ଡେଶନ' ଦ୍ୱାରା ଏହି ପୁରସ୍କାରକୁ ବିଶ୍ୱର ୧୦୦ରୁ ଊର୍ଦ୍ଧ୍ୱ ଦେଶର କ୍ରୀଡ଼ା ସମ୍ପାଦକ, ଲେଖକ ଏବଂ କ୍ରୀଡା ଭାଷ୍ୟକାର/ବିଶେଷଜ୍ଞମାନଙ୍କୁ ନେଇ ଗଠିତ ମନୋନୟନ ପ୍ୟାନେଲ ଭୋଟ୍ ମାଧ୍ୟମରେ ୧୦ଟି ବିଭାଗରେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ସଂଗଠନ/ଦଳମାନଙ୍କୁ ଚୟନ କରିଥାନ୍ତି। ବିଶ୍ୱର ୪୦ଟି ଦେଶରେ ୧୬୦ଟି ଗୋଷ୍ଠୀ ଉନ୍ନୟନ ପରିକଳ୍ପନା (Community Projects) ପରିଚାଳନା କରୁଥିବା ଏହି ସଂସ୍ଥା ଉପରୋକ୍ତ କାର୍ଯ୍ୟକ୍ରମ ଜରିଆରେ ସମାଜରେ ପ୍ରଚଳିତ ହିଂସା, ପକ୍ଷପାତିତା ଏବଂ ପ୍ରତିକୂଳ ଅବସ୍ଥାକୁ ବ୍ୟବସ୍ଥିତ କରିବାରେ କ୍ରୀଡ଼ାକୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବ୍ୟବହାର କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। 'ଲୌରିଅସ' ଶବ୍ଦଟି ଗ୍ରୀକ୍ ଭାଷା 'ଲରେଲ'ରୁ ଉଦ୍ଧୃତ ଯାହାକି ପ୍ରତୀକାତ୍ମକ ଭାବେ କ୍ରୀଡ଼ାର ବିଜେତାଙ୍କୁ ବୁଝାଇଥାଏ।

୬୫ ଜଣ ବିଶ୍ୱବିଖ୍ୟାତ ପୂର୍ବତନ କ୍ରୀଡ଼ାବିତ୍ ଲୌରିଅସ୍ ବିଶ୍ୱ କ୍ରୀଡ଼ା ଏକାଡେମୀରେ ସଭ୍ୟ ଭାବେ କାର୍ଯ୍ୟ କରିଥାନ୍ତି ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି। ୧୯୯୯ରେ ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରଥମେ ୨୦୦୨ ମେ' ୨୫ ତାରିଖରେ ମଣ୍ଟେକାର୍ଲୋ ସହରର ପ୍ରସିଦ୍ଧ 'ସ୍ପୋର୍ଟିଂ କ୍ଲବ୍' ପରିସରରେ ଆୟୋଜିତ ହୋଇଥିଲା। ବିଶ୍ୱ ପ୍ରସିଦ୍ଧ ଚିତ୍ରତାରକା, ପପ୍‌ଷ୍ଟାର୍, କ୍ରୀଡ଼ାବିତ୍‌ମାନଙ୍କ ଉପସ୍ଥିତିରେ ବିଶ୍ୱ ଶାନ୍ତିର ଜଣେ ନିଷ୍ଠାପର ପୂଜାରୀ, ନୋବେଲ ବିଜେତା ଏବଂ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରମୁଖ୍ୟ ନେଲସନ ମାଣ୍ଡେଲା ମୁଖ୍ୟ ଅତିଥି ଭାବେ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ୨୦୧୯ରେ ୮ଟି ବିଭାଗରେ ଏହି ପୁରସ୍କାର ପ୍ରଦାନ କରାଯାଇଅଛି ଏବଂ ଏହା ଭାରତୀୟ କ୍ରୀଡ଼ା ପାଇଁ କିଛି ମାତ୍ରାରେ ସ୍ମରଣୀୟ ହୋଇପାରିଛି। କାରଣ ପ୍ରଥମ ଥର ପାଇଁ ଜଣେ ଭାରତୀୟ କ୍ରୀଡ଼ାବିତ୍, ମହିଳା କୁସ୍ତିଯୋଦ୍ଧା ଏବଂ ଏସୀୟ ସ୍ୱର୍ଣ୍ଣ ପଦକ ବିଜେତା ଭିନେସ୍ ଫୋଗତ 'କମ୍‌ବ୍ୟାକ୍ ଅଫ୍ ଦି ଇଅର' ବିଭାଗ ପାଇଁ ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ବିଭିନ୍ନ କ୍ରୀଡ଼ା ଶୃଙ୍ଖଳାର ଅନ୍ତର୍ଜାତୀୟ/ବିଶ୍ୱ ସଂଘଗୁଡ଼ିକ ସେମାନଙ୍କର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରିଥାନ୍ତି।

## ଫିଫା 'ଫୁଟବଲର ଅଫ୍ ଦି ଇୟର'



ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳର ସର୍ବୋଚ୍ଚ ପରିଚାଳନା ସଂଘ 'ଫିଫା' ବାର୍ଷିକ 'ଫୁଟବଲର ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରିଥାଏ । 'ଫିଫା' ଏବଂ ଫ୍ରାନ୍ସ ଫୁଟବଲ୍ ଦ୍ୱାରା ପ୍ରଦତ୍ତ ପ୍ରସିଦ୍ଧ ବାଲନ୍ ଡି'ଅର୍ (Ballon d'or) ପୁରସ୍କାର ୨୦୧୦ରୁ ୨୦୧୫ ପର୍ଯ୍ୟନ୍ତ ବିଶ୍ୱର ଶ୍ରେଷ୍ଠ ଫୁଟବଲ ଖେଳାଳିଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଆର୍ଜେଣ୍ଟିନାର ଲିଓନେଲ୍ ମେସି ୪ ଥର (୨୦୧୦, ୧୧, ୧୨, ୧୫) ଏବଂ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲଡୋ (୧୩, ୧୪) ଦୁଇ ଥର ଏହି ପୁରସ୍କାର ଜିତିଥିଲେ। ଏହା ପୂର୍ବରୁ ୧୯୯୧ ଠାରୁ ୨୦୦୯ ପର୍ଯ୍ୟନ୍ତ 'ଫିଫା ବିଶ୍ୱ ଫୁଟବଲର ଅଫ୍ ଦି ଇଅର' ପୁରସ୍କାର ପ୍ରଦାନ କରାଯାଉଥିଲା। ୨୦୧୬ ମସିହାଠାରୁ 'ଫିଫା' ତାର ନିଜସ୍ୱ ଫିଫା ଶ୍ରେଷ୍ଠ ଫୁଟବଲର ପୁରସ୍କାର ପ୍ରଚଳନ କଲା ଏବଂ ୨୦୧୬, ୨୦୧୭ରେ ରୋନାଲଡୋ ପୁନଶ୍ଚ ବିଜେତା ହୋଇଥିଲେ। ୨୦୧୮ ବିଶ୍ୱକପ୍ ଉପବିଜେତା କ୍ରୋଏସିଆ ଦଳର ଅଧିନାୟକ ଲୁକା ମୋଡରିକ ଏହି ଶ୍ରେଷ୍ଠ ମର୍ଯ୍ୟାଦାଜନକ ପୁରସ୍କାର ହାସଲ କରିଥିଲେ। ବିଶ୍ୱ ଫୁଟବଲର ୨ ଶ୍ରେଷ୍ଠ ଖେଳାଳି ମେସି ଏବଂ ରୋନାଲଡୋ ଉଭୟ ୫ ଥର ଏହି ପୁରସ୍କାର ବିଜେତା ହୋଇ ଏକ ନିଆରା କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

## ଆଇଏଏଏଫ୍ ଆଥ୍‌ଲେଟ୍ ଅଫ୍ ଦି ଇଅର

ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ମହାସଂଘ(IAAF) ୧୯୮୮ ମସିହାଠାରୁ ବିଶ୍ୱର ଶ୍ରେଷ୍ଠ ପୁରୁଷ ଓ ମହିଳା ଆଥଲେଟ୍‌ମାନଙ୍କୁ 'ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର' ପ୍ରଦାନ କରିଆସୁଛି। ପ୍ରଥମ ବର୍ଷ ଆମେରିକାର କାର୍ଲଲୁଇସ୍ ଏବଂ ଫ୍ଲୋରେନ୍ସ ଗ୍ରିଫିଥ୍ ଜୋଏନ୍‌ସ୍ ଏହି ପୁରସ୍କାର ବିଜେତା ହୋଇଥିଲେ। ୨୦୧୮ରେ କେନିଆର ମାରାଥନ ବିଶ୍ୱ ରେକର୍ଡ଼ଧାରୀ ଧାବକ ଇଲିୟଡ କିପ୍‌ଚୋଗେ ଏବଂ କଲମ୍ବିଆର ଟ୍ରିପଲଜମ୍ପ୍ ଚାମ୍ପିୟନ କାଟେ୍ରିନ୍ ଇବାର ଗୁଏନ୍ ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। ପ୍ରତିବର୍ଷ IAAF ମଧ୍ୟ ଶ୍ରେଷ୍ଠ ଉଦୀୟମାନ୍ ପୁରୁଷ ଓ ମହିଳା ଆଥଲେଟ୍ ପୁରସ୍କାର, ଶ୍ରେଷ୍ଠ ପ୍ରଶିକ୍ଷକ, ଶ୍ରେଷ୍ଠ କ୍ରୀଡ଼ା ଫଟୋଚିତ୍ର ବିଭାଗରେ ପୁରସ୍କାର ପ୍ରଦାନ କରିଥାନ୍ତି। ଅଲିମ୍ପିକ୍ ଓ ବିଶ୍ୱରେକର୍ଡ଼ ଅଧିକାରୀ ଆଥ୍‌ଲେଟ୍ ଉସେନ୍ ବୋଲ୍ଟ୍ ସର୍ବାଧିକ ୬ ଥର (୨୦୦୮, ୯, ୧୧, ୧୨, ୧୩, ୧୬) ଏହି ସମ୍ମାନଜନକ ପୁରସ୍କାର ଜିତିବାର ବିରଳ ଗୌରବ ଅର୍ଜନ କରିଛନ୍ତି।




## ଆଇସିସି କ୍ରିକେଟର ଅଫ୍ ଦି ଇୟର

୨୦୦୪ଠାରୁ ଉଭୟ ପୁରୁଷ ଏବଂ ମହିଳା କ୍ରିକେଟରଙ୍କୁ ଟେଷ୍ଟ କ୍ରିକେଟ୍, ଏକଦିବସୀୟ ଏବଂ ଟି୨୦ କ୍ରିକେଟ୍ ପାଇଁ ପ୍ରାୟ ୮ଟି ବିଭାଗରେ ଏହି ପୁରସ୍କାର ପ୍ରଦାନ କରାଯାଉଅଛି। ପ୍ରଥମ ବର୍ଷ ଭାରତୀୟ କ୍ରିକେଟର ରାହୁଲ ଦ୍ରାବିଡ ଏହି ପୁରସ୍କାର ବିଜେତା ହୋଇଥିବାବେଳେ ୨୦୧୮ ପାଇଁ ଦୁଇ ଭାରତୀୟ କ୍ରିକେଟର ବିରାଟ୍ କୋହଲି ଏବଂ ସ୍ମୃତି ମନ୍ଧାନା ଏହି ସମ୍ମାନ ହାସଲ କରିଛନ୍ତି।

ଏତଦ୍‌ବ୍ୟତୀତ କ୍ରିକେଟର 'ବାଇବେଲ୍' ଭାବେ ମାନ୍ୟତା ପାଇଥିବା ୱିସ୍‌ଡେନ୍ (Wiseden) କ୍ରିକେଟ୍ ବୁକ୍ ତରଫରୁ ୧୮୮୯ଠାରୁ ୱିସ୍‌ଡେନ୍ କ୍ରିକେଟର୍ସ ଆଙ୍କରମ୍ୟାନଙ୍କ ଦ୍ୱାରା ଇଂଲିସ୍ କ୍ରିକେଟ ଋତୁରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ୫ଜଣ କ୍ରିକେଟ୍ ଖେଳାଳିଙ୍କୁ 'ୱିସଡେନ୍ କ୍ରିକେଟର ଅଫ୍ ଦି ଇଅର' ପୁରସ୍କାର ଦେବାର ଧାରା ଆରମ୍ଭ ହୋଇଥିଲା। କିନ୍ତୁ ୨୦୦୪ ମସିହାଠାରୁ ଏହି ପୁରସ୍କାରରେ ସାମାନ୍ୟ ପରିବର୍ତ୍ତନ କରାଯାଇ 'ୱିସଡେନ୍ ୱାର୍ଲଡ୍ କ୍ରିକେଟ୍‌ର ଅଫ୍ ଦି ଇଅର' ଭାବେ ବିଶ୍ୱର ୮ଟି ଟେଷ୍ଟ ଖେଳୁଥିବା ଦେଶର କ୍ରିକେଟ ଖେଳାଳିମାନଙ୍କୁ ଅନ୍ତର୍ଗତ କରାଗଲା ଏବଂ ଆନନ୍ଦର କଥା ବର୍ତ୍ତମାନ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ଗତ ୩ ବର୍ଷରେ ଲଗାତାର ଏହି ମର୍ଯ୍ୟାଦାଜନକ ପୁରସ୍କାର ହାସଲ କରି ଏକ ବିରଳ 'ହ୍ୟାଟ୍ରିକ୍' ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି।



ଆଇସିସି ଟ୍ରଫି ସହ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି

ଏଠାରେ ଉଲ୍ଲେଖନୀୟ ଯେ, ୱିସଡେନ ଏକ ଶହେ ଜଣିଆ ପ୍ୟାନେଲ ବିଂଶ ଶତାବ୍ଦୀର ଶ୍ରେଷ୍ଠ ୫ଜଣ କ୍ରିକେଟରଙ୍କୁ ମନୋନୀତ କରିଛନ୍ତି। ସେମାନେ ହେଲେ- ଡନ୍ ବ୍ରାଡମ୍ୟାନ, ସାର ଗ୍ୟାରୀଫିଲଡ୍ ସୋବର୍ସ , ସାର୍ ଜ୍ୟାକ ହବ୍‌ସ, ସେନ ୱର୍ନ ଓ ସାର ଭିଭିଆନ ରିଚାର୍ଡ୍‌ସ। ଏହି ତାଲିକାରେ କୌଣସି ଭାରତୀୟ କ୍ରିକେଟର ସ୍ଥାନ ପାଇ ନ ଥିଲା ବେଳେ କପିଳ ଦେବ ଶତାବ୍ଦୀର ଶ୍ରେଷ୍ଠ ଭାରତୀୟ କ୍ରିକେଟର ବିବେଚିତ କରିଛନ୍ତି।

## ଏଫ୍‌ଆଇ୍‌ଏଚ୍ ୱାର୍ଲ୍ଡ ହକି ପ୍ଲେୟର ଅଫ୍ ଦି ଇୟର

୧୯୯୮ରେ ପ୍ରତିଷ୍ଠା ହୋଇଥିବା ବିଶ୍ୱ ହକିର ଶ୍ରେଷ୍ଠ ସମ୍ମାନ ପ୍ରତିବର୍ଷ ଅନ୍ତର୍ଜାତୀୟ ହକି ମହାସଂଘ ଦ୍ୱାରା ପ୍ରଦାନ କରାଯାଇଅଛି। ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିବା ଭାରତୀୟ ଖେଳାଳିମାନେ ହେଲେ ଶ୍ରେଷ୍ଠ ଖେଳାଳି ୨୦୦୫ – ଦେବେସ ଚୌହ୍ୱାନ, ଦିଲୀପ ତିର୍କି, ୨୦୦୬– ପ୍ରଭଜୋତ ସିଂ, ୨୦୧୨– ସର୍ଦ୍ଦାର ସିଂ, ଶ୍ରେଷ୍ଠ ଗୋଲରକ୍ଷକ- ପିଆର ଶ୍ରୀଜେସ୍–୨୦୧୪, ୨୦୧୬, ଶ୍ରେଷ୍ଠ ଯୁବ ଖେଳାଳି–୨୦୧୩ ମନପ୍ରିତ ସିଂ, ୨୦୧୪ ଓ ୧୫– ଆକାଶଦୀପ୍ ସିଂ, ୨୦୧୬– ହରମନପ୍ରିତ ସିଂ, ଶ୍ରେଷ୍ଠ ମହିଳା ଖେଳାଳି ୨୦୧୦, ୧୩, ୧୪ – ରାଣୀ ରାମପାଲ୍।




ଆର୍ଜେଣ୍ଟିନାର ଲୁସିଆନା ଆୟମାରଙ୍କ ହାତରେ ଏଫ୍‌ଆଇଏଚ୍ ଟ୍ରଫି

କେତେକ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ପୁରସ୍କାର ବ୍ୟତୀତ ଅନ୍ୟ କ୍ରୀଡ଼ା ଶୃଙ୍ଖଳା ଗୁଡ଼ିକରେ ସଂପୃକ୍ତ କ୍ରୀଡ଼ା ସଂଘମାନେ ସେମାନଙ୍କର ନିଜସ୍ୱ ପୁରସ୍କାର ପ୍ରଦାନ କରିଥାନ୍ତି। ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ପୁରସ୍କାର ଗୁଡ଼ିକ ହେଲା ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର (୧୯୯୨–୯୩ରେ ଆରମ୍ଭ) ଶ୍ରେଷ୍ଠ କ୍ରୀଡ଼ାବିତ୍, ଅର୍ଜ୍ଜୁନ ପୁରସ୍କାର (୧୯୬୧ରୁ ଆରମ୍ଭ) – ଶ୍ରେଷ୍ଠ କ୍ରୀଡ଼ାବିତ୍, ଧ୍ୟାନଚାନ୍ଦ ପୁରସ୍କାର – ଜୀବନ ବ୍ୟାପି କ୍ରୀଡ଼ା କ୍ଷେତ୍ରକୁ ଅବଦାନ, ଦ୍ରୋଣାଚାର୍ଯ୍ୟ ପୁରସ୍କାର – ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଏବଂ ତେନ୍‌ଜିଙ୍ଗ୍ ନର୍ଗେ ଜାତୀୟ ଦୁଃସାହସିକ ପୁରସ୍କାର – ଦୁଃସାହସିକ କ୍ରୀଡ଼ା।

ଏତଦ୍‌ବ୍ୟତୀତ ଦେଶର ଅଗ୍ରଣୀ କରପୋରେଟ୍ ସଂସ୍ଥା, ଶିଳ୍ପ ଓ ବ୍ୟବସାୟ ଅନୁଷ୍ଠାନ ପ୍ରତିଷ୍ଠିତ ଏନଜିଓମାନେ ମଧ୍ୟ ବିଭିନ୍ନ ସମୟରେ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥାନ୍ତି। ଦେଶର ବିଭିନ୍ନ ରାଜ୍ୟ ସରକାରଗୁଡ଼ିକ ତାଙ୍କର ନିଜସ୍ୱ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥାନ୍ତି, ଯଥା: ମହାରାଷ୍ଟ୍ର ସରକାରଙ୍କ ଶିବ ଛତ୍ରପତି କ୍ରୀଡ଼ା ପୁରସ୍କାର, ହରିୟାଣା ସରକାରଙ୍କ ଭିମ କ୍ରୀଡ଼ା ପୁରସ୍କାର, ପଞ୍ଜାବ ସରକାରଙ୍କ ମହାରାଜା ରଣ୍‌ଜିତ ସିଂ ସମ୍ମାନ, କେରଳ ସରକାରଙ୍କ ଜି.ଭି.ରାଜା ପୁରସ୍କାର ଏବଂ ଆମ ରାଜ୍ୟ ସରକାରଙ୍କ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଭୃତି....

ଓଡ଼ିଶାରେ ରାଜ୍ୟସରକାରଙ୍କ ବ୍ୟତିତ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମୁଖ କ୍ରୀଡ଼ା ପୁରସ୍କାର ଗୁଡ଼ିକ ହେଲା ଇମ୍ପା ଚାରିଟେବୁଲ ଟ୍ରଷ୍ଟ ପ୍ରଦତ୍ତ ଏକଲକ୍ଷ୍ୟ ପୁରସ୍କାର(୧୯୯୩ ରୁ ଆରମ୍ଭ), ଓସଜା(ଓଡିଶା କ୍ରୀଡା ଖବରଦାତା ସଂଘ) କ୍ରୀଡା ପୁରସ୍କାର, ସହିଦ ସ୍ପୋର୍ଟିଂ–ମାରୁତି ଇଷ୍ଟେଟ୍ କ୍ରିକେଟର ଅଫ ଦି ଇଅର ପୁରସ୍କାର(୧୯୯୬), କମଲ ଗାଙ୍ଗୁଲି ସ୍ମାରକୀ ପୁରସ୍କାର, ସ୍ପୋର୍ଟ୍ସଅଲଗ୍‌ଅନ୍, ସରୋଜ ମହାସୁଆର ସ୍ମାରକୀ କ୍ରୀଡା ସମ୍ମାନ, ଦୂରଦର୍ଶୀ କ୍ରୀଡା ପୁରସ୍କାର, ଏମ୍.ବି. ସ୍ମାରକୀ କ୍ରୀଡା ପୁରସ୍କାର ପ୍ରଭୃତି।



# ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ




୨୦୦୧ ମସିହା କଥା। ତତ୍‌କାଳୀନ ରାଜ୍ୟ ସରକାରଙ୍କ କ୍ରୀଡା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କଠାରୁ ହଠାତ ନିର୍ଦ୍ଦେଶ ପାଇ କ୍ରୀଡା ନିର୍ଦ୍ଦେଶକ(ଆର.ଏନ. ଦାସ) ଏବଂ ଏହି ଲେଖକ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ଏକ ରାଜ୍ୟ ସ୍ତରୀୟ କ୍ରୀଡା ପୁରସ୍କାର ପ୍ରଦାନ କରିବା ପାଇଁ ଆଲୋଚନା ହୋଇଥିଲା। ମହାନ ରାଷ୍ଟ୍ରନୀତିଜ୍ଞ ଏବଂ ବିଶିଷ୍ଟ କ୍ରୀଡାବିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ଏହି ପୁରସ୍କାରଟିକୁ ନାମିତ କରିବା ପାଇଁ ମନ୍ତ୍ରୀଙ୍କ ପ୍ରସ୍ତାବକୁ ସରକାର ଅନୁମୋଦନ କଲେ। ପ୍ରାରମ୍ଭିକ ବର୍ଷରେ(୨୦୦୧) ୩ଟି ବିଭାଗ ଯଥା (୧) କ୍ରୀଡାରେ ପାରଦର୍ଶିତା ସହିତ ଜୀବନ ବ୍ୟାପି ଅବଦାନ, (୨) ବର୍ଷର ଶ୍ରେଷ୍ଠ କ୍ରୀଡାବିତ, (୩) ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ସ୍ଥିର କରାଗଲା। ଫଳରେ ରାଜ୍ୟ ପାଇଁ ଗୌରବ ଆଣିଥିବା ବିଶିଷ୍ଟ କ୍ରୀଡାବିତ ଏବଂ ପ୍ରଶିକ୍ଷକଙ୍କ ଏକ ବିସ୍ତୃତ ଚିଠା ପ୍ରସ୍ତୁତ କରାଯାଇ ପୂର୍ବତନ ଭାରତୀୟ ଫୁଟବଲ ଦଳର ସଦସ୍ୟ ଏବଂ ପ୍ରତିଷ୍ଠିତ ଆଥଲେଟ୍ ଗୋଲକ ସାମଲ (ବୁଲୁ), ସାରା ଦେଶରେ ଚହଳ ପକାଇଥିବା ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ପ୍ରଶିକ୍ଷକ କମଲ ଗାଙ୍ଗୁଲି ଏବଂ ଆଥଲେଟ୍ ( ହର୍ଡଲର) ସାହେବାଣି ଓରାମଙ୍କୁ ୨୦୦୧ ବର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ବର୍ଷ (୨୦୦୨) ଏହି ପୁରସ୍କାରରେ ଶ୍ରେଷ୍ଠ କ୍ରୀଡା ଖବରଦାତାଙ୍କୁ ସାମିଲ କରାଗଲା ଏବଂ ପୂର୍ବତନ ଭାରତୀୟ ବାସ୍କେଟ୍‌ବଲ ଦଳର ସଦସ୍ୟ ଓ ପ୍ରଶିକ୍ଷକ ଏବଂ କ୍ରୀଡା ପ୍ରଶାସକ ଅରୂପାନନ୍ଦ ରାଉତରାୟ, ଅଲିମ୍ପିଆନ ଅନୁରୋଧ ବିଶ୍ୱାଳ, ହକି ପ୍ରଶିକ୍ଷକ ସିଲିଭିଷ୍ଟର ଟପୋ ଏବଂ କ୍ରୀଡା ଖବରଦାତା ସନାତନ ପାଣି ଏହି ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୩ ମସିହାରେ ବିଧିବଦ୍ଧ ଭାବେ ଏହି ପୁରସ୍କାର ପାଇଁ ନିୟମାବଳୀ ପ୍ରସ୍ତୁତ ଲାଗି ପଦକ୍ଷେପ ନିଆଗଲା। ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ ପାଇଁ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ରାଜ୍ୟ ପାଇଁ ପ୍ରଯୁଜ୍ୟ ଏବଂ ପ୍ରାସଙ୍ଗିକ ନିୟମ ଗୁଡ଼ିକୁ ବିଚାରକୁ ନେଇ ସରକାରଙ୍କ କ୍ରୀଡ଼ା ବିଭାଗ ଏକ ନିୟମାବଳୀ ପ୍ରସ୍ତୁତ କରି ସରକାରଙ୍କ ଅନୁମୋଦନ ଲାଭ କଲା। ଏହି ନିୟମ ଅନୁସାରେ ସରକାରଙ୍କ ଦ୍ୱାରା ଗଠିତ ଏକ ସ୍ୱାଧୀନ ନିରପେକ୍ଷ ସ୍ୱତନ୍ତ୍ର କମିଟି ବିଭିନ୍ନ ବିଭାଗରେ ଯୋଗ୍ୟ କ୍ରୀଡ଼ାବିତଙ୍କୁ ଚୟନ କରିବାର ବ୍ୟବସ୍ଥା ରହିଲା। କ୍ରୀଡ଼ା ବିଭାଗ ଜଣେ ବିଶିଷ୍ଟ କ୍ରୀଡ଼ାବିତ/ପ୍ରଶାସକଙ୍କୁ ଏହି କମିଟିର ଅଧ୍ୟକ୍ଷ ଏବଂ ପୂର୍ବତନ ଅଲିମ୍ପିଆନ/ଅନ୍ତର୍ଜାତୀୟ କ୍ରୀଡ଼ାବିତ (ଅର୍ଜୁନ ପୁରସ୍କାର ବିଜେତା), ବିଶିଷ୍ଟ କ୍ରୀଡ଼ା ସଂଗଠକ, ଓଡ଼ିଶା ଅଲମ୍ପିକ ସଂଘର ସମ୍ପାଦକ ଏବଂ ଜଣେ କ୍ରୀଡ଼ା ଖବରଦାତାଙ୍କୁ ସଭ୍ୟଭାବେ ମନୋନୀତ କରି କ୍ରୀଡ଼ାବିଭାଗ ଦ୍ୱାରା ପ୍ରସ୍ତୁତ କ୍ରୀଡାବିତ/ଖବରଦାତାମାନଙ୍କ କୃତିତ୍ୱ, ସଫଳତା ଓ ଅବଦାନକୁ ଅନୁଧ୍ୟାନ କରି ଯୋଗ୍ୟ ବ୍ୟକ୍ତିମାନଙ୍କୁ ଚୟନ କରିବା ପରେ ସରକାରଙ୍କ ଅନୁମୋଦନ ଲାଭକରି ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା ରହିଲା। ପରବର୍ତ୍ତୀ ସମୟରେ ଆଉ ଗୋଟିଏ ବିଭାଗ (୪ର୍ଥ)କୁ ଏହି ପୁରସ୍କାରରେ ସାମିଲ କରାଯାଇ କ୍ରୀଡ଼ାର ପ୍ରସାର ଦିଗରେ କାର୍ଯ୍ୟ କରୁଥିବା କ୍ରୀଡ଼ା ସଂଗଠକ/ଅନୁଷ୍ଠାନମାନଙ୍କୁ ଏହି ସମ୍ମାନ ପ୍ରଦାନ କରିବାର ମଧ୍ୟ ବ୍ୟବସ୍ଥା ରହିଲା।

ପରିତାପର ବିଷୟ ଯେ ଚଳିତ ବର୍ଷ କ୍ରୀଡ଼ା ବିଭାଗ ୩ଟି ବିଭାଗ ଯଥା କ୍ରୀଡ଼ା କ୍ଷେତ୍ରକୁ ଜୀବନ ବ୍ୟାପି ସେବା, ଶ୍ରେଷ୍ଠ ପ୍ରଶିକ୍ଷକ ଏବଂ ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ପାଇଁ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ବିଡ଼ମ୍ବନା ଯେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଦେଶର ଅଘୋଷିତ କ୍ରୀଡା ରାଜଧାନୀର ପରିଚୟ ପାଇଥିବା ରାଜ୍ୟ ୩ଟି ପ୍ରମୁଖ ବିଭାଗରେ ଯୋଗ୍ୟ କ୍ରୀଡ଼ାବିତ/ଖବରଦାତା/ପ୍ରଶିକ୍ଷକଙ୍କୁ ଏହି ସମ୍ମାନ ପାଇବାରୁ ବଞ୍ଚିତ କରି ପରୋକ୍ଷରେ ଜଣାଇଦେଇଛନ୍ତି ଯେ ରାଜ୍ୟରେ ଦକ୍ଷ କ୍ରୀଡ଼ାବିତ/ପ୍ରଶିକ୍ଷକ/ ଖବରଦାତାଙ୍କର ଘୋର ଅଭାବ ରହିଛି । ରାଜ୍ୟର କ୍ରୀଡ଼ାପ୍ରେମୀ ମାନଙ୍କ ପାଇଁ ଏହା ନିଶ୍ଚିତ ଭାବେ କ୍ଷୋଭର ବିଷୟ।

ଶେଷରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇପାରେ। ବିଗତ କିଛି ବର୍ଷ ଧରି ଦେଶର ଅସଂଖ୍ୟ କ୍ରୀଡ଼ାପ୍ରେମୀ ଜନସାଧାରଣ କ୍ରୀଡ଼ାବିତ ରାଜନେତା, ସାଂସଦ ଲଗାତର ଭାବେ ଧ୍ୟାନଚାନ୍ଦଙ୍କୁ ମରଣୋତ୍ତର 'ଭାରତରତ୍ନ' ସମ୍ମାନରେ ସମ୍ମାନିତ କରିବାକୁ ଦାବି କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏହି ଦାବିକୁ ଉପେକ୍ଷା କରିଚାଲିଛନ୍ତି। କିମ୍ବଦନ୍ତୀ ସଙ୍ଗୀତଜ୍ଞ ଭୂପେନ ହଜାରିକାଙ୍କୁ ମରଣୋତ୍ତର "ଭାରତ ରତ୍ନ" ପ୍ରଦାନ କରିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ, କିନ୍ତୁ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କୁ ଅଣଦେଖା କାହିଁକି ?

Dollar 71.77 (29)
Sensex 189.43 37,451.84
Nifty 59.25 11,046.10
Gold ₹300 39,970.00
Silver ₹2110 48,850.00


"ଦେଶର ଇନ୍ଧନ ଚାହିଦା ପୂରଣ ପାଇଁ ଇଣ୍ଡିଆନ ଅଏଲ କର୍ପୋରେଶନ ଆଗାମୀ ୫ରୁ ୭ ବର୍ଷ ଭିତରେ ୨ ଲକ୍ଷ କୋଟି ଟଙ୍କା ନିବେଶ କରିବା।"
–ସଞ୍ଜୀବ ସିଂ, ଇଣ୍ଡିଆନ ଅଏଲ କର୍ପୋରେଶନ ଅଧ୍ୟକ୍ଷ


"ସିଙ୍ଗଲ ବ୍ରାଣ୍ଡ ରିଟେଲରେ ଟ୍ରେଡ୍‌ରେ ଏଫ୍‌ଡିଆଇ ନିୟମ କୋହଳ ଯୋଗୁ ଘରୋଇ ମୋବାଇଲ ହ୍ୟାଣ୍ଡସେଟ୍ ରିଟେଲିଂ ବିଶ୍ୱସ୍ତରୀୟ ହୋଇପାରିବ।"
– ପଙ୍କଜ ମହିନ୍ଦ୍ରୁ, ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏଶନ ଅଧ୍ୟକ୍ଷ

## ସଂକ୍ଷେପରେ

### ୪୮ ହଜାର ଟପିଲା ରୁପା ଦର

ନୂଆଦିଲ୍ଲୀ,୨୮-୮: ବୁଧବାର ସୁନା ଓ ରୁପା ଦର ଉର୍ଦ୍ଧ୍ୱମୁଖୀ ହୋଇଛି। ସୁନା ଦର ପ୍ରତି ୧୦ ଗ୍ରାମ ୪୦ହଜାର ଟଙ୍କା ନିକଟତର ହୋଇଥିବା ବେଳେ ରୁପା ଦର କେଜି ୪୮ ହଜାର ଟଙ୍କା ଟପିଯାଇଛି। ସୁନା ଦର ପ୍ରତି ୧୦ ଗ୍ରାମ ୩୦୦ ଟଙ୍କା ବଢ଼ି ୩୯,୯୭୦ ଟଙ୍କାରେ ପହଞ୍ଚି ଯିବା ସହ ଏକ ନୂଆ ରେକର୍ଡ କରିଥିବା ବେଳେ ରୁପା ଦର ମଧ୍ୟ ଏକ କେଜି ୨୧୧୦ ଟଙ୍କା ବଢ଼ି ୪୮,୮୫୦ ଟଙ୍କାରେ ପହଞ୍ଚିଯାଇଛି। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନର ରିପୋର୍ଟ ଅନୁଯାୟୀ, ୯୯.୯ ପ୍ରତିଶତ ଅର୍ଥାତ ୨୪ କ୍ୟାରେଟ ସୁନା ଦର ଦିଲ୍ଲୀରେ ୩୦୦ ଟଙ୍କା ବଢ଼ି ୩୯,୯୭୦ ଓ ୨୨ କ୍ୟାରେଟ ବା ୯୯.୫% ଦର ୩୯,୮୦୦ ଟଙ୍କା ରହିଛି। ବିଶ୍ୱ ବଜାରରେ ସୁନା ଦର ପ୍ରତି ଆଉନ୍ସ ୧୫୪୩ ଡଲାର ରହିଥିବା ବେଳେ ରୁପା ଦର ବୃଦ୍ଧି ପାଇ ୧୮.୩୮ ଡଲାର ପ୍ରତି ଆଉନ୍ସ ରହିଛି। ସେହିପରି ରୁପା ଦର ୪୮,୮୫୦ ଟଙ୍କା ରହିଥିବା ବେଳେ ସାପ୍ତାହିକ ଡେଲିଭରି ଦର ୧୨୮୯ ଟଙ୍କା ବୃଦ୍ଧି ପାଇ ୪୬,୪୧୬ ଟଙ୍କା ପ୍ରତି କେଜି ରହିଛି। ରୁପା ମୁଦ୍ରା ଦର ୨୦୦୦ ଟଙ୍କା ବୃଦ୍ଧି ପାଇବା ଯୋଗୁ ଏହାର ମୂଲ୍ୟ ୯୮ହଜାର ଟଙ୍କା ପ୍ରତି ୧୦୦ ରହିଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ପାର୍ବଣ ଋତୁ ଦୃଷ୍ଟିରେ ରଖି ବ୍ୟବସାୟୀ ଓ ଜୁଏଲେରି ନିର୍ମାତାଙ୍କ ପକ୍ଷରୁ ଖରିଦ୍ କରାଯାଉଥିବାରୁ ଉଭୟ ସୁନା ଓ ରୁପା ଦର ହୁହୁଁ ହୋଇ ବଢ଼ୁଛି।

### ଏଟିଏମ୍ ଲାଗି କାନାରା ବ୍ୟାଙ୍କର ଅଭିନବ ଓଟିପି ସୁରକ୍ଷା

ଭୁବନେଶ୍ୱର, ୨୮-୮
ଏଟିଏମ୍ ବ୍ୟବହାରକୁ ସୁରକ୍ଷିତ କରିବା ଲାଗି କାନାରା ବ୍ୟାଙ୍କ ପକ୍ଷରୁ ଅଭିନବ ୱାନ୍ ଟାଇମ ପାସ୍‌ୱାର୍ଡ(ଓଟିପି) ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଣିକି ଏଟିଏମରୁ ଟଙ୍କା ଉଠାଇବାକୁ ଯିବା ବେଳେ ମୋବାଇଲ ସାଥିରେ ନେଇ ଯିବାକୁ ପଡ଼ିବ। କାରଣ ଗ୍ରାହକ ଟଙ୍କା ଉଠାଣ ଲାଗି ମୋବାଇଲକୁ ଓଟିପି ଆସିବ। ଏଟିଏମରୁ ୧୦ ହଜାର ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ଉଠାଣ କରୁଥିଲେ ପଞ୍ଜୀକୃତ ମୋବାଇଲ ନମ୍ବରରେ ଗ୍ରାହକ ଓଟିପି ଲାଭ କରିପାରିବେ। ଓଟିପିକୁ ଏଟିଏମ୍‌ରେ ଏଣ୍ଟ୍ରି କରିବା ପରେ ଟଙ୍କା ଉଠାଇବାକୁ ଗ୍ରାହକ ସକ୍ଷମ ହୋଇପାରିବେ। କାନାରା ବ୍ୟାଙ୍କ ପ୍ରଥମ କରି ଏଭଳି ବ୍ୟବସ୍ଥା ଗ୍ରହଣ କରିଥିବା ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

### ଆର୍‌ବିଆଇ ଏପ୍ରିଲ-ମାର୍ଚ୍ଚ ଆର୍ଥିକ ବର୍ଷ ଆପଣାଉ: ଜଲାନ୍ କମିଟି

ମୁମ୍ବାଇ,୨୮-୮: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିଜର ଆର୍ଥିକ ବର୍ଷରେ ପରିବର୍ତ୍ତନ ଆଣି ଏପ୍ରିଲରୁ ମାର୍ଚ୍ଚ ବ୍ୟବସ୍ଥା ଆପଣାଉ ବୋଲି ବିମଳ ଜଲାନ କମିଟି ରିପୋର୍ଟରେ ସୁପାରିସ କରାଯାଇଛି। ଏହାଦ୍ୱାରା କେନ୍ଦ୍ର ସରକାରଙ୍କୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଆଉ ଅନ୍ତରୀଣ ଲାଭାଂଶ ଦେବାକୁ ପଡିବ ନାହିଁ ବୋଲି ରିପୋର୍ଟରେ କୁହାଯାଇଛି। ଏଥିସହ ରିଜର୍ଭ ବ୍ୟାଙ୍କର ଆର୍ଥିକ ପୁଞ୍ଜି ବ୍ୟବସ୍ଥାକୁ ପ୍ରତି ୫ ବର୍ଷରେ ଥରେ ସମୀକ୍ଷା କରାଯିବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ରିଜର୍ଭ ବ୍ୟାଙ୍କ ଇତିମଧ୍ୟରେ ସରକାରଙ୍କୁ ୫୨,୬୩୭ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ପ୍ରଦାନ କରିସାରିଛି। ଏହାବ୍ୟତୀତ ୧,୨୩,୪୧୪ କୋଟି ଟଙ୍କାର ଲାଭାଂଶ ଓ ଅତିରିକ୍ତ ପୁଞ୍ଜିକୁ ସରକାରଙ୍କୁ ଦିଆଯିବ। ଏଥିନେଇ ଆର୍‌ବିଆଇ ବୋର୍ଡ ସୁପାରିସକୁ ଅନୁମୋଦନ କରିସାରିଛି। ରିପୋର୍ଟରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର କାର୍ଯ୍ୟଶୈଳୀ ଓ ଆର୍ଥିକ କ୍ଷେତ୍ରରେ ବିପଦ ଦେଖାଦେଲେ ଆର୍ଥିକ ପୁଞ୍ଜି ନିୟମର ସମୀକ୍ଷା ମଝିରେ ଯେ କୌଣସି ସମୟରେ କରିହେବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅତିରିକ୍ତ ପୁଞ୍ଜି ପ୍ରଦାନ ନେଇ ନୀତି ପ୍ରଣୟନ କରିବାକୁ କୁହାଯାଇଛି।

### ଆଇସିଆଇସିଆଇ ବ୍ୟାଙ୍କରେ ରୋବୋ ଗଣିବ ଟଙ୍କା

ନୂଆଦିଲ୍ଲୀ,୨୮-୮: ଘରୋଇ କ୍ଷେତ୍ରର ଅଗ୍ରଣୀ ବ୍ୟାଙ୍କ କୁହାଯାଉଥିବା ଆଇସିଆଇସିଆଇ ବ୍ୟାଙ୍କରେ ଟଙ୍କା ଗଣିବା ପାଇଁ ରୋବୋ ବ୍ୟବହାର କରାଯିବ। ରୋବୋ ବ୍ୟବହାର କରିବାରେ ଏହା ଦେଶର ପ୍ରଥମ ବ୍ୟାଙ୍କ ହେବାକୁ ଯାଉଛି। ସାରା ଦେଶରେ ଥିବା ବ୍ୟାଙ୍କର କରେନ୍ସି ଚେଷ୍ଟରେ ଟଙ୍କା ଗଣିବା ଲାଗି ଔଦ୍ୟୋଗିକ 'ରୋବୋ ଆର୍ମ୍ସ' ସ୍ଥାପନ କରାଯିବ। ବ୍ୟାଙ୍କର ଅପରେଶନ୍ସ ଓ କଷ୍ଟମର ସର୍ଭିସ ମୁଖ୍ୟ ଅନୁଭୂତି ସଂଘାଇ କହିଛନ୍ତି ଯେ, ରୋବୋ ଆର୍ମ୍ସକୁ ବର୍ତ୍ତମାନ ମୁମ୍ବାଇ ଓ ସାଙ୍ଗଲି(ମହାରାଷ୍ଟ୍ର), ନୂଆଦିଲ୍ଲୀ, ବେଙ୍ଗାଲୁରୁ ଓ ମାଙ୍ଗାଲୁରୁ(କର୍ନାଟକ), ଜୟପୁର, ହାଇଦ୍ରାବାଦ, ଚଣ୍ଡିଗଡ଼, ଭୋପାଳ, ରାୟପୁର, ସିଲିଗୁଡି ଓ ବାରାଣସୀରେ ସ୍ଥାପନ କରାଯାଇଛି।

# ଏଫ୍‌ଡିଆଇ ନୀତି କୋହଳ, ଆଖୁଚାଷୀଙ୍କୁ ସହାୟତା

ନୂଆଦିଲ୍ଲୀ,୨୮-୮



**କ୍ୟାବିନେଟ ନିଷ୍ପତ୍ତି**
- କୋଇଲା, କଣ୍ଟ୍ରାକ୍ଟ ମାନୁଫାକ୍ଚରିଂରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ନିବେଶ
- ଆଖୁଚାଷୀଙ୍କୁ ମିଳିବ ୬୨୬୮ କୋଟି ସବ୍‌ସିଡି
- ଡିଜିଟାଲ ମିଡିଆରେ ୨୬% ଏଫ୍‌ଡିଆଇକୁ ଅନୁମୋଦନ

ଦେଶରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ବୃଦ୍ଧି ପାଇଁ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବୁଧବାର ଏଫ୍‌ଡିଆଇ ନୀତିରେ ପରିବର୍ତ୍ତନ ଆଣିଛନ୍ତି। ସିଙ୍ଗଲ ବ୍ରାଣ୍ଡ ରିଟେଲ କ୍ଷେତ୍ରରେ ଏଫ୍‌ଡିଆଇ ନିୟମ କୋହଳ କରାଯାଇଛି। ସେହିପରି କୋଇଲା ଖଣି ଓ କଣ୍ଟ୍ରାକ୍ଟ ମାନୁଫାକ୍ଚରିଂ କ୍ଷେତ୍ରରେ ଅଟୋମେଟିକ ରୁଟ୍‌ରେ ୧୦୦ ପ୍ରତିଶତ ଏଫ୍‌ଡିଆଇକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଆଖୁ ଚାଷୀଙ୍କ ବକେୟା ସମସ୍ୟାର ସମାଧାନ କରିବାକୁ ଯାଇ ସରକାର କେତେକ ପଦକ୍ଷେପ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏଠାରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆର୍ଥିକ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଶେଷରେ ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ପୀୟୂଷ ଗୋୟଲ ଏଠାରେ ଆୟୋଜିତ ଖବରଦାତା ବୈଠକରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସିଙ୍ଗଲ ବ୍ରାଣ୍ଡ ରିଟେଲ କ୍ଷେତ୍ରରେ ଅନିବାର୍ଯ୍ୟ ୩୦ ପ୍ରତିଶତ ଡୋମେଷ୍ଟିକ ସୋର୍ସିଂ ନିୟମକୁ ପ୍ରତ୍ୟାହାର କରାଯାଇଛି। ଏଣିକି ଅଫ୍‌ଲାଇନ ଷ୍ଟୋର୍ ନ ଖୋଲି ମଧ୍ୟ ସିଙ୍ଗଲ ବ୍ରାଣ୍ଡ ରିଟେଲର ସିଧାସଳଖ ଅନ୍‌ଲାଇନରେ ଷ୍ଟୋର୍ ଖୋଲିପାରିବେ। ପୂର୍ବରୁ ଅନ୍‌ଲାଇନ ଷ୍ଟୋର୍ ଖୋଲିବାକୁ ଚାହିଁଲେ ଅଫ୍‌ଲାଇନ ଷ୍ଟୋର୍ ଖୋଲିବା ବାଧ୍ୟତାମୂଳକ ଥିଲା। କ୍ୟାବିନେଟ କମିଟି ବୁଧବାର ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର ନେଇଛନ୍ତି। ଗୋୟଲ କହିଛନ୍ତି ଯେ, ଏଫ୍‌ଡିଆଇ ନିୟମ କୋହଳ କରିବାକୁ ଯାଇ ଏନ୍‌ଡିଏ ସରକାର ପୂର୍ବରୁ ଅନେକ ପଦକ୍ଷେପ ନେଇଛନ୍ତି। ସେହି କାରଣରୁ ୨୦୧୪ରୁ ୨୦୧୯ ମଧ୍ୟରେ ଦେଶକୁ ୨୮୬ ବିଲିୟନ ଡଲାର ରେକର୍ଡ ଏଫ୍‌ଡିଆଇ ଆସିଛି। ପୂର୍ବବର୍ତ୍ତୀ ୫ ବର୍ଷରେ ଉପା ସରକାର ସମୟରେ ଏହା ୧୮୯ ବିଲିୟନ ଡଲାର ଥିଲା। ୨୦୧୮-୧୯ର ଅନ୍ତରୀଣ ତଥ୍ୟ ଅନୁଯାୟୀ, ଦେଶକୁ ୬୪ ବିଲିୟନ ଡଲାର ଏଫ୍‌ଡିଆଇ ଆସିଥିଲା। ଆଗାମୀ ଦିନରେ ଏଫ୍‌ଡିଆଇ ନିୟମକୁ ଆହୁରି କୋହଳ କରାଯିବ ବୋଲି ସେ କହିଛନ୍ତି। ଡୋମେଷ୍ଟିକ ମାନୁଫାକ୍ଚରିଂକୁ ପ୍ରୋତ୍ସାହିତ କରିବା ଲାଗି କଣ୍ଟ୍ରାକ୍ଟ ମାନୁଫାକ୍ଚରିଂରେ ଅଟୋମେଟିକ ରୁଟ୍‌ରେ ୧୦୦ ପ୍ରତିଶତ ଏଫ୍‌ଡିଆଇ ହୋଇପାରିବ। ସେହିପରି ଡିଜିଟାଲ ମିଡିଆରେ ୨୬% ଏଫ୍‌ଡିଆଇକୁ ଅନୁମୋଦନ କରାଯାଇଛି। ପୂର୍ବରୁ ପ୍ରିଣ୍ଟ ମିଡିଆରେ ଏଫ୍‌ଡିଆଇକୁ ଅନୁମୋଦନ କରାଯାଇଥିଲା ଗୋୟଲ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆଖୁଚାଷୀଙ୍କ ଲାଗି ବଡ଼ ନିଷ୍ପତ୍ତି ନିଆଯାଇଛି। ସରକାର ୬୦ ଲକ୍ଷ ଟନ ଚିନି ରପ୍ତାନି କରିବା ଲାଗି ଅନୁମତି ଦେବା ସହ ସବ୍‌ସିଡି ବାବଦରେ ୬୨୬୮ କୋଟି ଟଙ୍କା ଦିଆଯିବ ବୋଲି ଘୋଷଣା କରିଛନ୍ତି। ସେହିପରି ଚାଷୀଙ୍କୁ ମିଳିବାକୁ ଥିବା ସବ୍‌ସିଡି ଅର୍ଥ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯିବ ବୋଲି ଗୋୟଲ କହିଛନ୍ତି। ବୈଠକରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, କ୍ୟାବିନେଟ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଚିନି ମିଲ୍‌ଗୁଡ଼ିକୁ ପ୍ରତି ମେଟ୍ରିକ ଟନ ରପ୍ତାନି ଲାଗି ୧୦,୪୪୮ ଟଙ୍କା ସବ୍‌ସିଡି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଚିନି ରପ୍ତାନି ସବ୍‌ସିଡି ବାବଦରେ ୬୨୬୮କୋଟି ଟଙ୍କା ଖର୍ଚ୍ଚ ହେବ। କ୍ୟାବିନେଟର ଏହି ନିଷ୍ପତ୍ତି ଯୋଗୁ ବଜାରରେ ଚିନିର ଦାମ ସ୍ଥିର ରହିବ ଏବଂ ଚାଷୀଙ୍କୁ କ୍ଷତି ସହିବାକୁ ପଡିବ ନାହିଁ। ସୂଚନାଥାଉ କି, ଏଥିପୂର୍ବରୁ ଜୁଲାଇରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୪୦ ଲକ୍ଷ ଟନ ଚିନି ବଫର ଷ୍ଟକ୍ ରଖିବାକୁ ଅନୁମୋଦନ କରାଯାଇଥିଲା। ଏହାର ଅର୍ଥ ଚିନି ମିଲ୍‌ଗୁଡ଼ିକ ସରକାରଙ୍କ ପାଇଁ ଏହି ପରିମାଣ ଚିନି ମହଜୁଦ୍ ରଖିବେ। ଏଥିପାଇଁ ଦେୟ ବାବଦରେ ସରକାର ସେମାନଙ୍କୁ ୧୭୦୦ କୋଟି ଟଙ୍କା ସବ୍‌ସିଡି ଦେବେ। ତେବେ ଆସନ୍ତା ସିଜନ ଲାଗି ଆଖୁ ଦରକୁ ଅପରିବର୍ତ୍ତିତ ରଖାଯାଇଛି।

# ରେନୋ ଆଣିଲା ନୂଆ ଟ୍ରାଇବର




ଭୁବନେଶ୍ୱର, ୨୮-୮

- ମୂଲ୍ୟ ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ
- ୧.୦ ପେଟ୍ରୋଲ ଇଞ୍ଜିନରେ ଉପଲବ୍ଧ

ରେନୋ ଇଣ୍ଡିଆ ପକ୍ଷରୁ ବଜାରକୁ ନୂଆ ଟ୍ରାଇବର ମଡେଲ ପ୍ରବେଶ କରିଛି। ଯାନଟିର ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଏଥିରେ ଗ୍ରାହକ ଅନେକ ଆକର୍ଷଣୀୟ ଫିଚର ଲାଭ କରିପାରିବେ। କମ୍ପାନୀ ଏହାକୁ ସୁପର ସ୍ପେଶିୟସ ଏବଂ ଅଲ୍ଟ୍ରା ମଡ୍ୟୁଲାର ଗେମ୍ ଚେଞ୍ଜର ଭାବେ ପରିକଳ୍ପନା କରିଛି। ଯାନଟିରେ ମନଲୋଭା ଡିଜାଇନ ରହିଥିବା ବେଳେ ପର୍ଯ୍ୟାପ୍ତ ରୁମ୍, ମଡ୍ୟୁଲାର ଭିତିକ ୪ ମିଟର ମଧ୍ୟରେ ୭ ଜଣ ବସିବାର ସୁବିଧା କରାଯାଇଛି। ଏହା ୪ଟି ଟ୍ରିମରେ ଉପଲବ୍ଧ, ଯେଉଁଥିରେ ରହିଛି ୨୦ ପ୍ରମୁଖ ବୈଶିଷ୍ଟ୍ୟ। ଏହାବାଦ ୧୦ରୁ ଅଧିକ ସିଟ କନ୍‌ଫିଗରେଶନ ଗ୍ରାହକ ଲାଭ କରିପାରିବେ। ସେହିଭଳି ଇଜି ଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଦ୍ୱୈତ ଏସି ଭେଣ୍ଟ, ୧୮୨ ମିଲିମିଟରର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଏଥିରେ ରହିଛି। ଯାନଟି ୧ ଲିଟର ପେଟ୍ରୋଲ ଇଞ୍ଜିନ ସହ ଆସୁଛି ଯାହା ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରିବ। ଗ୍ରାହକ କମ୍ ମୂଲ୍ୟରେ ରକ୍ଷଣାବେକ୍ଷଣ ପ୍ୟାକେଜ ଏବଂ କ୍ଲାସ ଲିଡିଂ ସମ୍ପ୍ରସାରିତ ପ୍ୟାକେଜ ଲାଭ କରିପାରିବେ। ଭାରତର ସମ୍ପ୍ରସାରଣ କ୍ଷେତ୍ରରେ ନୂଆ ଯାନଟି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ରେନୋ ଇଣ୍ଡିଆ ଅପରେଶନ୍ସର ଏମ୍‌ଡି ଭେଙ୍କଟରାମ ମାମିଲାପାଲେ କହିଛନ୍ତି।

# ରେଡ୍‌ଟିପ୍ ଖୋଲିଲା ନୂଆ ବ୍ରାଣ୍ଡ ଷ୍ଟୋର

ନୂଆଦିଲ୍ଲୀ, ୨୮-୮



ଲେୟାନ ଗ୍ଲୋବାଲ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ରେଡ୍‌ଟିପ୍ ପକ୍ଷରୁ ଗୁରୁଗ୍ରାମ ସେକ୍ଟର-୧୪ଠାରେ ନୂଆ ବ୍ରାଣ୍ଡ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହି ଅବସରରେ ନୂଆ ଶରତ ଶୀତ କଲେକ୍ସନ ବଜାରକୁ ଆସିଛି। ରେଡଟିପ୍ ବର୍ତ୍ତମାନ ସାରା ଦେଶରେ ୧୬୦ରୁ ଉର୍ଦ୍ଧ୍ୱ କମ୍ପାନୀ ଅଧିକୃତ ଷ୍ଟୋରରେ ସେବା ଯୋଗାଇ ଦେଉଛି। ଦେଶର ୨୪ ରାଜ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱ ମଲ୍ଟି ବ୍ରାଣ୍ଡ ଷ୍ଟୋରରେ କମ୍ପାନୀର ପ୍ରଡକ୍ଟ ଉପଲବ୍ଧ ହେଉଛି। ଏହାବାଦ ଅନଲାଇନ ପ୍ଲାଟଫର୍ମରେ ଏହା ନିଜର ଉପସ୍ଥିତି ଦୃଢ଼ କରିବାକୁ ପଦକ୍ଷେପ ନେଉଛି। ବିଭିନ୍ନ ବର୍ଗ ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କମ୍ପାନୀର ଏମ୍‌ଡି ମନୋଜ ଜ୍ଞାନଚନ୍ଦାନୀ କହିଛନ୍ତି। ଏହାବାଦ ଗ୍ରାହକଙ୍କ ଲାଗି ଫ୍ୟୁରୋ ରେଞ୍ଜର ସ୍ପୋର୍ଟସ ସୁ ଉପଲବ୍ଧ ରହିଛି। କମ୍ପାନୀ ଏହାର ନେଟୱର୍କରେ ଚଳିତବର୍ଷ ଆଉ ୩୦ ଷ୍ଟୋର ଯୋଡିବାକୁ ଲକ୍ଷ୍ୟ ରଖିଛି।

### ଏୟାର ଇଣ୍ଡିଆରେ ଚାକିରି ଲାଗି ଜାଲ୍ ବିଜ୍ଞାପନ

ନୂଆଦିଲ୍ଲୀ,୨୮-୮
ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରେ ଚାକିରି ଲାଗି ଏକ ଜାଲ୍ ବିଜ୍ଞାପନ ପ୍ରକାଶ ପାଇବା ନେଇ ହଇଚଇ ସୃଷ୍ଟି ହୋଇଛି। କମ୍ପାନୀରେ ମୋଟ ୧୨୦ ପଦ ଖାଲି ରହିଛି ଏବଂ ଆବେଦନକାରୀଙ୍କୁ ଚାକିରି ପାଇବା ଲାଗି ଆବେଦନ ପତ୍ର ସହ ୯୮୦୦ ଟଙ୍କା ଓ ଜିଏସ୍‌ଟି ଜମା କରିବାକୁ ବିଜ୍ଞାପନରେ କୁହାଯାଇଛି। ଏ ସମ୍ପର୍କରେ ପ୍ରକାଶ କରି ଏୟାର ଇଣ୍ଡିଆର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜାଲ୍ ବିଜ୍ଞାପନ ପ୍ରକାଶ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କମ୍ପାନୀ ପକ୍ଷରୁ ଏତଲା ଦାଖଲ କରାଯିବ।

# ସେଣ୍ଟ୍ରାଲରେ ରିସାଇକେଲ ଫ୍ୟାଶନ୍‌ୱିକ

ଭୁବନେଶ୍ୱର, ୨୮-୮

**ଗୁଞ୍ଜ ସହ ସହଭାଗିତାରେ ଅଭାବୀଙ୍କୁ ପୋଷାକ ଯୋଗାଣ ଲକ୍ଷ୍ୟ**

ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ରିସାଇକେଲ ଫ୍ୟାଶନ୍‌ୱିକ ଶୁଭାରମ୍ଭ ଘୋଷଣା କରାଯାଇଛି। ପୋଷାକ ନ ଥିବା ଲୋକମାନଙ୍କୁ ପୋଷାକ ଯୋଗାଣ ଲାଗି ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ସାମାଜିକ ଅନୁଷ୍ଠାନ ଗୁଞ୍ଜ ସହ ସହଭାଗିତା ହୋଇଛି। ଏହିବୁଝାମଣା ଦ୍ୱାରା ଲୋକମାନେ ନିକଟସ୍ଥ ସେଣ୍ଟ୍ରାଲ ଷ୍ଟୋରକୁ ଯାଇ ପୋଷାକ ଦାନ କରିବେ। ପୋଷାକ ଆବଶ୍ୟକ କରୁଥିବା ଅଭାବୀ ଲୋକଙ୍କୁ ଏହି ପୋଷାକଗୁଡିକ ଗୁଞ୍ଜ ପ୍ରଦାନ କରିବ। ପୋଷାକଗୁଡିକ ଭଲ ସ୍ଥିତିରେ ଥିବା ଆବଶ୍ୟକ। ପୁରୁଣା ହେଲେ ମଧ୍ୟ ଏହାକୁ ଭଲ ଭାବେ ରିସାଇକେଲ କରି ଲୋକମାନଙ୍କୁ ବ୍ୟବହାର ଦିଗରେ ଗୁଞ୍ଜ କାର୍ଯ୍ୟ କରୁଛି। ଏହି ସମୟରେ ପୋଷାକ ଦାନ କରୁଥିବା ଲୋକଙ୍କୁ ଷ୍ଟୋର ପକ୍ଷରୁ ୨୫୦ ଟଙ୍କାର ଭାଉଚର ପ୍ରଦାନ କରାଯିବ। ବନ୍ୟା ପ୍ରଭାବିତ ତଥା ଆବଶ୍ୟକ କରୁଥିବା ଲୋକଙ୍କ ପୋଷାକ ଯୋଗାଣ ଦିଗରେ ଗୁଞ୍ଜ ଦେଶର ଅନେକ ରାଜ୍ୟରେ କାମ କରୁଛି। ଏଭଳି ପଦକ୍ଷେପ ଦ୍ୱାରା ପରିବର୍ତ୍ତନରେ ଲୋକମାନେ ନିଜକୁ ସାମିଲ କରିପାରିବେ ବୋଲି ସେଣ୍ଟ୍ରାଲ ସିଇଓ ବିଷ୍ଣୁ ପ୍ରସାଦ କହିଛନ୍ତି।

## ଅର୍ଥର ଅର୍ଥ

# ଆର୍ଥିକ ଯୋଜନାକାରୀଙ୍କ ଭୂମିକା ବୁଝିବାକୁ ହେବ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶ଏକ ଆଇଟି କମ୍ପାନୀରେ କାମ କରୁଛି। ମୋ ବୟସ ୨୯ ବର୍ଷ ଓ ବିବାହିତ। ଜଣେ ଆର୍ଥିକ ଯୋଜନାକାରୀଙ୍କର ଆବଶ୍ୟକତା ଅଛି। ଭାବୁଛି ସବୁ କିଛି ମୁଁ କରିପାରିବି। ସମସ୍ତ ତଥ୍ୟ ମୁଁ ସଂଗ୍ରହ କରିପାରିବି। ଏ କ୍ଷେତ୍ରରେ ଜଣେ ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ନେବା ଉଚିତ ହେବ କି?**

**–ସୁଜାତା ମିଶ୍ର, ଭୁବନେଶ୍ୱର**

◆ ବେଳେବେଳେ ପୁଞ୍ଜି ବଜାରରେ ଅସ୍ଥିରତା ପରିସ୍ଥିତି ସତେ ଯେମିତି ଏକ ଜଟିଳ ଗଣିତ ପ୍ରଶ୍ନ ଭଳି ବା ସମସ୍ୟା ଭଳି ଲାଗିଥାଏ। ସତେ ଯେମିତି ଏକ ଫାନ୍ଦରେ ପଡିଯିବା ଭଳି କିମ୍ବା ଏହା ବୁଝିବା ପାଇଁ ବହୁ କଷ୍ଟ ଲାଗିଥାଏ। ଏହି ସବୁ କ୍ଷେତ୍ରରେ ନିବେଶ ଓ ଲାଭ ପାଇବା ପାଇଁ ଯେଉଁ ସବୁ ମୁଖ୍ୟ ଆର୍ଥିକ ନିଷ୍ପତ୍ତି ସବୁ ନେବାକୁ ପଡିଥାଏ ତାହା ସିଧାସଳଖ ଭାବରେ ଘରୋଇ ଆର୍ଥିକ ପରିଚାଳନା ଭଳି ହେବ ନାହିଁ। ଏହି କାରଣ ପାଇଁ ପ୍ରାୟତଃ ଅଧିକାଂଶ ବ୍ୟକ୍ତି ଜଣେ ପେସାଦାର ଆର୍ଥିକ ପରିଚାଳକଙ୍କର ସେବା ନେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ସେହିଭଳି ଏକ ପେସାଦାର ସେବା ପାଇଁ ଦୃଷ୍ଟି ରଖି ଏହା ଉପରେ ନିଷ୍ପତ୍ତି ନିଅନ୍ତି।

**ଏଠାରେ କେତୋଟି ପ୍ରଶ୍ନ ନିଜକୁ ପଚାରି ନିଅନ୍ତୁ**

▲କାହିଁକି ଜଣେ ବ୍ୟକ୍ତି ନିଜର ନଗଦ ରାଶି ଓ ନିବେଶ ପୋର୍ଟଫୋଲିଓ ସବୁକୁ ଜଣେ ବାହାରର ଆର୍ଥିକ ଯୋଜନାକାରୀଙ୍କୁ ପରିଚାଳନା ପାଇଁ ଆବଶ୍ୟକ କରନ୍ତି।

▲କିପରି ନିଷ୍ପତ୍ତି ନିଅନ୍ତି ଯେ, ଜଣେ ପେସାଦାର ଆର୍ଥିକ ଯୋଜନାକାରୀ ହିଁ ଏହି କାମ ପାଇଁ ଉପଯୁକ୍ତ ବ୍ୟକ୍ତି।

▲କ'ଣ ଆମେ ପ୍ରକୃତରେ ଆର୍ଥିକ ଯୋଜନାକାରୀଙ୍କ ସେବାର ଆବଶ୍ୟକତା କରିବା ଉଚିତ୍ କି?

ଜଣେ ଆର୍ଥିକ ଯୋଜନାକାରୀ କେବଳ ଯେ ଆର୍ଥିକ ପରାମର୍ଶ ପ୍ରଦାନ କରନ୍ତି, ତାହା ନୁହେଁ କିନ୍ତୁ ସେ ଜଣେ ବ୍ୟକ୍ତିର ଆର୍ଥିକ ଯୋଜନାକୁ ପରିଚାଳନା କରିବା ଦ୍ୱାରା ଆପଣଙ୍କ ସମୟ ସଞ୍ଚୟ କରିବା ସହିତ ଆପଣଙ୍କର ମାନସିକ ଚାପକୁ କମ୍ କରିଥାନ୍ତି। ଆପଣ ଶାନ୍ତିର ସହିତ ନିଜର କାମ କରନ୍ତି। ଆପଣଙ୍କ ଅର୍ଥ ପରିଚାଳନାରେ ଆର୍ଥିକ ଯୋଜନାକାରୀଙ୍କ ଭୂମିକା କ'ଣ ତାକୁ ବୁଝିବାର ଆବଶ୍ୟକତା ରହିଛି।

**ଆର୍ଥିକ ଯୋଜନାକରୀଙ୍କ ସେବା ନେବାର ୫ଟି କାରଣ**

➤ସବୁ ସମୟରେ ଆର୍ଥିକ ଯୋଜନାକାରୀ ଆପଣଙ୍କ ନିବେଶ ପୋର୍ଟଫୋଲିଓ ପରିଚାଳନା କରିବେ।

➤ଆପଣଙ୍କ ନିବେଶ ପୋର୍ଟଫୋଲିଓରେ ସମ୍ପୂର୍ଣ୍ଣ ଭାବରେ ଓ ସୁସଙ୍ଗତ ସମୀକ୍ଷା କରିବେ।

➤ଆପଣଙ୍କ ସମୟ ସଞ୍ଚୟ କରିବା ସହିତ ମାନସିକ ଚାପକୁ କମ୍ କରିପାରିବେ।

➤ଏକ ଅବିରତ ଅଧ୍ୟୟନ କରିବାର ଅଭିଜ୍ଞତା

➤ବିଶେଷିତ ଜ୍ଞାନ ଓ କାର୍ଯ୍ୟ କରିବାର ଦକ୍ଷତା ରହିଥାଏ ଯାହାକି ସାଧାରଣ ବ୍ୟକ୍ତି ସେହି ସମାନ ସ୍ତର ବା ଦକ୍ଷତା ହାସଲ କରିବାକୁ ସମୟ ଲାଗିବ।

ଜଣେ ଆର୍ଥିକ ଯୋଜନାକାରୀଙ୍କର ସେବା ନେବା ଦ୍ୱାରା ଏହା ଆପଣଙ୍କୁ ଆପଣଙ୍କ ଭବିଷ୍ୟତ ନିବେଶ ଉଦ୍ଦେଶ୍ୟସବୁ ବା ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବା କ୍ଷେତ୍ରରେ ଆପଣଙ୍କ ଦାୟିତ୍ୱାଧୀନତା ବଢ଼ାଇ ଦେଇଥାଏ।

**▶ମୋର ସ୍ୱଳ୍ପ ରୋଜଗାର ଏବଂ ଘରେ ୬ ଜଣ ସଦସ୍ୟ। ବାର୍ଦ୍ଧକ୍ୟ ବୟସ ପାଇଁ କିଛି ସଞ୍ଚୟ କରିନାହିଁ। ମୋର ଅଳ୍ପ ସଞ୍ଚୟ କରିବାର କ୍ଷମତାକୁ ଦୃଷ୍ଟିରେ ରଖି ଏକ ସ୍କିମ ବିଷୟରେ ପରାମର୍ଶ ଦେବେ।**

**–ସାରଥି ବେହେରା, ଛତ୍ରପୁର**

◆ ଆପଣ 'ଅଟଳ ପେନ୍‌ସନ ଯୋଜନା' ସ୍କିମରେ ଏବେଠୁ ସଞ୍ଚୟ କରିପାରିବେ। ଏହି ସ୍କିମ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହା ଏକ ଗ୍ୟାରେଣ୍ଟି ପେନ୍‌ସନ ସ୍କିମ। ଆପଣଙ୍କ ମାସିକ ଗ୍ୟାରେଣ୍ଟି ପେନ୍‌ସନ ୧୦୦୦/– ଆରମ୍ଭ କରି ୫୦୦୦/– ଟଙ୍କା ପର୍ଯ୍ୟନ୍ତ ମାସିକ ପେନ୍‌ସନ ପାଇଁ ଏବେ ଠାରୁ ନିବେଶ ଆରମ୍ଭ କରିପାରିବେ। ମାସିକ ୧୦୦୦/–ଟଙ୍କା ଗ୍ୟାରେଣ୍ଟି ପେନସନ ପାଇବା ପାଇଁ ସଙ୍କେତପୂର୍ଣ୍ଣ ମାସିକ ସଞ୍ଚୟ ଓ ପେନ୍‌ସନ ଓ ମୂଳପାଣ୍ଠି। ଆମର ପରାମର୍ଶ ଆପଣ ଏହି ସ୍କିମରେ ସଞ୍ଚୟ ଆରମ୍ଭ କରି ନିଜର ଭବିଷ୍ୟତ ପେନ୍‌ସନ ଗ୍ୟାରେଣ୍ଟି କରନ୍ତୁ। ଏଥିଲାଗି ଉପରେ ଦିଆଯାଇଥିବା ଟେବୁଲକୁ ଦେଖିଲେ ଜାଣି ପାରିବେ।

| ବୟସ | କେତେ ବର୍ଷ ସଞ୍ଚୟ କରିବେ | ମାସିକ ସଞ୍ଚୟ (ଟଙ୍କା) | ମାସିକ ପେନ୍‌ସନ ମିଳିବ ଗ୍ରାହକ ଓ ତାଙ୍କ ସ୍ତ୍ରୀକି ସ୍ୱାମୀଙ୍କୁ(ଟଙ୍କା) | ଗ୍ରାହକଙ୍କ ମନୋନୀତ ବ୍ୟକ୍ତିଙ୍କୁ ପାଣ୍ଠି ମିଳିବ(ଟଙ୍କା) |
|---|---|---|---|---|
| ୧୮ | ୪୨ | ୪୨ | ୧୦୦୦ | ୧.୭ ଲକ୍ଷ |
| ୨୦ | ୪୦ | ୫୦ | ୧୦୦୦ | ୧.୭ ଲକ୍ଷ |
| ୨୫ | ୩୫ | ୭୬ | ୧୦୦୦ | ୧.୭ ଲକ୍ଷ |
| ୩୦ | ୩୦ | ୧୧୬ | ୧୦୦୦ | ୧.୭ ଲକ୍ଷ |
| ୩୫ | ୨୫ | ୧୮୧ | ୧୦୦୦ | ୧.୭ ଲକ୍ଷ |
| ୪୦ | ୨୦ | ୨୯୧ | ୧୦୦୦ | ୧.୭ ଲକ୍ଷ |

**▶ଆର୍ଥିକ ଯୋଜନାକରୀ ଏକ 'ବ୍ୟାପକ ଆର୍ଥିକ ଯୋଜନା' ପ୍ରସ୍ତୁତ କରିବାକୁ କ'ଣ କି ପରାମର୍ଶ ଫି ନିଅନ୍ତି କି?**

**–ସ୍ୱପ୍ନା ରଥ, କଟକ**

◆ହଁ। ପ୍ରାୟତଃ ଅଧିକାଂଶ ଆର୍ଥିକ ଯୋଜନାକାରୀ ଏକ ଫଳପ୍ରଦ ଓ ବାସ୍ତବ 'ବ୍ୟାପକ ଆର୍ଥିକ ଯୋଜନା' (ଯାହାକି ୬୦-୭୦ ପୃଷ୍ଠାର ଏକ ଲିଖିତ ରିପୋର୍ଟ) ପ୍ରସ୍ତୁତ କରିବା ସହିତ ଆପଣଙ୍କ ସହିତ ଆଲୋଚନା ପାଇଁ ସେମାନଙ୍କର ପରାମର୍ଶ ଫି ନିଅନ୍ତି। ଆର୍ଥିକ ଯୋଜନାର ୬ଟି ସୋପାନରେ ଆଲୋଚନା ଓ ରିପୋର୍ଟ ପ୍ରସ୍ତୁତି ପାଇଁ ପାଖାପାଖି ୨୫-୩୦ ଘଣ୍ଟା ସମୟ ଲାଗିଥାଏ।

ଆମର ପରାମର୍ଶ ଯଦି ଆପଣ 'ବ୍ୟାପକ ଆର୍ଥିକ ଯୋଜନା' ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି ତେବେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ ପ୍ଲାନରଙ୍କୁ ସାକ୍ଷାତ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ସ୍ୱାଗତଯୋଗ୍ୟ

ଓଡ଼ିଶାରେ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ପଥ ପରିଷ୍କାର ହୋଇଛି। ଏହା ୨୦୨୦ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବ। କଳିଙ୍ଗ ଷ୍ଟାଡିୟମର ପ୍ରସ୍ତୁତିରେ ଫିଫା ପକ୍ଷରୁ ସନ୍ତୋଷ ପ୍ରକଟ କରାଯାଇଛି। ଫିଫା ଷ୍ଟାଣ୍ଡାର୍ଡର ହେବାପାଇଁ ଯାହାକିଛି କାମ ବାକି ରହିଛି ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଓଡ଼ିଶାରେ ଫିଫାର ଏପରି ଏକ ଟୁର୍ନାମେଣ୍ଟ ଆୟୋଜନକୁ ଓଡ଼ିଶାର ଫୁଟବଲ ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ କେବଳ ଭିତ୍ତିଭୂମି ନିର୍ମାଣ ଏବଂ ବଡ଼ ଟୁର୍ନାମେଣ୍ଟ କଲେ ହେବନି, ରାଜ୍ୟରେ ଯେପରି କ୍ରୀଡ଼ାର ବିକାଶ ହୋଇପାରିବ ଏବଂ ଅଧିକରୁ ଅଧିକ ଖେଳାଳି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିପାରିବେ ତା' ଉପରେ ଧ୍ୟାନଦେବାର ସମୟ ଆସିଛି ବୋଲି ଅନେକେ ମତ ଦେଇଛନ୍ତି।




## ଖୁସିକୁ ଭାଷାରେ ପ୍ରକାଶ କରି ହେଉନି



୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଓଡ଼ିଶାକୁ ଆସୁଛି, ଏହି ଖବରରେ ମୁଁ ଏତେ ଖୁସି ଯେ ତାହାକୁ ଭାଷାରେ ପ୍ରକାଶ କରିହେଉନି। ଆମେ ଯେତେବେଳେ ଫୁଟବଲ ଆରମ୍ଭ କରିଥିଲୁ ସେତେବେଳେ କିଛି ନ ଥିଲା। ଅନେକ ସଂଘର୍ଷ ମଧ୍ୟରେ ଆମେ ଫୁଟବଲକୁ ଆସିଥିଲୁ, ଏବେ କିନ୍ତୁ ତା'ର ସୁଫଳ ମିଳୁଛି। ସେତେବେଳେ କେହି କେବେ ଭାବି ନ ଥିଲେ ଏମିତି ଗୋଟେ ଦିନ ଆସିବ ଏବଂ ଓଡ଼ିଶାରେ ଫିଫାର ଏକ ବିଶ୍ୱକପ ଆୟୋଜନ ହେବ। ଓଡ଼ିଶା ସରକାରଙ୍କ ଉଦ୍ୟମରେ ରାଜ୍ୟରେ ଏବେ ବହୁ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାରେ ଲାଗିଛି। ଓଡ଼ିଶା ଫୁଟବଲ ଉପରେ ଏହାର ବହୁତ ପ୍ରଭାବ ରହିବ। ପୂର୍ବରୁ ଟିଭିରେ ଏହାକୁ ଦେଖୁଥିଲୁ। ଏବେ ସିଧାସଳଖ ଗେମ୍ ଦେଖିବା ସହ ପିଲାମାନଙ୍କର ଅଭ୍ୟାସ, ଷ୍ଟ୍ରାଟେଜି ଆଦିକୁ ଆମେ ନିକଟରୁ ଅନୁଭବ କରି ପାରିବୁ। ଏହା ନିଶ୍ଚିତ ଆମ ରାଜ୍ୟର ପିଲାଙ୍କୁ ଉତ୍ସାହିତ କରିବ। ପିଲାମାନେ ଆହୁରି ଭଲ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟକୁ ଗର୍ବିତ କରିବାକୁ ଚାହିଁବେ।

**-ଗୀତାଞ୍ଜଳି ସାମନ୍ତରାୟ, ଓଡ଼ିଶା ମହିଳା ଫୁଟବଲ ଦଳର ପ୍ରଥମ ଅଧିନାୟିକା**

## ଦକ୍ଷ କ୍ରୀଡ଼ାବିତ୍ ସୃଷ୍ଟି କରାଯାଉ



ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ପରି ଏକ ଟୁର୍ନାମେଣ୍ଟ ଓଡ଼ିଶାରେ ହେବ। ଏହା ରାଜ୍ୟର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ପାଇଁ ନିଶ୍ଚିତ ଖୁସିର କଥା। ହେଲେ ସତ କହିବାକୁ ଗଲେ ଓଡ଼ିଶାରେ ବଡ଼ ଟୁର୍ନାମେଣ୍ଟ ମାନ ଆୟୋଜନ ହେଉଛି ସତ, ମାତ୍ର ଓଡ଼ିଶା କ୍ରୀଡ଼ାର ସେପରି ବିକାଶ ହେଉନି। କେବଳ ଟୁର୍ନାମେଣ୍ଟ ହେଲେ ଯେ ଆମ ରାଜ୍ୟରେ କ୍ରୀଡ଼ାର ସ୍ଥିତି ରାତାରାତି ବିକଶିତ ହୋଇଯିବ ତାହା ଭାବିବା ଭୁଲ୍। ଏପରି ଟୁର୍ନାମେଣ୍ଟ ଆୟୋଜନ କରାଯାଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରାଯାଉ। ତା ଛଡ଼ା କ୍ରୀଡ଼ାବିତ୍‌ଙ୍କ ବ୍ୟକ୍ତିଗତ ବିକାଶ କିପରି ହେବ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ। ସୁନ୍ଦର କ୍ରୀଡ଼ା ପରିବେଶ ସହ ଦକ୍ଷ କ୍ରୀଡ଼ାବିତ୍ ବି ସୃଷ୍ଟି କରାଯାଉ।

**-ଆର୍.ପି. ସିଂ, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି**

## ଫିଫାର ଅନ୍ୟ ଟୁର୍ନାମେଣ୍ଟ ପାଇଁ ବାଟ ଫିଟିଲା



ପୂର୍ବରୁ ହକି ବିଶ୍ୱକପ ହେବାଦ୍ୱାରା ରାଜ୍ୟରେ ହକି ଭିତ୍ତିଭୂମିର ବିକାଶ ହୋଇଥିଲା। ଏବେ ଫୁଟବଲର ସମୟ। ରାଜ୍ୟ ସରକାର ଓ କ୍ରୀଡ଼ା ବିଭାଗକୁ ଅଶେଷ ଧନ୍ୟବାଦ। ସେମାନେ ରାଜ୍ୟରେ କ୍ରୀଡ଼ାର ଭିନ୍ନ ପରିବେଶ ସୃଷ୍ଟି କରୁଛନ୍ତି। ଏହି ଟୁର୍ନାମେଣ୍ଟ ହେବାପରେ ଓଡ଼ିଶାରେ ଫିଫାର ଅନ୍ୟ ଟୁର୍ନାମେଣ୍ଟ ହେବାପାଇଁ ବାଟ ଫିଟିଯିବ, ଯାହା ପରବର୍ତ୍ତୀ ସମୟରେ ଓଡ଼ିଶାରେ ଫୁଟବଲର ବ୍ୟାପକ ବିକାଶ ଘଟାଇବ।

**-ମହମ୍ମଦ ସାହିଦ ଜବାର, ପୂର୍ବତନ ଜାତୀୟ କୋଚ୍**

## ରାଜ୍ୟ ମହିଳା ଫୁଟବଲରେ ପ୍ରଭାବ ପକାଇବ

ଓଡ଼ିଶା ମହିଳା ଫୁଟବଲ କ୍ରୀଡ଼ାରେ ଏହା ବଡ଼ ପ୍ରଭାବ ପକାଇବ। ଯାହା ପୂର୍ବରୁ କେବେ ବି ହୋଇନାହିଁ। ଓଡ଼ିଶାର କ୍ରୀଡ଼ାପ୍ରେମୀମାନେ ଅତି ନିକଟରୁ ମହିଳା ଫୁଟବଲ ବିଶ୍ୱକପ ମ୍ୟାଚ ଦେଖିବାର ସୁଯୋଗ ପାଇବେ। ଏହାଦ୍ୱାରା ଲୋକଙ୍କର ମହିଳା ଫୁଟବଲ ପ୍ରତି ଅଧିକ ଆଗ୍ରହ ବଢ଼ିବ ଏବଂ ସେମାନେ ଅଧିକରୁ ଅଧିକ ସଂଖ୍ୟାରେ ନିଜ ପିଲାଙ୍କୁ ମହିଳା ଫୁଟବଲରେ ଛାଡ଼ିବାକୁ ଆଗ୍ରହ ପ୍ରକାଶ କରିବେ।



**-ଗୀତାଞ୍ଜଳି ଖୁଣ୍ଟିଆ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି**

## ଆଗାମୀ ପିଢ଼ିପାଇଁ ଆହ୍ୱାନ

ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶ୍ୱର ଯେକୌଣସି ସ୍ଥାନରେ ଫିଫା ଟୁର୍ନାମେଣ୍ଟ ଆୟୋଜନ ହେବା ନିଶ୍ଚିତ ସମ୍ମାନର କଥା। ଏଆଇଏଫ୍ଏଫ୍ ଓ ଫିଫା ଆଗାମୀ ଟୁର୍ନାମେଣ୍ଟକୁ ସଫଳତାର ସହ ଶେଷ କରିବେ ବୋଲି ଆଶା। ଟୁର୍ନାମେଣ୍ଟ ଆୟୋଜନଦ୍ୱାରା ଭିତ୍ତିଭୂମି ବ୍ୟାପକ ବିକଶିତ ହେବା ନିଶ୍ଚିତ। ଆଗାମୀ ପିଢ଼ିପାଇଁ ଏହା ଏକ ଆହ୍ୱାନ ସଦୃଶ। ଟୁର୍ନାମେଣ୍ଟ ସିଧା ପ୍ରସାରଣ ହେବାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ରାଜ୍ୟରେ ଫୁଟବଲ କ୍ରୀଡ଼ାର ଏକ ମାହୋଲ ତିଆରି ହେବ। ଏପରି ଟୁର୍ନାମେଣ୍ଟ ଆୟୋଜନ ଆମ ପାଇଁ ଜରୁରୀ ଥିଲା।



**-ଶୁଭାଶିଷ ବେହେରା, ଏଆଇଏଫ୍ଏଫ୍ ଉନ୍ନୟନ ଅଧିକାରୀ**

## ତୃଣମୂଳ ସ୍ତରକୁ ଧ୍ୟାନ ଦିଆଯାଉ



ବହୁତ ଭଲ ପଦକ୍ଷେପ। ବହୁତ ବଡ଼ ବଡ଼ ଖେଳ ହେଉଛି, ମାତ୍ର ଏଥିରେ ଓଡ଼ିଶା ପିଲା କେବେ ଖେଳିବେ। ଏହା ହିଁ ଆମର ଚିନ୍ତା। ଷ୍ଟାଡିୟମ ବିଶ୍ୱସ୍ତରୀୟ ହୋଇଛି। ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେଉଛି, ମାତ୍ର ଏହାକୁ ଦେଖି କେହି ବଡ଼ ଖେଳାଳି ହୋଇଯିବେନି। ଏବେ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନରେ କିପରି ଉନ୍ନତି ହେବ ତା' ଉପରେ ଦୃଷ୍ଟି ଦେବାର ସମୟ ଆସିଛି। ତା' ଉପରୁ ଧ୍ୟାନ କମିଯାଇଥିବା ଅନୁଭବ ହେଉଛି। ଦିନଥିଲା ଭାରତୀୟ ମହିଳା ଦଳରେ ଓଡ଼ିଶାର ୮ ଜଣ ଖେଳାଳି ପ୍ରତିନିଧିତ୍ୱ କରୁଥିଲେ। ଏବେ ମାତ୍ର ଜଣେ ଖେଳୁଛି। ଏଥିରୁ କ'ଣ ସୂଚନା ମିଳୁଛି। ଚାମ୍ପିୟନ ଟିମ୍ ପ୍ରଥମ ରାଉଣ୍ଡରେ ହାରିଯାଉଛି। ତେଣୁ ତୃଣମୂଳ ସ୍ତରକୁ ଧ୍ୟାନ ଦେବା ସମୟ ଆସିଛି। ବଡ଼ ଟୁର୍ନାମେଣ୍ଟ ହେଲେ ଖେଳାଳିଙ୍କ ଉତ୍ସାହ ନିଶ୍ଚିତ ବଢ଼ିବ। ସରକାରଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ଆଶା।

**-ନନ୍ଦକିଶୋର ପଟ୍ଟନାୟକ, ପ୍ରତିଷ୍ଠିତ ଫୁଟବଲ କୋଚ୍**

## ସରକାରଙ୍କୁ ଧନ୍ୟବାଦ

ସମସ୍ତଙ୍କର ବିଶ୍ୱକପ ଖେଳିବା ସ୍ୱପ୍ନ ରହିଥାଏ। ଆମ ଟିମ୍ କେବେ ଖେଳିବ ଏ ସ୍ୱପ୍ନବି ଆମର ରହିଥିଲା। ଏବେ ଆୟୋଜକଭାବେ ଆମ ଟିମ୍ ଖେଳିବା ସୁଯୋଗ ପାଇଛି। ବହୁତ ଖୁସି ଲାଗୁଛି। ଯାହାକୁ ମୁଁ ଖେଳ କ୍ୟାରିୟରରେ ଟିଭିରେ ଦେଖୁଥିଲି ଏବେ ଆମ ପରିବେଶରେ ପାଖରୁ ଦେଖିବା ସୁଯୋଗ ପାଇବି। ସରକାରଙ୍କ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ଫୁଟବଲ ସହ ଜଡ଼ିତ ସମସ୍ତଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଇବାକୁ ଚାହିଁବି। ସରକାର ବହୁତ ଭଲ କାମ କରୁଛନ୍ତି, ଯାହା ଫଳରେ ଆମେ ଏତେବଡ଼ ଇଭେଣ୍ଟ ଦେଖିବାକୁ ପାଉଛୁ। ଆଗକୁ ଆହୁରି ଅଧିକ ଫିଫା ଟୁର୍ନାମେଣ୍ଟ ଆସିବା ସମ୍ଭାବନା ସୃଷ୍ଟି ହୋଇଛି। ୧୭ ବର୍ଷରୁ କମ୍ ବିଶ୍ୱକପରେ ଖେଳିଥିବା ଭାରତୀୟ ଦଳର ଅଧିକାଂଶ ଖେଳାଳି ଏବେ ଇଣ୍ଡିଆନ ଆରୋଜପାଇଁ ଖେଳୁଛନ୍ତି। ବଡ଼ ଟିମ୍‌କୁ ମଧ୍ୟ ହରାଉଛନ୍ତି। ସିନିୟର ଦଳକୁ ମଧ୍ୟ ୨ ଜଣ ଯାଇଛନ୍ତି। ବିଶ୍ୱକପ ଖେଳିବାଦ୍ୱାରା ଭାରତୀୟ ଖେଳାଳିଙ୍କ ମନୋବଳ ବଢ଼ିବ। ସେମାନେ ଆଗକୁ ଭଲ ଖେଳିବାକୁ ଉତ୍ସାହିତ ମଧ୍ୟ ହେବେ। ଫିଫା ଷ୍ଟାଣ୍ଡାର୍ଡର ଭିତ୍ତିଭୂମି ମଧ୍ୟ ଏଠାରେ ଉପଲବ୍ଧ ହେବ। ବିଶ୍ୱକପ ମ୍ୟାଚ ଦେଖିଲେ ଅଧିକରୁ ଅଧିକ ପିଲା ମହିଳା ଫୁଟବଲ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ମୋର ଆଶା।



**-ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୂର୍ବତନ ଭାରତୀୟ ଅଧିନାୟିକା**

## ଓଡ଼ିଶା ପିଲାଙ୍କୁ ସୁଯୋଗ ମିଳୁ



ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ସୁଯୋଗରେ ଭିତ୍ତିଭୂମିରେ ମଧ୍ୟ ବ୍ୟାପକ ଉନ୍ନତି ହୋଇଯିବ। ତେବେ ଭାରତୀୟ ଦଳରେ ଯଦି ଆମ ଓଡ଼ିଶାର ଜଣେ ଦୁଇଜଣ ଖେଳାଳି ସ୍ଥାନ ପାଆନ୍ତେ ତେବେ ଆମେ ଅଧିକ ଖୁସି ହୁଅନ୍ତୁ। ଆମ ପିଲା ଖେଳିଲେ ଲୋକମାନେ ମଧ୍ୟ ଆଗ୍ରହର ସହ ଅଧିକ ସଂଖ୍ୟାରେ ଷ୍ଟାଡିୟମକୁ ଆସନ୍ତେ। ବିଭିନ୍ନ ଦଳର ର୍‍ୟାଙ୍କିଙ୍ଗ ଅନୁସାରେ ଆଗାମୀ ଟୁର୍ନାମେଣ୍ଟ ବହୁ ଉଚ୍ଚକୋଟୀର ହେବ। କେବଳ ମୁଖ୍ୟ ଷ୍ଟାଡିୟମ ନୁହେଁ ଅଭ୍ୟାସ ପଡ଼ିଆଗୁଡ଼ିକର ମଧ୍ୟ ଉନ୍ନତି ହେବ। କଳିଙ୍ଗ ଷ୍ଟାଡିୟମରେ ଯେଉଁ ଭାବରେ ଟୁର୍ନାମେଣ୍ଟ ହୋଇଛି ସମଗ୍ର ବିଶ୍ୱରେ ପ୍ରଶଂସିତ। ତେଣୁ ଆଗକୁ ମଧ୍ୟ ଅଧିକ ବଡ଼ ଟୁର୍ନାମେଣ୍ଟ ଆସିବା ପଥ ପରିଷ୍କାର ହେଉଛି।

**-ପ୍ରଫୁଲ୍ଲ ମିଶ୍ର, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି**

# ହକିର ଇତିହାସ

## (ଅତୀତରୁ ବର୍ତ୍ତମାନ)



ଭାରତୀ ଭୂଷଣ ମିଶ୍ର

ଆଜି ଜାତୀୟ କ୍ରୀଡ଼ା ଦିବସ। ଆମ ସମସ୍ତଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କର ଜନ୍ମତିଥି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ତଥା ସ୍ମରଣୀୟ ସଫଳତା ପାଇଁ ବିଭିନ୍ନ କ୍ରୀଡ଼ାବିତ୍‌ଙ୍କୁ ଏହି ଦିବସରେ ଜାତୀୟ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯିବ। ଆମ ପାଇଁ ଅତ୍ୟନ୍ତ ଆନନ୍ଦର କଥା ଯେ ଚଳିତ ବର୍ଷ ଆମ ରାଜ୍ୟର ପ୍ରମୋଦ ଭଗତ ତାଙ୍କର କୃତିତ୍ୱ ପାଇଁ ମର୍ଯ୍ୟାଦାଜନକ ଅର୍ଜୁନ ପୁରସ୍କାର ପାଇବେ। ରାଜ୍ୟର ପ୍ରଥମ ପାରା-ବ୍ୟାଡମିଣ୍ଟନ ଖେଳାଳିଭାବେ ଭଗତ ଏହି ପୁରସ୍କାର ପାଇବେ। ତେଣୁ ତାଙ୍କୁ ଅଜସ୍ର ଅଭିନନ୍ଦନ। ସେ ଆମ ରାଜ୍ୟର ଗୌରବ ବୃଦ୍ଧିରେ ସହାୟକ ହୋଇଛନ୍ତି।

ବିଗତ ଦୁଇ ବର୍ଷ ମଧ୍ୟରେ ଆମ ଓଡ଼ିଶା ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଅଧିକାରୀ ହୋଇଛି। ୨୦୧୭ରେ ଏସୀୟ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍, ୨୦୧୮ରେ ପୁରୁଷ ହକି ବିଶ୍ୱକପ୍, ୨୦୧୯ରେ ଅଲିମ୍ପିକ କ୍ୱାଲିଫାୟର ହକି ଚାମ୍ପିୟନଶିପ ଓ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଚାମ୍ପିୟନଶିପକୁ ସଫଳତାର ସହ ଆୟୋଜନ କରି ଓଡ଼ିଶା ଭାରତର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାକେନ୍ଦ୍ର ହୋଇଯାଇଛି। ତା ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଓଡ଼ିଶା ୫ ବର୍ଷ ଉଭୟ ପୁରୁଷ ଓ ମହିଳା ଜାତୀୟ ହକି ଦଳର ପ୍ରାୟୋଜକ ହୋଇଛି। ଏହା ଆମ ପାଇଁ ସଫଳତାର ଏକ ମାଇଲ ଖୁଣ୍ଟ ପାଲଟିଛି। ଜାପାନର ଟୋକିଓଠାରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ପ୍ରତିଯୋଗିତାରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛନ୍ତି। ୧୯୮୩ରେ ଭାରତ ପ୍ରୁଡେନ୍ସିଆଲ କପ୍ କ୍ରିକେଟରେ ବିଶ୍ୱ ଚାମ୍ପିୟନ ହେଲାପରେ ଭାରତରେ କ୍ରିକେଟ ଖେଳର ଲୋକପ୍ରିୟତା ବଢ଼ିଲା। କିନ୍ତୁ ତାପୂର୍ବରୁ ହକି ହିଁ ଆମର ପ୍ରିୟ ଖେଳ ଥିଲା ଏବଂ ଏବେ ବି ପ୍ରତ୍ୟେକ ଭାରତୀୟର ରକ୍ତରେ ହକି ପ୍ରତି ଅସୀମ ଦୁର୍ବଳତା। ଏହାର କାରଣ ହେଲା ଯେ ଅଲିମ୍ପିକ୍ କ୍ରୀଡ଼ାରେ ଆମେ ହକିରେ ହିଁ ସର୍ବାଧିକ ସ୍ୱର୍ଣ୍ଣ ପଦକ ଜିଣି ପାରିଛୁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ହକିର ଇତିବୃତ୍ତ ସମ୍ପର୍କରେ ଆଲୋଚନା କରାଯିବା ଶ୍ରେୟସ୍କର।

ବିଭିନ୍ନ ତଥ୍ୟଭିତ୍ତିକ ପର୍ଯ୍ୟାଲୋଚନାରୁ ଜଣାଯାଏ ଯେ, ପ୍ରାଗ୍ ଐତିହାସିକ ମାନବର ମନରେ ବାଡ଼ି ଓ ବଲ ସମ୍ପର୍କିତ ବିଭିନ୍ନ ଖେଳ ଅଭ୍ୟାସ କରି ତହିଁରୁ ଆନନ୍ଦ ଲାଭ କରିବାର ଇଚ୍ଛାରୁ ହିଁ ହକି ଖେଳର ସୃଷ୍ଟି ହୋଇଥିଲା। ଇଂରେଜମାନଙ୍କର କ୍ରିକେଟ୍, ଆମେରିକୀୟ ମାନଙ୍କର ବେସ୍‌ବଲ ଏବଂ ପାରସିକ ମାନଙ୍କର ପୋଲୋ ଖେଳ ପରି ହକି ମଧ୍ୟ ମାନବର ଏହି ଅନୁସନ୍ଧିତ୍ସାରୁ ସମ୍ଭୂତ। ମୂଳତଃ ଏସିଆ ମହାଦେଶ ହିଁ ହକିର ଜନ୍ମସ୍ଥାନ ଏବଂ ବିବିଧ ସୂଚନାରୁ ଏହା ସ୍ଥିର କରାଯାଇଛି ଯେ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରେ ଏହି ଖେଳର କଳ୍ପନା କରାଯାଇ ଖେଳାଯାଇଥିଲା ଏକ ଭିନ୍ନ ରୂପରେ।

ଅବଶ୍ୟ ଏହା ମଧ୍ୟ କୁହାଯାଏ ଯେ ଗ୍ରୀକ୍ ଓ ରୋମାନ୍‌ମାନେ ମଧ୍ୟ ହକି ଖେଳୁଥିଲେ, କିନ୍ତୁ ସେମାନେ ଖେଳୁଥିବା ଆକାର ପ୍ରକାର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଉପଲବ୍ଧ ନାହିଁ। ବର୍ତ୍ତମାନର ହକି ଖେଳର ସର୍ବପ୍ରାଚୀନ ବର୍ଣ୍ଣନାକୁ ଅନୁଧ୍ୟାନ କଲେ ଆମେ ଏହାକୁ ୧୫୨୭ ଖ୍ରୀଷ୍ଟାବ୍ଦକୁ ନେଇଯାଉ, ଯେତେବେଳେ କି ଗ୍ୟାଲ୍‌ୱେ ତାଙ୍କର ନିୟମାବଳୀରେ କେତେକ ନିଷିଦ୍ଧ ଖେଳର ତାଲିକାରେ ବାଡ଼ି ଓ ବଲ୍‌ରେ ଖେଳାଯାଉଥିବା 'ହକି'ର ନାମୋଲ୍ଲେଖ କରିଛନ୍ତି।

ଆଧୁନିକ ହକି ଖେଳର ପ୍ରଥମ ଉନ୍ମେଷ ଇଂଲଣ୍ଡରେ ହୋଇଥିଲା ବୋଲି ମତବ୍ୟକ୍ତ କରାଯାଏ। କାରଣ ଏହାର ସାମଞ୍ଜସ୍ୟ ଥିବା ଅନେକ ଖେଳ ବ୍ରିଟିଶ ଦ୍ୱୀପପୁଞ୍ଜଗୁଡ଼ିକରେ ଅତ୍ୟନ୍ତ ଲୋକପ୍ରିୟ ଥିଲା ଓ ଇଂଲଣ୍ଡରେ ହକି ଖେଳର ପ୍ରାରମ୍ଭ ତାହା ଦ୍ୱାରା ହିଁ ଅନୁପ୍ରେରିତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନି। ସ୍କଟ୍‌ଲାଣ୍ଡର 'ସିଣ୍ଟି' ଇଂଲଣ୍ଡ ଓ ୱେଲ୍ସର 'ବ୍ୟାଣ୍ଡି' ଏବଂ ଆୟର୍ଲାଣ୍ଡର 'ହର୍ଲିଙ୍ଗ' ଆଦି ଖେଳ ଆଧୁନିକ ହକିର ପୂର୍ବ ପୁରୁଷ ଥିଲେ ବୋଲି ବିଶାରଦମାନେ କହିଥାଆନ୍ତି। କିନ୍ତୁ କ୍ରୀଡ଼ା କୌଶଳର ସାମଞ୍ଜସ୍ୟ ଦୃଷ୍ଟିରୁ 'ହର୍ଲିଙ୍ଗ'ରୁ ହିଁ ହକିର ନୂତନ ସଂସ୍କରଣ ହୋଇଛି। ହର୍ଲିଙ୍ଗ ଆଇରିନ୍‌ରୁ ସମୁଦ୍ରପଥ ଅତିକ୍ରମ କରି ପାଦ ଦେଲା ଇଂଲଣ୍ଡରେ ଓ ଇଂରେଜମାନଙ୍କ ଜୀବନଧାରା ସହିତ ଜଡ଼ିତ ହୋଇ ହକିରେ ରୂପାନ୍ତରିତ ହେଲା।

ପୃଥିବୀର ପ୍ରଥମ ହକି କ୍ଲବ ୧୮୬୧ରେ 'ବ୍ଲାକ୍ ହିଥ୍' ସହରରେ ସ୍ଥାପିତ ହୋଇଥିଲା। ଏହାର ଷ୍ଟିକ୍ ଓକ୍ କାଠରେ ନିର୍ମାଣ କରାଗଲା ଓ ତାର ଶୀର୍ଷ ପାର୍ଶ୍ୱକୁ ଶିଝାଯାଇ ବଙ୍କା କରାଯାଉଥିଲା। ବଲ ରବର ନିର୍ମିତ ନିଦା ଓ ଗୋଲା କୃତି। ହକି ଖୁବ୍ ଶୀଘ୍ର ଏତେ ଲୋକପ୍ରିୟ ହୋଇଗଲା ଯେ ଜନସାଧାରଣ ଅନ୍ୟ ସମସ୍ତ କ୍ରିୟାକଳାପକୁ ଗୌଣ ମନେ କରିବାକୁ ଲାଗିଲେ। ସମସ୍ତେ ଏହି ଖେଳରେ ଦିନର ଅଧିକାଂଶ ସମୟ ବିତାଇଲେ। ଅବଶ୍ୟ ତତ୍କାଳୀନ ସମାଜକୁ ଲକ୍ଷ୍ୟ କଲେ ଏହା ଆଦିମ ମନୁଷ୍ୟର ଆଦିମ ପ୍ରବୃତ୍ତି ଭଳି ଅମାର୍ଜିତ ଓ ରୁକ୍ଷ ଥିଲା। କାରଣ ନିର୍ଦ୍ଦିଷ୍ଟ ନୀତି ନିୟମ ବିନା ଏହା ଖେଳା ଯାଉଥିଲା। ତେଣୁ ସରକାର ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହା ଉପରେ ପ୍ରତିବନ୍ଧକ ଜାରି କରିବାକୁ ସ୍ଥିର କଲେ। ରାଜା ଏଡୱାର୍ଡ ତୃତୀୟ ଏହି ଖେଳକୁ ନିଷିଦ୍ଧ ଘୋଷଣା କଲେ। ଯେଉଁ ଜମିଦାରମାନେ ଏହି ଖେଳ ପାଇଁ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ ସେମାନଙ୍କୁ ୨୦ ପାଉଣ୍ଡର ଅର୍ଥ ଜରିମାନା ଓ ତିନିବର୍ଷର ଜେଲ୍‌ଦଣ୍ଡ ଭୋଗିବାକୁ ପଡୁଥିଲା।

ସମୟ ଗଡ଼ିଚାଲିବା ସହିତ ଏହି ଖେଳ ମାର୍ଜିତ ଓ ଶୃଙ୍ଖଳିତ ହୁଏ। ନିୟମାବଳୀ ପ୍ରଣୀତ ହେଲା। ଶାରୀରିକ ଆଘାତରୁ ଖେଳାଳିମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଅନେକ ସଂସ୍କାର ଅଣାଗଲା। କାନ୍ଧ ଉପରକୁ ଷ୍ଟିକ୍ ଉଠାଇବା ନିଷିଦ୍ଧ ହେଲା। ଯେ କୌଣସି ଖେଳାଳି ତା'ର ପ୍ରତିପକ୍ଷ ଖେଳାଳିକୁ ଷ୍ଟିକ୍ ବା ହାତରେ ଆଘାତ କଲେ ତାକୁ ସାମୟିକ ଭାବେ ନିଲମ୍ବନ କରାଗଲା। ୧୮୮୩ରେ ୱିମ୍ବେଲଡନ ହକି କ୍ଲବ୍ ଦ୍ୱାରା ଏହି ଖେଳର ମାନ ନିର୍ଦ୍ଧାରିତ ହେଲା। ହକି ଆସୋସିଏଶନ୍ ଗଠିତ ହୋଇ ୧୮୮୬ରେ ଏହାକୁ ଅତ୍ୟନ୍ତ ବିଜ୍ଞାନ ସମ୍ମତ କଳାତ୍ମକ ଓ ମାର୍ଜିତ ରୂପ ପ୍ରଦାନ କରାଗଲା। ୧୮୮୭ରେ ମହିଳାମାନେ ମଧ୍ୟ ହକି ଖେଳରେ ସାମିଲ ହେଲେ। ପ୍ରଥମ ଅନ୍ତର୍ଜାତୀୟ ହକି ମ୍ୟାଚ୍ ୧୮୯୫ ମସିହାରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେଲା।



ଧ୍ୟାନଚାନ୍ଦ

**ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ**

୧୯୦୮ର ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ପୁରୁଷ ହକିକୁ ସାମିଲ କରାଗଲା ଏବଂ ଇଂଲଣ୍ଡ ୮-୧ ଗୋଲ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରି ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କଲା। ଭାରତରେ ଇଂରେଜମାନେ ପ୍ରଥମେ ସେମାନଙ୍କ ସେନା ଛାଉଣୀରେ ହକି ଖେଳୁଥିଲେ। ତା'ପରେ ସେମାନେ ତାହାକୁ ବ୍ରିଟିଶ ଭାରତୀୟ ଛାଉଣୀମାନଙ୍କରେ ଖେଳିବାକୁ ପ୍ରବର୍ତ୍ତାଇଲେ ଓ ଅତିଶୀଘ୍ର ଭାରତୀୟମାନେ ଏହି ଖେଳକୁ ଅତି ଆଗ୍ରହର ସହିତ ଆପଣେଇ ନେଲେ।

୧୮୮୫ରେ କଲିକତାରେ ପ୍ରଥମ ଭାରତୀୟ ହକି କ୍ଲବ୍ ସ୍ଥାପିତ ହେଲା। ତା'ପରେ ବମ୍ବେ ଓ ପଞ୍ଜାବରେ ମଧ୍ୟ ହକି କ୍ଲବ୍‌ମାନ ଗଠିତ ହେଲା। ୧୯୦୮ରେ ପ୍ରତିଷ୍ଠିତ ଓ ଅନୁବନ୍ଧିତ ବେଙ୍ଗଲ ହକି ଆସୋସିଏଶନ୍ ହେଉଛି ଭାରତର ପ୍ରତିଷ୍ଠିତ ପ୍ରଥମ ହକି ଆସୋସିଏଶନ୍। ତା'ପରେ ୧୯୨୦ରେ କରାଚୀଠାରେ 'ସିନ୍ଧ୍ ହକି ଆସୋସିଏଶନ' ଗଠିତ ହୁଏ। କ୍ରମଶଃ ହକି ଖେଳର ଜନପ୍ରିୟତା ଯୋଗୁ ବମ୍ବେ, ବିହାର, ଓଡ଼ିଶା ଓ ଦିଲ୍ଲୀରେ ହକି ଆସୋସିଏଶନ୍‌ମାନ ସ୍ଥାପିତ ହେଲା। ୧୯୨୬ରେ ଭାରତ ତା'ର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ବିରୋଧରେ ଖେଳିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମେଜର ବର୍ନ ମୁର୍ଦୋକଙ୍କ ଭାରତୀୟ ହକିର ବିକାଶରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଭାରତୀୟ ହକି ସର୍ବଦା ତାଙ୍କ ନିକଟରେ ଋଣୀ ରହିବ। ତାଙ୍କର ନିଷ୍ଠାପର ଉଦ୍ୟମ ଓ ଉତ୍ସାହ ବିନା ଭାରତୀୟ ହକି ସଂଘ ୧୯୨୬ରେ ସକାଳର ସୂର୍ଯ୍ୟୋଦୟ ଦେଖି ନ ଥାନ୍ତା କି ଭାରତୀୟ ସେନା ଦଳ ନ୍ୟୁଜିଲାଣ୍ଡ ଗସ୍ତ କରି ନ ଥାନ୍ତା। ଭାରତୀୟ ସେନା ଦଳରେ ପ୍ରଥମ କରି ଧ୍ୟାନଚାନ୍ଦଙ୍କୁ ସାମିଲ କରାଯାଇଥିଲା। ଯେତେବେଳେ ତାଙ୍କର କମାଣ୍ଡିଂ ଅଫିସର ତାଙ୍କୁ ଡାକି କରି ଏ ଖୁସି ଖବର ଦେଲେ ସେ ଅତ୍ୟନ୍ତ ଆଗ୍ରହର ସହିତ ତାହା ଗ୍ରହଣ କଲେ। ଭାରତୀୟ ସେନା ଦଳ ସେଠାରେ ୨୧ ମ୍ୟାଚ୍ ଖେଳି ୧୮ରେ ବିଜୟ, ଗୋଟିକରେ ପରାଜୟ ଓ ୨ଟିରେ ଡ୍ର ରଖିଲେ। ମୋଟ ୧୯୨ ଗୋଲ ଦେଇ ୨୪ ଗୋଲ ବରଣ କଲେ। ନ୍ୟୁଜିଲାଣ୍ଡ ଗସ୍ତରୁ ଫେରିବା ପରେ ସରକାର ଖୁସି ହୋଇ ଧ୍ୟାନଚାନ୍ଦଙ୍କୁ ଲାନ୍ସ ନାଏକ ପଦକୁ ଉନ୍ନୀତ କଲେ ଓ ସବୁ ଖବରକାଗଜମାନେ ତାଙ୍କ ପ୍ରଶଂସାରେ ଶତମୁଖ ହୋଇପଡ଼ିଲେ।

ଭାରତ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ନିଜର ନାମ ଲିପିବଦ୍ଧ କରେ। ଅଷ୍ଟ୍ରିଆ, ବେଲଜିୟମ, ଡେନମାର୍କ ଓ ସୁଇଜରଲାଣ୍ଡକୁ ହରାଇ ଭାରତ ଫାଇନାଲକୁ ଉନ୍ନୀତ ହୁଏ ଓ ଫାଇନାଲରେ ହଲାଣ୍ଡକୁ ୩-୦ ଗୋଲରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିବାର ଗୌରବ ଅର୍ଜନ କରେ। ଏହି ଅଲିମ୍ପିକ୍ସରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କର କ୍ରୀଡା ନୈପୁଣ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରେ। ନିମ୍ନଲିଖିତ ଖେଳାଳିମାନେ ପ୍ରଥମ ଭାରତୀୟ ଅଲିମ୍ପିକ ହକି ଦଳର ସଦସ୍ୟ ଥିଲେ।

୧- ରିଚାର୍ଡ ଆଲେନ, ୨-ରେକ୍ସ ନରିସ, ୩-ଲେସ୍‌ଲି ହାମଣ୍ଡ, ୪-ୟୁର୍ନେଷ୍ଟଗୁଡ୍ ସର୍କୁଲେନ, ୫- ମାଇକେଲ ରକ୍, ୬- ଫ୍ରେଡେରିକ୍ ସିମ୍ୟାନ, ୭-ସୟଦ ୟୁସୁଫ, ୮- ଧ୍ୟାନଚାନ୍ଦ, ୯- ବ୍ରୁମ୍ ଏରିକ୍ ପିନିଗର, ୧୦- ଜର୍ଜ ମାର୍ଟିନ୍ସ, ୧୧- ମରିସ୍ ଗେଟ୍‌ଲେ, ୧୨- ଜୟପାଲ ସିଂ, ୧୩- ସୌକତ ଅଲ୍ଲୀ, ୧୪- ଫିରୋଜ ଖାଁ।

ଏହି ପ୍ରତିଯୋଗିତାରେ ଭାରତ ମୋଟ ୫ଟି ମ୍ୟାଚରେ ବିଜୟୀ ହୋଇ ୨୯ଟି ଗୋଲ୍ ଦେଇଥିଲେ ଓ ଗୋଟିଏ ହେଲେ ଗୋଲ ବରଣ କରି ନ ଥିଲା।

ବର୍ତ୍ତମାନ ଅନେକ ରାଷ୍ଟ୍ର ଏହି ଖେଳ ପ୍ରତି ଆକୃଷ୍ଟ ହୋଇ ସୁଚିନ୍ତିତ ଯୋଜନା ମାଧ୍ୟମରେ ନିଜକୁ ହକିରେ ଶକ୍ତିଶାଳୀ କରି ଗଢି ତୋଳିଛନ୍ତି। ମହିଳାମାନେ ମଧ୍ୟ ହକି ଖେଳ ପ୍ରତି ଆକୃଷ୍ଟ ହେଲେଣି ଓ ମହିଳା ହକି ସଂଘମାନ ଗଠନ କରାଗଲାଣି ବିଭିନ୍ନ ରାଜ୍ୟରେ। ପୁରୁଷମାନଙ୍କ ସହ ସେମାନେ ତାଳ ଦେଇ ଅଗ୍ରଗତି କରୁଛନ୍ତି।

୧୯୮୦ ମସ୍କୋ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ମହିଳା ହକି ସାମିଲ ହେଲା। ୬ଟି ଦେଶ ଏଥିରେ ଭାଗ ନେଇଥିଲେ। ଭାରତୀୟ ମହିଳା ହକି ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରି ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଲା। ଜିମ୍ବାୱେ ପ୍ରଥମ ସ୍ୱର୍ଣ୍ଣ ପଦକ ପାଇବାର ଗୌରବ ଅର୍ଜନ କରିଥିଲା।

ଭାରତ ପୁରୁଷ ହକିରେ ତାର ଶେଷ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ୧୯୮୦ରେ ହାସଲ କରିଥିଲା। ଆଗକୁ ଆସୁଛି ୨୦୨୦ର ଟୋକିଓ ଅଲିମ୍ପିକ୍ସ। ଆଜି ଆମ ହକି ଦଳ ଓ ହକି ମହାସଂଘ ଶପଥ ନେବା କଥା ଯେ ଆଗାମୀ ଅଲିମ୍ପିକ୍ସରେ କିଭଳି ଭାରତ ସ୍ୱର୍ଣ୍ଣ ପଦକ ଲାଭ କରିବ ଓ ଆମ ଜାତୀୟ ଖେଳର ସମ୍ମାନ ରଖିବ। ଏହା ହିଁ ଆଜିର ଆହ୍ୱାନ- ଆଜିର ଶପଥ।



“ସିଜନରେ ବଳକା ଥିବା ଟୁର୍ନାମେଣ୍ଟଗୁଡ଼ିକରେ ସ୍ଥିର ପ୍ରଦର୍ଶନ କରି ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକକୁ ଯୋଗ୍ୟତା ଅର୍ଜନ କରିବା ଲକ୍ଷ୍ୟରେ ରହିଛି ।

–ବି. ସାଇ ପ୍ରଣୀଥ, ଷ୍ଟାର୍ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



“ଉଦୀୟମାନ ଖେଳାଳିଙ୍କୁ ସମ୍ଭାଳିବା ପାଇଁ ଦେଶରେ ପର୍ଯ୍ୟାପ୍ତ ପ୍ରଶିକ୍ଷକଙ୍କ ଅଭାବ ରହିଛି। ଆମକୁ ସେହି ଅନୁସାରେ ଦକ୍ଷ କୋଚ୍ ସୃଷ୍ଟି କରିବାକୁ ହେବ ।

–ପୁଲେଲା ଗୋପୀଚାନ୍ଦ, ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍

## ସଂକ୍ଷେପରେ

### ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଇଣ୍ଡିଜ ଦଳରେ ପରିବର୍ତ୍ତନ

ଜାମାଇକା,୨୮।୮(ପିଟି): ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଏଠାରେ ଶୁକ୍ରବାରଠାରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ୧୩ ଜଣିଆ ଇଣ୍ଡିଜ ଦଳରେ ଗୋଟିଏ ପରିବର୍ତ୍ତନ ହୋଇଛି। ଗୋଇଠି ଜନିତ ଆହତ ସମସ୍ୟା ଯୋଗୁ ପ୍ରଥମ ମ୍ୟାଚ୍ ଖେଳି ନ ଥିବା କିମୋ ପଲ ଏବେ ସମ୍ପୂର୍ଣ୍ଣ ଫିଟ୍। ସେ ପେସର ମିଗୁଏଲ କୁମିନ୍ସଙ୍କ ସ୍ଥାନ ନେବେ। ପ୍ରଥମ ଟେଷ୍ଟ ଖେଳିଥିବା କୁମିନ୍ସ ଉଭୟ ଇନିଂସରେ ମୋଟ ୨୦ ଓଭର ବୋଲିଂ କରି ୬୯ ରନ୍ ବ୍ୟୟ କରିଥିଲେ। ହେଲେ ଗୋଟିଏ ଉଇକେଟ ହାସଲ କରିପାରି ନ ଥିଲେ। ପଲଙ୍କୁ ସାମିଲ କରାଯିବା ଦଳରେ ଏକମାତ୍ର ପରିବର୍ତ୍ତନ। ଏଣୁ ବୃହତ୍ ପରାଜୟ ବରଣ କରିଥିବା ୱେଷ୍ଟଇଣ୍ଡିଜ ଦଳ ପ୍ରାୟ ସମାନ ଖେଳାଳିଙ୍କୁ ନେଇ ଖେଳିବ। ଘରୋଇ ଦଳ ନିକଟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପଏଣ୍ଟ ଖାତା ଖୋଲିବା ପାଇଁ ମ୍ୟାଚ୍‌କୁ ଡ୍ର’ କିମ୍ବା ଜିତିବାକୁ ପଡ଼ିବ। ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌କୁ ବୃହତ୍ ବ୍ୟବଧାନରେ ଜିତି ୬୦ ପଏଣ୍ଟ ସହ ଖାତା ଖୋଲିଛି।

ୱେଷ୍ଟଇଣ୍ଡିଜ ଦଳ: ଜାସନ ହୋଲ୍ଡର (ଅଧିନାୟକ), କ୍ରେଗ ବ୍ରାଥୱେଟ, ଡାରେନ ବ୍ରାଭୋ, ଶାମର ବ୍ରୁକ୍ସ, ଜନ କ୍ୟାମ୍ପବେଲ, ରଷ୍ଟନ ଚେଜ, ରକିମ କର୍ନୱାଲ, ଜମର ହାମିଲଟନ, ଶିମରନ ହେଟମେୟର, ଶାଇ ହୋପ, ଶାନନ ଗାବ୍ରିଏଲ, କିମୋ ପଲ ଓ କେମାର ରୋଚ।

### ଏଲ୍ଓସି ଗସ୍ତ କରିବେ ଆଫ୍ରିଦୀ



ନୂଆଦିଲ୍ଲୀ,୨୮।୮: ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର ସାହିଦ ଆଫ୍ରିଦୀ ଲାଇନ ଅଫ୍ କଣ୍ଟ୍ରୋଲ (ଏଲଓସି) ଗସ୍ତ କରିବେ। ଏ ନେଇ ବୁଧବାର ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀର ଭାଇମାନଙ୍କୁ ଏକଜୁଟ କରିବା ପାଇଁ ସେ ଏହି ଗସ୍ତ କରିବେ। ଭାରତ ସରକାର ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ମାନ୍ୟତା ହଟାଇବା ସହ ରାଜ୍ୟକୁ ଦୁଇ କେନ୍ଦ୍ର ଶାସିତ ଅଞ୍ଚଳରେ ଭାଗ କରିଛି। ନିକଟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଘୋଷଣା କରିଥିଲେ ଯେ, ଦେଶରେ ପ୍ରତ୍ୟେକ ସପ୍ତାହରେ ଅଧଘଣ୍ଟିଆ ଏକତା ପ୍ରୋଗ୍ରାମ ହେବ। ଯେଉଁଥିରେ କଶ୍ମୀର ଭାଇଙ୍କ ପାଇଁ ପାକିସ୍ତାନବାସୀ ଏକ ଥିବା ଦର୍ଶାଇବେ। ଆଫ୍ରିଦୀ ଟୁଇଟ୍ କରିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଆମେ ଏକ ହୋଇ ପାଳନ କରିବା। କରାଚୀସ୍ଥିତ ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କ କବରସ୍ଥଳରେ ଶୁକ୍ରବାର ଅପରାହ୍ନ ୧୨ଟାରେ ପହଞ୍ଚିବି। ସେଠାରେ ଆମେ କଶ୍ମୀର ଭାଇଙ୍କ ପ୍ରତି ଏକ ଓ ସମବେଦନା ପ୍ରକାଶ କରିବା। ତାଙ୍କ ଭଳି ପୂର୍ବତନ କ୍ରିକେଟର ଜାଭେଦ ମିଆଁଦାଦ ମଧ୍ୟ ଅନ୍ୟ କ୍ରୀଡ଼ାବିତଙ୍କ ସହ ଏଲଓସି ଗସ୍ତ କରିବେ ବୋଲି ଏକ ଭିଡିଓ ମେସେଜ ଜରିଆରେ କହିଛନ୍ତି।

# ନାଡାଲଙ୍କ ବିଜୟ ଅଭିଯାନ

**ୟୁଏସ୍ ଓପନ୍ ଟେନିସ୍**

ନ୍ୟୁୟର୍କ,୨୮।୮(ଏଏଫ୍‌ପି)

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟ ତୃତୀୟ ଦିବସରେ ପହଞ୍ଚିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ କେତେଜଣ ସିଡେଡ ଖେଳାଳି ସେମାନଙ୍କ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ପୂର୍ବରୁ ୩ଥର ୟୁଏସ୍ ଓପନ ଟାଇଟଲ ହାସଲ କରିଥିବା ସ୍ପେନ୍ ଅଭିଜ୍ଞ ଖେଳାଳି ରାଫାଲ ନାଡାଲ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ୨୦୧୦, ୨୦୧୩ ଓ ୨୦୧୭ରେ ୟୁଏସ୍ ଓପନ୍ ଚାମ୍ପିୟନ ହୋଇଥିବା ଦ୍ୱିତୀୟ ସିଡ୍ ନାଡ଼ାଲ ମଙ୍ଗଳବାର ବିଶ୍ୱର ୬୦ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ୬-୩, ୬-୨, ୬-୨ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆର ନିକ୍ କିର୍ଗିୟସ୍ ୬-୩, ୭-୬,୬-୪ ସେଟ୍‌ରେ ଆମେରିକାର ଷ୍ଟିଭ୍ ଜନସନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ତେବେ ୨ଥର ଫ୍ରେଞ୍ଚ ଓପନ ରନର୍ସଅପ୍ ହୋଇଥିବା ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଇଟାଲୀର ଚତୁର୍ଥ ସିଡ୍ ଥୋମାସ ଫାବିଆନୋଙ୍କଠାରୁ ୬-୪, ୩-୬, ୬-୩, ୬-୨ ସେଟରେ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ଶିକାର ହୋଇଛନ୍ତି। ସେହିପରି ଗ୍ରୀସ୍‌ର ଅଷ୍ଟମ ସିଡ୍ ଖେଳାଳି ଷ୍ଟିଫାନୋସ ସିଟସିପାସ ପ୍ରଥମ ରାଉଣ୍ଡରେ ୬-୪, ୬-୭, ୭-୬, ୭-୫ ମାରାଥନ ସେଟରେ ରୁଷିଆର ଆଣ୍ଡ୍ରେ ରୁବ୍ଲେଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ରୁଷିଆର ନବମ ସିଡ୍ ଖେଳାଳି କରେନ ଖାଚାନୋଭେ କାନାଡାର ଭାସେକ ପଷ୍ପିସିଲଙ୍କଠାରୁ ୪-୬, ୭-୫, ୭-୫, ୪-୬, ୬-୩ ସେଟରେ ପରାସ୍ତ ହୋଇ ବିଦୟ ନେଇଛନ୍ତି। ତେବେ ଷଷ୍ଠ ସିଡ ଜର୍ମାନୀ ଆଲେକଜାଣ୍ଡର ଭେରେଭ ମୋଲଡୋଭାର ରାଡୁ ଆଲବୋଟଙ୍କୁ ୬-୧, ୬-୩, ୩-୬, ୪-୬, ୬-୨ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୨୦୧୪ ଚାମ୍ପିୟନ କ୍ରୋଏସିଆର ମାରିନ୍ ସିଲିକ ୬-୩, ୬-୨, ୭-୬ ସେଟ୍‌ରେ ସ୍ଲୋଭାକିଆର ମାର୍ଟିନ କ୍ଲିଜାନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଦ୍ୱିତୀୟ ରାଉଣ୍ଡରେ ଓସାକା, ହାଲେପ**

ମହିଳା ସିଙ୍ଗଲ୍ସରେ ଜାପାନର ନାଓମି ଓସାକା ରୁଷିଆର ଆନ୍ନା ବ୍ଲାଡିମୀରୋଭନାଙ୍କୁ ପ୍ରଥମ ରାଉଣ୍ଡରେ ୬-୪,୬-୭ ,୬-୨ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୱିମ୍ବେଲଡ଼ନ ଚାମ୍ପିୟନ ଚତୁର୍ଥ ସିଡ୍ ରୋମାନିଆର ସିମୋନା ହାଲେପ ୬-୩, ୩-୬, ୬-୨ ସେଟରେ ଆମେରିକାର ନିକୋଲ ଗିବ୍ସଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୯ତମ ସିଡ ଡେନ୍‌ମାର୍କର କାରୋଲିନ୍ ଓଜ୍ନିଆକି ୧-୬, ୭-୫, ୬-୩ ସେଟ୍‌ରେ ଚାଇନାର ୱାଙ୍ଗ୍ ୟାଫାନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ରୁଷିଆର ସ୍ୱେତଲାନା କୁଜନେଶୋଭା ୫-୭, ୨-୬ ସେଟରେ ଆମେରିକାର କ୍ରିଷ୍ଟି ଆନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଷଷ୍ଠ ସିଡ୍ ଚେକ ଗଣରାଜ୍ୟର ପେଟ୍ରା ଭିଟୋଭା ନିଜ ଦେଶର ଡେନିସା ଆଲେର୍ଟୋଭାଙ୍କୁ ୬-୨, ୬-୪ ସେଟ୍‌ରେ ୧ ଘଣ୍ଟା ୧୯ ମିନିଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆଣ୍ଡ୍ରିଆ ପେଟ୍‌କୋଭିକ୍‌ଙ୍କୁ ଭେଟିବେ। ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପେଟ୍‌କୋଭିକ୍ ରୋମାନିଆରକ ମିହାଏଲା ବୁଜାରନେସ୍କୁଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ସିମୋନା ହାଲେପ



ନୂଆଦିଲ୍ଲୀଠାରେ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ(ଡାହାଣରୁ ଦ୍ୱିତୀୟ)ଙ୍କ ସହ ସାକ୍ଷାତ ଅବସରରେ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ (ଡାହାଣରୁ ତୃତୀୟ) । ଜାତୀୟ କ୍ରୀଡ଼ା ଦିବସରେ ଅର୍ଜୁନ ପୁରସ୍କାର ଗ୍ରହଣ କରିବାକୁ ଯାଉଥିବାରୁ ପ୍ରମୋଦଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ୪ରେ ଜଣାପଡ଼ିବାରେ ଧୋନୀଙ୍କ ଭାଗ୍ୟ

ନୂଆଦିଲ୍ଲୀ,୨୮।୮

ମହେନ୍ଦ୍ର ସିଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ନାହାନ୍ତି। କିନ୍ତୁ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଭାରତୀୟ ଦଳରେ ତାଙ୍କ ସ୍ଥାନ ପାଇବାର ବିଶେଷ ସମ୍ଭାବନା ନାହିଁ। ଆସନ୍ତା ୧୫ରୁ ଆରମ୍ଭ ହେବାକୁ ଥିବା ସିରିଜ୍ ଲାଗି ୪ ତାରିଖରେ ଦଳ ଘୋଷଣା କରାଯିବା ନେଇ ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଧର୍ମଶାଳାଠାରେ ଖେଳାଯିବା ପରେ ଦ୍ୱିତୀୟଟି ୧୮ରେ ମୋହାଲି ଓ ଅନ୍ତିମ ତଥା ୩ୟ ମ୍ୟାଚ୍ ୨୨ ତାରିଖରେ ବେଙ୍ଗାଲୁରୁଠାରେ ଖେଳାଯିବ। ୱେଷ୍ଟଇଣ୍ଡିଜକୁ ୩-୦ ବ୍ୟବଧାନରେ ପରାସ୍ତ କରିଥିବା ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କାରଣ ୨୦୨୦ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଦଳ ନିକଟରେ ୨୨ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ରହିଛି। ଏହାକୁ ଦୃଷ୍ଟିରେ ରଖି ଚୟନ କମିଟି ଆଗକୁ ବଢ଼ିବାର ନିଷ୍ପତ୍ତି ନେଇଛି ବୋଲି ସିନିୟର ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ସେମାନେ ସୀମିତ ଓଭର କ୍ରିକେଟ ପାଇଁ ୩ ଜଣିଆ ଉଇକେଟକିପର ପୁଲ ରଖିବାକୁ ଯୋଜନା କରୁଛନ୍ତି। ଅବସର ବ୍ୟକ୍ତିଗତ ନିଷ୍ପତ୍ତି। ଜଣଙ୍କୁ ଅବସର ପାଇଁ ବାଧ୍ୟ କରିବାର ଅଧିକାର ଚୟନକର୍ତ୍ତା କିମ୍ବା କାହାରି ନାହିଁ। କିନ୍ତୁ ସେମାନଙ୍କ ନିକଟରେ ବିଶ୍ୱ ଟି୨୦ ପୂର୍ବରୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାର ଦାୟିତ୍ୱ ରହିଛି ବୋଲି ଉକ୍ତ ଅଫିସିଆଲ କହିଛନ୍ତି। ଏବେପର୍ଯ୍ୟନ୍ତ ଧୋନୀଙ୍କ ଯୋଜନା ସମ୍ପର୍କରେ ବିସିସିଆଇ ପ୍ରତିନିଧି କିମ୍ବା ଚୟନ କମିଟି କଥା ହୋଇନାହାନ୍ତି। ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ଧୋନୀଙ୍କ ସହ ଆଲୋଚନା ହୋଇଥିଲା। ସେତେବେଳେ ଧୋନୀ ୨ ମାସ ବିରତି ଚାହୁଁଥିବା କହିଥିଲେ। ମିଳିଥିବା ସୂଚନା ମୁତାବକ, ଚୟନ କମିଟି ଦ୍ୱିତୀୟ ଓ ତୃତୀୟ ବିକଳ୍ପ ଭାବେ ସଞ୍ଜୁ ସାମ୍‌ସନ ଓ ଈଶାନ କିଶାନଙ୍କ ଉପରେ ନଜର ରଖିଛି। ସାମ୍‌ସନଙ୍କ ପ୍ରଦର୍ଶନ ଦେଖିବା ପାଇଁ ଥିରୁଭାନନ୍ତପୁରମଠାରେ ହେବାକୁ ଥିବା ଏ ସିରିଜ୍‌ରେ ଚୟନ କମିଟିର ସଦସ୍ୟ ଷ୍ଟାଡିୟମ୍‌ରେ ଉପସ୍ଥିତ ରହିବେ।

# ‘ରହସ୍ୟମୟ’ ସ୍ପିନର ମେଣ୍ଡିସଙ୍କ ଅବସର

କଲମ୍ବୋ, ୨୮।୮



ନିଜର ସ୍ପିନ ବୋଲିଂର ବିବିଧତା ଲାଗି ଏକଦା ବିଶ୍ୱ କ୍ରିକେଟରେ ଚହଳ ସୃଷ୍ଟି କରିଥିବା ରହସ୍ୟମୟ ଶ୍ରୀଲଙ୍କା ସ୍ପିନର ଅଜନ୍ତା ମେଣ୍ଡିସ ବୁଧବାର ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୪ ବର୍ଷୀୟ ମେଣ୍ଡିସ ଗତ ୪ ବର୍ଷ ହେଲା ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିନାହାନ୍ତି। ଶେଷଥର ପାଇଁ ସେ ୨୦୧୫ରେ ଖ୍ରୀଷ୍ଟଚର୍ଚ୍ଚରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ନିଜର ଅନ୍ତିମ ମ୍ୟାଚ୍ ଖେଳିଥିଲେ। ୧୧ ବର୍ଷର କ୍ୟାରିୟରରେ ମେଣ୍ଡିସ ୧୯ ଟେଷ୍ଟ, ୮୭ ଦିନିକିଆ ଓ ୩୯ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୭୦, ୧୫୨ ଓ ୬୬ ଉଇକେଟ୍ ଅକ୍ତିଆର କରିଛନ୍ତି। ମୋଟ୍ ଉପରେ ସେ ୧୪୫ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୨୮୮ ଉଇକେଟ୍ ନେଇଛନ୍ତି। ଦିନିକିଆ କ୍ରିକେଟ୍ ଦ୍ରୁତତମ ୫୦ ଉଇକେଟ୍ ତାଙ୍କ ନାମରେ ରହିଛି। ମାତ୍ର ୧୯ ମ୍ୟାଚ୍‌ରୁ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ସେହିଭଳି ବିଶ୍ୱର ଏକମାତ୍ର ବୋଲର ଭାବେ ଟି୨୦ କ୍ରିକେଟ୍‌ରେ ମେଣ୍ଡିସ ଦୁଇଥର ୬ ଉଇକେଟ୍ ସଫଳତା ଅର୍ଜନ କରିଛନ୍ତି।

୨୦୦୮ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଏହି ଡାହାଣହାତୀ ଶ୍ରୀଲଙ୍କା ସ୍ପିନରଙ୍କୁ ‘କ୍ୟାରମ ବଲ୍’ ର ଜନକ ବୋଲି କୁହାଯାଏ। ୨୦୦୮ରେ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ମେଣ୍ଡିସ ପଦାର୍ପଣ କରି ବେଶ୍ ସଫଳତା ପାଇଥିଲେ। ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍ ପାଇଁ ସେହି ସମୟରେ ପରିଚିତ ଲାଭ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଖାଇ ସେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ମୋଟ୍ ୨୮ ଉଇକେଟ୍ ଅକ୍ତିଆର କରିଥିଲେ। ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ, ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ପରି ବ୍ୟାଟ୍ସମ୍ୟାନ ମେଣ୍ଡିସଙ୍କ ସ୍ପିନ ବିବିଧତାକୁ ଖେଳିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଏପରିକି ଗୋଟିଏ ଓଭରରେ ସେ ୬ ପ୍ରକାରର ବଲ୍ ପକାଇ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲେ। ୨୦୦୮ ଏସିଆ କପ୍ ଫାଇନାଲରେ ଭାରତ ବିପକ୍ଷରେ ସେ ୧୩ ରନ ବ୍ୟୟରେ ୬ ଉଇକେଟ୍ ହାସଲ କରି ଶ୍ରୀଲଙ୍କାକୁ ଚାମ୍ପିୟନ କରାଇବାରେ ନାୟକ ସାଜିଥିଲେ। ମେଣ୍ଡିସଙ୍କ ଏହି ମାରାତ୍ମକ ସ୍ପେଲ୍ ଆଜିବି କ୍ରିକେଟ୍‌ପ୍ରେମୀଙ୍କ ମନରେ ଉଜ୍ଜୀବିତ୍ ରହିଛି।

# ଖରାପ ଅମ୍ପାୟରିଂ ଲାଗି ବିଦା ହେଲେ ଦୁଇ ଅମ୍ପାୟର

**ଆଶେସ ସିରିଜ୍**

ମାଞ୍ଚେଷ୍ଟର,୨୮।୮

ଚଳିତ ଆଶେସ ସିରିଜ୍‌ର ପ୍ରଥମ ୩ ଟେଷ୍ଟରେ ବହୁମାତ୍ରାରେ ଅମ୍ପାୟରଙ୍କ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିରେ ହେଡିଂଲେ ଟେଷ୍ଟରେ ବେନ ଷ୍ଟୋକ୍ସଙ୍କୁ ଏଲବିଡବ୍ଲ୍ୟୁ ଦେବାରେ ବିଫଳ ହୋଇଥିଲେ, ଯାହାକି ମ୍ୟାଚ୍‌ର ଫଳାଫଳ ବଦଳି ପାରିଥାନ୍ତା ଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ରହିଛି। ଏଥିଯୋଗୁ ସିରିଜ୍‌ର ଅବଶିଷ୍ଟ ମ୍ୟାଚ୍‌ରେ ଦୁଇ ନୂଆ ଅମ୍ପାୟର ଦାୟିତ୍ୱ ସମ୍ଭାଳିବେ। ଅମ୍ପାୟର ଜୋଏଲ ୱିଲିସନଙ୍କ ସହ ଗତ ମ୍ୟାଚ୍‌ରେ ୭ଟି ଭୁଲ ନିଷ୍ପତ୍ତି କରିଥିବା କ୍ରିସ ଗାଫନି ଓଲ୍ଡ ଟ୍ରାଫର୍ଡ ମ୍ୟାଚ୍ ପରିଚାଳନା କରିବେ ନାହିଁ। ପ୍ରଥମ ଆଶେସ ଟେଷ୍ଟରେ ୱିଲିସନଙ୍କ ୮ ନିଷ୍ପତ୍ତିକୁ ଦୁଇ ଦଳ ଡିଆରଏସ୍ ଦ୍ୱାରା ବଦଳାଇଥିଲେ। ଏହାପରେ ହେଡିଂଲେ ଦୃଶ୍ୟ ଅମ୍ପାୟରଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇଂଲଣ୍ଡକୁ ଜିତିବା ପାଇଁ ୨ ରନ୍ ଦରକାର ଥିବାବେଳେ ନାଥନ ଲିଅନଙ୍କ ବଲ ଷ୍ଟୋକ୍ସଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହାକୁ ୱିଲିସନ ନଟଆଉଟ୍ ଦେଇଥିଲେ। କିନ୍ତୁ ରିପ୍ଲେରେ ଇଂଲଣ୍ଡକୁ ଜିତିଥିବା ଷ୍ଟୋକ୍ସ ପୂରା ଆଉଟ୍ ଥିବା ଦେଖିବାକୁ ମିଳିଥିଲା। ଦୁଇ ଅମ୍ପାୟରଙ୍କ ବଦଳରେ ମାରାଇସ ଇରାସମୁସ ଓ ରୁଚିରା ପାଲିୟାଗୁରୁଗେ ମ୍ୟାଚ୍ ପରଚାଳନା କରିବେ। ୩ୟ ଅମ୍ପାୟର ଦାୟିତ୍ୱରେ ରହିବେ କୁମାର ଧର୍ମସେନା।

# ବିଶ୍ୱ ଜୁନିୟର ସ୍ପ୍ରିଣ୍ଟ କୁଇନ୍ ଡୋପ୍ ଟେଷ୍ଟରେ ବିଫଳ

କିଙ୍ଗଷ୍ଟନ, ୨୮।୮(ଏଏଫ୍‌ପି)

ଦୁଇଥର ୨୦ ବର୍ଷରୁ କମ୍ ବିଶ୍ୱ ସ୍ପ୍ରିଣ୍ଟ ଟାଇଟଲ ହାସଲ କରିଥିବା ଜାମାଇକାର ବ୍ରିଆନା ୱିଲିୟମ୍ସ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ନିଷିଦ୍ଧ ଡିୟୁରେଟିକ୍ ହାଇଡ୍ରୋ କ୍ଲୋରୋଥାୟାଜାଇଡ୍ କାରଣରୁ ସେ ଡୋପ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଫଳରେ ସେ ଆସନ୍ତା ମାସରେ ଆୟୋଜନ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ନ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଗତ ଜୁନ୍ ୨୦ରୁ ୨୩ ମଧ୍ୟରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ୧୭ ବର୍ଷୀୟା ୱିଲିୟମ୍ସ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।





ଉତ୍କଳ ଅଡିଟୋରିୟମରେ ବୁଧବାର ଦୂରଦର୍ଶୀ କ୍ରୀଡ଼ା ସମ୍ମାନରେ ସମ୍ମାନିତ ବ୍ୟକ୍ତିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

# ୧ ମିନିଟରେ ୩୩୪ ପଞ୍ଚ୍



ବୁଧବାର ସମ୍ବର୍ଦ୍ଧିତ ହେବା ଅବସରରେ ଓକିନୱା କରାଟେ ସ୍କୁଲର କର୍ମକର୍ତ୍ତା ଓ ଛାତ୍ରୀଛାତ୍ରଙ୍କ ସହ ସୁବ୍ରତ କୁମାର ସାମଲ।

**ସୁବ୍ରତଙ୍କ ବଜ୍ର ବିଶ୍ୱ ରେକର୍ଡ**

ଭୁବନେଶ୍ୱର, ୨୮।୮(କ୍ରୀଡ଼ା ପ୍ରତିନିଧି)

ଓକିନୱା କରାଟେ ସ୍କୁଲର ସୁବ୍ରତ କୁମାର ସାମଲ ଡମ୍ବେଲ ସହିତ ୧ ମିନିଟ ମଧ୍ୟରେ ୩୩୪ ପଞ୍ଚମାରି ବଜ୍ର ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଗିନିଜ ବିଶ୍ୱ ରେକର୍ଡ ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ବୋଲି ସୁବ୍ରତ କହିଛନ୍ତି। ୧ ମିନିଟ ମଧ୍ୟରେ ଆଉ ୬ଟି ଅଧିକ ପଞ୍ଚ୍ ମାରି ପାରିଲେ ସେ ଗିନିଜ ବିଶ୍ୱରେକର୍ଡ ସୃଷ୍ଟି କରିବେ। ଏହି ସଫଳତା ପାଇଁ ଓକିନୱା କରାଟେ ସ୍କୁଲ ପକ୍ଷରୁ ବୁଧବାର ସୁବ୍ରତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଇନ୍‌ଷ୍ଟ୍ରକ୍ଟର ସୌମ୍ୟରଞ୍ଜନ ଦାସ, ଦେବାଶିଷ ରାଉତ, ଦୀପକ କୁମାର ପଟ୍ଟଆରସିଂ, ସେକ୍ ସୁଲତାନ, ପ୍ରତାପ କୁମାର ନାୟକ, ଜ୍ଞାନ ନନ୍ଦ, ଚିରଞ୍ଜୀବ ରାଓ, ନବ କିଶୋର, ମଧୁସ୍ମିତା ଭଞ୍ଜଦେଓ, ଚିରସ୍ମିତା ଭଞ୍ଜଦେଓ, ସନ୍ଦୀପ ପଟ୍ଟନାୟକ, ଜୀତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସୁବ୍ରତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଦର୍ଶନ ମାଧ୍ୟମରେ ପ୍ରତିଭା ପ୍ରମାଣିତ ହୋଇଥାଏ

**ସୌରଭ ଗାଙ୍ଗୁଲି**

ଭ୍ରମଣକାରୀ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ ଉପରେ ସମ୍ପୂର୍ଣ୍ଣରୂପେ ଆଧିପତ୍ୟ ବିସ୍ତାର କରିବାରେ ସଫଳ ହୋଇଛି। ୱେଷ୍ଟଇଣ୍ଡିଜ୍ ଗସ୍ତରେ ଭାରତ ଟୋଟାଲ ହ୍ୱାଇଟ୍ ୱାସ୍ କରିବାର ସମ୍ଭାବନା ସୃଷ୍ଟି କରିଛି। ୩ଟି ଯାକ ଫର୍ମାଟରେ ପ୍ରଭାବ ବିସ୍ତାର କରି ଖେଳିବା ଓ ସିରିଜ ଜିତିବା ନିଶ୍ଚିତ ଭାବେ ଏକ ବଡ଼ ସଫଳତା।

ଦିନିକିଆ ଓ ଟି୨୦ ପରେ ଟେଷ୍ଟ ସିରିଜ୍‌ରେ ମଧ୍ୟ ସମାନ ଫଳାଫଳ ଦେଖିବାକୁ ମିଳିଛି। ବିଶ୍ୱସ୍ତରୀୟ ଦ୍ରୁତ ବୋଲର ସୃଷ୍ଟି କରିବାରେ ୱେଷ୍ଟଇଣ୍ଡିଜର ଯଶ ରହିଥିଲେ ମଧ୍ୟ ଭାରତୀୟ ଦ୍ରୁତ ବୋଲରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଯେପରି ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନ୍‌କୁ ଧ୍ୱଂସ କଲେ ତାହା ପ୍ରଶଂସାଯୋଗ୍ୟ। ଯଶପ୍ରୀତ ବୁମ୍‌ରା ଭାରତ ପାଇଁ ମୁଖ୍ୟ ଦ୍ରୁତ ବୋଲର ସାବ୍ୟସ୍ତ ହୋଇଥିଲେ ମଧ୍ୟ ମହମ୍ମଦ ସାମି ଓ ଇଶାନ୍ତ ଶର୍ମା ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଟେଷ୍ଟ ବୋଲର ହିସାବରେ ଇଶାନ୍ତ ଯଥେଷ୍ଟ ଉନ୍ନତି କରିଛନ୍ତି। ବଲର ବିବିଧତା ଆଣିବା ସହିତ ଲାଇନ୍ ଓ ଲେନ୍ଥକୁ ବଜାୟ ରଖିବାରେ ସେ ସଫଳ ହୋଇଛନ୍ତି। ନୂଆ ବଲ୍ ସହିତ ପୁରୁଣା ବଲ୍‌ରେ ମଧ୍ୟ ସେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି।

ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ବିଷୟରେ ମଧ୍ୟ ଆଲୋଚନା ହେବା ଆବଶ୍ୟକ। ସେ ସବୁବେଳେ ନିଜ ଉପରେ ଭରସା କରିଆସିଛନ୍ତି। ଯଦିଓ ସେ ଦିନିକିଆ ଓ ଟେଷ୍ଟ ଦଳରେ ସବୁବେଳେ ସ୍ଥାନ ବଜାୟ ରଖିବାରେ ସଫଳ ହୋଇନାହାନ୍ତି। ବିଶ୍ୱକପ୍‌ରେ ତାଙ୍କୁ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିଥିଲେ ଓ କୋଡୋଟି ଦମ୍‌ଦାର ଇନିଂସ ଖେଳିଥିଲେ। ଏବେ ସେ ଟେଷ୍ଟରେ ମଧ୍ୟ ଅନୁରୂପ ଭାବେ ବ୍ୟାଟିଂ କରିବାରେ ସଫଳ ହୋଇଛନ୍ତି। ଦଳ ଯେତେବେଳେ ସଙ୍କଟରେ ପଡିଥିଲା ଓ ପ୍ରଭାବ ବିସ୍ତାର କରିବାକୁ ପ୍ରୟାସ କରୁଥିଲା ସେତେବେଳେ ଜାଡେଜା ଆକର୍ଷଣୀୟ ଇନିଂସ ଖେଳି ସ୍ଥିତି ସମ୍ଭାଳିବାରେ ସଫଳ ହୋଇଛନ୍ତି। ଅଜିଙ୍କ୍ୟ ରାହାନେ ମଧ୍ୟ ପ୍ରଥମ ଟେଷ୍ଟରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଉଭୟ ଇନିଂସରେ ରାହାନେ ରନ୍ ସ୍କୋର କରିବାରେ ସଫଳ ହୋଇଛନ୍ତି। ସେ ଭାରତ ପାଇଁ ଆଗକୁ ବହୁତ ଦିନ ଖେଳିପାରିବେ ବୋଲି କୁହାଯାଇପାରେ।

ଅନ୍ୟପଟେ ୱେଷ୍ଟଇଣ୍ଡିଜ ପୁଣି ଥରେ ଉପଯୋଗୀ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ପ୍ରଦର୍ଶନ ମାଧ୍ୟମରେ ପ୍ରତିଭା ପ୍ରମାଣିତ ହୋଇଥାଏ। ୱେଷ୍ଟଇଣ୍ଡିଜ ପାଖରେ ପ୍ରତିଭା ଥିଲେ ମଧ୍ୟ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ଖେଳାଳିମାନେ ଏହା ଉପରେ ମନୋନିବେଶ କରିବା ଆବଶ୍ୟକ। ଟସ୍ ଜିତି ୱେଷ୍ଟଇଣ୍ଡିଜର ଫିଲ୍ଡିଂ ନିଷ୍ପତ୍ତି ଠିକ୍ ନ ଥିଲା। ବରଂ ପ୍ରଥମେ ବ୍ୟାଟିଂ କରି ଭଲ ରନ ସଂଗ୍ରହ କରି ବିରାଟ କୋହଲିଙ୍କ ଭାରତୀୟ ଦଳର ବ୍ୟାଟିଂ ଦକ୍ଷତା ପରୀକ୍ଷା କରିବାର ଆବଶ୍ୟକତା ଥିଲା। କେମର ରୋଚ ଓ ସାନନ୍ ଗାବ୍ରିଏଲଙ୍କୁ ବାଦ୍ ଦେଲେ ଅନ୍ୟ ଦ୍ରୁତ ବୋଲରମାନେ ଭାରତକୁ ସମସ୍ୟାରେ ପକାଇବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟ ଟେଷ୍ଟରେ ମଧ୍ୟ ସେଭଳି ବଡ଼ ଧରଣର ପରିବର୍ତ୍ତନ ହେବ ନାହିଁ ଓ ଭାରତ ପ୍ରଭାବ ବିସ୍ତାର କରି ବାଜି ମାରିବ।

(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

## ସଂକ୍ଷେପରେ

### ସ୍କୁଲ ଆଲମାରିରୁ ୭୫ ହଜାର ଟଙ୍କା ନେଇଗଲେ

ନାକଟିଦେଉଳ,୨୮।୮(ଡି.ଏନ.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଧୀନ ଜାମୁଯୋରୀ ପଞ୍ଚାୟତର ଅଙ୍ଗାବିରା ପ୍ରାଥମିକ ସ୍କୁଲରୁ ମଙ୍ଗଳବାର ରାତିରେ ୭୫ ହଜାର ଟଙ୍କା ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୩ଟି ଶ୍ରେଣୀର ତାଲା ଭଙ୍ଗା ଯାଇଛି। ଅଫିସ କୋଠରିରେ ଥିବା ଆଲମିରାର ତାଲା ଭାଙ୍ଗି ସେଥିରୁ ଏହି ଟଙ୍କା ଚୋରି ହୋଇଥିବା ଅଭିଯୋଗପତ୍ରରେ ଦର୍ଶା ଯାଇଛି। ତେବେ ଏହି ଟଙ୍କା ମୋ ସ୍କୁଲ ଅଭିଯାନ ଯୋଜନାରେ ପୁରାତନ ଛାତ୍ରାଛାତ୍ରୀଙ୍କଠାରୁ ସଂଗ୍ରହ ହୋଇଥିଲା। ବୁଧବାର ସକାଳୁ କିଛି ଶ୍ରମିକ ସ୍କୁଲକୁ କାମ କରିବା ପାଇଁ ଯାଇଥିଲେ। ସ୍କୁଲର ଅଫିସ ସମେତ କେତେକ ଶ୍ରେଣୀ କୋଠରିର ତାଲା ଭଙ୍ଗା ଯାଇଥିବା ଦେଖି ସେମାନେ ପାଖ ଗାଁରେ ରହୁଥିବା ଶିକ୍ଷକ ହରିହର ଗଡ଼ନାୟକଙ୍କୁ ଖବର ଦେଇଥିଲେ । ଏହାପରେ ପ୍ରଧାନ ଶିକ୍ଷକ ନାରାୟଣ ସାହୁ ଖବର ପାଇ ସ୍କୁଲରେ ପହଞ୍ଚି ଥିଲେ।

■ଖଜୁରିବାହାଲ ଆଞ୍ଚଳିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

# ଛାତ୍ରୀଛାତ୍ର ପ୍ରଶାସନର ଦ୍ୱାରସ୍ଥ

ଦେବଗଡ଼,୨୮।୮(ଡ଼ି.ଏନ୍.ଏ.)

ରାଜ୍ୟରେ ଶିକ୍ଷାର ମାନ ଉନ୍ନତି ପାଇଁ ପ୍ରଚୁର ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଘୋର ଅନିୟମିତତା ଚାଲିଛି। ବିଶେଷକରି ତଫସିଲଭୁକ୍ତ ଜାତି ଓ ଜନଜାତି ନାମରେ ଅନେକ ଅର୍ଥ ବ୍ୟୟ ବରାଦ ହେଉଥିଲେ ମଧ୍ୟ ଠିକଣା ଜାଗାରେ ପହଞ୍ଚି ପାରୁନି। କେଉଁଠି ବିଦ୍ୟାଳୟର ଘର ନାହିଁ ତ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ନାହିଁ। ସେହିପରି ଶିକ୍ଷାଦାନ କରିବା ପାଇଁ ଶିକ୍ଷକ ଅଭାବ ରହିଛି। ଏପରି ଏକ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ରମ୍ଭେଇ ଗ୍ରାମପଞ୍ଚାୟତର ଖଜୁରୀବାହାଲ ଗ୍ରାମରେ। ଇତିହାସ ଶିକ୍ଷକ ଅଭାବ ନେଇ ଖଜୁରୀବାହାଲ ଆଞ୍ଚଳିକ ଆଦିବାସୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ଦେବଗଡ଼ରେ ପହଞ୍ଚି ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଭେଟିଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି କରିବାକୁ ଦାବିକରି ସ୍ମାରକପତ୍ର ଦେଇଛନ୍ତି।



ଦେବଗଡ଼ ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଛାତ୍ରୀଛାତ୍ର।

ଖବର ମୁତାବକ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପାଠ୍ୟ ଖସଡ଼ା ତିଆରି ହୋଇ ସମୟ ନିର୍ଘଣ୍ଟ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଇଥିଲେ ମଧ୍ୟ ଏଯାବତ ଇତିହାସ ଶିକ୍ଷକ ନ ଥିବାରୁ ସମୟ ନିର୍ଘଣ୍ଟ ମୁତାବକ ପାଠପଢ଼ା ହୋଇପାରୁ ନାହିଁ। ଏଣୁ ବାଧହୋଇ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ନିମନ୍ତେ ନିବେଦନ କରିଥିଲେ। ଖବରପାଇ ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରି ବିଦ୍ୟାଳୟକୁ ପଠାଇ ଦେଇଥିବା ଜଣାପଡ଼ିଛି।

# କୋଇଲା ବୋଝେଇ ମାଲଗାଡ଼ିରେ ନିଆଁ

କଣ୍ଟାବାଞ୍ଜି, ୨୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନରେ ବୁଧବାର ସକାଳେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଏକ କୋଇଲା ବୋଝେଇ ମାଲଗାଡ଼ିରେ ନିଆଁ ଲାଗିଯାଇଥିଲା। ଏନେଇ ଷ୍ଟେଶନ ମ୍ୟାନେଜର କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଗାଡ଼ିଟି ବୁଧବାର ଭୋର ୫ଟାରେ କଣ୍ଟାବାଞ୍ଜି ରେଳ ଷ୍ଟେଶନର ୧ନମ୍ବର ପ୍ଲାଟଫର୍ମରେ ଛିଡା ହୋଇଥିଲା। ସେତିକିବେଳେ ଏକ ବଗିରେ ନିଆଁ ଲାଗି ଧୂଆଁ ବାହାରିଥିଲା। ଏନେଇ ଷ୍ଟେଶନ ମ୍ୟାନେଜର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏଥିଯୋଗୁ କୌଣସି ବଗି କିମ୍ବା ଷ୍ଟେଶନ ପରିସର କ୍ଷୟକ୍ଷତି ହୋଇ ନ ଥିବା ଷ୍ଟେଶନ ମ୍ୟାନେଜର କେ.ସି.ମୁଣ୍ଡା କହିଛନ୍ତି।


ଅଗ୍ନିଶମ କର୍ମଚାରୀମାନେ ମାଲଗାଡ଼ିରୁ ନିଆଁ ଲିଭାଉଛନ୍ତି।

■୩ୟ ନୂଆପଡା ପ୍ରିମିୟର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଖଡ଼ିଆଳ, ନୂଆପଡ଼ା ବିଜୟୀ

ନୂଆପଡା ଅଫିସ,୨୮।୮

ସ୍ଥାନୀୟ ମିନିଷ୍ଟାଡିୟମରେ ନୂଆପଡା ଫୁଟବଲ ଆସୋସିଏଶନ ପକ୍ଷରୁ ପ୍ରିମିୟର ଲିଗ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଖଡିଆଳ ଏବଂ ନୂଆପଡା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପ୍ରଥମ ମ୍ୟାଚ ଖଡିଆଳ ଏବଂ ଖରିଆରରୋଡ ମଧ୍ୟରେ ହୋଇଥିଲା। ଏଥିରେ ଖଡିଆଳ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପାତଳ ଗଙ୍ଗା ବୋଡେନ ଏବଂ ପ୍ଲେବଏ ନୂଆପଡା ମଧ୍ୟରେ ହୋଇଥିଲା। ଟ୍ରାଇବେକରରେ ନୂଆପଡା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟକୁ ପରିଚାଳନା କମିଟି ତରଫରୁ ରାଜୁ ମହାନ୍ତି, ଧନୀ ନାଗ, ଅନୀଲ ଦାସ, ସତ୍ୟ ପଟେଲ ପ୍ରମୁଖ ପରିଚାଳନା କରୁଥିଲେ। ରେଫରୀ ଭାବେ ହରିହର ସାହୁ, ବଳରାମ କଲାର, ସତ୍ୟାନନ୍ଦ ମାଝି, ଗୁଡୁ ଛତ୍ରିଆ ପ୍ରମଖ ସହାୟତା କରୁଛନ୍ତି । ଅପରାହ୍ଣ ସାଢେ ୪ଟାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ବିଶେଷ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ , ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ, ପ୍ରକାଶ ସାହୁ, ସଞ୍ଜୁ ପୁରୋହିତ, ରାଜେଶ ନିଗମ, ଟୁଲୁ ପାଢୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।


ସମ୍ବଲପୁର ମହାନଗର ନିଗମ ରାସନପୁର ପ୍ରାଥମିକ ସ୍କୁଲର ଭାଙ୍ଗିଯାଇଥିବା କୋଠା ।




■ରାସନପୁର ପ୍ରାଥମିକ ସ୍କୁଲ

# ୧୦ ବର୍ଷରେ ଗଳି ପଡିଲା

ସମ୍ବଲପୁର,୨୭।୮(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ରାସନପୁର ପ୍ରାଥମିକ ସ୍କୁଲର ଏକ କୋଠାର ସମ୍ମୁଖ ଭାଗରୁ କିଛି ଅଂଶ ମଙ୍ଗଳବାର ଗଳି ପଡିଛି। ମାତ୍ର ୧୦ ବର୍ଷ ତଳେ ଏହା ନିର୍ମିତ ହୋଇଥିଲା। ଏତେ ଶୀଘ୍ର ଏହା ଗଳି ପଡିବାରୁ ନିର୍ମାଣ କାମ ଯେ କିଭଳି ହୋଇଥିଲା ତାହା ଜଳ ଜଳ ହୋଇ ଦିଶୁଛି। ତେବେ ସ୍କୁଲ ଚାଲିଥିବାବେଳେ ବାରଣ୍ଡା କାନ୍ଥ, ତାଜା ପତନ, ନିମିଟାଲ ସହ ଗଳି ପଡିଥିଲା। ହେଲେ ଏଥିରେ କାହାର କିଛି ହୋଇ ନାହିଁ। ପୂର୍ବରୁ ଶିକ୍ଷକଙ୍କ ସତର୍କତା ଯୋଗୁ ଛାତୀଛାତ୍ର ବର୍ତ୍ତି ଯାଇଛନ୍ତି। ଏବେ ସ୍କୁଲରେ ଆଉ ୨ଟି କୋଠା ରହିଛି । ହେଲେ ତାହା ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେବେ ବିଭାଗୀୟ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଶୁଭମ ସକସେନା କହିଛନ୍ତି।




■ଦାଦନ ଯାଇ ଆରପାରେ ଦିବାକର

# ରାଶନ ଚାଉଳ, ଭତା ପରିବାରର ସାହାଭରସା

କଲମପୁର, ୨୮।୮, (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଦାଦନ ସମସିଆ ଉପରେ ଲଗାମ୍ କସବାର ଲାଗି ଅନେକ୍ ଯୋଜନା କାର୍ଯ୍ୟକାରୀ କରୁଛନ୍। ହେଲେ ଯୋଜନାର କେହେନ୍‌ସି ନାଇଁ କେହେନ୍‌ସି ଜାଗାରେ ପୁଲ୍ ପଡ଼ିଯାଉଛେ। ଯେନ୍‌ଥିରଲାଗି ଓଡ଼ିଶାରୁ ଦାଦନ ସମସିଆର ଅଁତ୍ ନାଇଁ ହେବାର। ବେଶି କରି ପଶ୍ଚିମ ଓଡ଼ିଶାରୁ ଫିବଛର ହଜାର ହଜାର ସଂଖ୍ୟାରେ ଗରିବ୍ ଦୁଖି ପେଟ୍‌ପାଟନାର ଲାଗି ଗାଁ, ପରିବାର ଛାଡ଼ି ବାହାର ରାଏଜ୍‌କେ ଦାଦନ ଖଟି ଯାଉଛନ୍। ହେଲେ ସେଠାନୁ ସେମାନେ ଭଲେ ଭଲେ ଫିରବାବେ ବଲି କିଛି ମାନେ ନାଁଇଁନ। ଇ ଦାଦନ ସମସିଆର ଲାଗି ଅନେକ ପରିବାର ଲିହିବିହି ହେଇଯାଉଛେ, ନୂଆଁ ବିହାରି ଝି’ ବିଧବା ସାଜୁଛେ, ଛୁଆପିଲା ବାପ୍ ଛେଉଁଡ୍ ହେଉଛନ୍, ବୁଢ଼ାବୁଢ଼ି ମା’ବାପ୍ ପୁଓକେ ଝୁରି ଝୁରି ଖିଆପିଆ ଛାଡ଼ି ଜୀବନ୍ ହାରି ଦେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ କଳାହାଣ୍ଡି ଜିଲା କଲମପୁର ବ୍ଲକ କସାବାହି ଗାଁରେ।

ସୂଚନା ଅନ୍‌ସାରେ କସାବାହି ଗାଁର ବାସିନ୍ଦା ହେଉଛନ୍‌ଗୀତାଲିହରିଜନ।ଆପ୍‌ନେଦିବାକରହରିଜନ(୩୫) ଚଲତି ମାସର ୩ ତାରିଖ୍ ଗୁଜୁରାଟ ଦାଦନ ଖଟବାକେ ଗଲାବେଲେ ବାଟେ ସୁରତର ବରଦୋଲି ରେଲ୍ ଷ୍ଟେଶନରେ ଦୁରଘଟନାର ଶିକାର ହେଇ ଆରପାରକେ ଚାଲିଯାଇଥିଲେ। ଟଁକା ପଏସା ଅଭାବୁ ପରିବାର, ଲାଗେଲେସର ଦିବାକରଙ୍କର ମଲା ମୁହୁଁ ବି ଦେଖି ନାଇଁପାରଲେ। ଶେଷେ ରେଲ୍ ବିଭାଗ ସେଠାନେ ଦିବାକରଙ୍କର ଶବ ସତ୍‌କାର କରିଥିଲା। ଏହେଦେ ବିଧବା ଗୀତାଲିଙ୍କର ପରିବାରରେ ବିଧବା ବୁଢ଼ି ଶାଶ୍ ମିନମିୟା(୩୫), ଝି’ ହେମପୁଷ୍ପା(୬) ଆର ପୁଓ ଅଗ୍ନିକ(୩) ରହିଛନ୍। ଘରର ଝନେ ବଲି ରୁଜ୍‌ଗାରିଆ ମୁନୁଷ୍‌କେ ହରେଇ ପରିବାରଟା ଭାଂଗିପଡ଼ିଛେ। ପରିବାରଟା କେନ୍‌ଥେଇ ଚଲବା, ପିଲାଛୁଆକର ଭବିଷତ୍ କାଣା ହେବା ଇ ସବୁ ଚିନ୍‌ତାରେ ଦୁଇ ଶାଶ୍ ବହ ହରମେଶା ଆଏଁଖିରୁ ଲହ ଝରଉଛନ୍, ଚରହିକୁତି ତାହାକୁ ଅଁଧାର ଦିଶୁଛେ। ଏନ୍‌ତା ପରିସ୍ଥିତିରେ ଗୀତାଲିଙ୍କର ଉପରେ ପରିବାରର ସବୁ ବୋଝ୍ ରହିଛେ। ଇଆଡ଼େ ଶାଶ୍ ପାଉଥିବାର ବିଧବା ଭତା ଆର ରାଶନ କାର୍ଡରେ ମିଳୁଥିବାର ଚାଉଲରେ ପରିବାର ମାସେ ଚଲବାର ସମ୍ଭବ ନୁହେ। ଏନ୍‌ତାଥି ଦୁଇ ଶାଶ୍ ବହର ଲାଗି କୁଲି ମଜୁରି କରି କୁଟୁମ୍ ପୁଷିବାର ଛଡ଼ା ଉନିଆ ବାଟ୍ ନାଁଇଁନ। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଗୁଟେ ପୁରନା କାଲିଆ ଭଂଗା ଦଦ୍‌ରା ମାଏଟ୍ କୁରିଆରେ ମୁଡ଼ ଗୁଁଜିଛନ୍। ଏନ୍‌ତା ପରିସ୍ଥିତିରେ ଦୁଇ ଶାଶ୍ ବହ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗଣମାଧ୍ୟମ ଜରିଆରେ ଜିଲା ଆର ଥାନୀୟ ପରଶାନକେ ଗୁହାରି କରିଛନ୍। ଇ ଅସାହା ପରିବାରକେ ଯେତେ ଜଲଦି ହେବା ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ବି ଦାବି କରିଛନ୍।


ନିଜର ଦଦ୍‌ରା ଘର ଆଗେ ସ୍ୱର୍ଗତ ଦିବାକରଙ୍କର ପରିବାର।

# ସମ୍ବଲପୁର ଦ୍ୱିତୀୟ ପ୍ଲାଷ୍ଟିକ ବର୍ଜିତ ରେଳଷ୍ଟେଶନ

■ଶପଥ ନେଲେ କର୍ମଚାରୀ, ଛାତ୍ରୀଛାତ୍ର

■ଆଗକୁ ଚଢ଼ାଉ, ଜରିମାନା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସମ୍ବଲପୁର ରେଳ ଷ୍ଟେଶନକୁ ପ୍ଲାଷ୍ଟିକ ବର୍ଜିତ ଷ୍ଟେଶନ ଭାବେ ଘୋଷଣା କରାଯାଇଛି। ତିରୁପତି ପରେ ସମ୍ବଲପୁର ଦେଶର ଦ୍ୱିତୀୟ ପ୍ଲାଷ୍ଟିକ ବର୍ଜିତ ଷ୍ଟେଶନ ବୋଲି ପୂର୍ବତଟ ରେଳପଥର ସମ୍ବଲପୁର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ସମ୍ବଲପୁର ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ଡିଆର୍‌ଏମ୍ ଡ. ଜୟଦୀପ ଗୁପ୍ତା ଉପସ୍ଥିତ କର୍ମଚାରୀ, ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର, ସ୍କାଉଟ୍ ଆଣ୍ଡ୍ ଗାଇଡ୍ସ ଓ ଏନ୍‌ସିସି ସ୍ୱେଚ୍ଛାସେବୀଙ୍କୁ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରାଇବା ପାଇଁ ଶପଥ ଗ୍ରହଣ କରାଇଛନ୍ତି। ଏହାସହ ଅନ୍ୟମାନଙ୍କୁ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସଚେତନ କରିବାକୁ ଡ. ଗୁପ୍ତା ପରାମର୍ଶ ଦେଇଛନ୍ତି। ସେ ପରିବେଶ ଉପରେ ପ୍ଲାଷ୍ଟିକର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ବୁଝାଇବା ସହ ଷ୍ଟେଶନ ପରିସର ଓ କାର୍ଯ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଷ୍ଟେଶନ ପରିସରରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ନିୟମ କଡ଼ାକଡ଼ି କରାଯାଇଛି। ନିୟମିତ ଚଢ଼ାଉ କରାଯିବା ସହ ଖୁବ୍‌ଶୀଘ୍ର ଧାର୍ଯ୍ୟ ହୋଇଥିବା ଜରିମାନା ଆଦାୟ କରାଯିବ ବୋଲି ଡ. ଗୁପ୍ତା ସୂଚନା ଦେଇଛନ୍ତି। ଏହି ଅବସରରେ ଡ. ଗୁପ୍ତାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଯାତ୍ରୀ ଓ ଷ୍ଟେଶନ ବାହାରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।

- ଚାଣକ୍ୟ



## ସଂକ୍ଷେପରେ

### କଫ୍ ସିରପ ଜବତ, ଜଣେ ଗିରଫ

**ବରଗଡ଼ ଅଫିସ୍,୨୮।୮:** ବରଗଡ଼ ସଦର ଥାନା ପୋଲିସ କଫ ସିରପ କାରବାରରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସହରାପାଲିର ନିରଞ୍ଜନ ପ୍ରଧାନ । ତାଙ୍କଠାରୁ ୨୨ବୋତଲ କଫ ସିରପ୍ ଏବଂ ଗୋଟିଏ ଷ୍ଟ୍ରିପ ନିଶା ବଟିକା ଜବତ ହୋଇଛି । ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଅଧିକ ତଦନ୍ତ ଚାଲିଛି ବୋଲି ସଦର ଥାନା ଅଧିକାରୀ ଦିଲୀପ ବେହେରା ସୂଚନା ଦେଇଛନ୍ତି ।

### ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

**କୋମନା,୨୮।୮(ଡି.ଏନ.ଏ.):** ଚଳିତବର୍ଷ ଜିଲାସ୍ତରୀୟ କୁଲତା ଜାତିର ନୂଆଁଖାଇ ଭେଟଘାଟ ପାଇଁ କୋମନା ବ୍ଲକର ମହୁଲଭଟା ଗ୍ରାମରେ ଏକ ପ୍ରସ୍ତୁତି ବଇଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ଅକୃର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତିର ବୈଜ୍ୟେଷ୍ଠ ବ୍ୟକ୍ତି ଯୁଦ୍ଧେଶ୍ୱର ଭୋଇ, କୈଳାଶ ଭୋଇ, ଉମାଶଙ୍କର ସାହୁ, ରାହାସ ସାହୁ, ସାରଳା ବଲ୍ଲଭ ଖମାରୀ, ଧନେଶ୍ୱର ଭୋଇ, କ୍ଷେତ୍ର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଭେଟଘାଟ ପାଇଁ ଦିନ, ତାରିଖ ଧାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା।

# ଗଙ୍ଗାଧରଙ୍କ ସୃଷ୍ଟି ସମ୍ଭାର କାଳଜୟୀ

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଜୁନିୟର କଲେଜରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ଶଶୀଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟି ସମ୍ଭାର ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ରୀନା ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ପ୍ରାରମ୍ଭିକ, ଅନ୍ତିମ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଅଶୋକ ମେହେର ମନ୍ତ୍ର ଉଚ୍ଚାରଣ କରିଥିଲେ। ଅଧ୍ୟାପିକା ଡଃ ଭଗବତୀ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ ପ୍ରଧାନ, ଅଧ୍ୟାପିକା କୁସୁମ ମଞ୍ଜରୀ ପୁରୋହିତ, ଅନନ୍ତ ସାହୁ, ରାଜୀବ ସାହୁ, ସଚ୍ଚିଦାନନ୍ଦ ମାହାଣା, ପ୍ରଫୁଲ୍ଲ ମହାପାତ୍ର, ମନୋଜ ମିଶ୍ର ସହଯୋଗ କରିଥିଲେ। ଅଧ୍ୟାପକ ସୁଶାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଟାପାଲିସ୍ଥିତ



ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି ।

ରାଧାରମଣ ଧର୍ମଶାଳାରେ କବି ଗଙ୍ଗାଧରଙ୍କ ଜୟନ୍ତୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣପତି ଖମାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ଗଙ୍ଗାଧର ସାହିତ୍ୟର ପ୍ରାସଙ୍ଗିକତା, ବିଭୁପ୍ରେମ ଉପରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେହପରି ସଭାପତି ଖମାରୀ ଗଙ୍ଗାଧର ମେହେରଙ୍କ କାବ୍ୟ କୀଚକବଧରେ ମାନବୀୟ ସ୍ୱଭାବକୁ ଆଲୋଚନା କରିବା ସହିତ କବିଙ୍କ ରଚିତ ବିଭିନ୍ନ କବିତା ଉପରେ ଆଲୋଚନା କରିଥିଲେ। ନିତ୍ୟାନନ୍ଦ ସାହୁ ସଭା ସଂଯୋଜନା କରିଥିବାବେଳେ ପ୍ରହଲ୍ଲାଦ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣା ଜାଲିଆତି, ଫିଟୁଛି ଗୁମର

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ଜିଲା ତୋରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଗତ ରବି ଧାନ ସଂଗ୍ରହ ସମୟରେ ହୋଇଥିବା ଧାନକିଣା ଜାଲିଆତିର ଗୁମର ଫିଟିବାରେ ଲାଗିଛି। ଏହି ଘଟଣାକୁ ନେଇ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତରେ ଚାଷୀ ପରିଚୟ ପତ୍ରରେ ଜାଲିଆତି ହୋଇଥିବା ପଦାକୁ ଆସିଛି। ଚାଷୀଙ୍କ ପ୍ରକୃତ ଜମିକୁ ଢ଼େର ଗୁଣରେ ବଢ଼ାଇ ସେହି ହାରରେ ଧାନ ବିକ୍ରି ହୋଇଥିବା ମଧ୍ୟ ସୂଚନା ମିଳିଛି। ଏପରିକି ୧ଏକରରୁ ୨ଏକର ଜମି ମଧ୍ୟରେ ସୀମିତ ରହିଥିବା ଚାଷୀଙ୍କ ଜମିକୁ ପରିଚୟ ପତ୍ରରେ ୨୦ରୁ ୨୨ଏକର ବୋଲି ଉଲ୍ଲେଖ କରାଯାଇ ଧାନ ବିକ୍ରି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ତଦନ୍ତର ପ୍ରାଥମିକ ପର୍ଯ୍ୟାୟରେ ଏହି ପ୍ୟାକ୍ସ ଅଧୀନ କଲାପାଣି, ବରାହଗୋଡ଼ା ଗ୍ରାମର ୧୮ଜଣ ସେଭଳି ଚାଷୀଙ୍କ ନାମ ପଦାକୁ ଆସିଥିବା ସୂଚନା ମିଳିଛି। ତେବେ ପରିଚୟ ପତ୍ର ଜାଲିଆତିଠାରୁ ଆରମ୍ଭ କରି ଧାନବିକ୍ରି ପର୍ଯ୍ୟନ୍ତ ରାଜସ୍ୱ, ସମବାୟ ବିଭାଗଠାରୁ ଆରମ୍ଭ କରି ଯୋଗାଣ ବିଭାଗ ପର୍ଯ୍ୟନ୍ତ ଅଧିକାରୀଙ୍କ ଭୂମିକା ରହିଥିବାବେଳେ ସେହି ଜାଲିଆତି ପ୍ରତି ପ୍ରତ୍ୟେକ ବିଭାଗର ଅଧିକାରୀମାନେ କିଭଳି ଆଖିବୁଜି ଦେଇଥିଲେ, ତାକୁ ନେଇ ଏବେ ନାନା ସନ୍ଦେହ ଉପୁଜିଛି। ଅନ୍ୟପଟେ ଏହି ଜାଲିଆତି ଘଟଣାରେ କେବଳ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବାହାର କରି ଦିଆଯାଇ ଅନ୍ୟ ଅଧିକାରୀମାନେ ଖସିଯିବା ପାଇଁ ମସୁଧା ଚଳାଇଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଜାଲିଆତି ଘଟଣାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୃକ୍ତ ସବୁ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ କିଛି ଚାଷୀ ମଧ୍ୟ ସାମିଲ ଥିବାରୁ ସେମାନଙ୍କ ବିରୋଧରେ ପୋଲିସରେ ଏତଲା ଦିଆଯିବା କଥା ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି। ଗତ ରବି ଋତୁରେ ଅନେକ ପ୍ରକୃତ ଚାଷୀ ସେମାନଙ୍କ ଅମଳ ଧାନ ବିକ୍ରି କରିପାରି ନ ଥିବାବେଳେ ଏଭଳି ଜାଲିଆତିକୁ ପ୍ରଶ୍ରୟ ଦେଇଥିବା ଅଧିକାରୀ, କର୍ମଚାରୀଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା ଆଗକୁ ଦେଖିବାକୁ ବାକି ରହିଛି ।

# ବଧୂହତ୍ୟା ଅଭିଯୋଗ, ଥାନାରେ ଏତଲା

**ବରପାଲି,୨୮।୮(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ଥାନା ତଥା ବିଜୟପଲ୍ଲୀ ଫାଣ୍ଡି ଅନ୍ତର୍ଗତ ସତଲମା ଗ୍ରାମରେ ବୁଧବାର ଜଣେ ନବବଧୂଙ୍କୁ ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବିଜୟପଲ୍ଲୀ ଫାଣ୍ଡିରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା (ନଂ.୧୯୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ଗତ ଜୁନ ୨୬ତାରିଖ ବାଉଁଶୁଣୀର ପ୍ରଭାତୀ ପାଣ୍ଡେ(୧୯) ସତଲମା ଗ୍ରାମର କୈବର୍ତ୍ତ ନାଏକ(୨୮)ଙ୍କୁ ବିବାହ କରିଥିଲେ। ବିବାହ ପରେ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ପ୍ରଭାତୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବୁଧବାର ପ୍ରଭାତୀଙ୍କ ଶରୀରରେ କିରୋସିନ ଢ଼ାଳି ହତ୍ୟା କରାଯାଇଛି ବୋଲି ତାଙ୍କ ବଡ଼ଭାଇ ବସନ୍ତ ପୋଲିସରେ ଏତଲା ଦେଇଛନ୍ତି। ଏ ନେଇ ତଦନ୍ତ ଚାଲିଛି ବୋଲି ଫାଣ୍ଡି ଅଧିକାରୀ ସୁଦର୍ଶନ ପାଣ୍ଡେ କହିଛନ୍ତି।

# ବରଗଛ ଢଳି ତାର ଛିଣ୍ଡିଲା

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ସହରର ୱାର୍ଡ଼ ନଂ-୨ ଅଞ୍ଚଳରେ ରହିଥିବା ବହୁପୁରାତନ ଏକ ବରଗଛ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ବୁଧବାର ବରଗଡ଼ଟି ସାମାନ୍ୟ ତଳକୁ ଢ଼ଳିଯିବା ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଯାଇଥିବା ବିଦ୍ୟୁତ ତାର ଛିଣ୍ଡିଯିବା ସହିତ ଏକ ପାଚେରି ଭାଙ୍ଗି ପଡ଼ିଛି। ତାର ଛିଣ୍ଡିବା ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଅପରପକ୍ଷେ ବରଗଛଟି ଢ଼ଳିବା ଅବସ୍ଥାରେ ରହିଥିବା ଯୋଗୁ କୌଣସି ସମୟରେ ତାହା ସମ୍ପୂର୍ଣ୍ଣ ଉପୁଡି ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କା ରହିଛି। ଏ ନେଇ ବାରମ୍ବାର ପୌର ପରିଷଦ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ଫେରାଦ ହେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଗକୁ ଆନ୍ଦୋଳନ ମୁଣ୍ଡ ଟେକିଛି।



ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ବରଗଛ।

# ଗୁରୁଦିବସ ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ଶିକ୍ଷା ଜିଲାସ୍ତରୀୟ ଗୁରୁଦିବସ ପାଳନ ପାଇଁ ବୁଧବାର ଜିଲା ଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲାର ପ୍ରାଥମିକ, ମାଧ୍ୟମିକ ଶିକ୍ଷକ ସଂଘର ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ପ୍ରାଥମିକ, ମାଧ୍ୟମିକ ଶିକ୍ଷକମାନଙ୍କ ମିଳିତ ଉଦ୍ୟମରେ ଜିଲାସ୍ତରୀୟ ଗୁରୁଦିବସ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ୫ତାରିଖରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ହାଇସ୍କୁଲରେ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ ବୋଲି ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ୨୦ରୁ ଊର୍ଦ୍ଧ୍ୱ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇ ଥିବାବେଳେ ଜିଲାର ଶିକ୍ଷକମାନଙ୍କ ଦ୍ୱାରା ଗୁରୁଦିବସ ଉପରେ ଆଧାରିତ ଏକ ଲଘୁ ନାଟକ ମଧ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ବୈଠକରେ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୃତ ସାହୁ, ଏବିଇଓ ପ୍ରମୋଦ ହୋତା, ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରେଣୁଦାଶ ଶର୍ମା, ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ମୁହୁରିଆ ପଧାନ, ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା, ଭାର୍ଗବ ନାଏକ, ସଦାନନ୍ଦ ଜାଲ ପ୍ରମୁଖଙ୍କ ସମେତ ସିଆରସିସି ଉପସ୍ଥିତ ରହି ଆଲୋଚନା କରିଥିଲେ। ସିଆରସିସି ନମିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆପତ୍ତିଜନକ ଭିଡିଓ ଅପ୍‌ଲୋଡ ଉପରେ ଏସପିଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୮।୮:** ଯୁବତୀ, ମହିଳାଙ୍କ ଆପତ୍ତିଜନକ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ ଓ ଭାଇରାଲ କରାଯାଉଥିବା ବିଷୟକୁ ନେଇ ଇଣ୍ଟରନେସନାଲ ହ୍ୟୁମାନ୍ ରାଇଟ୍ କାଉନସିଲ ପକ୍ଷରୁ ବଲାଙ୍ଗୀରର ନବନିଯୁକ୍ତ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଭଳି ଅପରାଧକୁ ରୋକିବା ଉପରେ ପଦକ୍ଷେପ ନେବାକୁ ଏସପିଙ୍କୁ ଅନୁରୋଧ କରାଯାଇଛି। ଏଭଳି ଅପରାଧକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କାଉନସିଲର ସ୍ୱେଚ୍ଛାସେବୀମାନେ ଦାବି କରିଥିଲେ ।

# ଦୋକାନ ଗୃହ ସିଲ୍ କଲା ପ୍ରଶାସନ

**ବରଗଡ଼ ଅଫିସ୍,୨୮।୮:** ବରଗଡ଼ ସହରର ଲମ୍ବା ବିଲଡ଼ିଂ ଛକରୁ ଭଟଲି ଛକ ମଧ୍ୟରେ ରାସ୍ତାକଡରେ ରହିଥିବା କିଛି ଦୋକାନ ଗୃହ ଏବଂ ଜମିକୁ ନେଇ ଦୁଇପକ୍ଷ ମଧ୍ୟରେ ଦୀର୍ଘଦିନର ବିବାଦ ଲାଗି ରହିଥିଲା । ଗୋଟିଏ ପକ୍ଷ ସପକ୍ଷରେ କୋର୍ଟ ରାୟ ପ୍ରଦାନ କରିବା ପରେ ବୁଧବାର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦୋକାନ ଗୃହ ଗୁଡ଼ିକୁ ଖାଲି କରାଯିବା ସହିତ ସିଲ୍ କରି ଦିଆଯାଇଛି। ଏହା ସହିତ କିଛି ଦୋକାନକୁ ଭଙ୍ଗାରୁଜା ମଧ୍ୟ କରାଯାଇଛି। ଉଲ୍ଲେଖନୀୟ, ଗତ ମାସ ୨୧ତାରିଖରେ ସେହି ଦୋକାନ ଗୃହ ଉଚ୍ଛେଦକୁ ନେଇ ଉତ୍ତେଜନା ଦେଖାଯାଇଥିଲା। ବୁଧବାର ତହସିଲଦାର ସବ୍ୟସାଚୀ ପଣ୍ଡା ଓ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା।



ତହସିଲଦାରଙ୍କ ଉପସ୍ଥିତିରେ ଦୋକାନ ଗୃହ ଖାଲି କରାଯାଉଛି।


**PARADIP PORT TRUST**

**CORRIGENDUM-II TO E-TENDER CALL NOTICE NO. EM/MM/P/STEEL/07/2018(PT)/1906TDR112, DT.11.06.2019, FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below:
1. Last Date of submission of tender up to 5.30 PM of Dt.11.09.2019.
2. Opening of Technical Bid at 3.30 PM of Dt.13.09.2019.

All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager

PPT/PR/293/19-20, DT.27.08.2019

**PARADIP PORT TRUST**

**CORRIGENDUM-I TO E-TENDER CALL NOTICE NO. EM/MM/P/IOHP/21/2019/ 1907TDR142, DT. 20/07/2019 FOR SUPPLY OF BUCKET WHEEL TEETH**

The due date of submission of Tender & opening of EMD Bid is hereby further extended as below. (1) Last Date of submission of tender up to 5.00 PM of Dt. 10/09/2019. (2) Opening of EMD Bid at 3.30 PM of Dt. 12/09/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

PPT/PR/295/19-20 Date 27.08.2019

Sr. Dy. Materials Manager

**नालको NALCO**

National Aluminium Company Limited
(A Government of India Enterprise)

Nalco Bhawan, Nayapalli, Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDER**

**1. No. NBC/MM/01/NIT/LCTP/2019, Date : 21/08/2019 -** Online bids are invited for the supply of Liquid Coal Tar Pitch for our Smelter Plant, Angul (Odisha), India from bonafide indigenous manufacturers/ suppliers or their accredited agents:
**Approx. Qty. Reqd (MT) :** 40,500 +/- 2%, **Earnest Money Deposit :** Rs. 25,00,000/-, **Last Date of Tender Submission :** 18.09.2019 up to 01:00 PM

**General Manager (Materials)**

**2. RFP No. TNCC-029/2019 :** Digitally signed online bids for **Two Part, Open Tender cum Reverse Auction** through Central Public Procurement e-procure Portal are invited for "Road Transportation of Aluminium Metal Products from Nalco's Stockyard at Vizag to Nalco's Stockyard at Bhiwandi."

**AGM (Elect.), T&C**

Tender documents and online submission procedure can be downloaded from Nalco's Website i.e **www.nalcoindia.com** and **www.eprocure.gov.in**. Any Updates / Amendments / Extension/ Corrigendum will only be hosted in above websites.

**CUTTACK MUNICIPAL CORPORATION**

At: Choudhury Bazar, PO: Telenga Bazar, Dist: Cuttack-753009

7692 Date: 27.08.19

**PUBLIC NOTICE**

Functioning of Planning Branch in Cuttack Municipal Corporation and receipt of applications for approval of building plans/sub-divisional layout plans.

This is for information of general public that the building plan/sub-divisional layout plan approval and all new cases of unauthorised constructions within the administrative jurisdiction of Cuttack Municipal Corporation will be dealt by Cuttack Municipal Corporation from 1st September, 2019.

As the powers pertaining to approval of building plan/sub-divisional layout plan and the powers u/s 91 & 92 of ODA Act to deal with unauthorised constructions have been delegated to Cuttack Municipal Corporation under ODA Act, 1982, therefore the provisions of ODA Act/Rules and regulations made there under which are applicable to Cuttack Development Authority, the same shall also remain applicable for the Cuttack Municipal Corporation and all cases shall accordingly be dealt by Cuttack Municipal Corporation.

**Sd./- Commissioner, Cuttack Municipal Corporation**

**idco** Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. IDCO/HO-MIS/A-10013/01/2019/V-1/P-2/14700 Date: 27.08.2019

**CORRIGENDUM TO TENDER CALL NOTICE NO. 14359 DATED 19.08.2019 FOR SUPPLY, INSTALLATION, COMMISSIONING, INCLUDING WARRANTY FOR RHEL & RHOSP LICENSES AND SERVER FOR INSTALLATION OF NMS (EMS SYSTEM) IN IDCO**

In partial modification to the Tender Call Notice no. 14359 dated 19.08.2019 for Supply, Installation, Commissioning including warranty of RHEL & RHOSP Licenses and Server for Installation of NMS (EMS System) in IDCO, the EMD amount as mentioned in the Tender Call Notice No. 14359 dated 19.08.2019 may be read as Rs. 64,000/- (Rupees Sixty Four Thousand) instead of Rs. 6,400/- (Rupees Six Thousand Four Hundred). The revised date is as follows.

| SI.NO. | Information | Details |
|---|---|---|
| 1 | The Tender Documents will be available in IDCO Website (**www.idco.in**). | From 30.08.2019 to 12.09.2019 |
| 2 | Last date (deadline) for submission of bids. | 17.09.2019 at 5.00 P.M. |
| 3 | Date of Opening of Technical Bid and Commercial Bid. | 18.09.2019 at 11.00 A.M. |

All other terms and conditions shall remain unchanged

Sd/-
Manager (MIS)

**OHPC ORISSA HYDRO POWER CORPORATION LTD.**

O/O EXECUTIVE ENGINEER, PODAGADA DAM DIVISION
UPPER INDRAVATI HYDRO ELECTRIC PROJECT
AT/PO-KHATIGUDA, DIST. NABARANGPUR, ODISHA, PIN – 764085
Tel. No. 06858 224255, E-mail – eepodagadadam@gmail.com.

No.1316 Date. 26.08.2019

e-Procurement Notice CAD-334

Bid Identification No. EEPDDUIHEP KHATIGUDA 02 (1-3) /2019-20

| Sl. No | Bid identifi-cation No. | Name of Work | Value of works (in Rs.) | Cost of Bid document including GST @ 18% (in Rs.) Non-refundable | Bid Security (EMD) in Rs. | Period of completion | Last date & time of Online Receipt of Bids | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | EEPPD-02 (01)/19-20 | Improvement to road from Indravati College Chhak to Damodar Chhak RD 0.00Mtr. to 5000.00Mtr. | 49,70,761/- | Rs.6000+ GST@18% Rs.1080= Rs.7080/- | 49,800/- | Six calendar months | Date. 13.09.2019 up to 5.00PM | B&A Class contractors |
| 2 | EEPPD-02 (02)/19-20 | Renovation of lavatory of UIHEP staff quarters (D, TD, E, TE, F, FT type = 131 Nos.), Khatiguda. | 33,03,508/- | Rs.6000+ GST@18% Rs.1080= Rs.7080/- | 33,500/- | Six calendar months | Date: 13.09.2019 up to 5.00PM | C&B Class contractors |
| 3 | EEPPD-02 (03)/19-20 | Improvement to auditorium Hall and toilet of Indravati Project High School, UIHEP, Khatiguda | 5,32,373/- | Rs.4000+ GST @ 18% Rs.720/- = Rs.4720/- | 5,500/- | Six calendar months | Date: 13.09.2019 up to 5.00PM | D&C Class contractors |

The Bid documents will be available in the Govt. website : http://www.tenderorissa.gov.in/ in the OHPC Website: www.ohpcltd.com from 11.00 AM of dt.30.08.2019 to 5.00 PM of dt. 13.09.2019..
The details of the Tender Document, Terms and Conditions please refer our website **www.ohpcltd.com & http://www.tenderorissa.gov.in.**

32257/11/0004/1920

EXECUTIVE ENGINEER
PODAGADA DAM DIVISION

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LTD.**

OPTCL Lifeline of Orissa
A GOVT. OF ODISHA UNDERTAKING
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907242,
e-mail: sgm.onm1.npr@optcl.co.in, CIN: U40102OR2004SGC007553

**e-TENDER NOTICE NO. NPR-06/2019-20**

For and on behalf of ODISHA POWER TRANSMISSION CORPARATION LTD Sr.General Manager, (O&M)-1.Narendrapur invites Tenders from reputed Bidders in single part bidding system for REPLACEMENT OF LONG ROD INSULATOR AND PROVISION OF EXTRA L-CUT JUMPERS OF 55 NOS TOWERS AT 220 KV NARENDRAPUR-ATRI DC LINE FROM LOC NO. 1 TO LOC NO. 261 OF 220 KV T/L S/S, NARENDRAPUR UNDER EHT (O&M) DIVISION, BERHAMPUR, The interested Bidders would be required to enroll themselves on the tender portal www.tenderwtzard.com/OPTCL Complete set of bidding documents are available at www.tenderwizard.com/OPTCL from Dated 27.08.2019 (16.06 Hrs.) upto Dated 26.09.2019 (12.31 Hrs). Interested Bidders may visit OPTCL's official website http://www.optcl.co.in and http://www.tenderwizard.com/OPTCL for detail specification. N.B :All subsequent addendums/corrigendum to the tender shall be hosted in the OPTCL's official website http: www.optcl.co.in and www.tenderwizard.com/OPTCL for detail specification

*Sr. General Manager (Elect.)*

GOVT. OF ODISHA
OFFICE OF THE HEALTH & FW DEPARTMENT
VSS INSTITUTE OF MEDICAL SCIENCES AND RESEARCH, BURLA,(SAMBALPUR)
****

No. 11817 /VIMSAR Dated,Burla,the 26th 08 ,2019

**TENDER** 267-E

Sealed Tenders are invited from the Regd. Firm and Co-operative Society registered under the GST Act for Printing of Forms and supply of envelope Register and other stationeries of this Hospital for the year **2019-20** which will be received up to **5.00 PM** of dt. 26-09-19 through Regd.Post/Speed post only and will be opened on the next working day at 11.00AM in the office chamber of the Superintendent, VIMSAR, Burla. Tenders received beyond the scheduled date and time will not be entertained.

The tenderer may get details of the Tender call notice from this office of the Superintendent, VIMSAR,Burla on deposit of **Rs.1000/-(Rupees One thousand)** only towards cost of tender papers at Users fee collection counter of this Hospital during office hour The tenderers may also download the Tender from the website www.sambalpur.nic.in with effect from 30-8-19 and submit the same with a Bank draft of **Rs.1000/-(Rupees One thousand)** only in favour of Superintendent, VIMSAR,Burla. The cost of Tender paper is non refundable.

Superintendent
VSS IMSAR ,Burla

10026/11/0002/1920



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### ଡାଲବରେ ବିଜେଡି କର୍ମୀ ସମ୍ମିଳନୀ

**ଅତାବିରା,୨୮।୮ (ଡି.ଏନ.ଏ):** ଭେଡେନ ବ୍ଲକ ଡାଲବ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜେଡି କର୍ମୀ ପ୍ରମୋଦ ଦନ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ହରିଶଙ୍କର ବେହେରା ମୁଖ୍ୟବକ୍ତା, ଭେଡେନ ବ୍ଲକର ସୁପ୍ରଭା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମିଳନୀରେ ଦଳୀୟ ବିଷୟରେ ଆଲୋଚନା ହୋଇଥିଲା । ଜିଲା ପରିଷଦ ସଭ୍ୟ ସୁବାଷ ହୋତା, ପୂର୍ବତନ ସମିତି ସଭ୍ୟା ସନ୍ତୋଷିନୀ ଦନ୍ତା, ରବି ପାଣିଗ୍ରାହୀ, ସୁରେନ୍ଦ୍ର କର୍ମୀ, ସାନନ୍ଦ କରନ, ହେମାବତୀ କରନ, ସୁବୋଧ ମିଶ୍ର ନିଜ ନିଜ ଅଞ୍ଚଳର ସମସ୍ୟା ଉପରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡାଲବ ସରପଞ୍ଚ ଶୈଳଶ୍ରୀ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ ।

### ଅଭିଭାବକ ସମ୍ମିଳନୀ

**ଜାମଟିକ୍ରା, ୨୮।୮ (ଡି.ଏନ.ଏ):** ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ବୁଧବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଦିଆଯାଉଥିବା ମଧାହ୍ନ ଭୋଜନ ସମ୍ପର୍କରେ ଓ ବିଦ୍ୟାଳୟର ସୁବିଧା ଅସୁବିଧା ବାବଦରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈକୁଣ୍ଠ ସେଟଙ୍କ ସମେତ ଉକ୍ତ କମିଟିର ସମସ୍ତ ସଭ୍ୟାସଭ୍ୟ ଓ ଶତାଧିକ ଅଭିଭାବକ ଯୋଗଦେଇ ନିଜର ମତ ରଖିଥିଲେ । ଶିକ୍ଷକ ସଚ୍ଚିଦାନନ୍ଦ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଞ୍ଚାୟତ ସମିତି ଜୁନିୟର କଲେଜରେ ଗଙ୍ଗାଧର ଜୟନ୍ତୀ

**ଝାରବନ୍ଧ,୨୮।୮ (ଡି.ଏନ.ଏ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗାଇସିଲେଟ ଡିଗ୍ରୀ କଲେଜ ଓଡିଆ ଅଧାପକ ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବିଙ୍କ ସାହିତ୍ୟ ଉପରେ ବିଶଦ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଚିନ୍ତାମଣି ମିଶ୍ରଙ୍କ ସଙ୍ଗୀତ ସଂଯୋଜନାରେ କବିଙ୍କ ରଚିତ ଗୀତ ଛାତ୍ରୀଛାତ୍ର ଗାନ କରିଥିଲେ। ଅତିଥିମାନେ କବିଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା ଆରମ୍ଭ କରାଯାଇଥିଲା । ଅଧାପକ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପିକା ପୁଷ୍ପାମଞ୍ଜରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ସରିତା ମିଶ୍ର, ମେଘନାଦ ସୁନା, କାର୍ତ୍ତିକ ବରିହା, ଉମେଶ ସାହୁ, ସୁରେନ୍ଦ୍ର ସାହୁ, ଛତ୍ରପାଳ ଗିରି, ବେଣୁଧର ପାଣିଗ୍ରାହୀ, କୁମୁଦ ସାହୁ, ହୃଷିକେଶ ଭୋଇ, ସୁରେନ ସା ପ୍ରମୁଖ ସହଯୋଗ କରିଥିଲେ ।

### ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର

**ସୋହେଲା,୨୮।୮(ଡିଏନଏ):** ସୋହେଲା ବ୍ଲକ ଅନ୍ତର୍ଗତ ଲୁହୁରାଚଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଙ୍ଗଳବାର ବରଗଡ ଜିଲାର ୨୧ତମ ଜିଲାସ୍ତରୀୟ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ ପରେ ଆମ ପରିବାର ଓ ଅତିମାନସ ଧାର ଶୀର୍ଷକ ଆଲୋଚନା ହୋଇଥିଲା। ବରିଷ୍ଠ ସାଧକ ତଥା ରାଜ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ । ସୁଶ୍ରୀ ପ୍ରତିମା ଗୁରୁ ଉପକ୍ରମ କରିଥିଲେ। ପ୍ରଫୁଲ୍ଲ କୁମାର ପଣ୍ଡା ଅନ୍ୟତମ ଆଲୋଚକ ଭାବେ ଯୋଗ ଦେଇଥିଲେ। ସୁଶ୍ରୀ ଲକ୍ଷ୍ମୀପ୍ରିୟା ରାଉତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଉପସ୍ଥିତ ମା'ମାନଙ୍କୁ ନେଇ ଅତିମାନସ ଏବଂ ଦିବ୍ୟକର୍ମ ବିଷୟରେ ଦଳଗତ ଆଲୋଚନା ହୋଇଥିଲା। ସୁଶ୍ରୀ ବୈଜୟନ୍ତୀ ଧରୁଆ, ତପସ୍ୱିନୀ ମହାପାତ୍ର, ତାପିନି ପଣ୍ଡା, ମମତା ଦାଶ, ଆହ୍ଲାଦିନୀ ଦଳେଇ, ଲଳିତା ପଧାନ, ତୁଷାରରାଣୀ ପ୍ରଧାନ ଦଳ ପରିଚାଳନା କରିଥିଲେ। ଲୁହୁରାଚଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନା ମଣ୍ଡଳୀର ସଭାପତି କାଶିନାଥ ସାହୁ, ଉପସଭାପତି କେଦାର ମେହେର, ସମ୍ପାଦକ ସାନନ୍ଦ ବିଶ୍ୱାଳ, ସହ ସମ୍ପାଦକ ଅଶ୍ୱିନୀ ଭୋଇ, ସଭ୍ୟ ସୁରେଶ ଭୁଏ, ନିର୍ମଳ ସାହୁ, କମଳ ମେହେର, ବେଣୁଧର ଭୋଇ, ଉପଦେଷ୍ଟା ତସିଲ ବିଶ୍ୱାଳ, ସୁନୀଲ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଠିକା ଶ୍ରମିକଙ୍କ ଚେତାବନୀ

# ପ୍ରାପ୍ୟ ନ ଦେଲେ ଧାରଣା

**ବରଗଡ଼ ଅଫିସ୍,୨୮।୮**

ପଶ୍ଚିମଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇକୁ ଆଉ ମାତ୍ର ୬ଦିନ ବାକି ଅଛି। ଉତ୍ସାହ, ଉଦ୍ଦୀପନାର ସହିତ ଏହି ପର୍ବକୁ ପାଳନ କରିବା ପାଇଁ ଘରେ ଘରେ ପ୍ରସ୍ତୁତି ଚାଲିଛି । ମାତ୍ର ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନାର ଠିକା ଶ୍ରମିକଙ୍କୁ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ବୋନସ, ଓଭର ଟାଇମ୍ବର ବକେୟା ରାଶି ପ୍ରଦାନ କରାଯାଇନାହିଁ। ଏହାକୁ ନେଇ ଠିକା ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଧବାର ବରଗଡ଼ ସିମେଣ୍ଟ ଠିକା ଶ୍ରମିକ ସଂଘ ପକ୍ଷରୁ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସାଧବୀ ଦେହୁରିଆ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଆସନ୍ତା ସେପ୍ଟେମ୍ବର ୩ ତାରିଖରେ ନୂଆଖାଇ ପର୍ବ। ଏହା ଅଞ୍ଚଳର ମୁଖ୍ୟ ଗଣପର୍ବ ଅଟେ। ଫଳରେ ଏହି ପର୍ବ ପାଳନ ପାଇଁ ଅର୍ଥର ଆବଶ୍ୟକତା ରହିଛି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଠିକା ଶ୍ରମିକ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ।

ମାତ୍ର କାରଖାନା କର୍ତ୍ତୃପକ୍ଷ ନୂଆଖାଇ ପୂର୍ବରୁ ଠିକା ଶ୍ରମିକଙ୍କ ପ୍ରାପ୍ୟ ବୋନସ, ଓଭର ଟାଇମ୍ବ ବକେୟା ଆଦି ନ ଦେବା ପାଇଁ ଚକ୍ରାନ୍ତ ଚଳାଇଥିବା ଅଭିଯୋଗ ହୋଇଛି। ଏପରିକି ଆସନ୍ତା ୨ତାରିଖ ସୁଦ୍ଧା ଚଳିତମାସର ଦରମା ମଧ୍ୟ ନ ଦେବା ପାଇଁ ମସୁଧା ଚାଲିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ପ୍ରାପ୍ୟରାଶି ନ ପାରିଲେ ସେମାନେ ନୂଆଖାଇ ପର୍ବ ଭଲ ଭାବେ ପାଳନ କରିବାରେ ସକ୍ଷମ ହେବେ ନାହିଁ ବୋଲି ଶ୍ରମିକମାନେ କହିଛନ୍ତି। ଏ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେଇ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ସେମାନଙ୍କ ପ୍ରାପ୍ୟରାଶି ପ୍ରଦାନ କରିବା ପାଇଁ ଠିକା ଶ୍ରମିକ ସଂଘ ଦାବି କରିଛି। ଯଦି ୧ ତାରିଖ ସୁଦ୍ଧା ପ୍ରାପ୍ୟରାଶି ନ ମିଳିଲେ ଠିକା ଶ୍ରମିକମାନେ ଜିଲାପାଳ ଅଫିସ ଆଗରେ ଧାରଣା ଦେବା ପାଇଁ ବାଧ୍ୟ ହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ସଂଘର ସଭାପତି ଦେବବ୍ରତ ମିଶ୍ର, ସାଧାରଣ ସମ୍ପାଦକ ନରେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଠିକା ଶ୍ରମିକମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବିନା ପାରିଶ୍ରମିକରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା

**ଅତାବିରା, ୨୮।୮ (ଡି.ଏନ.ଏ)**

ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଦେଶପର୍ଥଲା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଝସକେତନ ମେହେର (୬୬)। ସ୍ତ୍ରୀ, ୩ ପୁଅ, ବୋହୂ, ନାତି ନାତୁଣୀଙ୍କୁ ନେଇ ତାଙ୍କ ସଂସାର। ସେ ଚାକିରୀରୁ ଅବସର ନେବା ପରେ ମଧ ଦୀର୍ଘ ୫ ବର୍ଷ ହେଲାଣି ବିନା ପାରିଶ୍ରମିକରେ ସାଲନା ପ୍ରାଥମିକ ମଧ ଇଂରାଜୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାତୃଭାଷା (ସାହିତ୍ୟ) ବିଷୟରେ ଶିକ୍ଷାଦାନ କରିଆସୁଛନ୍ତି। ସେ ଦେଶପର୍ଥଲା ଗାଁରୁ ଏକ ସାଇକେଲ ଧରି ସାଲନାକୁ ପ୍ରତିଦିନ ଯାଉଛନ୍ତି। ଚାକିରିରୁ ଅବସର ନେଲା ପରେ ମଧ ଘରେ ବେକାର ନ ବସି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ସହିତ ଚାଷ କାମ ମଧ କରୁଛନ୍ତି। ଝସକେତନ ସାହୁ ପ୍ରଥମେ ସୋନପୁର ଜିଲା ସିଣ୍ଡୋଲ ମଧ ଇଂରାଜୀ ବିଦ୍ୟାଳୟରେ ୧୨୫ ଟଙ୍କା ମାସିକ ଦରମାରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ସେ ବରଗଡ ଜିଲା ଅତାବିରା ଓ ଭେଡେନ ବ୍ଲକକୁ ବଦଳି ହୋଇଥିଲେ। ସେ ଭେଡେନ ବ୍ଲକ ଦେଶକୁମ୍ଭାରୀ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୦ ବର୍ଷ ଶିକ୍ଷକତା କରିଛନ୍ତି। ଏବେ ଛାତ୍ରୀଛାତ୍ରମାନଙ୍କୁ ବିନା ପାରିଶ୍ରମିକରେ ପାଠ ପଢାଇ ଯେଉଁ ଆତ୍ମ ତୃପ୍ତି ଓ ଆନନ୍ଦ ମିଳୁଛି ତାହା ଆଉ କୌଣସିଠାରେ ମିଳେ ନାହିଁ ବୋଲି ଝସକେତନ କହିଥିଲେ। ପାରିବାରିକ ଝଡଝଞ୍ଜାରେ ଥାଇ ମଧ ଛାତ୍ରୀଛାତ୍ରଙ୍କୁ ବିନା ମୂଲ୍ୟରେ ପାଠ ପଢ଼ାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

## ବମ୍ବେରୁ ଆସିଲା ଗଣେଶ ମୂର୍ତ୍ତି

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ସହରର ୱାର୍ଡ଼ ନଂ-୧ ନଦୀପଡ଼ାରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ପର୍ବ ଜୋରଦାର ଚାଲିଛି। ଅନ୍ୟବର୍ଷ ଭଳି ଏଥର ମଧ୍ୟ ବମ୍ବେରୁ ଗଣେଶ ମୂର୍ତ୍ତି ଅଣାଯାଇଛି। ଗଣେଶ ମୂର୍ତ୍ତି ଧରି ବରଗଡ଼ ରୋଡ୍ ରେଳଷ୍ଟେଶନ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଗଣେଶ ପୂଜା ମଣ୍ଡଳୀର ସାହିଲ ଅଗ୍ରୱାଲ, ବିଶ୍ୱାଳ ବଲୋଦିଆ, ଶ୍ରବଣ ଲାଠ, ମାନସ ଅଗ୍ରୱାଲ, ପ୍ରତୀକ ସାୱାଡ଼ିଆ, ପ୍ରବେଶ ବଲୋଦିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧାଶ୍ରମକୁ ପହଞ୍ଚିଲା ନୂଆଖାଇ ଭାର

**ବରଗଡ଼ ଅଫିସ୍,୨୮।୮**

ଆଉ ମାତ୍ର ସପ୍ତାହକ ପରେ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ। ଏଥିପାଇଁ ବରଗଡ଼ ଜିଲା ସମେତ ସମଗ୍ର ପଶ୍ଚିମ ଓଡ଼ିଶାର ଘରେ ଘରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେବେ ଅଞ୍ଚଳର ଅସହାୟ, ବୃଦ୍ଧାଶ୍ରମରେ ରହିଥିବା ଅନ୍ତେବାସୀମାନେ ମଧ୍ୟ ଯେଭଳି ଏହି ଗଣପର୍ବରୁ ବଞ୍ଚିତ ନ ହେବେ, ସେଥିପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦୁଇଦିନ ତଳେ ଜିଲା ଶୁଦ୍ରମୁକ୍ତି ଅଭିଯାନ ପକ୍ଷରୁ ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ଗରିବ ଅସହାୟଙ୍କୁ ନୂଆଖାଇ ଅଢ଼ିଆ ସ୍ୱରୂପ ଡାଲି, ଚାଉଳ ଆଦି ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ସୋମବାର ବରଗଡ଼ ସହରର ସ୍ୱେଚ୍ଛାସେବୀ ମହିଳାମାନେ ସମଲେଇପଦରସ୍ଥିତ ପାର୍ବତୀ ଗିରି ଅନାଥା ବୃଦ୍ଧାଶ୍ରମକୁ ନୂଆଖାଇ ଭାର ସହିତ ପହଞ୍ଚିଥିଲେ। ସେଠାକାର ଅନ୍ତେବାସିନୀ, ଅନ୍ତେବାସୀଙ୍କୁ ସେମାନେ ଶାଢ଼ି, ଧୋତି, ଚାଉଳ, ଡାଲି ଆଦି ପ୍ରଦାନ ସହିତ ନୂଆଖାଇର ଶୁଭ କାମନା ଜଣାଇଥିଲେ। ଏହାପରେ ମହିଳା ସ୍ୱେଚ୍ଛାସେବୀମାନେ ସଂଗ୍ରାମୀ ପୀଠ ପାଣିମୋରାକୁ ଯାଇ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦୟାନିଧି ନାୟକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଏହାସହିତ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ରୀୟ ପ୍ରଧାନଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଗୀତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଯଶୋଦା ମିଶ୍ର, ଅନୁପମା ଦାଶ, ସୀମା ଆଚାର୍ଯ୍ୟ, ମମତା ମିଶ୍ର, ଅମୂଲ୍ୟ ଦାଶ, ବିନୁମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।



ବୃଦ୍ଧାଶ୍ରମରେ ମହିଳା ସ୍ୱେଚ୍ଛାସେବୀମାନେ ନୂଆଖାଇ ସାମଗ୍ରୀ ପ୍ରଦାନ କରୁଛନ୍ତି ।

## ବଦଳି ସତ୍ତ୍ୱେ ରିଲିଭ ହେଉନାହାନ୍ତି ହାବିଲଦାର

**ସୋହେଲା, ୨୮।୮(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ଥାନାରେ ଏବେ କାର୍ଯ୍ୟରତ ଦୁଇଜଣ ହାବିଲଦାରଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତତ୍କାଳୀନ ଏସ୍‌ପି ମୁକେଶ ଭାମୁଙ୍କ ସମୟରେ ବରଗଡ ଜିଲା ପୋଲିସ ବିଭାଗରେ ଅଫିସର, ହାବିଲଦାର ଓ କନଷ୍ଟେବଲଙ୍କ ବଦଳି ଆଦେଶ ହୋଇଥିଲା। ସୋହେଲା ଥାନାରୁ ମଧ୍ୟ ହାବିଲଦାରଙ୍କ ସହିତ କିଛି କନଷ୍ଟେବଲଙ୍କ ବଦଳି ହୋଇଥିଲା। ସୋହେଲା ଥାନାର ସମ୍ପୃକ୍ତ ହାବିଲଦାରଙ୍କୁ ବରଗଡ ଟାଉନ ଥାନାକୁ ବଦଳି ଆଦେଶ ହୋଇଥିବାବେଳେ ଜଗଦଲପୁର ଏଠାକୁ ବଦଳି ହୋଇଛି। ବଦଳି ଆଦେଶ ବାହାରିବା ପରେ ସୋହେଲା ଥାନାରେ ଉକ୍ତ ହାବିଲଦାରଙ୍କୁ ଛାଡି ଅନ୍ୟମାନଙ୍କୁ ରିଲିଭ କରାଯାଇଛି। ବଦଳି ଆଦେଶର ଦୁଇ ମାସ ହେଲାଣି କିନ୍ତୁ ହାବିଲଦାର ଜଣକ ଏପର୍ଯ୍ୟନ୍ତ ରିଲିଭ ହୋଇ ନାହାନ୍ତି। ଅନ୍ୟ ପକ୍ଷରେ ଜଗଦଲପୁର ଥାନାରୁ ହାବିଲଦାର ସନ୍ତୋଷ ଭୋଇ ରିଲିଭ ହୋଇ ଆସି ସୋହେଲା ଥାନାରେ ଯୋଗ ଦେଇସାରିଲେଣି। କିନ୍ତୁ ପୁରୁଣା ହାବିଲଦାର ଏବେ ମଧ୍ୟ ଥାନାରେ ରହିଛନ୍ତି। ତାଙ୍କୁ ରିଲିଭ କରାଯାଉନାହିଁ। ସବୁଠୁ କୌତୁହଳର ବିଷୟ ଦୁଇ ହାବିଲଦାର ପ୍ରତ୍ୟହ ଖାକି ଡ୍ରେସ ପିନ୍ଧି ଡ୍ୟୁଟି କରୁଛନ୍ତି। ଲୋକେ ଅସଲ ହାବିଲଦାର କିଏ ବୋଲି ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏ ନେଇ ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ପଚରାଯିବାରୁ ସୋହେଲା ଥାନାରେ ଦୁଇ ଜଣ ହାବିଲଦାର ଥିବା ଜାଣିଛି। କିନ୍ତୁ କେଉଁ କାରଣ ଯୋଗୁ ପୁରୁଣା ହାବିଲଦାରଙ୍କୁ ରିଲିଭ କରାଯାଇ ନାହିଁ ତାହା ସେ ଜାଣି ନ ଥିବା କହିଥିଲେ।



ଝିଟିକି ଗ୍ରାମବାସୀ ସାଲିଆନା ଭୋଗ ଧରି ନୃସିଂହନାଥକୁ ଆସିଛନ୍ତି ।

## ଆଗକୁ ନୂଆଖାଇ

## ନୃସିଂହନାଥ ମନ୍ଦିରକୁ ଆସିଲା ସାଲିଆନା ଭୋଗ

**ପାଇକମାଳ, ୨୮।୮ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରକୁ ପ୍ରତିବର୍ଷ ପରି ବୁଧବାର ଝିଟିକି ଗ୍ରାମରୁ ନବାନ୍ନ ପାଇଁ ସାଲିଆନା ଭୋଗ ପହଞ୍ଚିଛି। ଝିଟିକି ଗ୍ରାମର ମୁଖିଆମାନେ ଏକତ୍ରିତ ହୋଇ ପୂର୍ବ ପ୍ରସ୍ତୁତି ଅନୁସାରେ ସାଲିଆନା ଭୋଗ ଏକାଠି କରି ନୃସିଂହନାଥ ମନ୍ଦିରକୁ ଆଣି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କୁ ହସ୍ତାନ୍ତର କରିଥିଲେ। ଏହି ଭୋଗ ଭାର ସାଥିରେ ନିତ୍ୟାନନ୍ଦ ଧରୁଆ, ପ୍ରହଲାଦ ସୁନି, ରାମସାଏ ସୁନି, ପଦମନ ମାଝୀ, ବିଶ୍ୱ ବିଶ୍ୱାଳ, ଜୟ ପାଲ ପୂଝାରୀ, ବିବାନ ହଂସ, ପିତାମ୍ବର ମାଝୀ, ସୁଜନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ସାଲିଆନା ଭାର ପ୍ରଦାନ ପରେ ସେମାନେ ଭଗବାନ ନୃସିଂହନାଥଙ୍କ ଦର୍ଶନ କରିଥିଲେ। ସେମାନେ ଅନ୍ନ ପ୍ରସାଦ ଗ୍ରହଣ କରି ନିଜ ଗ୍ରାମକୁ ଫେରିଥିଲେ।

## ରେଳଯାତ୍ରା ଉପରେ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ଆରପିଏଫ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରେଳଷ୍ଟେଶନ ପଡ଼ାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରପିଏଫର ଇନ୍ସପେକ୍ଟର ଡି. କେ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଳଷ୍ଟେଶନ ପଡ଼ାର ୪୦ମହିଳା ପୁରୁଷ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେଳଯାତ୍ରୀଙ୍କ ସୁରକ୍ଷା, ରେଳ କ୍ରସିଂ ପାରିହେବା ବେଳେ ସତର୍କତା ଆଦି ଉପରେ ବିଭାଗୀୟ ଅଧିକାରୀମାନେ ସଚେତନତା ସୃଷ୍ଟି କରିବା ସହିତ ହେଲପ୍ ଲାଇନ୍ ନଂ-୧୮୨ର ସୁବିଧା ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରପିଏଫର ଏସ୍‌ଆଇ ଏସ.ସି ପଣ୍ଡା, ଏଏସଆଇ ଜି. ବେହେରା, କନଷ୍ଟେବଲ ଆର. କେ ବାଗ, ପି.କେ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ବରଗଡ଼ ରେଳଷ୍ଟେଶନ ପଡ଼ାରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ ।

## ୯୦ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ

**ଝାରବନ୍ଧ, ୨୮।୮ (ଡି.ଏନ.ଏ)**

ବରଗଡ ଜିଲା ଝାରବନ୍ଧ ତହସିଲ ଅଧୀନରେ ଥିବା ବିଭିନ୍ନ ଗ୍ରାମର ବାସହରା ତଥା ଭୂମିହୀନ ଲୋକଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସାମିଲ କରି ୪ ଡେସିମିଲ ଲେଖାଏଁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ପୁଟୁକା ଗ୍ରାମର ୪୦ଜଣ ଓ ଗୌଡମାଲ ଗ୍ରାମର ୫୦ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଝାରବନ୍ଧ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡାଙ୍କ ସୂଚନା ଅନୁସାରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗ୍ରାମାଞ୍ଚଳରେ ବସବାସ କରୁଥିବା ଭୂମିହୀନ ତଥା ବାସହରାମାନଙ୍କ ପାଖରୁ ବସୁନ୍ଧରା ଯୋଜନା ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହାର ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ପଟ୍ଟା ପ୍ରଦାନ କରାଯାଇଛି। ବିଶେଷ ଭବେ କୌଣସି ଲୋକ ଘର ଉପଯୋଗୀ ଡିହ ପାଇଁ ବଞ୍ଚିତ ନ ରହୁ ଏହା ଟାର୍ଗେଟ ରହିଛି। ୧ମ ପର୍ଯ୍ୟାୟ ପଟ୍ଟା ବଣ୍ଟନ ପରେ ଆଗାମୀ ଦିନରେ ଏହି କାର୍ଯ୍ୟକୁ ତହସିଲ ସାରା କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ରହିଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ବିଭାଗର ସୁପରଭାଇଜର ନବୀନ ରାଉତ, ଅମିନ ହେମାନନ୍ଦ ବାରିକ, ରାଜେଶ ଗୁଆଡି, ଯଶୋବନ୍ତ ବିଶି ଓ ନନ୍ଦକୁମାର ସିଦାର ପ୍ରମୁଖ ସାମିଲ ହୋଇଥିଲେ।



ବସୁନ୍ଧରା ଯୋଜନାରେ ଘରଡିହ ଜାଗାର ପଟ୍ଟା ପାଇଥିବା ହିତାଧିକାରୀ ।

## ପରିଚଏ, ଜୀବ୍‌କା ଦେଇଛେ ଜହ୍ନି ଚାଷ୍

**ସୋହେଲା,୨୮।୮(ଡି.ଏନ୍.ଏ.)**

ଓଡ଼ିଶା ଗୁଟେ କୃଷି ପରଧାନ ରାଏଜ୍। ଇ ରାଏଜ୍‌ର ବଡ଼ଭାଗି ଲୋକ୍ ଚାଷ୍‌ବାସ ଉପରେ ନିରଭର କରି ନିଜର ଜୀବନ୍ ଜୀବ୍‌କା ଚଲଉଛନ୍। ସେନ୍‌ତା ବରଗଡ଼ ଜିଲାକେ ରାଏଜର ଭାତ୍ ହାଁଡ଼ି ବଲି କୁହାଯାଉଛେ। ଇ ଜିଲା ଧାନ୍ ଚାଷ ବାହାରେ ପନିପରିବା ଚାଷ୍‌ରେ ବି ରାଏଜେ ନାଁ କମେଇଛେ। ଜିଲାରୁ ରାଏଜର ଭିନେ ଭିନେ ଜିଲା ଆର ପଡ଼ିଶା ରାଏଜ୍‌ମାନକୁ ପନିପରିବା ରପ୍‌ତାନୀ ହେଉଛେ। ଇ ଜିଲାର ଚାଷୀ ହରେକ୍ କିସମର ପନିପରିବା ଚାଷ୍ କରି ଭଲ ଦୁଇ ପଏସା ରୁଜ୍‌ଗାର କରୁଛନ୍।

ବରଗଡ଼ ଜିଲା ସୋହେଲା ବ୍ଲକ ବାଇପାଲି ଗାଁର ଝନେ ପରିବା ଚାଷୀ କୁଶ ବଗର୍ତ୍ତିଙ୍କୁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। କୁଶ ବଗର୍ତ୍ତିଙ୍କର ପରିବାର କହେଲେ ମାଏକିନା ଉର୍କୁଲି ଆର ୪ ଝିଁ, ୨ ପୁଓକୁ ନେଇ ତାକର ସୁଖର ସଁସାର। କୁଶ ଦୁଖ୍‌ସୁଖ କରି ବଡ଼ଖା ଝିଁକେ ବିହା କରିଛନ୍, ବାକି ୩ ଝିଁ ପାଠ୍ ପଢୁଛନ୍।



ଜହ୍ନି ବାରିରେ ମାଏକିନା ଉର୍କୁଲି ଆର ଝିଁର ସଂଗେ କୁଶ।

ସେନ୍‌ତା ଦୁଇ ପୁଓ ଭିତରୁ ଝନକର ବଏସ ୨୫ ହେଇଥିଲାବେଲେ ଆରଗୁଟେ ପୁଓ ବଏସ ୧୨। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି ବିଶେଷ କିଛି ନାଇଁ। କୁଶ ଭାଇ ଭାଗ୍‌ରେ ୧ ଏକର ୧୫ ଡେସିମିଲ ଜମି ପାଇଛନ୍। ସେଥିରେ ସେ ଧାନ ଚାଷ୍ କରୁଛନ୍। ବଡ଼ କୁଟୁମ ଲାଗି ଘରେ ସବୁବେଲେ ଅଭାବ ଅନାଟନ ଲାଗି ରହୁଛେ। ସେଥିରଲାଗି କୁଶ ଅନେକ ସମିଆରେ ପରହର କାମ୍‌ବୁତା କରି ଦୁଇ ପଏସା ରୁଜଗାର କରୁଛନ୍। ହେଲେ ଅଲପ୍ ରୁଜ୍‌ଗାରରେ ବଡ଼ଲା ଛୁଆପିଲାକୁ ପୁଷ୍‌ବାର ସମ୍‌ଭବ ନୁହେ। ସେଥିରଲାଗି କୁଶ ୬ ନମ୍ବର ଜାତୀୟ ରାଜପଥ ତରେ କେନପାଲି ଗାଁର ଝନେ ଚାଷୀର ୭୦ ଡେସିମିଲ ଜାଗାକେ ଠିକାରେ ନେଇ ଜହ୍ନି ଚାଷ୍ କରିଛନ୍। ଗଲା ବଛର ଇ ଜମିରେ ସେ ବିନ୍ସ ଚାଷ୍ କରି ୪୦ ହଜାର ଟଁକା ଲାଭ୍ ପାଇଥିବାର କହିଛନ୍। ଇଥର ଜହ୍ନି ଚାଷ୍‌ରୁ ବି ଭଲ ଦୁଇ ପଏସା ଲାଭ୍ କରବାର ଆଶ୍ ସେ ରଖିଛନ୍। ଏହେଦେ ବଜାରରେ ଜହ୍ନି କେ.ଜି. ୨୦ ଟଁକା ରହିଛେ। କୁଶ ବାରିରୁ ଜହ୍ନି ତୁଲି ସିଧା ବେପାରୀମାନକୁ ବିକୁଛନ୍, ଦରକାର ପଡ଼ଲେ ନିଜେ ରାସ୍‌ତା ତରେ ପରିବା ରଖି ବିକୁଛନ୍। ଇଥିରେ ଛୁଆପୁତାନୁ ପରିବାର ଲୋକ୍ ସଭେ ତାହାକୁ ସହଯୋଗ କରୁଛନ୍। କୁଶ ବି ବାହାଜାଂଗଲ ମାଜି ଦୁଇ ପଏସା ରୁଜ୍‌ଗାର କରବାର ସଂଗେ ଛୁଆପିଲାକୁ ପାଠ୍‌ପଢ଼େଇ ଭଲ ମୁନୁଷ୍ କରବାରେ ଲାଗି ପଡ଼ିଛନ୍। ହେଲେ ଅଭାବ ଆନାଟନ ଲାଗି କୁଶ ଆଏଜ୍‌ତକ ଭଲ ଘରଖଁଡ଼େ ତିଆରି ନାଇଁପାରି। ଆଏଜ୍ ବି କୁଟୁମବସିଆ ଗୁଟେ ପୁରନା ମାଏଟ୍ କୁରିଆରେ ରହୁଛନ୍। ହେଲେ ସରକାରୀ ଯୋଜନାରେ ଆଏଜ୍ ନାଇଁ ହେଲେ କାଏଲ୍ ପକାଘର ଖଁଡ଼େ ପାଏବାର ଆଶ୍‌ରେ ସେ ରହିଛନ୍।



"ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଚିତ୍ରାଙ୍କନ ତାଲିମ କର୍ମଶାଳା

**ମନମୁଣ୍ଡା, ୨୮।୮ (ଡି.ଏନ.ଏ):** ମନମୁଣ୍ଡା ଶ୍ରୀନିବାସ ରାମାନୁଜନ ଗ୍ଲୋବାଲ ସ୍କୁଲରେ ଏକ ଚିତ୍ରାଙ୍କନ ତାଲିମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ପାଠ ସହ ଚିତ୍ରାଙ୍କନର ଏକ ମହତ୍ ଭୂମିକା ରହିଥିବା ସ୍କୁଲ ଅଧକ୍ଷ ଚନ୍ଦ୍ରମଣି ସିଂ ସଭାରେ ଅଧକ୍ଷତା କରି ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ । ଉଚ୍ଚତର ଶିକ୍ଷା ବିଶେଷ କରି ଭୂଗୋଳ, ହୋମ ସାଇନ୍ସ, ବିଜ୍ଞାନ ଏବଂ ବୈଷୟିକ ପାଠ ପଢ଼ିବା ବେଳେ ଚିତ୍ରାଙ୍କନ, ଡାଇଗ୍ରାମ, ଗ୍ରାଫ ପାଇଁ ଛାତ୍ରୀଛାତ୍ରମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଚିତ୍ରାଙ୍କନ ପ୍ରତି ଅଭ୍ୟାସ ନ ଥିବା ହେତୁ ଉକ୍ତ ଅସୁବିଧା ହେଉଥିବାରୁ ସେ ସବୁକୁ ଦୂର କରିବା ଉଦ୍ଦେଶ୍ୟ ନେଇ କୁନି କୁନି ଛାତ୍ରୀଛାତ୍ରମାନଙ୍କୁ ଏଥିପ୍ରତି ଆଗ୍ରହ ଜନ୍ମାଇବା, ଅଭ୍ୟାସ କରାଇବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅଧକ୍ଷ ସିଂ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଚିତ୍ରାଙ୍କନ ଏକ୍ସପର୍ଟ ଶିକ୍ଷୟିତ୍ରୀ ସଲମା ଖାତୁନ ଛାତ୍ରୀଛାତ୍ରମାନଙ୍କୁ ଚିତ୍ରାଙ୍କନ ତାଲିମ ଦେଇଥିଲେ । ଏହାସହ ମହମରଙ୍ଗ, କାଠ ରଙ୍ଗ, ପେନସିଲର ବ୍ୟବହାର, ପାଣି ରଙ୍ଗ ଓ ତୂଳୀର ବ୍ୟବହାର ଉପରେ ତାଲିମ ଦେଇଥିଲେ । ସେହିପରି ବାଲିଚିତ୍ର ଉପରେ ମଧ ଶିକ୍ଷା ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

■ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

**ଜହ୍ନାପଙ୍କ,୨୮।୮(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଚରଦା ସ୍କୁଲରେ ଅବ୍ୟବସ୍ଥାର ପ୍ରତିବାଦ କରି ଗ୍ରାମବାସୀ ବୁଧବାର ସକାଳେ ତାଲା ପକାଇ ଦେଇଛନ୍ତି। ଫଳରେ ଛାତ୍ରୀଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଫାଟକ ଆଗରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଚ୍ୟୁତାନନ୍ଦ ସାହୁ ଓ କମଳାକାନ୍ତ ଦଳବେହେରା ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳିନହିଁ।

ଚରଦା ସ୍କୁଲରେ ମୋଟ୍ ୧୨୧ ଜଣ ଛାତ୍ରୀଛାତ୍ର ଅଧୟନ କରୁଥିବା ବେଳେ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ୨୦୦୮ ମସିହାରୁ ଏଠାରେ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ରାଜେଶ ବଗର୍ତ୍ତି କାର୍ଯ୍ୟ ତୁଲାଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଦୀର୍ଘ ୧୧ ବର୍ଷ ହେଲା ସ୍କୁଲରେ କୌଣସି ଉନ୍ନତିମୂଳକ କାମ ହୋଇନାହିଁ। ଆଜି ପର୍ଯ୍ୟନ୍ତ ସ୍କୁଲରେ ରଙ୍ଗ ହୋଇନି। ପାଇଖାନା ଗୁଡିକ ଭାଙ୍ଗି ଗଲାଣି। ସ୍କୁଲ ପାଚେରୀ ନ ଥିବାରୁ ସ୍କୁଲ ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ସ୍କୁଲ ପରିସର ଅପରିଷ୍କାର ହୋଇପଡିଛି। ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଛାତ୍ରବୃତ୍ତି ଦିଆଯାଉନାହିଁ। ଗେଟରେ ତାଲା ପଡୁନାହିଁ। ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ପରିଚାଳନା କମିଟି ଓ ଶିକ୍ଷକମାନେ ଜାଣିପାରୁ ନାହାନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଗତ ଜୁଲାଇ ୨୪ ତାରିଖରେ ବୌଦ୍ଧ ବିଇଓ ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀ ସ୍କୁଲରେ ତାଲା ପକାଇବାକୁ ବାଧ ହୋଇଥିବା କହିଛନ୍ତି। ସ୍କୁଲ ବନ୍ଦ କରାଯାଇଥିବାରୁ ଗ୍ରାମବାସୀ ଛାତ୍ରଛାତ୍ରୀମାନଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲରୁ ତାଲା ଖୋଲି ନ ଥିବା ଗ୍ରାମବାସୀ କହିଛନ୍ତି।



ଗ୍ରାମବାସୀ ସ୍କୁଲ ଗେଟ୍‌ରେ ତାଲା ପକାଇଛନ୍ତି।

■ ନୂତନ ପଞ୍ଚାୟତକୁ ପୂରିଲା ୩ ବର୍ଷ

# ଏବେ ବି ମୌଳିକ ସୁବିଧା ଅପହଞ୍ଚ

**ବୌଦ୍ଧ/ତଳଗାଁ,୨୮।୮( ସ୍ୱ.ପ୍ର/ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ପୂର୍ବରୁ ୧୮ଟି ଗ୍ରାମପଞ୍ଚାୟତ ଥିଲା। ବର୍ତ୍ତମାନ ନୂତନ ଭାବେ ଆଉ ୪ଟି ଗ୍ରାମପଞ୍ଚାୟତ ଗଠନ କରାଯାଇ କାର୍ଯ୍ୟକ୍ଷମ କରାଯାଇଛି। ଫଳରେ ବର୍ତ୍ତମାନ ଏହି ବ୍ଲକରେ ଗ୍ରାମପଞ୍ଚାୟତ ସଂଖ୍ୟା ୨୨ରେ ପହଞ୍ଚିଛି। କିନ୍ତୁ ବ୍ଲକର ନୂତନ ଗ୍ରାମପଞ୍ଚାୟତ ମହାଲିକପଡା ଗଠନକୁ ତିନି ବର୍ଷ ପୂରଣ ହୋଇଥିବା ବେଳେ ଏହି ପଞ୍ଚାୟତକୁ ଆଜିବି ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି। ଉକ୍ତ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବା ବେଳେ ଏଠାରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିପାରିନାହିଁ। ଏଠାକାର ଲୋକମାନେ କୁଶଙ୍ଗ ପଞ୍ଚାୟତ ଉପରେ ନିର୍ଭର କରୁଛନ୍ତି। ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ପିଡିଏସ ସାମଗ୍ରୀ ନେବା ପାଇଁ ହିତାଧିକାରୀମାନେ କୁଶଙ୍ଗ ପଞ୍ଚାୟତକୁ ଆସିଥାନ୍ତି। ଏହି ଅଞ୍ଚଳଟି ଅନୁସୂଚିତ ଜାତି ଓ ଜନଜାତ ବହୁଳ ଅଞ୍ଚଳ। ଏଠାରେ ଏକ ବାଳିକା ଛାତ୍ରୀନିବାସ କାର୍ଯ୍ୟ ଦୀର୍ଘ ୨ ବର୍ଷ ହେଲାଣି ଶେଷ ହୋଇଥିଲେ ସୁଧା ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ଅଞ୍ଚଳରେ ଟେଲିଫୋନ ସେବା ଆଦୌ ନାହିଁ। ଅଧିକାଂଶ ସମୟରେ ଘରପୋଡି, ଚୋରି ଓ ମେଡିକାଲ ସେବା ପାଇବା ପାଇ ହେଲେ ୫ କିମି ଦୂର ଗଲେ ଯାଇ ଫୋନ କରିବାକୁ ପଡିଥାଏ। ପଞ୍ଚାୟତରେ ପାଣି ଯୋଗାଣ ପାଇଁ ଟାଙ୍କି ଅଛି, ହେଲେ ଏହା ପାଣି ଯୋଗାଇ ପାରୁନାହିଁ। ପଞ୍ଚାୟତବାସୀ ସ୍ଥାନୀୟ ନେତା ଓ ଜିଲାପ୍ରଶାସନକୁ ବହୁବାର ଜଣାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ସେହିପରି ପଞ୍ଚାୟତରେ ଗମନାଗମନ ବ୍ୟବସ୍ଥା ଶୋଚନୀୟ। ଏଣୁ ଏହି ପଞ୍ଚାୟତକୁ ତୁରନ୍ତ ସୁବିଧା ଯୋଗାଇ ଦେବା ସହ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଜିଲାପାଳ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୯୦ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୨୮।୮**

ବରଗଡ଼ ବ୍ଲକ ଖୁଣ୍ଟପାଲି ଗ୍ରାମରେ ତ୍ରିରଙ୍ଗା କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପୂର୍ବତନ ବିଧାୟକ ସାଧୁ ନେପାକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ। ଶିବିରରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

# ପରିବର୍ତ୍ତନକାରୀ ଅଭିମୁଖୀକରଣ ଶିବିର

**ବାଉଁଶୁଣୀ, ୨୮।୮(ଡି.ଏନ.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଓ ଗୁନ୍ଦୁଳିଆ ବିଦ୍ୟାଳୟରେ ଶହେ ଜଣ ଶିଶୁଙ୍କୁ ନେଇ ପରିବର୍ତ୍ତନକାରୀ ଅଭିମୁଖୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚାଇଲ୍ଡ ଲାଇନ ପକ୍ଷରୁ ଅର୍କ ଲୁହା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, ଶିଶୁ ସୁରକ୍ଷା ୟୁନିଟର ସହଦେବ ନାଏକ ଓ ଧନଞ୍ଜୟ ଖମାରୀ ଯୋଗଦାନ କରଥିଲେ। ଶିଶୁମାନେ କିପରି ନିଜ ନିଜର ପରିବାର, ଗାଁ ଏବଂ ସମାଜରେ ସୁରକ୍ଷିତ ରହିପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ଶିଶୁମାନଙ୍କୁ ସାହାଯ୍ୟ କରିବାକୁ ଚାଇଲ୍ଡ ଲାଇନରେ ଥିବା ସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ୱାଇସିଡିଏର ମୁଖ୍ୟ ରାଜେନ୍ଦ୍ର କୁମାର ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅଙ୍ଗୁର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ରୋଜାଲିନ ପରିଡା, କୃଷ୍ଣଚନ୍ଦ୍ର ମେହେର, ମେଘୁ ମେହେର, ପ୍ରଜ୍ଞା ତ୍ରିପାଠୀ, ହର ପ୍ରସାଦ ତ୍ରିପାଠୀ ଓ ରାଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# କ୍ଷତିଗ୍ରସ୍ତ ବରିଷ୍ଠ ନାଗରିକଙ୍କୁ ପଲିଥିନ ପ୍ରଦାନ

**ମନମୁଣ୍ଡା, ୨୮।୮ (ଡି.ଏନ.ଏ)**

ତେଲ ନଦୀ ବନ୍ୟା ଏବଂ ଲଗାଣ ବର୍ଷାରେ ମନମୁଣ୍ଡା ଆରଆଇ ସର୍କଲ ଅନ୍ତର୍ଗତ ଅନେକ ପରିବାରର ଘର ଭାଙ୍ଗି ଯାଇଥିବା ବେଳେ ଅନେକଙ୍କ ଛାଉଣିରୁ ପାଣି ଗଳିବା ହେତୁ ବସବାସ କରି ହେଉନାହିଁ । ସ୍ଥାନୀୟ ଆର୍‌ଆଇ ସୁରେନ୍ଦ୍ର କୁମାର ସାହୁ, ଏଆରଆଇ ଶରତ ଚନ୍ଦ୍ର ବେହେରା କ୍ଷେତ୍ର ପରିଦର୍ଶନ କରି ଅଦ୍ୟାବଧି ପ୍ରାୟ ୩୫ଜଣଙ୍କୁ ପଲିଥିନ ପ୍ରଦାନ କରିଥିବା ଜଣାପଡିଛି। ତଦନ୍ତ ଚାଲିଛି, ଆଉ ଯାହାଙ୍କର ଘର କ୍ଷତି ହୋଇଥିବ ସମସ୍ତଙ୍କୁ ପଲିଥିନ ଦିଆଯିବ ବୋଲି ଆର୍‌ଆଇ ସାହୁ ଜଣାଇଛନ୍ତି। ସେହିପରି ବରିଷ୍ଠ ନାଗରିକ କାର୍ଡ ପାଇଥିବା ନୂର୍ପାର ଲାଲ ମହଲା ଏବଂ ଭାଲିଆପଦରର ବିଭୀଷଣ ପ୍ରଧାନଙ୍କ ରହିବା ପାଇଁ ଅସୁବିଧା ହେଉଥିବା ଦେଖି ଆର୍‌ଆଇ ସାହୁ ଉକ୍ତ ଦୁଇ ଜଣଙ୍କୁ ପଲିଥିନ ପ୍ରଦାନ କରିଥିଲେ।

# ଗଙ୍ଗାଧର ଜ୍ୟୋତି ରାଲିକୁ ସ୍ୱାଗତ

**ଭେଡ଼େନ,୨୮।୮(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବରପଦର ଅଛାଣ୍ଡପାଲି ଆଞ୍ଚଳିକ ନୋଡ଼ାଲ ହାଇସ୍କୁଲ ଠାରେ ବୁଧବାର ଗଙ୍ଗାଧର ଜ୍ୟୋତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବରପାଲି ସ୍ଥିତ କବି ଗଙ୍ଗାଧରଙ୍କ ଜନ୍ମସ୍ଥଳୀରୁ ଜ୍ୟୋତି ଏବଂ ମୃତ୍ତିକା ଅଣାଯାଇଥିଲା। ଏହି ଜ୍ୟୋତିରଥକୁ ରେଶମ, ଅରେଇଗୁଡ଼ି ହାଇସ୍କୁଲରେ ପହଞ୍ଚିବା ପରେ ସେଠାରେ କଳସ ସ୍ଥାପନ କରି ସ୍ୱାଗତ କରାଯାଇଥିଲା। ଲୁହାଖଣ୍ଡି ଗ୍ରାମପଞ୍ଚାୟତ ଏବଂ ଗ୍ରାମବାସୀ ତରଫରୁ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଲୁହାଖଣ୍ଡି ସରପଞ୍ଚ କ୍ଷୀରୋଦ୍ର ମେଲ୍ଲି ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଜ୍ୟୋତିରଥକୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ବରପଦର ଏବଂ ଅଛାଣ୍ଡପାଲି ଗ୍ରାମ ପରିକ୍ରମା କରାଇ ବରପଦର ହାଇସ୍କୁଲକୁ ଅଣାଯାଇଥିଲା। ଏହି ହାଇସ୍କୁଲ ପରିସରରେ ଜନ୍ମସ୍ଥଳୀ ମୃତ୍ତିକା ସ୍ଥାପନ କରାଯାଇ ଏକ ସ୍ମୃତିସ୍ତମ୍ଭର ଶିଳାନ୍ୟାସ କରାଯାଇଥିଲା। ପରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅମୃତଲାଲ ସେଠଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରବୀନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଧୀରେନ୍ଦ୍ର କୁମାର ବଡ଼େଇ ମୁଖ୍ୟବକ୍ତା, ଅଗ୍ନି କୁମାର ପ୍ରଧାନ, ଗୋପାଳ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବିନ୍ଦ ସେଠ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉମେଶ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚୀର ପତ୍ରିକା ଅର୍ଘ୍ୟଥାଳୀ ଉନ୍ମୋଚିତ ହୋଇଥିଲା।



ଗଙ୍ଗାଧର ଜ୍ୟୋତିକୁ ଅରେଇଗୁଡ଼ିଠାରେ ସ୍ୱାଗତ କରାଯାଉଛି ।



ଚରିତ୍ର ଗଠନ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

# ମେଲଛାମୁଣ୍ଡା କଲେଜରେ ଚରିତ୍ର ଗଠନ ସଭା

**ଘେଁସ,୨୮।୮(ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡା ମହାବିଦ୍ୟାଳୟରେ ମଙ୍ଗଳବାର ଚରିତ୍ର ଗଠନ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି, ପରୀକ୍ଷିତ ଶାସ୍ତ୍ରୀ ଏବଂ ଧୀରେନ୍ଦ୍ର ଶାସ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପଧାନ ଅତିଥି ପରିଚୟ ଏବଂ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ପଣ୍ଡା ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ସମପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମିନିକେତନ ବିଶ୍ୱାଳ, ସରୋଜ ଦାଶ, ଭୂପତି କାଲୋ, ସୁଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମହେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ମନୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗଙ୍ଗାଧର ମେହେରଙ୍କ କୃତି ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଗଙ୍ଗାଧର ସାହିତ୍ୟ ଆଲୋଚନାଚକ୍ର

**ବାଉଁଶୁଣୀ, ୨୮।୮ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ମନୁପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ଲଳିତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ନାଟ୍ୟ ସଂସଦ ସଭାପତି ହରିହର ପ୍ରଧାନ ମୁଖ୍ୟଅତିଥି, କବି ଲେଖକ କରୁଣା କର ଘଣ୍ଟୁଆଳ, ବାଉଁଶୁଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଫକିର ଦେହୁରୀ ଓ ଅଶୋକ ସାମଲ ମଞ୍ଚ ପରିଚାଳନା କରିଥିଲେ। ହୃଦୟ ରଞ୍ଜନ ଖମାରୀ ଅତିଥି ପରିଚୟ ଦେଇଥିଲେ। ଲୋକନାଥ ପ୍ରଧାନ, ସଦାଶିବ, ରମେଶ ଚନ୍ଦ୍ର ଖମାର, ବୁଦ୍ଧଦେବ ମେହେର, ନରୋତ୍ତମ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରବୀଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ନାଟ୍ୟ ରଶ୍ମି ପ୍ରତିଭା କାର୍ଯ୍ୟକ୍ରମ

# ନାଟ୍ୟଶିକ୍ଷାର ପ୍ରାସଙ୍ଗିକତା ଆଲୋଚନାଚକ୍ର

**ବରଗଡ ଅଫିସ୍, ୨୮।୮**

ବରଗଡ ଜିଲା ତୁଲଣ୍ଡିଠାରେ ନାଟ୍ୟ ରଶ୍ମି ପ୍ରତିଭା-୨୦୧୯ ଓ ବିଦ୍ୟାଳୟରେ ନାଟ୍ୟ ଶିକ୍ଷାର ପ୍ରାସଙ୍ଗିକତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଆୟୋଜକ ନାଟ୍ୟ ରଶ୍ମି ନିର୍ଦ୍ଦେଶକ ଅଭିନାଶ ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ତୁଲଣ୍ଡି ଏମ୍‌ଇ ସ୍କୁଲ ଓ ପ୍ରଜ୍ଞାଶ୍ରୀ ହାଇସ୍କୁଲର ଛାତ୍ରୀଛାତ୍ର ଓ ନାଟ୍ୟ କର୍ମୀ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ପାଞ୍ଚଟା ଭୂତ କର୍ମଶାଳା ଭିତ୍ତିକ ନାଟକ ମଞ୍ଚସ୍ଥ କରିଥିଲେ। ହିମାଂଶୁ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାପାତ୍ର, ନାଟ୍ୟକାର ରମାକାନ୍ତ ତ୍ରିପାଠୀ, ଏମଇ ସ୍କୁଲ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରା, ନାଟ୍ୟ ନିର୍ଦ୍ଦେଶକ ରାମକୃଷ୍ଣ ରଥ, ନାଟ୍ୟକାର ମାନସ ରଞ୍ଜନ ମିଶ୍ର ଓ ଆଶିଷ ସୋନାର, ମଞ୍ଚ କଳାକାର ସୂର୍ଯ୍ୟ ପାଣିଗ୍ରାହୀ, ନରେନ୍ଦ୍ର ହୋତା, ପ୍ରଦ୍ୟୁମ୍ନ ତ୍ରିପାଠୀ, ସଙ୍ଗୀତା ପଣ୍ଡା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସଞ୍ଜୀବ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ପୂର୍ବରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗୋଲବଦନ ସେଠ, ସୁଦାମ ନାଗ, ପ୍ରମୋଦ କୁମାର ସାହୁ, ବିପ୍ଳବ ପ୍ରଧାନ, ନବଘନ ପ୍ରଧାନ, ଚୈତନ୍ୟ ନାୟକ, ମିଳନ ପ୍ରଧାନ, ଆକାଶ ମୁନ୍ନ, ଶୁଭମ ବାରିକ, ବାବୁଲୁ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ବରଗଡ ଜିଲା ତୁଲଣ୍ଡି ନାଟ୍ୟ ରଶ୍ମି ଆୟୋଜିତ ଆଲୋଚନା ଚକ୍ରରେ ବକ୍ତା, ଅତିଥି ଓ କର୍ମକର୍ତ୍ତାମାନେ ।

# ଲଣ୍ଡାବାହାଲ-ଖମନମୁଣ୍ଡା ରାସ୍ତା ଅବସ୍ଥା ଶୋଚନୀୟ

**ଘଣ୍ଟାପଡା, ୨୮।୮ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ମନମୁଣ୍ଡା-ସିନ୍ଧୁଗୋରା ୪୧ ନଂ. ରାଜ୍ୟ ରାଜପଥର ଲଣ୍ଡାବାହାଲ ଛକଠାରୁ ଖମନମୁଣ୍ଡା ପଞ୍ଚାୟତକୁ ସଂଯୋଗ କରିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଅବସ୍ଥା ଶୋଚନୀୟ ହୋଇପଡିଛି। ମରାମତି ଅଭାବରୁ ରାସ୍ତାର ଅଧିକାଂଶ ଜାଗାରେ ପିଚୁ ଉଠ ମେଟାଲ ଦିଶୁଛି। ଫଳରେ ଲୋକଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ, ହାଇସ୍କୁଲ, ଏମ୍‌ଇ ସ୍କୁଲ, ବଜାର ଯିବା ପାଇଁ ଖମନମୁଣ୍ଡା ପଞ୍ଚାୟତବାସୀଙ୍କ ଏହା ହିଁ ଏକମାତ୍ର ରାସ୍ତା। ଉକ୍ତ ରାସ୍ତା ଖଡଙ୍ଗ ନଦୀ ବିଜୁ ସେତୁକୁ ସଂଯୋଗ କରୁଥିବାରୁ ବ୍ୟବସାୟୀଙ୍କ ପାଇଁ ଏହା ପ୍ରମୁଖ ରାସ୍ତା ପାଲଟିଛି। ୫କିମି ବିଶିଷ୍ଟ ଉକ୍ତ ରାସ୍ତା ଦୀର୍ଘ ୧୦ ବର୍ଷ ହେବ ମରାମତି ହୋଇ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ରାସ୍ତା ସମସ୍ୟା ବିଷୟରେ ବିଭାଗୀୟ ଯନ୍ତ୍ରୀ ହେମନ୍ତ ରଣାଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ ଅବଗତ ଅଛି। ପ୍ରପୋଜାଲ ଦିଆଯାଇଛି। ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଲେ ଏଗ୍ରିମେଣ୍ଟ ମାଧ୍ୟମରେ କାମ ହେବ। ୨୦୧୭-୧୮ ଆର୍ଥିକ ବର୍ଷ ଶେଷରେ ଉକ୍ତ ରାସ୍ତାର ମରାମତି ହେବାର ଥିଲା। ଯେହେତୁ ଆମ ପାଖରେ ଅର୍ଥ ନ ଥିଲା ସେଥିପାଇଁ ହୋଇ ପାରିଲା ନାହିଁ। ଏବର୍ଷ କାମ ହେବ ବୋଲି ସେ କହିଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ଜନସାଧାରଣରେ ଦାବି ହେଉଛି।



ମରାମତି ଅଭାବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କରୁ ପିଚୁ ଉଠିଗଲାଣି ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱାର୍ଡ



## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ନାବାଳକ ଡ୍ରାଇଭର ମୃତ

**ଲୋଇସିଂହା,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରାଣିପାଲି ଗ୍ରାମରେ ବୁଧବାର ଏକ ଟ୍ରାକ୍ଟର ଓଲଟି ଜଣେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଣିପାଲି ଗ୍ରାମର ଜଗଦୀଶ ଖର୍ସେଲ(୧୭)। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏନେଇ ଲୋଇସିଂହା ଥାନା ପୋଲିସ ଏକ ମାମଲା(ନଂ.୧୮୦/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ରାଣୀପାଲି ଗାଁର କାର୍ତ୍ତିକ ଖର୍ସେଲଙ୍କ ପୁଅ ଜଗଦୀଶ ଟ୍ରାକ୍ଟର(ନଂ.ଓଡି୦୩ଏଲ୍୪୮୧) ଯୋଗେ ଏକ ଚାଷ ଜମିରେ କାଦୁଅ କରି ଫେରୁଥିଲେ। ହେଲେ ଟ୍ରାକ୍ଟର ଭାରସ୍ୟାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଜଗଦୀଶ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଜିଲାସ୍ତରୀୟ ଫୁଟବଲ ଲିଗ୍ : ଖେଳାଳିଙ୍କ ଆଚରଣକୁ ନେଇ ଆୟୋଜକ କମିଟିର କ୍ଷୋଭ

**ଲୋଇସିଂହା,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲାସ୍ତରୀୟ ଫୁଟବଲ ଲିଗ୍‌ର ବି' ଗ୍ରୁପ ମ୍ୟାଚ ଲୋଇସିଂହା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବୁର୍ଡା ଆର୍‌ଏଫ୍‌ସି ଏବଂ ଖଲିଆପାଲି ଏଚ୍‌ଆର୍‌ଡି ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ବୁର୍ଡା ଆର୍‌ଏଫ୍‌ସି ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଖେଳକୁ ବିଜୟ କୁମାର ରଣା, ପ୍ରଦୀପ ବଗର୍ତ୍ତୀ, ଅଞ୍ଜନ ବେଶ୍ରା, ଜ୍ୟୋତି ରଞ୍ଜନ ରାଉତ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଜଡ଼ାମୁଣ୍ଡା ଆଦିବସୀ କ୍ଲବ ଏବଂ ମନହୀରା ୟୁଥ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଜଡ଼ାମୁଣ୍ଡା ଆଦିବସୀ କ୍ଲବ ୧-୦ ଗୋଲରେ ଆଗୁଆ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ମନହୀରା ୟୁଥ କ୍ଲବ ଗୋଲ କରିଥିଲା। ମୁଖ୍ୟ ରେଫରି ଗୋଲ ବୋଲି ହୁଇସିଲ ଦେଇଥିଲେ। ହେଲେ ଲାଇନ୍ ମ୍ୟାନ ଅଫସାଇଟ ସଙ୍କେତ ଦେଇଥିଲେ। ଏହି ନିଷ୍ପତ୍ତିକୁ ନେଇ ଖେଳ ପଡ଼ିଆରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମନହୀରା ୟୁଥ କ୍ଲବର ଖେଳାଳିମାନେ ଭୁଲ ନିଷ୍ପତ୍ତି ଅଭିଯୋଗ କରି ଖେଳରୁ ଓହରି ଯାଇଥିଲେ । ପରେ ଖେଳାଳିମାନେ ଷ୍ଟାଡିୟମ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ବସି ପ୍ରତିବାଦ କରିଥିଲେ। ଖବର ପାଇ ଲୋଇସିଂହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖେଳାଳିମାନଙ୍କୁ ବୁଝାଶୁଝା କରିଥିଲା। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଖେଳାଳିମାନଙ୍କ ଏଭଳି ବିଶୃଙ୍ଖଳିତ ଆଚରଣକୁ ନେଇ ଆୟୋଜକ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଆୟୋଜକ କମିଟି ପକ୍ଷରୁ ମଙ୍ଗଳବାର ଖେଳରେ ଜଡ଼ାମୁଣ୍ଡା ଆଦିବସୀ କ୍ଲବକୁ ୧-୦ ଗୋଲରେ ବଜୟୀ ଘୋଷିତ କରାଯାଇଛି।

### କୋଶଳ ପ୍ରଶିକ୍ଷଣ କେନ୍ଦ୍ରର ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର, ୨୮।୮ (ବ୍ୟୁରୋ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ନକ୍ସାପାଲିସ୍ଥିତ କୋଶଳ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ଗୋପାଳନ ଚାଷୀଙ୍କୁ ସ୍ୱାବଲମ୍ବୀ କରିବ

ସୋନପୁର,୨୮।୮(ନି.ପ୍ର.)




ଜିଲାସ୍ତରୀୟ ଦୁଗ୍ଧ ଉଦ୍ୟୋଗ ବିକାଶ ଯୋଜନା କର୍ମଶାଳାରେ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଡିଇଡିଏସ୍(ଦୁଗ୍ଧ ଉଦ୍ୟୋଗ ବିକାଶ ଯୋଜନା) ସମ୍ପର୍କିତ ଏକଦିବସୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ନାବାର୍ଡ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାକୁ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ କହିଥିଲେ ଯେ, ଗୋପାଳନ ଏକ ଲାଭଜନକ ବ୍ୟବସାୟ । ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା ହୋଇଥିବାରୁ ଏହି ଯୋଜନାରେ ଚାଷୀ, ଶ୍ରମିକ, ଏସ୍‌ଏଚଜି ମହିଳା ଓ ମଧ୍ୟବିତ୍ତ ପରିବାର ଉପକୃତ ହୋଇପାରିବେ। ତେଣୁ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ସକାଶେ ସରକାରୀ କର୍ମଚାରୀ ଓ ବ୍ୟାଙ୍କର୍ସଙ୍କୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଡିଇଡିଏସ୍ ଯୋଜନା ଚାଷୀଙ୍କ ଆୟକୁ ବୃଦ୍ଧି କରିବ ଓ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଥିଲେ। ନାବାର୍ଡର ଜିଲା ଅଧିକାରୀ ତାପସ ଶଙ୍କର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କେନ୍ଦ୍ର ସରକାର ଏହି ଯୋଜନାରେ ସାରା ଭାରତ ପାଇଁ ୭୨୫ କୋଟି ଟଙ୍କାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଓଡିଶା ପାଇଁ ୭ କୋଟି ଟଙ୍କାର ସବ୍‌ସିଡିର ବ୍ୟବସ୍ଥା ରହିଛି । ତେଣୁ ଅଧିକରୁ ଅଧିକ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ରାଉତ ଆହ୍ୱାନ ଦେଇଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶରତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାଈ ପାଳନ ସମ୍ପର୍କରେ ବୁଝାଇଥିଲେ। ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ପ୍ରାଣୀଚିକିତ୍ସା ଅଧିକାରୀ ଠିକ୍ ଚାଷୀଙ୍କୁ ଚିହ୍ନଟ କରି ବ୍ୟାଙ୍କଗୁଡିକୁ ସେମାନଙ୍କ ଦରଖାସ୍ତ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଡିଏମ୍ ସରୋଜ କୁମାର ଦାଶ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ୟୁନାଇଟେଡ୍ ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପରିଚାଳକ ସଦାନନ୍ଦ ପଣ୍ଡା ଓ ବ୍ୟାଙ୍କ କର୍ମଚାରୀ କର୍ମଶାଳାରେ ଯୋଗ ଦେଇଥିଲେ। ସୋମନାଥ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

### ସୋଲାର ଲାଇଟ୍ ଅଚଳ: ମରାମତି ଦାବି

ବିନିକା,୨୮।୮(ଡି.ଏନ୍.ଏ.)

ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ପଲସାପାଲି ଗ୍ରାମ କୈଲାସୀ ମନ୍ଦିର ପରିସରରେ ଲାଗିଥିବା ସୋଲାର୍ ଲାଇଟ୍ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି। ସୂଚନାଯୋଗ୍ୟ, ସରକାରଙ୍କ ଅଟଳ ଜ୍ୟୋତି ଯୋଜନାରେ କୈଲାସୀ ମନ୍ଦିର ପରିସରରେ ସୋଲାର ଏଲ୍‌ଇଡି ଲାଇଟ୍ ଲଗାଯାଇଥିଲା। ହେଲେ ୩ ମାସ ହେଲା ଲାଇଟ୍ ଅଚଳ ହୋଇପଡିଛି । ଏନେଇ ପ୍ରଶାସନ ତୁରନ୍ତ ସୋଲାର ଏଲ୍‌ଇଡି ଲାଇଟ୍ ମରାମତି କରିବାରୁ ଗ୍ରାମବାସୀ ଦାବି କରିଛନ୍ତି।

**ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଏସ୍‌ଏଚ୍‌ଜି ସଚେତନତା ଶିବିର

ଅମରପାଲି,୨୮।୮(ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଅଧୀନ କମଳପୁରଠାରେ ଏସ୍‌ଏଚ୍‌ଜି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ୱୋର ପକ୍ଷରୁ ଶିବିରର ଆୟୋଜନ କରାଯାଇଥିଲା। ନାବାର୍ଡ ସୋନପୁରର ଡିଡିଏମ୍ ତାପସ ଶଙ୍କର ରାଉତ, ଏଲ୍‌ଡିଏମ୍ ପି.କେ. ଦାଶ, ଡିଆର୍‌ଡିଏ ଏଫଆଇସି ସୋମନାଥ ପୁରୋହିତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନଙ୍କର ଆର୍ଥିକ ଉନ୍ନତି ନେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅତିଥିମାନେ ବୁଝାଇଥିଲେ। ସାମାଜିକ କର୍ମୀ ମୀନକେତନ ମହାକୁର ମହିଳା ଗୋଷ୍ଠୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଶିବିରରେ ୧୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୫ଜଣ ସଦସ୍ୟ ଉପସ୍ଥିତ ଥିଲେ। ଆଶିଷ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ସଂଯୋଜକ ଗୁପ୍ତେଶ୍ୱର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ସଚେତନତା ଶିବିରରେ ଉପସ୍ଥିତ ମହିଳାମାନେ ।

## ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

ଦେଓଗାଁ,୨୮।୮(ଡି.ଏନ.ଏ.)

ଦେଓଗାଁ ବ୍ଲକ ଚନ୍ଦ୍ରପୁର ଡକୁଆପଡ଼ାରେ ଡକୁଆ ଯୁବକ ସଂଘ ପକ୍ଷରୁ ବୁଧବାର ଅପରାହ୍ଣରେ ଗଣେଶ ପୂଜା ଏବଂ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘର ଉପସଭାପତି ନେହେରୁ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ବୈଠକରେ ସ୍ଥାନୀୟ କୁନୀକୁନୀ କଳାକାରମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆଲୋଚନା କରାଯାଇଥିଲା । ଆସନ୍ତା ୫ତାରିଖରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ବୈଠକରେ ନେତ୍ରାନନ୍ଦ ଦୀପ, ବିଜୟ ଦୀପ, ବବଲୁ ବିଶ୍ୱାଳ, ମନୋଜ ଦୀପ, ସୂର୍ଯ୍ୟ ଦୀପ, ରାଜୀବ ଦୀପ, ସାନୁ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ




ବୀରମହାରାଜପୁର କଲେଜରେ ମେହେର ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି ।

ଅମରପାଲି, ୨୮।୮ (ଡି.ଏନ.ଏ.)

ବୀରମହାରାଜପୁର ମହାବିଦ୍ୟାଳୟରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବୀରମହାରାଜପୁର ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟଂମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷା ଉପରେ ଗୁରୁତ୍ୱ ଦେବାକୁ ମତପ୍ରକାଶ କରିଥିଲେ। ଟିଟିଲାଗଡ଼ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ବକ୍ତବ୍ୟରେ ସ୍ୱଭାବ କବି ଗଙ୍ଗାଧରଙ୍କ କବିତା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ରାଧାକାନ୍ତ ମେଣ୍ଡିଲି ଏବଂ ସୁରେଶ କୁମାର ମିଶ୍ର ଯୋଗଦେଇ ସ୍ୱଭାବ କବିଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସୂର୍ଯ୍ୟନାରାୟଣ ପଣ୍ଡା ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅଧ୍ୟାପିକା ଯାମିନୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ହିମାଂଶୁ ଶେଖର ପାଢ଼ୀ, ଅଧ୍ୟାପିକା ଗୀତାଞ୍ଜଳି ପୂଜାହାରୀ, ଡ. ଗୀତାଞ୍ଜଳି ମିଶ୍ର, ଗୌରାଙ୍ଗ ଜଗଦଲା, ଛାତ୍ରୀ ପ୍ରିୟଦର୍ଶନୀ ପଧାନ ଓ ଛାତ୍ର ଲକ୍ଷ୍ମଣ ମେହେର ପ୍ରମୁଖ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସୁବାସ ଶତପଥୀ ଏବଂ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରକାଶ କୁମାର ସେଠ, ଅଧ୍ୟାପିକା ଯାମିନୀ ଦାଶ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ସଞ୍ଜୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

କେଉଟଙ୍କୁ ମିଳୁନି ଏସ୍‌ସି ପ୍ରମାଣପତ୍ର

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ରକ୍ସା ପଞ୍ଚାୟତବାସୀ

ସୋନପୁର,୨୮।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ତହସିଲଦାର କେଉଟଙ୍କୁ ଏସ୍‌ସି(ଅନୁସୂଚିତ ଜାତି) ପ୍ରମାଣପତ୍ର ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ଧରି ଏହି ସମ୍ପ୍ରଦାୟର ଲୋକେ ଏସ୍‌ସି ପ୍ରମାଣପତ୍ର ପାଉଥିଲେ । ଛାତ୍ରୀଛାତ୍ର ପ୍ରମାଣପତ୍ର ଦେଖାଇ ପାଠ ପଢୁଥିଲେ। ସରକାରଙ୍କଠାରୁ ବୃତ୍ତି ପାଉଥିଲେ । ବର୍ତ୍ତମାନ ତହସିଲଦାର ପ୍ରମାଣପତ୍ର ପ୍ରଦାନ କରିବାକୁ ମନା କରୁଛନ୍ତି । ଏନେଇ ଉଲୁଣ୍ଡା ତହସିଲ ଅନ୍ତର୍ଗତ ରକ୍ସା ପଞ୍ଚାୟତର କେଉଟ ସମ୍ପ୍ରଦାୟର ଲୋକେ ଦୁଃଖ ଭୋଗୁଛନ୍ତି । ଗୁରୁବାର ଭାଜପା ନେତା ତଥା ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଜନସାଧାରଣ ତହସିଲଦାରଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲାପାଳ ମୋନିଷା ବାନାର୍ଜୀ ଅଭିଯୋଗ ଶୁଣିଥିଲେ। ଉଲୁଣ୍ଡା ତହସିଲଦାର ଛୁଟିରେ ଅଛନ୍ତି । ଛୁଟିରୁ ଆସିଲେ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରକ୍ସାର ଗଣେଶ ରାଉତ, ସାନ ନାଏକ, ଘୁମୁଡୁ ରାଉତ, ଅଶୋକ ରାଉତ, ପଞ୍ଚାନନ ରାଉତ ଓ ଉମେଶ ନାଏକ ପ୍ରମୁଖ ଜିଲାପାଳଙ୍କୁ ଭେଟିବାକୁ ଆସିଥିଲେ ।



କେଉଟ ସମ୍ପ୍ରଦାୟର ଲୋକେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

ତୁଷୁରା ଏନ୍‌ଏସି, ଗୁଡଭେଲା ବ୍ଲକରେ ବନ୍ୟା କ୍ଷୟକ୍ଷତି

# ୨୮୯୦ ହେକ୍ଟର ଫସଲ ହାନି, ୪୩୩ ହେକ୍ଟର ବାଲିଚର

ଗୁଡ଼ଭେଲା,୨୮।୮ (ଡି.ଏନ୍.ଏ.)

କିଛି ଦିନ ତଳେ ଲଗାଣ ବର୍ଷାରେ ତୁଷୁରା ଏନ୍‌ଏସି ଓ ଗୁଡଭେଲା ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ତୁଷୁରା ତହସିଲର ୯୨ଟି ରାଜସ୍ୱ ଗ୍ରାମର ୫୨୪୫ଜଣ ଚାଷୀଙ୍କ ୨୮୯୦ ହେକ୍ଟର ଜମିରେ ଫସଲହାନି ହୋଇଥିବା ବେଳେ ୧୨୩୨ ଜଣ ଚାଷୀଙ୍କ ୪୩୩ ହେକ୍ଟର ଚାଷ ଜମି ବାଲିଚର ହୋଇଥିବା ତହସିଲଦାର ଚନ୍ଦ୍ରମଣି ନାଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବର୍ଷା ଯୋଗୁ ଚାଷୀ ପ୍ରଥମେ ମରୁଡ଼ି ଆଶଙ୍କା କରୁଥିବା ବେଳେ ଲଗାଣ ବର୍ଷା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ଏପରି କି ଚାଣ୍ଟିପଦର ଗ୍ରାମର ଚାଷୀ ରାମଚନ୍ଦ୍ର ବୁଡେକ, ସାଗର ଭୋଇ, ହରିହର ଦାଶ, ରଘୁନାଥ ଦାଶ କୁହନ୍ତି ଯେ, ସୋନଗଡ଼ ନଦୀ ଓ କେଉଁଟି ଯୋର ନାଳର ସଙ୍ଗମ ମୁହାଣରେ ଏକ ଆଡି ବନ୍ଧ ନିର୍ମାଣ କରାଯାଇଥିଲା। ହେଲେ ଲଗାଣ ବର୍ଷାରେ ଆଡିବନ୍ଧ ଭାଙ୍ଗି ଯାଇ ଶତାଧିକ ଏକର ଜମି ବାଲିଚର ହେବା ସହ ଫସଲ ନଷ୍ଟ ହୋଇଥିବା କହିଛନ୍ତି। ବହୁ କଷ୍ଟରେ ଚାଷୀ ଚାଷ କାର୍ଯ୍ୟ କରିଥିବା ବେଳେ ଲଗାଣ ବର୍ଷାରେ ହୋଇଥିବାବନ୍ୟାକୁ ନେଇ ଚିନ୍ତାରେ ପଡିଛନ୍ତି। ସରକାର ତୁରନ୍ତ ଚାଷୀଙ୍କ ଜମି ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଅର୍ଥ ଓ ଚାଷର କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ହଳଧରଙ୍କ ବିରୋଧରେ ଏତଲାକୁ ନିନ୍ଦା

ସୋନପୁର,୨୮।୮(ନି.ପ୍ର.)

ପଦ୍ମଶ୍ରୀ ଡ. ହଳଧର ନାଗ ହେଉଛନ୍ତି କୋସଲି ଭାଷା ସଂସ୍କୃତିର ବାର୍ତ୍ତାବହ। ତାଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦିଆଯିବା ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରଠାରେ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ହଳଧରଙ୍କ ବିରୋଧରେ ଏତଲାକୁ ଦୃଢ ନିନ୍ଦା କରାଯାଇଛି । ତାଙ୍କ ପ୍ରତି ଅପମାନ ଅର୍ଥ ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ଆଘାତ ବୋଲି ସମ୍ମିଳନୀରେ କୁହାଯାଇଛି। ହଳଧର ହେଉଛନ୍ତି କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତଥା କୋସଲ ହେରିଟେଜ୍ ଟ୍ରଷ୍ଟର ଉପସଭାପତି। ତେଣୁ ତାଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମୋକଦ୍ଦମା ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲଢେଇ କରିବା ପାଇଁ ଏକାଡେମୀ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାବାସୀଙ୍କ ବ୍ୟବହୃତ ଭାଷାର ସମ୍ବିଧାନିକ ମାନ୍ୟତା ଓ ସ୍ୱତନ୍ତ୍ର ପ୍ରଦେଶ ଦାବିକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ସ୍ୱର ଶାଣିତ ହେବାରେ ଲାଗିଛି। ଏହାକୁ ଭଣ୍ଡୁର କରିବା ପାଇଁ ହଳଧରଙ୍କ ବିରୋଧରେ ମିଥ୍ୟା ଏତଲା ଦିଆଯାଇଛି। କୋସଲ ଦିନେ ଥିଲା । ଅଞ୍ଚଳର ଭାଷା ଓ ସଂସ୍କୃତି ବେଶ ସମୃଦ୍ଧ । ପୌରାଣିକ ଏବଂ ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ସ୍ଥିତିକୁ କେହି ବଦଳାଇ ଦେଇ ପାରିବେ ନାହିଁ ବୋଲି ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀ, ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାନ୍ତି, ଇନ୍ଦ୍ରମଣି ଦାଶ, ବ୍ୟୋମକେଶ ଦାଶ, ନାରାୟଣ ପ୍ରସାଦ ରାୟଗୁରୁ, ମୀନା ମହାରଣା ଓ ନିତ୍ୟାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାରସ୍ୱତ ସାଧକ ନରସିଂହ ପ୍ରସାଦ ଗୁରୁଙ୍କ ରଚିତ ଆମର ବର୍ଣ୍ଣମାଳା ଲୋକାର୍ପିତ ହୋଇଥିଲା।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

# ଜମି ଚିହ୍ନଟ ଦାବି: ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଅମରପାଲି,୨୮।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଅମରପାଲି ଗ୍ରାମର ୨୩ଜଣ ମହିଳା ହିତାଧିକାରୀ ବୁଧବାର ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ସରସ୍ୱତୀ ବଗର୍ତ୍ତୀ, ମାଳତୀ ଭେସର, ଫୁଲତୁଲି ଭେସର, ବାସନ୍ତି ଗୁରୁ, ଗୁରୁବାରୀ ଗୁରୁ, ତୁଳସା ଦେହେରୀ, ତରଙ୍ଗିନୀ ଦେହୁରୀ, ରୁକ୍ମଣୀ ସେଠୀ, ଗୁରୁବାରୀ ସେଠୀ, ସଜନା ସେଠୀ, ଲତା ମାଝି, ଦେବକୀ ମାଝି, ଅସର୍ପି ମାଝି, ଉତ୍ତରା ରଣା, ସୁବାଷିନୀ ରାଜହଂସ, ସୁବର୍ଣ୍ଣ ନାଏକ, ସକୁନ୍ତଳା ଷାଣ୍ଡେ, ବେଦମତୀ ଷାଣ୍ଡଙ୍କୁ ଭୂମିହୀନ ବୋଲି ୨୦୧୨ରେ ସରକାର ପ୍ରତ୍ୟେକଙ୍କୁ ୧୦୦ ଡିସିମିଲ ଲେଖାଏଁ ଜମି ପ୍ରଦାନ କରିଥିଲେ। ଏନେଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ହିତାଧିକାରୀମାନେ ସରକାରଙ୍କୁ ରାଜସ୍ୱ ମଧ୍ୟ ଦେଉଛନ୍ତି । ହେଲେ ହିତାଧିକାରୀମାନେ ଜମି ଚିହ୍ନଟ ପାଇଁ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଜମି ଚିହ୍ନଟ ହୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏପରି କି ସ୍ଥାନୀୟ ଜନପ୍ରତିନିଧିଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଜମିଚିହ୍ନଟ ନ ହେବାରୁ ସେମାନେ ସରକାରୀ ଜମିରେ ମାଟି ଘର କରି ରହିଛନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି । ହେଲେ ଜମି ଚିହ୍ନଟ ହୋଇ ନ ଥିବାରୁ ସେମାନଙ୍କ ଜିଓ ଟ୍ୟାଗ୍ ହୋଇପାରୁ ନାହିଁ। ଯଦି ଜମି ଚିହ୍ନଟ ନ ହେବ ତେବେ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ୍ ପଡିବା ନିଶ୍ଚିତ ହୋଇଛି । ଜମି ଚିହ୍ନଟ କରିବା ପାଇଁ ବୁଧବାର ସମ୍ପୃକ୍ତ ହିତାଧିକାରୀମାନେ ବହଳପଦର ସମିତିସଭ୍ୟ ପୀତାମ୍ବର ସାହୁଙ୍କ ନେତୃତ୍ୱରେ ତହସିଲ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତହସିଲଦାର ହିତାଧିକାରୀଙ୍କ ଉପସ୍ଥିତିରେ କେଞ୍ଚିରିଆପାଲି ଆର୍‌ଆଇ ପ୍ରମୋଦ ମିଶ୍ରଙ୍କୁ ଜମି ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ତହସିଲ ଅଫିସକୁ ଆସିଥିବା ଅମରପାଲି ଗ୍ରାମର ଭୂମିହୀନ ମହିଳାମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୯ ଅଗଷ୍ଟ, ୨୦୧୯



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

କୋମନା,୨୮।୮(ଡି.ଏନ.ଏ.): ଚଳିତବର୍ଷ ଜିଲାସ୍ତରୀୟ କୁଲତା ଜାତିର ନୂଆଁଖାଇ ଭେଟଘାଟ ପାଇଁ କୋମନା ବ୍ଲକର ମହୁଲଭଟା ଗ୍ରାମରେ ଏକ ପ୍ରସ୍ତୁତି ବଇଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ପୂର୍ବାହ୍ଣରେ ଅକ୍ରୂର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତିର ବୈଜ୍ୟେଷ୍ଠ ବ୍ୟକ୍ତି ଯୁଦ୍ଧେଶ୍ୱର ଭୋଇ, କୈଳାଶ ଭୋଇ, ଉମାଶଙ୍କର ସାହୁ, ରାହାସ ସାହୁ, ସାରଳା ବଲ୍ଲଭ ଖମାରୀ, ଧନେଶ୍ୱର ଭୋଇ, କ୍ଷେତ୍ର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଭେଟଘାଟ ପାଇଁ ଦିନ, ତାରିଖ ଧାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ସୂଚୀଗୁଡିକୁ ବ୍ଲକ ସଭାପତି ବଇରାଜ ସାହୁଙ୍କୁ ଜଣାଇବା ପାଇଁ ସ୍ଥିର କରାଯାଇଛି ।

# ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ବଲାଙ୍ଗୀରର ସଫଳତା

ବଲାଙ୍ଗୀର ଅଫିସ, ୨୮।୮

ବଲାଙ୍ଗୀର ଜିଲା କରାଟେ ସ୍କୁଲର ପ୍ରତିଯୋଗୀମାନେ ଭୁବନେଶ୍ୱରଠାରେ ଗତ ୨୨ରୁ ୨୫ ତାରିଖରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଜଣାପଡିଛି। ଭୁବନେଶ୍ୱରସ୍ଥିତ ରେଲବାଇ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲାରୁ ୧୦ ଜଣ ବାଳିକା ଓ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ତମନ୍ନା ମେହେର (୯) କୁମିତେରେ ସ୍ୱର୍ଣ୍ଣ ଓ କାତାରେ କାଂସ୍ୟ ପଦକ, ସ୍ୱପ୍ନିଲ ସ୍ୱାଇଁ (୮) କୁମିତେରେ ରୌପ୍ୟ, ମନାଲିସା ବାରିକ (୧୨) କୁମିତରେ କାଂସ୍ୟ ଓ କାତାରେ କାଂସ୍ୟ ପଦକ, କ୍ରିଷ୍ଟା ସେଠ(୧୩) କୁମିତେରେ ଏବଂ ନିରଲିପତ୍ ପୁରୋହିତ(୧୦) କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି । ବଲାଙ୍ଗୀର କରାଟେ ସ୍କୁଲ ମୁଖ୍ୟ ପ୍ରଶିକ୍ଷକ ହୃଦୟ ଶବର ଓ ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀର କରାଟେ ସଂଘ ସଭାପତି ବଳରାମ ସିଂ ଯାଦବ, ସମ୍ପାଦକ ମାନୁଏଲ ନାଗ ଏବଂ କରାଟେ ସ୍କୁଲ ସଭାପତି ସଚିନ ବାଗ ଯାଦବ, ସହସଭାପତି ଡାକ୍ତର ସାହୁ ଓ କୋଷାଧ୍ୟକ୍ଷ ରବି ବେହେରା ଖେଳାଳୀମାନେ ବଲାଙ୍ଗୀର ଫେରିବା ପରେ ସମ୍ବର୍ଦ୍ଧନା ଜଣାଇଛନ୍ତି ।



ଖେଳାଳିମାନେ ବଲାଙ୍ଗୀର ପହଞ୍ଚିବା ପରେ ଅଭିନନ୍ଦନ ଜଣାଯାଉଛି ।

# ଡ୍ରାଇଭରଙ୍କୁ ମାଡ଼ମାରି ଟ୍ରକ୍ ଲୁଟି ନେଉଥିଲେ ଲୁଟେରା

ବଲାଙ୍ଗୀର ଅଫିସ, ୨୮।୮

ବଲାଙ୍ଗୀର ସହର ବ୍ୟସ୍ତବହୁଳ ରାସ୍ତା ଉପରେ ବୁଧବାର ଅପରାହ୍ଣରେ ଏକ ମାଲ ବୋଝେଇ ଟ୍ରକ୍‌ର ଡ୍ରାଇଭରଙ୍କୁ ଜଣେ ଯୁବକ ନିସ୍ତୁକ ମାଡ ମାରି ଉକ୍ତ ଟ୍ରକ୍‌କୁ ଲୁଟି ନେଇ ଫେରାର ମାରୁଥିବାବେଳେ ପୋଲିସ ହାବୁଡରେ ପଡିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସମ୍ପୃକ୍ତ ଲୁଟେରାକୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ହରଜିତ୍ ରଥ ଓ ସେ ଲାଲଟିକ୍ରା ନିବାସୀ ବୋଲି ଜଣାପଡିଛି । ବଲାଙ୍ଗୀର ସହରରୁ ଏକ ମାଲ ବୋଝେଇ ଟ୍ରକ୍ ପାଟଣାଗଡ ରାସ୍ତା ଦେଇ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିଲା । ସ୍ଥାନୀୟ କଲେଜ ଛକ ନିକଟରେ ହଠାତ୍ ଜଣେ ଯୁବକ ଉକ୍ତ ଟ୍ରକ୍‌କୁ ରାସ୍ତାରେ ଅଟକାଇ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିବା ସହ ତାଙ୍କ ଠାରୁ ଟ୍ରକ୍‌ର ଚାବି ଓ ଟଙ୍କା ଛଡାଇ ନେଇ ଉକ୍ତ ଟ୍ରକ୍‌କୁ ନିଜେ ଚଲାଇ ପାଟଣାଗଡ ରାସ୍ତାରେ ଫେରାର ହୋଇଯାଇଥିଲେ । ଏହି ଘଟଣାକୁ ସେଠାରେ ଶତାଧିକ ଲୋକ ଦେଖୁଥିଲେ ମଧ୍ୟ କେହି ଜଣେ ବି ପ୍ରତିବାଦ କରି ନ ଥିଲେ । ଫଳରେ ଲୁଟେରା ଯୁବକ ଜଣକ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରି ପଳାଇଥିଲେ । ଏହି ସୂଚନା ପାଇବା ପରେ ଟାଉନ୍ ପୋଲିସର ପିସିଆର ଟିମ୍ ଲୁଟ କରି ନେଉଥିବା ଟ୍ରକ୍‌କୁ ପିଛା କରିଥିଲେ । ପାଟଣାଗଡ–କଣ୍ଟାବାଞ୍ଜି ରାସ୍ତାର ସଦର ଥାନା ନିକଟରେ ଉକ୍ତ ଟ୍ରକ୍‌କୁ ପୋଲିସ ପିସିଆର ଟିମ୍ ଅଟକାଇ ସମ୍ପୃକ୍ତ ଲୁଟେରା ଯୁବକଙ୍କୁ କାବୁ କରିନେଇଥିଲେ । ଟ୍ରକ୍ ଡ୍ରାଇଭର ବିଜେନ୍ଦର କୁମାର ଯାଦବ (୪୦) ଟାଉନ୍ ଥାନାରେ ଘଟଣା ନେଇ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା (ନଂ.୪୪୦/୨୦୧୯) ରୁଜୁ କରି ଅଭିଯୁକ୍ତ ଯୁବକ ହରଜିତ୍ ରଥଙ୍କୁ ଗିରଫ କରିଛି । ଗୁରୁବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ। ଆହତ ଟ୍ରକ୍ ଡ୍ରାଇଭରଙ୍କ ଚିକିତ୍ସା କରାଯାଇ ଥିବା ଜଣାପଡିଛି।

# ଆପତ୍ତିଜନକ ଭିଡିଓ ଅପ୍‌ଲୋଡ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଏସପିଙ୍କୁ ଦାବିପତ୍ର

ବଲାଙ୍ଗୀର ଅଫିସ, ୨୮।୮

ଯୁବତୀ, ମହିଳାଙ୍କ ଆପତ୍ତିଜନକ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ ଓ ଭାଇରାଲ କରାଯାଉଥିବା ବିଷୟକୁ ନେଇ ଇଣ୍ଟରନେସନାଲ ହ୍ୟୁମାନ୍ ରାଇଟ୍ କାଉନସିଲ ପକ୍ଷରୁ ବଲାଙ୍ଗୀରର ନବନିଯୁକ୍ତ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଭଳି ଅପରାଧକୁ ରୋକିବା ଉପରେ ପଦକ୍ଷେପ ନେବାକୁ ଏସପିଙ୍କୁ ଅନୁରୋଧ କରାଯାଇଛି। ଏଭଳି ଅପରାଧକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କାଉନସିଲର ସ୍ୱେଚ୍ଛାସେବୀମାନେ ଦାବି କରିଥିଲେ । ଏଭଳି ଅପରାଧର ଅଭିଯୋଗ କରିବା ନେଇ ଏକ ସ୍ୱତନ୍ତ୍ର ଦେୟମୁକ୍ତ ନମ୍ବର ଦିଆଯିବାକୁ ଦାବି କରିଥିଲେ । ଏହାହେଲେ ପୀଡିତା କିମ୍ବା ଅନ୍ୟ ସ୍ୱେଚ୍ଛାସେବୀମାନେ ସହଜରେ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରପାରିବେ ଓ ପୋଲିସ ମଧ୍ୟ କ୍ଷୀପ୍ରତାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ଏସପି ସମ୍ପତ୍‌ଙ୍କୁ ଜଣାଇଥିଲେ । ସ୍ୱେଚ୍ଛାସେବୀ ବିନୋଜ କୁମାର କାଲସାଏଙ୍କ ନେତୃତ୍ୱରେ ସନ୍ଧ୍ୟାରାଣୀ ମାଝି, ବିଜୟଲକ୍ଷ୍ମୀ ଜାଲ, ପୂର୍ଣ୍ଣମା ପୃଷ୍ଟି, କଲ୍ୟାଣୀ କୁମ୍ଭାର, ସୁଜାତା ପଧାନ, ସନ୍ଦୀପ ବାଗ, ଗୋବିନ୍ଦ ଶତପଥି, ଜୟଦେବ ଜାଲ, ଅଶ୍ୱିନୀ ପଟେଲ ଉପସ୍ଥିତ ରହି ଏସପି ସମ୍ପତ୍‌ଙ୍କୁ ଦାବିପତ୍ର ଦେଇଥିଲେ । ଏସପି ସମ୍ପତ୍ ଅନ୍‌ଲାଇନ୍ ରିପୋର୍ଟ କରିବା ପାଇଁ ଗୋଟିଏ ପୋର୍ଟାଲ ରହିଛି ଓ ପୀଡିତାମାନେ କିଭଳି ଏହା ବ୍ୟବହାର କରିପାରିବେ କହିଥିଲେ। ଆଗାମୀ ଦିନରେ ଏହାକୁ ନେଇ ଏକ ହ୍ୱାଟସ୍‌ଅପ୍ ନମ୍ବର ଜାରି କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ।

# ଛେଳି ଚାଷ ସହାୟତା ରାଶି ବାଣ୍ଟିଲେ ବିଧାୟକ

ବଲାଙ୍ଗୀର ଅଫିସ, ୨୮।୮

ବଲାଙ୍ଗୀର ବ୍ଲକର ନାରାୟଣପୁର ଓ ଦେଓଗାଁ ବ୍ଲକର କୁଲତାପଡ଼ା ଗ୍ରାମର ୧୧ ଜଣ ହିତାଧିକାରୀଙ୍କୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କ ଆବାସିକ କାର୍ଯ୍ୟାଳୟରେ ଆର୍ଥିକ ସହାୟତା ରାଶିର ଚେକ୍ ବଣ୍ଟନ କରିଛନ୍ତି । ଗ୍ରାମର ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଏହା ରୋଜଗାରର ମାଧ୍ୟମ ହୋଇପାରିବ ବୋଲି ବିଧାୟକ ନରସିଂହ କହିଛନ୍ତି। ରାଜ୍ୟ ସରକାର ଦାରିଦ୍ର୍ୟ ଦୂରୀକରଣ ତଥା ଜନସାଧାରଣଙ୍କୁ ଆର୍ଥିକ ରୂପେ ସ୍ୱାବଲମ୍ବୀ କରିବା ପାଇଁ ଏଭଳି ବିଭିନ୍ନ ଯୋଜନାଗୁଡିକ ପ୍ରଣୟନ କରୁଛନ୍ତି। ସେଥିମଧ୍ୟରେ ଛେଳି ଚାଷ ପାଇଁ ସହାୟତା ରାଶି ମଧ୍ୟ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇଛି। ସହାୟତା ରାଶି ଗ୍ରହଣ କରିଥିବା ହିତାଧିକାରୀମାନେ ହେଲେ କୁଲତାପଡ଼ା ଗ୍ରାମର ପାନ ପୋଡ଼, ସେବତୀ ପୋଡ, ଭଗବତୀ ସାହୁ, ଜ୍ୟୋସ୍ନା ପ୍ରଧାନ। ସେହିପରି ନାରାୟଣପୁର ଗ୍ରାମର କନକ ନାଗ, କାନ୍ତି ହାତୀ, ଉର୍ମିଳା ବିଭାର, ଲମ୍ବୋଦର ମାଝି, ମୋହନ ନନ୍ଦ, ନାରାୟଣ ଭୁଏ ଓ ବିପିନ କାଲସାଏଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀରୋଗ ଅଧିକାରୀ ଡା. ଗଗନ ବିହାରୀ ରାଉତରାୟ, ଉପଖଣ୍ଡସ୍ତରୀୟ ପ୍ରାଣୀରୋଗ ଅଧିକାରୀ ଡା. ଶୁଭେନ୍ଦୁ ମିଶ୍ର, ଡା ଗୌର କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ନରସିଂହ ମିଶ୍ର ହିତାଧିକାରୀଙ୍କୁ ଛେଳି ଚାଷ ସହାୟତା ରାଶି ଚେକ୍ ବଣ୍ଟନ କରୁଛନ୍ତି ।

# କେଉଟଙ୍କୁ ମିଳୁନି ଏସ୍‌ସି ପ୍ରମାଣପତ୍ର: ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ରକ୍ସା ପଞ୍ଚାୟତବାସୀ

ସୋନପୁର,୨୮।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ତହସିଲଦାର କେଉଟଙ୍କୁ ଏସ୍‌ସି(ଅନୁସୂଚିତ ଜାତି) ପ୍ରମାଣପତ୍ର ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ଧରି ଏହି ସମ୍ପ୍ରଦାୟର ଲୋକେ ଏସ୍‌ସି ପ୍ରମାଣପତ୍ର ପାଉଥିଲେ । ଛାତ୍ରୀଛାତ୍ର ପ୍ରମାଣପତ୍ର ଦେଖାଇ ପାଠ ପଢୁଥିଲେ। ସରକାରଙ୍କଠାରୁ ବୃତ୍ତି ପାଉଥିଲେ । ବର୍ତ୍ତମାନ ତହସିଲଦାର ପ୍ରମାଣପତ୍ର ପ୍ରଦାନ କରିବାକୁ ମନା କରୁଛନ୍ତି । ଏନେଇ ଉଲୁଣ୍ଡା ତହସିଲ ଅନ୍ତର୍ଗତ ରକ୍ସା ପଞ୍ଚାୟତର କେଉଟ ସମ୍ପ୍ରଦାୟର ଲୋକେ ଦୁଃଖ ଭୋଗୁଛନ୍ତି । ଗୁରୁବାର ଭାଜପା ନେତା ତଥା ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକଙ୍କ ନେତୃତ୍ୱରେ ଜନସାଧାରଣ ତହସିଲଦାରଙ୍କ ବିରୋଧରେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲାପାଳ ମୋନିଷା ବାନାର୍ଜୀ ଅଭିଯୋଗ ଶୁଣିଥିଲେ। ଉଲୁଣ୍ଡା ତହସିଲଦାର ଛୁଟିରେ ଅଛନ୍ତି । ଛୁଟିରୁ ଆସିଲେ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବେ ବୋଲି ପ୍ରତଶ୍ରୁତି ଦେଇଥିଲେ ।

# ଇନ୍ଦ୍ରାବତୀ ପ୍ରକଳ୍ପରୁ ଖୁବଶୀଘ୍ର ବିଦ୍ୟୁତ୍ ପାଇବେ ଜିଲାବାସୀ

ଧର୍ମଗଡ,୨୮।୮(ଡି.ଏନ.ଏ.)

### ଧର୍ମଗଡ଼ଠାରେ ବୌଦ୍ଧିକ ସମାବେଶ

■ ଧର୍ମଗଡ଼ ଅଞ୍ଚଳର ବିକାଶ ପାଇଁ ମୁ ସର୍ବଦା ସଙ୍କଳ୍ପ ବଦ୍ଧ

କଳାହାଣ୍ଡି ଜିଲା ଧର୍ମଗଡଠାରେ ଜୀବନ ବିନ୍ଦୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବୁଧବାର ସ୍ଥାନୀୟ ଅଞ୍ଚଳର ଉନ୍ନତି ସହିତ ଏକ ବିକଶିତ ଧର୍ମଗଡ କିଭଳି କରାଯାଇପାରି ସେ ଉଦ୍ଦେଶ୍ୟରେ ବୌଦ୍ଧିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଧର୍ମଗଡ ମାଟିରୁ ମୋର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ତେଣୁ ଧର୍ମଗଡର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସର୍ବଦା ସଂକଳ୍ପ ବଦ୍ଧ ବୋଲି କହିଥିଲେ। ଧର୍ମଗଡକୁ ରେଳ ଲାଇନ ସଂଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଧର୍ମଗଡଠାରେ ବାଇ ପାସ ରାସ୍ତା ନିର୍ମାଣ, ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା, ଟୁରିଜମ କ୍ଷେତ୍ରରେ କିଭଳି ବିକାଶ କରାଯାଇପାରି ସେ ଉପରେ ବିଶେଷ ଗୁରୁତ୍ୱ ଦେବି ବୋଲି ପ୍ରକାଶ କରିଥିଲେ। ଜିଲାରେ ଥିବା ଇନ୍ଦ୍ରାବତୀ ପ୍ରକଳ୍ପରୁ ଜିଲାବାସୀ ଖୁବଶୀଘ୍ର ବିଦ୍ୟୁତ୍ ପାଇବା ସହ ଧର୍ମଗଡଠାରେ ବହୁ ପ୍ରତିକ୍ଷିତ ଇଲେକ୍ଟ୍ରିକାଲ ଡିଭିଜନ ପୁନଃ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ । ଧର୍ମଗଡ ନିକଟସ୍ଥ ଗମ୍ଭାରିଗୁଡାଠାରେ ଥିବା ଯଶୋଦା ଅନାଥ ଆଶ୍ରମରେ ଅନୁଷ୍ଠିତ ସମାବେଶରେ ଜିବନ ବିନ୍ଦୁ ବିଜୁ ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ବିବେକ ରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ଏହି ସମାବେଶରେ ସରକାରୀ ଓକିଲ ତଥା ବରିଷ୍ଠ ଆଇନଜୀବୀ ଚିନ୍ତାମଣୀ ପାତ୍ର, ଓକିଲ ତୁଷାର ରଞ୍ଜନ ପଟଯୋଷୀ, ଯଶୋଦା ଅନାଥାଶ୍ରମ ପରିଚାଳକ ଶ୍ୟାମସୁନ୍ଦର ଜାଲ, ଭବାନୀପାଟଣାର ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, କଳାହାଣ୍ଡିର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରବୋଦ ରଥ, ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଶ୍ୟାମ ପରିବାର ସମ୍ପାଦିକା ସୁନିତା ଅଗ୍ରୱାଲ, କେମିଷ୍ଟ ସଂଘ ସମ୍ପାଦକ ହୃଷୀକେଶ ମିଶ୍ର, ଧର୍ମଗଡ ନଗରପାଳ ହିରା ବାଗ, ଅଧ୍ୟାପକ ସରୋଜ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିଶ୍ୱଜିତ ବେହେରା, ବିଧାୟକ ପ୍ରତିନିଧି ମଦନ ନାଏକ, ସରକାରୀ ଓକିଲ ରାଜେନ୍ଦ୍ର ମୁନି, ଭାଜପା ନେତା ଲକ୍ଷ୍ମିକାନ୍ତ ବାଗ, ଆଦିବାସୀ ନେତା କିଶୋର ଚନ୍ଦ୍ର ଭୋଇ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୀବନବିନ୍ଦୁର ସମ୍ପାଦକ ଅବଜ ପାଢୀ, ଉପସଭାପତି ଭରତ ମେହେର, ମୁନିରାମ ମାଝି, ଯୁବ ସଙ୍ଗଠକ ଉପେନ୍ଦ୍ର ନାଏକ, ଚନ୍ଦନ ପାତ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ ।



ଆୟୋଜିତ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।


**PARADIP PORT TRUST**

**CORRIGENDUM-II TO E-TENDER CALL NOTICE NO. EM/MM/P/STEEL/07/2018(PT)/1906TDR112, DT.11.06.2019, FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below:
1. Last Date of submission of tender up to 5.30 PM of Dt.11.09.2019.
2. Opening of Technical Bid at 3.30 PM of Dt.13.09.2019.

All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager

PPT/PR/293/19-20, DT.27.08.2019

**PARADIP PORT TRUST**

**CORRIGENDUM-I TO E-TENDER CALL NOTICE NO. EM/MM/P/IOHP/21/2019/1907TDR142, DT. 20/07/2019 FOR SUPPLY OF BUCKET WHEEL TEETH**

The due date of submission of Tender & opening of EMD Bid is hereby further extended as below. (1) Last Date of submission of tender up to 5.00 PM of Dt. 10/09/2019. (2) Opening of EMD Bid at 3.30 PM of Dt. 12/09/2019. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

PPT/PR/295/19-20 Date 27.08.2019
Sr. Dy. Materials Manager

**नालको NALCO**
National Aluminium Company Limited
(A Government of India Enterprise)
Nalco Bhawan, Nayapalli,
Bhubaneswar - 751 013, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDER**

**1. No. NBC/MM/01/NIT/LCTP/2019, Date : 21/08/2019** - Online bids are invited for the supply of Liquid Coal Tar Pitch for our Smelter Plant, Angul (Odisha), India from bonafide indigenous manufacturers/ suppliers or their accredited agents :
**Approx. Qty. Reqd (MT) :** 40,500 +/- 2%,
**Earnest Money Deposit :** Rs. 25,00,000/-,
**Last Date of Tender Submission :** 18.09.2019 up to 01:00 PM

**General Manager (Materials)**

**2. RFP No. TNCC-029/2019 :** Digitally signed online bids for **Two Part, Open Tender cum Reverse Auction** through Central Public Procurement e-procure Portal are invited for "Road Transportation of Aluminium Metal Products from Nalco's Stockyard at Vizag to Nalco's Stockyard at Bhiwandi."

**AGM (Elect.), T&C**

Tender documents and online submission procedure can be downloaded from Nalco's Website i.e **www.nalcoindia.com** and **www.eprocure.gov.in**. Any Updates / Amendments / Extension/ Corrigendum will only be hosted in above websites.

**CUTTACK MUNICIPAL CORPORATION**
At: Choudhury Bazar, PO: Telenga Bazar, Dist: Cuttack-753009
7692 Date: 27.08.19

**PUBLIC NOTICE**

Functioning of Planning Branch in Cuttack Municipal Corporation and receipt of applications for approval of building plans/sub-divisional layout plans.

This is for information of general public that the building plan/sub-divisional layout plan approval and all new cases of unauthorised constructions within the administrative jurisdiction of Cuttack Municipal Corporation will be dealt by Cuttack Municipal Corporation from 1st September, 2019.

As the powers pertaining to approval of building plan/sub-divisional layout plan and the powers u/s 91 & 92 of ODA Act to deal with unauthorised constructions have been delegated to Cuttack Municipal Corporation under ODA Act, 1982, therefore the provisions of ODA Act/Rules and regulations made there under which are applicable to Cuttack Development Authority, the same shall also remain applicable for the Cuttack Municipal Corporation and all cases shall accordingly be dealt by Cuttack Municipal Corporation.

Sd./- Commissioner, Cuttack Municipal Corporation

**idco** Your power to grow
ISO 9001 & 14001 CORPORATION
ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. IDCO/HO-MIS/A-10013/01/2019/V-1/P-2/14700 Date: 27.08.2019

**CORRIGENDUM TO TENDER CALL NOTICE NO. 14359 DATED 19.08.2019 FOR SUPPLY, INSTALLATION, COMMISSIONING, INCLUDING WARRANTY FOR RHEL & RHOSP LICENSES AND SERVER FOR INSTALLATION OF NMS (EMS SYSTEM) IN IDCO**

In partial modification to the Tender Call Notice no. 14359 dated 19.08.2019 for Supply, Installation, Commissioning including warranty of RHEL & RHOSP Licenses and Server for Installation of NMS (EMS System) in IDCO, the EMD amount as mentioned in the Tender Call Notice No. 14359 dated 19.08.2019 may be read as Rs. 64,000/- (Rupees Sixty Four Thousand) instead of Rs. 6,400/- (Rupees Six Thousand Four Hundred). The revised date is as follows.

| Sl.NO. | Information | Details |
|---|---|---|
| 1 | The Tender Documents will be available in IDCO Website (**www.idco.in**). | From 30.08.2019 to 12.09.2019 |
| 2 | Last date (deadline) for submission of bids. | 17.09.2019 at 5.00 P.M. |
| 3 | Date of Opening of Technical Bid and Commercial Bid. | 18.09.2019 at 11.00 A.M. |

All other terms and conditions shall remain unchanged

Sd/-
Manager (MIS)

**ORISSA HYDRO POWER CORPORATION LTD.**
OHPC
O/O EXECUTIVE ENGINEER, PODAGADA DAM DIVISION
UPPER INDRAVATI HYDRO ELECTRIC PROJECT
AT/PO-KHATIGUDA, DIST. NABARANGPUR, ODISHA, PIN – 764085
Tel. No. 06858 224255, E-mail – eepodagadadam@gmail.com.

No.1316 Date. 26.08.2019

e-Procurement Notice CAD-334

Bid Identification No. EEPDDUIHEP KHATIGUDA 02 (1-3) /2019-20

| Sl. No | Bid identification No. | Name of Work | Value of works ( in Rs.) | Cost of Bid document including GST @ 18% (in Rs.) Non-refundable | Bid Security ( EMD) in Rs. | Period of completion | Last date & time of Online Receipt of Bids | Class of contractor |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | EEPPD-02 (01)/19-20 | Improvement to road from Indravati College Chhak to Damodar Chhak RD 0.00Mtr. to 5000.00Mtr. | 49,70,761/- | Rs.6000+ GST@18% Rs.1080= Rs.7080/- | 49,800/- | Six calendar months | Date. 13.09.2019 up to 5.00PM | B&A Class contractors |
| 2 | EEPPD-02 (02)/19-20 | Renovation of lavatory of UIHEP staff quarters (D, TD, E, TE, F, FT type = 131 Nos.), Khatiguda. | 33,03,508/- | Rs.6000+ GST@18% Rs.1080= Rs.7080/- | 33,500/- | Six calendar months | Date: 13.09.2019 up to 5.00PM | C&B Class contractors |
| 3 | EEPPD-02 (03)/19-20 | Improvement to auditorium Hall and toilet of Indravati Project High School, UIHEP, Khatiguda | 5,32,373/- | Rs.4000+ GST @ 18% Rs.720/- = Rs.4720/- | 5,500/- | Six calendar months | Date: 13.09.2019 up to 5.00PM | D&C Class contractors |

The Bid documents will be available in the Govt. website : http://www.tenderorissa.gov.in/ in the OHPC Website: www.ohpcltd.com from 11.00 AM of dt.30.08.2019 to 5.00 PM of dt. 13.09.2019..
The details of the Tender Document, Terms and Conditions please refer our website **www.ohpcltd.com & http://www.tenderorissa.gov.in.**

32257/11/0004/1920

EXECUTIVE ENGINEER
PODAGADA DAM DIVISION

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
OPTCL Lifeline of Orissa
A GOVT. OF ODISHA UNDERTAKING
OFFICE OF THE SR.GENERAL MANAGER (ELECTRICAL)
O & M (ZONE-I), NARENDRAPUR, Mob.:9438907242,
e-mail: sgm.onm1.npr@optcl.co.in, CIN: U40102OR2004SGC007553

**e-TENDER NOTICE NO. NPR-06/2019-20**

For and on behalf of ODISHA POWER TRANSMISSION CORPARATION LTD Sr.General Manager, (O&M)-1.Narendrapur invites Tenders from reputed Bidders in single part bidding system for REPLACEMENT OF LONG ROD INSULATOR AND PROVISION OF EXTRA L-CUT JUMPERS OF 55 NOS TOWERS AT 220 KV NARENDRAPUR-ATRI DC LINE FROM LOC NO. 1 TO LOC NO. 261 OF 220 KV T/L S/S, NARENDRAPUR UNDER EHT (O&M) DIVISION, BERHAMPUR, The interested Bidders would be required to enroll themselves on the tender portal www.tenderwtzard.com/OPTCL Complete set of bidding documents are available at www.tenderwlzard.com/OPTCL from Dated 27.08.2019 (16.06 Hrs.) upto Dated 26.09.2019 (12.31 Hrs). Interested Bidders may visit OPTCL's official website http://www.optcl.co.in and http://www.tenderwizard.com/OPTCL for detail specification. N.B :All subsequent addendums/corrigendum to the tender shall be hosted in the OPTCL's official website http: www.optcl.co.in and www.tenderwizard.com/OPTCL for detail specification

*Sr. General Manager (Elect.)*

**GOVT. OF ODISHA**
**OFFICE OF THE HEALTH & FW DEPARTMENT**
**VSS INSTITUTE OF MEDICAL SCIENCES AND RESEARCH, BURLA,(SAMBALPUR)**
****

No. 11817 /VIMSAR Dated,Burla,the 26th 08 ,2019

**TENDER** 267-E

Sealed Tenders are invited from the Regd. Firm and Co-operative Society registered under the GST Act for Printing of Forms and supply of envelope Register and other stationeries of this Hospital for the year **2019-20** which will be received up to **5.00 PM** of dt. 26-09-19 through Regd.Post/Speed post only and will be opened on the next working day at 11.00AM in the office chamber of the Superintendent, VIMSAR, Burla. Tenders received beyond the scheduled date and time will not be entertained.

The tenderer may get details of the Tender call notice from this office of the Superintendent, VIMSAR,Burla on deposit of **Rs.1000/-(Rupees One thousand)** only towards cost of tender papers at Users fee collection counter of this Hospital during office hour The tenderers may also download the Tender from the website www.sambalpur.nic.in with effect from 30-8-19 and submit the same with a Bank draft of **Rs.1000/-(Rupees One thousand)** only in favour of Superintendent, VIMSAR,Burla. The cost of Tender paper is non refundable.

Superintendent
VSS-IMSAR ,Burla

10026/11/0002/1920



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ




### ଆଗକୁ ନୂଆଁଖାଇ, ଏଟିଏମ ସବୁ ବନ୍ଦ

**ନୂଆପଡା ଅଫିସ,୨୮।୮-** ଲୋକଙ୍କୁ ୨୪ ଘଣ୍ଟା ଏଟିଏମ ସେବା ଯୋଗାଇ ଦେବାକୁ ବ୍ୟାଙ୍କ ସଂସ୍ଥା ସମୂହ ଚୁକ୍ତିବଦ୍ଧଥିବାବେଳେ ନୂଆପଡା ଭଳି ଜିଲାରେ ଏହା ଫେଲ ମାରୁଥିବା ଲୋକେ ଅଭିଯୋଗ କରୁଛନ୍ତି । ଅନେକ ସମୟରେ ଏସବୁ କାମ କରୁ ନ ଥିବା ଦେଖାଯାଉଛି । ବିଶେଷ କରି ଏଠିକାର ପ୍ରମୁଖ ପର୍ବପର୍ବାଣୀ ସମୟରେ ଏଟିଏମ ବନ୍ଦ ରହୁଥିବାରୁ ଲୋକ ଆର୍ଥିକ ସୁବିଧା ପାଉନାହାନ୍ତି । ଏପରିକି ଜିଲା ସଦର ମହକୁମାରେ ଷ୍ଟେଟବ୍ୟାଙ୍କ ଭଳି ବ୍ୟାଙ୍କଗୁଡିକର ଏଟିଏମ ଫେଲ ରହୁଛି । ମଙ୍ଗଳବାର ସଂଗୃହୀତ ରିପୋର୍ଟ ଅନୁସାରେ ଦୁଇ ତିନି ଦିନ ହେବ ଏହା ବନ୍ଦ ରହିଛି । ଏହିଭଳି ୟୁନାଇଟେଡ, ଆହ୍ଲାବାଦ, କାନାଡା, ସେଣ୍ଟ୍ରାଲ ବ୍ୟାଙ୍କ ଆଦି ବ୍ୟାଙ୍କଗୁଡିକର ଏଟିମକୁ ଲୋକେ ଯାଇ ନିରାଶରେ ଫେରୁଛନ୍ତି । ଆଗକୁ ଗଣପର୍ବ ନୂଆଁଖାଇ ଆସୁଥିବାରୁ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ଜିଲା ସଦର ମହକୁମାରେ ଏଭଳି ସ୍ଥିତି, ବାକି ଅଞ୍ଚଳ କଥା କ'ଣ ହେଉଥିବ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଇନପୁଟ ସବ୍‌ସିଡି ପାଇବାରୁ ବଞ୍ଚିତ ଚାଷୀ

**ନୂଆପଡା ଅଫିସ/ବୋଡେନ,୨୮।୮-** ନୂଆପଡା ଜିଲା ବୋଡେନ ବ୍ଲକର ୧୫ଟି ପଞ୍ଚାୟତରେ ଗତ ୨୦୧୭ରେ ମରୁଡି ଦେଖାଦେଇଥିଲା। ସରକାର ଚାଷୀମାନଙ୍କୁ ଇନପୁଟ ସବସିଡି ଯୋଗାଇଦିଆଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ତାହା କେବଳ କାଗଜ କଲମରେ ସିମିତରେ ରହିଥିବା ବେଳେ ଇନପୁଟ ସବସିଡି ପାଇପାରୁ ଚାଷୀ ବଞ୍ଚିତ ହେଉଛନ୍ତି । ସ୍ଥାନୀୟ ଚାଷୀମାନେ ବୋଡେନ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ ଏବଂ ଆଗାମୀ କିଛି ଦିନ ମଧ୍ୟରେ ଇନପୁଟ ସବସିଡି ଦିଆଯିବ ବୋଲି ସ୍ଥାନୀୟ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଆଖି ଆଗରେ ରଖି ରୁଆ, ବିଉଷଣ କାମରେ ଏହି ଟଙ୍କା ବିନିଯୋଗ ହେବ ବୋଲି ଚାଷୀମାନେ ଅପେକ୍ଷା କରିଛନ୍ତି । କିନ୍ତୁ ଆଜକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ପାଇପାରି ନାହାନ୍ତି। ଗତ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସଚେତନ ନାଗରିକ ମଞ୍ଚ ସମ୍ପାଦକ ପର୍ଶୁରାମ ସେଠୀ ଇନପୁଟ ସବସିଡି ଯୋଗାଇ ଦେବାକୁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ଆଗାମୀ ଦିନରେ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜାତୀୟ ରାଜପଥ ସମତୁଲ କଲା ଯୁବକ ସଂଘ

**ନୂଆପଡା ଅଫିସ/ତରବୋଡ, ୨୮।୮ (ଡି.ଏନ.ଏ.)**



ରେନବୋ ଯୁବକ ସଂଘ କର୍ମକର୍ତ୍ତା ଜାତୀୟ ରାଜପଥ ମରାମତି କାମ କରୁଛନ୍ତି ।

**ମାନିଗୁଡା ରେନବୋ ଯୁବକ ସଂଘ**
- ୬ ଘଣ୍ଟାର ଶ୍ରମ ଦାନ କଲେ

ଦୀର୍ଘ ୫ ବର୍ଷ ଧରି ନିର୍ମାଣ କାମ ଚାଲିଥିବା ଜାତୀୟ ରାଜପଥ ୩୫୩ କାମ ଆଜି ଯାଏଁ ଶେଷ ହେଉନି। ଠିକାଦାରଙ୍କ ଉଦାସୀନତା ଏବଂ ପ୍ରଶାସନିକ ଅବହେଳା ଯୋଗୁ ଏହା ମରଣଯନ୍ତା ପାଲଟିଛି। ଏଭଳିସ୍ଥିତିରେ ସ୍ଥାନୀୟ ମାନିଗୁଡା ଗାଁର ରେନବୋ ଯୁବକ ସଂଘ ଆଗକୁ ଆସି ଗୁଣ୍ଡୁଚିମୂଷା ଭଳି ରାସ୍ତା ମରାମତି କାମ କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଜାତୀୟ ରାଜପଥ ମାନିଗୁଡା ଗାଁ ନିକଟରେ ଦୁଇ ଗୋଟି ପୋଲ ରାସ୍ତା ମରାମତି କରି ଦୀର୍ଘ ୬ ଘଣ୍ଟା ଧରି ଶ୍ରମ ଦାନ କରିଛନ୍ତି । ନୂଆପଡାରୁ ଖଡିଆଳକୁ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥ ଦୀର୍ଘ ୬୫ କି.ମି. ଦୂରରାସ୍ତା ରହିଛି । ଏହାକୁ ଏକ ଠିକା କମ୍ପାନୀ ଗତ ୫ ବର୍ଷ ତଳେ କାମ ଆରମ୍ଭ କରିଥିଲା। ପ୍ରଶାସନକୁ ଖାତିର ନ କରି କାମ ସବୁ ଅଧାପନ୍ତରିଆ କରି ଛାଡି ଦେଇଛି। ଜିଲାର ଦଲଦଲି, ପଲସିପାଣୀ, ତରବୋଡ, ଉଦ୍ୟାନବନ୍ଧ, କୋମନା, ପେଣ୍ଡ୍ରାବନ୍ଧ, ଖଡିଆଳ ନିକଟରେ ରାସ୍ତା ଶୋଚନୀୟ ହୋଇପଡିଛି। ବିଭିନ୍ନ ସମୟରେ ଜିଲାବାସୀ ଆନ୍ଦୋଳନ କରି ରାସ୍ତାରୋକୋ କରୁଥିବାବେଳେ ପ୍ରଶାସନ ନିର୍ମାଣ କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦେଉଛି । ଏହା ପରବର୍ତ୍ତି ସମୟରେ କାମକୁ ଆସୁନାହିଁ। ବର୍ତ୍ତମାନ ଲଗାଣ ବର୍ଷାରେ ରାସ୍ତାରେ ଦୁଇଚକିଆ, ଚାରି ଚକିଆ ଯାନ ସବୁ ଚାଲିପାରୁନାହିଁ । ବିଭିନ୍ନ ଯାଗାରେ ବିରାଟ ଗର୍ତ୍ତ ସବୁ ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି କୋମନା ବ୍ଲକ ମାନିଗୁଡା ଗାଁର ରେନବୋ କ୍ଲବ କର୍ମକର୍ତ୍ତାମାନେ ପଦକ୍ଷେପ ନେଇଛନ୍ତି। ବୁଧବାର ସକାଳ ୮ଟାରେ ଗାଁରୁ ବାହାରି ରାଜରାସ୍ତାକୁ ଆସିଥିଲେ। କ୍ଲବ ସଭାପତି ଅଶୋକ ମାଝିଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ହାତରେ କୋଦାଲ ଧରି ରାସ୍ତା ମରାମତି କରିଥିଲେ। ଦୀର୍ଘ ୬ ଘଣ୍ଟା ଧରି କାମ କରି ଗୋଡି, ବାଲି, ଗେଟି ଦେଇ ରାସ୍ତାର ଖାଲଗୁଡିକୁ ସମତୁଲ କରିଥିଲେ। ମାନିଗୁଡାରୁ ତରବୋଡ ଏବଂ ମାନିଗୁଡାରୁ ଜଡାମୁଣ୍ଡା ଛକ ପଟକୁ ଥିବା ରାସ୍ତା ପୋଲ ନିକଟରେ ଦୀର୍ଘ ଦିନ ଧରି ଖାଲ ହୋଇ ପଡିରହିଥିଲା । ଏଥିରେ ବହୁ ଯାତ୍ରୀ ଦୁର୍ଘଟଣାଗ୍ରସ୍ତ ହେଉଥିବା ଖବର ରହିଛି । ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଯାତ୍ରୀମାନେ ଏହାକୁ ଦେଖି ପ୍ରଶଂସା କରିଥିବାବେଳେ ପ୍ରଶାସନକୁ ନିନ୍ଦା କରିଥିଲେ । ଆଗକୁ ଏହା ଜାରି ରହିବ । ଆଗାମୀ ଦିନରେ ଆହୁରି କାମ କରିବା ସହ ଅନ୍ୟାନ୍ୟ କ୍ଲବ କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ ହେବାକୁ ଆହ୍ୱାନ କରିବେ ବୋଲି ସଭାପତି ମାଝି କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ, ଗୁଣ୍ଡୁ, ଡୋଲା, କୁନାଲ, ଚିନ୍ତା ପ୍ରମୁଖ ସାମିଲ ଥିଲେ। କ୍ଲବ ପରାମର୍ଶଦାତା ଭାବେ ଦିବତି, ଅନିରୁଦ୍ଧ, ଗୁପ୍ତେ, ନବୀନ, ବିଭୂତି, ଦିନବନ୍ଧୁ ମଧ୍ୟ ଯୋଗଦେଇ ଉତ୍ସାହିତ କରିଥିଲେ।

ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ

## ଖୁବଶୀଘ୍ର ଚାଇଲ୍ଡ ଲାଇନ ୧୦୯୮ ଆରମ୍ଭ ହେବ

**ନୂଆପଡା ଅଫିସ,୨୮।୮**

ଶିଶୁଙ୍କ ସେବା, ସୁରକ୍ଷା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଖୁବଶୀଘ୍ର ଚାଇଲ୍ଡ ଲାଇନ ୧୦୯୮ ସେବା ଆରମ୍ଭ ହେବ ବୋଲି ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି । ବୁଧବାର ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ ଏହି ସୂଚନା ଦେଇଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଏସପି ସୁନୀଲ କୁମାର ଆଚାର୍ଯ୍ୟ, ମହିଳା ଶିଶୁ ଡେସ୍କର ଏସ.ଜେ. ଆର. ମଣୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକରୁ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକରୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ସେବା କିପରି ଯୋଗାଇ ଦିଆଯିବ, ଏଥିପାଇଁ କିପରି ପ୍ରସ୍ତୁତି କରିବାକୁ ପଡିବ ସେ ଉପରେ ଜିଲାପାଳ ଗୋଟି ଗୋଟି କରି ବୁଝାଇଥିଲେ। ବୈଠକ ଶେଷରେ ବଳଦେବ ରଥ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।



ବୈଠକରେ ଯୋଗଦେଇଥିବା ଦଳିତ ଅଧିକାର ମଞ୍ଚର କର୍ମକର୍ତ୍ତା ।

# ବିଭିନ୍ନ ସମସ୍ୟା ନେଇ ଦଳିତ ଅଧିକାର ମଞ୍ଚର ବୈଠକ

**ସିନାପାଲି,୨୮।୮ (ଡି.ଏନ.ଏ.)**

ନୂଆପଡା ଜିଲା ଦଳିତ ଅଧିକାର ମଞ୍ଚ ପକ୍ଷରୁ ସିନାପାଲି ବ୍ଲକର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ଅଗ୍ରେସନ ଭବନଠାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଲଳିତ ବାଗ ସଭାପତିତ୍ୱ କରିଥିବା ବେଳେ ଦଳିତ ସମାଜ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ସମେତ ସିନାପାଲି ଅଞ୍ଚଳର ଅନେକ ଯୁବ ଗୋଷ୍ଠୀ ସାମିଲ ଥିଲେ। ବୈଠକରେ ସିନାପାଲି ବ୍ଲକରେ ପ୍ରକୃତ ହିତାଧିକାରୀ ବିଭିନ୍ନ ଯୋଜନାରୁ ବାଦ୍ ପଡିବା, ବିଭିନ୍ନ ରାସ୍ତା ସମସ୍ୟା, ବ୍ଲକରେ ପିସି କାରବାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁରାବସ୍ଥା ଓ ଡାକ୍ତରର ଅଭାବ ଆଦି ସମସ୍ୟାକୁ ନେଇ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରାଯାଇଛି। ଉପରୋକ୍ତ ସମସ୍ୟାଗୁଡିକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏ ସବୁକୁ ନେଇ ପ୍ରତ୍ୟେକ ପଞ୍ଚାୟତ ଓ ଗାଁ ଲୋକଙ୍କୁ ସଚେତନ କରାଯିବା ସହ ଏକ ବ୍ଲକସ୍ତରୀୟ କମିଟି ଗଠନ କରାଯିବ ବୋଲି ଜିଲା ସଭାପତି ପ୍ରକାଶ କରିଥିଲେ। ଜିଲା ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଉକ୍ତ ବୈଠକରେ ଯୁଗଳ କିଶୋର ମହାନନ୍ଦ, କୃଷ୍ଣଦାସ ତାଣ୍ଡି, ଯୁଧିଷ୍ଠିର ତାଣ୍ଡି, ବେଣୁଧର ଜଗତ, ଲଳିତ ବାଗ, ଜଗମୋହନ ବାଗ, ରାଇଚନ ସୁନାନୀ, ଯକ୍ତା ସୁନାନୀ, ଭୁବନେଶ୍ୱର ଜାଲ, ସୁରେନ୍ଦ୍ରନାଥ ଜଗତ, ରାସବିହାରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ସଭା ସଦସ୍ୟଙ୍କ ବୁଦ୍ଧିଜୀବୀ ସମ୍ମିଳନୀ

**କୋମନା,୨୮।୮(ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ କଲ୍ୟାଣ ମଣ୍ଡପରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଲୋକ ସଭା ସଦସ୍ୟ ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ ପ୍ରତେକ ବୁଦ୍ଧିଜୀବୀଙ୍କ ମତାମତକୁ ଗୁରତ୍ୱାରୋପ କରିଥିଲେ। ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ସଦସ୍ୟତା ଜିଲା ପ୍ରମୁଖ ହୋମସିଂ ମାଝି, ପୂର୍ବତନ କୋମନା ସରପଞ୍ଚ ସଦନ ତିୱାରୀ, କୋନାବିରା ସରପଞ୍ଚ ଈଶ୍ୱର ନାଏକ, ସାମାଜିକ କର୍ମୀ ଈଶ୍ୱର ସାହୁ, ନୂଆପଡା ନ୍ୟାଶନାଲ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଟିକେଶ୍ୱର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ହୋତା, କୋମନା ପଞ୍ଚାୟତ ସମିତି କଲେଜ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହା ପରେ କୋମନା ଅଞ୍ଚଳର ବିଭିନ୍ନ ସମସ୍ୟାଗୁଡିକର ସମାଧାନ ନିମନ୍ତେ ବୁଦ୍ଧିଜୀବୀ ପକ୍ଷରୁ ୯ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମ୍ମିଳନୀକୁ ଶରତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଭାଜପା କାର୍ଯ୍ୟକର୍ତ୍ତା ଈଶ୍ୱର ଚନ୍ଦ୍ର ପଟେଲ, କରୁଣା ହୋତା, ମନିଜର ଆର୍ଯ୍ୟ, ପୀତାମ୍ବର ନାଗ, ଚନ୍ଦନ ଠାକୁର, ଅର୍ଜୁନ ଜଗତ ପ୍ରମୁଖ ସହଯୋଗ କରିଥିଲେ।

ଅଚାନକ ଏମ୍‌ପିଙ୍କ ନବୋଦୟ ବିଦ୍ୟାଳୟ ପରିଦର୍ଶନ

# ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସହାୟତା ଦେବାକୁ ପ୍ରତିଶ୍ରୁତି

## ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କଲେ

**ନୂଆପଡା ଅଫିସ/ତରବୋଡ, ୨୮।୮ (ଡି.ଏନ.ଏ.)**

କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ଜିଲା ଗସ୍ତ ସମୟରେ ଅଚାନକ ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ସମୟରେ ସେ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ଥିବା ବିଭିନ୍ନ ଅସୁବିଧାକୁ ପାଣ୍ଠି ଯୋଗାଇ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ମଧୁର ସମ୍ପର୍କ ସ୍ଥାପନ କରିବାକୁ ପରାମର୍ଶ ଦେଇଛନ୍ତି ।

ଏମପି ପଣ୍ଡା କୋମନା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଥିବା ବେଳେ ତରବୋଡସ୍ଥିତ ନବୋଦୟ ବିଦ୍ୟାଳୟ ଅଚାନକ ଗସ୍ତ କରିଥିଲେ । ବିଦ୍ୟାଳୟର ବିଭିନ୍ନ ୱାର୍ଡକୁ ବୁଲି ଦେଖିବା ପରେ ଛାତ୍ରୀଛାତ୍ରଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ । ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ଉପରେ ଏମପିଙ୍କୁ ଖୋଲାଖୋଲି ଭାବେ କହିଥିଲେ । ପିଲାଙ୍କ ସହ ରନ୍ଧାଖାଦ୍ୟ ପରଖି ଦେଖିଥିଲେ । ଏହାକୁ ଟିକିଏ ଉନ୍ନତମାନର କରିବାକୁ ଅଧ୍ୟକ୍ଷାଙ୍କୁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ଦିନ ତଳେ ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ଚାଲି ଚାଲି ନୂଆପଡ଼ା ଆସି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଏମପି ପଣ୍ଡା ବିଦ୍ୟାଳୟ ଶୃଙ୍ଖଳାକୁ ଭଙ୍ଗ ନ କରିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ତରଫରୁ ଅଧ୍ୟକ୍ଷାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ସମସ୍ୟା ଉପରେ ଏମପିଙ୍କୁ ଅବଗତ କରିଥିଲେ । ବିଦ୍ୟାଳୟ ପାଇଁ ଏକ ସ୍ୱତନ୍ତ୍ର ସ୍କୁଲ ବସ, ନୂତନ କମ୍ପ୍ୟୁଟର, ସଭା ଗୃହ ସକାଶେ ପାଣ୍ଠି ଯୋଗାଇ ଦେବାକୁ ଏମପି ପ୍ରତିଶ୍ରୁତି ଦେଇଥିଲେ । ବିଦ୍ୟାଳୟ ଏକ ପବିତ୍ର ମନ୍ଦିର । ଏଠାରେ ଛାତ୍ରୀଛାତ୍ରଙ୍କୁ ନିଜର ସନ୍ତାନ ସଦୃଶ ବ୍ୟବହାର କରି ମନୋନିବେଶ କରି ଶିକ୍ଷାଦାନ କରିବାକୁ ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟକ୍ଷଙ୍କୁ କହିଥିଲେ। ବିଦ୍ୟାଳୟ ପରିଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ତୁଳସ ପଟେଲ, ରାଜ୍ୟ ଏସସି ମୋର୍ଚ୍ଚା ଉପସଭାପତି ମନିଜର ଆର୍ଯ୍ୟ, ବ୍ୟାସ ନାରାୟଣ ଅହୀର, କେଶବ ବେହେରା, ସଦାନନ୍ଦ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।



କଳାହାଣ୍ଡି ଏମପି ବସନ୍ତ ପଣ୍ଡା ନବୋଦୟ ବିଦ୍ୟାଳୟରେ ଅଧ୍ୟକ୍ଷାଙ୍କ ସହ ଆଲୋଚନା କରୁଛନ୍ତି ।




ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସଚେତନତା ଲାଗି ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ସିଆର୍‌ପିଏଫ୍ କ୍ୟାମ୍ପ ପକ୍ଷରୁ ସଚେତନତା ଶିବିର

**ଲାଞ୍ଜିଗଡ଼,୨୮।୮ (ଡି.ଏନ.ଏ.)**

ଲାଞ୍ଜିଗଡ ବ୍ଲକ ସିକେରକୁପାସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ୬୪ ବାଟାଲିୟନ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କମାଣ୍ଡାଣ୍ଟ ବିପ୍ଳବ ସରକାର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ. ଫକୀରମୋହନ ମାଝି, ବିଡିଓ ମୁନିନ୍ଦ୍ର ହୋନ୍ନାଗା, ଏବିଡିଓ ବିଭୁତିଭୂଷଣ ଶତପଥୀ, ଲାଞ୍ଜିଗଡ ରୋଡ ସରପଞ୍ଚ ଟଙ୍କଧର ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦାଙ୍କ ମଧରେ ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ ସହ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟରେ ଜନଭାଗିଦାରିତା ଉପରେ ଅତିଥିମାନେ ଲୋକଙ୍କୁ ବୁଝାଇଥିଲେ । ସେହିପରି ଅଞ୍ଚଳର ଜନସାଧାରଣ କୌଣସି ଅସାମାଜିକ ତତ୍ତ୍ୱ ଦ୍ୱାରା ପ୍ରଭାବିତ ନ ହୋଇ ନିଜ କାର୍ଯ୍ୟପନ୍ଥା ସ୍ଥିର କରିବା ସହ ସରକାର ଓ ପ୍ରଶାସନକୁ ବିଶ୍ୱାସକୁ ନେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ସଚେତନତା ସମ୍ପର୍କିତ ଅନେକ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସିଆର୍‌ପିଏଫ୍ ୬୪ ବାଟାଲିୟନ ଓ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗାର ମିଳିତ ଆୟୋଜନରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ରୋଡ, ସିକେରକୁପା, କିଡିଙ୍ଗ, କାଉଗୁଡା, ମାହେଶ୍ୱରିପୁର, ଦୁର୍ଭଟା, ମାଣିବନ୍ଧା, କାଞ୍ଚଲି ଆଦି ଗାଁର ଶତାଧିକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସିକେରକୁପା କ୍ୟାମ୍ପର ମୁଖ୍ୟ ଗୁଣନିଧି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାମ୍ପର ସମସ୍ତ ଯବାନ ସହଯୋଗ କରିଥିଲେ। ସିକେରକୁପା ଫାଣ୍ଡି ଅଧିକାରୀ ବିଜୁରାମ ବାଗଙ୍କ ସମେତ ସ୍ଥାନୀୟ ପୋଲିସ ଶିବିର ଆୟୋଜନରେ ସହଯୋଗ କରିଥିଲେ।

କୌଶଳ ଶିକ୍ଷା ନାଁରେ ଶୋଷଣ ଅଭିଯୋଗ

# ଯୁବତୀଯୁବକ କଲେକ୍ଟୋରେଟରେ ହାଜର

**ନୂଆପଡା ଅଫିସ,୨୮।୮**

**ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି**

ଦିନକୁ ଦିନ ଜିଲାରେ ବେରୋଜଗାର ଯୁବତୀଯୁବକଙ୍କ ସଂଖ୍ୟା ବଢିଚାଲିଥିବା ବେଳେ ଏହାର ସୁଯୋଗ ନେଇ ବାହାରୁ ବିଭିନ୍ନ ନାଁରେ ସଂସ୍ଥାଗୁଡିକ ଡେରା ପକାଇ କୌଶଳ ଶିକ୍ଷା ଦେବା ନାଁରେ ବିଭିନ୍ନ ଶୋଷଣ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ନୂଆପଡ଼ା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧରେ ସଂସ୍ଥାରେ ତାଲିମ ଗ୍ରହଣ କରୁଥିବା ଯୁବତୀଯୁବକମାନେ ନୂଆପଡା ଆସି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଉଦ୍ୟାନବନ୍ଧରେ ବେକାର ଯୁବତୀଯୁବକମାନଙ୍କୁ ରୋଜଗାର ଦେବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଗ୍ରାମୀଣ କୌଶଳ ଯୋଜନାରୁ ତାଲିମ ପ୍ରଦାନ କରାଯିବାକୁ ଏକ ଅନୁଷ୍ଠାନରେ ବ୍ୟବସ୍ଥା କରାଯାଇଥିଲା । ଓଡିଶା ଜୀବିକା ମିଶନ ତରଫରୁ ଏମପିକନ ଲିମିଟେଡ ଜରିଆରେ ୪ଟି ବ୍ୟାଚରେ ୧୨୦ଜଣ ଯୁବତୀଯୁବକଙ୍କୁ ନର୍ସିଂ ତାଲିମ ପ୍ରଦାନ କରାଯାଇଥିଲା । ଏହିଭଳି ଗତ ଏପ୍ରିଲରୁ ୩୦ଜଣ ଯୁବତୀଯୁବକଙ୍କୁ ଭାରତ ସରକାରଙ୍କ ଗ୍ରାମୀଣ କୌଶଳ ଯୋଜନା (ପିଏମକେଭିୱାଇ)ରୁ କଟକର ବିଦ୍ୟାଳୟ ରିଫର ମେଟିଭ ଆକାଡେମୀ ଜରିଆରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଚାଲିଥିଲା । ଏଥିରେ ତାଲିମ ନେଉଥିବା ଯୁବତୀଯୁବକମାନଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉ ନ ଥିବାବେଳେ ଷ୍ଟାଇପେଣ୍ଡର ବ୍ୟବସ୍ଥା ମଧ୍ୟ ମିଳୁନାହିଁ । ଏମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ଏଟିଏମ ପାସ ବହି ଆଦି ରଖି ନେଇଥିବା ଅଭିଯୋଗ ହୋଇଛି । ଏଥିରେ ନିୟୋଜିତ କର୍ମଚାରୀମାନଙ୍କୁ ମାସାଧିକକାଳ ଦରମା ପ୍ରଦାନ କରାଯାଉ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏସବୁ ପରିଚାଳନା କରୁଥିବା କର୍ତ୍ତୃପକ୍ଷ ଯୁବତୀଯୁବକମାନଙ୍କ ନାଁରେ ବ୍ୟାପକ ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଏହି ସବୁ ଅଭିଯୋଗ ନେଇ ଯୁବତୀଯୁବକମାନେ ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି । ଯୁବତୀଯୁବକମାନଙ୍କ ସହ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ଆସି ଜିଲାପାଳଙ୍କୁ ଏହାର ସରଜମିନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ଏହା ଉପରେ ଆକାଡେମୀ ପରିଚାଳକ ପ୍ରଶାନ୍ତ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରେ ଆଜିକୁ ପ୍ରାୟ ମାସେ ହେବ କେନ୍ଦ୍ର ଚାଲିଥିଲା । ଆଜକୁ ୧୫ ଦିନ କାର୍ଯ୍ୟକ୍ରମ ବନ୍ଦ ହୋଇପଡିଛି । ଏହାକୁ ଆଗକୁ ପୁନଃକାର୍ଯ୍ୟକ୍ଷମ କରାଯିବ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କେନ୍ଦ୍ର ଅନ୍ୟତ୍ର ସ୍ଥାପନ କରି ତାଲିମ କାର୍ଯ୍ୟ ଚଳାଇ ପିଲାଙ୍କୁ ଥଇଥାନ ପାଇଁ ଯୋଜନା ରହିଛି ବୋଲି କହିଛନ୍ତି । ପିଲାଙ୍କ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନ ଥିବା କହିଛନ୍ତି । ଟ୍ରେନରମାନଙ୍କୁ ଦରମା ଦେଇ ନ ଥିବା କଥାକୁ ସ୍ୱୀକାର କରିଛନ୍ତି ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ଯୁବତୀଯୁବକମାନେ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ନୂତନ ବଜାର ଗୃହ ଉଦ୍‌ଘାଟିତ

**କୋକସରା,୨୮।୮(ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଅଧୀନ ଡାଲଗୁମା ପଞ୍ଚାୟତର ନୂତନ ବଜାର ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କୋକସରା ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବଜାର ଗୃହକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାଲଗୁମା ପଞ୍ଚାୟତ ସମିତି ସଭ୍ୟ ଭୁବନେଶ୍ୱର ମାଝି, ସରପଞ୍ଚ ଯଦୁମଣୀ ହଂସ ପ୍ରମୁଖ ଏହି ବଜାର ଗୃହ ଖୋଲିବା ଦ୍ୱାରା ପଞ୍ଚାୟତ ଆର୍ଥିକ ଉନ୍ନତି ହେବ ଓ ଆଗାମୀ ଦିନରେ ବଜାର ଗୃହ ଦ୍ୱାରା ପଞ୍ଚାୟତବାସୀ କିଣାବିକା କରିବାରେ ଉପକୃତ ହେବେ ବୋଲି କହିଥିଲେ । ଏହା ବ୍ୟତୀତ ଡାଲଗୁମା ପଞ୍ଚାୟତର ବାଙ୍କିମୁଣ୍ଡା ରାସ୍ତା, ଚିତାମୁଣ୍ଡା ରାସ୍ତା, ଓଭରହେଡ ଟ୍ୟାଙ୍କ ନିର୍ମାଣ ସହ ପଞ୍ଚାୟତର ଅନ୍ୟାନ୍ୟ ସମସ୍ୟା ଉପରେ ବ୍ଲକ ଅଧକ୍ଷାଙ୍କୁ ଜଣାଇଥିଲେ । ଡାଲଗୁମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।



### ମାଲିଗୁଡ଼ା ଉପସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଉଦ୍‌ଘାଟିତ

**ଜୁନାଗଡ, ୨୮।୮ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଲିଗୁଡା ଉପସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବନଲତା ଦାଶ, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଜିଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଅବନୀ ରଞ୍ଜନ ମହାପାତ୍ର, ଜୁନାଗଡ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ଜୁନାଗଡ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ କୁମାର ବେହେରା, ସାମାଜିକ କର୍ମୀ ପ୍ରବୋଦ କୁମାର ରଥ ପ୍ରମୁଖଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ଅନେକ କର୍ମଚାରୀ ଉପସ୍ଥତ ଥିଲେ। ପୂର୍ବରୁ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଭଡା ଘରେ ଚାଲୁଥିଲା।

## ସରକାରଙ୍କ ଲକ୍ଷାଧିକ ଟଙ୍କାର ଔଷଧ କାମକୁ ଆସୁନି
# ନିଆଁରେ ପୋଡ଼ି ନଷ୍ଟ କରାଯାଉଛି

**ଭବାନୀପାଟଣା/ପର୍ଲା, ୨୮।୮(ଡି.ଏନ.ଏ.)**

ସରକାର ଲୋକଙ୍କ ପାଇଁ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବାକୁ ବିଭିନ୍ନ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ସ୍ଥାପନ କରୁଛନ୍ତି। ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଏନଏମ କର୍ମୀ ନିଯୁକ୍ତ କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ବ୍ୟବସ୍ଥା କରାଯାଇଛି । ଏହି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାର ଲକ୍ଷ ଲକ୍ଷ ଟଙ୍କାର ଔଷଧ ଲୋକଙ୍କୁ ମାଗଣାରେ ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ଔଷଧ ଲୋକଙ୍କ କାମକୁ ନ ଆସି ଶେଷରେ ନିଆଁରେ ପୋଡି ଦିଆଯାଉଛି। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଛଞ୍ଚାଣବାହାଲି ପଞ୍ଚାୟତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି ।

ସୂଚନା ଅନୁସାରେ ଏହି କେନ୍ଦ୍ରର ଜଣେ କର୍ମୀ ମଙ୍ଗଳବାର ସରକାରୀ ଔଷଧଗୁଡିକୁ ନିଆଁରେ ପୋଡି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପୋଡାଯାଇଥିବା ଔଷଧ ମଧ୍ୟରେ ଗର୍ଭବତୀ, ପ୍ରସୂତି, ଶିଶୁ ଓ ସାଧାରଣଙ୍କ ପାଇଁ ଚିକିତ୍ସିତ ବଟିକା, ଶିରପ୍‌, ଭିଟାମିନ, ଓଆରଏସ ଓ ଇଞ୍ଜେକସନ ରହିଛି। ଅଧପୋଡା ଔଷଧରୁ ଏହାର ବ୍ୟବହାରିକ ତାରିଖ ୨୦୧୯-୨୦ ଥିବା ମଧ୍ୟ ଜଣାପଡ଼ିଛି। କେଉଁ କାରଣରୁ କର୍ମୀ ଏହି ଔଷଧଗୁଡିକୁ ନିଆଁରେ ପୋଡି ଦେଲେ ତାହାର ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମୀ ନ ରହି ନିଜ ଘରୁ ଯିବା ଆଶିବା କରୁଥିବା ବେଳେ ନିୟମିତ ଆସୁ ନ ଥିବାରୁ ଲୋକେ ପ୍ରାଥମିକ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି । ଏପରି କି ମାସ ମାସ ଧରି ଉପକେନ୍ଦ୍ରଗୁଡିକ ତାଲା ପଡିରହିଥିବା ଦେଖାଦେଇଛି । କର୍ମୀ ଜଣଙ୍କ ଔଷଧକୁ ଲୋକଙ୍କୁ ନ ଦେଇ ଶେଷରେ ନିଆଁରେ ପୋଡି ଦେଇଥିବା ଗ୍ରାମବାସୀଙ୍କଠାରୁ ଖବର ପାଇ ଏକ ଟିମକୁ ପଠାଇ ତଦନ୍ତ କରାଯିବ ବୋଲି ପର୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୀବ କୁମାର ନାଏକ ପ୍ରକାଶ କରିଛନ୍ତି। ଏ ନେଇ ଜିଲା ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ପର୍ଲା ଚିକିତ୍ସା ଅଧିକାରୀଙ୍କୁ ଏହାର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ।





ନିଆଁରେ ପୋଡ଼ି ଦିଆଯାଇଥିବା ଔଷଧ (ବାମ) । ଛଞ୍ଚାଣବାହାଲି ପଞ୍ଚାୟତ ଉପସ୍ୱାସ୍ଥ୍ୟ କେନ୍ଦ୍ର ।

**ଛଞ୍ଚାଣବାହାଲି ପଞ୍ଚାୟତ**
- ଜିଲା ଚିକିତ୍ସା ଅଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

## ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍
# କଳାହାଣ୍ଡି ଖେଳାଳିଙ୍କୁ ୮ ପଦକ

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

ଭୁବନେଶ୍ୱର ରେଲୱେ ଇନ୍‌ଡୋର ଷ୍ଟାଡିୟମଠାରେ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲାରୁ କରାଟେ ଖେଳାଳି କଳାହାଣ୍ଡି କରାଟେ ସଂଘ ସମ୍ପାଦକ ତଥା କୋଚ୍ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଲୋକେଶ ରଞ୍ଜନ ନିଆଲ ୯ ବର୍ଷରୁ କମ ବାଳକ ବିଭାଗ କୁମିତେରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଶୁଭ୍ରଜିତ ନାଏକ ୯ ବର୍ଷରୁ କମ ବାଳକ ବିଭାଗ କୁମିତେରେ ରୌପ୍ୟପଦକ, ଅଂଶୁମାନ କର ୧୧ ବର୍ଷ ବାଳକ ବିଭାଗରେ କାତାରେ ରୌପ୍ୟ ପଦକ ଏବଂ ୩୫ କେଜି ବାଳକ ବିଭାଗ କୁମିତେରେ କାଂସ୍ୟ ପଦକ ଜିତିଥିଲେ । ନିଖିଲ ପଣ୍ଡା ୧୨ ବର୍ଷ ୪୦ କେଜିରୁ ଅଧିକ ବାଳକ ବିଭାଗ କୁମିତେରେ କାଂସ୍ୟ ପଦକ, ଭୁମିକଭରଧଦ୍ୱାଜ ଭୋଇ ୮ ବର୍ଷ ବାଳକ ବିଭାଗରେ କୁମିତେରେ ରୋପ୍ୟ ପଦକ ଏବଂ କାତାରେ କାଂସ୍ୟ ପଦକ, ଆର୍ ନିଖିଲେସ ୧୧ ବର୍ଷ ବାଳକ ବିଭାଗରେ କାତାରେ କାଂସ୍ୟ ପଦକ ପାଇଥିଲେ । ଏହି ଖେଳାଳିମାନେ ପଦକ ଜିତି ଆମ ଜିଲା ପାଇଁ ଗୌରବ ଆଣିଥିଲେ। ପଦକ ବିଜେତାମାନଙ୍କୁ ରାଜ୍ୟ ତଥା କଳାହାଣ୍ଡି ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଥିବା ବେଳେ କରାଟେ ସଂଘ କଳାହାଣ୍ଡି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା କରିଥିଲେ।



କଳାହାଣ୍ଡି ଜିଲାର କରାଟେ ଖେଳାଳି ।



ଲୋକଙ୍କୁ ସଚେତନତା କରିବା ପାଇଁ ଆୟୋଜିତ ଶୋଭାଯାତ୍ରା।

# ରକ୍ତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୨୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ବୁଧବାର ସାମାଜିକ ସଙ୍ଗଠନ ସୋସିଆଲ ଏକ୍ଟିଭିଷ୍ଟ କଳାହାଣ୍ଡି ପକ୍ଷରୁ ରକ୍ତଦାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଆୟୋଜନ କରାଯାଇ ବହୁମାତ୍ରାରେ ଲୋକଙ୍କୁ ସଚେତନ କରିବାକୁ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ହାଇସ୍କୁଲଠାରେ ଅନୁଷ୍ଠିତ ସଚେତନତା ସଭାରେ ସୋସିଆଲ ଏକ୍ଟିଭିଷ୍ଟ କଳାହାଣ୍ଡିର ସଭାପତି ପ୍ରମୋଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବିଶେଷ ଅତିଥି ଭାବେ ଲାଞ୍ଜିଗଡ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସିପୁନ ନାୟକ, ଡା. ନରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ୍ କ୍ଲବ ସଭାପତି କୈଳାସ ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଯୁବସାମାଜିକ କର୍ମୀ ପ୍ରଦୀପ ମାଝି, ଗଣେଶ୍ୱର ରାଓ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ରାଧାମାଧବ ରଥ ପ୍ରମୁଖ ଯୋଗଦେଇଥିଲେ । ସଙ୍ଗଠନର ଲାଞ୍ଜିଗଡ କର୍ମକର୍ତ୍ତା ରାଜେଶ ନାଏକ, ମିଲନ କୁମାର ନାୟକ, ଶରତ ଦଣ୍ଡସେନା, ଦୀପକ ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାକୁ ପରିଚାଳନା କରିଥିଲେ ବାବୁ ଜେନା । ଶେଷରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## କଲମପୁର-ଥୁ.ରାମପୁର ରାସ୍ତାରୁ ଧସୁଛି ସିଙ୍ଗାରି ଘାଟି

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

ଗତ ଲଗାଣ ବର୍ଷାରେ ସିଙ୍ଗାରି ଘାଟି ରାସ୍ତାର ୫ଟି ସ୍ଥାନରେ ପଥର ଖସି ଯାଇ ରାସ୍ତା ଅବରୋଧ ହେଇଥିବା ଜଣାପଡିଛି। ରାସ୍ତା ଓ କୋଠାବଡି ନିର୍ମାଣ କଳାହାଣ୍ଡି ବିଭାଗ ଅଧୀନରେ ଥିବା କଲମପୁର-ଥୁଆମୂଳ ରାମପୁର ରାସ୍ତାରେ ରହିଛି ସିଙ୍ଗାରୀ ଘାଟି। ୧୮ କି.ମି. ବିଶିଷ୍ଟ ଏହି ରାସ୍ତା ଜୁନାଗଡ ଓ ଭବାନୀପାଟଣା ଉପ ବିଭାଗ ଅଧୀନରେ କାର୍ଯ୍ୟ କରାଯାଉଛି। ଜୁନାଗଡ ଅଧୀନରେ ପ୍ରାୟ ୧୦ କି.ମି. ରହିଥିବା ବେଳେ ଅନ୍ୟ ଶେଷ ୮ କି.ମି. ଭବାନୀପାଟଣା ଉପ ବିଭାଗ ଅଧୀନରେ ରହିଛି। ଏହି ୮ କି.ମି. ରାସ୍ତା କେବଳ ଘାଟି ଅଞ୍ଚଳ। ରାସ୍ତା ନିର୍ମାଣରେ ତ୍ରୁଟି କାରଣରୁ ଅନେକ ସମୟରେ ପାହାଡ ଧସି ପଥର ଓ ମାଟି ରାସ୍ତା ଉପରେ ପଡୁଛି। ପାହାଡ କଡରେ ନିର୍ମିତ ପଥର ସୁରକ୍ଷା ବାଡ ଅତ୍ୟନ୍ତ ନିମ୍ନମାନରେ ହୋଇଥିବାରୁ ଅଳ୍ପ ବର୍ଷାରେ ମଧ୍ୟ ଏହା ଭାଙ୍ଗି ପଡୁଛି। ଜିଲା ସଦର ମହକୁମା ସହିତ ଯୋଗାଯୋଗ କରିବା ପାଇଁ କର୍ଲାପଟ ଅଭୟାରଣ୍ୟ ଦେଇ ଯାତାୟାତ କରିବାକୁ ହୋଇଥାଏ। ଘଞ୍ଚ ଜଙ୍ଗଲ ଅଞ୍ଚଳ ଓ ଅନେକ ସ୍ଥାନରେ ବିପଦସଙ୍କୁଳ ବୁଲାଣି ରହିଥିବାରୁ ଦୁର୍ଘଟଣାର ଆଶଙ୍କ ରହିଥାଏ। ଅନ୍ୟପଟେ ଅଭୟାରଣ୍ୟ ଅଞ୍ଚଳ ହେଇଥିବାରୁ ହାତୀ, ବାଘ ଓ ଭାଲୁ ଭଳି ହିଂସ୍ର ଜନ୍ତୁଙ୍କ ପ୍ରଭାବ ରହୁଥିବାରୁ ରାତିରେ କେହି ଏକାକି ଅଥବା କୌଣସି ମୋଟରସାଇକେଲ ଅବା ଛୋଟ ଯାନରେ ଯାତାୟାତ କରିବା ନିରାପଦ ନୁହେଁ। ଅନେକ ସମୟରେ ବ୍ଲକର ପ୍ରାୟ ୬୦ ପ୍ରତିଶତ ଲୋକ କଲମପୁର ମଧ ଦେଇ ଯାତାୟାତ କରି ଆସୁଛନ୍ତି। ତେଣୁ ଏହି ରାସ୍ତାର ଗୁରୁତ୍ୱର ଦୃଷ୍ଟିରୁ ରାସ୍ତା ନିର୍ମାଣ ଦିଗରେ ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## କେନ୍ଦ୍ରୀୟ ରିଜର୍ଭ ପୋଲିସ ୬୪ ବାଟାଲିୟନ
# ଜନସଚେତନତା କାର୍ଯ୍ୟକ୍ରମ

**ମୋହନଗିରି,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମୋହନଗିରିଠାରେ ଥିବା କେନ୍ଦ୍ରୀୟ ରିଜର୍ଭ ପୋଲିସ ୬୪ ବାଟାଲିୟନ ପକ୍ଷରୁ ବୁଧବାର ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଓବାଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଅଣିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୋହନଗିରି ସିଆରପିଏଫ୍‌ଇ କମ୍ପାନୀ ୬୪ ବାଟାଲିୟନ ସହାୟକ କମାଣ୍ଡେଣ୍ଟ ଅନିରୁଦ୍ଧ ପାଣ୍ଡେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମୋହନଗିରି ସରପଞ୍ଚ ବଳଭଦ୍ର ପାତ୍ର, ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କଳାକାରମାନେ ମାଓବାଦୀମାନେ ଆତ୍ମ ସର୍ମପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ସହାୟତା ବିଷୟରେ ନାଟକ ମଧମରେ ଜନସାଧରଣଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକ ଆସିଥିଲେ। ସୂଚନାଯୋଗ୍ୟ ଯେ, ମୋହନଗିରି ଅଞ୍ଚଳ ବର୍ତ୍ତମାନ ମାଓବାଦୀପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି । ଏହି କାର୍ଯ୍ୟକ୍ରମ ମାଧମରେ ଅଞ୍ଚଳର ଯୁବ ଗୋଷ୍ଠୀ କିଭଳି ସେଥିରୁ ନିବୃତ ରହିବେ ସେ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟଜିତ ହୋଇଥିଲା। ଆଗାମୀ ଦିନରେ ମଧ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ୬୪ ବାଟଲିୟନ ତରଫରୁ କମାଣ୍ଡେଣ୍ଟ ବିପ୍ଳବ ସରକାର କହିଛନ୍ତି ।



ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ଲୋକଙ୍କୁ ସଚେତନତା କରାଯାଉଛି।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ, ଜେଲ ଗଲେ ଯୁବକ

**ଜୁନାଗଡ,୨୮।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଳିକିଆ ଗ୍ରାମର ମିଳନ ସରାଫ (୨୫) ନାମକ ଯୁବକ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାଙ୍କ କକା ଜୁନାଗଡ ଥାନାରେ ଯୁବକଙ୍କ ନାମରେ ଗତ ୫ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ମିଳନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଜୁନାଗଡ ପୋଲିସ ଏକ ମାମଲା (ନଂ.୧୮୧/୧୯)ରୁଜୁ କରି ଥିଲା। ସେହିପରି ବୁଧବାର ଡାକ୍ତର ମାଇନା ପରେ ପୋକ୍ସୋ ଆକ୍ଟରେ ଅଭିଯୁକ୍ତ ମିଳନଙ୍କ ବିରୋଧରେ ୩୬୩, ୩୭୬ ଆଦି ଦଫା ଲଗାଯାଇ ଭବାନୀପାଟଣା ଏଡିଜି କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନା ମଞ୍ଜୁର ହେବାରୁ ଯୁବକଙ୍କୁ ଜେଲ ଯିବାକୁ ପଡିଥିଲା।

# ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ

**ଲାଞ୍ଜିଗଡ଼,୨୮।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ ଥାନା ଅଧିକାରୀ ଚତୁର୍ଭୂଜ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଲାଞ୍ଜିଗଡ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ସାମାଜିକ କର୍ମୀ ଉଦୟ କୁମାର, ସେନାପତି ନାଏକ, ତ୍ରିନାଥ ମହାକୁଡ, ନିରଞ୍ଜନ ଆଚାର୍ଯ୍ୟ, ପ୍ରଦୀପ ବହିଦାର, କୈଳାସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ସମସ୍ୟା, ପୋଲିସ ଓ ଜନ ସମ୍ପର୍କ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏସ୍‌ଆଇ ବିପିନ କୁମାର କୁଲଦୀପ ସଭା ପରିଚାଳନା କରିଥିବାବେଳେ ଲାଞ୍ଜିଗଡ ପୋଲିସ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ ବାତିଲ ପ୍ରତିବାଦରେ ଏଆଇଏସ୍‌ଏଫ୍‌ର ବିକ୍ଷୋଭ
# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଜୁନାଗଡ,୨୮।୮(ଡି.ଏନ.ଏ.)**

ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯିବାକୁ ନେଇ ଅଖିଳ ଭାରତୀୟ ଛାତ୍ର ସଂସଦ (ଏଆଇଏସଏଫ୍) ପକ୍ଷରୁ ବୁଧବାର କଳାହାଣ୍ଡି ଜିଲା ଜୁନାଗଡ ସହର ପ୍ରିୟଦର୍ଶିନୀ ଇନ୍ଦିରା କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ କଲେଜ ସମ୍ମୁଖରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଛାତ୍ର ବିରୋଧି ଅଟେ। ରାଜ୍ୟ ସରକାର ଗତ କିଛିବର୍ଷ ଧରି ହିଂସା ଓ ବୃହତ୍ତର ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ଆସୁଛନ୍ତି। ଯେଉଁ ଛାତ୍ର ସଂସଦ ନିର୍ବାଚନ ବ୍ରିଟିସ ଅମଳରେ ଅନେକ ତ୍ୟାଗ, ସଂଘର୍ଷ ରକ୍ତର ଜଳାଞ୍ଜଳୀ ଓ ବଳିଦାନ ଫଳରେ ଭାରତ ବର୍ଷର ଭବିଷ୍ୟତ ପିଲାମାନଙ୍କୁ ଗଣତାନ୍ତ୍ରିକ ଧାରାରେ ପରିଚିତ କରିବା ପାଇଁ ଏଆଇ ଏସଏଫ୍ ନେତୃତ୍ୱରେ ଲଢେଇ କରି ଛାତ୍ର ସମାଜ ହାସଲ କରିଥିଲେ ତାକୁ ସରକାର ଭୂଲୁଣ୍ଠିତ କରିଛନ୍ତି। ଏପରିକି ଛାତ୍ର ରାଜନିତୀରୁ ମନ୍ତ୍ରୀ ହୋଇଥିବା ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ନିଜେ ନିର୍ବାଚନ ବାତିଲ ପାଇଁ ନିଷ୍ପତ୍ତି ନେବା ଦୁର୍ଭାଗ୍ୟ ଜନକ ଅଟେ। କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ମଧ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଏଭଳି ଛାତ୍ର ବିରୋଧି ନିଷ୍ପତ୍ତିକୁ ରାଜ୍ୟ ସରକାର ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ସରକାର ଛାତ୍ର ଆନ୍ଦୋଳନର ସମ୍ମୁଖୀନ ହେବେ ବୋଲି ଏଆଇଏସଏଫ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ଏଆଇଏସଏଫ୍‌ର ଜିଲା ସଭାପତି ଜଗଦୀଶ ଦୁର୍ଗା, ଆବାହିକା ଝିଲି ବାଗ, ଜିଲା ପରିଷଦ ସଭ୍ୟ ରାଜାରାମ ଡଙ୍ଗରୀ, ନୀଳକଣ୍ଠ ନାଏକ, ଉପେନ୍ଦ୍ର କୁମାର, ଜ୍ୟୋତି ପାନ, ପ୍ରହ୍ଲାଦ ମଙ୍ଗରାଜ, ମିଲି ବାଗ, ମସ୍ତକ ସୁନାନୀ, ଯମୁନା ବାଗ, ସୀମାଞ୍ଚଳ ସୁନାନୀ, ତୁଳସା ନାଗ, କୈଳାସ ବାଗ ପ୍ରମୁଖ ସାମିଲ ହୋଇଥିଲେ।




ଜୁନାଗଡ ପିଆଇ କଲେଜ ସମ୍ମୁଖରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## କାର୍ଯ୍ୟକ୍ଷମ ହେବା ପୂର୍ବରୁ ଟ୍ରାନ୍ସଫର୍ମର ପୋଡିର ୬ ମାସ ବିତିଲା
# କାର୍ଯ୍ୟକ୍ଷମ ହୋଇପାରୁନି ପୌରକେଲା ଛାତ୍ରୀନିବାସ

**ଭବାନୀପାଟଣା,୨୮।୮(ଡି.ଏନ.ଏ.)**

ଆଦିବାସୀ ଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ପ୍ରତି ଆକର୍ଷଣ କରିବା ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ପ୍ରତି ବ୍ଲକରେ ଗୋଟିଏ ଆଦିବାସୀ ଛାତ୍ରୀନିବାସ ପ୍ରତିଷ୍ଠା କରି ଛାତ୍ରୀମାନଙ୍କୁ ମାଗଣାରେ ରହିବା, ଖାଇବା ଓ ପଢିବାର ସୁଯୋଗ ଦିଆଯାଉଛି। କିନ୍ତୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ପୌରକେଲା ହାଇସ୍କୁଲ ପାର୍ଶ୍ୱରେ ଆଦିବାସୀ ଛାତ୍ରୀ ନିବାସ ନିର୍ମାଣ ହୋଇ ସାରିଥିଲେ ମଧ ପ୍ରଶାସନ ଆନ୍ତରିକତା ଅଭାବକୁ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇନାହିଁ।

ସୂଚନାମତେ ଗତ ୨୦୧୦-୧୧ରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ପୌରକେଲାଠାରେ ୧୦୦ ସିଟ ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ଆରମ୍ଭ ହୋଇଥିଲା। ଏଥିରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପଢୁଥିବା ଆଦିବାସୀ ଛାତ୍ରୀଙ୍କୁ ରଖିବା କଥା । ହେଲେ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଏ ସମ୍ପର୍କରେ ଜାଣିବା ପାଇଁ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର କରଙ୍କୁ ପଚାରିବାରୁ ସେ ୬ ମାସ ହେଲା ଛାତ୍ରୀନିବାସର ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ପ୍ରକାଶ କରିଥିଲେ। ଏ ନେଇ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଯୋଗାଯୋଗ କଲେ ବି ସେମାନେ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରୁ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଛାତ୍ରୀନୀବାସ ଦାୟିତ୍ୱରେ ଥିବା ପୌରକେଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରଣାଙ୍କୁ ପଚାରିବାରୁ ସେ କହିଲେ ଯେ ଆଦ୍ୟାବଧି ୪୧ ଜଣ ଛାତ୍ରୀଙ୍କ ନାମ ଲେଖା ଶେଷ ହୋଇଛି, ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପୁଣି ବିଦ୍ୟାଳୟ ପକ୍ଷରୁ ଗତ ଜୁଲାଇ ୨୮ ତାରିଖରେ ପତ୍ରସଂଖ୍ୟା-୩୦ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଏହି ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜଣାଇଥିବା ପ୍ରଧାନ ଶିକ୍ଷକ ରଣା ପ୍ରକାଶ କରିଥିଲେ। ୬ ମାସ ବିତିଥିଲେ ମଧ ନୂତନ ଟ୍ରାନ୍ସଫର୍ମର ଲଗାଯାଇନାହିଁ । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଜେଇଙ୍କ ସହ କଥାହୋଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ସେ ଯାହାବି ହେଉ ଛାତ୍ରୀନୀବାସ ନିର୍ମାଣ ହୋଇ ବର୍ଷ ବର୍ଷ ଧରି ପଡିରହିବା ଓ ଅନେକ ଦିନ ପରେ ବିଦ୍ୟୁତ୍ ସଂଯୋଗ ହେବା ତଥା କାର୍ଯ୍ୟକ୍ଷମ ହେବା ଆଗରୁ ଟ୍ରାନ୍ସଫର୍ମର ପୋଡିବା ପରି ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ପୌରକେଲା ଆଦିବାସୀ ଛାତ୍ରୀ ନିବାସ ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।

- ଏଡ୍‌ୱର୍ଡ



## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ନାବାଳକ ଡ୍ରାଇଭର ମୃତ

**ଲୋଇସିଂହା,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରାଣୀପାଲି ଗ୍ରାମରେ ବୁଧବାର ଏକ ଟ୍ରାକ୍ଟର ଓଲଟି ଜଣେ ନାବାଳକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଣିପାଲି ଗ୍ରାମର ଜଗଦୀଶ ଖର୍ସେଲ(୧୭)। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏନେଇ ଲୋଇସିଂହା ଥାନା ପୋଲିସ ଏକ ମାମଲା(ନଂ.୧୮୦/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ରାଣୀପାଲି ଗାଁର କାର୍ତ୍ତିକ ଖର୍ସେଲଙ୍କ ପୁଅ ଜଗଦୀଶ ଟ୍ରାକ୍ଟର(ନଂ.ଓଡି୦୩ଏଲ୍୪୪୮୧) ଯୋଗେ ଏକ ଚାଷ ଜମିରେ କାଦୁଅ କରି ଫେରୁଥିଲେ। ହେଲେ ଟ୍ରାକ୍ଟର ଭାରସ୍ୟାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଜଗଦୀଶ ଟ୍ରାକ୍ଟର ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

**ଦେଓଗାଁ,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଚନ୍ଦ୍ରପୁର ଡକୁଆପଡ଼ାରେ ଡକୁଆ ଯୁବକ ସଂଘ ପକ୍ଷରୁ ବୁଧବାର ଅପରାହ୍ନରେ ଗଣେଶ ପୂଜା ଏବଂ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ଉପସଭାପତି ନେହେରୁ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ବୈଠକରେ ସ୍ଥାନୀୟ କୁନିକୁନି କଳାକାରମାନଙ୍କୁ ନେଇ ପାରମ୍ପରିକ ନୃତ୍ୟ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଆଲୋଚନା କରାଯାଇଥିଲା। ଆସନ୍ତା ୫ତାରିଖରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ବୈଠକରେ ନେତ୍ରାନନ୍ଦ ଦୀପ, ବିଜୟ ଦୀପ, ବବଲୁ ବିଶ୍ୱାଳ, ମନୋଜ ଦୀପ, ସୂର୍ଯ୍ୟ ଦୀପ, ଶିବା ଦୀପ, ବିନୟ ଦୀପ, ଟନ ଦୀପ, ରାଜୀବ ଦୀପ, ନାନୁ ଦୀପ, ସାନୁ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଫୁଟବଲ ଲିଗ୍ : ଖେଳାଳିଙ୍କ ଆଚରଣକୁ ନେଇ ଆୟୋଜକ କମିଟିର କ୍ଷୋଭ

**ଲୋଇସିଂହା,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲାସ୍ତରୀୟ ଫୁଟବଲ ଲିଗ୍‌ର ବି' ଗ୍ରୁପ ମ୍ୟାଚ ଲୋଇସିଂହା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବୁର୍ଡା ଆର୍‌ଏଫ୍‌ସି ଏବଂ ଖଳିଆପାଲି ଏଚ୍‌ଆର୍‌ଡି ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ବୁର୍ଡା ଆର୍‌ଏଫ୍‌ସି ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଖେଳକୁ ବିଜୟ କୁମାର ରଣା, ପ୍ରଦୀପ ବଗର୍ତ୍ତୀ, ଅଞ୍ଜନ ବେଶ୍ରା, ଜ୍ୟୋତି ରଞ୍ଜନ ରାଉତ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଜଡ଼ାମୁଣ୍ଡା ଆଦିବସୀ କ୍ଲବ ଏବଂ ମନହୀରା ୟୁଥ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଜଡ଼ାମୁଣ୍ଡା ଆଦିବସୀ କ୍ଲବ ୧-୦ ଗୋଲରେ ଆଗୁଆ ରହିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ମନହୀରା ୟୁଥ କ୍ଲବ ଗୋଲ କରିଥିଲା। ମୁଖ୍ୟ ରେଫରି ଗୋଲ ବୋଲି ହୁଇସିଲ ଦେଇଥିଲେ। ହେଲେ ଲାଇନ୍ ମ୍ୟାନ ଅଫସାଇଟ ସଙ୍କେତ ଦେଇଥିଲେ। ଏହି ନିଷ୍ପତ୍ତିକୁ ନେଇ ଖେଳ ପଡ଼ିଆରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମନହୀରା ୟ୍ୟୁଥ କ୍ଲବର ଖେଳାଳିମାନେ ଭୁଲ ନିଷ୍ପତ୍ତି ଅଭିଯୋଗ କରି ଖେଳରୁ ଓହରି ଯାଇଥିଲେ। ପରେ ଖେଳାଳିମାନେ ଷ୍ଟାଡିୟମ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥରେ ବସି ପ୍ରତିବାଦ କରିଥିଲେ। ଖବର ପାଇ ଲୋଇସିଂହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖେଳାଳିମାନଙ୍କୁ ବୁଝାଶୁଝା କରିଥିଲା। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ଖେଳାଳିମାନଙ୍କ ଏଭଳି ବିଶୃଙ୍ଖଳିତ ଆଚରଣକୁ ନେଇ ଆୟୋଜକ କମିଟି ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଆୟୋଜକ କମିଟି ପକ୍ଷରୁ ମଙ୍ଗଳବାର ଖେଳରେ ଜଡ଼ାମୁଣ୍ଡା ଆଦିବସୀ କ୍ଲବକୁ ୧-୦ ଗୋଲରେ ବିଜୟୀ ଘୋଷିତ କରାଯାଇଛି।

### କୋଶଳ ପ୍ରଶିକ୍ଷଣ କେନ୍ଦ୍ରର ଗଙ୍ଗାଧର ଜୟନ୍ତୀ

**ସମ୍ବଲପୁର, ୨୮।୮ (ବ୍ୟୁରୋ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୮ତମ ଜୟନ୍ତୀ ସମାରୋହ ନକ୍ସାପାଲିସ୍ଥିତ କୋଶଳ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡା. ବସନ୍ତ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧାପିକା ଡ. ସନ୍ତୋଷିନୀ ବାବୁ ମୁଖ୍ୟଅତିଥି ଓ ଅଧାପକ ତୁଷାରରଞ୍ଜନ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ସମ୍ପର୍କିତ ବୈଠକ

# ଯକ୍ଷ୍ମା, କୁଷ୍ଠ ନିରାକରଣ ନେଇ ତତ୍ପରତା

**ବଲାଙ୍ଗୀର ଅଫିସ,୨୮।୮**

ବଲାଙ୍ଗୀର ସିଡିଏମ୍‌ଓ କାର୍ଯ୍ୟାଳୟସ୍ଥିତ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଯୋଜନା ସମ୍ପର୍କରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଡିଏମ୍‌ଓ ଡା.ସଞ୍ଜୁକ୍ତା ସାହୁ, ଏଡିପିଏଚ୍‌ଓ ଡା.ରଜତ ସାହୁ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଦାୟିତ୍ୱରେ ଥିବା ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଜୟରାମ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସ ଭ । ପ୍ରାରମ୍ଭରେ ଜିଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସ୍ୱାଗତ ଜଣାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସିଡିଏମ୍‌ଓ ଡା. ସାହୁ ଅକ୍ଟୋବର ମାସରୁ ଆରମ୍ଭ ହେବାକୁ ଥିବା ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟିକାକରଣ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଜିଲାରେ ୧ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷ ୩ ହଜାର ୯୫୩ ଜଣ ବାଳିକା, ବାଳକଙ୍କୁ ଏହି ଟିକାକରଣ କାର୍ଯ୍ୟକ୍ରମରେ ଟିକା ଦିଆଯିବ ବୋଲି ସୂଚନା ଦେଇଥିଲେ। ଟିକାକରଣ କାର୍ଯ୍ୟକ୍ରମକୁ ଜିଲାରେ ସଫଳ କରିବା ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।



ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଜିଲା ଯକ୍ଷ୍ମା ଫୋରମ୍ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲାପାଳ, ସିଡିଏମ୍‌ଓ ଓ ଅନ୍ୟ ଅଧିକାରୀ।

ସେହିପରି ସେପ୍ଟେମ୍ବର ୧ରୁ ୧୫ ପର୍ଯ୍ୟନ୍ତ ୧୦ ବର୍ଷ ଓ ୧୬ ବର୍ଷର ବାଳିକା, ବାଳକଙ୍କୁ ଟିଟାନସ୍ ଡିପ୍‌ଥରିଆ ଟିକା ପ୍ରଦାନ କରାଯିବା ନେଇ ସୂଚନା ଦେଇଥିଲେ। ଏହି ଅଭିଯାନରେ ଜିଲାରେ ୫୪ ହଜାର ୧୭୮ ଜଣ ବାଳିକା, ବାଳକଙ୍କୁ ଟିଟାନସ୍ ଡିପ୍‌ଥରିଆ ଟିକା ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀମାନେ ଘରକୁ ଘର ଯାଇ ରୋଗ ଚିହ୍ନଟ ସମ୍ପର୍କରେ ଅବଗତ କରାଇବା ସହ ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ଅବଗତ କରିବେ ବୋଲି ଏଡିପିଏଚ୍‌ଓ(କୁଷ୍ଠ) ଡା. ସୁଧା ବାର୍ଲା ବୈଠକରେ ସୂଚନା ଦେଇଥିଲେ। ଜିଲାରେ ଯକ୍ଷ୍ମାରୋଗର ସ୍ଥିତି ଓ ଚିକିତ୍ସା ସମ୍ପର୍କରେ ଏଡିପିଏଚ୍‌ଓ(ଯକ୍ଷ୍ମା) ଡା. ସିଦ୍ଧେଶ୍ୱର ମାଝି ସୂଚନା ଦେଇଥିଲେ। ସେପ୍ଟେମ୍ବର ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଜିଲାରେ ଯକ୍ଷ୍ମାରୋଗ ଉପରେ ହେବାକୁ ଥିବା ସ୍ୱତନ୍ତ୍ର ଅଭିଯାନ ଉପରେ ଡା.ମାଝି ସୂଚନା ଦେଇଥିଲେ। ବୈଠକରେ ଯକ୍ଷ୍ମାରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ଜଣେ ଯୁବତୀ ଓ ଯକ୍ଷ୍ମାରୋଗର ଔଷଧବଣ୍ଟନ କରୁଥିବା ମହିଳାମାନେ ଅନୁଭୂତି ବର୍ଣ୍ଣନା କରିଥିଲେ। ବଲାଙ୍ଗୀର ଜିଲାର ସଇଁତଲା ବ୍ଲକ ଟିକ୍ରାପଡ଼ା ନିକଟସ୍ଥ ଦେଓଗାଁରେ ଯକ୍ଷ୍ମାରୋଗ ଓ ଏହାର ସ୍ଥିତି ନେଇ ଆଲୋଚନା ହୋଇଥିଲା। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଜିଲାପାଳ ଡାକୁଆ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାର ମାନସିକ ରୋଗ ଓ ଏହାର ସ୍ଥିତି ସମ୍ପର୍କରେ ଜିଲା ମାନସିକ ରୋଗ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ଡା.ସୁଖୀଶ୍ୟାମ ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଜିଲାରେ ଏଡ୍‌ସ ରୋଗର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ୫-ଟି ସୂତ୍ରର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା।




### ତହସିଲ ଅଫିସ ପରିସରରେ ଚାରାରୋପଣ

**ବଙ୍ଗୋମୁଣ୍ଡା,୨୮।୮(ଡି.ଏନ.ଏ):**

ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟ ପରିସରରେ ବୁଧବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ୍‌କ୍ରସ ପରାମର୍ଶଦାତା ଡ. ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମିନତି ରଥ, ତହସିଲଦାର ଗୁଣନିଧି ସୁନାନୀ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହ ଚାରାରୋପଣର ଉପକାରିତା ଉପରେ ଅବଗତ କରାଇଥିଲେ। ବିଭିନ୍ନ କିସମର ପ୍ରାୟ ୧୫୦ଟି ଚାରା ରୋପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଚାରାରୋପଣ କାର୍ଯ୍ୟକ୍ରମକୁ ତହସିଲର ସମସ୍ତ କର୍ମଚାରୀ ପ୍ରଶଂସା କରିଥିଲେ।

## ବିଜୁ ଯୁବବାହିନୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

**ସଇଁତଲା,୨୭।୮(ଡି.ଏନ୍.ଏ.)**

ସଇଁତଲା ବ୍ଲକ ବରଗାଁଠାରେ ବିଜୁ ଯୁବ ବାହିନୀ ଅଧ୍ୟକ୍ଷଙ୍କୁ ସଇଁତଲା ବ୍ଲକର ୨୨ଟି ପଞ୍ଚାୟତର ବିଜୁ ଯୁବବାହିନୀ ସଭାପତି, ସଭ୍ୟା, ସଭ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଭାବେ ବିଜୟ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ସୋମବାର ବଲାଙ୍ଗୀର ଗସ୍ତ କରି ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ସଇଁତଲା ନିକଟସ୍ଥ ବରଗାଁଠାରେ ସଇଁତଲା ବିଜୁ ଯୁବ ବାହିନୀର ସଂଯୋଜକ ଅଶୋକ କୁମାର ରାଏଙ୍କ ଅଧ୍ୟକ୍ଷତାରେ ଅଧ୍ୟକ୍ଷ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ବରଗାଁ ବିଜୁ ଯୁବ ବାହିନୀ ସଭାପତି ରୁଦ୍ର ବେହେରା, କୋଷାଧ୍ୟକ୍ଷ ରାଜେଶ ଭୋଇ, ବିବିନା ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ବୁଲଟୁ ନାଗ, ଡେଙ୍ଗ ପଞ୍ଚାୟତ ଦୟାନିଧି ବଗର୍ତ୍ତୀ, ଦୁର୍ବାସା ସାହୁ, ରମାକାନ୍ତ ସାହୁ, ହେମରାଜ, ବୁଲୁ ଏବଂ ବ୍ଲକର ସମସ୍ତ ପଞ୍ଚାୟତର ବିଜୁ ଯୁବବାହିନୀ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଏଚ୍‌ଜି ସଚେତନତା ଶିବିର

**ଅମରପାଲି,୨୮।୮(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅଧୀନ କମଳପୁରଠାରେ ଏସ୍‌ଏଚ୍‌ଜି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ୱୋର ପକ୍ଷରୁ ଶିବିରର ଆୟୋଜନ କରାଯାଇଥିଲା। ଡିଡିଏମ୍ ତାପସ ଶଙ୍କର ରାଉତ, ଏଲ୍‌ଡିଏମ୍ ପି.କେ. ଦାଶ, ସୋମନାଥ ପୁରୋହିତ ଅତିଥି ଭାବେ ଯୋଗଦେଇଥିଲେ। ମହିଳାମାନଙ୍କର ଆର୍ଥିକ ଉନ୍ନତି ନେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଅତିଥିମାନେ ବୁଝାଇଥିଲେ। ସାମାଜିକ କର୍ମୀ ମୀନକେତନ ମହାକୁର ମହିଳା ଗୋଷ୍ଠୀଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

## ଆମ ପୋଲିସ ସମିତି ବୈଠକ

**ଖପ୍ରାଖୋଲ,୨୮।୮ (ଡି.ଏନ.ଏ.)**

ଖପ୍ରାଖୋଲ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ପତିଙ୍କ ଅଧ୍ୟକ୍ଷତାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖପ୍ରାଖୋଲ ଥାନା ଅଞ୍ଚଳର ଜନପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଲେ ଅପରାଧ ନିୟନ୍ତ୍ରଣ ସାଙ୍ଗକୁ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ଥାନା ଆଇଆଇସି ପତି କହିଥିଲେ। ଏପରି କି ଅଞ୍ଚଳରେ ବେଆଇନ ନିଶା କାରବାର ରୋକିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ସମାଧାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ଥାନା ଏସ୍‌ଆଇ ପଞ୍ଚାନନ ନେଗୀ, ଏସ୍‌ଏସ୍‌ଆଇ ଗୋକୁଳାନନ୍ଦ ମିଶ୍ର, ହରିଶଙ୍କର ଫାଣ୍ଡି ଅଧିକାରୀ ସେୱାନ କେର୍‌କେଟା, ଏଏସ୍‌ଆଇ ରାମକୁମାର ଧରୁଆ, ରୋହିତ ମେହେର, ଉପେନ୍ଦ୍ର ଭୋଇ, ତ୍ରିନାଥ ବାରିକ, ସୁରେଶ ପୂଝାରୀ ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ଆମ ପୋଲିସ ସମିତି ବୈଠକରେ ମଞ୍ଚାସୀନ ପୋଲିସ ଅଧିକାରୀମାନେ।

## ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ସେବା ଶୁଭାରମ୍ଭ

**ଦେଓଗାଁ,୨୮।୮(ଡି.ଏନ.ଏ.)**

ଦେଓଗାଁ ବ୍ଲକ କଛାରପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର କମ୍ପ୍ୟୁଟର ଏବଂ ଲାଇବ୍ରେରି ସେବା ଶୁଭାରମ୍ଭ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୋହନ ଦଲାଇଙ୍କ ପରିଚାଳନାରେ ତଥା ୱାଇସିଡିଏ(ୟୁଥକାଉନସିଲ ଫର ଡେଭଲପମେଣ୍ଟ ଅଲଟରନେଟିଭ) ସହାୟତାରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କମ୍ପ୍ୟୁଟର ସେଟ ଓ ଲାଇବ୍ରେରୀ ପାଇଁ ଆବଶ୍ୟକ ପୁସ୍ତକ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ୱାଇସିଡିଏର ପ୍ରକଳ୍ପ ସଂଯୋଜିକା ଆନନ୍ଦିନୀ ରଥ, କାର୍ଯ୍ୟକ୍ରମ ସଂଯୋଜକ ସୁବ୍ରତ ଜେନା, ଡା. ଶଶି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଲାଇବ୍ରେରି ରହିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନ ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସିଆର୍‌ସିସି ଜୟଦେବ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।



କଛାରପାଲି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କମ୍ପ୍ୟୁଟର ସେବା ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

### ଶିକ୍ଷକଙ୍କୁ ବାଲଜ୍ୟୋତି ତାଲିମ

**ଲୋଇସିଂହା,୨୮।୮(ଡି.ଏନ.ଏ)**

ଆଗଲପୁର ବ୍ଲକ ଆଗଲପୁର ପଞ୍ଚାୟତ ହାଇସ୍କୁଲ ଏବଂ ସାଲେଭଟା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବାଲଜ୍ୟୋତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୪୧ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ତାଲିମ ଗ୍ରହଣ କରିଛନ୍ତି। ଓଡ଼ିଶା ସାର୍ବଜନୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତଥା ସୁନେତ୍ର ଅନ୍ତର୍ଗତ ବାଲଜ୍ୟୋତି ତାଲିମ ଶିବିର ୬ରୁ ୧୪ ବର୍ଷର ଛାତ୍ରୀଛାତ୍ରଙ୍କଠାରେ ଦେଖାଯାଉଥିବା ଚକ୍ଷୁ ସମସ୍ୟା ନିରୂପଣ କରିବା ପାଇଁ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। କୈଳାସଚନ୍ଦ୍ର ସାମଲ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବିପିଏମ୍ ପ୍ରବୀର ଭୋଇ, ପିଏଚ୍‌ଇଓ ଭାରତୀ ସାହୁ, ଏମ୍‌ପିଏଚ୍‌ଏସ୍ ଭୂତନାଥ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

## ନିୟମିତ ସ୍କୁଲ ପରିଦର୍ଶନ ଲାଗି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ

**ଲୋଇସିଂହା,୨୮।୮(ଡି.ଏନ.ଏ.)**

ଓଡ଼ିଶା ଗଣଶିକ୍ଷା ବିଭାଗର ବିଜ୍ଞପ୍ତି କ୍ରମେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଚିଠି ନଂ.୯୨୬୨ ତାରିଖ ୨୦।୮।୧୯ରେ ବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବେ ସ୍କୁଲ ପରିଦର୍ଶନ କରିବାକୁ ଜିଲାର ସମସ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାର ନବ ନିର୍ବାଚିତ ବିଧାୟକମାନେ ଜିଲାର ବିଭିନ୍ନ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗସ୍ତ କରିଥିଲେ। ସେତିକିବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଇଂଲିଶ ବର୍ଣ୍ଣମାଳ ଓ ଓଡ଼ିଆ ବହି ପଢିବାକୁ କହିଥିଲେ। ବିଭିନ୍ନ ସ୍ଥାନରେ କିଛି ଛାତ୍ରୀଛାତ୍ର ଇଂଲିଶ ବର୍ଣ୍ଣମାନ କହି ପାରି ନ ଥିବାବେଳେ ଓଡ଼ିଆ ବହି ଠିକ୍ ଭାବେ ପଢିପାରି ନ ଥିଲେ। ବିପର୍ଯ୍ୟସ୍ତ ଶିକ୍ଷାକୁ ନେଇ ଜନପ୍ରତିନିଧି କ୍ଷୋଭ ପ୍ରକାଶ କରି ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିୟମିତ ଭାବେ ସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ପୂର୍ବତନ ଏମ୍‌ପିଙ୍କ ବନ୍ୟାଞ୍ଚଳ ପରିଦର୍ଶନ

**ଗୁଡ଼ଭେଲା,୨୮।୮(ଡି.ଏନ୍.ଏ.)**

ଲଗାଣ ବର୍ଷାରେ ତୁଷୁରା ଏନ୍‌ଏସି ଓ ଗୁଡଭେଲା ବ୍ଲକରେ ବନ୍ୟା ପରିସ୍ଥିତି ଦେଖା ଦେଇଥିଲା। ଏନେଇ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଗୁଡଭେଲା ଓ ତୁଷୁରା ଏନ୍‌ଏସିର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ । ଗୁଡଭେଲା ବ୍ଲକ ଅଧୀନ ଚାଣ୍ଡିପଦର, ଜାମୁଟ, ତିଲକାମାଳ ଆଦି ଗ୍ରାମ ଓ ତୁଷୁରା ଏନଏସିର ଖର୍ଡା ଓ କାପସିଲା ଯାଇ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥିରେ ଶମ୍ଭୁ ପ୍ରସାଦ ଜୟଶ୍ୱାଳ, ରମେଶ ଜୈନ, କମଲ କିଶୋର ଜୈନ, ଅଜୟ ଜୟଶ୍ୱାଳ, ନିରୋଧ ନାଗ, ପ୍ରଦୀପ ପଣ୍ଡା, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।


ପୂର୍ବତନ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ତିଲକାମାଳ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ତୁଷୁରା ଏନ୍‌ଏସି, ଗୁଡଭେଲା ବ୍ଲକରେ ବନ୍ୟା କ୍ଷୟକ୍ଷତି

# ୨୮୯୦ ହେକ୍ଟର ଫସଲହାନି, ୪୩୩ ହେକ୍ଟର ବାଲିଚର

**ଗୁଡ଼ଭେଲା,୨୮।୮ (ଡି.ଏନ୍.ଏ.)**

କିଛି ଦିନ ତଳେ ଲଗାଣ ବର୍ଷାରେ ତୁଷୁରା ଏନ୍‌ଏସି ଓ ଗୁଡଭେଲା ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ତୁଷୁରା ତହସିଲର ୯୨ଟି ରାଜସ୍ୱ ଗ୍ରାମର ୫୨୪୫ଜଣ ଚାଷୀଙ୍କ ୨୮୯୦ ହେକ୍ଟର ଜମିରେ ଫସଲହାନି ହୋଇଥିବା ବେଳେ ୧୨୩୨ ଜଣ ଚାଷୀଙ୍କ ୪୩୩ ହେକ୍ଟର ଚାଷ ଜମି ବାଲିଚର ହୋଇଥିବା ତହସିଲଦାର ଚନ୍ଦ୍ରମଣି ନାଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ବର୍ଷା ଯୋଗୁ ଚାଷୀ ପ୍ରଥମେ ମରୁଡ଼ି ଆଶଙ୍କା କରୁଥିବା ବେଳେ ଲଗାଣ ବର୍ଷା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ଏପରି କି ଚାଣ୍ଡିପଦର ଗ୍ରାମର ଚାଷୀ ରାମଚନ୍ଦ୍ର ବୁଡେକ, ସାଗର ଭୋଇ, ହରିହର ଦାଶ, ରଘୁନାଥ ଦାଶ କୁହନ୍ତି ଯେ, ସୋନଗଡ଼ ନଦୀ ଓ କେଉଁଟି ଯୋର ନାଳର ସଙ୍ଗମ ମୁହାଣରେ ଏକ ଆଡି ବନ୍ଧ ନିର୍ମାଣ କରାଯାଇଥିଲା। ହେଲେ ଲଗାଣ ବର୍ଷାରେ ଆଡିବନ୍ଧ ଭାଙ୍ଗି ଯାଇ ଶତାଧିକ ଏକର ଜମି ବାଲିଚର ହେବା ସହ ଫସଲ ନଷ୍ଟ ହୋଇଥିବା କହିଛନ୍ତି। ବହୁ କଷ୍ଟରେ ଚାଷୀ ଚାଷ କାର୍ଯ୍ୟ କରିଥିବା ବେଳେ ଲଗାଣ ବର୍ଷାରେ ହୋଇଥିବାବନ୍ୟାକୁ ନେଇ ଚିନ୍ତାରେ ପଡିଛନ୍ତି। ସରକାର ତୁରନ୍ତ ଚାଷୀଙ୍କ ଜମି ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ଅର୍ଥ ଓ ଚାଷର କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମହଲରେ ଦାବି ହୋଇଛି।


ବନ୍ୟାରେ ଚାଣ୍ଡିପଦର ପାଖରେ ଥିବା ଏକ ଚାଷ ଜମି ବାଲିଚର ହୋଇଯାଇଛି।